# ଆଖ୍ୟାନ

କାନନ ମିଶ୍ର



Digitized by srujanika@gmail.com

# ଆଖ୍ୟାନ

କାନନ ମିଶ୍ର

ପ୍ରକାଶକ
ଶ୍ରୀ ନବକିଶୋର ରାଜ
ଗଜେନ୍ଦ୍ର ଭବନ, ଝାଞ୍ଜିରମଙ୍ଗଳା, କଟକ - ୯

Digitized by srujanika@gmail.com

# ଆଖ୍ୟାନ
(ଗଳ୍ପ ସଂକଳନ)

ଲେଖିକା :
କାନନ ମିଶ୍ର

ପ୍ରଥମ ପ୍ରକାଶ :
ବିଷୁବ - ୨୦୦୬

ପ୍ରକାଶକ :
ଶ୍ରୀ ନବକିଶୋର ରାଜ
ଗଜେନ୍ଦ୍ର ଭବନ
ଝାଞ୍ଜିରମଙ୍ଗଳା
କଟକ - ୯

ଅକ୍ଷର ବିନ୍ୟାସ
ଶ୍ରଦ୍ଧାଞ୍ଜଳି, ୫୦୫୭
ରାମେଶ୍ୱର ପାଟଣା, ଭୁବନେଶ୍ୱର

ମୁଦ୍ରଣ :
ଶ୍ରୀ ନୀଳକଣ୍ଠ ପ୍ରେସ୍
ବିଡ଼ାନାସୀ, କଟକ - ୧୪

ମୂଲ୍ୟ : ପଞ୍ଚସ୍ତରି ଟଙ୍କା ମାତ୍ର

# AKHYANA
(A collection of short stories)

Author :
**Kanan Mishra**

First Edition :
Bishuba - 2006

Published by :
**Sri Nabakishore Raj**
Gajendra Bhawan
Jhanjirimangala
Cuttack - 9

Page Layout
**Shradhanjali**
5057, Rameswarpatana,
Bhubaneswar

*Printed at :*
**Sri Nilakantha Press**
Bidanasi, Cuttack-14

Price : Rs. 75/- only

Digitized by srujanika@gmail.com

ସେକ୍ ମତ୍‌ଲୁବ୍ ଅଲି

ଶ୍ରଦ୍ଧାସ୍ପଦେଷୁ

Digitized by srujanika@gmail.com

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ପାଗଳାମି | ୧ |
| ୨. | ଚକ୍ରେଲ | ୧୦ |
| ୩. | ସାବିତ୍ରୀ | ୧୬ |
| ୪. | ଅଭ୍ୟାସ | ୨୫ |
| ୫. | ଆତ୍ମଜା | ୩୧ |
| ୬. | ନାରୀ | ୩୮ |
| ୭. | ସ୍ୱାଦ | ୪୩ |
| ୮. | ସୀମାରେଖା | ୫୧ |
| ୯. | ଈଶ୍ୱର | ୫୯ |
| ୧୦. | ଗୁଳି | ୬୬ |
| ୧୧. | ଲୋକଟି | ୭୫ |
| ୧୨. | ମାଟିର ମାୟା | ୮୪ |
| ୧୩. | ସୌନ୍ଦର୍ଯ୍ୟ | ୯୧ |
| ୧୪. | ସ୍ୱାମୀ | ୯୯ |
| ୧୫. | ବିଦେଶିନୀ | ୧୦୮ |
| ୧୬. | ଚର୍ଚ୍ଚି | ୧୧୬ |
| ୧୭. | ସ୍ପାର୍ଟାନ୍ ଡେ କେୟାର ସେଣ୍ଟର | ୧୨୪ |
| ୧୮. | ମନୁଷ୍ୟତ୍ୱ | ୧୩୩ |
| ୧୯. | ହାତ | ୧୪୦ |


Digitized by srujanika@gmail.com

# ପାଗଳାମି

ସଂଧ୍ୟାରେ କଟକରୁ ଫେରି, ଘର ସାମ୍ନା ପୋର୍ଟିକୋରେ ମାଧବ ଏବଂ ଝୁନିକୁ ବିଷଣ୍ଣ ଓ ବାକ୍‌ବିହୀନ ଭାବରେ ବସିଥିବାର ଦେଖି, ମୁଁ ଠିକ୍ ବୁଝିପାରିଲି ଯେ ଆଜି ପୁନର୍ବାର ଉଭୟଙ୍କ ମଧ୍ୟରେ କିଛି ଗୋଟିଏ ଗଣ୍ଡଗୋଳ ସୃଷ୍ଟି ହେଇଛି । ଦୁହିଁଙ୍କର ଆଙ୍ଗିକ ଅଭିବ୍ୟକ୍ତିରେ, ସେ ଗଣ୍ଡଗୋଳର ଛାପ ସୁସ୍ପଷ୍ଟ ।

ସପ୍ତାହକ ତଳେ, ଉଭୟ ମାଧବ ଓ ଝୁନି ଏକାସାଥିରେ ଗାଁ'କୁ ଯାଇଥିଲେ – ମାଧବର ମାମୁଁଝିଅ ଭଉଣୀର ବିବାହୋତ୍ସବ୍‌ରେ ସାମିଲ୍ ହେବାଲାଗି । କହି ଯାଇଥିଲେ ବାହାଘର ବାସିଦିନ ହିଁ ଫେରିଆସିବେ ଭୁବନେଶ୍ୱର ।

ମୋତେ ଦେଖି ଦୁଇଜଣ ଯାକ ବିନମ୍ରଭାବରେ ଜୁହାର କରି, ବେଶ୍ ସସ୍ତ୍ରସ୍ତ ଭଙ୍ଗୀରେ ଠିଆହୋଇ ରହିଲେ ମୋ ସାମ୍ନାରେ । କ୍ଳାନ୍ତ ଲାଗୁଥିଲା, ହାତର ଇଶାରାରେ ସେମାନଙ୍କୁ ପରେ ଆସିବା ଲାଗି କହି ପ୍ରବେଶ କଲି ଘର ଭିତରକୁ । ଏବଂ ମଧ୍ୟସ୍ଥି ହୋଇ ଝୁନି ଏବଂ ମାଧବଙ୍କୁ ବିଭା କରାଇଥିବା ହେତୁ ଯଥାରୀତି ଅନୁତାପଦଗ୍ଧ ହେଲି ମଧ୍ୟ । କାରଣ ମାଧବ ଏବଂ ଝୁନି ମଧ୍ୟରେ ସଦାସର୍ବଦା କିଛି ନା କିଛି କାରଣରୁ ମନୋମାଳିନ୍ୟ ଘଟୁଥିଲା ଏବଂ ଶତପ୍ରତିଶତ କ୍ଷେତ୍ରରେ, ମଧ୍ୟସ୍ଥି ହୋଇଥିବାର ଦଣ୍ଡସ୍ୱରୂପ, ସେ ମନୋମାଳିନ୍ୟର ସମାଧାନ ମତେ ହିଁ କରିବାକୁ ପଡୁଥିଲା ।

ମାଧବକୁ ଭେଟିଥିଲି ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ଆସ୍ଥାନ ଜମାଇବା ଉତାରୁ । ନବନିର୍ମିତ ବାସଗୃହଟି ପାଇଁ ଗୋଟିଏ ରଂଗମିସ୍ତ୍ରୀ ଦରକାର ଥିଲା ଏବଂ ମାଧବ ଏ ସଂପର୍କରେ କାହାଠାରୁ ଖବର ପାଇ ଆସି ଦେଖା କରିଥିଲା ମୋ ସହିତ । ଚବିଶ ପଚିଶ ବର୍ଷର ଶକ୍ତସମର୍ଥ ଯୁବକ, ଅନୁବ୍ରତ ଓ କର୍ମନିପୁଣ । ପରିଚ୍ଛନ୍ନ ଭାବରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟଟି ଶେଷ କରିଥିଲା । କାମସାରି ପାଉଣା ନେଇ ଯିବା ପୂର୍ବରୁ ଅନୁରୋଧ କରିଥିଲା ବଗିଚାରେ ଖାଲି ପଡିଥିବା ଘର ବଖରାକୁ ତାକୁ ଦେବା ପାଇଁ । ବଦଳରେ ବାରିବଗିଚା କାମ କରିଦେବ । ଦରକାର ପଡିଲେ ରଂଗକାମ ମଧ୍ୟ ।

ଘର ବଖରାକ ମାଧବକୁ ଦେଇଥିଲି ରହିବା ପାଇଁ । କଥା କହି ଜାଣିଥିଲି ଯେ ସିଏ ବ୍ରାହ୍ମଣ ସନ୍ତାନ ଏବଂ ଶୈଶବରୁ ପିତୃମାତୃହୀନ । ବଡ ହେଇଛି ମାମୁମାଇଁଙ୍କ ପାଖରେ, ମାମୁ ଗ୍ରାମ ମନ୍ଦିରରେ ପୁରୋହିତ ଏବଂ ଚାରୋଟି କନ୍ୟାସନ୍ତାନଙ୍କର ଜନକ, ଅବସ୍ଥା ଅସ୍ୱଚ୍ଛଳ । ଆତ୍ମ ନିର୍ଭରଶୀଳ ମାଧବ ତେଣୁ ସ୍ୱ ଅନ୍ନସଂସ୍ଥାନ ପାଇଁ ରଂଗକାମ ଶିଖି,



Digitized by srujanika@gmail.com

ସେଇ ପେଶା ଆପଣେଇ ନେଇଛି ଯା' ଭିତରେ । ଯାହା ରୋଜଗାର ହୁଏ ସୁରୁଖୁରୁରେ ଗୁଜୁରାଣ ହୋଇଯାଏ ।

ମାଧବର ସଦାଚାରରେ ସନ୍ତୁଷ୍ଟ ଥିଲି ଏବଂ କିଛିଦିନ ପରେ ତା'ର ବିଭାଘର ପ୍ରସ୍ତାବ ପକାଇଥିଲି ଶ୍ୟାମର ଝିଅ ଝୁନି ସହିତ । ଶ୍ୟାମ ପିଲାଦିନୁ ଆମଘରେ ମଣିଷ । କିଶୋରାବସ୍ଥାରେ ଗାଁରୁ ଆସିଥିଲା ଘରେ ବୋଲହାକ କରିବା ପାଇଁ । କାଳକ୍ରମେ ହୋଇଉଠିଥିଲା ଘରର ସଦସ୍ୟ ସଦୃଶ । ବାପାବୋଉଙ୍କ ପାଇଁ ଥିଲା ସନ୍ତାନତୁଲ୍ୟ ।

ଜାଣିଥିଲି - ଶ୍ୟାମ ତା' ଝିଅପାଇଁ ଯୋଗ୍ୟ ବରପାତ୍ରଟିଏ ଖୋଜୁଛି ବୋଲି । ଝୁନି ଥିଲା ଶ୍ୟାମର ପ୍ରଥମ ସ୍ତ୍ରୀର ସନ୍ତାନ । ଝୁନିକୁ ଦଶବର୍ଷବେଳେ କ୍ୟାନ୍‌ସର୍‌ରେ ଶ୍ୟାମର ପ୍ରଥମ ପତ୍ନୀର ମୃତ୍ୟୁ ଘଟେ । ଦ୍ୱିତୀୟ ପତ୍ନୀର ଯମଜ ପୁତ୍ରସନ୍ତାନ ଯୋଡିଏ । ଶ୍ୟାମଠାରୁ ଶୁଣିଥିଲି - ଝିଅଟି ତା'ର ପିଲାଦିନୁ ଇ ସୁଶୀଳା । ମା'ର ଦେହାନ୍ତ ପରେ ତା' ସ୍ୱଭାବରେ ଆହୁରି ବେଶୀ ଶାନ୍ତତା ଦେଖାଦେଇଛି । ହୃଦୟଟି ଦରଦୀ । ଗଛଲତା ଓ ପଶୁପକ୍ଷୀମାନଙ୍କ ସହିତ ତା'ର ସଖ୍ୟ ଅଧିକ ।

ମାଧବର ମାମୁ ଝୁନିକୁ ପସନ୍ଦ କରିଥିଲେ ଓ ଦୁଇ ପରିବାରର ଆନୁସଙ୍ଗିକ ବାର୍ତ୍ତାଳାପ ପରେ ବିଭାଘରଟି ନିର୍ବିଘ୍ନରେ ସଂପନ୍ନ ହୋଇଥିଲା । ବାହାଘର ପରେ ଗାଁ'ରେ ମାମୁ ମାଇଁଙ୍କ ପାଖରେ ମାସଟିଏ ରହି ମାଧବ ଓ ଝୁନି ଭୁବନେଶ୍ୱର ଫେରିଆସିଥିଲେ ଓ ମୋ ବଗିଚାରେ ଥିବା ବଖରାଏ ଦରଭଙ୍ଗା ଘରେ ସ୍ୱ ଦାମ୍ପତ୍ୟଜୀବନର ବୁନିଯାଦ୍ ସ୍ଥାପନ କରିଥିଲେ ।

ନୂଆ ସଂସାରର ସେଇ ପ୍ରୀତିମୟ ବୁନିଯାଦଟି କିନ୍ତୁ ଅଚିରେ ଦୋହଲିବାକୁ ଆରମ୍ଭ କରିଥିଲା । ଅଳ୍ପ କେଇଟା ଦିନ ଭିତରେ ପତିପତ୍ନୀ ଦୁହିଁଙ୍କ ଭିତରେ ଆରମ୍ଭ ହୋଇଗଲା ମନାନ୍ତର ଓ କଳିକଜିଆ । ମାଧବର ବକ୍ତବ୍ୟ ଥିଲା, ମୁଁ କୁଆଡେ ଜାଣିଶୁଣି ଗୋଟିଏ ପାଗଳ ଝିଅ ସାଥିରେ ତାକୁ ଯୋଡ଼ି ଦେଇଛି ସାରାଜୀବନ ପାଇଁ ।

ଦୁହିଁଙ୍କ ମଧ୍ୟରେ ପ୍ରଥମ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା ସେମାନେ ଆସି ରହିବାର ପ୍ରାୟ ମାସକ ପରେ । ଦିନେ ଖରାବେଳେ ମଧ୍ୟାହ୍ନଭୋଜନ ପାଇଁ ଘରକୁ ଆସିଥିବା ମାଧବ ତା'ର ସ୍ୱଭାବବିରୁଦ୍ଧ ଭାବରେ ଝୁନି ପ୍ରତି ଗାଳିବର୍ଷଣ କରୁଥିବାର ଶୁଣିଥିଲି । ଖବର୍ ନେଇ ବୁଝିଲି ଯେ ସେଦିନ କୁଆଡେ ରାସ୍ତାର ଗୋଟିଏ ବୁଲା କୁକୁରକୁ ଡାକି ରନ୍ଧାଭାତ ତକ ଝୁନି ଖୁଆଇ ଦେଇଛି ଓ ଘରେ ମାଧବ ଖାଇବା ପାଇଁ ଭାତ ନାହିଁ ।

ମାଧବର ରୋଷ ଓ ଅସହିଷ୍ଣୁତା ମତେ ଯଥାର୍ଥ ମନେ ହୋଇଥିଲା ଓ ବିରକ୍ତ ହୋଇ ମୁଁ ଝୁନିକୁ ପଚାରିଲି - କୁକୁରକୁ ଡାକି ଭାତ କାହିଁକି ଖୁଆଉଥିଲୁ ? ତୋ'ର ମୁଣ୍ଡ ଖରାପ ନା କଅଣ ?



Digitized by srujanika@gmail.com

– ତା' ବେକରେ ଗୋଟେ ଗସି କିଏ କଷିକରି ବାନ୍ଧି ଦେଇଥିଲା ନାନୀ । ଦଉଡିଟି ଚାବ ପଡି ଭାରି କଷ୍ଟ ପାଉଥିଲା ସିଏ । ଭାଗ୍ୟକୁ ଫାଟକ ପାଖରେ ଠିଆ ହୋଇଥିଲା ବେଳେ ମୋ ନଜରରେ ପଡିଗଲା । ତମ ଚିହ୍ନା ରିକ୍ସାବାଲା ପରଶୁ ସେଠି ଠିଆ ହୋଇଥିଲା । ତା'ରି ସାହାଯ୍ୟରେ କୌଣସିମତେ ବ୍ଲେଡ୍ ନେଇ ସେ ଦଉଡିଟିକି କାଟିଲି । ନହେଲେ ବିଚରା କୁକୁରଟି ଶ୍ୱାସରୁଦ୍ଧ ହୋଇ ମରିଯାଇଥାନ୍ତା । ଝୁନି ଜବାବ୍ ଦେଲା ।

– ତା'ତ ବୁଝିଲି । ହେଲେ ତାକୁ ଭାତ ଦେଉଥିଲୁ କାହିଁକି ?

– ତମେ ଜାଣିନ ନାନୀ, ଦଉଡିଟି କାଟିଦେଲା ପରେ କୁକୁରଟି ଏମିତି ବିକଳ ହୋଇ ଚାହିଁଲା ମତେ ! ତା' ଉପାସିଆ ପେଟ କଥା ଫୁଟି ବାହାରୁଥିଲା ତା' ପାଣିଚିଆ ଆଖିରୁ । କଦଳୀପତ୍ରରେ ଭାତ ଯୋଡିଏ ନେଇକି ଦେଲି ତାକୁ । ଚଟ୍‌କରି ଖାଇଦେଇ କୁଁ, କୁଁ ହୋଇ ଆହୁରି ଭାତ ମାଗିଲା । ବଳକା ଭାତ ତକ ବି ଦେଇଦେଲି ସେଠୁ । କି ଭୋକ ଲାଗୁଥିଲା ତାକୁ ! ଚାଟିଚୁଟି ପତର ପୂରା ସଫା କରିଦେଲା ନିମିଷଟାକରେ । ଅଳ୍ପ ଅଟକି ଓ ଜଳନ୍ତା ଷ୍ଟୋଭ୍ ଆଡେ ତର୍ଜନୀ ନିର୍ଦ୍ଦେଶ କରି ପୁନର୍ବାର ଝୁନି କହିଲା – ମୁଁ କିନ୍ତୁ ଆଉଥରେ ଭାତ ବସେଇ ଦେଇଛି ନାନୀ । ଭାତ ଫୁଟିଲାଣି, ଏଇ ସାଙ୍ଗେ ସାଙ୍ଗେ ହୋଇଯିବ । ଭଏ କିନ୍ତୁ ମୁହୂର୍ତ୍ତଟାଏ ଅପେକ୍ଷା କରିବାକୁ ନାରାଜ, ତୁଣ୍ଡାଟାରେ ରାଗୁଛନ୍ତି ମୋ' ଉପରେ ।

ମାଧବକୁ କିଛି ଆଶ୍ୱାସନାର ବାଣୀ ଶୁଣାଇ ଫେରିଆସିଥିଲି ସେଦିନ । ଏବଂ ଠିକ୍ ଦୁଇ ଦିନପରେ ମାଧବଠାରୁ ଶୁଣିଥିଲି ଝୁନିର ଆଉ ଏକ ପାଗଳାମିର କାହାଣୀ । ଗୋଟିଏ ଝିଟିପିଟି ପାଇଁ ବିବ୍ରତ ହୋଇ କର୍ମସ୍ଥଳୀକୁ ବାହାରୁଥିବା ମାଧବକୁ ସେଦିନ ସକାଳେ ସିଏ କୁଆଡେ ନିର୍ଦ୍ଧାରିତ ସମୟରେ ଜଳପାନ ପ୍ରସ୍ତୁତ କରି ଦେଇ ପାରିନଥିଲା ।

ଘଟଣାଟି ଥିଲା ଏଇଭଳି । ଉପମା ତିଆରି କରିବା ପାଇଁ ଝୁନି ଅନ୍ୟମନସ୍କ ଭାବରେ ହିଟରଟି ଚାଲୁକଲାବେଳେ, ତା'ଉପରେ ବସିଥିବା ଗୋଟିଏ ଝିଟିପିଟି କିଛି ମାତ୍ରାରେ ଝଲସି ଯାଇଥିଲା । ହିଟରଟି ଉଷ୍ଣ ହେବା ସଂଗେ ସଂଗେ ଝିଟିପିଟିଟି ସେ ସ୍ଥାନରୁ ଦୌଡି ଚାଲିଯାଇଥିଲା ଅବଶ୍ୟ । କିନ୍ତୁ କିଛି ଦୂରଯାଇ ମୃତବତ୍ ମାଟିରେ ପଡି ରହିଲା, – ଉତ୍ତାପ ପାଇଁ ଭୟଭୀତ ହୋଇଯାଇଥିବା ହେତୁ । ବାକି କାମ ଭୁଲି ଝୁନି କୁଆଡେ ଦୀର୍ଘ ସମୟ ଧରି ତା' ପାଖରେ ବସି ତାକୁ ନିରୀକ୍ଷଣ କରିବାରେ ଲାଗିଥିଲା ଓ ବୁନ୍ଦା ବୁନ୍ଦା ପାଣି ପକାଇ ତା' ଦେହକୁ ଶୀତଳ କରାଇବାରେ ଲାଗି ପଡିଥିଲା । ପ୍ରାରମ୍ଭିକ ଧକ୍‌କା କଟିଗଲା ପରେ, ଝିଟିପିଟିଟି ଅବଶ୍ୟ ସୁସ୍ଥ ହେଇ ଉଠିଥିଲା ଏବଂ ଚାଲିବାକୁ ଆରମ୍ଭ କରିଥିଲା । ଅପସୃୟମାନ କ୍ଷୁଦ୍ର ସରୀସୃପଟିକୁ ଚାହିଁ ସ୍ୱସ୍ତିର ନିଃଶ୍ୱାସ ପକାଇଥିଲା ଝୁନି ।



Digitized by srujanika@gmail.com

ଉପରୋକ୍ତ ଉପାଖ୍ୟାନଟି ମାଧବକୁ ଉତ୍ୟକ୍ତ କରିବା ପାଇଁ ଥିଲା ଯଥେଷ୍ଟ । ମୋ' ପାଖକୁ ଆସିଥିଲା ମୀମାଂସା ପାଇଁ । କହିଥିଲା, - ନାନୀ, ଯାକୁ ପାଗଳ କହିବନିତ ଆଉ କଅଣ କହିବ ?

-ଛାର ଝିଟିପିଟିଟେ ପାଇଁ ତୋ'ର ଏତେ ମନଦୁଃଖ ? ଅବାକ୍ ହୋଇ ପଚାରିଲି । ଝୁନି ଉତ୍ତର ଦେଲା - ଛାର୍ ଝିଟିପିଟି କାହିଁକି କହୁଛ ନାନୀ ? ପୃଥିବୀରେ ଅଜସ୍ର ଜନ୍ତୁ, ଜାନୁଆର୍, କୀଟ, ପତଙ୍ଗ । ସୁଖଶାନ୍ତିରେ ରହିବାର ହକ୍ ସେମାନଙ୍କର ବି ଅଛି, ନହେଲେ ଭଗବାନ୍ ତାଙ୍କୁ ସୃଷ୍ଟି କରିଥାଆନ୍ତେ କାହିଁକି ?

ଝୁନି କଥା ଶୁଣି ମୁଁ ହସିପକାଇଲି । ତା'ର ପୃଥିବୀପ୍ରୀତିର ନମୂନା କିଛି ଦିନ ପରେ ସ୍ୱୟଂ ମୁଁ ପାଇଗଲି ମଧ୍ୟ ।

ଦିନେ ବାଲ୍‌ଟିରେ ଜମା ହୋଇଥିବା ପରିବାଚୋପାଚକ ନେଇ ବାହାର ଡଷ୍ଟବିନ୍‌ରେ ପକାଇ ଆସିବା ପାଇଁ ତାକୁ ନିର୍ଦ୍ଦେଶ ଦେଇଥିଲି । ଆବର୍ଜନା ପକାଇ ଆସି କହିଲା - ଦେଖ ତ ନାନୀ ! ଗୋଟେ ଏତେ ବଡ ମୂଷା, ଠିକ୍ ସାନ ଘୁଷୁରୀ ଛୁଆ ପରି । ନିଇତି ଆସି ସେ ଡଷ୍ଟବିନ୍‌ରୁ ଅଇଁଠା ଭାତ ତରକାରୀ ଖାଏ । କି ସୁନ୍ଦର କଳାମଣି ପରି ଗୋଲ୍‌ଗୋଲ୍ ଜୁଳୁଜୁଳୁ ଆଖି ! ଭୋଇ ସାହିର ଗୋଟେ ପିଲା ଆଜି ତାକୁ ବାଟୁଳି ଚଳେଇ ମାରିଦେଲା । ଠିକ୍ ତା କାନମୁଣ୍ଡାରେ ବାଟୁଳିଟା ଲାଗିଗଲା ନାନୀ । ଘିର୍ ଘିର୍ ହୋଇ ଦିଥର ବୁଲିଗଲା ମୂଷାଟା । ସିଏ କାହାର କଅଣ ଅନିଷ୍ଟ କରୁଥିଲା କହତ ! ତାକୁ ମାରିଦେଇ କଅଣ ସୁଖ ମିଳିଲା ଏ ପିଲାକୁ ?

ଆଉ ଦିନେ ଆସି କହିଲା - ନାନୀ, ଆଜି ଖରାବେଳେ ଗୋଟେ ସାପ ଦେଖିଲି, କେମିତି କାହା ବାରିବଗିଚାରୁ ବାହାରି ଆସିଛି ବୋଧେ । ଜ୍ୟେଷ୍ଠ ମାସର ଖରା, ପିଚୁ କେମିତି ତରଳିକି ରହିଛି ଦେଖୁଛ । ସାପଟା ରାସ୍ତାରେ କିଛିବାଟ ଚାଲୁଚି, ପେଟ ବେଶି ତାତିଗଲେ ଲାଞ୍ଜ ଅଗରେ ଠିଆ ହୋଇ ପଡି ଫଣାଟେକି ଦଣ୍ଡେ ନିଃଶ୍ୱାସ ନେଉଚି । ଲୋକଗୁଡା ଏତେ ନିଷ୍ଠୁର ! ରାସ୍ତା କଡରେ ଠିଆ ହୋଇ ମଜା ଦେଖୁଛନ୍ତି, ଦଳେ ପୁଣି ବାଡି ଧରି ଗୋଡେଇଛନ୍ତି ତା ପଛରେ ।

- ଥାଉ ଥାଉ, ବିଷଧର ସାପଟେ ପାଇଁ ତୋ'ର ଆଉ ଏତେ ମୁଣ୍ଡ ଖରାପ କରିବା ଦରକାର ନାହିଁ, ମୁଁ କହିଲି ।

- ସେମିତି କାହିଁକି କହୁଛ ନାନୀ ? ସାପ କଅଣ ତୁମ୍ଭାଟାରେ କାହାକୁ କାମୁଡେ ? ତା' ବାଟରେ ସିଏ ଥାଏ । ତାକୁ ଭୟ ଲାଗିଲେ କି ତାକୁ କିଏ ଆକ୍ରମଣ କଲେ ସିଏ କେବଳ କାମୁଡେ । ତମକୁ କିଏ ଆକ୍ରମଣ କଲେ ତମେ ତାକୁ ରାମ୍ପୁଡି କାମୁଡି ପକେଇବନି ? ଝୁନି ଜବାବ ଦେଲା ।



Digitized by srujanika@gmail.com

ଝୁନିର ଶାନ୍ତ ସରଳ ମୁହଁଟିକୁ ଚାହିଁ ମୁଁ ହସିହସି କହିଲି - ତୁଲ୍ଲାଟାରେ ତତେ ଆଉ ମାଧବ ପାଗଳୀ ବୋଲି କହୁଛି ? ତୋ'ର ସତରେ ମଥା ଖରାପ ।

ଝୁନିର ଏଇ ଅହେତୁକ ପଶୁପକ୍ଷୀ ପ୍ରୀତିଯୋଗୁ ଥରଟିଏ ତା' ସହିତ କିଞ୍ଚିତ ଭୁଲ ବୁଝାମଣା ମଧ୍ୟ ମୋର ହୋଇଗଲା । ବାଗିର ମୁଣ୍ଡେ ଉଚ୍ଚ କଲମି ପିଜୁଳି ଗଛଟିରେ ଅନେକ ଗୁଡିଏ ପିଜୁଳି ହୋଇଥିଲା । ଦଶବାରଟି ତହିଁରୁ ପାକଳ ହୋଇ ଆସିଥିଲା ମଧ୍ୟ । ପିଜୁଳି ମୋର ପ୍ରିୟ ଫଳମାନଙ୍କ ଭିତରୁ ଅନ୍ୟତମ । ଦରପାଚିଲା ପିଜୁଳିତକ ତୋଳି ଆଣିବା ପାଇଁ ଝୁନିକୁ କହିଥିଲି । କେତୋଟି ପିଜୁଳି ଆଣି ଝୁନି ମତେ ତତ୍‌କ୍ଷଣାତ୍ ଦେଇଗଲା ମଧ୍ୟ । ଅପରାହ୍ନରେ ବଗିଚାରେ ପାଣି ଦେବାକୁ ଯାଇ ଦେଖେ ଫିକା ହଳଦିଆ ରଂଗର କେତୋଟି ପିଜୁଳି ତେବେ ବି ଗଛର ନହକା ଡାଳରେ ଝୁଲି ରହିଛି । ସ୍ୱାଭାବିକ୍ ଭାବରେ ଧରିନେଲି ଯେ ପିଜୁଳି ତକ ଝୁନି ନିଜେ ଖାଇବା ପାଇଁ ରଖିଛି । ଅସନ୍ତୁଷ୍ଟ ହୋଇ ଝୁନିକୁ ଡାକି କହିଥିଲି - ପିଜୁଳି ଛାଡି ଆସିଲୁ ଯେ ଗଛରେ ! ତତେ ପରା କହିଥିଲି ସବୁତକ ଦରପାଚିଲା ପିଜୁଳି ତୋଳି ଆଣିବା ପାଇଁ । ତୋ'ର ନିଜର ଯଦି ଖାଇବାକୁ ମନଥିଲା, ମାଗିକରିତ ଆଣି ପାରିଥାଆନ୍ତୁ ମୋ'ଠୁ । ଏମିତି ଲୁଚେଇ ଗଛରେ ଛାଡିଯିବାର କଅଣ ଦରକାର ଥିଲା ?

ଝୁନି ବିରକ୍ଷ ମୁହଁରେ ଜବାବ୍ ଦେଲା - ନାଇଁ ନାନୀ, ତମ ଜିନିଷରେ ମୋ'ର ଟିକେ ମାତ୍ର ଲୋଭ ନହିଁ । ସେ ପିଜୁଳି ମୋ' ପାଇଁ ରଖିନି । ରଖିଛି ଶୁଆ ପାଇଁ । ସବୁଦିନ ସକାଳେ ଯୋଡିଏ ଶୁଆ ଆସି ବସନ୍ତି ସେ ଗଛରେ । ପାଚିଲା କଇଁଚି କାକୁଡି ରଙ୍ଗା ନାଲି ଥଣ୍ଟରେ କି ସୁନ୍ଦର ଠୁକ୍‌ଠୁକ୍ କରି କାଟି ପିଜୁଳି ଖାଆନ୍ତି । ତାଙ୍କରି ପାଇଁ ଛାଡି ଆସିଛି ସେ ପିଜୁଳି । କହିଲ ଦେଖି, ଅମେ ଯଦି ଗଛରୁ ସବୁ ଫଳ ତୋଳି ଖାଇଦବା, ପକ୍ଷୀମାନେ ତାହେଲେ ଖାଇବେ କଅଣ ? ସେମାନଙ୍କର ଖାଦ୍ୟ ତ ଫଳ । ଗଛରେ ଫଳ ନରହିଲେ ପୃଥିବୀ ପକ୍ଷୀହୀନ ହୋଇଯିବନି ?

ଝୁନିର କଥା ଶୁଣି ଲାଜରେ ତଳକୁ ମୁହଁ ପୋତି ଫେରି ଆସିଥିଲି ।

ଝୁନିର ସମ୍ବେଦନଶୀଳତା ଥିଲା ସର୍ବବ୍ୟାପୀ । ତାହା କେବଳ ପଶୁପକ୍ଷୀମାନଙ୍କ ଭିତରେ ସୀମିତ ନଥିଲା, ବ୍ୟାପ୍ତି ଲାଭ କରିଥିଲା ଚତୁର୍ଦ୍ଦିଗରେ ଘେରି ରହିଥିବା ଗଛ. ଲତା ଓ ଫୁଲ, ଫଳ, ପର୍ଯ୍ୟନ୍ତ ଏବଂ ପ୍ରକୃତି ପ୍ରତି ତା'ର ଏଇ ଅତ୍ୟଧିକ ମମତ୍ୱବୋଧ, ସାହି ପଡିଶାରେ ମତେ ଅନେକଥର ଅସ୍ୱସ୍ତିରେ ପକାଉଥିଲା ମଧ୍ୟ ।

ଥରଟେ ମୋ' ଘରପଛପଟେ ଥିବା ବିଜୁଳି ବିଭାଗ ଦପ୍ତରର ସେକ୍‌ସନ୍ ଅଫିସର୍ ମତେ ଫୋନ୍ କରି ଝୁନି ତାଙ୍କ ସହିତ ଦୁର୍ବ୍ୟବହାର କରିଥିବାର ଅଭିଯୋଗ କରିଥିଲେ ଏବଂ ଏଭଳି ଗୋଟିଏ କଳହପ୍ରିୟା ମହିଳାକୁ ମୁଁ କିଭଳି ନିଜ ଘରେ ରହିବାକୁ ଅନୁମତି



Digitized by srujanika@gmail.com

ଦେଇଛି ସେ ସଂପର୍କରେ ବିସ୍ମୟ ପ୍ରକାଶ କରିଥିଲେ । ଘଟଣାଟିରେ ମୁଁ ଅପମାନିତ ବୋଧ କରିଥିଲି ଏବଂ ସେଥିଲାଗି ଝୁନିକୁ ଭର୍ତ୍ସନା କରିଥିଲି । ସନ୍ତସ୍ତ ଭଙ୍ଗୀରେ ଝୁନି ଜଣାଇଲା ଯେ ବିଜୁଳିବାଲାମାନେ ତାର ଟାଣିବା ପାଇଁ ପାଚିରୀ କଡରେ ଥିବା ଆମ ବର୍ଦ୍ଧିଷ୍ଣୁ ନିମଗଛର ସବୁତକ ଡାଳ କାଟିଦେଇଥିବାରୁ ସିଏ ସେମାନଙ୍କ ସହିତ ଯୁକ୍ତିତର୍କ କରିଥିଲା ।

- କାଟିଲେ ତ କାଟିଲେ । ତାଙ୍କ ସହିତ ପାଟିତୁଣ୍ଡ କରିବାକୁ ତତେ କିଏ କହିଥିଲା ? ମୁଁ ଅସହିଷ୍ଣୁ ଗଳାରେ କହିଲି ।

- ବାଃ ! ପାଟିତୁଣ୍ଡ କରିବି ନେଇ ନା ! ତାର ଟାଣିବାକୁ ଯଥେଷ୍ଟ ଖାଲି ଜାଗା ଥିଲା । କେବଳ ଗୋଟିଏ ଡାଳ କାଟିଥିଲେ କାମ ଚଳିଯାଇଥାନ୍ତା । ଜାଣିଶୁଣି ପୂରା ଗଛଟାକୁ ଲଣ୍ଡା କରିଦେଇଗଲେ । ମୁଁ ତାଙ୍କୁ କହିଲି - ତମ ଦେହରୁ ହାତଗୋଡ ଖଣ୍ଡ ଖଣ୍ଡ କରି କାଟି ଦେଲେ କେମିତି ଲାଗିବ ତମକୁ ? ଗଛର ବି ତ ଜୀବନ ଅଛି । ତାକୁ ଏତେ କଷ୍ଟ ଦେଉଚ କାହିଁକି ? ଅଳ୍ପ ଅଟକି ପୁନର୍ବାର ଝୁନି କହିଲା - ତା'ଛଡା ଦେଖୁଛ ତ ନାନୀ, ଏଠି ଚାରିଆଡେ ଖାଲି ଆକାଶଛୁଆଁ ଆପାର୍ଟମେଣ୍ଟ । ସହରତ ନୁହଁ, ସତେ ଅବା ଇଟା କଂକ୍ରିଟ୍‌ର ଜଙ୍ଗଲ । ମାଇଲ୍ ମାଇଲ୍ ଧରି ବଡଗଛଟିଏ ଦେଖିବା ସାତସପନ । ଯାହା ବା ଗୋଟେ ଯୋଡେ ଗଛ କେଉଁଠି ଅଛି ତାକୁ କାଟିଦେଲେ ରହିବ ଏଠି ? ଏ ସହର ମରୁଭୂମି ପାଲଟିଯିବନି ?

ଝୁନି କଥାରେ ଓଜନ୍ ଥିଲା । ମୁଁ ଚୁପ୍ ହୋଇଯାଇଥିଲି । ତେବେ ବି ତାକୁ ସାବଧାନ୍ ବାଣୀ ଶୁଣାଇଥିଲି - ଏଣିକି କଅଣ ସୁବିଧା ଅସୁବିଧା ହେଲେ ମତେ ଡାକିବୁ । ତୁ କାହା ସହିତ କଥାବାର୍ତ୍ତା କରିବୁନି । ମୁଣ୍ଡ ଟୁଙ୍ଗାରି ଝୁନି ସମ୍ମତି ଜଣାଇଥିଲା ।

କିନ୍ତୁ ସେ ସମ୍ମତିର କଥା ଭୁଲିଯିବା ପାଇଁ ବେଶିଦିନ ଲାଗିନଥିଲା ତାକୁ । ଏଇ ଘଟଣାର ଠିକ୍ ପରେ ପରେ ଆମ ପଡୋଶୀ ଭଦ୍ରମହିଳା ଜଣକ ଆମ ଘରକୁ ବୁଲିବା ବାହାନାରେ ଆସି ଝୁନି ସଂପର୍କରେ ଅନେକ କଟୂ ମନ୍ତବ୍ୟ କରିଗଲେ । ଗଲାବେଳେ ତୋଳା ଓଲଟାଇ କହିଗଲେ - ଆପଣଙ୍କ ବାରିରେ ରହୁଥିବା ସେ ଝିଅଟିକୁ ଟିକିଏ ସାବଧାନ କରିଦେବେ, କାହା ସହିତ କିଭଳି କଥା କହିବାକୁ ହୁଏ ତାକୁ ଜଣାନାହିଁ ।

ଘଟଣାଟିରେ ମୋର ଧୈର୍ଯ୍ୟଚ୍ୟୁତି ଘଟିଥିଲା । ଝୁନିକୁ ଡାକି ବିରକ୍ତ ହୋଇ କହିଲି - ତତେ ପରା କହିଥିଲି ଏଠାଲୋକ କାହାକୁ କିଛି ନ କହିବାକୁ ? କଅଣ ପୁଣି ଯାଡୁ ସ୍ୟାଡୁ କହିଚୁ ସେ ମହାନ୍ତିବାବୁଙ୍କ ସ୍ତ୍ରୀକୁ ? ତୋ' ନାଁରେ ନାଲିସ୍ କରିଗଲେ ଏବେ ଏବେ ଆସି ମୋ ଆଗରେ । ତୋ' ଯୋଗୁ ସାଇପଡିଶାକୁ ନେଇ ଚଳିବା ମୋ ପକ୍ଷରେ ଅସମ୍ଭବ ହୋଇ ପଡିଲାଣି ମୁଁ ଦେଖୁଛି ।



Digitized by srujanika@gmail.com

ଝୁନି ନମ୍ର ସ୍ୱରରେ କହିଲା - ମୁଁ ତାଙ୍କୁ କିଛି କହିନି ନାନୀ, ମିଛଟାରେ ମୋ ନାଁରେ ଆସି ଚୁଗୁଲି କରୁଛନ୍ତି । ତେବେ ଏତିକି ଜାଣିଥା, ସିଏ ଜମା ଭଲଲୋକ ନୁହଁନ୍ତି । ତମେ ଶୋଇଥିଲାବେଳେ ନିଇତି ଭୋର୍‌ରୁ ଆମ ଗେଟ୍ ଖୋଲି ଆସି ଦାଣ୍ଡଗଛରୁ ସବୁବେଳେ ଟଗର ଓ ମନ୍ଦାର୍ ଫୁଲ ତୋଳି ନେଉଛନ୍ତି । ମୁଁ କହିଲି - ଠାକୁରପୂଜା ପାଇଁ ଫୁଲ ନେଉଚ ନିଅ । ହେଲେ ବି ଚାରିଟା ଫୁଲ ତ ଅନ୍ତତଃ ଛାଡିଯିବ ଗଛରେ । ଗଛରେ ଫୁଲଟିଏ ନଥିଲେ କଅଣ ସେ.ଗଛ ସୁନ୍ଦର ? ଭଗବାନ ଫୁଲ ମଣିଷ ପାଇଁ ସୃଷ୍ଟି କରିନାହାନ୍ତି । ସୃଷ୍ଟି କରିଛନ୍ତି ଭଅଁର, ପ୍ରଜାପତି ଓ ମହୁମାଛିମାନଙ୍କ ପାଇଁ । ଫୁଲ ନଥିଲେ ସେମାନଙ୍କ ପ୍ରଜାତି ଯେ ଧ୍ୱଂସ ପାଇଯିବ ପୃଥିବୀରୁ । ମହୁମାଛି ମହୁ ପାଇବ କେଉଁଠୁ ?

ସକାଳୁ ଉଠି କାହିଁକି ଯେ ଫୁଲ ଗଛଗୁଡ଼ିକୁ ନିରାଭରଣ ଅବସ୍ଥାରେ ଦେଖୁଥିଲି, ସେ ରହସ୍ୟର ଉନ୍ମୋଚନ କରିଥିଲି ଝୁନି କଥା ଶୁଣି । ତା'ର ଯୁକ୍ତିକୁ ସହଜରେ ଖଣ୍ଡନ ମଧ୍ୟ କରି ପାରିନଥିଲି ।

ଇଏ ସବୁ ଥିଲା ଝୁନିର ତଥାକଥିତ ପାଗଳାମିର କେତୋଟି ନମୁନା ମାତ୍ର । ପ୍ରତ୍ୟହ କିଛି ନା କିଛି ଏଇ ଧରଣର ଅଚିନ୍ତନୀୟ କାର୍ଯ୍ୟ ସିଏ କରୁଥିଲା । ଏବଂ ଏହାର ଫଳ ସ୍ୱରୂପ ଧୀରେ ଧୀରେ ମାଧବର ଅପ୍ରିୟ ଭାଜନ ହୋଇ ଉଠୁଥିଲା । ଝୁନିର ଅନେକ କାମ ଅବଶ୍ୟ ମୋତେ ଯୁକ୍ତିଯୁକ୍ତ ମନେ ହେଉଥିଲା । କିନ୍ତୁ କଠୋର ବାସ୍ତବବାଦୀ ମାଧବ ପାଇଁ ଝୁନିର ଏ ସମସ୍ତ କାର୍ଯ୍ୟକଳାପ ଥିଲା ନିଛକ ପାଗଳାମି - ମାନସିକ ଅସୁସ୍ଥତାର ଲକ୍ଷଣ । ବାରମ୍ବାର କହୁଥିଲା - ଏଭଳି ଅଦ୍ଭୁତ କିସମର ଝିଅଟିଏ ସିଏ ତା' ଜୀବନରେ ଦେଖିନି । ଗାଁରେ ବି ତ ତା'ର ଚାରୋଟି ଭଉଣୀ ଅଛନ୍ତି । କାଇଁ ଏମିତି ତ କେହି ନୁହଁନ୍ତି ।

ସ୍ନାନସାରି ଚା' ପିଇପିଇ, ଝୁନିର ଅବୋଧ କାର୍ଯ୍ୟକଳାପ ହେତୁ ମାଧବ ଏବଂ ଝୁନି ମଧ୍ୟରେ ଗଢିଉଠିଥିବା ଏଇ ଅନତିକ୍ରମ୍ୟ ବ୍ୟବଧାନ କଥାଭାବି ବିବ୍ରତ ବୋଧ କରୁଥିଲି । କାରଣ ଉଭୟ ଥିଲେ ମୋର ସ୍ନେହର ପାତ୍ର । ଠିକ୍ ଏତିକିବେଳେ, ମୋ'ର ଭାବନାକୁ ପ୍ରତିହତ କରି, ଆଗପଛ ହୋଇ ମାଧବ ଓ ଝୁନି ପୁନର୍ବାର ଆସି ଉପସ୍ଥିତ ହେଲେ ମୋ' ସାମ୍ନାରେ । ମାଧବର ମୁହଁର ମାଂସପେଶୀ ଶକ୍ତ । ଝୁନିର ଚେହେରା ପାଂଶୁବର୍ଣ୍ଣ, ବୁଝିପାରିଲି, ଆଜିର ଘଟଣାଟି ବେଶ୍ ଗମ୍ଭୀର ଧରଣର ନିଶ୍ଚୟ ।

ସ୍ୱରକୁ ଯଥାସମ୍ଭବ ସ୍ୱାଭାବିକ୍ କରି ମୁଁ ପଚାରିଲି - କେତେବେଳେ ଗାଁରୁ ଫେରିଲ ?

- ଚାରିଟା ବେଳେ । ମାଧବ ଜବାବ ଦେଲା ।



Digitized by srujanika@gmail.com

- ଚାରିଟାବେଳେ ? ତାହେଲେ ମାତ୍ର ଏଇ ଦୁଇ ତିନି ଘଣ୍ଟା ଭିତରେ କଅଣ ପୁଣି ଗଣ୍ଡଗୋଳ ହୋଇଗଲା ଦିହିଁଙ୍କ ଭିତରେ ?

- ଗଣ୍ଡଗୋଳ ଏଠି ହେଇନି, ହେଇଚି ଗାଁ'ରୁ । କାନ୍ଦ କାନ୍ଦ ହୋଇ ଝୁନି କହିଲା ।

ଝୁନି କଥା ଶୁଣି କିଛି ସମୟ ନୀରବରେ ଠିଆ ହୋଇ ରହିଲା ମାଧବ । ତା'ପରେ ମତେ ଚାହିଁ ବ୍ୟଥିତ ଓ ଦୁଃଖୀଗଳାରେ କହିଲା - ମୁଁ ତମର କଅଣ ଦୋଷ କରିଥିଲି ନାନୀ ? ମତେ ସତକୁ ସତ ଗୋଟେ ପାଗଳୀ ସାଥିରେ ଛନ୍ଦିଦେଲ ।

- ଓହୋ ! କଅଣ ହେଲା କହିବୁ ତୁ ଆଗେ ! ପୂରାକଥାଟି ନଜାଣିଲେ ମୁଁ ବା କଅଣ ଜବାବ୍ ଦେଇପାରିବି ତତେ ? ମୁଁ କହିଥିଲି ଓ ମୋ ପ୍ରଶ୍ନର ଉତ୍ତରରେ ଶୁଣିଥିଲି ମାଧବର ହତାଶା ଓ ଅନୁଶୋଚନାର ପ୍ରଚ୍ଛଦପଟରେ ଥିବା ଅବିଶ୍ୱସନୀୟ କାହାଣୀଟି ।

ଗାଁରେ ମାଧବର ମାମୁଁଝିଅ ଭଉଣୀର ବାହାଘର ବେଳେ ଝିଅକୁ ପର୍ଯ୍ୟାପ୍ତ ପରିମାଣରେ ସୁନାଗହଣା ଦେଇନଥିବା ହେତୁ କୁଆଡେ ବରଘର କଳିତକରାଳ କରି ବେଦୀରୁ ବର ଉଠେଇନେବାକୁ ବସିଥିଲେ ଏବଂ ସେତିକିବେଳେ ନିଜ ବେକର ଓଜନ୍‌ଦାର ହାରଟି କାଢି ଝିଅକୁ ପିନ୍ଧେଇ ଦେଇଥିଲା ଝୁନି । ବାହାଘରଟି ଏହାପରେ ଶାନ୍ତିପୂର୍ବକ ସମାପ୍ତ ହୋଇଥିଲା । ମୁଁ ଜାଣିଥିଲି, ତିନିଭରିର ସେ ହାର ଦେବାର ସାମର୍ଥ୍ୟ ଶ୍ୟାମର ନଥିଲା । ସୁଦୃଶ୍ୟ ବେଲପତ୍ରୀ ମାଳଟି ଥିଲା ତା' ପ୍ରଥମା ସ୍ତ୍ରୀର । ମୃତ୍ୟୁବେଳେ କହିଯାଇଥିଲା, ବାହାଘରରେ ତା ଝିଅକୁ ଦେବା ପାଇଁ ।

ମାଧବ କାରୁଣ୍ୟଭରା ସ୍ୱରରେ କହିଲା - ଦେଖ ତ ନାନୀ । ମୁଁ ସାମାନ୍ୟ ରଂଗ ମିସ୍ତ୍ରୀ । ଗରୀବର ସଂସାର । ଆଉ କଅଣ କେବେ ଜୀବନରେ ତିନିଭରି ସୁନା ଆମେ କିଣିପାରିବୁ ? କେତେ କୁଣିଆମଇତ୍ର, ବନ୍ଧୁବାନ୍ଧବ ତ ରୁଣ୍ଡ ହୋଇଥିଲେ ସେଠି । କାଇଁ, କେହିତ ନିଜ ଦେହରୁ କାଢି ମୁଦିଟିଏ ପର୍ଯ୍ୟନ୍ତ ଦେଲେନି । ଯାକୁ କିଏ କହୁଥିଲା ଆଗଭର ହୋଇ ନିଜ ଗହଣା ଉତାରି ଦେଇଦେବା ପାଇଁ ? ମୁଁ ଜାଣିସାରିଲିଣି । ଯା'ର ଯାହା କାରବାର, ଇଏ ଦିନେ ମତେ କାଙ୍ଗାଳ କରିକି ଛାଡିବ ।

ଘଟଣାଟି ମତେ ମଧ୍ୟ ଆଚମ୍ବିତ କଲା । ଅବାକ୍ ହୋଇ ମୁଁ ଝୁନିକୁ କହିଲି - ମାଧବ ବିଲ୍‌କୁଲ୍ ଠିକ୍ କଥା କହୁଛି । ଥିଲାବାଲା ଲୋକ ବି କେହି ଏଭଳି ଭାବରେ ଗହଣା ଦାନ କରି ବସିବନି । ତୁ ତ ସହଜେ ନିଃସମ୍ବଳ । ତା'ଛଡା ତୋ ମାଆର ସ୍ମୃତିଚିହ୍ନ ଥିଲା ସେ ହାରଟି । ସେ ହାର ତୁ ଦେଇଦେଲୁ କାହିଁକି ? ଏମିତି କିଏ କେଉଁଠି ଦାନ କରେ ?

ଏଯାବତ୍ ତଳକୁ ମୁହଁ ପୋତି ଠିଆହୋଇଥିବା ଝୁନି ଏଥରକ ମୁହଁ ଉଠାଇ ମତେ ଚାହିଁଲା ଏବଂ ତାର ଚିରାଚରିତ ଧୀର ସ୍ୱରରେ କହିଲା - ତମର ଏତେ ବୁଦ୍ଧିଥାଇ



Digitized by srujanika@gmail.com

ଶେଷକୁ ଏଇଆ କହିଲ ନାନୀ ? ଯାକୁ ଛଅମାସ ବେଳେ ଯାଙ୍କ ବାପାମାଆ ଉଭୟ ହଇଜାରେ ପ୍ରାଣଦେଲେ । ସେ ମାମୁମାନେ ନଥିଲେ ଇଏ କୁଆଡେ ଭାସିଯାଇଥାଆନ୍ତେ ମୁଁ ନିଜେ ଦେଖିଛି ସେ ଘରର ଅବସ୍ଥା । ପୁରୋହିତ ଗିରିରେ କଅଣ ବା ରୋଜଗାର ? ତେବେ ବି ନିଜ ପିଲାଙ୍କ ମୁହଁରୁ ଆହାର କାଢି ସେମାନେ ଯାଙ୍କ ମୁହଁରେ ଦେଇଛନ୍ତି । ନିଜ ସନ୍ତାନଠୁ ଅଧିକା କରି ମଣିଷ କରିଛନ୍ତି ଯାକୁ । ବାହାଘର ପରେ ଯେଉଁ ମାସଟିଏ ମୁଁ ଗାଁରେ ଥିଲି, ସେ ମାଈଙ୍କୁ ପାଇ ମୋ'ର ମା' ନଥିବା ଦୁଃଖ ମୁଁ ଭୁଲିଥିଲି । ଏଭଳି ଦେବତୁଲ୍ୟ ମଣିଷର ଝିଅ ସାମାନ୍ୟ ଗହଣା କେଇଟା ପାଇଁ ବାହା ହୋଇପାରିବନି ? ମୋ'ର ଗୋଟେ ହାର ବଦଳରେ ଯଦି ମାମୁ କନ୍ୟାଦାୟରୁ ମୁକ୍ତ ହୁଅନ୍ତି, ସିଏ ତ ମୋ' ପାଇଁ ବଡ ଭାଗ୍ୟର କଥା । ଆଉ ମୋ ମା' କଥା କହୁଚ । ମୁଁ ଜାଣେ, ମୋ ମା'ର ଆତ୍ମା ଶାନ୍ତି ପାଉଥିବ ଏଥିରେ । ଆଶୀର୍ବାଦ କରୁଥିବ ମତେ ସ୍ୱର୍ଗପୁରରୁ ତମେ ଦେଖିବ ନାନୀ, ସେ ମାମୁ ମାଈଙ୍କ କଲ୍ୟାଣରୁ ସବୁ ମଙ୍ଗଳ ହବ ଆମର । ତମେ ଦେଖିବ ।

ଏକାସାଥିରେ-ଅନେକ ଗୁଡିଏ କଥା କହି ଚୁପ୍ ହୋଇଗଲା ଝୁନି । ମୋ'ର ପ୍ରତିକ୍ରିୟା ଜାଣିବା ପାଇଁ ମୋ' ମୁହଁକୁ ଅନାଇଁ ରହିଲା କିଛି ସମୟ ଧରି ।

ମତେ ନୀରବ ରହିବାର ଦେଖି ପୁନର୍ବାର କହିଲା - ମୁଁ ସିନା ମୂର୍ଖ । ହେଲେ ତମେ ତ ବହୁତ ପାଠ ପଢିଛ ନାନୀ । ତମେ ଇ କହିଦିଅ, ମୁଁ କଅଣ ଭୁଲ୍ କାମ କରିଛି ? ଏଇ କଥା ପାଇଁ ବାହାଘର ପରଠାରୁ ମୋ' ଉପରେ ରାଗିକରି ଇଏ ଖଡ୍‌ଗହସ୍ତ । ଭଲରେ କଥା ପଦେ ବି କହୁନାହାନ୍ତି । କହୁଛନ୍ତି ଘରୁ ତଡିଦେବେ । ମୁଁ କୁଆଡେ ବନ୍ଧ ପାଗଳ ।

କଥା କହୁକହୁ ଅଚାନକ୍ କାଁ କାଁ ହେଇ କାନ୍ଦିବାକୁ ଲାଗିଲା ଝୁନି । ମନ୍ତ୍ରମୁଗ୍ଧ ଭାବରେ ଚୌକୀରୁ ଉଠି ଓ ଝୁନିକୁ କୋଳେଇ ନେଇ ମୁଁ ମାଧବକୁ କହିଲି - ତୁ ଭାରି ଭାଗ୍ୟବାନ୍‌ରେ ମାଧବ । ଏଭଳି ପତ୍ନୀ ପାଇଛୁ । ଆମ ଚାରିପଟେ ଆତଯାତ ହେଉଥିବା ଅଜସ୍ର ପାଗଳ ମଣିଷଙ୍କ ଭିତରେ ବୋଧହୁଏ ଏକମାତ୍ର ସୁସ୍ଥ ମଣିଷ ହେଉଛି ତୋ ସ୍ତ୍ରୀ ।

●●●



Digitized by srujanika@gmail.com

# ଚଢ଼େଇ

ଚଢ଼େଇଟି ବସା ବାନ୍ଧିଥିଲା - ବାରଣ୍ଡାରେ ଈଷତ୍ ଝୁଲି ରହିଥିବା ଟେଲିଫୋନ୍ ତାରରେ । ବସାଟି ତଳକୁ ଓହଳି ମୃଦୁ ପବନରେ ଦୋଳି ଖେଳି ଲାଗିଥିଲା ଅନବରତ । ଚାଖଣ୍ଡେ ହବ ମାଟିଆ ରଙ୍ଗର ଚଢ଼େଇ । ତୁଳାପିନ୍ଧ ପରି ହାଲୁକା । ଦେହ କିନ୍ତୁ ଭାରି ଫୁର୍ତ୍ତିବାଜ୍ । ସାରାଦିନ ଫୁରୁଫୁରୁ ଉଡ଼ି ଓ କାଠିକୁଟା ସଂଗ୍ରହ କରି, ପନ୍ଦରଟା ଦିନରେ ଚମତ୍କାର ଝୁଲନ୍ତ ନୀଡ଼ଟିଏ ବନେଇ ଦେଲା ତା'ର କାରିଗରୀ ବୁଦ୍ଧି ଖଟେଇ । ହତିଆର ମାତ୍ର କୁନି ଅଧଇଞ୍ଚ ଲମ୍ବର ମୁନିଆଁ ଥଣ୍ଟଟିଏ ।

ବସାଟି ଧାପେ ଧାପେ ଗଢ଼ି ଉଠିଥିଲା ମୋ' ଆଖି ସାମ୍ନାରେ । ପ୍ରଥମ କେଇଦିନ ବରଣ୍ଡାର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତ୍ୟହ କିଛି କାଠିକୁଟା ପଡୁଥିବାର ଦେଖି ଉପରକୁ ଚାହିଁଲି । ନଜରରେ ପଡ଼ିଲା ଟେଲିଫୋନ୍ ତାରରେ ଇତସ୍ତତଃ ଓହଳା କେତୋଟି ନିମକାଠି ଓ ତହିଁରେ ଖଞ୍ଜା କିଛି ବଡ଼ ବଡ଼ ଶୁଖିଲା ପତ୍ର । ପ୍ରାଥମିକ ସ୍ତରରେ କିଛି କିଛି କାଠିକୁଟା ଖସିପଡୁଥିଲା ତଳକୁ । କିଛିଦିନ ପରେ କିନ୍ତୁ ସେସବୁ ଆବର୍ଜନା ପଡ଼ିବା ବନ୍ଦ ହୋଇଗଲା । ଶୁଖିଲା ଦୁବଘାସ, ନରମ ପତ୍ର ଏବଂ ନମନୀୟ ମିହିଡ଼ାଳର ଭଗ୍ନାଂଶ ନେଇ ପାଞ୍ଚ ଛଅ ଇଞ୍ଚ ଲମ୍ବର କୁନି ପଣସ ଆକାରର ସୁଦୃଶ୍ୟ ବସାଟିଏ ଅଚିରେ ଝୁଲିବାକୁ ଲାଗିଲା ଟେଲିଫୋନ୍ ତାରରେ । ପୂରାପୂରି ନିବୁଜ ଓ ସାନ୍ଧ୍ର । କେବଳ ଉପର ଆଡ଼କୁ ପ୍ରବେଶପଥଟିଏ ।

ମନେପଡ଼ିଲା, ଅନେକ ଅନେକ ବର୍ଷ ଆଗେ ଏଇଭଳି ଗୋଟିଏ ଚଢ଼େଇ ବସା ଥରେ ମୋ ବଗିଚାରେ ଦେଖିଥିଲି । ଆମ ବାଥ୍ରୁମ୍କୁ ଲାଗି କାନ୍ଥରେ ଲଟେଇଥିବା ସୁପୁଷ୍ଟ ବୋଗେନ୍‌ଭିଲାର ନହକା ଡ଼ାଳରେ । ଥୋକା ଥୋକା ଫୁଲର ମଞ୍ଜରୀ ଭିତରେ ଠିକ୍ ଏଇଭଳି ଝୁଲନ୍ତ ଉଷ୍ଣ ନୀଡ଼ଟିଏ - ଏବଂ ତା' ଭିତରେ ଧ୍ୟାନମଗ୍ନ ଋଷି ପରି ସୁସ୍ଥିର ହୋଇ ବସି ରହିଥିଲା ଏଇଭଳି ଚଢ଼େଇଟିଏ ।

ଘରର ଜଞ୍ଜାଳ ବହୁତ ଥିଲା ସେତେବେଳେ । ବବିର ପ୍ଲସ୍‌ଟୁ ପରୀକ୍ଷା ଥିଲା ସାମ୍ନାରେ । ସଂସାରର ନିଗଡ଼ ଭିତରୁ ବାହାରିଯାଇ ଚଢ଼େଇଟିକୁ ପର୍ଯ୍ୟବେକ୍ଷଣ କରିବାର ମାନସିକ ସ୍ଥିତି ବା ଅବସର, କୌଣସିଟି ନ ଥିଲା । ଏବେ କିନ୍ତୁ ଘର ନିର୍ଜନ । ବବି ତା'ର ସଂସାର ପାତିଛି ସୁଦୂର ଆମେରିକାରେ । ଏବେ ମୁଁ ଏକା । ଚଢ଼େଇଟିକୁ ନିରୀକ୍ଷଣ କରିବାପାଇଁ ଅଫୁରନ୍ତ ସମୟ ଏବେ ମୋ ହାତରେ ।



Digitized by srujanika@gmail.com

କେଇଦିନ ପରେ ଦେଖିଲି, ଚଢ଼େଇଟିର ଘନ ଘନ ଉଡ଼ାଣ ବନ୍ଦ ହୋଇଯାଇଛି । ଉପରକୁ ଚାହିଁ ଦେଖେ, ବସା ଭିତରେ ଚୁପ୍‌ଚାପ୍ ବସିରହିଛି ଚଢ଼େଇଟି । ବସାଟିର ଉପରାର୍ଦ୍ଧରେ କିଛି ଅଂଶ ଫାଙ୍କା । ସେଇ ଫାଙ୍କରେ ବେତକୋଳି ପରି ଢୁଲୁଢୁଲୁ ଆଖି ଦୁଇଟି ଓ ହରିଦ୍ରାଭ ଚଞ୍ଚୁଟି ଦେଖାଇ ନିଃସ୍ପନ୍ଦ ଭାବରେ ସେଇ ଏକା ଭଙ୍ଗୀରେ ବସିରହିଛି କୁନି ବିହଙ୍ଗମଟି ।

ପାଖକୁ ଯାଇ ନିରୀକ୍ଷଣ କରିବାକୁ ଚେଷ୍ଟା କଲାବେଳକୁ କାମବାଲୀ ଶାନ୍ତି ସତର୍କବାଣୀ ଶୁଣାଇଲା - ପାଖକୁ ଯା' ନା ମା' । ଖୁମ୍ପିଦେବ ତମକୁ । ଅଣ୍ଡା ଉଷୁମୋଉଛି ଏବେ । ସେଇ ଅଣ୍ଡାଦେବ ବୋଲି ତ ଏତିକି କଷ୍ଟ କରି ଘରଂ ବନେଇଲା । ତମେ ପାଖରେ ଠିଆହେଲେ ସିଏ ଭାବିବ ତମେ ବୋଧେ ତା' ଅଣ୍ଡା ନେଇଯିବ ବୋଲି ସେଠିକି ଯାଇଚ । ରାଗିଯିବ ବହୁତ । ତମର ମନେ ନାହିଁ ? ତମ ଝିଆରୀକୁ କେମିତି ଚଢ଼େଇ ଖୁମ୍ପିକରି ତା' ଦାନ୍ତ ଭାଙ୍ଗି ଦେଇଥିଲା ?

ଭୟରେ ବାରଣ୍ଡାଛାଡ଼ି ଖାଇବା ଘର ଭିତରକୁ ଚାଲିଆସିଲି । ମନେ ପଡ଼ିଗଲା ବିଗତବର୍ଷ ମୋ' ସାନ ଭଉଣୀର ଝିଅ ନିଶି ସହିତ ଘଟିଥିବା ଚଢ଼େଇଜନିତ ଦୁର୍ଘଟଣାର କଥା । ଭଉଣୀ ଘରର ଛାତଉପରକୁ ମାଡ଼ି ଆସିଥିବା ଓଉ ଗଛଡ଼ାଳରେ ଥିଲା ଚଢ଼େଇ ବସାଟିଏ । ଭଉଣୀର ପାଞ୍ଚବର୍ଷର ଝିଅ ନିଶି ଛାତଉପରେ ଖେଳୁଖେଳୁ ସେଇ ଗଛଆଡ଼କୁ ଚାଲିଯାଇଥିଲା ଏବଂ ଚଢ଼େଇଟି ତା'ର ଅଣ୍ଡାର ସୁରକ୍ଷା ସଂପର୍କରେ ଭୟଭୀତ ହୋଇ ଅତ୍ୟନ୍ତ ହିଂସ୍ରଭାବରେ ଆକ୍ରମଣ କରିଥିଲା କୁନି ଝିଅଟିକୁ । ଚଞ୍ଚୁ ମନରେ ବାରମ୍ବାର ଠୋକର ମାରି ତା'ର ଓଠ ଫଟେଇ ଦେଇଥିଲା ଓ ସାମ୍ନା ଦାନ୍ତରୁ ଗୋଟିଏ ଦାନ୍ତର ଅଧା ଭାଙ୍ଗି ଦେଇଥିଲା । ଶିଶୁଟିର ଚିତ୍କାର ଶୁଣି ପରିବାରର ସଦସ୍ୟମାନେ ଯାଇ ତାକୁ ରକ୍ଷା କରିଥିଲେ ।

କାମ କରୁ କରୁ ଶାନ୍ତି ପୁନର୍ବାର ଟିପ୍ପଣୀ କାଟିଲା - ଚଢ଼େଇ ହେଲେ କଅଣ ହବ ? ଯେତେ ଯାହାହେଲେ ମାଆଟି ! ପ୍ରାଣ ଦେଇ ସୁଦ୍ଧା ତା ଛୁଆକୁ ଆଗୁଳି ରଖିବ ସିଏ ।

ଶାନ୍ତିର ଟିପ୍ପଣୀଟି ମନେ ପକେଇ ଦେଲା ଶୈଶବର ଆଉ ଗୋଟିଏ ଦରଭୁଲା ସ୍ମୃତିକୁ । ଆମେ ସବୁ ସ୍କୁଲ୍‌ରେ ପାଠପଢ଼ିବା ସମୟର କଥା । ମୋ ସାନ ଭାଇର ଅଚାନକ ହେଲା କୁକୁଡ଼ା ପାଳିବାର ସଉକ୍ । ଦୁଇଟି କୁକୁଡ଼ା ଯାଇ କିଣି ବି ଆଣିଲା ବଜାରରୁ । ଆସିବାର କେଇଦିନ ପରେ ଶ୍ୱେତବର୍ଣ୍ଣ କୁକୁଡ଼ାଟି ଅଣ୍ଡାଦେବାକୁ ଆରମ୍ଭ କଲା । କେଇଟା ଦିନରେ ଅଣ୍ଡା ଫୁଟି ପଶମ କଣ୍ଢେଇ ପରି ଚମତ୍କାର ଶାବକ କେତୋଟି ଘୂରିବୁଲିଲେ ଆମ ଅଗଣାରେ । ମାଆ କୁକୁଡ଼ାଟିର କିନ୍ତୁ ତୀକ୍ଷ୍ଣନଜର ଥିଲା ତା' ସନ୍ତାନମାନଙ୍କ ଉପରେ । ଅନ୍ୟ କୌଣସି ବିପଦକୁ ଖାତିର ନ ଥିଲା ତା'ର । କିନ୍ତୁ କେଜାଣି କାହିଁକି ଆକାଶରେ



Digitized by srujanika@gmail.com

ଉଡ଼ାଜାହାଜର ଶବ୍ଦ ଶୁଣିଲେ ଆଶଙ୍କା କରୁଥିଲା କୌଣସି ଆସନ୍ନ ବିପଦର ସୂତ୍ରପାତର । ତୀବ୍ର ସ୍ୱରରେ ଚିତ୍କାର କରି ଏବଂ ସ୍ୱଶାବକମାନଙ୍କୁ ପାଖକୁ ଡ଼ାକିଆଣି ଆବୋରି ରଖୁଥିଲା ସେମାନଙ୍କୁ ନିଜର ସ୍ଫୀତ ଓ ବିସ୍ତାରିତ ପକ୍ଷତଳେ - ଏରୋପ୍ଲେନ୍‌ର ଶବ୍ଦଟି ମିଳେଇଯିବା ପର୍ଯ୍ୟନ୍ତ । ବୋଧହୁଏ ଭାବୁଥିଲା - ତା'ର ସେଇ ଡ଼େଣାରୂପୀ ପଣତକାନିର ଆଢୁଆଳରେ ଆଶ୍ରୟ ନେଇଗଲେ ତା'ର ସନ୍ତାନମାନେ ହେଇଯିବେ ସଂପୂର୍ଣ୍ଣରୂପେ ଆପଦମୁକ୍ତ ।

ସେତେବେଳେ ତା'ର ବୋକା ଓ ବିକଳ ଭାବ ଦେଖି ହସିଥିଲି । ଆଜି କିନ୍ତୁ ହସ ଲାଗିଲାନି । ପୃଥିବୀର ସମସ୍ତ ଜନନୀଙ୍କର ପ୍ରତୀକ ହେଇ ଯେମିତି କୁକୁଡ଼ାମାଆଟି ଉଭା ହେଲା ମୋ ମନଶ୍ଚକ୍ଷୁରେ ।

ମୋ' ଭାବନାକୁ ପ୍ରତିହତ କରି ହଠାତ୍ ଏଯାବତ୍ ନିଶ୍ଚୁପ୍ ହେଇ ବସିଥିବା ଚଢ଼େଇଟି ବସାରୁ ଉଠି ଫୁର୍ କରି ଉଡ଼ିଗଲା ବାରଣ୍ଡାର ଗ୍ରୀଲ୍ ଫାଙ୍କରେ । ଆଶ୍ଚର୍ଯ୍ୟ ହେଇ ଶାନ୍ତିକୁ କହିଲି - ଦେଖ୍ ତ ଶାନ୍ତି, କଅଣ ହେଲା ? ଚଢ଼େଇଟି ହଠାତ୍ ଉଡ଼ିଗଲା ଯେ ! ତୁ ଯେ କହୁଥିଲୁ ଅଣ୍ଡା ଉଷୁମୋଉଛି ବୋଲି । ଜମାରୁ ଉଠିବେନି ସେଠୁ ।

ଶାନ୍ତି ଆସି ପାଖରେ ଠିଆ ହେଇ କାନ ଡ଼େରି ଶୁଣିଲା । ହସି ହସି କହିଲା - ଶୁଣିପାରୁନ ମା' ? ବସା ଭିତରୁ ଚିଁ ଚିଁ ଶବ୍ଦ ଆସୁଛି । ଅଣ୍ଡା ଫୁଟି ଛୁଆ ହୋଇଗଲାଣି । ତା ମା' ଯାଇଛି ତା' ପାଇଁ ଖାଇବା ଜିନିଷ ଆଣି । ଏବେ ଦେଖିବ - ନିଜେ ନ ଖାଇ ନ ପିଇ କେମିତି ସାରାଦିନ ପୋକଜୋକ ବୋହି ଲାଗିବ ତା' ଛୁଆ ପାଇଁ । ଚଢ଼େଇଛୁଆ ଗୁଡ଼ାକ ଜନ୍ମ ହେଲା ପରେ ବହୁତ ବେଶୀ ଖାଦ୍ୟ ଖାଆନ୍ତି ମା !

ଶାନ୍ତି ଠିକ୍ କହିଥିଲା । ମାଆ ଚଢ଼େଇଟି ଆଳସ୍ୟରହିତ ହେଇ ଅନବରତ ଚଞ୍ଚୁପୂର୍ଣ୍ଣକରି ଖାଦ୍ୟପଦାର୍ଥ ବୋହି ଲାଗିଲା ତା' ଶାବକଟି ପାଇଁ । ବିଜୁଳି ପରି କ୍ଷିପ୍ରଗତିରେ ଉଭାନ୍ ହେଇ ଯାଉଥିଲା ଗ୍ରୀଲ୍ ସନ୍ଧିରେ । ଆଉ ପର ମୁହୂର୍ତ୍ତରେ ଥଣ୍ଟରେ ପତଙ୍ଗଟିଏ ଧରି ଆସି ହାଜର ହେଇଯାଉଥିଲା ଝୁଲନ୍ତ ନୀଡ଼ଟି ପାଖରେ । ସନ୍ତାନଟିକୁ ସୁଷମ ଆହାର ଯୋଗାଇ ତାକୁ ସୁସ୍ଥ ସବଳ କରିବା ସତେ ଯେମିତି ଥିଲା ତା'ର ସର୍ବ ପ୍ରଧାନ ଏବଂ ଏକମାତ୍ର କାମ ।

ଥରଟେ ବରଣ୍ଡା ବାହାରେ ଥିବା ଘାସଲନ୍‌ରେ ଗୋଟିଏ ଜୀବନ୍ତ ଜିଆକୁ ମାଟିରେ ପିଟିପିଟି ମାରୁଥିବାର ଦେଖିଲି ଚଢ଼େଇଟିକୁ । କିଛି ସମୟ ପରେ ମୃତ ଜିଆଟିକୁ ଧରି ତା' ବସାପାଖରେ ପହଞ୍ଚିବାର ବି ଦେଖିଲି । ଏବଂ ବହୁବର୍ଷ ପୂର୍ବେ ଦିଲ୍ଲୀରେ ଘଟିଥିବା ଏକ ବିସ୍ମୃତପ୍ରାୟ ଘଟଣା ମନେପଡ଼ିଗଲା ମୋ'ର । ସେଦିନର ଚଢ଼େଇଟି ବି ଏଇମିତି ମୃତ ଜିଆଟିଏ ଚଞ୍ଚୁରେ ଧରି ଧାଇଁ ଆସିଥିଲା ତା' ଶାବକପାଖକୁ ।



Digitized by srujanika@gmail.com

ପ୍ରାୟ ପଚିଶବର୍ଷ ତଳର ଘଟଣା । ହଠାତ୍ ଦିନେ ରୋଷେଇଘରର ସବା ଉପର ଥାକରେ, ମୋ' ଅଜାଣତରେ ଚଢ଼େଇଟିଏ ବସା ବାନ୍ଧିଥିବାର ଆବିଷ୍କାର କରିଥିଲି । ଅର୍ଦ୍ଦଳି ବାହାଦୂର ଚୌକୀରେ ଚଢ଼ି ବସାଟିକୁ ସ୍ଥାନଚ୍ୟୁତ କରି ହାତରେ ଧରି ନେଇଆସିଲା ତଳକୁ । ଦେଖିଲି କୁଳାୟ ଭିତରର ଟୁକୁଡ଼ା କନା ଓ ପରତିଆରି ମୁଲାୟମ ଶେଯରେ ଦୁଇଟି ଲୋମହୀନ ଭୀରୁ ପକ୍ଷୀଶାବକ । ଜନନୀଟି ଖାଦ୍ୟ ଅନ୍ୱେଷଣାର୍ଥେ ବାହାରକୁ ଯାଇଥିଲା ନିଶ୍ଚୟ । ରୋଷେଇଶାଳର ପରିଚ୍ଛନ୍ନତା ଦୃଷ୍ଟିରୁ ପକ୍ଷୀନୀଡ଼ଟିକୁ ଅଗଣାର ବର୍ଦ୍ଧିଷ୍ଣୁ ଆମ୍ବଗଛର କେନାରେ ରଖି ଆସିବା ପାଇଁ ବାହାଦୂରକୁ କହିଲି । ଭାବିଥିଲି ନୀଡ଼ଟି ଚଢ଼େଇ ମା'ର ଆଖିରେ ପଡ଼ିବ ନିଶ୍ଚୟ ।

କିଛି ସମୟ ପରେ ଚଢ଼େଇ ମା'ଟି ଚଞ୍ଚୁରେ ମୃତ ଜିଆଟିଏ ଧରି ଫେରି ଆସିଲା ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ୱ ଶାବକଦ୍ୱୟଙ୍କୁ ନ ଦେଖି ଯେଉଁଭଳି ଛଟପଟ ହେଇ ମୃତପ୍ରାୟ ହେଇ ଉଠିଥିଲା ତାହା ଥିଲା କିନ୍ତୁ ଅନୁଧ୍ୟାନର ବିଷୟ । ପାଗଳିନୀପ୍ରାୟ ବିଭ୍ରାନ୍ତ ହେଇ ଉଡ଼ିଲାଗିଥିଲା ଏ କାନ୍ଥରୁ ସେ କାନ୍ଥ । ଲକ୍ଷ୍ୟହୀନ ସେ ଉଡ଼ାଣ ଫଳରେ ଅନେକଥର ସଜୋରେ ପିଟି ହେଉଥିଲା ଛାତ ଓ କାନ୍ଥ ସହିତ । ଡ଼େଣାରୁ ଖସି ପଡୁଥିଲା ପର । ଆଘାତ ଲାଗୁଥିଲା କଅଁଳ, ନରମ ପୁତ୍‌ପୁତ୍ ଦେହଟିରେ । କିନ୍ତୁ ତା'ର କାରୁଣ୍ୟଭରା ଆର୍ତ୍ତି ଓ କ୍ରନ୍ଦନ ବନ୍ଦ ହେଉନଥିଲା । ତା'ର ସେଇ ବିକଳ କଣ୍ଠର ଚିଁ ଚିଁ ଡ଼ାକରେ ସତେ ଅବା ଏକ ମୃତବତ୍ସା ଜନନୀର ମର୍ମଭେଦୀ ହାହାକାରର ସ୍ୱର ଶୁଣିବାକୁ ପାଉଥିଲି ସେଦିନ । ଶେଷପର୍ଯ୍ୟନ୍ତ ବାହାଦୂରକୁ କହି ପୂନର୍ବାର ନୀଡ଼ଟି ଆଣି ପୂର୍ବସ୍ଥାନରେ ରଖିଦେବାପାଇଁ ବାଧ୍ୟ ହେଇଥିଲି ।

ପୁରୁଣା ଘଟଣାଟିର ସ୍ମୃତିରେ ପୂରାପୂରି ମଗ୍ନ ହେଇ ରହିଥିବା ବେଳେ ହଠାତ୍ କାନରେ ପଡ଼ିଲା ଟେଲିଫୋନ୍‌ର ଆୱାଜ୍ । ବବି ଫୋନ୍ କରୁଥିଲା ଆମେରିକାରୁ । ଫୋନ୍ ଉଠାଇଲା ପରେ ପଚାରିଲା – କଅଣ କରୁଥିଲ ମାମା ? ଏତେ ଡ଼େରି କଲ ଯେ ଫୋନ୍ ଧରିବାକୁ !

କହିଲି – ନାଇଁ, ଆମ ଏଇ ବାରଣ୍ଡାରେ ବସା ବନେଇ ଗୋଟିଏ ଚଢ଼େଇ ଛୁଆ ଦେଇଚିତ ! ତାକୁଇ ଦେଖୁଥିଲି । ଆଜିକାଲି ପ୍ରାୟ ତାକୁଇ ଚାହିଁ ଚାହିଁ ମୋ'ର ବେଳ କଟିଯାଏ ।

– ବାଃ ! ତମର କଅଣ ଆଉ କିଛି କାମ ନାହିଁ ?

– ତୁ ଚାଲିଗଲା ପରେ ଆମର ଆଉ କଅଣ କାମ ? ପାପା ଓ ମୁଁ ଯେ ପୂରା ପୂରି ଏକୁଟିଆ, ମୁଁ କହିଲି ।

ବବି ମୋ କଥାରେ କାନ୍ ନ ଦେଇ ବ୍ୟଗ୍ରଭାବରେ କହିଲା – ଶୁଣ ମାମା, ତମେ ପିୟୁମାମୁଁଙ୍କ ହାତରେ ସୋହମ୍ ପାଇଁ ଯେଉଁ ଡ୍ରେସ୍ ପଠେଇଥିଲ, ତାକୁ ଏକ୍‌ଦମ୍ ଫିଟ୍



Digitized by srujanika@gmail.com

ହେଇଚି । ମାପ ପୂରାପୂରି ପରଫେକ୍ଟ । ଆଉ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ପୋଷାକ ପରି ଦିଶୁଥିବା ସେ ଜର୍ସି ଓ ଟୋପି - ତାକୁ ପାଇ ଭାରି ଖୁସି ସିଏ । ଏବେ ଚମତ୍କାର କ୍ରିକେଟ୍ ଖେଳୁଛି ତ ! ଭାରତ ଓ ପାକିସ୍ଥାନର ଟେଷ୍ଟମ୍ୟାଚ ବେଳେ ପ୍ରତ୍ୟେକ ଦିନ ସକାଳୁ ଉଠି କମ୍ପ୍ୟୁଟରରେ କ୍ରିକେଟର ଡ଼ାଟା ସବୁ କଲେକ୍ଟ କରେ । କିଏ କେତେଟା ସିକ୍ସର ମାରିଲା, କିଏ କେତେ ଓଭରରେ ଆଉଟ୍ ହେଲା, ସବୁ ତା ନଖଦର୍ପଣରେ ।

- ସିଏ ତ ଅତିକୁନିଟିଏ ରେ ! ମାତ୍ର ଆଠବର୍ଷର । ମୁଁ କହିଲି ।

- ତମେ ବିଶ୍ୱାସ କରିବନି ମାମା, ଗଣିତରେ ଚମତ୍କାର ବୁଦ୍ଧି ତା'ର । ଖେଳ ଚାଲିଥିବା ବେଳେ ଓଭରପ୍ରତି ଆଉ କେତେ ରନ୍ ହେଲେ ଭାରତ ଜିତିବ ଚଟାପଟ୍ ହିସାବ କରି କହିଦିଏ ।

- ନେ', ପାପା ଆସି ଠିଆ ହେଇଛନ୍ତି ପାଖରେ । ତାଙ୍କ ସାଥିରେ କଥା ହୁଅ । ବିନୟଙ୍କୁ ଟେଲିଫୋନ୍ ଦେଇ ମୁଁ ବସି ରହିଲି ପାଖ ଚୌକୀରେ । ଜାଣିଥିଲି, ବବି ଏଇଲେ ଅନର୍ଗଳ କେବଳ ସୋହମ୍ କଥା କହିଲାଗିବ ଅଧଘଣ୍ଟାଏ ପର୍ଯ୍ୟନ୍ତ । ଯେତେବେଳେ ବି ଫୋନ୍ କରେ, କେବଳ ତା' ପୁଅ କଥା ଇ କହେ । ଭୁଲିଯାଏ ମୋ' ପୁଅ କଥା କହିବାକୁ ।

ବିନୟ କଥା କହୁଥିଲେ ବବି ସହିତ । ଆଉ ମୋ'ର ମନେ ପଡ଼ିଲା ତା' ପିଲାବେଳର କଥା । କି ସୁନ୍ଦର ଓ ଅନୁପମ ଶିଶୁଟିଏ ହେଇଥିଲା ଜନ୍ମ ହେଲାବେଳେ ! ତା' ମୁହଁକୁ ଚାହିଁ ମନେ ହେଇଥିଲା ସୃଷ୍ଟି ଆରମ୍ଭ ହେବା ଦିନରୁ ଏଭଳି ଦେବ ଶିଶୁଟିଏ ପାଇବାର ସୌଭାଗ୍ୟ କାହାର କେବେ ହେଇନଥିବ ଅବା ! ମନେ ହେଇଥିଲା ତାକୁ ପୃଥିବୀକୁ ଆଣି ସତେ ଅବା ଏକ ଅସାଧ୍ୟସାଧନ କରି ପକେଇଛି ମୁଁ ।

ସାମାନ୍ୟ ଜର ସର୍ଦ୍ଦିହେଲେ ତାକୁ କୋଳରେ ଧରି ରାତି ପରେ ରାତି ବସି ରହୁଥିଲି ଅତନ୍ଦ୍ର ଭାବରେ । ସିଏ ଶୋଇ ପଡ଼ିଥିଲେ ବିନୟଙ୍କ ସାଥିରେ କଥା ହେଉଥିଲି ଠାରରେ । ଶବ୍ଦ ହେଲେ କାଳେ ଉଠିପଡ଼ିବ ବୋଲି । ଏଇତ ସେଦିନ ମୋ ତର୍ଜନୀ ଧରି ବାଟ ଚାଲିବା ଶିଖିଲା । କେଡ଼େ ଶୀଘ୍ର ଏତେ ବଡ଼ ହେଇଗଲା ? ତା'ର ବୟସ୍କ ମୁହଁଟିରେ ଏବେ ବି ଯେ ତା'ର ସେଇ ଜନ୍ମହେଲା ମୁହଁର ସ୍ନିଗ୍ଧ ଓ ପବିତ୍ର ଛାପ ସ୍ପଷ୍ଟ ଭାବରେ ଦିଶିଯାଏ ମତେ ।

ମନ ଭାରାକ୍ରାନ୍ତ ହେଉଉଠିଲା । ବରଣ୍ଡାରେ ଆସି ଠିଆ ହେଲି । ଚଢ଼େଇବସାଟି ଧୀରେ ଧୀରେ ଦୋହଲୁଥିଲା ପବନରେ । କୁନିଛୁଆଟି ତା' ଭିତରେ ମା' କୋଳରେ ଶୋଇ ଦୋଳି ଖେଳୁଥିଲା ଅବା । ଦେଖିଲି କିଛି ସମୟ ପରେ କିଚିର୍ ମିଚିର୍ ଶବ୍ଦ କରି ମା' ଚଢ଼େଇଟି ବସାରୁ ବାହାରି ପୁନର୍ବାର ଯାଇ ବସିଲା ଘାସ ଉପରେ - ସନ୍ତାନର



Digitized by srujanika@gmail.com

ଖାଦ୍ୟ ଅନ୍ୱେଷଣାର୍ଥେ । ଆଶ୍ଚର୍ଯ୍ୟ ହେଲି ତା'ର ଅଫୁରନ୍ତ ପ୍ରାଣଶକ୍ତି ଏବଂ ଏକନିଷ୍ଠତା ଦେଖି ।

ଏହାର କେଇଦିନ ପରେ, ଅବସ୍ଥାଚକ୍ରରେ ପଡ଼ି, ଇଚ୍ଛା ନ ଥିଲେ ବି ମୋ ଚଢ଼େଇ ପର୍ଯ୍ୟବେକ୍ଷଣର କାର୍ଯ୍ୟକ୍ରମରେ ସାମୟିକ ଭାବରେ ମତେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ପଡ଼ିଲା । ମତେ ଯିବାକୁ ପଡ଼ିଲା ରାଉରକେଲା । ସ୍ଥାନଭଉଣୀର ଗୋଟିଏ ବହି ଉନ୍ମୋଚନ ହେବାର ଥିଲା । ଜିଦ୍ ଧରିଥିଲା ଯେମିତି ହେଲେ ଉକ୍ତ ସାହିତ୍ୟ ସଭାରେ ମତେ ଉପସ୍ଥିତ ରହିବାକୁ ପଡ଼ିବ ।

ରାଉରକେଲାରେ ଭଉଣୀ ଜୋର୍‌କରି ରଖିଦେଲା ମାସଟିଏ । କାର୍ଯ୍ୟବ୍ୟସ୍ତତା ଭିତରେ ବି ମନେପଡୁଥିଲା ଚଢ଼େଇଟିର କଥା । ଛୁଆଟି ବେଶ୍ ବଡ଼ ହେଇଯିବଣି ନିଶ୍ଚୟ । ଶାନ୍ତିକୁ ବାରମ୍ବାର କହିଆସିଥିଲି - ଛାତ ଓ କାନ୍ଥର ଅଳନ୍ଧୁ ସଫା କଲାବେଳେ ସାବଧାନ ରହିବା ପାଇଁ । ଚଢ଼େଇ ବସାଟିର ଯେମିତି କିଛି ଅନିଷ୍ଟ ନ ହୁଏ ।

ରାଉରକେଲାରୁ ଫେରି ସର୍ବପ୍ରଥମେ ବରଣ୍ଡାକୁ ଯାଇ ଚଢ଼େଇବସାଟିକୁ ଚାହିଁଲି । ବସାଟି ଅର୍ଦ୍ଧଭଗ୍ନ ଓ ହତଶ୍ରୀ ଅବସ୍ଥାରେ କୌଣସି ମତେ ଲଟ୍‌କି ରହିଥିଲା ତାରରେ । ଚଢ଼େଇ ଏବଂ ତା'ର ଶିଶୁଶାବକ, ଦୁହିଁଙ୍କର ଚିହ୍ନବର୍ଣ୍ଣ ନ ଥିଲା ସେଠି ।

ବ୍ୟଗ୍ରସ୍ୱରରେ ଶାନ୍ତିକୁ ପଚାରିଲି - ଶାନ୍ତି, ସେ ଚଢ଼େଇଟି ଗଲା କୁଆଡ଼େ ? ତା' ବସାକୁ ଭାଙ୍ଗିଲା କିଏ ?

ଶାନ୍ତି କହିଲା - କୁଆଡ଼େ ଆଉ ଯିବ ମା ? ତମେ ଯିବାର କେଇଟା ଦିନରେ ପର ଗଜୁରିଗଲା ସେ ଚଢ଼େଇଛୁଆର । ଉଡ଼ିବାକୁ ଶିଖିଗଲା । ଡ଼େଣାରେ ଜୋର୍ ଆସିଗଲା ତ ? ମା' ଉପରେ ନିର୍ଭର କରିବା ଆଉ ଦରକାର ପଡ଼ିଲାନି । ଦିନେ ଉଡ଼ିକି ପଳେଇଲା । ମା' ତ ଏଠି ପଡ଼ି ରହିଥିଲା କେବଳ ଛୁଆପାଇଁ । ଛୁଆ ବିନା ଏକୁଟିଆ ସିଏ କଅଣ କରିବ ? ବସା ଭାଙ୍ଗିଦେଇ ସିଏ ବି ଉଡ଼ି ଚାଲିଗଲା ତା' ପରେ ପରେ ।

ଶାନ୍ତି କଥା ଶୁଣିସାରିଲା ପରେ ବି ଅନେକ ସମୟ ଧରି ଚୁପ୍‌ଚାପ୍ ବରଣ୍ଡାରେ ଠିଆହେଇ ରହିଲି । ଚଢ଼େଇ ଛୁଆଟିର କଳରବ ବିନା ଘର ଖାଁ ଖାଁ ଲାଗୁଥିଲା । ଲାଗୁଥିଲା ନିର୍ଜନ, ଶବ୍ଦହୀନ ।

ଦୁଇଦିନ ପରେ ଫୋନ୍ ଆସିଲା ବବିର । ଜଣେଇଲା ଯେ ଏଇ ଖରାଛୁଟିରେ ସିଏ ଭୁବନେଶ୍ୱର ଆସିବାପାଇଁ ଭାବୁଥିଲା । କିନ୍ତୁ ଭିଜିଟିଙ୍ଗ୍ ପ୍ରଫେସର ହିସାବରେ ଠିକ୍ ସେତିକିବେଳେ ତାକୁ ଲଣ୍ଡନ ଯିବାପାଇଁ ପଡୁଛି । ସାରା ପରିବାରର ଯାତାୟତ ତଥା ରହିବା ଖର୍ଚ୍ଚ ସେଠାକାର ବିଶ୍ୱବିଦ୍ୟାଳୟ ବହନ କରିବ । ଏଭଳି ସୁଯୋଗ ସିଏ ହାତଛଡ଼ା



Digitized by srujanika@gmail.com

କରିବାକୁ ଚାହେଁନି । ସୋହମ୍‌କୁ ଓ ସ୍ମିତାକୁ ସିଏ ସାଥିରେ ନେଇଯିବ ଠିକ୍ କରିଛି । ଅନ୍ତତଃ ଗୋଟିଏ ନୂଆଜାଗା ଦେଖି ଆସିବେ ସେମାନେ । ସୋହମ୍ ଲଣ୍ଡନ୍ ବୁଲିଯିବା କଥା ଶୁଣି ଭାରି ଖୁସି । କେବେ ଯିବ ବସି ବସି ଦିନ ଗଣୁଛି ।

କିଛି ସମୟ ନୀରବ ରହି ପୁଣି ବବି କହିଲା - ତମେ ମନଦୁଃଖ କରିବନି ମାମା । ମୁଁ ଚେଷ୍ଟା କରିବି କ୍ରିସ୍‌ମସ ଛୁଟିରେ ଯିବାଲାଗି । ନ ହେଲେ ତମେ ଦିହଣ ଆସୁନ ! ଯଦି କହିବ ମୁଁ ଲଣ୍ଡନ୍‌ରୁ ଫେରିଲା ପରେ ତମମାନଙ୍କ ଟିକେଟ କାଟି ପଠେଇଦେବି ଏଇଠୁ ।

- ନାଇଁରେ, ଏ ବୟସରେ ଆଉ କୁଆଡ଼େ ବେଶି ଯିବା ଆସିବା କରିବା ସମ୍ଭବ ନୁହେଁ ଆମପାଇଁ । ହାର୍ଟ ଅପରେସନ୍ ପରେ ପାପାଙ୍କ ଦେହ ବି ବିଶେଷ ଭଲ ରହୁନି ।

- ପାପାଙ୍କର ଚେକଅପ୍ କରେଇଥିଲ ନା ନାଇଁ ? ବେଳେବେଳେ ତମ ଦିହଣଙ୍କ କଥା ଭାବି ଭାରି ବ୍ୟସ୍ତ ଲାଗେ । ମୁଁ ରହିଛି ଏତେ ଦୂରରେ । ନିଜ ଝଂଝାଳରେ ଆକ୍ରାନ୍ତ ।

- ତୁ ଆମ ପାଇଁ ବ୍ୟସ୍ତ ହେବୁନି ତ ! ତୁ ଯେଉଁଠି ଅଛୁ ଈଶ୍ୱରଙ୍କ କୃପାରୁ ଭଲରେ ଥା' । ସେତିକି ଆମ ପାଇଁ ଯଥେଷ୍ଟ ।

ହଠାତ୍ କଥାର ମୋଡ଼ ପରିବର୍ତ୍ତନ କରି ହସି ହସି ବବି ପଚାରିଲା - କଅଣ ହେଲା ମାମା ? ଆଜି ତମ ଚଢ଼େଇଛୁଆ କଥା କିଛି କହୁନ ଯେ ! ତାକୁ ଚାହିଁ ଚାହିଁ ତମର ବେଳ କଟିଯାଏ ବୋଲି ଆରଥରକ କହୁଥିଲ ପରା !

ମୁଁ କହିଲି - ମୁଁ ରାଉରକେଲାରେ ଥିଲାବେଳେ ଚଢ଼େଇଛୁଆଟି ଉଡ଼ିଗଲା । ପର ଗଜୁରିଗଲା ତ ! ଉଡିବାକୁ ଶିଖିଗଲା ସିଏ ।

ବବି ତା'ର ଚିରାଚରିତ ପରିହାସ ସୁଲଭ ଭଙ୍ଗୀରେ କହିଲା - ଆହା ! ତମକୁ ପୂରାପୂରି ଏକୁଟିଆ କରି ତମ ଗେହ୍ଲା ଚଢ଼େଇଛୁଆ ଉଡ଼ିଗଲା ଶେଷ ପର୍ଯ୍ୟନ୍ତ ? କୁଆଡ଼େ ଉଡ଼ିଗଲା ତମ ଚଢ଼େଇଛୁଆ ମାମା ?

ରୁଦ୍ଧଗଳାରେ ମୁଁ ଜବାବ୍ ଦେଲି - ଆମେରିକା ।

●●●



Digitized by srujanika@gmail.com

# ସାବିତ୍ରୀ

କ୍ୟାପିଟାଲ୍ ମାର୍କେଟ୍‌ର ଜନବହୁଳ ମୁଖ୍ୟରାସ୍ତାରେ ବୁଲିବୁଲି, ଫୁଟ୍‌ପାଥ୍‌କୁ ଲାଗି ବସିଥିବା ଜଣେକ ଫେରିବାଲାଠାରୁ ବିନ୍ଦି ଓ ସେଫ୍‌ଟିପିନ୍ କିଣିଲାବେଳେ ଇ ସମୀର ଓ ଇନ୍ଦୁଙ୍କ ସହିତ ମୋର ଭେଟ ।

ରାସ୍ତା କଡ଼କୁ ଥିବା ପାର୍କିଙ୍ଗ୍ ସ୍ପେସ୍‌ରେ ଦୁଇଟି ମାରୁତି ଗାଡ଼ି ମଧ୍ୟସ୍ଥିତ ସଂକୀର୍ଣ୍ଣ ପରିସର ଭିତରେ ସ୍ୱ ମଟରସାଇକଲ୍‌ଟିକୁ ସୁବ୍ୟବସ୍ଥିତ ଭାବରେ ରଖିବା ପାଇଁ ସଯତ୍ନ ପ୍ରୟାସ କରୁଥିଲେ ସମୀର । ପାଖରେ ଇନ୍ଦୁ । ଇନ୍ଦୁଙ୍କ ହାତରେ ପ୍ରକାଣ୍ଡ ଏକ ଥଳି ଏବଂ ତା' ଭିତରୁ ଉଙ୍କି ମାରୁଛି ବିଭିନ୍ନ ପ୍ରକାରର ଦରପାଚିଲା ଫଳସବୁ । ଥଳିଟି ସାବଧାନତା ସହ ଡ଼ିକି ଭିତରେ ରଖି ଓ ମଟର ସାଇକେଲ୍‌ଟିରେ ଚାବି ପକାଇ ଦିହେଁ ହସି ହସି ମୁହାଁଇଲେ ମୋ' ଆଡ଼େ ।

- ଏଠି କଅଣ କରୁଚ ଭାଉଜ ? ଏକା ଏକା । ଇନ୍ଦୁ ପଚାରିଲେ ।

- ବୋହୂ ଯାଇଛି ଉତ୍କଳିକା । ଯେତେବେଳେ ବି ଆମେରିକାରୁ ଆସେ ତା'ର ସେଠାକାର ଭାରତୀୟ ସାଙ୍ଗମାନେ ଓଡ଼ିଶୀ ଶାଢ଼ୀପାଇଁ ବରାଦ କରିଥାଆନ୍ତି । ତା'ର ତିନି ଚାରୋଟି ଶାଢ଼ୀ କିଣିବାର ଅଛି । ନାତି, ନାତୁଣୀଙ୍କ ପାଇଁ ମଧ୍ୟ କିଛି ପୋଷାକ କିଣିବ । ତା' ସହିତ ନିଜ ପାଇଁ ପିପିଲି ଛତା, ପଥରର ଗଣେଶ ମୂର୍ତ୍ତି ଏବଂ ପିତ୍ତଳର ଫୁଲ୍‌ଦାନୀ । ପ୍ରାୟ ଦେଢ଼ ଦୁଇ ଘଣ୍ଟାର ବ୍ୟାପାର । ସିଏ ତା'ର ବଛାବଛି କରୁଛି ଭିତରେ । ମୋ'ର ତ କିଛି କିଣିବାର ନାହିଁ । ବୁଲି ବୁଲି ବଜାର ଦେଖୁଛି । ବେଶ୍ ମଜା ଲାଗୁଛି । କେତେ ପ୍ରକାର ଜିନିଷ ଯେ ଫେରିବାଲାମାନେ ବିକୁଛନ୍ତି ଏଠି ।

ମତେ କଥା ମଝିରେ ଅଟକାଇ ଇନ୍ଦୁ ପଚାରିଲେ - କାଲିପାଇଁ ଫଳମୂଳ ଇତ୍ୟାଦି କିଣିସାରିଲଣି ?

- କାଲି ପାଇଁ ? କାଲି କଅଣ କି ?

- ଆରେ ! କାଲି ପରା ସାବିତ୍ରୀ ଅମାବାସ୍ୟା ।. ଇନ୍ଦୁ କହିଲେ ।

- ଓହୋ ! କାଲି ତା.ହେଲେ ସାବିତ୍ରୀ ଅମାବାସ୍ୟା । ମୁଁ ଜାଣିନଥିଲି । ତେବେ ଜାଣିଲେ ବି ମୋ ପାଇଁ କିଛି ଫରକ୍ ପଡ଼ିବନି । କାରଣ ମୁଁ ସାବିତ୍ରୀ ବ୍ରତ କରେନି ।



Digitized by srujanika@gmail.com

ଏ ଯାବତ୍ ନୀରବ ରହିଥିବା ସମୀର ଏକପ୍ରକାର ବିସ୍ମୟରେ ହତବାକ୍ ହୋଇ ଏଥରକ ମନ୍ତବ୍ୟ କଲେ - ସାବିତ୍ରୀ ବ୍ରତ କରନି ? ସ୍ତ୍ରୀମାନେ ସ୍ୱାମୀଙ୍କର ମଙ୍ଗଳମନାସି ଯେମିତି ହେଲେ ତ ଏ ବ୍ରତଟି କରିବା କଥା । କି ଭଳି ସ୍ତ୍ରୀ ତମେ ଭାଉଜ ? ଭାଇନାଙ୍କ ପାଇଁ ବ୍ରତ ରଖୁନ ? ମୁଁ ଯେ ବିଶ୍ୱାସ କରିପାରୁନି ତମ କଥାକୁ ।

ବୁଝିପାରିଲି - ଶତ ପ୍ରତିଶତ ଓଡ଼ିଆ ମହିଳାଙ୍କୁ ବର୍ଷ ବର୍ଷ ଧରି ସାବିତ୍ରୀ ବ୍ରତ କରୁଥିବାର ଦେଖିବାରେ ସମୀର ଏତେ ବେଶୀ ଅଭ୍ୟସ୍ତ ଯେ ଉକ୍ତ ବ୍ରତଟି ପ୍ରତି ମୋର ଏତାଦୃଶ ଔଦାସୀନ୍ୟ ତାଙ୍କୁ କିଛି ମାତ୍ରାରେ ବିଭ୍ରମରେ ପକାଇ ଦେଇଛି । ତାଙ୍କ ମନଭିତରେ, ମୋ'ର ପାତିବ୍ରତ୍ୟର ଗାରିମା ଯଥେଷ୍ଟ ପରିମାଣରେ କ୍ଷୁଣ୍ଣ ହୋଇଛି ନିଶ୍ଚୟ ।

ମୁଁ ମୃଦୁ ହସି କହିଲି - ବାହାହୋଇକି ଗଲି ଆସାମ । ତା' ପରେ ପରେ ମିଜୋରାମ୍ । ଏଭଳି ସବୁଜାଗା ଯେ ଓଡ଼ିଆ ମଣିଷଟିଏ ବର୍ଷବର୍ଷ ଧରି ଦେଖିବାକୁ ମିଳେନି । ପର୍ବପର୍ବାଣି ବା ଓଷା ଉପାସର ତିଥି ଜାଣିବା ମୁସ୍କିଲ୍ । ଓଡ଼ିଶା ଫେରିଲି ତମ ଭାଇନାଙ୍କ ରିଟାୟାରମେଣ୍ଟ ପରେ । ଜୀବନଯାକ ତ ସାବିତ୍ରୀ ଅମାବାସ୍ୟା କରିନି । ଆଜି ଆଉ ନୂଆ କରି କି ବ୍ରତ ରଖିବି ଏ ବୟସରେ ? ତା' ଛଡ଼ା ଯେତେବେଳେ ଯେଉଁଠି ବି ଈଶ୍ୱରଙ୍କ ଆଗରେ ମଥା ନୂଆଁଏ, ତମ ଭାଇନାଙ୍କ ମଙ୍ଗଳକାମନା ଇ ଆପେ ଆପେ ମନକୁ ଆସେ । ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ କଅଣ ବା ଆଉ ଅଧିକା ତାଙ୍କ ପାଇଁ ମାଗିବି ଭଗବାନଙ୍କୁ ?

ମୋ'ର ଉତ୍ତର କିନ୍ତୁ ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ କରିପାରିଲାନି ସମୀରଙ୍କୁ । ତାଙ୍କ ମୁହଁର ଅଭିବ୍ୟକ୍ତି ମତେ ବୁଝାଇଦେଲା, ସତେ ଅବା ଏ ବ୍ରତଟି ପାଳନ ନ କରି ମୁଁ ଏକ ମାରାତ୍ମକ ଅପରାଧ କରିପକାଇଛି । ଏବଂ ଗୋଟିଏ ଓଡ଼ିଆ ଗୃହବଧୂପାଇଁ ଏଭଳି ଅପରାଧ ଅକ୍ଷମଣୀୟ । କିଞ୍ଚିତ୍ ତୀର୍ଯ୍ୟକ୍ ଭାବରେ ନିଜର ଅସନ୍ତୋଷ ଜାହିର୍ କରିବାକୁ ଅବଶ୍ୟ ଭୁଲିଲେନି ସମୀର । ଗମ୍ଭୀରଭାବରେ କହିଲେ - ତମେ ଯେତେ ଯାହା କହ ପଛେ, ଏଇଟା କିନ୍ତୁ ଠିକ୍ କାମ କରୁନ ଭାଉଜ । ଏଇଟାତ ଏକରକମ ଭାଇନାଙ୍କ ପ୍ରତି ଅବହେଳା ।

କଥାର ମୋଡ଼ ଘୂରାଇ ମୁଁ ପଚାରିଲି - ଡ଼ିକିରେ ପେଟୁଆ ଥଳିଟିଏ ରଖିବାର ଦେଖିଲି ଯେ ! କଅଣ ସବୁ ଏତେ ଜିନିଷ କିଣିଲ ?

ସମୀର କହିଲେ - ସେ ବ୍ୟାଗ୍‌ରେ ଫଳମୂଳ ଠେସା ! ଇନ୍ଦୁ କହିଲା ତା'ର ଏକୋଇଶ ପ୍ରକାର ଫଳ ଦରକାର । କେଉଁଠି ଏତେ ପ୍ରକାର ଫଳ ମିଳୁଚି କହିଲ ଭାଉଜ ? ତେବେ ବି ଖୋଜି ଖୋଜି ଅନେକପ୍ରକାର ଫଳ ଆଜି ସିଏ କିଣି ପକେଇଚି ଫଳବଜାରରୁ ।

- ପର୍ବ ଯୋଗୁ ଦାମ୍ ବେଶ୍ ଚଢ଼ା ହୋଇଥିବା ନିଶ୍ଚୟ । ମୁଁ କହିଲି ।

ସମୀର କହିଲେ - ହଁ ପରା ! ରଜନୀଗନ୍ଧା·କଦ୍ଳର ବ୍ଡ଼ବଲ ସାଇଜ କଦଳୀ, ଦେଖିଲେ ହସ [illegible] । ତା' ଡ଼ଜନ ପୁଣି କୋଡ଼ିଏ ଟଙ୍କା । ସାନ ପଣସଟିଏ,



Digitized by srujanika@gmail.com

ତିରିଶ ଟଙ୍କା କହିଲା । ସପୁରୀ ଯାହା ମିଳିଲା ସିଏ ପୂରାପୁରି ଦରପାଚିଲା । ଖଜୁରୀକୋଳି, ତାଳସଜ ଓ ଲିଚୁ ପାଇଁ ହାଟ ସାରା ବୁଲି ବୁଲି ନାକେଦମ୍ । ଶେଷକୁ ହାଟକଡ଼ରେ ଗୋଟିଏ ଲୋକ ପୁଞ୍ଜାଏ ହବ ଡ଼େମ୍ଫ ଲଗା ଖଜୁରୀକୋଳି ଧରି ବସିଥିବାର ଦେଖିଲୁ । ପୂରାପୂରି କଞ୍ଚା, ଚୋପା ସାମାନ୍ୟ ହଳଦିଆ ରଙ୍ଗ ଧରିଚି । ତାକୁ ଇ କିଣିକି ଆଣିଲୁ ଶେଷ ପର୍ଯ୍ୟନ୍ତ ।

- ଏବେ ତ ଆମ୍ବର ଋତୁ । ଆମ୍ବ ତ ଭଲ ମିଳୁଥିବ । ମୁଁ କହିଲି ।

ସମୀର କହିଲେ - ଏଇ ବ୍ରତପାଇଁ ଚାହିଦା ଏତେ ବେଶୀ ଯେ ଆମ୍ବବାଲା ଦାମ୍ ଦିଗୁଣ କରି ଦେଇଛି । ଭଲ ବାଇଗଣ ପଲେଇ ଆମ୍ବ ମିଳିଲା ଅବଶ୍ୟ । କିଲୋ କିନ୍ତୁ ପଇଁତିରିଶି ଟଙ୍କା । ଭାଗ୍ୟ ଭଲ । ଗଲା ସପ୍ତାହରେ ପରିବା କିଣିଲାବେଳେ ନଡ଼ିଆ ଯୋଡ଼େ ନେଇ ଆସିଥିଲି । ସେ ଯୋଡ଼ାକ ଘରେ ପଡ଼ିଛି । ଆଉ କିଣିବା ଦରକାର ହେଲାନି ।

ଏ ଯାବତ୍ ନୀରବ ହୋଇ ଆମ ବାର୍ତ୍ତାଳାପ ଶୁଣୁଥିବା ଇନ୍ଦୁ ସମୀରଙ୍କ ଆଡ଼କୁ ଏକ ସୁମଧୁର ଅପାଙ୍ଗ ନିକ୍ଷେପ କରି କହିଲେ - ବାଃ, ଫଳମୂଳ ଆଉ କିଣନ୍ତିନେଇଁ ନା ! ସବୁ ତ ତମରି ପାଇଁ । କେଉଁ ମୋ ନିଜ ପାଇଁ କିଣୁଛି କି ?

ପତ୍ନୀଙ୍କର ପତିପ୍ରେମର ଏତାଦୃଶ ମନ୍ତବ୍ୟରେ ମୁଗ୍ଧ ହେଇ ସମୀର କହିଲେ - ତା' ଅବଶ୍ୟ । ମୁଁ କହିଲି - ଫଳମୂଳ ତ ସବୁ କିଣିସାରିଲଣି କହୁଚ । ହଠାତ୍ ଏଠି ଯେ !

ଇନ୍ଦୁ କହିଲେ - ବାଃ ! ନୂଆଶାଢ଼ୀ କିଣିବିନି ? ଫେରିଲାବାଟରେ ଅଳତା, ସିନ୍ଦୂର, ଚୁଡ଼ୀ ଓ କୁଙ୍କୁମ ନେଇଆସିଛି । ଶୁଣିଲି 'ସୁଜାତା'ରେ କୁଆଡ଼େ ବହୁତ ନୂଆ ଡ଼ିଆଇନ୍‌ର ଶାଢ଼ୀ ସବୁ ଆସିଚି ଏଥରକ । ସେଇଠୁ ଏଥରକ ଶାଢ଼ୀ କିଣିବି ବୋଲି ମୁଁ କହିଦେଇଛି ଯାଙ୍କୁ ।

ସୁଜାତା ଶାଢ଼ୀ ଦୋକାନଟି ଆମେ ଠିଆ ହେଇଥିବା ସ୍ଥାନଠାରୁ ସାମାନ୍ୟ ଦୂରରେ ଥିଲା । ସମୀର କହିଲେ - ଇନ୍ଦୁ ତମେ ଯାଅ, ଶାଢ଼ୀ ପସନ୍ଦ କର । ମୁଁ ତ ସେ ସବୁ ବିଷୟରେ ଅଜ୍ଞ ଓ ଅନାଡ଼ି । ମୁଁ ବରଂ ଦୋକାନ ସାମ୍ନାରେ ବୁଲିବୁଲି ଭାଉଜଙ୍କ ସାଙ୍ଗେ ଗପ କରୁଛି । ତମେ ଶାଢ଼ୀ ବାଛି ସାରିଲେ ମତେ ଡ଼ାକିବ ।

ଇନ୍ଦୁ କ୍ଷିପ୍ର ପଦପାତରେ ଶାଢ଼ୀ ଦୋକାନ ଭିତରକୁ ପ୍ରବେଶ କଲେ । ସମୀର ଓ ମୁଁ ସମୟ କାଟିବା ପାଇଁ ପାଖାପାଖି ବସିଥିବା ଫେରିବାଲାମାନଙ୍କ ଦ୍ୱାରା ସଜ୍ଜିତ ପ୍ଲାଷ୍ଟିକ୍ ଫୁଲ ଓ ପତ୍ରାବଳୀର ଶୋଭା ନିରୀକ୍ଷଣ କରିବାରେ ଲାଗିଲୁ ।

ସମୀର ଓ ଇନ୍ଦୁଙ୍କ ସହିତ ମୋର ପରିଚୟ ପ୍ରାୟ ବର୍ଷକର । ଭୁବନେଶ୍ୱରରେ ମୁଁ ବାସ କରୁଥିବା କୋଠାଟି ଦୁଇମହଲା ବିଶିଷ୍ଟ । ଉପରେ ଆମେ ରହୁ । ତଳ



Digitized by srujanika@gmail.com

ମହଲାରେ ସାମ୍‌ନାରେ ସାନ କୋରିୟର୍ ଅଫିସ୍‌ଟିଏ । ପଛପଟର ତିନିବଖରା ଭଡ଼ା ନେଇ ସମୀର ଓ ଇନ୍ଦୁ ରହନ୍ତି । ସେମାନଙ୍କର ଏକମାତ୍ର କନ୍ୟା ନୀତା ବି.କମ୍ ପଢ଼େ । ଏବେ ଖରାଛୁଟିରେ ଜେଜେବାପାଙ୍କ ପାଖକୁ ବୁଲିବା ପାଇଁ ପୁରୀ ଯାଇଛି ।

ଅଳ୍ପଦିନ ଭିତରେ ପରିବାରଟି ସହିତ ବେଶ୍ ଘନିଷ୍ଠତା ହୋଇଉଠିଛି ଆମର । ସମୀର ସମୟ ପାଇଲେ ପ୍ରାୟ ଆସନ୍ତି । ଗପ କରିଯାଆନ୍ତି ବିନୟଙ୍କ ସାଥିରେ । ଯାହା ଘରେ ରନ୍ଧା ହୋଇଥାଏ, ଦେଲେ ଭାରି ସନ୍ତୁଷ୍ଟ ହେଇ ଖାଆନ୍ତି ମଧ୍ୟ । କେଜାଣି କାହିଁକି ମୋ' ହାତରନ୍ଧା ପ୍ରତି ସମୀରଙ୍କ ପକ୍ଷପାତିତ୍ୱ ବହୁତ ବେଶ ।

ରାସ୍ତାକଡ଼ର ନାଲି, ନେଳି ପ୍ଲାଷ୍ଟିକ୍ ଫୁଲକୁ ଚାହିଁ ଚାହିଁ ଅନ୍ୟମନସ୍କ ଭାବରେ ସମୀରଙ୍କ ପରିବାରଟିର କଥାଇ ଭାବୁଥିଲି । ସମ୍ବିତ୍ ଫେରିପାଇଲି ଇନ୍ଦୁଙ୍କ ଡ଼ାକରେ । ଶାଢ଼ୀ ଦୋକାନରୁ ବାହାରି ଆସି ତାଙ୍କର ଶାଢ଼ୀ ପସନ୍ଦ ହେଇଯାଇଛି ବୋଲି ଇନ୍ଦୁ ଜଣାଉଥିଲେ । ଏବେ ସମୀରଙ୍କର ପଇସା ଦେବାର ପାଳି ।

ଦୋକାନ ଭିତରେ ପଶି ଦେଖେ ସେଠାରେ ପ୍ରଚୁର ଗହଳି ଓ କଳରବ । ଅଜସ୍ର ସୁଖୀ ଓ ସୁବେଶା ମହିଳାଙ୍କର ଜମ୍‌ଜମାଟ ସମାବେଶ । ସାଥିରେ ବଶମ୍ବଦ ପତିଦେବମାନେ । କାଉଣ୍ଟର ଉପରେ ଇନ୍ଦ୍ରଧନୁର ବର୍ଣ୍ଣାଢ଼୍ୟ ବିଭା ସୃଷ୍ଟି କରି ଖୋଲା ହେଇ ପଡ଼ିଛି ଥାକ ଥାକ ବିଚିତ୍ରବର୍ଣ୍ଣା ଶାଢ଼ୀ । ମହିଳାଗଣ ସେଇ ଠେଲା ପେଲା ଭିତରେ ପଶି ଏକାଗ୍ରଚିତ୍ତରେ ଶାଢ଼ୀ ବାଛି ଲାଗିଛନ୍ତି ।

- ବାବାଃ ! ଏତେଭିଡ଼ ! ଏଠି ଯେ ନିଃଶ୍ୱାସ ନେବା ମୁସ୍‌କିଲ୍ । ମୁଁ କହିଲି ।

- ଭାଇଜ, ସାରା ସହର, ସାନବଡ଼ ଯେଉଁ ଦୋକାନକୁ ଯାଅ, ଏଇମିତି ଭିଡ଼ ପାଇବ ଆଜି । ସାବିତ୍ରୀ ବ୍ରତ ପାଇଁ ଶାଢ଼ୀ କିଣା । କଅଣ କମ୍ କଥା । ସମୀର ହସି ହସି ଜବାବ୍ ଦେଲେ ।

ଭିଡ଼ କାଟି, ବହୁ କଷ୍ଟରେ ଇନ୍ଦୁ ଆମକୁ ଭିତର ପର୍ଯ୍ୟନ୍ତ ନେଇ, ସିଏ ପସନ୍ଦ କରିଥିବା ଶାଢ଼ୀଟି କାଉଣ୍ଟର ଉପରୁ କାଢ଼ି ଆମକୁ ଦେଖାଇଲେ । ଚମତ୍କାର ପିଓର ସିଲ୍‌କ ଶାଢ଼ୀଟିଏ । ସାନ୍ଧ୍ର ବୁଣା । ମସୃଣ ଆକାଶୀନୀଳ ଜମି ଉପରେ ଥୋକା ଥୋକା ମଲ୍ଲିଫୁଲର ଛାପ । ଶାଢ଼ୀଟି ଛାତିଉପରେ ମେଲାଇ ଧରି ସମୀରଙ୍କୁ ଚାହିଁ ଇନ୍ଦୁ କହିଲେ - ଦେଖିଲ ! ଭଲ ଦିଶୁନି ମତେ ? ଶାଢ଼ୀଟିର ଦାମ୍ ପ୍ରକୃତରେ ବହୁତ ବେଶୀ । ସାବିତ୍ରୀ ପାଇଁ କୋଡ଼ିଏ ପର୍ସେଣ୍ଟ ରିବେଟ୍ ଦେଉଥିବା ହେତୁ ବାରଶ ଟଙ୍କାରେ ମିଳୁଛି । ଏଇ ରଙ୍ଗର ଶାଢ଼ୀଟିଏ ପିନ୍ଧିବା ପାଇଁ କେବେଠୁ ଯେ ମୋ'ର ଇଚ୍ଛା ଥିଲା !

ଶାଢ଼ୀଟିର ଦାମ୍ ବାରଶଟଙ୍କା ଶୁଣି ଏଯାବତ୍ ହାସ୍ୟମୁଖର ଥିବା ସମୀରଙ୍କ ମୁହଁର ଅଭିବ୍ୟକ୍ତିରେ ଅଚାନକ୍ ଏକ ପରିବର୍ତ୍ତନ ଲକ୍ଷ୍ୟ କଲି ମୁଁ । ଇଙ୍ଗିତରେ ଇନ୍ଦୁଙ୍କୁ ବାହାରକୁ ଡ଼ାକି ଓ ଦୋକାନ ସାମନା ପିଣ୍ଡାରେ ଠିଆହୋଇ କିଛୁତ୍ ଦ୍ୱିଧାଜଡ଼ିତ



Digitized by srujanika@gmail.com

କଣ୍ଠରେ ସମୀର କହିଲେ – ଇନ୍ଦୁ ମୋ' ପାଖରେ ଏବେ ଏତେ ଟଙ୍କା ନାହିଁ । ଫଳମୂଳରେ ଗୁଡ଼ାଏ ପଇସା ଖର୍ଚ୍ଚ ହେଇଗଲା । ତମେ ପୁଣି ଶାଢ଼ୀ ସାଥିରେ ମ୍ୟାଚିଙ୍ଗ୍ ସାୟା ଓ ବ୍ଲାଉଜ କିଣିବ କହୁଥିଲ । ଛ' ଶହ ଖଣ୍ଡେ ଟଙ୍କା ପର୍ସରେ ଅଛି । ତମେ ବରଂ ପାଁଶ ଟଙ୍କା ଭିତରେ ସୂତାଶାଢ଼ୀ ଖଣ୍ଡେ ଦେଖ । ବିଧିରକ୍ଷା ପାଇଁ ନୂଆଲୁଗା ଖଣ୍ଡେ ପିନ୍ଧିବା କଥା ତ ! ମାସ ଆରମ୍ଭ ହୋଇଛି । ସାରା ମାସର ଖର୍ଚ୍ଚ ପୁଣି ଅଛି ଆଗକୁ ।

ସମୀରଙ୍କ କଥା ଶୁଣି ଆରକ୍ତ ମୁହଁରେ ରାଗ ତମ୍ ତମ୍ ହୋଇ ମତେ ଚାହିଁ ଇନ୍ଦୁ କହିଲେ – ଦେଖୁଚ ଭାଇଜ ! କି ଅପଦସ୍ଥ ମୁଁ ହେବି କହତ ଏବେ ଦୋକାନୀ ସାମ୍‌ନାରେ । ଏ ଶାଢ଼ୀଟି ନେବି ବୋଲି ତାକୁ କହିସାରିଲିଣି । ଏଇଲେ ପୁଣି ଯାଇ ତାକୁ କହିବି, ମୋ ସ୍ୱାମୀଙ୍କର ପଇସା ନାହିଁ, ତେଣୁ ଶାଢ଼ୀଟି ନେଇପାରିବିନି । ପ୍ରକୃତରେ ଅନ୍ୟ ଜଣେ ଭଦ୍ରମହିଳା ଏ ଶାଢ଼ୀଟି ନେବେ ବୋଲି ଜିଦ୍ କରୁଥିଲେ । ମୁଁ ପ୍ରଥମେ ଧରିଥିଲି ବୋଲି ଦୋକାନୀ ମତେ ଦବାପାଇଁ ରାଜି ହେଇଛି । ଦେଖୁଚ ତ ଏଠି ! ସ୍ତ୍ରୀ ଲୋକମାନେ କିଭଳି ଦାମୀ ଦାମୀ ଶାଢ଼ୀ ବାଛିକି ନେଇ ଯାଉଛନ୍ତି ! ସେମାନଙ୍କ ସ୍ୱାମୀମାନେ ପୁଣି ପଇସା ଦେଉଛନ୍ତି ନା ନାଇଁ ? ଅଥଚ ସାମାନ୍ୟ ବାରଶହଟା ଟଙ୍କା ଖର୍ଚ୍ଚ କରିବାର କ୍ଷମତା ନାହିଁ ଯାଙ୍କର ।

ସମୀରଙ୍କ ଆଡ଼େ ଚାହିଁ ଦେଖିଲି । ତାଙ୍କର ଆର୍ଥିକ ଅସ୍ୱଚ୍ଛଳତା ସଂପର୍କରେ ଇନ୍ଦୁଙ୍କର ଏତାଦୃଶ ବିରୂପ ଇଙ୍ଗିତରେ ବେଶ୍ ଅପଦସ୍ଥ ବୋଧ କରି ଏକ ଅସହାୟ ଭଙ୍ଗୀ ନେଇ ବିଚରା ଚୁପ୍‌ଚାପ୍ ଛିଡ଼ା ହେଇଛନ୍ତି ଆମ ସାମ୍‌ନାରେ ।

ଦାମ୍ପତ୍ୟ କଳହର ଏଇ ଜଟିଳ ନାଗଫାଶରୁ ଓହରିଯିବାର ଏକ ସହଜ ଉପାୟ ବାହାର କରି ମୁଁ କହିଲି – ବୋହୂର କିଣାକଟା ଯା' ଭିତରେ ସରିଯିବଣି ନିଶ୍ଚୟ । ବ୍ୟସ୍ତ ହେଇ ଖୋଜୁଥିବ ମତେ । ଏଠାକାର ରାସ୍ତାଘାଟ କିଛି ଜାଣେନି ତ ! ମୁଁ ବରଂ ଯାଏ ତା' ପାଖକୁ । ସମୀର ଓ ଇନ୍ଦୁଙ୍କ ଦୋକାନ ସାମ୍‌ନାରେ ଛାଡ଼ି ମୁଁ ଦ୍ରୁତଗତିରେ ପାଦବଢ଼ାଇଲି ଉତ୍କଳିକା ଆଡ଼େ ।

ଘରେ ପହଞ୍ଚି ରାତିରେ ରାନ୍ଧିସାରି ବିନୟଙ୍କ ପାଇଁ ଖାଇବା ବାଢୁଛି, ହଠାତ୍ କଲିଂବେଲ୍ ବାଜିଲା । ଖୋଲି ଦେଖେ ସମୀର ।

ମତେ ଦେଖି ସାମାନ୍ୟ କୁଣ୍ଠିତ ଗଳାରେ କହିଲେ – ଭାଇନା ଶୋଇଗଲେଣି କି ? ଅସମୟରେ ଆସିକି ହଇରାଣ କଲି ବୋଧେ । ଆସିଥିଲି ଏ ମାସର ଘରଭଡ଼ା ଟଙ୍କାଟା ଦବାପାଇଁ ।

– କିଏ ସମୀର ? ଆସ, ଆସ । ମୋ'ର ଶୋଇବାବେଳ ହେଇନି ଏବେ । ବାହାରେ କାହିଁକି ଠିଆ ହେଲ ? ଭିତରକୁ ଆସ । ସମୀରଙ୍କ ସ୍ୱର ଶୁଣି ବିନୟ ଡ଼ାଇନିଂ ଟେବୁଲରୁ ଡ଼ାକ ଛାଡ଼ିଲେ । ସମୀର ଭିତରକୁ ଆସି ବିନୟଙ୍କ ସାମ୍‌ନା ଚୌକୀଟିରେ ବସି ଟଙ୍କାର ଲଫାପାଟିକୁ ସନ୍ତର୍ପଣରେ ରଖିଲେ ଟେବୁଲ ଉପରେ ।



Digitized by srujanika@gmail.com

ରୁଟି ଖାଉ ଖାଉ ବିନୟ କହିଲେ - ଏତେ ବ୍ୟସ୍ତ କାହିଁକି ହେଇ ଟଙ୍କା ଦବା ପାଇଁ ? ପରେ ଦେଇଥିଲେ ବି ଚଳିଥାଆନ୍ତା ।

- ନାଇଁ ଭାଇନା, ଘରେ ଟଙ୍କା ରହିଲେ କୁଆଡୁ କେମିତି ଖର୍ଚ୍ଚ ହେଇଯାଉଛି । ଆଗତୁରା ଦେଇଦେଲେ ଭଲ । ସମୀର ଜବାବ୍ ଦେଲେ । ତା' ପରେ ମତେ ଚାହିଁ କହିଲେ - କେତେ ବେଳେ ବଜାରରୁ ଫେରିଲ ଭାଉଜ ?

ମୁଁ କହିଲି - ଆଉ କହନା, ଫେରୁ ଫେରୁ ନଅଟା ହୋଇଗଲା । ଦୋକାନରୁ ପୁଣି ଶୈଳଶ୍ରୀବିହାର ଯିବାକୁ ପଡ଼ିଲା । ମୋ ଭଉଣୀ ଛବି ଘରେ ବୋହୂକୁ ଛାଡ଼ିଦେଇକି ଆସିଲି । ଛବି କେବେଠୁ ଲଗେଇଥିଲା ବୋହୂକୁ ଦି ଦିନ ନେଇ ତା' ପାଖରେ ରଖିବ ବୋଲି । ଆର ସପ୍ତାହରେ ବୋହୂ ଆମେରିକା ଫେରିଯିବତ ! ଆଉ ସମୟ ନାହିଁ ।

- ନଅଟାରେ ଫେରିକି ଦଶଟା ସୁଦ୍ଧା ରାନ୍ଧିକି ଭାଇନାଙ୍କୁ ଖାଇବାକୁ ଦେଇଦେଲଣି ? ସମୀର ପଚାରିଲେ ।

ମୁଁ କହିଲି - ଉପାୟ କଅଣ ? ନ ରାନ୍ଧିଲେ ଯେ ଉପାସରେ ଶୋଇବେ ସିଏ । ତମେ ତ ଜାଣ, ତମ ଭାଇନା ବାହାରର ଜିନିଷ କିଛି ଖାଆନ୍ତିନି । ଦୋକାନ ବଜାରରୁ କିଛି କିଣିଆଣିବାର ବାଟ ନାହିଁ । ତେବେ ରୁଟି ଦିଖଣ୍ଡ ଆଉ ତରକାରୀ ଟିକିଏ କରିବାକୁ କେତେ ବା ସମୟ ଲାଗେ ? ଆସିକି କରିଦେଲି ସାଙ୍ଗେ ସାଙ୍ଗେ ।

ବିନୟ ଖାଉଥିବା ଛେନା ତରକାରୀ ଆଡ଼େ ନଜର ପକେଇ ସମୀର କହିଲେ - ତରକାରୀ ରଙ୍ଗଟା କିନ୍ତୁ ଭାରି ବଢ଼ିଆ ହୋଇଛି ଭାଉଜ । ବାସ୍ନା ବି ହେଉଚି ବହୁତ ।

- ଖାଇବ ? ଅଛି ଆହୁରି ତରକାରୀ । ଦେଉଚି ଟିକଏ ଚାଖ । ଏମିତିରେ ତ ମୋ' ହାତ ରନ୍ଧା ଭାରି ପସନ୍ଦ ତମର । ମୁଁ କହିଲି ।

ବିନୟ କହିଲେ - ଖାଲି ତରକାରୀ କଅଣ ଦେଉଚୁ ? ଏକା ସାଥିରେ ରୁଟି ଦିଖଣ୍ଡ କରିଦେ ସମୀର ପାଇଁ ।

ମୁଁ କହିଲି - କେଜାଣି, କାଳେ ଖାଇସାରିଥିବେ ଭାବି ମୁଁ ଆଉ ରୁଟି କଥା କହିଲିନି ।

ସମୀର କହିଲେ - ନାଇଁ ମୁଁ ଖାଇନି । ତେବେ ତମର ଅଟା ହବତ ଭାଉଜ ?

ମୁଁ କହିଲି - ହବ, ହବ । ତମେ ସେଥିପାଇଁ ବ୍ୟସ୍ତ ହୁଅନା । ହିସାବ କରି କଅଣ ଦିପଟ ରୁଟି ପାଇଁ କିଏ ଅଟା ଚକଟେ ? ଅଟା ବଳିବ । ଫ୍ରିଜ୍‌ରେ ରଖିଥାଆନ୍ତି ।



Digitized by srujanika@gmail.com

ରୁଟି, ଛେନା ତରକାରୀ, ସାଲାଡ୍ ଓ ଲେମ୍ବୁ ଆଚାର ବାଢ଼ିନେଇ ରଖିଲି ସମୀରଙ୍କ ଆଗରେ । ଫ୍ରିଜ୍‌ରେ ଥିବା ସକାଳର ସୁଜି ପାୟସବି । ପରମ ତୃପ୍ତିରେ ଖାଇ ପାଣିପିଇ ସାରି ସମୀର କହିଲେ - ଦେଖିଲ ଭାଉଜ ! ଦାନେ ଦାନେ ପେ ଲିଖା ହୋତା ହେ ଖାନେବାଲାକା ନାମ୍ କଥାଟି କେତେ ସତ ! ଆଜି ମୋ ଡ଼ିନର୍ ତମଘରେ ଇ ଲେଖାଥିଲା ।

ମୁଁ କହିଲି - ସାମାନ୍ୟ ରୁଟି ଦିପଟ ପାଇଁ ଏତେ ବେଶୀ କୃତଜ୍ଞ ହେବା ଦରକାର ନାହିଁ ।

ବିନୟ ଖାଇସାରିଲା ପରେ ପୁଅପାଖକୁ ଇ ମେଲ୍ କରିବା ପାଇଁ ଚାଲିଗଲେ କମ୍ପ୍ୟୁଟରଂ ଟେବଲ୍ ପାଖକୁ । ସମୀର ମଧ ଯିବାପାଇଁ ଉଦ୍ୟତ ହେଲେ ଯା' ପରେ ପରେ । କହିଲେ - ଭାଉଜ, ବହୁତ ଡ଼େରି ହେଲାଣି । ମୁଁ ବରଂ ଆସେ । ତମେ ଯାଅ, ଖାଇପିଇ ବିଶ୍ରାମ କର ।

ସମୀର ଯିବାପାଇଁ ବାହାରିଲେ ଓ କବାଟ ବନ୍ଦ କରିବା ଲାଗି ମୁଁ ମଧ ତାଙ୍କ ପଛେ ପଛେ ଡ୍ରଇଂରୁମ୍ ପର୍ଯ୍ୟନ୍ତ ଆସିଲି । କିନ୍ତୁ ଦାଣକବାଟ ପାର ହୋଇ ସୁଦ୍ଧା ସିଡ଼ି ପାହାଚ ଓହ୍ଲାଇ ତଳକୁ ଯିବାର କୌଣସି ଲକ୍ଷଣ ମୁଁ ଦେଖିଲିନି ସମୀରଙ୍କ ପାଖରେ । ତଳକୁ ମୁହଁ ପୋତି ଚୁପ୍‌ଚାପ୍ ଠିଆହେଇ ରହିଲେ ସିଡ଼ିର କାଠ ହ୍ୟାଣ୍ଡଲ୍‌ଟିକୁ ଧରି ।

- କଅଣ ହେଲା ? କିଛି ଭୁଲିଆସିଲ କି ? ଚାବି ନା ରୁମାଲ୍ ? ମୁଁ ପଚାରିଲି ।

ମୋ' ପ୍ରଶ୍ନର ଉତ୍ତର ନ ଦେଇ ଅପ୍ରାସଙ୍ଗିକ ଭାବରେ ହଠାତ୍ ସମୀର କହିଉଠିଲେ- ଭାଉଜ, ତମେ ସାବିତ୍ରୀ ବ୍ରତ କରନି ବୋଲି ଅନେକ ରୂଢ଼ କଥା ଆଜି କହିପକେଇଲି ତମକୁ ବଜାରରେ । ମତେ କ୍ଷମା କରିଦିଅ ।

ସମୀରଙ୍କ ସ୍ୱରରେ ଅନୁତାପର ବ୍ୟଞ୍ଜନା ଥିଲା । ମୁଁ କହିଲି - ପାଗଳ ! ସେ ସବୁ କଥା ମୋର ଆଦୌ ମନେନାହିଁ । ଏମିତି ସାନ ସାନ କଥା ଧରି ବସିଲେ ଜୀବନ ଚଳେ ?

କିଛି ସମୟ ନୀରବ ରହି ପୁନର୍ବାର ସମୀର କହିଲେ - ଜାଣ ଭାଉଜ, ମତେ ଏବେ ଏତେ ବେଶୀ ଭୋକ ଲାଗୁଥିଲା ଯେ ତମଠୁ ଯାହା କିଛି ହେଲେ ମାଗିକି ଖାଇନେବି ବୋଲି ଆସିଥିଲି ଏଠିକି । ଉଦ୍‌ଘାଟନ୍ଧା ଦବାଟା ବାହାନା ମାତ୍ର । କିନ୍ତୁ ମୁଁ କିଛି କହିବା ପୂର୍ବରୁ ତମେ ଇ ପେଟଭର୍ତ୍ତି କରି ଖୁଆଇଦେଲ ମତେ । ସେଇ ସିଲ୍‌କ୍ ଶାଢ଼ୀଯୋଗୁ ସେଦିକିବେଳୁ ଇନ୍ଦୁ କଳି ଲଗେଇଛି ମୋ ସାଥିରେ । ଘରକୁ ଆସି ରନ୍ଧାବଢ଼ା ନ କରି ଗୁମ୍ ହୋଇ ଶୋଇଛି । ନିଜେ ଫଳ କିଣିସାରି ଚାଟ୍ ଖାଇଥିଲା ବଜାରରେ । ମୁଁ ସକାଳେ ଯାହା ଯୋଉଁ ଭାତ ଖାଇଥିଲି । ତା' ପରଠୁ



Digitized by srujanika@gmail.com

ଦାନା ପଡ଼ିନି ପେଟରେ । ଭାବିଲାନି ସୁଦ୍ଧା ଲୋକଟା ଭୋକିଲା ପେଟରେ ସାରାରାତି ଶୋଇବ କେମିତି ? ମୋ' ଲାଗି ସାବିତ୍ରୀ ବ୍ରତ କରିବ, ଅଥଚ ମୋ'ର ଅଭାବ, ଅସୁବିଧା ପ୍ରତି ନିସ୍ପୃହ ରହିବ । ସାମାନ୍ୟ ଖଣ୍ଡେ ଶାଢ଼ୀ ପାଇଁ କଷ୍ଟ ଦବ ମତେ । କି ଲାଭ ସେ ସାବିତ୍ରୀ ବ୍ରତରେ ? ଏଭଳି ବ୍ରତ ଯେ ନିସ୍ଫଳ ।

ସମୀରଙ୍କୁ କଅଣ କହି ସାନ୍ତ୍ୱନା ଦେବି ଜାଣିପାରିଲିନି । ବାକ୍‌ହୀନ ଭାବରେ କେବଳ ଠିଆ ହୋଇ ରହିଲି ତାଙ୍କ ସାମ୍ନାରେ ।

ସମୀର କହିଲେ - ବେକାର୍‌ରେ କେତେ କଷ୍ଟକର କଥା ସବୁ କହି ପକେଇଲି ଆଜି ତମକୁ । ତମପାଖରେ ଦୋଷୀ ହୋଇ ରହିଗଲି ଚିରଦିନ ପାଇଁ । ନିଜ ଆଖିରେ ତ ଦେଖିଗଲି । ଏ ବୟସରେ ବି କେତେବେଶୀ ଯତ୍ନଶୀଳ ତମେ ଭାଇନାଙ୍କ ପ୍ରତି । ହାଲିଆ ହୋଇ ବଜାରରୁ ଫେରିଚ । ତେବେ ବି ନିଜ ହାତରେ ରାନ୍ଧି ଗରମ ଗରମ ଭୋଜନ ପରଶି ଦେଲ ଭାଇନାଙ୍କୁ ।

ମୁଁ କହିଲି - ଏଇଟା ତ ନିହାତି ସାମାନ୍ୟ କଥା ।

ଉତ୍ତରରେ ମୋ'ର ହାତଦୁଇଟି ଧରି ପକାଇ ଓ ମତେ ଏକରକମ ବିସ୍ମୟାଭୂତ କରି ଆବେଗ ମିଶ୍ରିତ ଗଳାରେ ସମୀର କହିଲେ - ଏଠା ସ୍ତ୍ରୀଲୋକମାନେ ସାବିତ୍ରୀବ୍ରତ କରନ୍ତି ସିନା ଭାଉଜ, ହେଲେ ମୋ'ର ପରମ ସୌଭାଗ୍ୟ ମୁଁ ଆଜି ସ୍ୱୟଂ ସାବିତ୍ରୀଙ୍କୁ ଦେଖିଲି ତମ ଭିତରେ । ପ୍ରକୃତରେ ଅର୍ଥରେ ଯଦି କିଏ ସାବିତ୍ରୀ ବ୍ରତ କରୁଥାଏ, ସିଏ ହେଲ ତମେ । ତମେ ହିଁ କେବଳ ବୁଝିଚ ସେ ବ୍ରତର ଯଥାର୍ଥତା ।

ମୃଦୁ ହସି ମୁଁ କହିଲି - ତୁମ୍ଭାଟାରେ ଏତେ ବେଶୀ ପ୍ରଶଂସା ମୋ'ର କରନା । ହୁଏତ ମୁଁ ଏହାର ଯୋଗ୍ୟ ନୁହେଁ ।

●●●



Digitized by srujanika@gmail.com

# ଅଭ୍ୟାସ

ସୁବିମଳ ଘରୁ ବାହାରି ଚାଲିଯିବା ପରେ ଇ ଚେତା ପଶିଲା କାଦମ୍ବିନୀଙ୍କ ମୁଣ୍ଡରେ । କାରଣ ଦୀର୍ଘ ତିରିଶବର୍ଷ ବିବାହିତ ଜୀବନକାଳ ଭିତରେ, ପ୍ରଥମଥର ପାଇଁ ଏଭଳି ଏକ ଦୁଃସାହସିକ ପଦକ୍ଷେପ ନେଇଥିଲେ ସୁବିମଳ । ଘଟଣାଟି କାଦମ୍ବିନୀଙ୍କ ପାଇଁ ଥିଲା ସଂପୂର୍ଣ୍ଣ ରୂପେ ଅପ୍ରତ୍ୟାଶିତ ।

ବାହାରେ ଶେଷ ପୌଷର କୁୟାସାଚ୍ଛନ୍ନ ରାତି । ଏ ବର୍ଷ ପ୍ରଚୁର ଶୀତ ପଡିଛି । ଘର ସାମ୍ନା ସାରିବଦ୍ଧ ଦେବଦାରୁ ଗଛରୁ ଶିଶିର ନିଗିଡ଼ି ଆସୁଛି ଟୁପ୍ ଟୁପ୍ ହୋଇ । ଷ୍ଟ୍ରିଟ୍ ଲାଇଟ୍‌ର ହରିଦ୍ରାଭ ବିକିରଣ ଜମାଟବନ୍ଧା କୁହୁଡ଼ିର ଆଢୁଆଳରେ ଅନେକଟା ନିଷ୍ପ୍ରଭ । ରାସ୍ତାରେ ଜନମାନବର ଚିହ୍ନ ନାହିଁ । ପୃଥିବୀ ଢାକିଢୁକି ହୋଇ ସତେ ଅବା ନୟନମୁଦି ଘୁମେଇ ପଡ଼ିଛି ।

ସୁବିମଳ ଏମିତିରେ ଶ୍ୱାସରୋଗୀ । ଆଦୌ ଶୀତକଷ୍ଟ ସହି ପାରନ୍ତିନି । ବାହାରକୁ ଗଲେ ଇ ବେକରେ ମଫ୍‌ଲର୍ ବନ୍ଧା । ସାମାନ୍ୟ ଥଣ୍ଡାରେ ଗଳା ବସିଯାଏ । କଫ ଜମିଯାଏ ଛାତିରେ । ଆଣ୍ଟିବାୟୋଟିକ୍‌ସ୍ ଖାଇବାକୁ ପଡ଼େ ।

କାଦମ୍ବିନୀ ପିଣ୍ଡାରେ ଛିଡ଼ା ହୋଇ ରାସ୍ତାକୁ ଚାହିଁଲେ । ବିବ୍ରତ ଚିତ୍ତରେ ଗେଟ୍ ବାହାରକୁ ଯାଇ ଚତୁର୍ଦ୍ଦିଗରେ ନଜର ପକାଇଲେ ମଧ । ସୁବିମଳଙ୍କର ଚିହ୍ନବର୍ଣ୍ଣ ନ ଥିଲା । ଅନୁତାପଦଗ୍ଧ କାଦମ୍ବିନୀଙ୍କର ଆଖି ଅଜାଣତରେ ସଜଳ ହେଲା । ଟପ୍ ଟପ୍ କେଇଟୋପା ଲୁହ ବି ଝରିପଡ଼ିଲା ଆପେ ଆପେ । ଶାଲ୍‌ଟି ମୁଣ୍ଡଉପରକୁ ଟାଣି ଲେଉଟି ଅସିଲେ । ଦାଣ କବାଟଟି ବନ୍ଦ କଲେନି । ଯାହା ଭୀରୁ ମଣିଷ । ହୁଏତ ଫେରି ଆସି ସଙ୍କୋଚରେ କଲିଂ ବେଲ୍ ନ ବଜାଇ ବାହାରେ ଠିଆ ହୋଇ ରହିବେ ଅଧଘଣ୍ଟେ ଯାଏ । ଦରଜାଟି ଖୋଲା ଥିଲେ ଅନାୟାସରେ ଘରକୁ ପଶିଆସିବାର ସମ୍ଭାବନା ଅନେକ ବେଶି ।

ମନେ ମନେ କାଦମ୍ବିନୀ ଭାବିଲେ - ଆହା ! ଏଭଳି ରତ୍ନରୂପା ସ୍ୱାମୀଟିଏ ପାଇ ମଧ ତାଙ୍କର ମୂଲ୍ୟ ବୁଝିଲେନି ସିଏ । ଶଠ୍ତହୀନ, ନିର୍ମାୟା ମଣିଷ । କାହାରି ସାତପାଞ୍ଚରେ ନ ଥାନ୍ତି । କୂଟନୀତିର ଘୋରପେଞ୍ଚ ଅଜଣା । ସ୍ଫଟିକ ପରି ସ୍ୱଚ୍ଛ, ବେଦାଗ୍ ହୃଦୟ । କାହିଁକି ଯେ ଟେବ୍‌ଲ୍ ଉପରେ ଥୁଆ ହୋଇଥିବା ପେପର୍ ୱେଟ୍‌ଟି ଉଠାଇ ତାଙ୍କୁ ଲକ୍ଷ୍ୟ କରି ଫିଙ୍ଗିଲେ ଆଜି କାଦମ୍ବିନୀ । ରାଗ ସତରେ ବ୍ରହ୍ମଚଣ୍ଡାଳ । କ୍ରୋଧର ଆତିଶଯ୍ୟରେ ମଣିଷର ହିତାହିତ ଜ୍ଞାନ ବି ଲୋପ ପାଇଯାଏ । ଭାଗ୍ୟକୁ ପେପର୍‌ୱେଟ୍‌ଟି ସୁବିମଳଙ୍କ ମୁଣ୍ଡରେ ବାଜିଲାନି ସିନା ! ଲକ୍ଷ୍ୟଭେଦ କରିନପାରି ତୀର୍ଯ୍ୟକ୍ ଭାବରେ



Digitized by srujanika@gmail.com

ଯାଇ ଆଘାତ କରିଥିଲା ପଛପଟ କାନ୍ଥକୁ । କାନ୍ଥର ସାମାନ୍ୟ ପଲସ୍ତରା ଉଠିଯାଇଥିଲା ସେ ପେପରୱେଟ୍‌ର ଧକ୍କାରେ । କାଚ ପେପରୱେଟ୍‌ଟି ତଳେ ପଡ଼ି ହୋଇଯାଇଥିଲା ଖଣ୍ଡବିଖଣ୍ଡ ।

ଅନେକ ଦିନର ପୁରୁଣା ସ୍ମୃତି ହଠାତ୍ ଜାଗରିତ ହେଲା କାଦମ୍ବିନୀଙ୍କ ମନରେ । ଯୁବକବୟସରେ କି ସୁନ୍ଦର ଗୋଟିଏ ତିଳଚିହ୍ନ ଥିଲା ସୁବିମଳଙ୍କ ବାଁ ପଟ ଉପର ଓଠ ପାଖରେ । ହସିଲା ବେଳେ ସେ ତିଳଟି ସ୍ଥାନଚ୍ୟୁତ ହୋଇ ଭାରି ମନୋରମ ଦିଶୁଥିଲା ସୁବିମଳଙ୍କ ମୁହଁ । ସାରଲ୍ୟ ଓ ସଚ୍ଚୋଟ୍‌ତାର ଏକ ମିଶ୍ରପ୍ରଲେପ ଥିଲା ସେ ସୁକୁମାର ମୁହଁରେ । ପ୍ରଥମଦେଖାରେ ଓଢ଼ଣାଫାଙ୍କରୁ ସେଇ ତିଳଚିହ୍ନଟି ଉପରେ ହିଁ ନଜର୍ ପଡ଼ିଥିଲା କାଦମ୍ବିନୀଙ୍କର । କିଶୋରୀ ଛାତିଟି ଭରି ଉଠିଥିଲା ଏକ ଅହେତୁକ ଶିହରଣରେ । ବୟସର ଆଧିକ୍ୟ ହେତୁ ସୁବିମଳଙ୍କର ସେ ତିଳଚିହ୍ନଟି ଖରାଖିଆ ଚମଡ଼ା ଉପରେ ଏବେ ଅନେକଟା ନିଷ୍ପ୍ରଭ । ନିରେଖି ଦେଖିଲେ ହିଁ କେବଳ ବୁଝାପଡ଼େ । ଏବଂ କେବେ କେମିତି ତାକୁ ନିରେଖି ନିରେଖି ଏବେ ବି ମନ୍ଦାକିନୀ ମୋହମୁଗ୍ଧା ହୁଅନ୍ତି ।

ରାଗୀ ଓ ବଦ୍‌ମିଜାଜୀ କାଦମ୍ବିନୀଙ୍କ ସହିତ ଏତେବର୍ଷ ଘର କରି ଆସିଲେ ସୁବିମଳ । ଦିନେ କେବେ ଉଚ୍ଚସ୍ୱରରେ କଥାପଦେ କହିନାହାନ୍ତି ପତ୍ନୀଙ୍କୁ । ବାଧା ଦେଇନାହାନ୍ତି କେବେ କୌଣସି କାମରେ । ନୀଳକଣ୍ଠ ପରି ଗରଳ ବି ହଜମ କରିଦିଅନ୍ତି ଅକ୍ଳେଶରେ । ମିତବାକ୍, ସହିଷ୍ଣୁ ପୁରୁଷ । ଶୀତଳ ଓ ସାଧୁ ସ୍ୱଭାବ । ତାଙ୍କ ସହିତ ଟକରାଇ କରିସାରିଲା ପରେ ସଦାସର୍ବଦା ଅନୁତାପ କରନ୍ତି କାଦମ୍ବିନୀ । ମନେ ମନେ ଭାବନ୍ତି – ଆଉ ନୁହେଁ, ଯଥେଷ୍ଟ ହେଲା । ଏଣିକି ସ୍ୱାମୀଙ୍କୁ ପଦଟିଏ କଥା ବି କହିବେନି ଜୋର୍ କରି । କିନ୍ତୁ ମଣିଷର ପ୍ରକୃତି । ସ୍ୱଭାବ ମଲେ ହିଁ ତୁଟେ । ପ୍ରତିଜ୍ଞା ଭୁଲି ହୋଇଯାଏ ବାରମ୍ବାର ।

କାଦମ୍ବିନୀ ପିଲାଟି ଦିନରୁ ହିଁ ଜିଦ୍‌ଖୋର୍ ଓ ବଦ୍‌ରାଗୀ । ହୁଏତ ପରିବେଶ ହିଁ ଏହାପାଇଁ କିଛି ପରିମାଣରେ ଦାୟୀ ଥିଲା । ତିନୋଟି ପୁଅଜନ୍ମ ପରେ ବଂଶରେ ପ୍ରଥମା କନ୍ୟା । ଜେଜେମା ଓ ଜେଜେବାପାଙ୍କର ଥିଲେ ଅସମ୍ଭବ ଗେହ୍ଲା । ଜେଜେମା'ଙ୍କର ବରାଦ୍ ଥିଲା, ନାତୁଣୀ ଯେମିତି କେବେହେଲେ ବି ନ କାନ୍ଦେ । ମନେପଡ଼େ – ଶୈଶବରେ ଦିନେ ଆଷାଢ଼ର ଅଘୋର ବର୍ଷାରେ ଜିଦ୍ ଧରିଥିଲେ ଜାମୁକୋଳି ଖାଇବେ ବୋଲି । ଦଶଟଙ୍କାର ଜାମୁକୋଳି ପାଇଁ ତିରିଶଟଙ୍କା ରିକ୍ସା ଖର୍ଚ୍ଚ କରି ଜେଜେମା ତତ୍‌କ୍ଷଣାତ୍ ଯାଇଥିଲେ ଫଳବଜାର । ପିଲାବେଳେ ପିତାମହୀ ଓ ପିତା ଉଭୟଙ୍କର ଏତାଦୃଶ ଅତ୍ୟଧିକପଣିଆ ଏବଂ ଶାସନହୀନତା କାଦମ୍ବିନୀଙ୍କ ସ୍ୱଭାବକୁ ସ୍ୱାଭାବିକ ଭାବରେ କରିଦେଲା ଅସହିଷ୍ଣୁ ଓ ଅନମନୀୟ । ଏକମାତ୍ର ମା'ଇ କିଛିଟା ଶାସନ କରୁଥିଲେ । ଝିଅ ଜାବନ ! କାଲି କି କାଲି ନିଜ ସଂସାର ଗଢ଼ିବ । ପରଘରେ ଏଭଳି ବଦ୍‌ରାଗୀ ଝିଅକୁ ସମ୍ଭାଳିବ କିଏ ? କିନ୍ତୁ ଜେଜେମା'ଙ୍କର ତୀବ୍ର ପ୍ରତିବାଦରେ



Digitized by srujanika@gmail.com

ମା'ଙ୍କର ଶାସନ କୋହଳ ପଡ଼ିଯାଉଥିଲା । ମନେ ଅଛି, ଥରଟେ କୌଣସି ଏକ ଦୁଷ୍ଟାମି ହେତୁ କାଦମ୍ବିନୀଙ୍କ ମା' ବିରକ୍ତ ହୋଇ ଝିଅ ଗାଲରେ ଚାପୁଡ଼ାଟିଏ ମାରିଥିଲେ । ଜେଜେମା' ସାରାଦିନ ଅଶ୍ରୁବର୍ଷଣ ସହିତ ଅନଶନ କରି ଅନ୍ନଜଳ ଦେଉନଥିଲେ ମୁହଁରେ । କାଦମ୍ବିନୀଙ୍କ ମା'ଙ୍କୁ କ୍ଷମାପ୍ରାର୍ଥନା କରିବାକୁ ପଡ଼ିଥିଲା ଶେଷପର୍ଯ୍ୟନ୍ତ ତାଙ୍କ ପାଖରେ । ଅଙ୍ଗୀକାରବଦ୍ଧ ହେବାକୁ ପଡ଼ିଥିଲା ଝିଅ ଦେହରେ କେବେ ବି ଟିପ ନ ଛୁଆଁଇବାକୁ ।

ଝିଅ ମାଟ୍ରିକ୍ ପାଶ୍ କରୁ କରୁ ପ୍ରସ୍ତାବ ପଡ଼ିଲା ସୁବିମଳଙ୍କ ସାଥିରେ । ସୁବିମଳ ଥିଲେ କାଦମ୍ବିନୀଙ୍କ ମା'ଙ୍କର ବାଲ୍ୟସଖୀ କରୁଣାଙ୍କର ପୁତ୍ର । ବିଧବା ମାତାଙ୍କର ଏକମାତ୍ର ସନ୍ତାନ । ପିଲାଦିନୁ ପିତୃହରା । ଶିକ୍ଷିତ ଓ ସୁପ୍ରତିଷ୍ଠିତ । ଦୁଇ ପରିବାର ମଧ୍ୟରେ ହୃଦ୍ୟତା ଥିଲା । ପ୍ରସ୍ତାବଟି ଆଗତୁରା ଆସିଥିଲା କରୁଣାଙ୍କ ତରଫରୁ । ବାନ୍ଧବୀର ହାତଧରି କହିଥିଲେ - ତୋ' ଝିଅଟିକି ମତେ ଦେ । ମନା କରିବୁନି ।

କାଦମ୍ବିନୀଙ୍କ ମା' ପରିହାସ କରି ପ୍ରିୟବାନ୍ଧବୀଙ୍କୁ କହିଥିଲେ - ପିଲାଟି ଦିନୁ ତ ଦେଖୁଚୁ ବିନିକୁ । ଜେଜେମା, ଜେଜେବାପାଙ୍କର ଭାରି ଗେହ୍ଲା । ତହୁଁ ଗେଲବସର ତା' ବାପାପାଖରେ । ଭାରି ଜିଦି । ସମାଳିପାରିବୁ ?

କରୁଣା ହସିଥିଲେ । କହିଥିଲେ - କେଉଁ ଝିଅଟା ବାକି ବାପଘରେ ଗେହ୍ଲା ନୁହଁ ? ତୁ ହେଉନଥିଲୁ ନା ମୁଁ ହେଉନଥିଲି ? ଏଇ କଥା କଅଣ ରହିବ ? କାନ୍ଧରେ ପଡ଼ିଲେ ବଳେ ବଳେଇ ଶିଖିଯିବ । ମୂଳକଥା କରୁଣାଙ୍କର ଝିଅ ପସନ୍ଦ ହେଉଥିଲା । ସଉକ୍ ଥିଲା ଗୋରା ତକ୍‌ତକ୍ ବୋହୂଟିଏ କରିବାପାଇଁ । ଏବଂ କାଦମ୍ବିନୀ ଥିଲେ ତନ୍ୱୀ ଓ ରୂପସୀ । ଅନ୍ୟ କୌଣସି ଖୁଣ ନ ଥିଲା । ଅଜଣା ପରିବାରରେ ବନ୍ଧୁ ନ ବାନ୍ଧି ଚିହ୍ନା ପରିବାରରୁ ଝିଅଟିଏ ନେବାକୁ କରୁଣା ଥିଲେ ଇଚ୍ଛୁକ । ମନେ ମନେ ଭାବିଲେ - ବାପଘରେ ଅଲିଅଳ ହୋଇକି ବଢ଼ିଛି ବିନି । ସଂସାରରେ ପଶିଲେ ଆପେ ଆପେ ଦାୟିତ୍ୱଜ୍ଞାନ ଆସିଯିବ । ଏଇ ପିଲାଳିଆମି କଅଣ ରହିବ ?

କିନ୍ତୁ କାଦମ୍ବିନୀଙ୍କର ସେ ପିଲାଳିଆମି ରହିଥିଲା । କାରଣ ବାପଘର ଅପେକ୍ଷା ଶାଶୁଘରେ ସ୍ନେହ ଓ ପ୍ରଶ୍ରୟ ମିଳିଥିଲା ଆହୁରି ବେଶି । ସୁବିମଳଙ୍କର ବ୍ୟକ୍ତିତ୍ୱ ଥିଲା ଶାନ୍ତ, ସଂଯତ ଓ ମଧୁର । ବୃଦ୍ଧାଶାଶୁ ଏକମାତ୍ର ସନ୍ତାନର ପୁତ୍ରବଧୂକୁ ମୁଣ୍ଡରେ ବସାଇ ରଖିଥିଲେ । ସାନ ସାନ କଥାରେ ସେତେବେଳେ ବି ରାଗୁଥିଲେ କାଦମ୍ବିନୀ । ଶାଶୁ ସମାଳି ନେଉଥିଲେ । ପୁଅକୁ ବୁଝାଉଥିଲେ - ପିଲା ଲୋକ, କେତେ ବା ବୟସ ! ଆମ ପାଖରେ ଅଳି କରିବନି, ଜିଦ୍ କରିବନି ତ କରିବ କା' ପାଖରେ ? ପିଲାଛୁଆ ହେଲେ ବଳେ ଠିକ୍ ହୋଇଯିବ ସିଏ । ଧୈର୍ଯ୍ୟ ଆସିଯିବ ମନକୁ ମନ ।

ଶାଶୁ କିନ୍ତୁ ଚାଲିଗଲେ ଅଳ୍ପ କେଇଟା ବର୍ଷରେ - ହୃଦ୍‌ଘାତର ଶିକାର ହୋଇ । ଶାସନ କରିବାକୁ କେହି ରହିଲେନି ଘରେ । ବଦ୍‌ମିଜାଜୀ କାଦମ୍ବିନୀଙ୍କର ଡ଼ରଭୟ



Digitized by srujanika@gmail.com

ରହିଲାନି ଆଉ । ନିରୀହ, ସାଧୁପ୍ରତିମ ସୁବିମଳଙ୍କ ଉପରେ ପାଟି କରିବା ଯେମିତି ଏକ ଅଭ୍ୟାସରେ ପଡ଼ିଗଲା । ସାଧାରଣ କଥାଟିକୁ ବି କହୁଥିଲେ ଜୋର୍ ଗଳାରେ । ବେକାର କଥାରେ କରୁଥିଲେ ଯୁକ୍ତିତର୍କ - କଳି କଜିଆ ।

ସନ୍ତାନ ଗୋଟିଏ । ସୁବ୍ରତ । ପୁଅ ଘରେ ଥିବା ସମୟରେ କିଛିଟା ପୁଅକୁ ଭୟ କରୁଥିଲେ କାଦମ୍ବିନୀ । ଚେଷ୍ଟା କରୁଥିଲେ ବାର୍ତ୍ତାଳାପ ଓ ବ୍ୟବହାରରେ ସଂଯତ ହେବା ପାଇଁ । କାରଣ ପୁତ୍ର ଥିଲା ପିତାଙ୍କ ସପକ୍ଷରେ । ମା'କୁ ଧମକାଉଥିଲା କେବେ କେମିତି । ଇଞ୍ଜିନିୟରିଂ ପଢ଼ିଲାବେଳେ ଘରକୁ ଆସୁଥିଲା ମଝିରେ ମଝିରେ । କାଦମ୍ବିନୀଙ୍କୁ ମାନସିକ ଭାରସାମ୍ୟ ହରାଇବାର ଦେଖିଲେ ଏୟାର୍ ବ୍ୟାଗ୍ ଭିତରେ ଲୁଗାପଟା ଦିଖଣ୍ଡ ପୂରାଇ ବାହାରୁ ଥିଲା ଚାଲିଯିବା ପାଇଁ । କହୁଥିଲା - ତମେ ଯଦି ଏମିତି ବାପାଙ୍କ ଉପରେ ପାଟିତୁଣ୍ଡ କରିବ, ମୁଁ ଆଉ ଆସିବିନି କେବେ ଘରକୁ । ଭୟରେ କାଦମ୍ବିନୀ ଚୁପ୍ ହେଇ ଯାଉଥିଲେ । ଇଞ୍ଜିନିୟରିଂ ପାଶ୍ କରି ପୁଅ ଏବେ ବମ୍ବେରେ । ଝିଅ ଖୋଜା ଚାଲିଛି ପୁଅର ବାହାଘର ପାଇଁ । ସୁବିମଳ ଚାକିରିରୁ ଅବସର ଗ୍ରହଣ କରିଛନ୍ତି ବିଗତବର୍ଷ । ବୟସ ବି ହେଲାଣି । କାଦମ୍ବିନୀଙ୍କ ମୁଣ୍ଡବାଳ ବି ପାଚି ଆସିଲାଣି ଅଧାଅଧି । କିନ୍ତୁ ତାଙ୍କ ସ୍ୱଭାବରେ କିଛି ପରିବର୍ତ୍ତନ ହେଇନି । ଯେମିତି ହେଇନି ସୁବିମଳଙ୍କର ।

ଗତ ସପ୍ତାହ କଥା ମନେ ପଡ଼ିଲା କାଦମ୍ବିନୀଙ୍କର । ଅସମ୍ଭବ କଳିକଜିଆ କରିଥିଲେ ସୁବିମଳଙ୍କ ସହିତ । ଠିକା ଚାକରାଣୀ ଝିଅଟି ବାହାହେଇ ଅନ୍ୟତ୍ର ଚାଲିଯିବାରୁ ଘରକାମ କରିବାକୁ କେଉଁଠୁ ଗୋଟିଏ କିଶୋର ବାଳକ ଖୋଜି ନେଇ ଆସିଥିଲେ ସୁବିମଳ । ସେ ପିଲାଟି ମଧ୍ୟ ଦୁଇଦିନ ପରେ ହେଇଥିଲା ନିଖୋଜ୍ । ଏବଂ ଚାକରପିଲାଟିଏ ଯୋଗାଡ଼ କରିବାର ସାମର୍ଥ୍ୟ ନ ଥିବା ଅପାରଗ ତଥା ଅକର୍ମଣ୍ୟ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଅନେକ ସମୟ ଧରି ବିଷୋଦ୍‌ଗାର କରିଥିଲେ କାଦମ୍ବିନୀ । ନୀରବରେ ଭାତ ଖାଁଉ ଖାଉ ସେ ବିଷୋଦ୍‌ଗାର ହଜମ କରିଥିଲେ ସୁବିମଳ । କାଳେ ବାସନମାଜିବାରେ କାଦମ୍ବିନୀଙ୍କୁ କଷ୍ଟ ହେବ ବୋଲି, ସନ୍ଧ୍ୟାବେଳେ ପାଖ ଭୋଇ ସାହିକୁ ଯାଇ ଗୋଟିଏ ବୃଦ୍ଧା କାମବାଲୀ ବି ଠିକ୍ କରିଦେଲେ ।

ଉପରୋକ୍ତ ଘଟଣାଟି ସ୍ମରଣ କରି କ୍ରୋଧରେ ପାଷାଣ ହେଇଯାଇଥିବା କାଦମ୍ବିନୀଙ୍କ ହୃଦୟ ସତେ ଅବା ନରମ ପୁତ୍‌ପୁତ୍ ମହମରେ ରୂପାନ୍ତରିତ ହେବାକୁ ଲାଗିଲା । ପଶ୍ଚାତାପର ଅନଳରେ ଦଗ୍ଧ ହେଇ ସେ ମହମ ବିନ୍ଦୁ ବିନ୍ଦୁ ହେଇ ଝରିପଡ଼ିଲା ଦୁଇ ଆଖିର ପଲକରୁ । ଆହା, ଏଭଳି ସତ୍, ସରଳ ସ୍ୱାମୀଟିକୁ ସାରା ଜୀବନ ଧରି କିଭଳି ବିଡ଼ମ୍ବିତ ନ କରିଛନ୍ତି ସିଏ ! ମନେ ପଡ଼ିଲା - ବିଦାହେଲା ବେଳକୁ ଛାତିକୁ ଆଉଜେଇ ଶେଷକଥା ବୋଉ କହିଥିଲା - ସୁବିମଳ ଭାରି ନିରୀହ ପିଲା, ତାକୁ କଷ୍ଟ ଦେବୁନି । ଅଥଚ ସାରାଜୀବନ ସ୍ୱାମୀଙ୍କୁ କେବଳ କଷ୍ଟ ଓ ନିର୍ଯ୍ୟାତନା ଦେଇ ଆସିଲେ କାଦମ୍ବିନୀ । ପରିଣତ ବୟସରେ ଏବେ ଅବିମିଶ୍ର ସୁଖଶାନ୍ତିରେ ଜୀବନ ବିତେଇବା



Digitized by srujanika@gmail.com

କଥା । ଈଶ୍ୱରଙ୍କ କୃପାରୁ ଅଭାବ ତ କିଛି ନାହିଁ । ତଥାପି ଘରେ ଅହରହ ଅଶାନ୍ତି । କଥା କଥାକେ ମନାନ୍ତର ଓ କଳି ।

ଆଜିର କଳହଟି ମଧ୍ୟ ହେଉଥିଲା ଏକ ତୁଚ୍ଛ କାରଣରୁ । ଘରେ ପରିବାପତ୍ର ନ ଥିଲା । କାଦମ୍ବିନୀଙ୍କ ବରାଦକ୍ରମେ ପାଖ ଦୋକାନରୁ କିଛି ପରିବା ଆଣିବାକୁ ଯାଇଥିଲେ ସୁବିମଳ । ଏବଂ ନେଇ ଆସିଥିଲେ କିଲୋ ଲେଖାଏଁ ଜହ୍ନି ଓ କଲରା । ଘରପାଖର ସାନ ଡ଼ାଲିଚାଉଳ ଦୋକାନ । ସାମାନ୍ୟ କିଛି ପରିବା ରହେ ଡ଼ାଲାରେ । ଶୀତରାତିରେ ଦୂରବାଟକୁ ଯିବାପାଇଁ ଇଚ୍ଛା ହେଉନଥିଲା ସୁବିମଳଙ୍କର । ଏବଂ ସେ ପରିବା ଦେଖି ଅଗ୍ନିବାଣ ହୋଇ ଉଠିଥିଲେ କାଦମ୍ବିନୀ । ରୁଟି ସହିତ ଖାଇବା ପାଇଁ ଉଭୟ ଜହ୍ନି ଓ କଲରା ଯେ ଅନୁପଯୋଗୀ ସେ ସଂପର୍କରେ ସୁବିମଳଙ୍କୁ ସଚେତନ କରାଇଥିଲେ ଏବଂ ପୃଥିବୀରେ ଅଶେଷ ଚାଲାଖ ଚତୁର ମଣିଷ ଥାଉ ଥାଉ ପୂର୍ବଜନ୍ମର କେଉଁ କୁକର୍ମ ଫଳରେ ତାଙ୍କୁ ଏଭଳି ଏକ ନିର୍ବୋଧ ମଣିଷର ହାତ ଧରିବାକୁ ହେଲା, ସେ ସଂପର୍କରେ ସଂଶୟ ପ୍ରକାଶ କରିଥିଲେ ।

ସୁବିମଳ ଅବଶ୍ୟ ଗୋଟିଏ ମାରାତ୍ମକ ଭୁଲ୍ - ଯାହାକି ସଚରାଚର ସିଏ କରନ୍ତିନି - ଏଇ ସମୟରେ କରି ପକାଇଥିଲେ । କାଦମ୍ବିନୀଙ୍କ କଥାର ଜବାବଟିଏ ଦେଇ ଦେଇଥିଲେ, ଯଦିଓ ସେ ଜବାବର ସ୍ୱର ଥିଲା ଅତ୍ୟନ୍ତ ନମ୍ର । କହିଥିଲେ - ଦୋକାନଟି ତ ପାଖରେ । ରୁଟି ସହିତ କି ତରକାରୀ ହବ ମୁଁ କଅଣ ଜାଣେ ? ତମେ ନିଜେ ଯାଇ ଦେଖିଚାହିଁ ପରିବା ନେଇ ଆସିଥିଲେ ତ ଏଇ ଅସୁବିଧା ହେଉନଥାନ୍ତା ।

ଏତିକିରେ ବିଷଧର ସର୍ପ ପରି ଫଣା ଉତ୍ତୋଳନ କରିଥିଲେ କାଦମ୍ବିନୀ । ପଦକୁ ପଦ କଥା - ଦୀର୍ଘ ତିରିଶବର୍ଷ ଧରି ବିଭିନ୍ନ ସମୟରେ ବିଭିନ୍ନ ପରିସ୍ଥିତିରେ ସୁବିମଳ କରିଥିବା ନିର୍ବୋଧତାର ଏକ ଧାରା ବିବରଣୀ, ଏବଂ ସର୍ବଶେଷରେ ପେପରୱେଟ୍‌ଟି ହାତରେ ଉଠାଇ ଲକ୍ଷ୍ୟଭେଦ କରି ଫିଙ୍ଗିବାର ନିଷ୍ଠୁର ପ୍ରକ୍ରିୟା ।

ନିହାତି ଏକ ବେକାର କଥାରେ ଧୈର୍ଯ୍ୟଚ୍ୟୁତି ଘଟାଇ ଏଭଳି ଏକ ଅପ୍ରୀତିକର କାର୍ଯ୍ୟ କରିଥିବା ହେତୁ ସୁବିମଳଙ୍କ ସାମ୍ନାରେ ନିଜକୁ ବଡ଼ ବେଶୀ ଅପରାଧୀ ମନେ କଲେ କାଦମ୍ବିନୀ । ଯେତେ ପ୍ରକାର ତାର୍କିକ ସମୀକ୍ଷଣ କଲେ ସୁଦ୍ଧା ଦୋଷୀ ବୋଲି ଆଦୌ ମନେହେଲାନି ସ୍ୱାମୀଙ୍କୁ । ବରଂ ନିଜର ନିନ୍ଦନୀୟ ଚାରିତ୍ରିକ ଅସହିଷ୍ଣୁତାଟି ବେଶ୍ ସ୍ପଷ୍ଟ ରୂପେ ପ୍ରତିବିମ୍ବିତ ହୋଇ ଉଠିଲା ତାଙ୍କ ସାମ୍ନାରେ । ଆଖି ବୁଜି ଜଗନ୍ନାଥଙ୍କୁ ସୁମରଣା କଲେ । ପ୍ରଭୁ ହେ ! କେମିତି ଭଲରେ ଭଲରେ ଫେରିଆସନ୍ତୁ ଘରକୁ । ଆଉ ଦିନେ ବି କଳିକଜିଆ କରିବିନି । କି ଭଳି ଦେବପ୍ରତିମ ସ୍ୱାମୀ ମୋର ! ଦେଖୁଚି ତ ! କିଭଳି ଦୁର୍ଦ୍ଦାନ୍ତ ମଣିଷମାନଙ୍କୁ ନେଇ ଘରସଂସାର କରୁଛନ୍ତି ସ୍ତ୍ରୀମାନେ ! ପଡ଼ିଶାଘର ଶର୍ମାବାବୁଙ୍କ ସ୍ତ୍ରୀ ତ ଭୟରେ ପାଟି ଫିଟାନ୍ତିନି ସ୍ୱାମୀଙ୍କୁ । ପାନରୁ ଚୂନ ଖସିଲେ ପତିଙ୍କର ବାଦ୍‌ଶାହୀ ମିଜାଜ୍ ବିଗିଡ଼ିଯାଏ । ଏଇ ତ ସେଦିନ ମଧୁବାବୁଙ୍କ ସ୍ତ୍ରୀ କହୁଥିଲେ - ମାଛଝୋଳ କୁଆଡ଼େ ପାଣିଚିଆ ହେଉଥିଲା ବୋଲି ଭାତଥାଳି ଫିଙ୍ଗି ଲଙ୍କାକାଣ୍ଡ ସୃଷ୍ଟି



Digitized by srujanika@gmail.com

କରିଥିଲେ ତାଙ୍କ ସ୍ୱାମୀ । ଅଥଚ ସୁବିମଳ ! ଯାହା ଯେତେବେଳେ ରାନ୍ଧିକରି ଦେଉଛନ୍ତି କାଦମ୍ବିନୀ ବିନା ପ୍ରତିବାଦରେ ତାହା ଭୋଜନ କରିଛନ୍ତି । ଦିନେ ହେଲେ ଅସନ୍ତୋଷ ଜାହିର୍ କରି ନାହାନ୍ତି କେଉଁ କଥାରେ । ପଶ୍ଚାତାପରେ ଦଗ୍ଧ ହୋଇ ଶ୍ରାବଣର ମେଘଭରା ଆକାଶ ସଦୃଶ ତୁହାକୁ ତୁହା ଅଶ୍ରୁ ବିସର୍ଜନ କରି ଲାଗିଲେ କାଦମ୍ବିନୀ ।

ଲୁହ ପୋଛି ପୋଛି ପଣତକାନି ଅଧା ଓଦା ହେଲା ବେଳକୁ ବାହାରେ ଶୁଭିଲା ଏକ ମୃଦୁ ପଦଧ୍ୱନି । ଚିହ୍ନା ପାଦଶବ୍ଦ । ସୁବିମଳଙ୍କର । ଛାତିଉପରୁ ଯେମିତି ମହଣେ ଓଜନର ପଥରଟିଏ ଓହ୍ଲାଇଗଲା କାଦମ୍ବିନୀଙ୍କର । ମନ ହୋଇଗଲା ବେମାଲୁମ୍ ହାଲ୍କା । ଯାହାହେଉ, ଶେଷ ପର୍ଯ୍ୟନ୍ତ ଘରକୁ ଫେରି ଆସିଛନ୍ତି ସୁବିମଳ । ଆହା ! ଏ ନିର୍ଦ୍ଦୟୀ ଶୀତରାତିରେ କେତେ କଷ୍ଟ ପାଇଲେ ବିଚାରା !

କାଦମ୍ବିନୀ ତେରଛା ନଜର୍‌ରେ ନିରୀକ୍ଷଣ କଲେ ସ୍ୱାମୀଙ୍କର ଗତିବିଧିକୁ । ଅତ୍ୟନ୍ତ କୁଣ୍ଠିତ ଭଙ୍ଗୀରେ ସସଙ୍କୋଚ ଘର ଭିତରକୁ ପ୍ରବେଶ କଲେ ସୁବିମଳ । ଶୀତରେ ଓଠ କଳା ପଡ଼ିଯାଇଛି । ଈଷତ୍ ନ୍ୟୁବ୍ଜ ଶୋଥାଳିଆ ଚେହେରା । ବେଡ୍‌ରୁମ୍‌ରୁ ଶାଲ୍‌ଟି ଆଣି ଘୋଡ଼େଇ ହୋଇ ନୀରବରେ କାଦମ୍ବିନୀଙ୍କ ସାମ୍ନାରେ ବସିରହିଲେ କିଛି ସମୟ । ତା' ପରେ ତାଙ୍କର ପରିଚିତ ଧୀର ସ୍ୱରରେ କହିଲେ - ବିନି, ଟିକିଏ ଅଦା ପକେଇ ଚା' କରିଦବ । ଶୀତରେ ହାଡ଼ମଞ୍ଜ ଥରି ଯାଉଛି । ଯଦି ତେଜପତ୍ର ଘରେ ଅଛି ଗୋଟେ ତେଜପତ୍ର ବି ପୁଟେଇଦେବ ସେଥିରେ ।

ଅଗ୍ନିରେ ଘୃତାହୁତି ପଡ଼ିଲାପରି ସଜୋରରେ ଗର୍ଜି ଉଠିଲେ କାଦମ୍ବିନୀ । "ଯାଇ ତ ଥିଲ ଘରଛାଡ଼ିକି । ଯେଉଁଠିକି ଯାଇଥିଲ, ପିଇଲନି ସେଠି ଚା ? ରାତି ଅଧରେ ଘରକୁ ଫେରି କରିବସିଲେ କଅଣ ନା ମସଲାଦାର୍ ଚା'ର ଫର୍‌ମାଇସ୍ । ମତେ ଚାକରାଣୀ କରି ପାଇଚ, ନା ? ଜୀବନ ଯାକ ଖାଲି ଗୋଡି ଖଟୁଥିବି ତମର ! ମୋ'ରି କପାଳରେ ଇ ଥିଲା ତମପରି ଏକ ଅପଦାର୍ଥର ହାତ ଧରିବା । କି ଯେ ଭାଗ୍ୟ ନେଇ ଆସିଥିଲି ଏ ପୃଥିବୀକୁ ।

କାଦମ୍ବିନୀଙ୍କ ଆଖିରୁ ଲୁହଧାର ଶୁଖି ଯାଇଥିଲା । ବଦଳରେ, ଏ ଯାବତ୍ ବେଦନାରେ ଆର୍ଦ୍ର ହୋଇ ରହିଥିବା ନୟନରୁ ନିର୍ଗତ ହେଉଥିଲା ଦପ୍‌ଦପ୍ ଅଗ୍ନିର ସ୍ଫୁଲିଙ୍ଗ ।

ସୁବିମଳ ତାଙ୍କର ସ୍ୱଭାବସୁଲଭ ରୀତିରେ ନୀରବ ରହିଲେ ଏବଂ ଧୀର ପଦକ୍ଷେପରେ ରୋଷେଇଘରକୁ ଯାଇ ଚା' ତିଆରି କରିବା ସସ୍‌ପ୍ୟାନ୍‌ଟି ଖୋଜିବାକୁ ଲାଗିଲେ ।

•••



Digitized by srujanika@gmail.com

# ଆତ୍ମଜା

ଶୀତଋତୁ ପ୍ରାୟ ଅଧାଅଧି ହେଲାବେଳକୁ, ବଜାରର ଫଳ ଦୋକାନମାନଙ୍କରେ ଯେତେବେଳେ ସୁପୁଷ୍ଟ କମଳାଲେମ୍ବୁ ମାନଙ୍କର ଜମ୍‌ଜମାଟ୍ ଆସର ବସିସାରିଛି, ଟେଲିଫୋନ୍ ମାଧ୍ୟମରେ ପୁନଃ ପୁନଃ ଅନୁନୟ କରି, ସପ୍ତାହକ ଲାଗି କଟକ ଆସିବା ପାଇଁ ଝିଅକୁ କୌଣସି ମତେ ମନେଇ ନେଲେ ବସୁଧା । ଭାଗ୍ୟବଶତଃ ଏକ ଆନ୍ତଃସ୍କୁଲ ବିଜ୍ଞାନମେଳାରେ ଯୋଗ ଦେବା ନିମିତ୍ତ, ଗୁଡ଼ିଡ଼ୀ ତା'ର ଦୁଇଜଣ ସହପାଠୀ ତଥା ଶିକ୍ଷକଙ୍କ ସହିତ କୁରୁକ୍ଷେତ୍ର ଯିବାର କାର୍ଯ୍ୟକ୍ରମଟି ମଧ୍ୟ ପଡ଼ିଲା ଠିକ୍ ଏଇ ସମୟରେ । ଏବଂ ଘରେ କାମ କରୁଥିବା ବୃଦ୍ଧା ପରିଚାରିକାଟି ମୁକୁଳଙ୍କର ଖିଆପିଆର ଦାୟିତ୍ୱ ବହନ କରିବାଲାଗି ରାଜି ହୋଇଗଲା ବିନା ପ୍ରତିବାଦରେ । ତେଣୁ ବାପଘରକୁ ଆସିବାପାଇଁ ବିଶେଷ କିଛି ଅସୁବିଧା ନ ଥିଲା ମିଲିର ।

ଝିଅର ଆଗମନଜନିତ ସୁଖରେ ବସୁଧା ଯେତେବେଳେ ଅହେତୁକ ଭାବରେ ଉତ୍‌ଫୁଲ୍ଲ, ଠିକ୍ ସେତିକିବେଳେ ଘଟିଲା ଅଘଟଣଟି । ମିଲିର ଶାଶୁ ଓ ଶ୍ୱଶୁର ଅଚାନକ୍ ଯାଇ ପହଞ୍ଚିଗଲେ ଦିଲ୍ଲୀ । ପୁତ୍ର, ପୁତ୍ରବଧୂ ତଥା ପ୍ରିୟତମା ପୌତ୍ରୀଟି ସହିତ କେତୋଟି ଆମୋଦମୟ ତଥା ଆକାଙ୍‌କ୍ଷିତ ଦିନ ବିତାଇବା ଲୋଭରେ ।

ଖବରଟି ମିଲି ହିଁ ଦେଇଥିଲା ଟେଲିଫୋନ୍‌ରେ, କହିଥିଲା ଏଭଳି ପରିସ୍ଥିତିରେ କଟକ ଆସିବା ବର୍ତ୍ତମାନ ପାଇଁ ତା' ପକ୍ଷରେ ଅସମ୍ଭବ ।

ଖବରଟି ଗୁରୁତର ଭାବରେ ବିକ୍ଷୁବ୍ଧ କଲା ବସୁଧାଙ୍କୁ । ଶ୍ରାବଣର କୃଷ୍ଣକାୟ ଜଳବାହୀ ମେଘ ପରି ମୁହଁ ଥମ୍‌ଥମ୍ କରି ସାରାଦିନ ଏଠି ସେଠି ଘୂରି ବୁଲିଲେ ଲକ୍ଷହୀନ ଭାବରେ । ଏବଂ ସଂଜରେ, ଅଫିସ୍ ଫେରନ୍ତା ଆଶୁତୋଷ ଯେତେବେଳେ ହାତରେ ଧରିଥିବା ଠୁଙ୍ଗାରୁ କାଢ଼ି ଛଅଟି ରସସିକ୍ତ, ନାରଙ୍ଗୀ ରଙ୍ଗର କମଳାଲେମ୍ବୁ ଡ୍ରାଇନିଂ ଟେବ୍‌ଲ ମଝିରେ ଥିବା କାରୁକାର୍ଯ୍ୟମୟ ପିତଳ କଂସାଟିରେ ସଜାଇ ରଖିଲେ, ନିଜକୁ ଆଉ ସମ୍ଭାଳି ନ ପାରି ଆଖି ଲୁହ ମାଧ୍ୟମରେ ଝର ଝର କରି ଅସରାଏ ବର୍ଷିଗଲେ ବସୁଧା ।

ବିବ୍ରତ ଆଶୁତୋଷ ପଚାରିଲେ - କଅଣ ହେଲା ସୁଧା ? ହଠାତ୍ ଏମିତି କାନ୍ଦୁଚ ଯେ ! କଅଣ ହେଲା ?

ପଣତକାନିରେ ଲୁହ ପୋଛୁ ପୋଛୁ ବସୁଧା କହିଲେ - ମିଲିର ଶାଶୁଶ୍ୱଶୁର କାଲି ଯାଇ ଦିଲ୍ଲୀ ପହଞ୍ଚିଛନ୍ତି । ଦି ଚାରି ମାସ ରହିବେ ଏଇଲେ ସେଠି । ମିଲି ଏଠିକି ଆସିବ



Digitized by srujanika@gmail.com

ବୋଲି ଟିକେଟ କାଟି ସାରିଥିଲା ବୋଲି ତ ଜାଣିଚ । ଏବେ କହୁଛି ଟିକେଟ୍ ଫେରେଇ ଦବ । ବର୍ତ୍ତମାନ ପରିସ୍ଥିତିରେ କଟକ ଆସିବା ତା' ପକ୍ଷରେ ଆଦୌ ସମ୍ଭବ ନୁହେଁ ।

ମୁହଁରେ ମୃଦୁହସ ଫୁଟାଇ ସାନ୍ତ୍ୱନାମୟ ସ୍ୱରରେ ଆଶୁତୋଷ କହିଲେ - ଏଇଥି ପାଇଁ ଏତିକି ବ୍ୟସ୍ତ ହେଉଚ ? ଏଇ ତୁଚ୍ଛା କଥାରେ ? ମିଲି ଏବେ ନ ଆସି ପାରିଲାତ ନାଇଁ । ପରେ କେବେ ସୁବିଧା ଦେଖି ଚାଲିଆସିବ । ତମେ ଭୁଲିଯାଉଚ ଯେ ମୁକୁଳ ତା' ପିତାମାତାଙ୍କର ଏକମାତ୍ର ପୁତ୍ରସନ୍ତାନ । ପୁଅ ଏ ପର୍ଯ୍ୟନ୍ତ ବିଦେଶରେ ଥିଲା । ଏବେ ଏବେ ଆସିଚି ପାଖକୁ । ବୁଢ଼ାବୁଢ଼ୀ ଦୁହିଁଙ୍କର ପୁଅ ବୋହୂଙ୍କ ପାଖେ କିଛିଦିନ ଯାଇ ରହିବା ଲାଗି ସଉକ୍ ହେବାଟା ସ୍ୱାଭାବିକ୍ । ତମେ ନିଶ୍ଚୟ ସ୍ୱୀକାର କରିବ ଯେ ସମୃଦ୍ଧି ସମୃଦ୍ଧୁଣୀଙ୍କ ପରି ବନ୍ଧୁ ବହୁତ ଭାଗ୍ୟରେ ଥିଲେ ମିଳେ । ଅତ୍ୟନ୍ତ ସଜ୍ଜନ ମଣିଷ ସେମାନେ ।

ଆଶୁତୋଷଙ୍କର ବନ୍ଧୁଭାଗ୍ୟ ସଂପର୍କୀୟ ମନ୍ତବ୍ୟକୁ ସଂପୂର୍ଣ୍ଣ ରୂପେ ଉପେକ୍ଷା କରି ଗୁଁଙ୍ଗଳାରେ ବସୁଧା କହିଲେ - କମଳା ଲେମ୍ବୁ ଭାରି ଶସ୍ତା ହେଇଚି ଏବର୍ଷ । କଟକ ସହରଯାକ ନାଗପୁର ମିଠାକମଳାରେ ଭର୍ତ୍ତି । ଭାବିଥିଲି ମିଲି ଆସିବ । କମଳାଲେମ୍ବୁ ପାୟସ କରି ଖୁଆଇବି ତାକୁ । ଗଲାଥରକ ସିଏ ଆସିଲାବେଳକୁ ଖରାଦିନ ଥିଲା । ମତେ କହିଥିଲା, ମା' ତମ ହାତରନ୍ଧା କମଳାଲେମ୍ବୁ ପାୟସ ଅନେକ ଦିନ ହେଲା ଖାଇନି । ଶୀତଦିନେ ସେ ପାୟସ ଖାଇବାପାଇଁ ଆସିବି ନିଶ୍ଚୟ । କିଛି ସମୟ ଅଟକି ପୁନର୍ବାର ବସୁଧା କହିଲେ - ତମେ ଆଉ କାଲିଠୁ କମଳା ଲେମ୍ବୁ ଆଣିବନି ଘରକୁ !

ଆଶୁତୋଷ ଉଚ୍ଚସ୍ୱରରେ ହୋ ହୋ ହେଇ ହସିଉଠିଲେ ଏଥରକ । ପରିହାସ ସୁଲଭ ସ୍ୱରରେ କହିଲେ - ଓହୋ ! ତମ ମନଦୁଃଖର ଅସଲ କାରଣ ତା ହେଲେ ଏଇଆ ! ମୁଁ ସିନା ଭାବୁଥିଲି ଝିଅକୁ ଏମ୍ତିରେ କେଇଟାଦିନ ବୁଲିଯିବା ପାଇଁ ଡାକୁଚ । ତେବେ ଭିତରେ ଭିତରେ ଏ ପାୟସ ଖୁଆଇବାର ଦୂରଭିସନ୍ଧିଟି ଯେ ତମେ ମନରେ ପୋଷଣ କରିଚ ତା' ମୁଁ କେମିତି ଜାଣିବି ? ଆଚ୍ଛା କହତ ସୁଧା ! ଦିଲ୍ଲୀରେ କଅଣ କମଳାଲେମ୍ବୁ ମିଳୁନି ? ନା କମଳାଲେମ୍ବୁ କିଣିବାକୁ ତମ ଜ୍ୱାଇଁଙ୍କର ପଇସା ନାହିଁ ? ସମୃଦ୍ଧୁଣୀଙ୍କୁ ଟେଲିଫୋନ୍‌ରେ ରେସିପି ବତେଇ ଦିଅ । ପାୟସ ବନେଇକି ମିଲିକୁ ଖୁଆଇଦେବେ ।

ବସୁଧା ଏଥର ସିଧାସଳଖ ଚାହିଁଲେ ଆଶୁତୋଷଙ୍କର ମୁହଁକୁ । ତାଙ୍କର ମନେହେଲା ତାଙ୍କ ସ୍ୱାମୀଙ୍କଠାରୁ ନିର୍ବୋଧତର ମଣିଷ ପୃଥିବୀରେ ବୋଧହୁଏ ଆଉ କେହି ନାହାନ୍ତି । ବିଚରା ଏବେ ବି ବିଶ୍ୱାସ କରୁଛନ୍ତି ଯେ, ଅନ୍ୟ ଜଣେ ମଣିଷ ଗୋଟିଏ ମା'ର ସ୍ଥାନ ନେଇପାରେ । କିମ୍ବା ଏଇଆ ବୋଧହୁଏ ପିତା ଓ ମାତା ମଧ୍ୟରେ ପାର୍ଥକ୍ୟ । ଗତ ସପ୍ତାହରେ ଆଶୁତୋଷଙ୍କ ପାଇଁ କମଳାଲେମ୍ବୁ ପାୟସ ବନେଇଥିଲେ ବସୁଧା । ଆଶୁତୋଷ



Digitized by srujanika@gmail.com

ଆରାମରେ ଗିନାକଯାକ ପାୟସ ଖାଇନେଉଥିଲେ । କିନ୍ତୁ ବସୁଧା ଚାମଚଟିଏ ବି ସେ ପାୟସ ମୁହଁରେ ଦେଇପାରିନଥିଲେ । ଆଖି ଆଗରେ ନାଚିଥିଲା ମିଲିର ମାୟାମୟ କୋମଳ ମୁଖଶ୍ରୀ । ପିଲାଦିନେ ଶୀତଦିନ ପହଞ୍ଚିଗଲେ ଭ ଜିଦ୍ କରୁଥିଲା ଏଇ ପାୟସଟି ଖାଇବ ବୋଲି । ଯେତେ ବେଶୀ ପରିମାଣରେ ସେ ମିଷ୍ଟାନ୍ନଟି କଲେ ସୁଦ୍ଧା, ତାହା ସଦାସର୍ବଦା ନଅଣ୍ଟ ପଡୁଥିଲା ତାକୁ । ଝିଅ ଖାଇବ ବୋଲି ସଉକ୍ କରି ଗିନାଭର୍ତ୍ତି ପାୟସ୍ ଥରଟିଏ ବି ଆଜିଯାଏ ଖାଇପାରିନାହାନ୍ତି ବସୁଧା ।

ବିଗତ ଆଠବର୍ଷ ହେଲା ମିଲି ଥିଲା ବିଦେଶରେ । ବାହାଘରବେଳେ ମୁକୁଳ ଥିଲେ ଟି.ସି.ଏସ୍‌ରେ ସଫ୍‌ଟ ଓୟାର ଇଞ୍ଜିନିୟର । ଦୁଇବର୍ଷ ପରେ କମ୍ପାନୀ ତରଫରୁ ଯିବାକୁ ପଡ଼ିଲା ଯୁକ୍ତରାଷ୍ଟ୍ର ଆମେରିକା । କନ୍ୟା ଗୁଡ଼୍‌ଡ଼ୀ ସେତେବେଳେ ବର୍ଷକର । ଫ୍ଲୋରିଡ଼ାରେ ଆଠବର୍ଷ ରହିଲା ପରେ ଏବେ ଭାରତବର୍ଷ ଫେରି ଆସିଛନ୍ତି ମିଲି ଓ ମୁକୁଳ । ବସବାସ ଦିଲ୍ଲୀରେ । ଦିଲ୍ଲୀ ପହଞ୍ଚି ବାପା ମା'ଙ୍କ ସହିତ ଦେଖା କରିବାକୁ ମିଲି ଆସିଥିଲା ଅବଶ୍ୟ । ସେତେବେଳେ ଗୁଡ଼୍‌ଡ଼ୀର ସ୍କୁଲ୍ ଆଡମିଶନ ସଂପର୍କୀୟ ସମସ୍ୟା, ନୂଆଜାଗାରେ, ନୂଆ ଆପାର୍ଟମେଣ୍ଟରେ ଜୀବନକୁ ପୁନର୍ବାର ସ୍ଥିରୀକୃତ କରିବାର ଉଦ୍‌ବେଗ ହେତୁ ବେଶୀଦିନ ରହିପାରିନଥିଲା ମିଲି । ରହିଥିଲା ମାତ୍ର ଦୁଇଟି ଦିନ । ଗଲାବେଳେ କହିଯାଇଥିଲା, ସଂସାର ଟିକିଏ ଜମିଗଲେ, ଶୀତଋତୁରେ ଆସିବ ସିଏ । ବେଶିଦିନ ପାଇଁ । ସେଇଦିନଠୁ ଝିଅ ଆସିବାର ଦିନ ଗଣି ଲାଗିଛନ୍ତି ବସୁଧା - ଦିନ ଗଣି ଲାଗିଛନ୍ତି କେବେ ଝିଅ ଆସିବ ଓ ତାକୁ କମଳାଲେମ୍ବୁ ପାୟସ ରାନ୍ଧି ଖୁଆଇବେ ସିଏ ।

ମିଲିକୁ ଜରାୟୁରେ ପୋଷଣ କଲାବେଳେ, ଏ ମିଷ୍ଟାନ୍ନଟି ପ୍ରଚୁର ପରିମାଣରେ ଖାଇଥିଲେ ବସୁଧା । ପ୍ରଥମ ତିନିମାସ ସର୍ବପ୍ରକାର ଖାଦ୍ୟ ପ୍ରତି ଥିଲା ବିତୃଷ୍ଣା । ସବୁ ଭୋଜ୍ୟବସ୍ତୁ ପାଟିକୁ ଲାଗୁଥିଲା ବିସ୍ୱାଦ । ପଡ଼ିଶା ଘରର ସମବୟସୀ ସହଚରୀ ସବିତା ଥରେ ଏଇ ପାୟସଟି ରାନ୍ଧି ନେଇ ଆସିଥିଲେ ତାଙ୍କ ପାଇଁ । ଭାରି ସୁସ୍ୱାଦୁ ଲାଗିଥିଲା ମିଷ୍ଟାନ୍ନଟି । ପାକସ୍ଥଳୀକୁ ସୁହାଇ ବି ଯାଇଥିଲା ସହଜରେ । ଯୁବକ ସ୍ୱାମୀ ଆଶୁତୋଷଙ୍କ ଅନୁରୋଧରେ, ସବିତା ଥରେ ଆସି ପାୟସଟିର ରନ୍ଧନପ୍ରଣାଳୀ ଶିଖାଇ ଯାଇଥିଲେ ବସୁଧାଙ୍କୁ ।

ରନ୍ଧାପ୍ରଣାଳୀଟି କଷ୍ଟସାଧ୍ୟ ନ ଥିଲା । ଥିଲା ସମୟସାପେକ୍ଷ । ଚିନି ମିଶା ଗାଢ଼ ଦୁଧରେ ଚୋପା ଓ ମଞ୍ଜିବିହୀନ କମଳା କୋଷା ଖଣ୍ଡ ଖଣ୍ଡ କରି ମିଶାଇ ତିଆରି ହେଉଥିଲା ପାୟସଟି । ଅପୂର୍ବସ୍ୱାଦ, ଅଭୂତପୂର୍ବ ବାସ୍ନା । ଝିଅ ଗର୍ଭରେ ଥିଲାବେଳେ ପ୍ରଥମ କେଇମାସ ଏଇ ପାୟସଟି ଖାଇ ବଞ୍ଚିଥିଲେ ବସୁଧା । ଭାଗ୍ୟକୁ ଥିଲା ଶୀତଋତୁ । କମଳାଲେମ୍ବୁର ଅଭାବ ନ ଥିଲା ।



Digitized by srujanika@gmail.com

ଏବଂ ଆଶ୍ଚର୍ଯ୍ୟ କଥା - ଝିଅ ବଡ଼ ହୋଇଗଲା ପରେ ଏହା ହିଁ ହୋଇଗଲା ତା'ର ପ୍ରିୟତମ ଖାଦ୍ୟ । ବାହାଘରର ସାତବର୍ଷ ପରେ ଅନେକ ପୂଜା ଅର୍ଚ୍ଚନା ତଥା ପ୍ରାର୍ଥନାର ଫଳସ୍ୱରୂପ କୋଳକୁ ଆସିଥିଲା ମିଲି । ଏକମାତ୍ର ସନ୍ତାନ । ସ୍ୱାଭାବିକ୍ ଭାବରେ ହୋଇଉଠିଲା ପିତାମାତାଙ୍କର ନୟନର ମଣି । ଖାଇଲାବେଳେ ଭାରି ଜିଦ୍ କରୁଥିଲା ପିଲାଦିନେ । କେଜାଣି କାହିଁକି କେବଳ ଧଳା ଦିଶୁଥିବା ଭୋଜ୍ୟବସ୍ତୁ ଖାଇବାକୁ ପସନ୍ଦ କରୁଥିଲା ଶୈଶବରେ । କ୍ଷୀର, ଦହି, ଛେନା, ଭାତ, ଆଳୁସିଝା, ଅଣ୍ଡାସିଝା ଇତ୍ୟାଦି । ଏବଂ ପସନ୍ଦ କରୁଥିଲା ପାୟସ । ବିଶେଷ କରି କମଳାଲେମ୍ବୁର ପାୟସ ।

ଝିଅ ଏମ୍.ଏ ପରୀକ୍ଷା ଦେଲା ପରେ ପରେ ହୋଇଗଲା ବାହାଘର । ମୁକୁନ୍ଦ ଥିଲେ ପିତାମାତାଙ୍କର ଏକମାତ୍ର ପୁତ୍ରସନ୍ତାନ । ବୟୋଜ୍ୟେଷ୍ଠା ତିନିଭଉଣୀଙ୍କର ବିଭାଘର ଅନେକ ଆଗରୁ ସରିଥିଲା । ସମୁଦି ସମୁଦୁଣୀ ବେଶ୍ ପସନ୍ଦ ହୋଇଗଲେ ବସୁଧାଙ୍କର । ଶାନ୍ତ, ନିରୀହ, ଗ୍ରାମୀଣ ମଣିଷ । ଗାଁରେ ପ୍ରଚୁର ଭୂସଂପତ୍ତି । ମଣିଷ ଯୋଡ଼ିକଙ୍କ ଦେହରେ ତାଜା ମାଟିର ବାସ୍ନା । ହୃଦୟରେ ହେମନ୍ତୀ ଫସଲର ସରସତା । ସୁରୁଖୁରୁରେ ବାହାଘର ହୋଇଗଲା ମିଲିର ।

ବାହାଘର ଆଗରୁ ସମୁଦୁଣୀଙ୍କ ହାତଧରି କାନ୍ଦି କାନ୍ଦି କହିଥିଲେ ବସୁଧା - ମିଲିର ଅନ୍ୟ କେଉଁଥିରେ କିଛି ଝଂଝାଳ ନାହିଁ । ହେଲେ ଖାଇବାରେ ଝିଅ ମୋର ଭାରି ସୁକୁମାରିଆ । ସମାଳିନବ ସମୁଦୁଣୀ । ମିଲିର ଶାଶୁ ଆଶ୍ୱାସନା ଦେଇଥିଲେ - ମିଲି ପୁତ୍ରବଧୂ ରୂପେ ନୁହେଁ, କନ୍ୟା ରୂପରେ ରହିବ ତାଙ୍କ ପାଖରେ ।

ସେଇ ଦୃଷ୍ଟିରୁ ବସୁଧା ଭାଗ୍ୟବତୀ ଥିଲେ ଅବଶ୍ୟ । ମିଲି ପଡିଥିଲା ଏକ ସ୍ନେହଶୀଳ ଓ ସହାନୁଭୂତି ଶୀଳ ପରିବାରରେ । ସମୁଦି ସମୁଦୁଣୀଙ୍କୁ ନେଇ ଭାରି ସନ୍ତୁଷ୍ଟ ଥିଲେ ବସୁଧା ।

ଏହା ସତ୍ତ୍ୱେ ବି, ଝିଅ ନ ଆସିପାରିବାର ସବୁତକ ରାଗ ଏବେ ଯାଇ ଠୁଳ ହେଲା ସମୁଦୁଣୀଙ୍କ ଉପରେ । ଠିକ୍ ଏତିକିବେଳକୁ ଦିଲ୍ଲୀ ଯିବାର କଅଣ ବା ଦରକାର ଥିଲା ତାଙ୍କର ? ଆମେରିକାରୁ ଫେରିଲାପରେ, ଏଇ ତ ସେଦିନ ମିଲି ପୂରା ମାସଟେ ରହିକି ଯାଇଛି ତାଙ୍କ ପାଖରେ । ଅଥଚ ବସୁଧାଙ୍କ ପାଖକୁ ଆସିଥିଲା ମାତ୍ର ଦୁଇଟି ଦିନ ପାଇଁ । ସେତେବେଳେ ଉତ୍କଟ ଗ୍ରୀଷ୍ମଋତୁ । ତଥାପି କମ୍ ଚେଷ୍ଟା କରିଛନ୍ତି ବସୁଧା କମଳା ଲେମ୍ବୁ କେତୋଟି ଯୋଗାଡ଼ କରିବାପାଇଁ ! ରାଗଚୋଟରେ ଆଶୁତୋଷଙ୍କର ଅକ୍ଷମତା ପ୍ରତି କଟୂକ୍ତି ପ୍ରୟୋଗ କରିବାପାଇଁ ପଶ୍ଚାଦ୍‌ପଦ ବି ହୋଇନାହାନ୍ତି - ଝୁଆଟା ଏତେ ଭଲପାଏ କମଳାଲେମ୍ବୁ ପାୟସ ! ଅଥଚ ଏଡ଼େ ବଡ଼ କଟକ ସହରରେ ଖୋଜିକି ପୁଞ୍ଜେ କମଳା ତମେ ଯୋଗାଡ଼ କରିପାରିଲନି ଯା' ଭିତରେ ? ଭଲବାପ ହୋଇଚ ତମେ !



Digitized by srujanika@gmail.com

ମିଲି ଫେରିଯିବା ପରଦିନ ଆଶୁତୋଷଙ୍କର କେଉଁ ଏକ ଚିହ୍ନା ଫଳଦୋକାନୀ ଆକାରରେ କେନ୍ଦୁକୋଳି ସଦୃଶ ପ୍ରତୀୟମାନ ହେଉଥିବା କେତୋଟି ଶୁଷ୍କ, ନୀରସ ଓ କୁରୂପ କମଳାଲେମ୍ବୁ ଆଣି ଘରେ ଦେଇଯାଇଥିଲା ଏବଂ ବସୁଧା ରାଗରେ ତାକୁ ଡ୍ରଷ୍ଟବିନ୍‌ରେ ଫିଙ୍ଗି ଦେଇଥିଲେ । ଭାବିଥିଲେ ଶୀତଦିନେ ଝିଅ ଆସିଲେ ପାଖରେ ବସାଇ ତାକୁ ବଳେଇ ବଳେଇ ମନବୋଧ କରି ତା' ମନପସନ୍ଦର ପାୟସ ଖୁଆଇବେ । ତା' ଆଉ ହୋଇପାରିଲାନି ଶେଷପର୍ଯ୍ୟନ୍ତ ।

ଝିଅ ନ ଆସିପାରିବାର ଦୁଃଖରେ ଯେତେବେଳେ ବସୁଧା ସଂପୂର୍ଣ୍ଣ ପରିମାଣରେ ବିବଶ ଏବଂ ମ୍ରିୟମାଣ, ଠିକ୍ ସେତିକିବେଳେ ଆଉ ଗୋଟିଏ ଫୋନ୍ ଆସିଲା ଦିଲ୍ଲୀରୁ, ସମ୍ବନ୍ଧିଙ୍କଠାରୁ । ଜଣାଇଲେ ଯେ ସେଦିନ ସକାଳେ ମୁକୁଳ, ମିଲିର ଟ୍ରେନ୍‌ଟିକେଟ୍‌କୁ ଫେରସ୍ତ କରିବାକୁ ନେଲାବେଳେ ଇ, ସିଏ ଏବଂ ତାଙ୍କର ପତ୍ନୀ ମିଲିର ଆଗାମୀ ସପ୍ତାହରେ ହେବାକୁ ଥିବା କଟକଯାତ୍ରା ସଂପର୍କରେ ଅବଗତ ହୋଇଛନ୍ତି ଏବଂ ତାଙ୍କ ମତରେ, ଯେହେତୁ କାର୍ଯ୍ୟସୂଚୀଟି ପୂର୍ବରୁ ଠିକ୍ ହୋଇ ରହିଛି ଏବଂ ଟ୍ରେନ୍ ରିଜର୍ଭେସନ ମଧ ହୋଇ ସାରିଛି, ମିଲି ଯାଇ କଟକ ବୁଲି ଆସିବାଟା ଉଚିତ୍ ହେବ ବୋଲି ସିଏ ଭାବୁଛନ୍ତି । ମାତ୍ର ସପ୍ତାହକର କଥା । ମିଲିର ଶାଶୁ ଅଛନ୍ତି ଏବେ ଦିଲ୍ଲୀରେ । ଘରକରଣା ସମାଳି ନେବେ । ଟ୍ରେନ୍ ଟିକେଟ୍ ତେଣୁ ଫେରସ୍ତ ଦିଆହେଇନି । ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ କାଲି ସେଠାରୁ ବାହାରି ପଅରଦିନ କଟକରେ ପହଞ୍ଚିବ ମିଲି ।

ଟେଲିଫୋନ୍‌ଟି ପାଇ ବସୁଧାଙ୍କର ମୃତପ୍ରାୟ ଶରୀରରେ ସତେ ଅବା ନୂତନ ଜୀବନ୍ୟାସର ସଞ୍ଚାର ହେଲା । ଉଚ୍ଚସ୍ୱରରେ ଆଶୁତୋଷଙ୍କୁ ଖବରଟି ଜଣାଇଦେଲେ ଓ ତ୍ୱରାନ୍ୱିତ ଗତିରେ ଭଣ୍ଡାର ଘରେ ପଶି କିଣା ହେବାକୁ ଥିବା ତେଲରାତି ସାମଗ୍ରୀର ଏକ ତାଲିକା ପ୍ରସ୍ତୁତ କରିବାରେ ଲାଗିପଡ଼ିଲେ । ଝିଅ ଆସୁଛି ଦୀର୍ଘ ବ୍ୟବଧାନ ପରେ । ତା' ମନପସନ୍ଦ ରାନ୍ଧଣା ରାନ୍ଧି ଖୁଆଇବେ ତାକୁ । ମଝିରେ ଯେ ଆଉ ଗୋଟିଏ ଦିନ ମାତ୍ର !

ମିଲି ଆସିବା ଦିନ ସକାଳୁ ସକାଳୁ ପାୟସ ବନେଇବାରେ ଲାଗିପଡ଼ିଲେ ବସୁଧା । କ୍ଷୀର ଘନ ହେବାପାଇଁ ଅନେକ ସମୟ ଦରକାର । ଆଶୁତୋଷଙ୍କୁ ମଧ୍ୟ ଲଗାଇଦେଲେ କାମରେ । କମଳାର କୋଷାମାନଙ୍କରୁ ପରିଚ୍ଛନ୍ନ ଭାବରେ ଚୋପା ଓ ମଞ୍ଜି ଛଡ଼ାଇବାରେ । ପାୟସ ତିଆରି କରି ସଯତ୍ନେ ଢ଼ାଙ୍କି ଫ୍ରିଜ୍‌ର ଉପର ଥାକରେ ରଖିଦେଲେ ବସୁଧା । ଏ ପାୟସଟି ମିଲି ଶୀତଳ ଇ ପସନ୍ଦ କରେ ।

ପାୟସ ପ୍ରସ୍ତୁତିପରେ ବସୁଧା ବ୍ୟସ୍ତ ହୋଇ ପଡ଼ିଲେ ମଧ୍ୟାହ୍ନ ଭୋଜନକୁ ନେଇ । ଦିନ ଗୋଟାଏ ବେଳେ ରନ୍ଧାବଢ଼ା ସାରି ଲିଦ୍ କରି ଆଶୁତୋଷଙ୍କ ସହିତ ଷ୍ଟେସନକୁ ମଧ ବାହାରି ପଡ଼ିଲେ । ଏବଂ ଟ୍ରେନ୍‌ରୁ ଓହ୍ଲାଇ ଦୁଇଜଣଙ୍କୁ ଏକାସାଥିରେ ଦେଖି ତୀବ୍ର ଭାବରେ



Digitized by srujanika@gmail.com

ନିଜର ଅସନ୍ତୋଷ ଜାହିର କଲା ମିଲି । "କେତେ ବାଟ ବା ଘର ! ମୁଁ ନିଜେ ନିଜେ ଚାଲି ଯାଇ ପାରିଥାଆନ୍ତି । ତୁଚ୍ଛାଟାରେ ଦୁଇଜଣଯାକ ହଇରାଣ ହେଇ ଷ୍ଟେସନ ଆସିଲ !"

ଆଶୁତୋଷ ମୁଗ୍ଧ ଆଖିରେ ଝିଅକୁ ଚାହିଁ ତା' ମୁଣ୍ଡଉପରେ ହାତ ରଖିଲେ । ଆଉ ଝିଅକୁ କୁଣ୍ଢାଇ ପକାଇ ଲୁହ ଛଳଛଳ ଆଖିରେ ଅସୁଧା କହିଲେ - ବହୁତ ଝଡିଯାଇଛୁ ଯା' ଭିତରେ । ମିଲି ହସି ହସି କହିଲା - ମା ! ତମେ ନା ! ଜାଣ ! ଆମେରିକାରୁ ଆସିଲା ପରଠାରୁ ଯା' ଭିତରେ ଦି କିଲୋ ଓଜନ ବଢ଼ି ଯାଇଛି ମୋ'ର ।

ଘରେ ପହଞ୍ଚିଲା ପରେ ଝିଅକୁ ସ୍ନାନପାଇଁ ପଠାଇଦେଇ ଡ୍ରାଇନିଂ ଟେବୁଲରେ ଭାତ ବାଢ଼ି ଲାଗିଲେ ବସୁଧା । ସ୍ନାନ ସାରି ଟଉଲୀ ଟାଣି ବସୁ ବସୁ ମିଲି କହିଲା - ଇସ୍ ! ଛତୁ ପୋସ୍ତ ଆଉ କଖାରୁଫୁଲ ଭଜା ! କେତେଦିନ ପରେ ଯେ ଏସବୁ ଜିନିଷ ଖାଇବାକୁ ମିଳୁଚି !

ଭାତ ଖାଉ ଖାଉ ମୃଦୁହସି ଏବଂ ବସୁଧାଙ୍କ ଆଡ଼କୁ ତୀର୍ଯ୍ୟକ୍ ଦୃଷ୍ଟିପାତ କରି ଆଶୁତୋଷ କହିଲେ - ତୋ ମା' ସକାଳୁ ସକାଳୁ ଆଜି ତୋ' ପାଇଁ କମଳା ଲେମ୍ବୁର ପାୟସ ବନାଇ ରଖିଛନ୍ତି । ଏଥରକ କେବଳ ସେଇ ପାୟସ ରାନ୍ଧି ଖୁଆଇବା ପାଇଁ ଡ଼ାକିକି ଆଣିଛନ୍ତି ତତେ । ମଝିରେ ତୁ ଆସିପାରିବୁନି ଶୁଣି କି ଯେ କାନ୍ଦ ତାଙ୍କର !

ଭାତଥାଳିରୁ ମୁହଁ ଉଠାଇ ମିଲି କହିଲା - ଇସ୍ ! କମଳା ଲେମ୍ବୁ ପାୟସ ବନେଇଚ ମା ! ଯେତେ ଯାହା କହ ବାପା, ମା' ହାତରନ୍ଧା ସେ ପାୟସର ସ୍ୱାଦ ଆଉ କେଉଁଠି ପାଇନି ମୁଁ ଏ ଯାଏ । ଗୁଡ୍‌ଡ଼ୀ ପାଇଁ ଆଉ ମୁକୁଳଙ୍କ ପାଇଁ କେବେ କେମିତି ସେ ପାୟସଟି ମୁଁ ବନାଏ । ସେମାନେ ଅବଶ୍ୟ କହନ୍ତି ଭଲ ହେଇଚି ବୋଲି । କିନ୍ତୁ ମୁଁ ଜାଣେ, ସେମାନେ ଯଦି ଥରଟିଏ ମା'ଙ୍କ ହାତରନ୍ଧା ସେ ପାୟସ ଚାଖନ୍ତେ ତେବେ ଜାଣି ପାରନ୍ତେ ଭଲରନ୍ଧା କାହାକୁ କହନ୍ତି ।

ଭାତ ଖାଇସାରିଲା ପରେ ଫ୍ରିଜଖୋଲି ଗିନାଭର୍ତ୍ତି ପାୟସ ଚାମଚ ସହ ଝିଅ ହାତକୁ ବଢ଼େଇଦେଲେ ବସୁଧା ।

ମିଲି କହିଲା - ମା ! ମୁଁ ଟିକିଏ ଘରକୁ ଟେଲିଫୋନ୍ କରିଦିଏ ଠିକ୍‌ଠାକ୍ ପହଞ୍ଚିଯାଇଛି ବୋଲି । ଆଜି ରବିବାର । ଗୁଡ୍‌ଡୀ ଘର ଥିବ, କାଲିଠୁ ହରିୟାନା ଚାଲିଯିବତ ! ତା' ସାଥିରେ ବି ଟିକିଏ କଥାବାର୍ତ୍ତା କରିନିଏ । ନ ହେଲେ ରାଗିବ ।

ବସୁଧା କହିଲେ - ଟେଲିଫୋନ୍ ଏକ୍‌ସଟେନ୍‌ସନ୍ ତୋ' ବଖରାରେ ଅଛି । ସେଇଠିକି ଚାଲିଯା । ତୋ' ରୁମ୍ ଠିକ୍‌ଠାକ୍ କରିକି ରଖିଚି କାଲିଠୁ । ପାୟସଟା ନେଇଯା



Digitized by srujanika@gmail.com

ସେଇଠିକି । ଟେଲିଫୋନ୍ କରିସାରିକି ଖାଇନେବୁ । ରୋଷେଇଘରେ ସାମାନ୍ୟ କାମ ଅଛି । ମୁଁ ତାକୁ ସାରିକି ଆସୁଚି ତୋ' ପାଖକୁ ।

ମିଲି ତରତର ହେଇ ଶୋଇବା ଘରକୁ ଯାଉ ଯାଉ କହିଲା, ଶୀଘ୍ର ଆସ ମା ! ତମ ସାଥିରେ ବହୁତ କଥା ଅଛି ।

ରୋଷେଇଘର ପରିଷ୍କାର କରି ଆସୁ ଆସୁ ଅଧାବାଟରେ ଅଟକି ଗଲେ ବସୁଧା । ଫେରିଯାଇ ଫ୍ରିଜ୍‌ରୁ ପାୟସର କଂସାଟି ନେଇ ଆସିଲେ । ଯାହା ଭଲପାଏ ମିଲି ଏ ପାୟସ ! ଗିନାକ ଯାକ ଖାଇଦେଇଥିବ ନିଶ୍ଚୟ । ହୁଏତ ଆଉ ଟିକିଏ ଖାଇବା ପାଇଁ ମନ କରିପାରେ ।

ମିଲି ବଖରାରେ ପ୍ରବେଶ କରି କିନ୍ତୁ କିଛି ପରିମାଣରେ ଅବାକ୍ ହେଲେ ବସୁଧା । ମିଲି ଚୁପ୍‌ଚାପ୍ ବସିରହିଛି ଖଟରେ । ଶୂନ୍ୟକୁ ଚାହିଁ । ଅନ୍ୟମନସ୍କ ଭାବରେ । ପୂର୍ଣ୍ଣ ପାୟସ୍ ଗିନାଟି ରଖା ହେଇଛି ଖଟ ଉପରେ । ଚାମଚଟିଏ ବି ତହିଁରୁ ଖାଇନି ମିଲି ।

ବିବ୍ରତ ହେଇ ବସୁଧା ପଚାରିଲେ - କଅଣ ହେଲା ମିଲି ? ଘରକୁ ଫୋନ୍ କଲୁ ? ଗୁଡ୍‌ଡୀ ଠିକ୍‌ଠାକ୍ ଅଛି ତ ?

ବସୁଧାଙ୍କୁ ଚାହିଁ ଅସ୍ତିସୂଚକ ଭାବରେ ମୁଣ୍ଡ ହଲାଇଲା ମିଲି ।

- ଆଉ ତା ହେଲେ ? ଏମିତି ଚୁପ୍‌ଚାପ୍ ବସିଚୁ ଯେ ! ପାୟସ କଅଣ ଭଲ ହେଇନି ? ଏତେ ପରିଶ୍ରମ କରି କଲି । ଖାଇଲୁନି ଯେ ? ଉଦ୍‌ବିଗ୍ନ ସ୍ୱରରେ ବସୁଧା ପଚାରିଲେ ।

ମ୍ଲାନ ହସି ମିଲି ଜବାବ୍ ଦେଲା - ଗୁଡ୍‌ଡୀ କଥା ମନେପଡୁଛି ମା । ଭାରି ଭଲପାଏ ଏ ପାୟସଟି ଖାଇବାକୁ ।

●●●



Digitized by srujanika@gmail.com

# ନାରୀ

ନିଲୁଭାଇଙ୍କ ସହିତ ତରୁନାନୀଙ୍କର ବାହାଘର ହେଉଥିବାର ଖବରଟି ମୋ ପାଇଁ ରୀତିମତ୍ ଚମକପ୍ରଦ ଥିଲା ।

ନିଲୁଭାଇଙ୍କ ବାହାଘର ? ତାହା ପୁଣି ତରୁନାନୀଙ୍କ ସହିତ ? ମନେହେଲା ଏହାଠାରୁ ବଳି ଆଶ୍ଚର୍ଯ୍ୟତର ଘଟଣା ଆଉକିଛି ହୋଇନପାରେ ଏ ପୃଥିବୀରେ । ମନେହେଲା, ଏଭଳି ଚାରିତ୍ରିକ ଓ ପ୍ରକୃତିଗତ ବୈଷମ୍ୟ ଥିବାର ଯୋଡ଼ିଟିଏ ଆଗରୁ କେବେ କେଉଁଠି ମୁଁ ଦେଖିନି ବୋଧହୁଏ ।

ନିଲୁଭାଇ ଥିଲେ ମୋର ଦୂର ସଂପର୍କୀୟ ମାଉସୀଙ୍କର ପୁଅ । ଏମ୍.ଏସ୍.ସି. ପାଶ୍ କରି ଏକ ବୀମାକମ୍ପାନୀରେ ଚାକିରି କରୁଥିଲେ । ଥିଲେ ବେଶ୍ ଉଚ୍ଚପଦସ୍ଥ ଅଧିକାରୀ । ମଝିରେ ମଝିରେ ଆସୁଥିଲେ ଆମ ଘରକୁ, ପ୍ରାୟ ଛୁଟିଦିନ ମାନଙ୍କରେ କିମ୍ବା ରବିବାରଦିନ ସଞ୍ଜବେଳେ । ବୋଉ ହାତ ତିଆରି ପରଟା ଓ ଘାଣ୍ଟ ତରକାରୀ ଖାଇ ଫେରିଯାଉଥିଲେ ରାତିରେ । ବାପା ବୋଉଙ୍କ ପ୍ରତି ଥିଲେ ଭାରି ଶ୍ରଦ୍ଧାଶୀଳ ।

ଗଣିତରେ ଯଥେଷ୍ଟ ଧୂରିଣ ଥିଲେ ନିଲୁଭାଇ । ମୁଁ ସେତେବେଳେ ଆଇ.ଏସ୍.ସି. ପଢୁଥାଏ । ମୋ ବହିର ଷ୍ଟାଟିସ୍ଟିକ୍ସ୍ ଓ ଡ଼ାଇନାମିକ୍ସ୍‌ର ଅଙ୍କ ସବୁ ମୋତେ ଚଟ୍‌କି ବୁଝେଇ ଦେଉଥିଲେ ସିଏ । ଆଲ୍‌ଜେବ୍ରାର ପିଥାଗୋରସ୍ ଥିଓରମ୍‌ର ଫର୍ମୁଲାଟି କେବଳ ଘୋଷିକି ମୁଁ ମନେରଖିଥିଲି । ପ୍ରମାଣଟି ଜାଣିନଥିଲି । ସେ ଜଟିଳ ପ୍ରମାଣଟି ଏତେ ପ୍ରାଞ୍ଜଳ ଭାବରେ ମୋତେ ନିଲୁଭାଇ ବୁଝେଇ ଦେଇଥିଲେ ଯେ ତାହା ଆଜି ପର୍ଯ୍ୟନ୍ତ ବି ସ୍ପଷ୍ଟ ଅକ୍ଷରରେ ଲେଖା ହୋଇ ରହିଛି ମୋ ମନରେ ।

କିନ୍ତୁ କେବଳ ଗଣିତ ବିଦ୍ୟାଟିକୁ ହିଁ ଆୟତ୍ତ କରିପାରିଥିଲେ ନିଲୁଭାଇ । ବାକି ସବୁଥିରେ ଥିଲେ ଅନାଡ଼ି । ଥିଲେ ମିତବାକ୍ । ତକ୍ ତକ୍ ଗୋରା ଶ୍ମଶ୍ରୁହୀନ ଚିକ୍କଣ ଚେହେରା । ଘନ ପକ୍ଷ୍ମ ଶୋଭିତ ଆନତ ନୀଳଆଖି । ତଳକୁ ମୁହଁ ପୋତି ଏକ ବ୍ରୀଡ଼ାବତୀ କନ୍ୟାର ଭଙ୍ଗୀରେ ବାଟ ଚାଲୁଥିଲେ ନିଲୁଭାଇ । ତାଙ୍କ ପଛରେ ତାଙ୍କ ବାଟ ଚାଲିବାର ଲୀଳାୟିତ ଭଙ୍ଗୀକୁ ଅନୁକରଣ କରି ହସୁଥିଲୁ ଆମେ । ବୋଉ କହୁଥିଲା, ନୀଳମଣି ପାଞ୍ଚ ଝିଅ ପରେ କମଳା ନାନୀର କୋଡ଼ପୋଛା ପୁଅ । ଝିଅଙ୍କ ମେଳରେ ରହି ରହି ସେମିତି ଲାଜକୁଳା ହୋଇଯାଇଛି । ହେଲେ ନାନୀର ଭାରି ଭାଗ୍ୟ, ନିଲୁ ପରି ସୁନାପିଲାଟେ ଦୀପ ଧରି ଖୋଜିଲେ ବି ମିଳିବନି ଆଜିକାଲି ଯୁଗରେ ।

ବୋଉର ମନ୍ତବ୍ୟ ଅବଶ୍ୟ ଶତ ପ୍ରତିଶତ ଠିକ୍ ଥିଲା । ନିଲୁଭାଇଙ୍କର ଚାରିତ୍ରିକ ସତତା ଓ ସ୍ୱଚ୍ଛତା ସତରେ ଥିଲା ପ୍ରଶଂସନୀୟ । ଦିନେ ହେଲେ ଆଡ଼ଆଖିରେ ମୁଣ୍ଡଟେକି



Digitized by srujanika@gmail.com

କୌଣସି ଝିଅ ଆଡ଼େ ନଜର ପକାଇବାର ଆମେ ତାଙ୍କୁ ଦେଖିନଥିଲୁ । ଥିଲେ ଡ଼ରକୁଳା ଓ ଭୀରୁ ସ୍ୱଭାବର ।

ମୋ ସାଙ୍ଗ ଝୁନୁ ଥିଲା ଭାରି ଫାଜିଲ୍ । ଥିଲା ଆମର ପଡ଼ୋଶୀ । ସଦା ସର୍ବଦା ଆମ ଘରକୁ ଯା' ଆସ । ମଜା ଦେଖିବା ପାଇଁ ନିଲୁଭାଇଙ୍କ ସାଥିରେ କୌତୁକ କରୁଥିଲା ଅନବରତ । କେବେ ସ୍କୁଟରରେ ବସାଇ ବଜାର ନେଇଯିବାକୁ ଜିଦ୍ କରୁଥିଲା ତ କେବେ ତାଙ୍କ ଘରକୁ ଯାଇ ତାଙ୍କୁ ଅଙ୍କ ବୁଝାଇ ଦେବାପାଇଁ ବାଧ କରୁଥିଲା । ଯୁବତୀସଙ୍ଗକୁ ଏକ ବିଡ଼ମ୍ବନା ସଦୃଶ ଜ୍ଞାନ କରୁଥିବା ନିଲୁଭାଇ ଅନନ୍ୟୋପାୟ ହୋଇ ଏ ସବୁ କାମ କରୁଥିଲେ ସତ, କିନ୍ତୁ କରୁଥିଲେ ଇଚ୍ଛା ବିରୁଦ୍ଧରେ । ଝୁନୁ ଉପରେ ମନେ ମନେ ଅସନ୍ତୁଷ୍ଟ ହୋଇ । ଝୁନୁ କିନ୍ତୁ ଆଦୌ ପରୁଆ କରୁନଥିଲା ନିଲୁଭାଇଙ୍କ ଅସନ୍ତୋଷକୁ । ହସି ହସି ଓ ମୋତେ ଆଖିମିଟିକା ମାରି ନିଲୁଭାଇଙ୍କି ଚିଡ଼ାଉଥିଲା । କହୁଥିଲା - ନିଲୁଭାଇ, ତୁମେ ପରାପରି ମାଇଚିଆ ପାଲଟି ଗଲଣି । ମୋ ସାଥିରେ କିଛି ଦିନ ମିଳାମିଶା କର, ମୁଁ ତୁମକୁ ଏକ୍‌ଦମ୍ ସ୍ମାର୍ଟ ବନେଇଦେବି । ଏମିତି ଡ଼ରକୁଳା ହେଲେ କୋଉ ଝିଅବି ପାସଙ୍ଗରେ ପକେଇବେନି ତମକୁ । ଦେଖିବ ତମ ସ୍ତ୍ରୀ ବି ଶେଷକୁ କର୍ତ୍ତୃତ୍ୱ ଜାହିର୍ କରିବ ତମ ଉପରେ । ଝୁନୁ କଥା ଶୁଣି ଲାଜରେ ରଙ୍ଗ ଟହ ଟହ ହୋଇଯାଉଥିଲା ନିଲୁଭାଇଙ୍କର ମୁହଁ । ଚୁପ୍‌ଚୁପ୍ ମୋତେ କହୁଥିଲେ, ତୋ ସାଙ୍ଗର ବାକ୍‌ସଂଯମର ଜହ୍ମୁତ ଅଭାବ ।

ମୋ'ର ବାହାଘର ହୋଇଗଲା ବି.ଏ. ପାଶ୍ କରିବା ପରେ । ବାହାଘର ପରେ ରହିଲି ଭୁବନେଶ୍ୱରରେ । କେବେ କେମିତି କଟକ ଗଲେ ଦେଖାହୁଏ ନିଲୁଭାଇଙ୍କ ସହିତ । କାଳକ୍ରମେ କେଜାଣି କାହିଁକି ମୋ ସ୍ୱାମୀ ବରୁଣଙ୍କ ସହିତ ଭାରି ଘନିଷ୍ଠତା ହୋଇଗଲା ନିଲୁଭାଇଙ୍କର । ବରୁଣ ପହଞ୍ଚି ଫୋନ୍ କରିଦେଲେ ଇ ସୁବିଧା ଦେଖି ଆମ ଘରକୁ ଚାଲିଆସୁଥିଲେ ନିଲୁଭାଇ । ବୟସରେ ଥିଲେ ବରୁଣଙ୍କ ଠାରୁ କନିଷ୍ଠ, ସମ୍ପର୍କବି ଥିଲା ପ୍ରୀତିର । ଶୁଦ୍ଧମତି, ଅମାୟିକ ଶ୍ୟାଳକଟି ସହିତ ଅନେକ ଥଟ୍ଟା ପରିହାସ କରୁଥିଲେ ବରୁଣ । କେବେ କହୁଥିଲେ - ନିଲୁ, ବୋଉଙ୍କଠୁ ଶୁଣିଲି, କୁଆଡେ ତମ ବାହାଘରର ବିଧିବଦ୍ଧ ଯୋଜନା ଚାଲିଛି । ବାତ୍ସାୟନ ଋଷିଙ୍କ ଲିଖିତ ଗୋଟିଏ ଚମତ୍କାର ବହି ଅଛି ମୋ ପାଖରେ । ଆର ଥରକୁ ଆସିଲା ବେଳେ ନେଇ ଆସିବି । ମନ ଦେଇ ପଢ଼ିନବ । ଆଉ କେବେ କହୁଥିଲେ - ନୀଳମଣି, ଆଗାମୀ ରବିବାର ଚାଲ କୋଣାର୍କ ଯାଇ ବୁଲିଆସିବା । ମନ୍ଦିରଗାତ୍ରରେ ଖୋଦିତ ମଦାଳସା ମାନଙ୍କର ଭଙ୍ଗିମା ଟିକିଏ ଭଲକରି ନିରୀକ୍ଷଣ କରିନେବ । ଏବେଠୁ ତମର ଖଡ଼ିପାଠ କାମ ଆରମ୍ଭ ନ କଲେ ସ୍ତ୍ରୀ ହାତରେ ଯେ ତୁମର ଅନେକ ନିର୍ଯ୍ୟାତନା ଭୋଗ କରିବାର ଅଛି ତାହା ମୁଁ ସ୍ପଷ୍ଟ ରୂପେ ଦେଖିପାରୁଛି ।

ମୁଁ ବରୁଣଙ୍କ ଉପରେ କପଟ କ୍ରୋଧ ପ୍ରକାଶ କରି କହୁଥିଲି, କାହିଁକି ତମେ ତାଙ୍କୁ ଏତେ ହଇରାଣ କରୁଛ କହତ ? ନିଲୁଭାଇ ଅତ୍ୟନ୍ତ ନିର୍ମଳ, ସରଳଚିତ୍ତ ମଣିଷ । ଏ ସବୁ ଆଲୋଚନା ତାଙ୍କୁ ଭଲ ନ ଲାଗିବା ଇ ସ୍ୱାଭାବିକ୍ ।



Digitized by srujanika@gmail.com

ସ୍ନେହରେ ନିଲୁଭାଇଙ୍କର ପିଠି ଥାପୁଡ଼ାଇ ବରୁଣ କହୁଥିଲେ – ସରି ନିଲୁ, ତମେ ସତରେ ରାଗିଲ କି ମୋ ଉପରେ ? ଲାଜରେ ମୁରୁକି ମୁରୁକି ହସି ମୁଣ୍ଡ ହଲାଇ ମନା କରୁଥିଲେ ନିଲୁ ଭାଇ ।

ଏଇ ଥିଲେ ନିଲୁଭାଇ । ସୁସ୍ଥିର, ଶୀତଳ ଓ ବିନୀତ ସ୍ୱଭାବର ପ୍ରିୟଦର୍ଶନ ମଣିଷଟିଏ । ନିୟତିର ବିଧାନ, ଏଭଳି ଗୋଟିଏ ମଣିଷର ବାହାଘର ଶେଷ ପର୍ଯ୍ୟନ୍ତ ଠିକ୍ ହେଲା ତରୁନାନୀଙ୍କ ପରି ଗୋଟିଏ ଝିଅ ସାଥିରେ । ଯାହାର ହାବଭାବ ଚାଲିଚଳନରେ ତଥାକଥିତ ନାରୀତ୍ୱ ଅପେକ୍ଷା ପୁରୁଷତ୍ୱର ଲକ୍ଷଣ ବେଶି ପରିମାଣରେ ଫୁଟି ବାହାରୁଥିଲା ।

କଲେଜରେ, ତରୁନାନୀ ଥିଲେ ମୋ ଉପରଶ୍ରେଣୀର ଛାତ୍ରୀ । ଥିଲେ ସ୍ୱାସ୍ଥ୍ୟବତୀ, ଶ୍ୟାମଳୀ ଓ ଦୀର୍ଘାଙ୍ଗୀ । ଆଜିଠାରୁ ଚାରି ଦଶନ୍ଧି ପୂର୍ବେ, ଯେତେବେଳେ ସମାଜ ବେଶ୍ ରକ୍ଷଣଶୀଳ ଓ କେବଳ ବେଣୀବାନ୍ଧିବା ବ୍ୟତୀତ ଅନ୍ୟ କୌଣସି କେଶସଜ୍ଜା ଆମକୁ ଜଣାନଥିଲା, ସେତେବେଳେ ପୁଅପିଲା ପରି ମୁଣ୍ଡରେ ସାନ ସାନ ବାଳ ରଖୁଥିଲେ ତରୁନାନୀ । ପିନ୍ଧୁଥିଲେ ସଲ୍‌ୱାର୍ କମିଜ୍ । ଶରୀର ଥିଲା ଆଭରଣ ଶୂନ୍ୟ । ଜୀବନରେ କେବେ ବି ତରୁନାନୀଙ୍କୁ କୌଣସି ଅଙ୍ଗରାଗ ବା ପ୍ରସାଧନ ବ୍ୟବହାର କରିବାର ଦେଖୁନଥିଲି ।

କଥାବାର୍ତ୍ତାରେ ଥିଲେ ରୋକ୍‌ଠୋକ୍ । ଦୁମ୍‌ଦୁମ୍ ପାହୁଣ୍ଡ ପକାଇ ସିଧାସଳଖ ବାଟ ଚାଲୁଥିଲେ । ମିଜାଜ୍ ଥିଲା ରୂକ୍ଷ, ନମନୀୟତାର କିଛିଟା ଅଭାବ ଥିଲା ତାଙ୍କଠିରେ । ପାଠପଢ଼ା ଅପେକ୍ଷା ଖେଳକୁଦରେ ସଉକ୍ ରଖୁଥିଲେ ବେଶି । ଥିଲେ କଲେଜର ମହିଳା ଭଲିବଲ୍ ଟିମ୍‌ର କାପ୍ଟେନ୍ । ଏନ୍.ସି.ସି.ର ସର୍ଜେଣ୍ଟ୍ ଥିଲେ ଓ ଜାନୁୟାରୀ ଛବିଶ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ଯୋଗଦେବା ପାଇଁ ଦିଲ୍ଲୀ ଯାଇଥିଲେ ଦୁଇଥର । ବର୍ଷେ ଖରାଛୁଟିରେ ଦାର୍ଜିଲିଂ ଯାଇ ମାଉଣ୍ଟେନିୟରିଂ କୋର୍ସ ମଧ୍ୟ କରି ଆସିଥିଲେ । କଲେଜର ସ୍ପୋର୍ଟସ୍ ଡେ'ରେ ବେଷ୍ଟ ଆଥ୍‌ଲେଟ୍ ହିସାବରେ ପ୍ରତିବର୍ଷ ଶିଲ୍‌ଡ୍ ମିଳୁଥିଲା ତରୁନାନୀଙ୍କୁ । ସବୁଜ ହାଫ୍‌ପ୍ୟାଣ୍ଟ ଓ ଧଳା ସାର୍ଟିନ୍‌ର ଜାମା ପିନ୍ଧି ଡେଇଁ ଡେଇଁ ହର୍ଡଲସ୍ ପାରି ହେଉଥିଲେ ତରୁନାନୀ । ତାଙ୍କର ହାତ ଫିଙ୍ଗା ଜାଭ୍‌ଲୀନ, ଆକାଶର ନୀଳିମା ଚିରି ତୀବ୍ରବେଗରେ ଛୁଟିଯାଉଥିଲା କଲେଜ ପଡିଆର ଏମୁଣ୍ଡରୁ ସେମୁଣ୍ଡକୁ ।

ଆମର କଲେଜ ଜୀବନକାଳରେ ସହପାଠୀ ଛାତ୍ରମାନଙ୍କ ସହିତ ଛାତ୍ରୀମାନଙ୍କର ମିଳାମିଶା ଆଦୌ ନଥିଲା କହିଲେ ଚଳେ । ମନ ଭିତରେ କିଛିଟା ଜଡତା ଏବଂ ସଙ୍କୋଚ ନେଇ ଆମେ ସେମାନଙ୍କଠାରୁ ଦୂରେଇ ରହୁଥିଲୁ । ତରୁନାନୀ କିନ୍ତୁ ଥିଲେ ଏ ସଂପର୍କରେ ସବୁଠୁ ନିଡର୍ । ଛାତ୍ରମାନଙ୍କ ପ୍ରତି ତାଙ୍କର ଭୟ ବା ଭ୍ରୂକ୍ଷେପ ନଥିଲା । ଥରେ ଜଣେ ଛାତ୍ର ତାଙ୍କ ପ୍ରତି କିଛି ଅଶାଳୀନ ମନ୍ତବ୍ୟ କରିଥିବାରୁ, ତରୁନାନୀ ସେ ପିଲାର କଚଟିକୁ ଶକ୍ତ ମୁଠାରେ ଧରି ତାକୁ ପ୍ରିନ୍‌ସିପାଲ୍‌ଙ୍କର ପ୍ରକୋଷ୍ଠ ଆଡକୁ ଖଣ୍ଡେ ବାଟ ଘୋଷାଡି ଘୋଷାଡି ନେଇ ଯାଇଥିଲେ । ତରୁନାନୀଙ୍କଠାରୁ ଉଚ୍ଚତାରେ ଦୁଇ ତିନି ଇଞ୍ଚ



Digitized by srujanika@gmail.com

ସାନ ଶୀର୍ଣ୍ଣକାୟ ଯୁବକଟିର ଅବସ୍ଥା ସେତେବେଳକୁ ବେଶ୍ ଦୟନୀୟ । କୌଣସି ମତେ ତରୁନାନୀଙ୍କ ହାତରୁ ମୁକୁଳି ମାରିଥିଲା ଦୌଡ ।

ଏଭଳି ଶକ୍ତିସଂପନ୍ନା ଏବଂ ଜବରଦସ୍ତ ବ୍ୟକ୍ତିତ୍ୱର ଅଧିକାରିଣୀ ତରୁନାନୀଙ୍କ ସହିତ ଶେଷପର୍ଯ୍ୟନ୍ତ ବାହାଘର ହେଉଥିଲା ସଂପୂର୍ଣ୍ଣ ବିପରୀତ ଧର୍ମୀ, ଶାନ୍ତ ଓ ସଂଯତ ସ୍ୱଭାବର ନିଲୁଭାଇଙ୍କ ସହିତ । କମଳା ମାଉସୀ ଫୋନ୍‌ରେ ଜଣାଇଥିଲେ – ଜାତକରେ କୁଆଡେ. ରାଜଯୋଟକର ମେଳ । ମନେ ମନେ ଭାବିଥିଲି, ଏ ମେଳ 'ନରରାକ୍ଷସ' ବିନା ଆଉ କିଛି ହୋଇନପାରେ । ଜଉତିଷଙ୍କ ଗଣନାରେ କେଉଁଠି କିଛି ତ୍ରୁଟି ରହିଯାଇଛି ନିଶ୍ଚୟ । ଶ୍ୟାମଳୀ, ସ୍ୱାସ୍ଥ୍ୟ ଉପୁଚି ପଡୁଥିବା ତରୁନାନୀଙ୍କ ପାଖରେ ଫିନ୍‌ଫିନ୍ ପତଳା, ଗୋଲାପିରଂଗା ନିଲୁଭାଇଙ୍କୁ କଳ୍ପନା କରି ମୁଁ କିଛି ପରିମାଣରେ ଅସ୍ୱସ୍ତି ବୋଧ କଲି ।

କମଳା ମାଉସୀଙ୍କ ତରଫରୁ ଯଥାରୀତି ବାହାଘର ନିମନ୍ତ୍ରଣ କାର୍ଡ ଆସି ପହଞ୍ଚିଲା ମୋ' ପାଖରେ । ନିଲୁଭାଇଙ୍କ ଚତୁର୍ଥୀ ଭୋଜି ଦିନ ଥିଲା ମୋ ଶାଶୁଙ୍କର ବର୍ଷକିଆ । ଅନେକ କାମ । କମଳା ମାଉସୀଙ୍କୁ ଜଣେଇଦେଲି – ଚତୁର୍ଥୀଭୋଜି ଖାଇବା ମୋ ପକ୍ଷରେ ସମ୍ଭବ ନୁହେଁ । ମୁଁ ଯାଇ ପହଞ୍ଚିବି ଚତୁର୍ଥୀ ବାସିଦିନ । ସକାଳୁ ସକାଳୁ । ସେଦିନ ରବିବାର ଥିବା ହେତୁ ବରୁଣ ମଧ୍ୟ ଯିବେ ମୋ ସାଥିରେ । ଦିନ ସାରା ରହି ରାତିକୁ ଫେରିଆସିବୁ ଆମେ ।

କାର୍ଯ୍ୟକ୍ରମ ଅନୁଯାୟୀ ଚତୁର୍ଥୀ ପର ଦିନ ପ୍ରାୟ ସକାଳ ଦଶଟାରେ ବରୁଣ ଓ ମୁଁ ଯାଇ ପହଞ୍ଚିଗଲୁ କମଳା ମାଉସୀଙ୍କ ପାଖରେ । ଘରେ ଯଥାରୀତି ବାହାଘରର ହଟଗୋଳ । କୁଣିଆ ମଇତ୍ର ଭର୍ତ୍ତି । ଅନେକ ସାନଛୁଆ ଓ କିଶୋରୀମାନଙ୍କର ଗହଣରେ ପରିବେଷ୍ଟିତ ହୋଇ ମୁଣ୍ଡରେ ଓଢଣାଟାଣି ଗୋଟିଏ ଘରେ ଚୁପ୍‌ଚାପ୍ ବସି ରହିଥିଲେ ତରୁନାନୀ । ଦେହଭର୍ତ୍ତି ଗହଣା, ସିନ୍ଥିରେ ବହଳ କରି ସିନ୍ଦୂର । ତରୁନାନୀ ଆଗ ଅପେକ୍ଷା କିଞ୍ଚିତ୍ ଭିନ୍ନ ଦିଶୁଥିଲେ ! ବାହାଘର ପରେ ପରେ, ସୁନା ଓ ସିନ୍ଦୂରର ଔଜ୍ଜଲ୍ୟ ପ୍ରତିଟି ଝିଅକୁ କିଛି ପରିମାଣରେ ସ୍ନିଗ୍ଧ ଓ ଶୋଭାମୟୀ କରି ଦେଇଥାଏ । ତରୁନାନୀ ମଧ୍ୟ ଏହାର ବ୍ୟତିକ୍ରମ ନଥିଲେ । ଆଣିଥିବା ସିଲ୍‌କ ଶାଢୀର ପ୍ୟାକେଟ୍‌ଟି ତରୁନାନୀଙ୍କ ହାତକୁ ବଢେଇ ଦେଲି । ମତେ ଚିହ୍ନିପାରି ମୃଦୁ ହସି ଶାଢୀଟି ଗ୍ରହଣ କଲେ ତରୁନାନୀ ।

ଖରାବେଳ ଖିଆପିଆ ପରେ ଅନେକ କୁଣିଆ ବାହାରିଗଲେ ଘରୁ । ଘର ଖାଲି ହୋଇଗଲା କିଛି ପରିମାଣରେ । କମଳା ମାଉସୀ ମତେ କହିଲେ – ବରୁଣ ଆସିଲାବେଳକୁ ସେ ଦାଣ୍ଡଘର ଚୌକୀରେ ବସିକି ରହିଛନ୍ତି । ତୁ ତାଙ୍କୁ ନେଇକି ଏବେ ଉପରମହଲା କଣଘରକୁ ଚାଲିଯା, ଦିହେଁ ସେଠି ଟିକିଏ ଆରାମ କରିନବ । ସେ ଘର ଏବେ ଖାଲି ହୋଇଗଲାଣି ।

ବରୁଣ ଓ ମୁଁ ସାଥିରେ ଆଣିଥିବା ସାନ ସୁଟ୍‌କେଶଟି ଧରି ଉପର ମହଲାକୁ ଯିବାକୁ ବାହାରିଛୁ, ସିଡି ପାଖରେ ନିଲୁଭାଇନା ପଡିଗଲେ ସାମ୍ନାରେ । ତାଙ୍କ ହାତ



Digitized by srujanika@gmail.com

ଧରି ଟାଣି ଟାଣି ବରୁଣ ତାଙ୍କୁ ବି ନେଇଗଲେ ଉପରକୁ । ଚୁପ୍‌ଚୁପ୍ କରି କହିଲେ - ନୀଳମଣି, ତମ ସାଥିରେ ତ କିଛି ଗପସପ ହୋଇପାରିଲାନି ଏ ଲୋକ ଗହଳିରେ । ଚାଲ ଉପରକୁ । କଥା ଅଛି । ଦେଖିଲି - ନିଲୁଭାଇଙ୍କ ଗାଲ ଉପରକୁ ଛଲ୍‌କାଏ ରକ୍ତ ଛିଟିକି ଆସିଲା ବରୁଣଙ୍କ ଇଙ୍ଗିତପୂର୍ଣ୍ଣ ମନ୍ତବ୍ୟରେ ।

ଉପର ଘର ଖଟରେ ନିଜେ ଆରାମ କରି ବସି ଓ ନିଲୁଭାଇଙ୍କୁ ପାଖରେ ବସାଇ ବରୁଣ କୌତୁକ କରି କହିଲେ - ନିଲୁବାବୁ, ପତ୍ନୀଙ୍କ ସହିତ କାଲି ରାତିରେ ସଠିକ୍ ପରିଚୟ ହେଲା ନା ନାହିଁ ? କେମିତି କଟିଲା ମଧୁଚନ୍ଦ୍ରିକା ?

ନିଲୁଭାଇ ତାଙ୍କର ସ୍ୱାଭାବିକ ଢଙ୍ଗରେ ମୃଦୁହସି ତଳକୁ ଚାହିଁ ବସି ରହିଲେ ଓ ଡାହାଣ ହାତରେ ପଞ୍ଜାବୀର ନୂଆ ସୁନା ବୋତାମକୁ ସାଉଁଳିବାରେ ଲାଗିଲେ । ତାଙ୍କ ଆଙ୍ଗୁଳିର ପଥରବସା ମୁଦିସବୁ ଚକ୍‌ଚକ୍ କରି ଉଠିଲେ ଦିନ ଆଲୋକରେ । ନିଲୁଭାଇଙ୍କର ପହରଣ କୋରାଧୋତି ଓ ସାଦା ସିଲକ୍‌ର ପଞ୍ଜାବୀ । ଭାରି ରୂପବାନ, ଭାରି କାନ୍ତିମୟ ଦିଶୁଥିଲେ ନିଲୁଭାଇ ।

ନିଲୁଭାଇଙ୍କୁ ନିରୁତ୍ତର ଦେଖି ବରୁଣ ପୁନର୍ବାର ଲାଗିଗଲେ ତାଙ୍କ ପଛରେ । କହିଲେ - ନିଲୁ, ଲାଜ କରନା, ବାହା ହୋଇସାରିଲଣି । ଆମର ସମଗୋତ୍ରୀୟ ହେଇଗଲଣି ଏବେ । ଆଉ କଅଣ ଲାଜ ?

ନିଲୁଭାଇ ଏଁଥରକ ମୁହଁ ଟେକି ବରୁଣଙ୍କୁ ଚାହିଁ ହସିଲେ ଓ କିଛି ଗୋଟାଏ କଥା କହିବାକୁ ଉଦ୍ୟତ ହେଉହେଉ ଅଟକି ଗଲେ ।

ବରୁଣ କହିଲେ - ତମ ଭାବଭଙ୍ଗୀରୁ ମୁଁ ଜାଣିସାରିଲିଣି, ଜଣେ କାହା ଆଗରେ ନିଜ ମନକଥା କହିବାକୁ ବେଶ୍ ଉଚ୍ଛନ୍ନ ହୋଇପଡିଲଣି ତମେ । କାହାକୁ ଆଉ କହିବ ଘରେ ? ମତେ ଇ ବରଂ କହିପକାଅ ।

ତକିଆ ଉପରେ ଭରାଦେଇ ଓ ବେଶ୍ ଉତ୍କଣ୍ଠିତ ଭାବରେ ନିଲୁଭାଇଙ୍କ ମୁହଁକୁ ଚାହିଁ ଖଟ ଉପରେ ବସି ରହିଲେ ବରୁଣ । ନିଲୁଭାଇ କିନ୍ତୁ ତଥାପି ଥିଲେ ନିରୁତ୍ତର । ଏଥରକ ବେଶ୍ ଅନ୍ତରଙ୍ଗ ଭଙ୍ଗୀରେ ନିଲୁଭାଇଙ୍କ କାନ୍ଧରେ ହାତ ପକାଇ ହସି ହସି ମନ୍ତବ୍ୟ କଲେ ବରୁଣ, କଅଣ ହେଲା ନିଲୁ ? କଅଣ ସବୁ ପ୍ରେମଗପ ହେଲା ଆଉ ତରୁଲତାଙ୍କ ସାଥିରେ ? ରାତିରେ ଶୋଇଚ ନା ନାହିଁ ? ନା ପ୍ରେମଗପ କରୁ କରୁ ଜହ୍ନ ବୁଡିଗଲା ?

ଏଥରକ ବରୁଣଙ୍କୁ ଚାହିଁ ଓ ଏକ ସୁମଧୁର ସ୍ମିତରେ ମୁହଁକୁ ଶ୍ରୀମୟ କରି ଲାଜ ଲାଜ ଭଙ୍ଗୀରେ ନିଲୁଭାଇ କହିଲେ - ଏମିତି ଲାଜକୁଳୀ ଝିଅ ମୁଁ ଜୀବନରେ ଦେଖିନି । ଗପ କଅଣ କରିବ ? ସାରା ରାତି ବିତିଗଲା, ମୁହଁରେ କଥାପଦେ ଫୁଟାଇ ପାରିଲିନି ।"

●●●



Digitized by srujanika@gmail.com

# ସ୍ୱାଦ

ଥାଳି ଗିନା ଫିଙ୍ଗିବାଠାରୁ ଆରମ୍ଭ କରି କାଚଗିଲାସ କଚାଡ଼ି ଭାଙ୍ଗିବାଯାଏ, ସବୁପ୍ରକାର ଗଣ୍ଡଗୋଳ ଗୁନୁ କରୁଥିଲା ଭାତ ଖାଇଲା ବେଳେ । ଏମିତିରେ ସବୁ ଭାଇଭଉଣୀଙ୍କ ଭିତରେ ଥିଲା ସୁଧାର । ଗମ୍ଭୀର ଓ ଶାନ୍ତ ସ୍ୱଭାବ । କଥା କହେ କମ୍ । ନିର୍ଦ୍ଧାରିତ ସମୟରେ ପାଠ ପଢେ ଆଉ ବଳକା ସମୟ ତକ ଘୁଡ଼ି ଉଡ଼ାଏ - ଛାତ ଉପରେ ଏକା ଏକା । ଘୁଡ଼ି ନିଶା ଥିଲା ପ୍ରବଳ । ଆଳଝଂଜାଳ ନାହିଁ । କୌଣସି ପ୍ରକାର ଚଗଲାମି ବା ଅମାନିଆପଣ ନାହିଁ । ସର୍ବଗୁଣରେ ଥିଲା ଆଦର୍ଶ ସନ୍ତାନଟିଏ । କେବଳ ଭାତ ଖାଇଲାବେଳେଇ କରୁଥିଲା ପ୍ରହସନ । କାରଣ ସେଇ ଗୋଟିଏ । ଘରେ ରନ୍ଧା ହେଉଥିବା କୌଣସି ତରକାରୀ ତାର ପସନ୍ଦ ହେଉନଥିଲା ।

ଆମର ଥିଲା ଯୌଥ ପରିବାର । କକେଇ ମଧ୍ୟ ସପରିବାର ରହୁଥିଲେ ଆମ ସହିତ । ପିଇସୀନାନୀଙ୍କ ପୁଅ ତଥା ବୋଉର ଜଣେ ସଂପର୍କୀୟ ଭାଇ ବି ପାଠ ପଢୁଥିଲେ ଆମ ଘରେ ରହି । ଗାଁରୁ ଓ ମାମୁଘରୁ ଅନବରତ କେହି ନା କେହି କୁଣିଆ । କଟକରେ କାମ ପଡ଼ିଲେ ରହଣି ହେଉଥିଲା ଆମଘରେ । ପରିବାରର ଏତେଗୁଡ଼ିଏ ସଦସ୍ୟଙ୍କର ମନଜଗି, ସୀମିତ ଆୟ ଭିତରେ ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତ କରିବା ବୋଉ ପକ୍ଷରେ ସମ୍ଭବ ନ ଥିଲା । ମଧ୍ୟବିତ୍ତ ଓଡ଼ିଆ ଘରର ନିତିଦିନିଆ ରାନ୍ଧଣା । ସକାଳ ଦଶଟା ସୁଦ୍ଧା ସଭିଏଁ ବାହାରି ଯାଉଥିଲେ ସ୍କୁଲ୍ ଓ କଲେଜ । ତରବରିଆ ହେଇ ଭାତ ଡ଼ାଲି ସାଥିରେ ବୋଉ କରି ଦେଉଥିଲା ସନ୍ତୁଳା ଓ ଆଳୁଭର୍ତ୍ତା । ମସଲା ବାଟି, ପରିବା କଷି, ସୌଖୀନ୍ ରନ୍ଧା ରାନ୍ଧିବାପାଇଁ ସ୍ୱାଭାବିକ୍ ଭାବରେ ସମୟ ନ ଥିଲା ତା'ର । ଆଉ ସେ ଫିକା ସ୍ୱାଦର ସିଝା ତରକାରୀ ଦେଖିଲେ ଇ ଗୁନୁ ରାଗିକି ଉଠିଯାଉଥିଲା ଭାତଥାଳି ପାଖରୁ ।

ବୋଉ ହାତରନ୍ଧା କିନ୍ତୁ ଆମ ପାଟିକୁ ଲାଗୁଥିଲା ଅମୃତ ପରି । ବାସ୍ନାରେ ବାରି ହେଇଯାଉଥିଲା ଅନ୍ୟଲୋକ ହାତରନ୍ଧାଠାରୁ । ସାଧାରଣ ଶାଗଭଜା ବି ସ୍ୱାଦରେ ଲାଗୁଥିଲା ଅସାଧାରଣ । ବାରିରୁ ପୁରୁଣିମୁଣ୍ଡି କି ଖଡ଼ାପତ୍ର ତୋଳି ବୋଉ ଖରଡ଼ି ଦେଉଥିଲା ବଡ଼ି ଓ ରସୁଣ ଛୁଙ୍କ ଦେଇ । ଭାରି ମଧୁରିଆ ଲାଗୁଥିଲା ସିଏ ପାଟିକି । କଇରାପତ୍ର ଓ ବେସରବଟା ଦେଇ ବୋଉ କରୁଥିଲା ଆଳୁ ଓ ସଜନାଛୁଇଁ ଝୋଳ, ଜିରାଗୁଣ୍ଡ ଓ ପିଠୋଉ ଗୋଳେଇ ସଜନା ଫୁଲ ଓ କଞ୍ଚନ ଫୁଲର ବଡ଼ା, ପୋସ୍ତବଟା



Digitized by srujanika@gmail.com

ଦେଇ କଖାରୁଢ଼ଙ୍କ ତରକାରୀ, ଭେଣ୍ଡି, ବାଇଗଣ ଓ ମୂଳା ପକେଇ ଆମ୍ବିଳି ତୋରାଣୀର କାଞ୍ଜି, କୋରାନଡ଼ିଆ ଓ ବୁଟମିଶେଇ ପାଣିକଖାରୁ ଖଟା ଏବଂ କଖାରୁ, ସାରୁ ଓ ଗଜାମୁଗ ସହିତ କଦଳୀଭଣ୍ଡା କିମ୍ବା ମଞ୍ଜାର ମେଞ୍ଚ ମେଞ୍ଚକିଆ ଘାଣ୍ଟ । ସାଧାରଣ ଶାକ୍‌ସବ୍‌ଜିକୁ ନେଇ ଚମତ୍କାର ରାନ୍ଧଣା ରାନ୍ଧୁଥିଲା ବୋଉ । ପଣସମଞ୍ଜିଠାରୁ ଆରମ୍ଭ କରି ପିତାଶାଗ ପର୍ଯ୍ୟନ୍ତ - ସବୁ କିଛି ତା' ହାତର ସ୍ପର୍ଶରେ ହେଇଉଠୁଥିଲା ଅନବଦ୍ୟ । ହାତ ଚାଟି ଭାତ ଖାଉଥିଲୁ । ଏକମାତ୍ର ଗୁନୁଇ ଥିଲା ବ୍ୟତିକ୍ରମ । କୌଣସି ପରିବା ରୁଚିକର ମନେ ହେଉନଥିଲା ତାକୁ । ବୋଉ ହାତରନ୍ଧା କେବଳ ଯୋଡ଼ିଏ ଜିନିଷଇ ପସନ୍ଦ ଥିଲା ତା'ର । ସରୁ ସରୁ କଟା ତେଲଛଣା କୁଡ଼ୁମୁଡ଼ିଆ ଆଳୁଭଜା ଏବଂ ମସଲାଦାର୍ ତେଲ ଜୁକୁଜୁକୁ ଆଳୁଦମ୍ । ତା'ବି ଦିନକରୁ ଦୁଇଦିନ ହେଲେ ବିରକ୍ତ ହେଉଥିଲା ।

ମୁଁ ଦଶମଶ୍ରେଣୀରେ ପଢ଼ିଲାବେଳେ ଗୁନୁର ଜନ୍ମ । ଚଉଦବର୍ଷ ସାନ ଥିଲା ମୋ'ଠାରୁ । ତା' ପିଲାଦିନ କଥା ଏବେ ବି ସ୍ପଷ୍ଟ ଭାବରେ ମନେ ପଡ଼େ ମୋ'ର । ଶୈଶବରୁ ଇ ଖାଇବାରେ ଜଞ୍ଜାଳ । ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ କେବଳ କ୍ଷୀର ପିଇ ମଣିଷ । ଭାତ ଖାଇବାକୁ ଥିଲା ନାମଙ୍ଗ । ବୋଉ ଜବରଦସ୍ତି ଭାତଡ଼ାଲି ଗୁଣ୍ଡାଟିଏ ତା' ପାଟିକି ଦେଇଦେଲେ, ଗାଲକୁ ଫୁଲେଇ ପାଟି ଭିତରେ ତାକୁ ସେଇମିତି ଧରି ରଖୁଥିଲା କିଛି ସମୟ ପର୍ଯ୍ୟନ୍ତ । ତା' ପରେ ଯାଇ ଫିଙ୍ଗି ଦେଉଥିଲା ପିଣ୍ଡାତଳକୁ । ବୋଉ ବ୍ୟସ୍ତ ହେଇ କ୍ଷୀର ଗିନେ ଆଣି ପିଆଇ ଦେଉଥିଲା । କ୍ଷୀର ଅବଶ୍ୟ ପିଇ ଦେଉଥିଲା ବିନା ପ୍ରତିବାଦରେ । ଘରେ ଗାଈ ଥିଲେ । କ୍ଷୀର, ଦହିର ଅଭାବ ନ ଥିଲା ।

ଧୀରେ ଧୀରେ ଗୁନୁ ବଡ଼ ହେଲା । ଭାତ ତରକାରୀ ପ୍ରତି କିନ୍ତୁ ରହିଗଲା ସେ ଶୈଶବର ବିମୁଖତା । ସବୁ ତରକାରୀ ବିସ୍ୱାଦ ଥିଲା ତା' ପାଇଁ । କେବଳ ଆଳୁବ୍ୟତୀତ ଅନ୍ୟ କୌଣସି ପରିବା ପ୍ରାୟତଃ ଛୁଉଁନଥିଲା । ବୋଉର ସଉକ୍ ଥିଲା ବାରିବଗିଚା କରିବାର । ପ୍ରତ୍ୟେକ ବର୍ଷ ବର୍ଷାଦିନେ ବୋଉ ଶିମମଞ୍ଜି ଯୋଡ଼ିଏ ପୋତି ଦେଉଥିଲା ଅଗଣାରେ । ଶୀତଦିନେ ସେ ଶିମଲତାର ରଞ୍ଜା ଭର୍ତ୍ତି ହେଇ ଯାଉଥିଲା ଅଜସ୍ର ନଧର ଫଳରେ । କଅଁଳ କଅଁଳ ଶିମ ତୋଳି, ଶଙ୍ଖସାରୁ, ଦେଶୀଆଳୁ ଓ କଷିବାଇଗଣ ଦେଇ ବୋଉ କରୁଥିଲା ଶିମରାଇ । ମନେଅଛି - ଥରଟେ ଲଗାତାର ଦୁଇଦିନ ଧରି ଶିମ ତରକାରୀ ଖାଇ ସାରିଲା ପରେ, ରାଗ ଚୋଟରେ ଗୁନୁ ଯାଇ ସେ ବର୍ଦ୍ଧିଷ୍ଣୁ ଶିମଗଛଟିକୁ ଉପାଡ଼ି ଦେଇଥିଲା ଅଗଣାରୁ - ବୋଉ ଯେମିତି ଭବିଷ୍ୟତରେ ଆଉ ଶିମ ତରକାରୀ ରାନ୍ଧିବାରେ ସମର୍ଥ ନ ହୁଏ ।

ନିର୍ମୂଳ, ହତଶ୍ରୀ ଲତାଟିକୁ ଦେଖି ବୋଉ ଦୁଃଖରେ କାନ୍ଦି ପକେଇ ଥିଲା ସେଦିନ । କାନ୍ଦିକାନ୍ଦି କହିଥିଲା ଗୁନୁକୁ - ତତେ ତ ସବୁ ତରକାରୀ ଅସୁଆଦ ।



Digitized by srujanika@gmail.com

କଅଣ ରାନ୍ଧିଲେ ଆଉ କେମିତି ରାନ୍ଧିଲେ ତତେ ଭଲ ଲାଗିବ ତା ହେଲେ କହ । ସେଇଆ ଇ ରାନ୍ଧିଦେବି ତୋ' ପେଇଁ । ବାକି ପିଲେ ତ ମୋର କେଡ଼େ ଖୁସିରେ ମୋ ହାତରନ୍ଧା ଖାଇକି ଯାଉଛନ୍ତି । ତତେ କେମିତି ସବୁ ଅସୁଆଦ ଲାଗୁଛି ? ଅଧାଭାତ ଖାଇ ଉଠି ଯାଁଉ ଯାଉ ଗୁନୁ କହିଥିଲା - ମୁଁ କେମିତି ଜାଣିବି କୋଉ ପ୍ରକାରରେ ରାନ୍ଧିଲେ ଭଲ ଲାଗିବ ? ଜାଣିଥିଲେ ମୁଁ ନିଜେ ବନେଇ ଖାଆନ୍ତିନି ? ରାନ୍ଧିବା ଲୋକ ତୁ । ରନ୍ଧାକଥା ତୁ ଜାଣିବୁ ନା ମୁଁ ଜାଣିବି ?

ପୁଅର ଅଧାଖିଆ ଭାତଥାଳିକୁ ଦେଖି, ମୃତ ଶିମଗଛଜନିତ କ୍ଳେଶ ଭୁଲି ବୋଉ ମତେ କହିଥିଲା - ସବୁଦିନ ଏମିତି ଦରପେଟ ଖାଇକି ସ୍କୁଲ୍ ଯାଉଛି । ଏମିତି ଖାଇଲେ କଅଣ ମଣିଷ ହବ ଭଏ ? ବସ୍ତୁତଃ ଯେଉଁଦିନ ଗୁନୁ କୌଣସି ପାଟି ତୁଣ୍ଡ ନ କରି ବଢ଼ା ହେଇଥିବା ସବୁତକ ଭାତ ଖାଇ ଦେଉଥିଲା, ବୋଉ ପାଇଁ ସେଦିନଟି ହେଉଥିଲା ଏକ ପାର୍ବଣର ଦିନ । ଗୁଣୁଗୁଣୁ ହେଇ ସାରାଦିନ ଦୋହରାଉଥିଲା - ଯାହି ହେଉ, ଆଜି କେମିତି ଭାତଯୋଡ଼େ ପଡ଼ିଛି ତା' ପେଟରେ ।

ଗୁନୁ ଅବଶ୍ୟ ଶାନ୍ତିରେ ଓ ପ୍ରସନ୍ନତାର ସହିତ ଭାତ ଖାଉଥିଲା କେବଳ ଗୋଟିଏ ଦିନ । ଯେଉଁଦିନ ଘରେ ମାଂସ ରନ୍ଧା ହେଉଥିଲା । କଣ୍ଟାବାଛି ମାଛ ଖାଇବାରେ ଥିଲା ଅକ୍ଷମ । ପ୍ରିୟ ଖାଦ୍ୟ ଥିଲା ମାଂସ । ଝୋଳ ଗୋଳେଇ ଗୋଳେଇ ଦୋଅଡ଼ ମାଗି ଭାତ ଖାଉଥିଲା ସେଦିନ । ବାପା ଥିଲେ ନିରାମିଷାଶୀ । ଘରକୁ ତେଣୁ ଏମିତିରେ ମାଂସ ଆସୁଥିଲା କମ୍ । ସ୍କୁଲ୍ କଲେଜ ଥିବା ଦିନମାନଙ୍କରେ ସକାଳୁ ଆମିଷ ତରକାରୀ କରିବା ପାଇଁ ବୋଉକୁ ସମୟ ନ ଥିଲା । ଘରକୁ ତେଣୁ ମାଂସ ଆସୁଥିଲା କେବଳ ରବିବାର ଦିନ । ଖଣ୍ଡ ଖଣ୍ଡ ଆଳୁ ପକେଇ, ଗରମ ମସଲା, ପିଆଜ ଓ ଲଙ୍କାବଟା ଦେଇ ବୋଉ କରିଦେଉଥିଲା ଲାଲ୍ ଟହଟହ ଡ଼ାଇଟିନି ବାସ୍ନାର ମାଂସଝୋଳ । ଏବଂ ସେ ଝୋଳର ଘ୍ରାଣରେଇ ନିର୍ଦ୍ୱନ୍ଦ୍ୱରେ ଭାତ ଖାଇ ଦେଉଥିଲା ଗୁନୁ । ଯଦି ଦୈବାତ୍ କୌଣସି ଦିନ ରବିବାରରେ ମାଂସ ହେଇପାରୁନଥିଲା, ରୋଷେଇଘରକୁ ଆସି ତରକାରୀ କଡ଼େଇକି ଉଣ୍ଡିଦେଇ, ଯାଇ ରୁଷିକି ଶୋଇରହୁଥିଲା ଉପର ମହଲାରେ । ସଂପୂର୍ଣ୍ଣ ରୂପେ ଅନଶନ କରିଥିବାର ଭଙ୍ଗୀରେ ।

ଗୁନୁ କଲେଜରେ ପଢ଼ିବା ସମୟରେ ଏକ ଈଶ୍ୱରପ୍ରଦତ୍ତ ଯୋଗାଯୋଗ ହେତୁ ତା'ର ଖାଦ୍ୟପେୟ ଜନିତ ସମସ୍ୟାଟିର କିଞ୍ଚିତ୍ ସମାଧାନ କରିବାରେ ବୋଉ ଅବଶ୍ୟ ସକ୍ଷମ ହେଇଥିଲା । ଠିକ୍ ସେତିକିବେଳେ ଆମ ଘରକୁ ଲାଗିଥିବା ବଜାର ଭିତରେ ଅଚାନକ୍ ଖୋଲିଲା ନୂଆ ରେଷ୍ଟୁରାଣ୍ଟ୍ ଟିଏ । ନାଁ ବମ୍ବେ ହୋଟେଲ୍ । ଏବଂ ସେ ହୋଟେଲ୍‌ରେ ପ୍ରତ୍ୟହ ମାଂସ ତରକାରୀ ରନ୍ଧା ହେଉଥିଲା । ସେତେବେଳେ ଗୋଟିଏ ପ୍ଲେଟ୍ ମାଂସ ତରକାରୀର ଦାମ୍ ଥିଲା ଟଙ୍କେ ଚାରଣା । ଦରକାର ପଡ଼ିଲେ ଆମ



Digitized by srujanika@gmail.com

ଘରେ କାମ କରୁଥିବା ପିଲାଟିକୁ ପଠାଇ ଗୋଟିଏ ପ୍ଲେଟ୍ 'ମଟନ୍ ଦୋପିଆଜି ବୋଉ ମଗେଇ ଆଣୁଥିଲା ଗୁନୁ ପାଇଁ । ବଡ଼ ଚାମଚରେ ଚାରିଚାମଚ ଦହ ପିଆଜ ମିଶା ଚଟକ୍‌ଦାର୍ ଝୋଳ - ତା' ଭିତରେ ମଧ୍ୟମ ଆକାରର ଅସ୍ଥି ସଂଯୁକ୍ତ ମାଂସଖଣ୍ଡଟିଏ । ତାକୁ ଇ ଲଗାଇ ଭାତ ଖାଇ ଦେଉଥିଲା ଗୁନୁ । ଗୁନୁକୁ ଭାତବାଢ଼ିବା ସମୟରେ କାନିରେ ଟଙ୍କେ ଚାରଣା ବାନ୍ଧିବାଟା କିଛିଦିନ ପରେ ବୋଉର ରୀତିମତ୍ ଅଭ୍ୟାସରେ ପଡ଼ିଗଲା । ଗୁନୁ ଦରଖିଆ ହେଇ ଉଠିଯିବାର ଦେଖିଲେ, ବୋଉ ଚଟ୍‌କି କାନି ଖୋଲି ଟଙ୍କେ ଚାରଣା ବାହାର କରି ଦେଉଥିଲା ଓ ପନ୍ଦର ବର୍ଷର ସପନି ସାଇକେଲ୍ ମାରି ପାଞ୍ଚମିନିଟ୍ ଭିତରେ ଗୋଟିଏ ପ୍ଲେଟ୍ ମାଂସଝୋଳ ଯାଇ କିଣି ଆଣୁଥିଲା ବମ୍ବେ ହୋଟେଲ୍‌ରୁ ।

ସମୟ ଗଡ଼ିଚାଲିଲା । ଗୁନୁ ବି ବଡ଼ ହେଲା ଧୀରେ ଧୀରେ । କାଳକ୍ରମେ ଇଞ୍ଜିନିୟରିଂ ପଢ଼ିବାକୁ ଯାଇ ରହିଲା ହଷ୍ଟେଲ୍‌ରେ । ପ୍ରଥମ ଛୁଟିରେ ଯେବେ ଘରକୁ ଆସିଲା, ଭାତ ଖାଇଲା ବେଳେ ବୋଉ ଏକାସାଥିରେ ଦି' ପ୍ଲେଟ୍ ମଟନ୍ ଦୋପିଆଜି କିଣି ଆଣିଲା ତା' ପାଇଁ । ରହୁଥିଲା ଏବେ ଘରଠୁ ଦୂରରେ । ଢଂଢାଳ ସହିବାକୁ ବୋଉ ପାଖରେ ନ ଥିଲା । ଆମେ ଭାବିଥିଲୁ ହୁଏତ ତା' ଖାଇବାର ଅଭ୍ୟାସ କିଛିଟା ବଦଳିଥିବ ଯା' ଭିତରେ । କିନ୍ତୁ ସେଭଳି କୌଣସି ଲକ୍ଷଣ ଦେଖିବାକୁ ପାଇଲୁନି ତା'ଠାରେ । ପୂର୍ବାପେକ୍ଷା କିଛିଟା ସୁଧୁରିଥିଲା ନିଶ୍ଚୟ । କିଛି କିଛି ପରିବାପତ୍ର ଖାଉଥିଲା । ଖାଦ୍ୟ ପେୟରେ କିନ୍ତୁ ଥିଲା ଠିକ୍ ଆଗପରି ଖୁନ୍ତ୍ ଖୁନ୍ତ୍ ।

ଇଞ୍ଜିନିୟରିଂ ପାଶ୍ କଲାପରେ ଗୁନୁକୁ ଚାକିରି ମିଳିଗଲା ବାଙ୍ଗାଲୋର୍‌ର ଏକ ନାମୀ କମ୍ପାନୀରେ । ସେଠି ତିନିବର୍ଷ ରହିଲା ପରେ ବଦଳି ହେଲା ବମ୍ବେ ଏବଂ ଏତିକିବେଳେ ଇ ପ୍ରସ୍ତାବ ଆସିଲା ତା' ବାହାଘରର । ଆମ ପଡ଼ୋଶୀଙ୍କର ଆତ୍ମୀୟା । ବିଗତବର୍ଷ ଇତିହାସରେ ଏମ୍.ଏ. ପାଶ୍ କରିଛି ଝିଅଟି । ପିତା ଅବସରପ୍ରାପ୍ତ ଅଧ୍ୟାପକ । ବାପା ବୋଉ ଦେଖିଛନ୍ତି ଝିଅଟିକୁ । ତାଙ୍କ ମନକୁ ବି ପାଇଛି । ଏବେ ଖାଲି ଗୁନୁ ଆସି ଦେଖିଯିବା କଥା ।

ବୋଉଠୁ ଫୋନ୍ ପାଇ ଗୁନୁ କହିଲା - ନାନୀକୁ କହ ଆସି ଦେଖିଯାଉ ଥରଟେ । ଯଦି ନାନୀର ପସନ୍ଦ ହେବ, ତା ହେଲେ ମୁଁ ଯିବି । ନ ହେଲେ ନାଇଁ ।

ବାପାଙ୍କଠୁ ଚିଠି ପାଇ କାଳ ବିଳମ୍ବ ନ କରି ଯାଇ ପହଞ୍ଚିଲି ଘରେ । ଭାବୀ ଭାଉଜଟିକୁ ଦେଖିବାପାଇଁ ଆଗ୍ରହ ବି ଥିଲା ମନରେ । ପହଞ୍ଚିବା ଦିନ ସନ୍ଧ୍ୟାରେ ଝିଅଟିକୁ ଦେଖିଯିବାପାଇଁ ବାହାରିଛି, ବୋଉ ମତେ ବରଣ୍ଡା କଡ଼କୁ ଡ଼ାକି ଚୁପ୍‌ଚୁପ୍ କହିଲା - ଝିଅଟି ରନ୍ଧାବଢ଼ା ଜାଣିଚି ନା ନାଇଁ ଟିକିଏ ପଚାରିବୁ ତ ମା ? ତୁ' ତ



Digitized by srujanika@gmail.com

ଜାଣିଛୁ ଗୁନୁର ଖାଇବାରେ କି ଝାମେଲା । ସାରାଟା ଜୀବନ ମତେ ହନ୍ତସନ୍ତ କରି ଆସିଲା । ମୁଁ ସିନା ମା' ବୋଲି ସହିଗଲି । ପରଝିଅ । ତାକୁ ଏମିତି ହଇରାଣ କଲେ ସିଏ କଅଣ ସହିବ ? ରନ୍ଧାବଢ଼ା ଟିକିଏ ଜାଣିଥିଲେ ଭଲ । ଗୁନୁକୁ ସମାଳିନବ ।

ମୁଁ ହସିକି କହିଲି - ଏମିତି କଅଣ ପଚରାଯାଏ ? ଝିଅଟି ପୁଣି ଏମ୍.ଏ. ପାଶ୍ ।

- ଦେଖିବୁ । ସୁଯୋଗ ଦେଖି ଯଦି ଟିକିଏ ପଚାରି ପାରନ୍ତୁ ଭଲ ହୁଅନ୍ତା । ବୋଉ ଚିନ୍ତିତ ମୁହଁରେ କହିଲା ।

ଝିଅଟିକି ଦେଖି କିନ୍ତୁ ଭାରି ଭଲ ଲାଗିଲା ମତେ । ସାବନ ରଙ୍ଗର ସୁଶ୍ରୀ, ଦୀର୍ଘାଙ୍ଗୀ ଝିଅଟିଏ । କଥାବାର୍ତ୍ତାରେ ସପ୍ରତିଭ । ହସଟି ଭାରି ମିଠା । ଗପ କରୁ କରୁ ତା ମାଆଙ୍କୁ କହିଲି - ମାଉସୀ, ଗୁନୁ କିନ୍ତୁ ବେଶ୍ ଖାଦ୍ୟରସିକ । ଅନ୍ୟ କୌଣସିଥିରେ ସଉକ୍ ନାହିଁ । କିନ୍ତୁ ଖାଇବା ପିଇବାରେ ଭାରି ସୌଖୀନ୍ । ଲିଲି ରନ୍ଧାବଢ଼ା କିଛି ଜାଣିଚି ନା ନାଇଁ ? ମୁଁ ତ ଶାଶୁଘରକୁ ଗଲାଯାଏ କିଛି ଜାଣିନଥିଲି ।

ଲିଲିର ମା' କହିଲେ - ଚମତ୍କାର ରାନ୍ଧେ ମୋ ଝିଅ । ରାନ୍ଧିବା ହେଉଛି ତା'ର ହବି । ଏଇବର୍ଷ ପାଖ ହୋଟେଲ ମ୍ୟାନେଜମେଣ୍ଟ କଲେଜରୁ କୁକରି ଓ ବେକରିରେ ଦୁଇଟି ସର୍ଟ କୋର୍ସ ବି କରିଛି । ଆପଣ ତ ଦେଖୁଛନ୍ତି ଆକ୍ସିଡ଼େଣ୍ଟରେ ଗୋଡ଼ଭାଙ୍ଗି ମୋ ଅବସ୍ଥା ଏକରକମ ଅଚଳ । ବାଡ଼ି ଧରି ଯିବା ଆସିବା କରୁଛି । ରନ୍ଧାବଢ଼ା କାମ ଏକପ୍ରକାର ଲିଲି ଉପରେଇ ନ୍ୟସ୍ତ । ଆପଣ ଆଜି ଖାଉଥିବା ଚାଉମିନ୍ ଓ ଭେଜିଟେବଲ୍ ଚପ୍ ସିଏ ନିଜେଇ ତିଆରି କରିଥିଲା ।

ଶୁଣି ଅନେକଟା ସ୍ୱସ୍ତି ବୋଧ କଲି । ଏବଂ ଲିଲିର ମା'ଙ୍କର ବକ୍ତବ୍ୟରେ ଯେ ଅତିଶୟୋକ୍ତି ନ ଥିଲା, ତା'ର ପ୍ରମାଣ ପାଇଲି ଗୁନୁର ବାହାଘର ପରେ । ବମ୍ବେରେ ଗୁନୁକୁ କ୍ୱାର୍ଟର ମିଳିନଥିଲା ଏବଂ ବିଭାଘର ପରେ, ପ୍ରାୟ ଛଅମାସ ପର୍ଯ୍ୟନ୍ତ ଲିଲିକୁ ରହିବାକୁ ପଡ଼ିଲା ଘରେ - ବାପାବୋଉଙ୍କ ପାଖରେ । ଏବଂ ଅଷ୍ଟମଙ୍ଗଳା ବାସଦିନଠାରୁ, ରନ୍ଧାବଢ଼ାର ଦାୟିତ୍ୱଟି ସଂପୂର୍ଣ୍ଣରୂପେ ନିଜ ଉପରକୁ ଟାଣିନେଲା ସିଏ । ଘରେ ଅବଶ୍ୟ ସଦସ୍ୟ ସଂଖ୍ୟା ଥିଲା କମ୍ । ଭାଇଭଉଣୀ ସଭିଙ୍କର ଭିନ୍ନ ସଂସାର । କେକେଇ ନିଜ ଘର କରି ଅନ୍ୟତ୍ର ଉଠିଯାଇଥିଲେ । ଘରେ କେବଳ ବାପା ବୋଉ । ରନ୍ଧାବଢ଼ାରେ ଝାମେଲା ନ ଥିଲା । ଯେଉଁ କେଇଦିନ ଘରେ ଥିଲି, ଲିଲିର ହାତରନ୍ଧା ଖାଇ ତୁଷ୍ଟ ହେଉଥିଲି । ଚାଇନିଜ୍, ମୋଗ୍‌ଲାଇ, ସାଉଥ୍ ଇଣ୍ଡିଆନ୍ - ସବୁପ୍ରକାର ରାନ୍ଧଣାରେ ବେଶ୍ ପାରଙ୍ଗମ ଥିଲା ସିଏ । ପରିହାସ କରି ତାକୁ



Digitized by srujanika@gmail.com

ଦିନେ କହିଲି - ଜାଣିଚୁ ତ ଲିଲି ? ପୁରୁଷମାନଙ୍କ ହୃଦୟକୁ ବାଟ ସେମାନଙ୍କର ଉଦର ଦେଇ । ଗୁନୁଟା ତ ଭାରି ସୁଆଦଖିଆ । ବମ୍ବେ ଗଲେ, ତୋ' ହାତରନ୍ଧା ଖାଇ ବଡ଼ ସହଜରେ ପୋଷ ମାନିଯିବ ତୋ'ର୍ । ଲିଲି ମୋ କଥା ଶୁଣି ହସିଲା ଲାଜ କରି ।

ଛ' ମାସ ପରେ କ୍ୱାର୍ଟର ପାଇ ଲିଲିକୁ ବମ୍ବେ ନେଇଗଲା ଗୁନୁ । ଏବଂ ତା'ର ଅଳ୍ପ କେଇଦିନ ପରେ, ଅଚାନକ୍ ଷ୍ଟ୍ରୋକ୍ ହେଇ ସ୍ୱର୍ଗବାସ ହେଲା ବୋଉର । ବୋଉ ମୃତ୍ୟୁର ବର୍ଷକ ଭିତରେ ଯେତେବେଳେ ଲିଲିର କନ୍ୟାସନ୍ତାନଟିଏ ଜନ୍ମ ହେଲା, ବୋଉ ନାଁରେ ଥବା ଦୁଇଟିଯାକ ବ୍ୟଞ୍ଜନବର୍ଣ୍ଣ ବ୍ୟବହାର କରି, ଗୁନୁ ତା ନାଁ ରଖିଲା ସ୍ୱାତୀ । ବୋଉର ନାଁ ସୀତା ଥିଲା ଏବଂ ଗୁନୁ କହୁଥିଲା ବୋଉ କୁଆଡ଼େ ତା' ଝିଅ ରୂପରେ ଫେରିଆସିଛି ତା' କୋଳକୁ । ଲିଲି ଅନ୍ତଃସତ୍ତ୍ୱା ହେଇଥିଲା ଠିକ୍ ବୋଉର ଦେହାନ୍ତ ପରେ ପରେ ।

ମୁଁ ସେତେବେଳେ ଦିଲ୍ଲୀରେ । ସ୍ୱ ସଂସାରର ଜଞ୍ଜାଳରେ ଆକଣ୍ଠ ନିମଜ୍ଜିତ । ସ୍ୱାତୀ ବର୍ଷକର ହେଇ ସାରିଥିଲେ ସୁଦ୍ଧା ତାକୁ ଦେଖିବାର ସୌଭାଗ୍ୟ ମୋର ହେଇ ପାରି ନ ଥାଏ ସେ ଯାବତ୍ । ସ୍ୱାତୀର ପ୍ରଥମ ଜନ୍ମଦିନର ଅଳ୍ପ କେଇଦିନ ଆଗରୁ ଗୁନୁର ଫୋନ୍ ପାଇଲି - ନାନୀ, ତୁ ଓ ଭାଇନା ଦି ଜଣ ଯାକ ଆସ । ଝିଅର ଜନ୍ମଦିନ ପାଳନ କରିବା । ଆଉ ସେଇ ବାହାନାରେ ତମର ବମ୍ବେ ବୁଲା ମଧ୍ୟ ହେଇଯିବ ।

- ତୋ' ଭାଇନାଙ୍କୁ ଏବେ ଛୁଟି ମିଳିବନି । ଜାଣିଚୁ ତ ଦିଲ୍ଲୀର ଲ ଆଣ୍ଡ ଅର୍ଡର ସମସ୍ୟାର କଥା ।

- ତା ହେଲେ ତୁ ଏକା ଆ' । ପୁଅ ତ ତୋ'ର ହଷ୍ଟେଲ୍‌ରେ । ଭାଇନାଙ୍କ କଥା ବୁଝିବାକୁ ବି ଘରେ ଲୋକବାକ ଅଛନ୍ତି । ଆଉ ଅସୁବିଧା କଅଣ ? କେବେ ଆସିବୁ କହିବୁ । ମୁଁ ଷ୍ଟେସନ୍ ଯାଇ ତତେ ନେଇ ଆସିବି ।

ଯିବା ଏବଂ ନ ଯିବାର ଦ୍ୱିଧା ନେଇ ମୁଁ ଚଟ୍‌କରି ଗୁନୁକୁ କିଛି ଜବାବ୍ ଦେଇ ପାରିଲିନି । ଗୁନୁ ପୁନର୍ବାର କହିଲା - ସ୍ୱାତୀ ଆସିକି ବର୍ଷକର ହେଲାଣି । ତାକୁ ଦେଖିବାକୁ ତୋର୍ ମନ ହେଉନି ? ଜାଣିଚୁ ନାନୀ ? ଆମ ଦିଜଣଙ୍କର ରଙ୍ଗ ସିନା ବେଶୀ ସଫା ନୁହଁ । ସ୍ୱାତୀ କିନ୍ତୁ ଠିକ୍ ବୋଉପରି ଡକ୍‌ଡକ୍ ଗୋରା ହେଇଚି । ଥରଟେ ଆସିକି ତାକୁ ଆଶୀର୍ବାଦ ତ ଦେଇଯା ଅନ୍ତତଃ । ତୁ ଯେ ବାହା କରେଇଥିଲୁ ମୋତେ ।

ମନ ଗହନର କେଉଁ ଏକ ସ୍ପର୍ଶକାତର, ଆବେଗପ୍ରବଣ ତନ୍ତ୍ରୀକୁ ଦୋହଲାଇ ଦେଲା ଗୁନୁର କଥା କେଇପଦ । ଯିବାକୁ ମନା କରିପାରିଲିନି । ଶେଷ ପର୍ଯ୍ୟନ୍ତ ହାଜର୍ ହେଲି ଯାଇ ଗୁନୁର ଗୃହସ୍ଥଳୀରେ ।



Digitized by srujanika@gmail.com

ବମ୍ବେର ପାଲି ହିଲ୍‌ସ୍‌ରେ ଚମତ୍କାର ଥ୍ରି ବେଡ୍‌ରୁମ୍ ଆପାର୍ଟମେଣ୍ଟ । ଖୋଲାମେଲା, ପରିଚ୍ଛନ୍ନ ଓ ଲତାବିତାନ ଶୋଭିତ । ରୁଚିସଂପନ୍ନ ଜୀବନଚର୍ଯ୍ୟା । ବୃଦ୍ଧା ବାଇଟିଏ ଆସି ଦୁଇଓଳି ଠିକାରେ ବାହାର କାମ ସବୁ କରିଯାଏ । ରନ୍ଧାବଢ଼ା କାମଟି କିନ୍ତୁ ଲିଲି କରେ ନିଜେ । ଗୁନୁର ସ୍ୱୟଂସଂପୂର୍ଣ୍ଣ ସଂସାର ତଥା ଦେବଶିଶୁ ପରି ଗୁଲୁଗୁଲିଆ ଝିଅଟିକୁ ଦେଖି ମନ ଭରି ଉଠିଲା ଉଲ୍ଲାସରେ । ଭାବିଲି, ଆହା ! ବୋଉ ଏସବୁ କିଛି ବି ଦେଖିପାରିଲାନି ।

ସନ୍ଧ୍ୟାବେଳେ ସ୍ୱାତୀ ସାଥିରେ ଖେଳୁ ଖେଳୁ ମୁଁ କହିଲି - ଗୁନୁ, ବାପାଙ୍କୁ କିଛିଦିନ ପାଇଁ ନେଇ ଆସୁନୁ ପାଖକୁ । ସେଠି ପୂଜାରୀ ହାତରନ୍ଧା ଖାଉଛନ୍ତି । ଏଠି ଅନ୍ତତଃ ଲିଲି ଯତ୍ନ ନେଇ ପାରନ୍ତା ତାଙ୍କର ।

ଲିଲି କହିଲା - ମୁଁ ବାପାଙ୍କୁ ଫୋନ୍ କରି କରି ଥକିଗଲିଣି ନାନୀ । ତମେ ଥରଟେ କହି ଦେଖିବ ତ ! କେଜାଣି ଯଦି ତମ କଥା ଶୁଣିବେ । କହୁଛନ୍ତି ଏ ବୟସରେ ଏକୁଟିଆ ଏତେବାଟ ଯାଇ ସେ ନୂଆଜାଗାରେ ଚଳିବା ମୋ ପକ୍ଷରେ କଷ୍ଟକର ହେଇପଡ଼ିବ ।

ମୁଁ କହିଲି - ତା' ଅବଶ୍ୟ ସତ । ବୋଉ ଥିଲେ ଦିଜଣଯାକ ହୁଏତ ଏକାଠି ଆସିପାରି ଥାଆନ୍ତେ ।

ମୋ ସାଥିରେ ଖେଳୁ ଖେଳୁ ସ୍ୱାତୀ ଶୋଇପଡ଼ିଲା ସାଢ଼େ ଆଠଟା ସୁଦ୍ଧା । ଏବଂ ମତେ ଏବଂ ଗୁନୁକୁ ଗପ କରିବାକୁ ଛାଡ଼ିଦେଇ ଲିଲି ଉଦ୍ୟତ ହେଲା ରୋଷେଇ ଘରକୁ ଯିବାପାଇଁ । ମୁଁ କହିଲି - ରହ, ରହ, ମୁଁ ବି ଯିବି ତୋ ସାଙ୍ଗରେ । ଦି ଜଣଯାକ ମିଳିମିଶି ରାନ୍ଧିଦବା । ଲିଲି କହିଲା - ନାଇଁ ନାନୀ, ତମେ କଥା ହୁଅ ତମ ଭାଇଙ୍କ ସହିତ । ତମେ ସନ୍ଧ୍ୟାରେ ଆସି ପହଞ୍ଚିବା ପୂର୍ବରୁ ମୁଁ ତରକାରୀ ପତ୍ର ସବୁ କରିଦେଇଛି । ଖାଲି ଗରମ ଗରମ ରୁଟି କେଇପଟ ତିଆରି କରିବି ଏଇଲେ ।

ରୁଟି ବନେଇ ଡ୍ରାଇନିଂ ଟେବ୍‌ଲ୍‌ରେ ରାତ୍ରିଭୋଜନ ପରଶି ଦେଲା ଲିଲି । ଅନେକ ପ୍ରକାର ବ୍ୟଞ୍ଜନ - ପନିର୍ କ୍ୟାପ୍‌ସିକମ୍, ରାଜ୍‌ମା, ଦହିବରା ! ମନେମନେ ଭାବିଲି- ଯାହା ହେଉ, ଲିଲିର କର୍ମନୈପୁଣ୍ୟ ଓ କଳାକୁଶଳତା, ଗୁନୁର ଖାଦ୍ୟପେୟ ଜନିତ ସମସ୍ୟାଟିର ଦୂରୀକରଣରେ ଶେଷପର୍ଯ୍ୟନ୍ତ ସହାୟକ ହେଇପାରିଛି ନିଶ୍ଚୟ । ଯାହା ଗଣ୍ଡଗୋଳ କରୁଥିଲା ପିଲାଦିନେ ଖାଇଲା ବେଳେ । ବୋଉ ହାତରନ୍ଧା କୌଣସି ତରକାରୀ ଇ ପସନ୍ଦ ହେଉନଥିଲା ତା'ର ।

ଲିଲି ମୋ ପ୍ଲେଟ୍‌ରେ ଛେନା ତରକାରୀ ପରଶୁଥିଲା । ଚାମଚରେ ତରକାରୀ ଟିକିଏ ନେଇ ଚାଖି ମୁଁ ଗୁନୁକୁ କହିଲି - ବାଃ ! ଲିଲି ତ ବଢ଼ିଆ ରାନ୍ଧୁଚିରେ ଗୁନୁ !



Digitized by srujanika@gmail.com

ଗୁନୁ କହିଲା - ତାକୁ କିଛି ରାନ୍ଧି ଆସେନି ମଁ ନାନୀ । ବୋଉ ହାତରନ୍ଧାର ସେ ସ୍ୱାଦ କାହିଁ ତା ତରକାରୀରେ ? ଖାଲି ଚିକେନ୍ ମାଞ୍ଚୁରିଆନ୍ ଓ କୋଫ୍‌ତାକରି ରାନ୍ଧି ଜାଣିଛି । ବୋଉ ପରି ଝୁମ୍ପୁଡ଼ି କି ଛଚିନ୍ଦ୍ରା ରାନ୍ଧିପାରିବ ? ରାନ୍ଧିପାରିବ ପୋଇ କି ଗୁଆଁର, କରିପାରିବ ପଦ୍ମନାଡ଼, ପାଳଧୁଆ କଡ଼ କି ଡ଼ିମିରି ଫଳ ତରକାରୀ ? କଲରାପତ୍ର ଓ କଖାରୁଫୁଲ ପରି ବେକାରିଆ ଜିନିଷକୁ କି ଚମତ୍କାର କରି ରାନ୍ଧି ଦେଉଥିଲା ବୋଉ ! ତୋ'ର ମନେ ଅଛି ନାନୀ ? ବୋଉ କେମିତି ପାକଳ କାକୁଡ଼ିକୁ ଚୂନି ଚୂନି କରି କାଟି ତେନ୍ତୁଳି ଦେଇ ଖଟା କରୁଥିଲା । ଆଉ ପ୍ରତିବର୍ଷ ଗାଁରୁ ଆମ ହଳିଆ ଆଣୁଥିବା ସେ ଚଣାଶାଗ । ମୁଗଡାଲି ଦେଇ କେଡ଼େ ବାଗରେ ତାକୁ ରାନ୍ଧି ଦେଉଥିଲା ବୋଉ !

ମୁଁ ଖାଇବା ବନ୍ଦ୍ କରି ଅବାକ୍ ଆଖିରେ ଗୁନୁ ମୁହଁକୁ ଚାହିଁ ରହିଲି । ଲିଲି ହସି ହସି କହିଲା - ଶୁଣିଲ ତ ନାନୀ ! ମୁଁ ଯେତେ ଯତ୍ନରେ ରାନ୍ଧିଲେ ବି ସବୁବେଳେ କହିବେ ବୋଉ ହାତରନ୍ଧା ପରି ହେଲାନି । କେଇଦିନ ତଳେ ପଣସକଠା ଆଣିଥିଲେ । ଏତେ ମନ ଦେଇ ତେଲ ମସଲା ଖର୍ଚ୍ଚ କରି ରାନ୍ଧିଲି । କହିଲେ ବୋଉ କୁଆଡ଼େ ଯା'ଠୁ କମ୍ ତେଲ ମସଲାରେ ଯା'ଠୁ ଭଲ ରାନ୍ଧନ୍ତି । ଅବଶ୍ୟ ଠିକ୍ ଇ କହନ୍ତି ବୋଧେ । ଯେତେହେଲେ ମା' ହାତରନ୍ଧା ।

ଗୁନୁ ରୁଟି ଖାଉ ଖାଉ ମତେ କହିଲା - ବଜାରରେ ଏବେ ବହୁତ ଶିମ ପଡ଼ିଛି ନାନୀ । କାଲି କିଣି ଆଣିବି । ବୋଉ ଯେମିତି ରାଇ କରେ, ସେମିତି ଟିକିଏ କରିବୁ ତ ।

ଗୁନୁ କଥା ଶୁଣି ଭାରି ମଜାଲାଗିଲା ମତେ । ମନେ ପଡ଼ିଗଲା ବହୁବର୍ଷ ପୂର୍ବେ ସିଏ କରିଥିବା ତା'ର ସେଇ ପିଲାଳିଆ ଦୁଷ୍ଟାମିର କଥା । ବୋଉ ଶିମ ତରକାରୀ କରିଥିଲା ବୋଲି ରାଗରେ ସିଏ ବଗିଚାର ଶିମଗଛଟିକୁ ମୂଳୋତ୍ପାଟନ କରିଥିବାର କଥା ।

ହସି ହସି ସେ କଥାଟି ତାକୁ ମନେପକାଇ ଦେବାକୁ ଯାଉଛି, ଦୃଷ୍ଟି ମୋ'ର ହଠାତ୍ ନ୍ୟସ୍ତ ହେଲା ଚୌକି ଉପରେ ସ୍ଥାଣୁ ହେଇ ବସିଥିବା ଗୁନୁର ମ୍ଳାନ ଓ ବିଷଣ୍ଣ ମୁହଁ ଉପରେ । ତୀବ୍ର ଏକ ବେଦନାବୋଧ ତଥା ହାହାକାରର ଛାପ ଥିଲା ସେ ମୁହଁରେ - ସେ ମୁହଁର ପାଣିଭର୍ତ୍ତି ବାଦାମୀ ଡ଼ୋଳାରେ ।

ଶୂନ୍ୟକୁ ଚାହିଁ, ଅନେକଟା ସମ୍ମୋହିତ ହେଲାପରି, ମନକୁ ମନ ଗୁଣୁ ଗୁଣୁ କରି ଗୁନୁ କହିଲା - କେତେଦିନ ଯେ ବୋଉ ହାତରନ୍ଧା ଖାଇନି !

•●●●



Digitized by srujanika@gmail.com

# ସୀମାରେଖା

ବର୍ଦ୍ଧିଷ୍ଣୁ ଆମ୍ବଗଛର ଡ଼ାଳଟି କାଟିବି କାଟିବି ବୋଲି ବହୁଦିନରୁ ଭାବୁଥିଲେ ସୁଦ୍ଧା, ଶେଷ ପର୍ଯ୍ୟନ୍ତ କାମଟି କରିପାରିନଥିଲି । ମୁଖ୍ୟତଃ ଆଳସ୍ୟ ଓ ଅବହେଳାବଶତଃ । କିଛିଟା ବିନୟଙ୍କର ନିଃସ୍ପୃହତା ପାଇଁ ମଧ । କିନ୍ତୁ ବବିର ଟେଲିଫୋନ ବାର୍ତ୍ତାଳାପରୁ ସୋନୁ ଓଡ଼ିଶା ଆସୁଥିବା ଖବରଟି ପାଇସାରିଲା ପରେ, ସେ କାର୍ଯ୍ୟଟି ଅଚିରେ ସଂପାଦନ କରିବାପାଇଁ ଦୃଢ଼ସଂକଳ୍ପ ହେଇପଡ଼ିଲି ।

ସୋନୁ ଥିଲା ଖେଳପ୍ରିୟ । ଚାରିବର୍ଷ ତଳେ ଯେତେବେଳେ ଆମେରିକା ଯାଇଥିଲି, ଥିଲା ମାତ୍ର ଛଅବର୍ଷର । କିନ୍ତୁ କ୍ରିକେଟ୍, ବାସ୍କେଟ୍‌ବଲ୍, ଟେବ୍‌ଲ ଟେନିସ୍, ବାଡ୍‌ମିଣ୍ଟନ୍ ଏବଂ ଫୁଟ୍‌ବଲ୍ – ପ୍ରାୟ ପ୍ରତ୍ୟେକଟି ଖେଳପ୍ରତି ଥିଲା ଆଗ୍ରହୀ । ପ୍ରତିଖେଳର ନିୟମକାନୁନ ସହିତ ଥିଲା ମଧ ପରିଚିତ । ତା' ପାଇଁ ଖାଦ୍ୟ ଅପେକ୍ଷା ଖେଳ ଥିଲା ବେଶି ଜରୁରୀ ।

ଅପରାହ୍ନରେ ସ୍କୁଲ୍‌ରୁ ଫେରିଆସି ଉପାସିଆପେଟରେ ବଗିଚାରେ ତା' ଲାଗି ଖଞ୍ଜା ହେଇଥିବା ବାସ୍କେଟ୍‌ବଲ୍ ଷ୍ଟାଣ୍ଡ୍ ପାଖରେ କଟାଉଥିଲା ଅଧଘଣ୍ଟେ । ପରେ ପରେ କୌଣସିମତେ ଜଳଖିଆଟକ ଗଳାଧଃକରଣ କରି, ସାନ ଫୁଟ୍‌ବଲ୍‌ଟି ଧରି ଦୌଡ଼ୁ ଥିଲା ଘରପଛପଟେ ଥିବା ବିସ୍ତୀର୍ଣ୍ଣ ସବୁଜାଭ ପାର୍କଟିକୁ । ତିନି ଚାରୋଟି ଆମେରିକାନ୍ ଓ ହେସ୍‌ପାନିକ୍ ପିଲା ଥିଲେ ତା'ର ଖେଳସାଥୀ । ପଡ଼ିଶାଘର ପୋଲିସ ଅଫିସର ରବର୍ଟଙ୍କର ଶିଶୁପୁତ୍ର ଯୋଡ଼ିକ ମଧ କେବେ କେମିତି ପହଞ୍ଚି ଯାଉଥିଲେ ଖେଳିବାପାଇଁ । ଘରର ବେସ୍‌ମେଣ୍ଟରେ, ତା' ପାଇଁ ଟେବ୍‌ଲଟେନିସ୍ ଟେବ୍‌ଲଟିଏ କିଣି ବବି ପକାଇ ଦେଇଥିଲା । ଶୀତଦିନେ ବରଫପାତଯୋଗୁ ବାହାରକୁ ଯାଇପାରିଲେ, ତା' ଭଉଣୀ ସହିତ ସେଇଠି ସୋନୁ ଖେଳୁଥିଲା ଟେବ୍‌ଲଟେନିସ୍ । ଏବେ ଇ ମେଲ୍ ପଠାଇଥିଲା ଆମକୁ । ତାଙ୍କ ସ୍କୁଲ୍‌ର ସକର୍ ଓ ବାସ୍କେଟ୍‌ବଲ୍ ଟିମ୍‌ରେ ସିଏ ସାମିଲ୍ ହୋଇଛି ଏବଂ ସେମାନେ ଯା ଭିତରେ ଦୁଇଟି ଟୁର୍ଣ୍ଣାମେଣ୍ଟ ଜିତିଛନ୍ତି । ମନେପଡ଼େ – ଥରଟିଏ କୌଣସି ଖେଳସାଥୀ ନ ଥିବାରୁ ବେଶ୍ କାତର ଭାବରେ ଆସି ମୋ' ପାଖରେ ଅଳି କରିଥିଲା ତା' ସହିତ କ୍ରିକେଟ୍ ଖେଳିବା ପାଇଁ । ମତେ ଅନାଗ୍ରହୀ ଥିବାର ଦେଖି, ତା'ର ବିଚକ୍ଷଣ ବୁଦ୍ଧିରେ ମୋ ହୃଦୟକୁ ଦ୍ରବୀଭୂତ କଲାଭଳି ଅମୋଘ ଅସ୍ତ୍ରଟିଏ ପ୍ରୟୋଗ କରିଥିଲା ଶେଷପର୍ଯ୍ୟନ୍ତ – ଆଇ ଲଭ୍ ୟୁ ମା, ଆଇ ଲଭ୍ ୟୁ ଭେରିମଚ୍ । ଓଣ୍ଟ ୟୁ ପ୍ଲିଜ୍ କମ୍ ଆଣ୍ଡ୍ ପ୍ଲେ ଉଇଥ ମି ? ତା'ର ଅନୁନୟଭରା ନୀଳଡ଼ୋଳାର କାରୁଣ୍ୟରେ ଅଭିଭୂତ ହେଇ ଅନାଡ଼ି ହାତରେ ଯାଇ ବୋଲିଂ କରିଥିଲି ଶେଷ ପର୍ଯ୍ୟନ୍ତ ।



Digitized by srujanika@gmail.com

ଖେଳ ମସ୍‌ଗୁଲ୍ ପ୍ରାଣାଧିକ ପୌତ୍ରଟି ପ୍ରାୟ ମାସକ ପାଇଁ ଆସୁଥିଲା ଭୁବନେଶ୍ୱର । ପାଖାପାଖି କୌଣସି ଖେଳପଡ଼ିଆ ନାହିଁ । ଖେଳିବ ସିଏ କେଉଁଠି ? ବେଶ୍ ଦୀର୍ଘ ସମୟ ଧରି ରହିବ ଆମପାଖରେ । ଖେଳି ନ ପାରିଲେ ମନଦୁଃଖ କରିବ ନିଶ୍ଚୟ ।

ଘର ସାମ୍ନାରେ ସାମାନ୍ୟ ମାତ୍ର ଜମି । ତହିଁରେ ପୁ'ଣି ସାନ ସାନ ଫୁଲ କିଆରୀ, ଏକାଧିକ କ୍ରୋଟନ୍ ଗଛର ବୁଦା ଓ କେତୋଟି ମଧ୍ୟମ ଆକାରର ଅଶୋକ, ଡରାଟ ଓ ମନ୍ଦାରଗଛ । ଖେଳିବାପାଇଁ ସ୍ଥାନର ନିହାତି ଅଭାବ । ଅନନ୍ୟୋପାୟ ହୋଇ ଘରପଛପଟେ ଥିବା ବଗିଚାରେ ତା' ପାଇଁ ବାଡ୍‌ମିଣ୍ଟନ୍ କୋର୍ଟଟିଏ ବ୍ୟବସ୍ଥା କରିବାର ନିଷ୍ପତ୍ତି ନେଇନେଲି ।

ପଛପଟ ବଗିଚାଟି ଥିଲା ବେଶ୍ ପ୍ରଶସ୍ତ । କିନ୍ତୁ ସମଗ୍ର ଉତ୍ତର ଭାଗଟି ଥିଲା ବିଭିନ୍ନ ପ୍ରକାରର ଫଳଗଛରେ ଭରା – ଲିଚୁ, ସପେଟା, ଆତ, ଜାମୁରୋଳ, ପେସ୍ତାବାଦାମ ତଥା ପିଜୁଳି ଗଛରେ ଖୁନ୍ଦାଖୁନ୍ଦି । କେବଳ ଦକ୍ଷିଣପଟକୁ ଖାଲି ରହିଯାଇଥିଲା ଲମ୍ବାଳିଆ ହୋଇ ଆୟତକ୍ଷେତ୍ରାକାର ଜାଗାଟିଏ – ବାଡ୍‌ମିଣ୍ଟନ୍ କୋର୍ଟ ପାଇଁ ପୂରାପୂରି ଉପଯୁକ୍ତ । କିନ୍ତୁ ପଡ଼ୋଶୀ ଭଦ୍ରବ୍ୟକ୍ତିଙ୍କର ବୃହଦାକାର ସହକାର ବୃକ୍ଷର ଏକ ସୁପୁଷ୍ଟ ଶାଖା ପାଚିରୀ ଟପି ମାଡ଼ି ଆସିଥିଲା ଆମପଟକୁ ଏବଂ ଆଚ୍ଛାଦିତ କରି ରଖିଥିଲା ଦକ୍ଷିଣପଟ ବାଡିର କିୟଦଂଶ । ଶାଖାଟି ଥିଲା ପତ୍ରଘନ ଓ ନୁଆଁଣିଆ । ସଟ୍‌ଲ୍ କକ୍ ଅଟକିଯିବାର ଭୟ ଥିଲା ।

ପଡ଼ୋଶୀ ହିସାବରେ ପାଖ ଘରର ମାଲିକ ସଦାନନ୍ଦ ଥିଲେ ଭୟଙ୍କର କିସମର ମଣିଷ । ପୁତ୍ରକନ୍ୟା ସଭିଏଁ ବାହାରେ କର୍ମରତ । ଘରେ କେବଳ ପତିପତ୍ନୀ । ଘରଟିକୁ କିନ୍ତୁ ଯକ୍ଷ ପରି ଜଗି ରହିଥିଲେ ସଦାନନ୍ଦ ।

ମଣିଷ ହିସାବରେ ଥିଲେ ରୁଚିହୀନ, ଅସହିଷ୍ଣୁ ଏବଂ କଳହପ୍ରିୟ । ସ୍ୱ ଘରର ସବୁତକ ଆବର୍ଜନା ଆଣି ଚୁପ୍ କରି ଫିଙ୍ଗି ଦେଇ ଯାଉଥିଲେ ଆମ ଘର ସାମ୍ନାରେ । ବାରମ୍ବାର କହିବାସତ୍ତ୍ୱେ ବି ସିଓ୍ୱେଜ ଲାଇନ ତିଆରି କରୁନଥିଲେ । ତାଙ୍କ ଘରର ସବୁତକ ମଇଳା ପାଣି ଏକ ଶୈବାଳମୟ ଏବଂ କର୍ଦ୍ଦମାକ୍ତ ସ୍ରୋତ ସୃଷ୍ଟି କରି ଦିନରାତି ବହିଯାଉଥିଲା ଆମ ଘର ସାମ୍ନାରେ । ପଇସା ଖର୍ଚ୍ଚ କରିବାକୁ ଥିଲେ ନାରାଜ । ଅଥଚ ଥରଟିଏ, ଆମ ଛାତ ମରାମତି ସମୟରେ, ଆମ ଘର ବାହାରେ ମୂଲିଆ ଜମା କରିଥିବା କେତୋଟି ପୁରୁଣା ଇଟାର ଭଗ୍ନାଂଶ ତାଙ୍କ ପଟକୁ ଗଡ଼ିଯାଇଥିବାରୁ ଅଭଦ୍ରଭାଷାରେ ଗାଳିଗୁଲଜ କରିଥିଲେ । ଟ୍ରକ୍ ଆଣି ସେ ଇଟାଗୁଡ଼ିକ ସେଇଦିନ୍ ଉଠାଇ ଦେଇଥିଲୁ ଅବଶ୍ୟ । ସଦାନନ୍ଦ କିନ୍ତୁ ସେଇ କେତୋଟି ଘଣ୍ଟା ଅପେକ୍ଷା କରିବାକୁ ଥିଲେ ଅନିଚ୍ଛୁକ ।

ସବୁଠାରୁ ବେଶୀ ଗଣ୍ଡଗୋଳ ହେଉଥିଲା- ପାଚିରୀଠାରୁ ଅନତି ଦୂରରେ ଆମେ ରୋପଣ କରିଥିବା କେତୋଟି ଛାୟାଘନ ବୃକ୍ଷଯୋଗୁ । କଦବା କେମିତି ରୋପିତ ବୃକ୍ଷର



Digitized by srujanika@gmail.com

ଡ଼ାଳଟିଏ ପାଚିରୀ ଟପି ତାଙ୍କ ଆଡ଼କୁ ଚାଲିଯାଉଥିଲା । ବେଶ୍ ଅଶାଳୀନ ଭାବରେ ଗାଳି ବର୍ଷଣ କରୁଥିଲେ ଆମ ଉପରେ । ପାଚିରୀପାଖରେ ଲାଗିଥିବା ଆମର ରବର ଗଛଟିକୁ ନେଇ ଶେଷପର୍ଯ୍ୟନ୍ତ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ ଯେ ମୂଳିଆ ଡ଼ାକି ଗଛଟିକୁ ମୂଳରୁ କାଟିଦେବାପାଇଁ ବାଧ ହୋଇଥିଲୁ । ସେ ଗଛର ତାର୍ଯ୍ୟକ୍ ଛାଇ କୁଆଡ଼େ ତାଙ୍କ ବାରିରେ ପଡୁଥିଲା ଏବଂ ସେଇ ହେତୁରୁ ତାଙ୍କର ବାଇଗଣ ଓ ଲଙ୍କାମରିଚ ଚାରା ଉଧୋଉନଥିଲା । ଯୌବନଦୀପ୍ତ ଗଛଟି କାଟିଲାଦିନ ବେଶ୍ ମନଦୁଃଖ ହେଉଥିଲା । ମନେପଡ଼ିଲା - କେତେ ଆଦରରେ ନର୍ସରୀରୁ କିଣି, ବିନ୍ଦୁ ବିନ୍ଦୁ ଜଳ ସିଞ୍ଚନ କରି, ସନ୍ତାନ ତୁଲ୍ୟ ବଡ଼ କରିଥିଲି ଗଛଟିକୁ ।

ସଦାନନ୍ଦ ଥିଲେ କିନ୍ତୁ ମହା ସ୍ୱାର୍ଥପର । ଆମ ଲନ୍‌କଡ଼ରେ ଲଗା ହୋଇଥିବା ବୋଗେନ୍‌ଭିଲା ଗଛଟି ପାଚିରୀ ଟପି ଓହଳି ରହିଥିଲା ତାଙ୍କ ପଟେ । ସେ ଗଛଟି କାଟିବାଲାଗି କିନ୍ତୁ ଆଦୌ କହୁନଥିଲେ । କାରଣ ଗଛଟି ଅଜସ୍ର ନାରଙ୍ଗୀ ରଙ୍ଗର ଫୁଲର ଝୌଲୁସ୍‌ରେ ହାଲୋଳ କରୁଥିଲା ତାଙ୍କ ଘର ସାମ୍ନାଟି । ଗଛଟି ବି ଥିଲା ଅଦ୍‌ଭୂତ । ଆମପଟେ କେବଳ ନାଗସାପ ପରି ମୋଡ଼ିମୋଡ଼ି ହୋଇ ମାଟିଆରଙ୍ଗର ଡ଼ାଳ କେତୋଟି । ସବୁଯାକ ପତ୍ର ଓ ଫୁଲ କିନ୍ତୁ ସଦାନନ୍ଦଙ୍କ ପଟେ । ଅକୃପଣ ଭାବେ ନିଜର ସମସ୍ତ ଐଶ୍ୱର୍ଯ୍ୟ ଓ ବର୍ଣ୍ଣବିଭା ସଦାନନ୍ଦଙ୍କର ଘର ସାମ୍ନା ବୃକ୍ଷହୀନ ଧୂସର ଜମିରେ ଅଜାଡ଼ି ଦେଉଥିଲା ଲତାଟି ।

ଦିନେ ରାଗିକରି ଗଛଟିକୁ କାଟିଦେବା ଲାଗି ଉଦ୍ୟତ ହୋଇଥିଲି । ବିନୟଙ୍କୁ କହିଥିଲି - ଦେଖତ ! ଗଛଟି କିଣିଲି ମୁଁ, ସାର ପାଣି ଦେଇ ବଢ଼େଇଲି ମୁଁ, ଅଥଚ ଗଛଟି ଯାଇକି ଲଦେଇଛି ଶତୃର ସୀମାନାରେ । ଫୁଲ ଗଛଟି କାଟିବାକୁ ବିନୟ ମନା କରିଥିଲେ । କହିଥିଲେ - କେତେ କଷ୍ଟରେ ସେ ଗଛଟି ବଞ୍ଚିଛି ମନେ ଅଛି ନା ? ଥରେ ଗାଈ ପଶି ଚାରାଗଛଟିକୁ ଅଧାଅଧି ଖାଇଦେଇଥିଲା, ଆଉ ଥରେ ଟେରରେ ଉଇ ଲାଗି ପୂରାପୂରି ନିସ୍ତେଜ ହୋଇଯାଇଥିଲା ଡାଳ ପତ୍ର ସବୁ । ଏସବୁ ଦୁର୍ବିପାକ ସହିତ ଆପ୍ରାଣ ସଂଘର୍ଷ କରି ଗଛଟି ବଞ୍ଚିଗଲା ଶେଷପର୍ଯ୍ୟନ୍ତ । ଅଥଚ ତାକୁ କାଟିଦେବାପାଇଁ କହୁଛୁ ? କଟୁରୀର ଚୋଟ ପକାଇ ପାରିନଥିଲି ତା'ପରେ ।

ଆମପଟକୁ ମାଡ଼ି ଆସିଥିବା ସଦାନନ୍ଦଙ୍କର ଆମ୍ବଗଛର ଡ଼ାଳଟି ପ୍ରତି ମୋ'ର କୌଣସି ବୀତରାଗ ବା ବିରକ୍ତିନଥିଲା । ବିରକ୍ତି ଥିଲା ସଦାନନ୍ଦଙ୍କ ପ୍ରତି । ଥିଲା ତାଙ୍କ ଉପରେ ପ୍ରତିଶୋଧ ନେବାର ଏକ ଦୁର୍ବାର ପିଲାଳିଆମି ଜିଦ୍ । ମୋ' ଘରର ପିନ୍‌ପିନ୍ ପତଳା ଡ଼ାଳଟିଏ ତାଙ୍କପଟକୁ ଚାଲିଗଲେ, ତାହା ସହ୍ୟ କରିବାକୁ ସିଏ ଥିଲେ ନାରାଜ । ମୋ' ଜମିର କିଯଦଂଶ ମାଡ଼ିବସିଥିବା ତାଙ୍କ ଆମ୍ବଡ଼ାଳଟି ମୁଁ ସହ୍ୟ କରିବି ବା କାହିଁକି ?



Digitized by srujanika@gmail.com

ଆମ୍ବଗଛଟି ଥିଲା ବିଶାଳ ଓ ବୟୋବୃଦ୍ଧ । ସଦାନନ୍ଦଙ୍କ ଜମିର ବହୁଳାଂଶ ଆବୋରି ବସିଥିଲା । ଫଳ ବି ଆସୁଥିଲା ପ୍ରଚୁର । ବସନ୍ତ ଋତୁର ଆଗମନୀ ବାର୍ତ୍ତା ଶୁଭିଲେ ସାରା ଗଛଟି ଛାଇ ଯାଉଥିଲା ପାଟରଙ୍ଗା ବଉଳରେ । କେଇଟା ଦିନରେ ପେନ୍ଥି ପେନ୍ଥି ଆମ୍ବ ଲମ୍ବ ବେଣ୍ଟରେ ଦୋଳି ଖେଳି ଲାଗୁଥିଲେ ହଲି ଦୋହଲି । ବୃହଦାକାର ଗଛଟିରେ ଏତେବେଶି ଫଳ ଆସୁଥିଲା ଯେ ଆମପଟ ଡ଼ାଳରେ ଝୁଲୁଥିବା କତିପୟ ଆମ୍ବପ୍ରତି ସଦାନନ୍ଦ ଥିଲେ ବୀତସ୍ପୃହ । ଜାଣିଥିଲେ - ନଗିଧରି ତାଙ୍କପଟୁ ସେ ଆମ୍ବ ତୋଳିବାକୁ ଚେଷ୍ଟା କଲେ ବି, ତାହା ବେଣ୍ଟରୁ ଖସି ଆମ ଜମିରେ ଇ ପଡ଼ିବ ।

ତେଣୁ ଆମ ପଟ ଆମ୍ବତକ ମୁଖ୍ୟତଃ ଯାଉଥିଲା ବାରିରେ ରହିଥିବା ଆମ ଘରର କାମବାଲୀ ସତୀର ଦୁଇ ପୁତ୍ରକନ୍ୟାଙ୍କର ପାକସ୍ଥଳୀକୁ । ସାନ ନଗିଟିରେ କଞ୍ଚା ଗୁରୁଚ୍ଛି ଆମ୍ବ ଟୁକ୍‌ଟାକ୍ ତୋଳି ଲୁଣ ଲଙ୍କା ଗୋଳାଇ ଟାକରା ମାରି ସେ କଞ୍ଚାସୁଆଦି ଆମ୍ବର ମଉଜ ନେଉଥିଲେ ଭାଉଭଉଣୀ ବିହେଁ । ଖରା ଦିନେ ପଖାଳ ସାଥିରେ ଆମ୍ବଛେଚା ଖାଏ ବୋଲି କଦବା କେମିତି ସଦ୍ୟତୋଳା କଷି ଆମ୍ବଟିଏ ଆଣିଦେଉଥିଲେ ମତେ । ଭାରି ଖୁସ୍‌ବୁଦାର୍ ଥିଲା ସେ ଫଳ । ଘରେ କେବେ ଯେମିତି ପୂଜାପାଠ ହେଲେ କଳସ ବସାଇବା ଲାଗି ନିଜେ ଯାଇ କଅଁଳ ପତ୍ରଥିବା ଅଗିଲା ଡ଼ାଳଟିଏ ଭାଙ୍ଗି ଆଣୁଥିଲି ସେ ଗଛରୁ । ଘରର ଉପର ମହଲା ପ୍ରତିଷ୍ଠା ହେଲାବେଳେ, ସେଇ ଗଛର ପତ୍ରଦେଇ ସଜେଇଥିଲି ଘରର ମୁଖ୍ୟଦ୍ୱାର । ବସ୍ତୁତଃ ଫଳପ୍ରସୂ ଗଛର ଡ଼ାଳଟିକୁ ନିର୍ଦ୍ଦୟ ଭାବରେ କର୍ତ୍ତନ କରିବାକୁ ମନ ଡ଼ାକୁନଥିଲା ।

କିନ୍ତୁ ଆମର ବୃକ୍ଷରାଜିଙ୍କୁ ନେଇ ସଦାନନ୍ଦଙ୍କର କ୍ରମାଗତ ଅସୌଜନ୍ୟ, ବକ୍ରୋକ୍ତି ତଥା ନିନ୍ଦନୀୟ କ୍ରିୟାକଳାପ ମତେ ଶେଷପର୍ଯ୍ୟନ୍ତ ବଦ୍ଧ ପରିକର କରିଥିଲା ଡ଼ାଳଟିକୁ କାଟି ଦେବାପାଇଁ । ଦୁଇ ତିନିଥର ଆମ ବାରିକୁ ମାଡ଼ି ଆସିଥିବା ସେ ଡ଼ାଳଟି କାଟିଦେବାପାଇଁ ସତୀ ହାତରେ ସଦାନନ୍ଦଙ୍କ ପାଖକୁ ଖବର ପଠାଇଥିଲି । ସଦାନନ୍ଦ ଶୁଣି ନ ଶୁଣିଲା ପରି ରହିଥିଲେ । ତାଙ୍କର ଔଦାସୀନ୍ୟର କାରଣ ଅବଶ୍ୟ ମୁଁ ଠିକ୍ ବୁଝି ପାରିଥିଲି । ଡ଼ାଳଟି ଥିଲା ସୁପୁଷ୍ଟ ଓ ପୁରୁଖା । ବୃଦ୍ଧ ସଦାନନ୍ଦଙ୍କୁ ସେ ଡ଼ାଳଟି କାଟିବାପାଇଁ ମୂଲିଆଟିଏ ଡ଼ାକିବାକୁ ପଡ଼ିଥାଆନ୍ତା ଏବଂ ଏଥିପାଇଁ ଅର୍ଥବ୍ୟୟ କରିବାକୁ ସିଏ ଥିଲେ ନାମଙ୍ଗ । ଶେଷ ପର୍ଯ୍ୟନ୍ତ, ଡ଼ାଳଟି ନିଜେଇ ବନ୍ଦୋବସ୍ତ କରି କାଟିଦେବି ବୋଲି ସିଦ୍ଧାନ୍ତ ଗ୍ରହଣ କରିଥିଲି । ଏବଂ ସୋନୁ ଆସିବାର ଖବର ପାଇ ସାରିବା ପରେ ଡ଼ାଳକାଟିବାଲାଗି ଯେଉଁ ସାମାନ୍ୟତମ ଦ୍ୱିଧା ମନରେ ରହିଥିଲା, ତାହା ଆଉ ରହିଲାନାହିଁ ।

ପୂର୍ବରୁ ଅ... ଏର ମୂଲିଆଦ୍ୱାକି ଡ଼ାଳଟି ହାଣିଦେବାଲାଗି ବିନୟଙ୍କୁ କହିଥିଲେ ସୁଦ୍ଧା, କେଜାଣି କା... ସିଏ ଏତେଟା ଆଗ୍ରହ ପ୍ରକାଶ କରିନଥିଲେ । ମତେ ଚିଡ଼ାଇ



Digitized by srujanika@gmail.com

କହିଥିଲେ - ହାଣିଦେଲେ ପଶ୍ଚାନ୍ଦ ସାଥିରେ ଆମ୍ବଛେଚା ଖାଇବାକୁ ପାଇବୁନି ଯେ ! ଗଛଟି କେବଳ ସଦାନନ୍ଦବାବୁଙ୍କୁ ନୁହେଁ, ତତେ ବି ଅନେକ ଫଳ ଉପହାର ଦେଇଛି ।

ଅଧା ! କେବେ କେମିତି ସତୀ ଆମ୍ବଟିଏ ଆଣିଦିଏ ବୋଲି କେତେ ପ୍ରକାର ଖୁଣ୍ଟା ଦେଇ କଥା କହୁଚ ମତେ ! ମୋ'ର କଅଣ ପଇସା ନାହିଁ କଞ୍ଚାଆମ୍ବ ଯୋଡ଼େ କିଣି ଖାଇବା ପାଇଁ । ତମକୁ ଗୁଡ଼ଦିଆଁ ଆମ୍ବଖଟା ଭଲ ଲାଗେ ବୋଲି ସାରା ଖରାଦିନ ପରା ତମେ ବଜାରରୁ କଞ୍ଚାଆମ୍ବ କିଣିଆଣ !

ମୁଁ କିନ୍ତୁ ବିନୟଙ୍କର ଆପତ୍ତିର କାରଣ ବୁଝିପାରୁଥିଲି । ତାହା ଥିଲା ଗଛଲତା ପ୍ରତି ତାଙ୍କର ଅପ୍ରମିତ ଅନୁରାଗ । କହୁଥିଲେ - କେତେବର୍ଷ ଲାଗିଯାଇଛି ଗଛଟିକୁ ଏଇ ରୂପରେଖ ନବାପାଇଁ । ଗୋଟିଏ କୁରାଢ଼ି ଚୋଟରେ ତାକୁ ଖଣ୍ଡିତ କରିଦବା ?

କିନ୍ତୁ ପ୍ରାଣପ୍ରିୟ ପୌତ୍ରଟିର ବ୍ୟାଡ୍‌ମିଣ୍ଟନ୍ କୋର୍ଟ କଥା ପଡ଼ିବାରୁ, ଶେଷପର୍ଯ୍ୟନ୍ତ ସିଏ ମଧ ରାଜି ହୋଇଗଲେ ଡ଼ାଳଟି କାଟିବାପାଇଁ । ସଦାନନ୍ଦଙ୍କ ଦ୍ୱାରା ସଦ୍ୟ ସଂପାଦିତ ହୋଇଥିବା ଏକ ଘଟଣା ତାଙ୍କର ଏଇ ନିଷ୍ପତ୍ତିରେ କିଛିଟା ଇନ୍ଧନ ଯୋଗାଇଥିଲା ମଧ । କାରଣ ଦୁଇଦିନ ତଳେ, ନିଜେ ଆସ୍ୱାଦନ କରିଥିବା ଦୁଇଟି ପଇଡ଼ର ଖୋଳପାକୁ ପାଦରେ ଠେଲି ଠେଲି ସଦାନନ୍ଦ ଆମଘର ସାମ୍ନାରେ ରଖିଯିବାର ଅଶୋଭନୀୟ କାର୍ଯ୍ୟଟି ବିନୟଙ୍କର ଦୃଷ୍ଟିଗୋଚର ହେଇଥିଲା ଏବଂ ତାଙ୍କୁ ଅସମ୍ଭବ ଭାବରେ କ୍ରୋଧିତ ତଥା ଧୈର୍ଯ୍ୟଚ୍ୟୁତ କରାଇଥିଲା । ରାଗ ତମ୍ ତମ୍ ହେଇ ମତେ ଆସି କହିଥିଲେ - ତୁ କହୁଥିଲୁ ନା ସୋନୁପାଇଁ ବାରିରେ ବ୍ୟାଡ୍‌ମିଣ୍ଟନ୍ କୋର୍ଟ ବନାଇବା ପାଇଁ ! ସେ ଆମ୍ବଗଛ ଡ଼ାଳ ଯେତେଶୀଘ୍ର ପାରୁଚୁ କାଟିଦେ ।

- ହଠାତ୍ ଏମିତି ରାଗିଯାଇଚ ଯେ ! କଅଣ ହେଲା ? ମୁଁ ପଚାରିଲି । ଉତ୍ୟକ୍ତ ଭାବରେ ବିନୟ କହିଲେ - କି ଯେ ଅଭଦ୍ର ଲୋକକୁ ପଡ଼ୋଶୀ ହିସାବରେ ମଣିଷ ପାଇଛୀ ଏଠି ! ରାତି ପାହିଲେ କିଛି ନା କିଛି ଗଣ୍ଡଗୋଳ । ଚକ୍ଷୁଲଜ୍ଜା ବୋଲି ଗୋଟିଏ ଜିନିଷ ବି ନାହିଁ । ବିନୟ ସଦ୍ୟ ଦେଖିଥିବା ପଇଡ଼ଖୋଳପା ସଂପର୍କୀୟ ବୃତ୍ତାନ୍ତଟି ସବିଶେଷ ବର୍ଣ୍ଣନା କରିଥିଲେ ଏବଂ ଦୋହରାଇଥିଲେ - ତୁ ଅତିଶୀଘ୍ର ସେ ଡ଼ାଳ କାଟ ।

- ମୁଁ ତ କେତେଥର ତମକୁ ଆଗରୁ କହିଚି ସେ ଡ଼ାଳକୁ ହାଣିଦବା ପାଇଁ । ତମେ ଇ ସବୁବେଳେ ଦୋ ଦୋ ପାଞ୍ଚ ହୁଅ । କହ ଫଳନ୍ତି ଆମ୍ବଗଛଟା । ତା'ର ଗୋଟିଏ ଅଙ୍ଗ ଛେଦିଦବାଟା ଉଚିତ୍ ହବନି । ତମର ମନେ ଅଛି ? ଆମ ପଣସ ଗଛର ଶାଖାଟିଏ ଛଅଇଞ୍ଚ ହବ ସେପଟକୁ ମାଡ଼ିଯାଇଥିଲା ବୋଲି କେମିତି ଅଭଦ୍ରଭାଷାରେ କଳିକଜିଆ କରିଥିଲେ । ନିଜେ ଇ କଟୁରୀ ଧରି ଡ଼ାଳ କାଟିଥିଲ । ଉବର ଗଛଟିକୁ ତ ମୂଳରୁ ଇ ହାଣିଦବାକୁ ପଡ଼ିଲା । ମୁଁ ଉତ୍ତର ଦେଲି ।



Digitized by srujanika@gmail.com

ବିନୟ କହିଲେ - ଠିକ୍ ଅଛି । ମୁଁ ମୂଲିଆ ବୁଝୁଛି । ପୁରୁଣା ଡ଼ାଳ । ନିଜେ ତ କାଟିପାରିବା ନାହିଁ । ସେଇ ମୂଲିଆକୁ କହିଲେ ତଳମାଟି ବି ଖାଇଢ଼ିପ ଯାହା ଅଛି, ଘାସ ଚାଞ୍ଛି ବରାବର କରିଦବ । ମୁଁ ଆଜି ବଜାର ଯାଇ ସୋନୁପାଇଁ ନେଟ୍, ରାକେଟ୍ ଓ ସଟ୍‌ଲକକ୍ କିଣି ଆଣୁଛି ।

- ସେଇ ବରଂ ଭଲ । ଭୋଇସାହିର ଗଣେଶକୁ ଖବର କର । ଆଗରୁ ସିଏ କେତେଥର ଆସି ଡ଼ାଳ କାଟିଛି ଆମର । ଭଲ ଲୋକଟିଏ ।

ଚରମ ସିଦ୍ଧାନ୍ତଟି ଗ୍ରହଣ କଲାପରେ ମନ ମୋ'ର ଅନେକଟା ହାଲୁକା ହେଇଗଲା । ସୋନୁ ମନଖୁସିରେ ବାରିରେ ବାଡ୍‌ମିଣ୍ଟନ୍ ଖେଳୁଥିବା ଦୃଶ୍ୟଟି କଳ୍ପନା କରି ପୁଲକିତ ହେଲି ମଧ୍ୟ । ଆମ ତଳମହଲାରେ ଭଡ଼ାଥିବା ପଞ୍ଜାବୀ ଭଦ୍ରଲୋକଙ୍କର ପୌତ୍ରପୌତ୍ରୀ ଯୋଡ଼ିକ ପ୍ରାୟ ସୋନୁର ସମବୟସୀ । ସେଇମାନଙ୍କ ସାଥିରେ ଆରାମ୍‌ରେ ଖେଳି ପାରିବ ସୋନୁ । ଖେଳ ସାଥୀ ଖୋଜିବା ଦରକାର ପଡ଼ିବନି । ରହିବ ବି ମୋ ଆଖି ସାମ୍‌ନାରେ । ଅନେକଟା ନିଶ୍ଚିନ୍ତ ବୋଧ କରିବି ମୁଁ ।

ବିନୟ ମୂଲିଆ ଖୋଜୁ ଖୋଜୁ କିନ୍ତୁ ସୋନୁ ଆସି ପହଞ୍ଚିଗଲା ଭୁବନେଶ୍ୱରରେ । ଆମେରେକୀୟ ସରକାରଙ୍କର ଏକ ଶିକ୍ଷା ସମ୍ବନ୍ଧୀୟ ପ୍ରୋଜେକ୍ଟରେ ବିଶେଷଜ୍ଞ ଭାବରେ ବବି ଭାରତବର୍ଷ ଆସୁଥିଲା । କାମ ଥିଲା ତା'ର ଦିଲ୍ଲୀ, ବମ୍ବେ, କଲିକତା, ରାଞ୍ଚି ଏବଂ ଗୋଆରେ । ତିନିସପ୍ତାହ ରହଣୀ । ଘୂରିବୁଲିବ ଏଠି ସେଠି । ସୋନୁକୁ ଆସି ଛାଡ଼ି ଦେଇ ଗଲା ଭୁବନେଶ୍ୱରରେ । ଫେରିଯିବା ପୂର୍ବରୁ ଆମ ପାଖରେ ଦୁଇ ଚାରିଦିନ ରହି ସୋନୁକୁ ସାଥିରେ ଧରି ଲେଉଟିଯିବ ଡେଟ୍ରଏଟ୍ ।

ସୋନୁ ପହଞ୍ଚିବା ପରଦିନ ଅପରାହ୍ନରେ ଗଣେଶ ଆସି ହାଜର ହେଲା ଘରେ । କିଛିଦିନ ପାଇଁ ଗାଁ'କୁ ଚାଲିଯାଇଥିଲା । ତା' ପୁତ୍ରଠାରୁ ଆମେ ଡ଼କାଇଥିବା ଖବର ପାଇ ଦେଖା କରିବାକୁ ଆସିଛି । ମୋ'ଠାରୁ ଆମ୍ବଡ଼ାଳ ସଂପର୍କୀୟ ସମସ୍ତ ବିବରଣୀ ଶୁଣି ପରଦିନ ଦ୍ୱିପ୍ରହର ପରେ ଆସି ଡ଼ାଳଟି କାଟି ଦେବ ବୋଲି ସମ୍ମତି ଜଣାଇଲା । ସକାଳ ଓଳି ତା'ର ଅନ୍ୟ କେଉଁଠାରେ କାମ ଅଛି । ଆସିବ ତେଣୁ ଅପରାହ୍ନରେ ।

ମୂଲିଆଟି ଆସିବ ଚାରିଟାବେଳେ । ଦିନ ଦଶଟାରେ ଜଳଖିଆ ଖାଇ ସାରି ବାରିପଟକୁ ଗଲି - ଡ଼ାଳଟି କେଉଁ ଜାଗାରୁ କାଟିଲେ ସୁବିଧାଜନକ ହେବ ତାହା ପର୍ଯ୍ୟବେକ୍ଷଣ କରିବାଲାଗି । ସୋନୁ ମଧ୍ୟ ଆସିଲା ମୋ ପଛେ ପଛେ । ସଦାନନ୍ଦଙ୍କ ଘର ଏବଂ ଆମ ଘର ମଝିରେ ଥିବା ପଥର ପାଚିରୀଟିକୁ ଦେଖି କିଞ୍ଚିତ୍ ବିସ୍ମୟଭରା ସ୍ୱରରେ ପଚାରିଲା - ମା ! ଏ ପାଚିରୀ କାହିଁକି ଏଠି ଦିଆହେଇଛି ?



Digitized by srujanika@gmail.com

ବୁଝିପାରିଲି - ପାଚିରୀଟି ସୋନୁପାଇଁ ନୂଆକଥା । କାରଣ ଆମେରିକାରେ, କୌଣସି ଘରର ଚାରିପଟେ ପାଚିରୀ ଦିଆଯାଇ ନ ଥାଏ - ସହରର ସୌନ୍ଦର୍ଯ୍ୟହାନି ହେବା ଭୟରେ । ରାଜପଥ କଡ଼େ କଡ଼େ ସବୁଜଘାସର ଜମି ଓ ତା' ମଝିରେ ରୋପିତ ଫୁଲଗଛ ତଥା ଲତାମାନଙ୍କ ଭିତରେ ଛବିପରି ଦିଶୁଥିବା ସୁଦୃଶ୍ୟ ଘରସବୁ । ମାଇଲ୍ ମାଇଲ୍ ଧରି ବିସ୍ତୀର୍ଣ୍ଣ ସବୁଜ ଇଲାକା । ଦୃଷ୍ଟିକୁ ପ୍ରତିହତ କଲାଭଳି କୁତ୍ସିତ, ଭଗ୍ନପ୍ରାୟ ପାଚିରୀଟିଏ ଭୁଲ୍‌ରେ ବି ନଜରରେ ପଡ଼େନି । ପ୍ରତ୍ୟେକ ଘରର ଚତୁଃପାର୍ଶ୍ୱରେ ଘାସ ଲନ୍ କରିବା ତଥା ତାହାର ଉପଯୁକ୍ତ ପରିଚର୍ଯ୍ୟା କରିବା ପ୍ରତ୍ୟେକ ଗୃହସ୍ୱାମୀଙ୍କର ଦାୟିତ୍ୱ । ଘର ତିଆରି କରିବା ପୂର୍ବରୁ ତେଣୁ ଘରମାଲିକକୁ ଲନ୍ ମୋଅରଟିଏ କିଣିବାକୁ ପଡ଼ିଥାଏ । ସରକାରଙ୍କର ଏହି ନିୟମ ଉଲ୍ଲଘଂନ କଲେ ଦଣ୍ଡବିଧାନ ହୁଏ । ଦାୟିତ୍ୱଶୀଳ ନାଗରିକମାନେ ଏଇ କାର୍ଯ୍ୟଟି ଖୁସିରେ କରନ୍ତି ଅବଶ୍ୟ । ପୁନଶ୍ଚ, ଠକାମି କରି କେହି କାହାରି ଜମିରୁ ଇଞ୍ଚଟିଏ ବି କେବେ କରିବାକୁ ଚେଷ୍ଟା କରନ୍ତିନି ।

ସୋନୁକୁ ବୁଝାଇଦେଲି - ପାଚିରୀର ଏପଟ ଜମିଟି ଆମର । ସେପଟ ଜମିଟି ପଡ଼ୋଶୀଙ୍କର । ଦୁଇ ଘରର ସୀମାରେଖା ନିର୍ଦ୍ଧାରିତ କରିବାପାଇଁ ମଝିରେ ଏ ବାଡ଼ ଦିଆହୋଇଛି ।

ସେପଟୁ ବଢ଼ିଆସିଥିବା ନୂଆଁଣିଆ ଆମ୍ବଡ଼ାଳଟିକୁ ଦେଖି ସୋନୁ ପଚାରିଲା - ଏଇଟା କି ଗଛ ମା ?

- ଆମ୍ବ ଗଛ ।

- ଏଥିରେ ଆମ୍ବ ହୁଏ ?

- ପ୍ରଚୁର, ଏଇ ଦେଖୁନୁ । କେତେ ବଉଳ ହୋଇଛି । ଇଏ ସବୁ ଆମ୍ବର ଫୁଲ । ଏଇଥିରୁ ଆମ୍ବ ହୁଏ ।

- ଇସ୍, କି ମଜା । ମୁଁ ଆମ୍ବ ଖାଇଥିଲି । କିନ୍ତୁ ଆମ୍ବଗଛ ଦେଖିନଥିଲି । ଏବେ ଯାଇ ମୋ ସାଙ୍ଗମାନଙ୍କୁ କହିପାରିବି ମୁଁ ଆମ୍ବଗଛ ଦେଖିଛି ବୋଲି ।

ମତେ ନୀରବରେ ଆମ୍ବଡ଼ାଳଟିକୁ ନିରୀକ୍ଷଣ କରୁଥିବାର ଦେଖି ସୋନୁ ପୁନର୍ବାର ପଚାରିଲା - କଅଣ ଦେଖୁଚ ମା ?

- ଏଇ ଆମ୍ବଡ଼ାଳଟି କାଟିଦେବି ତ ? କେଉଁଠୁ କାଟିଲେ ସୁବିଧାହେବ ଦେଖୁଥିଲି ।

- କାଟିଦେବ କାହିଁକି ମା ? କି ସୁନ୍ଦର ନଇଁକି ରହିଚି ଡାଳକୁ । ତମେ ମତେ ଟେକି ଝୁଲେଇ ଦେଲେ ମୁଁ ଝୁଲି ଝୁଲି ଦୋଳି ଖେଳିବି ସେଥିରେ ।



Digitized by srujanika@gmail.com

- ଏଇଠି ତୋ ପାଇଁ ବାଡ୍‌ମିଣ୍ଟନ୍ କୋର୍ଟ ବନେଇବି ! ତା' ଛଡ଼ା ତୁ ଏଥରକ ନ ଆସିଥିଲେ ବି ଏ ଡାଳକୁ ମୁଁ କାଟିଥାଆନ୍ତି ଯେମିତି ହେଲେ । ଏଇଟା ତାଙ୍କ ଗଛ ତ ! ଦେଖୁନୁ ! ଉଠିଚି ସେ ପଟ ବାଗିରେ । ବେକାର୍‌ରେ ଆମ ପଟକୁ ବଢ଼ିଆସିଛି । ତାଙ୍କ ଗଛଡ଼ାଳ ଆମପଟେ ମୁଁ ରଖିବି ବା କାହିଁକି ?

ମୋ କଥା ଶୁଣି କିଛି ସମୟ ଭ୍ରୂକୁଞ୍ଚିତ କରି ସୋନୁ ଚିନ୍ତାମଗ୍ନ ହେଇ ରହିଲା । ତା' ପରେ ମତେ ଚାହିଁ କହିଲା - ମା ! ତମେ କହିଲ ନା ପାଚିରୀଟା ଆମ ସୀମାରେଖା ବୋଲି । ଗଛ କିନ୍ତୁ କୌଣସି ସୀମାରେଖାରେ ବିଶ୍ୱାସ କରେନି । ଦେଖୁନ ! ସେପଟ ଜମିର ଗଛ ଏପଟକୁ ଚାଲିଆସି ଆମକୁ ଫଳ ଉପହାର ଦେଉଛି । ଆଉ ଆମପଟର ବୋଗେନ୍‌ଭିଲାଟି ସେପଟକୁ ମାଡ଼ି ଯାଇ ତାଙ୍କ ଘରକୁ ସଜେଇ ଦେଉଛି ଫୁଲରେ । ତମେ ପାଚିରୀ ଦେଇକି ବି ଅଟକେଇ ପାରିନ ସେ ଗଛକୁ ।

ମନେପଡ଼ିଲା - ଆଜି ସକାଳେ ମୁଁ ସାମ୍ନା ଫୁଲଗଛରେ ପାଣି ଦେଲାବେଳେ, ସୋନୁ ମୋ ସହିତ ବୁଲିବୁଲି ସଦାନନ୍ଦଙ୍କ ପଟକୁ ଝୁଲିରହିଥିବା ବୋଗେନ୍‌ଭିଲାଗଛଟିକୁ ନିରୀକ୍ଷଣ କରୁଥିଲା ।

ସୋନୁର କଥା ଶୁଣି, ଆମ୍ବଡ଼ାଳରୁ ନଜର ହଟାଇ ତା'ର ସୁକୁମାର ଓ ଶ୍ରୀମୟ ମୁହଁଟିକୁ ମୁଁ ଅନାଇଁ ରହିଲି ଅବାକ୍ ହେଇ ।

ସୋନୁ କିନ୍ତୁ ମୋ'ର ପ୍ରତିକ୍ରିୟା ପ୍ରତି ସଂପୂର୍ଣ୍ଣ ଉଦାସୀନ ହେଇ ଆମ୍ରମଞ୍ଜରୀ ସାମ୍ନାରେ ଉଡ଼ିବୁଲୁଥିବା ମହୁମାଛିମାନଙ୍କର ଖେଳକୁ ଉତ୍ସୁକ ଆଖିରେ ଚାହିଁ ରହିଲା । ହଠାତ୍ ଧୀରପବନରେ ଆମ୍ବଗଛର ନୂଆ ଡ଼ାଳଟି ତଳକୁ ଝୁଙ୍କି ଦୋହଲିଗଲା ଟିକିଏ । ମୋ' ଘରର ଦୂରାଗତ କନିଷ୍ଠତମ ସଦସ୍ୟଟିକୁ ସସ୍ନେହ ଅଭିବାଦନ କରିବା ଭଙ୍ଗୀରେ ।

**ମନେ ମନେ ଉଚ୍ଚାରଣ କଲି - ଆର ଜନ୍ମକୁ ଯେମିତି ମୁଁ ଗଛଟିଏ ହୁଏ ।**

●●●



Digitized by srujanika@gmail.com

# ଈଶ୍ୱର

ମହିମ୍‌ର ସେଇ ବିଖ୍ୟାତ ଚର୍ଚ୍ଚଟିକୁ ପଦ୍ମିନୀ ହିଁ ମତେ ନେଇଯାଇଥିଲା ତା' ସାଥିରେ । ବିନୟଙ୍କର ଆରୋଗ୍ୟ ଲାଭ ନିମିତ୍ତ ପ୍ରାର୍ଥନା କରିବାଲାଗି । ବିନୟ ହିନ୍ଦୁଜା ହସ୍‌ପିଟାଲ୍‌ରେ ଦାଖଲ୍ ହୋଇଥିଲେ । ଛଅବର୍ଷ ତଳେ ହାର୍ଟ ଆଟାକ୍ ହୋଇଥିଲା । ଏବେ ସିଡ଼ି ଚଢ଼ିଲାବେଳେ କେବେ କେମିତି ସାମାନ୍ୟ ଅସ୍ୱସ୍ତି ଅନୁଭବ କରୁଥିଲେ । ବିଶେଷଜ୍ଞଙ୍କ ମତାମତ ନେବାପାଇଁ ଭୁବନେଶ୍ୱରରୁ ଯାଇଥିଲୁ ବମ୍ବେ । ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ନିମିତ୍ତ ସ୍ୱଳ୍ପ ସମୟ ଲାଗି ହସ୍‌ପିଟାଲ୍‌ରେ ରହିବା ଜରୁରୀ ହୋଇପଡ଼ିଥିଲା । ବମ୍ବେରେ ଆଶ୍ରୟ ନେଇଥିଲୁ ବିଜୟଙ୍କ ଘରେ । ବିଜୟ ଏବଂ ପଦ୍ମିନୀ ଯଥାକ୍ରମେ ମୋ'ର ଦିଅର ଏବଂ ସାନ ଯା' ।

ବିନୟଙ୍କର ସ୍ୱାସ୍ଥ୍ୟକୁ ନେଇ ସ୍ୱାଭାବିକ୍ ଭାବରେ ବିବ୍ରତ ବୋଧ କରୁଥିଲି । ଏକମାତ୍ର ପୁତ୍ର ବିଦେଶରେ । ସାହା ଭରସାହୀନ ଜୀବନରେ ସାନ ସାନ ବିପତ୍ତିସବୁ ମନେ ହେଉଥିଲା ଅନତିକ୍ରମ ପାହାଡ଼ ସଦୃଶ । ମୋ'ର ବ୍ୟସ୍ତତା ଦେଖି ଦିନେ ଅପରାହ୍ନରେ ପଦ୍ମିନୀ କହିଲା - ନାନୀ, ଆଜି ଚାଲ ତମକୁ ଗୋଟିଏ ଚର୍ଚ୍ଚ ନେଇଯିବି । କେଜାଣି କାହିଁକି ମତେ ଭାରି ଶାନ୍ତି ମିଳେ ସେଠି ଯାଇ ପ୍ରାର୍ଥନା କରିଆସିଲେ । ଚାଲ ଆଜି ନନାଙ୍କ ପାଇଁ ସେଠି ମହମ୍‌ବତୀ ଜାଳିଆସିବା । ଦେଖିବ ସବୁ ବିପଦ ଦୂର ହୋଇଯିବ ତମର ।

ଏବଂ ସେଦିନ ଗୋଧୂଳିରେ ଦୁଇ ଯା' ମିଶି ଚର୍ଚ୍ଚ ଯାଇଥିଲୁ । ଅପରିଚ୍ଛନ୍ନ ସଂକୀର୍ଣ୍ଣ ରାସ୍ତାକଡ଼ରେ ଚର୍ଚ୍ଚଟି । ଉଚ୍ଚ ଗମ୍ବୁଜ ଓ ରଙ୍ଗିନ୍ ନକ୍ସାଦାର୍ କାଚ ଫଳକରେ ସଜ୍ଜା । ରାସ୍ତାରେ ପ୍ରଚୁର ଜନସମାଗମ । ତା'ରି ଭିତରେ ଚର୍ଚ୍ଚ ସାମ୍‌ନା ଫୁଟ୍‌ପାଥ୍‌ରେ ବିକ୍ରି ହେଉଛି ବଡ଼ ବଡ଼ ମହମ୍‌ବତୀ ଏବଂ ତା' ସହିତ ସାଦା ମହମ୍‌ରେ ନିର୍ମିତ ମଣିଷ ଦେହର ସାନ ସାନ ଅଙ୍ଗପ୍ରତ୍ୟଙ୍ଗ ସବୁ - ହାତ, ପାଦ, ଆଖି, ନାକ, କାନ ଇତ୍ୟାଦି । ପଦ୍ମିନୀ ଠହିଁରୁ ବାଛି ତିନିକୋଣିଆ ହାର୍ଟଟିଏ କିଣିଲା ଓ ମତେ ଧରାଇଦେଇ କହିଲା - ନାନୀ, ଯାହାର ଯେଉଁ ଅଙ୍ଗଟି ବିକଳ ଥାଏ, ଏଠି ଆସି ସେଇ ଜିନିଷଟି କିଣି ଚର୍ଚ୍ଚ ବେଦୀରେ ଅର୍ପଣ କଲେ, ରୋଗୀ ଅତିଶୀଘ୍ର ଆରୋଗ୍ୟ ଲାଭ କରେ ବୋଲି ଲୋକମାନଙ୍କର ବିଶ୍ୱାସ । ନନାଙ୍କର ତ ହାର୍ଟର ବେମାରି । ତମେ ଏଇ ହାର୍ଟଟି ନିଅ । ପ୍ରାର୍ଥନା କରି ବେଦୀ ଉପରେ ରଖିଦେବ ।

ଦୁହେଁ ଦୁଇଟି ମହମ୍‌ବତୀ କିଣି ଚର୍ଚ୍ଚ ଭିତରକୁ ପଶିଲୁ । ସୁଉଚ୍ଚ ଛାତର ବେଶ୍ ବଡ଼ ହଲ୍‌ଘରଟିଏ । ଘର ଭିତରେ ଅବିମିଶ୍ର ନୀରବତା । ଧାଡ଼ି ଧାଡ଼ି ଚୌକୀ ପଡ଼ିଛି ।



Digitized by srujanika@gmail.com

ଅନେକ ଲୋକ ଯୋଡ଼ହସ୍ତରେ ଓ ମୁଦ୍ରିତ ନୟନରେ ପ୍ରାର୍ଥନା ମଗ୍ନ । ସାମ୍ନା ବେଦୀର ମଧ୍ୟଭାଗରେ କ୍ରୁଶବିଦ୍ଧ ଯୀଶୁଙ୍କର ପ୍ରତିମୂର୍ତ୍ତି । ବେଦୀ ଉପରେ ହାର୍ଟଟି ରଖି, ବତୀଜଳାଇ ପ୍ରଣତି କରିବା ପୂର୍ବରୁ, ଚାହିଁଲି ସେ ପ୍ରତିମୂର୍ତ୍ତିକୁ । ସେ ଦୁଃଖଦ ମୂର୍ତ୍ତିର ମମତାମୟ ଆଖିରୁ ସତେ ଅବା କରୁଣାର ସ୍ନିଗ୍ଧ, ଶୀତଳ ଧାରାଟିଏ ଆସି ଛୁଇଁଗଲା ମତେ । ରୋମାଞ୍ଚିତ ହେଲି । ଜଗତର ପାପତାପଠାରୁ ମଣିଷକୁ ଉଦ୍ଧାର କରିବାର ଅଙ୍ଗୀକାର ଥିଲା ଯୀଶୁଙ୍କର ସେ ଯନ୍ତ୍ରଣାପିହିତ ମୁଖମଣ୍ଡଳରେ । ସମଗ୍ର ମାନବଜାତିର ଉଦ୍ଧାରପାଇଁ କ୍ରୁଶବିଦ୍ଧ ହେଉଥିବା ମଣିଷଟି ଈଶ୍ୱର ପାଲଟି ଯାଇଥିଲେ । ମନେହେଲା, ମହାବୀର ହୁଅନ୍ତୁ ବା ବୁଦ୍ଧ, କୃଷ୍ଣ ହୁଅନ୍ତୁ ବା ରାମଚନ୍ଦ୍ର, ଯୁଗେ ଯୁଗେ ମାନବଜାତିର କଲ୍ୟାଣପାଇଁ ଇ ମାନବର ଶରୀର ଧରି ଈଶ୍ୱର ଅବତରି ଆସିଛନ୍ତି ଏ ପୃଥିବୀକୁ । ଅନ୍ୟପାଇଁ ନିଜେ କଷ୍ଟ ପାଇଛନ୍ତି । ଦୁଃଖ ସହିଛନ୍ତି ଅପ୍ରମିତ ।

କେଜାଣି କାହିଁକି ମନଟି ଅନେକ ପରିମାଣରେ ହାଲୁକା ହେଇଗଲା । ଚର୍ଚ୍ଚରୁ ଫେରି ଆସିଲା ପରେ, ଦୁଇ ଯା' ମିଶି ରାତିରେ ଗପସପ କରୁଛୁ, ମେରୀ ଆସି ପହଞ୍ଚିଗଲା ଘରେ । ସାମ୍ନା ଆପାର୍ଟମେଣ୍ଟର ବାସିନ୍ଦା । ଜାତିରେ ଗୋଆନିଜ୍ । ନିଜର ବିଉଟି ପାର୍ଲର ଅଛି । ସାଥିରେ ହର୍ବାଲ୍ କସ୍‌ମେଟିକ୍‌ସର ଦୋକାନ । ବୃଦ୍ଧା ମା'ଙ୍କ ସହିତ ରହେ । ଚାଳିଶ୍ ପାଖାପାଖି ବୟସ । ଅବିବାହିତା ।

ମେରୀ ସହିତ ପୂର୍ବରୁ ପରିଚୟ ଥିଲା । କହିଲି – ମେରୀ, ଆଜି ଆମେ ମହିମ୍‌ର ସେଇ ପ୍ରସିଦ୍ଧ ଓ ଲୋକପ୍ରିୟ ଚର୍ଚ୍ଚଟିକୁ ଯାଇଥିଲୁ ।

ମେରୀ ବିସ୍ମୟରେ ଢ଼ୋଳା ଓଲଟାଇ କହିଲା – ସତରେ ? ଆପଣ ତ ହିନ୍ଦୁ ? ଚର୍ଚ୍ଚ ଗଲେ କେମିତି ?

ମୁଁ କହିଲି – ସେଥିରେ କଅଣ ଅଛି ? ମୁଁ ବିଶ୍ୱାସ କରେ ଈଶ୍ୱର ଏକ୍ ଏବଂ ଆମେ ସଭିଏଁ ତାଙ୍କର ସନ୍ତାନ । ଖାଲି ଯାହା ଭିନ୍ନ ଭିନ୍ନ ନାଁ'ରେ ତାଙ୍କୁ ଡ଼ାକୁ । ତମେ ବୋଧହୁଏ ଶୁଣି ଆଶ୍ଚର୍ଯ୍ୟ ହେବ, ଆଜ୍‌ମୀର୍‌ର ଗୋଟିଏ ମସ୍‌ଜିଦ୍‌କୁ ମୁଁ ମଝିରେ ମଝିରେ ପ୍ରାର୍ଥନା ପାଇଁ ଟଙ୍କା ପଠାଏ । ମସ୍‌ଜିଦ୍‌ର ମୌଲବୀ ମୋ ପାଖକୁ ଲଫାପା ମୁଦ କରି ପୂଜାଫୁଲ ଓ ପ୍ରସାଦ ପଠେଇ ଦିଅନ୍ତି । ତା' ଛଡ଼ା ଆମେରିକାରେ ପୁଅପାଖେ ଥିଲାବେଳେ, ତା'ର ଗୋଟିଏ ଆମେରିକାନ୍ ଛାତ୍ରସହିତ ମୁଁ ଅନେକ ସମୟରେ ରବିବାର ଦିନ ଚର୍ଚ୍ଚକୁ ଯାଉଥିଲି । ଚର୍ଚ୍ଚର ଫାଦର ମତେ ବହୁତ ସ୍ନେହ କରୁଥିଲେ ଓ ମୋ' ପରିବାରର ମଙ୍ଗଳ କାମନା କରି ସର୍ବଦା ପ୍ରାର୍ଥନା କରୁଥିଲେ ।

ମେରୀ କହିଲା – ଆହା ! ଆପଣଙ୍କ ପରି ସଭିଏଁ ହେଇପାରନ୍ତେ କି ! ପୃଥିବୀର ପ୍ରଚ୍ଛଦପଟ ବଦଳିଯାଆନ୍ତା ତା ହେଲେ ।

ମୁଁ ମୃଦୁହସି କହିଲି – ମତେ ନିପାତନସିଦ୍ଧ ବୋଲି ଭାବୁଚ କାହିଁକି ? ପୃଥିବୀରେ ମୋ ପରି ଧାରଣା ବହନ କରୁଥିବା ଅନେକ ଲୋକ ଅଛନ୍ତି ନିଶ୍ଚୟ । ସେଇଥିପାଇଁ



Digitized by srujanika@gmail.com

ବୋଧହୁଏ ପୃଥିବୀ ଏବେ ବି ଏତେ ସୁନ୍ଦର । ବେଶ୍ କିଛି ସମୟ ନୀରବ ରହି ମେରୀ କହିଲା - ଈଶ୍ୱରଙ୍କୁ ଅବଶ୍ୟ ମୁଁ ବିଶ୍ଳେଷଣ କରେ ଟିକିଏ ଅଲଗା ଭାବରେ । ମୁଁ ଭାବେ ଈଶ୍ୱରଙ୍କୁ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଆମେ ଭେଟୁଛୁ । ତାଙ୍କୁ ଦେଖିବା ପାଇଁ ଚର୍ଚ୍ଚ ବା ମନ୍ଦିର ଯିବା ଦରକାର ନାହିଁ । କେତେବେଳେ କେଉଁ ରୂପରେ ସିଏ ଆମ ସାମ୍ନାକୁ ଆସୁଛନ୍ତି କିଏ କହିବ ? ଈଶ୍ୱର ଯେ ତାଙ୍କ ନିଜର ପ୍ରତିମୂର୍ତ୍ତିରେ ମଣିଷକୁ ତିଆରି କରିଛନ୍ତି । ନିଜେ ଇ ଅବତରିଛନ୍ତି ମଣିଷ ରୂପରେ । ଈଶ୍ୱରଙ୍କ ସହିତ ମଣିଷର ସଂପର୍କ ବିଚ୍ଛିନ୍ନ ନୁହେଁ । ଈଶ୍ୱରଙ୍କଠାରୁ ମଣିଷ ପୃଥକ୍ ନୁହେଁ । ମଣିଷ ଭିତରେ ଥିବା ସେଇ ଈଶ୍ୱରୀୟ ସତ୍ତା, ଅପରର କଲ୍ୟାଣ ପାଇଁ ଏବେ ବି କୁଶବିଦ୍ଧ ହୁଏ ବାରମ୍ବାର ।

ମୁଁ କହିଲି - ମେରୀ, ତମକଥା କିନ୍ତୁ ମୁଁ ଠିକ୍‌ରୂପେ ବୁଝିପାରିଲିନି । ବିଶେଷ କରି ତମର ସେଇ କଥାଟି - ଯେ ପ୍ରତି ମୁହୂର୍ତ୍ତରେ ଆମେ ଈଶ୍ୱରଙ୍କୁ ଭେଟୁଛୁ । ତାଙ୍କୁ ଚିହ୍ନିପାରୁନୁ ।

ମେରୀ କହିଲା - ଦେଖନ୍ତୁ, ଆଜି ଏଇ ମୁହୂର୍ତ୍ତରେ ଆମେ ଦିଜଣ ଯେ ଏଠି ବସି କଥା କହୁଚେ, ଦିହେଁ ଜୀବିତ ଅଛେ, ଏହା କଅଣ ଈଶ୍ୱରଙ୍କର କରୁଣା ବିନା ସମ୍ଭବ ହୋଇ ପାରିଥାଆନ୍ତା ? ଯେଉଁ ଦକ୍ଷ ଓ ସଚ୍ଚରିତ୍ର ଟାକ୍ସିଡ୍ରାଇଭରଟି ଏଇ ଜନବହୁଳ ରାସ୍ତାରେ କୌଣସି ଦୁର୍ଘଟଣା ନ ଘଟାଇ ଆପଣଙ୍କୁ ସୁସ୍ଥଶରୀରରେ ଓ ନିରାପଦରେ ବଜାରରୁ ଘରେ ଆଣି ପହଞ୍ଚାଇ ଦେଲା, କିମ୍ବା ଯେଉଁ ନିଷ୍କାମ ଓ ନିଷ୍ଠାବାନ୍ ଡ଼ାକ୍ତରଜଣକ କୌଣସି ଅଘଟଣ ନ ଘଟାଇ ସଫଳତାର ସହିତ ମୋ ମା'ର ଗଲ୍‌ବ୍ଲାଡର ଅପରେସନ୍‌ଟି କରିଦେଲେ, ସେମାନେ ଈଶ୍ୱରଙ୍କ ପରି ଆମକୁ ନୂଆ ଜୀବନ ଦାନ ଦେଲେନିକି ?.

ମୁଁ ହସିଲି । କହିଲି - ମେରୀ, ତୁମର ଯୁକ୍ତି କିନ୍ତୁ ବିବାଦୀୟ ।

ମେରୀ କହିଲା - ଓହୋ ! ଆପଣ ସେଇ ବନ୍ୟା ପ୍ରପୀଡ଼ିତ ଈଶ୍ୱର ବିଶ୍ୱାସୀ ଲୋକଟିର ଗପ ଶୁଣି ନାହାନ୍ତି କି ?

ମୁଁ କହିଲି - ନାଁ ତ !

ମେରୀ କହିଲା - ମୁଁ ସଂକ୍ଷେପରେ ଗପଟି କହି ଦେଉଛି ଆପଣଙ୍କୁ, ତାହାଲେ 'ଆପଣ ମୋ' କଥାର ଯଥାର୍ଥତା ବୁଝିପାରିବେ ।

ଗୋଟିଏ ଗାଁ'କୁ ଥରେ ବନ୍ୟାଜଳ ମାଡ଼ି ଆସିଲା । ଲୋକମାନେ ବିବ୍ରତ ହୋଇ, ଗାଁ ଛାଡ଼ି ଚାଲିଗଲେ । ଈଶ୍ୱରବିଶ୍ୱାସୀ ଲୋକଟି କିନ୍ତୁ ଚିନ୍ତାଶୂନ୍ୟ ହୋଇ ବସିରହିଲା ତା' ଘରେ । ପାଖ ପଡ଼ୋଶୀଜଣକ ନୌକାଟିଏ ବନ୍ଦୋବସ୍ତ କରି ଦୂର ଗାଁ'କୁ ଚାଲିଯିବାଲାଗି ଉଦ୍ୟତ ହେଲା ବେଳକୁ ଲୋକଟିକୁ ସାଥିରେ ଯିବାପାଇଁ ଡ଼ାକିଲେ ।

ଲୋକଟି କିନ୍ତୁ ଗଲାନି । କହିଲା - ମୁଁ ଈଶ୍ୱର ବିଶ୍ୱାସୀ । ଈଶ୍ୱରଙ୍କର ପରମଭକ୍ତ, ସିଏ ମତେ ରକ୍ଷା କରିବେ ନିଶ୍ଚୟ ।



Digitized by srujanika@gmail.com

ଧୀରେ ଧୀରେ ଜଳର ପରନ ବୃଦ୍ଧି ପାଇବାକୁ ଲାଗିଲା । ଲୋକମାନଙ୍କର ରକ୍ଷାର୍ଥେ ମଟରବୋଟ୍‌ଟିଏ ଆସି ପହଞ୍ଚିଲା ଗାଁ'ରେ । ଅନେକ ଲୋକ ବୋଟ୍‌ରେ ଚଢ଼ି ଚାଲିଗଲେ ବିପଦବିହୀନ ଇଲାକାକୁ । ବୋଟ୍ ଚାଳକଙ୍କର ଶତ ଅନୁରୋଧ ସତ୍ତ୍ୱେ, ଲୋକଟି କିନ୍ତୁ ବୋଟ୍ ଉପରକୁ ଉଠିଲାନି । ନିଜଘର ଛାତ ଉପରକୁ ଚଢ଼ିଯାଇ କହିଲା - ମୋ'ର କିଛି ହବନି । ଈଶ୍ୱର ଯେମିତି ହେଲେ ରକ୍ଷା କରିବେ ମତେ । ମୁଁ ଯେ ଈଶ୍ୱର ବିଶ୍ୱାସୀ ।

କେଇ ଘଣ୍ଟାପରେ ସମଗ୍ର ଗ୍ରାମ ଜଳମଗ୍ନ ହେଲା । ସରକାରୀ ହେଲିକେପ୍ଟରଟିଏ ଯାଇ, ଉପରୁ ସିଡ଼ିଟିଏ ପକାଇ ଲୋକଟିକୁ ସୁଯୋଗ ଦେଲା ସିଡ଼ି ଚଢ଼ି ଉଠି ଆସିବା ପାଇଁ । ଲୋକଟି ତଥାପି ଥିଲା ନିର୍ବିକାର । ଚୁପ୍‌ଚାପ୍ ବସିରହିଲା ଛାତଉପରେ । ତା'ର ଥିଲା ସେଇ ଏକା ଉତ୍ତର - ମୁଁ ଈଶ୍ୱର ବିଶ୍ୱାସୀ । ଈଶ୍ୱର ମତେ ରକ୍ଷା କରିବେ । ହେଲିକେପ୍ଟର ଚାଳକ ବି ଫେରିଗଲା । ଶେଷ ପର୍ଯ୍ୟନ୍ତ ଅବଶ୍ୟ ବନ୍ୟାଜଳରେ ବୁଡ଼ି ଲୋକଟିର ପ୍ରାଣ ଗଲା । ମୃତ୍ୟୁ ବେଳକୁ ଲୋକଟି ଈଶ୍ୱରଙ୍କୁ ପଚାରିଲା - ମୁଁ ଏତେ ବିଶ୍ୱାସ କରିଥିଲି ତମ ଉପରେ । ତେବେ ବି ମତେ ରକ୍ଷା କରିବାକୁ ଆସିଲନି ତମେ ?

ଈଶ୍ୱର ଉତ୍ତର ଦେଲେ - ଥରେ ନୁହେଁ, ଦୁଇଥର ନୁହେଁ, ତିନି ତିନିଥର ତତେ ବଞ୍ଚାଇବା ପାଇଁ ମୁଁ ଆସିଲି ତୋ' ପାଖକୁ । ଡ଼ଙ୍ଗାବାଲା, ବୋଟ୍‌ବାଲା ଓ ହେଲିକେପ୍ଟର ବାଲା ରୂପରେ । ଏଡ଼େ ବୋକା ତୁ ! ମତେ ଚିହ୍ନି ଇ ପାରିଲୁନି । ଯା' ଠାରୁ ଅଧିକା ଆଉ କଅଣ ମୁଁ କରିପାରିଥାଆନ୍ତି ତୋ' ପାଇଁ ?

ମୁଁ କହିଲି - ବାଃ ! ଚମତ୍କାର ଗପଟିଏ ତ ! ଏବେ ତମ ବକ୍ତବ୍ୟର ଯଥାର୍ଥତା କିଛି କିଛି ମୋ'ର ହୃଦୟଙ୍ଗମ ହୋଇପାରିଛି ।

ମେରୀ କହିଲା - ଆପଣଙ୍କୁ ଆପଣଙ୍କ ଜୀବନରେ ଘଟିଥିବା ବାସ୍ତବ ଉଦାହରଣଟିଏ ଦେଉଛି । ତାହେଲେ ଆହୁରି ଭଲ ଭାବରେ ବୁଝିପାରିବେ ମୋ' କଥା । ଆପଣ ଇ ମତେ କହୁଥିଲେ, ମିଷ୍ଟର ମିଶ୍ର ମିଜୋରାମ୍‌ରେ ଥିଲାବେଳେ ମିଜୋ ଉଗ୍ରପନ୍ଥୀମାନେ ତାଙ୍କ ଅଫିସ୍‌ର ଗୋଟିଏ ପ୍ରକୋଷ୍ଠରେ ପଶି ତିନିଜଣ ଉଚ୍ଚପଦସ୍ଥ ପୋଲିସ୍ କର୍ମଚାରୀଙ୍କୁ ନିର୍ମମ ଭାବରେ ଗୁଳିବିଦ୍ଧ କରି ହତ୍ୟା କରିଥିଲେ । ମିଷ୍ଟର ମିଶ୍ର ମଧ ସେଇ ମିଟିଂରେ ସାମିଲ୍ ଥିଲେ ଓ ସେଇ ପ୍ରକୋଷ୍ଠରେ ବସିଥିଲେ । ମାତ୍ର କେତୋଟି ମୁହୂର୍ତ୍ତ ପୂର୍ବରୁ ଜଣେ ଅମଲାଙ୍କ ଅନୁରୋଧରେ କୌଣସି ଏକ ଫାଇଲ୍ ଦେଖିବା ପାଇଁ ଅନ୍ୟ ଏକ ପ୍ରକୋଷ୍ଠକୁ ଉଠିଯାଇଥିଲେ । ମାତ୍ର କେତୋଟି ମୁହୂର୍ତ୍ତର ହେର୍‌ଫେର୍‌ରେ ବଞ୍ଚିଗଲେ ମିଷ୍ଟର ମିଶ୍ର । ଆପଣ ଭାବନ୍ତୁ ତ ! ସେଇ ଅମଲାଜଣକ ଆପଣଙ୍କ ସ୍ୱାମୀଙ୍କ ପାଇଁ ଈଶ୍ୱର ନ ଥିଲେ କି ? ଆସନ୍ନ ମୃତ୍ୟୁମୁଖରୁ ସେଇ ତ ବଞ୍ଚେଇଦେଲେ ମିଷ୍ଟର ମିଶ୍ରଙ୍କୁ ।

ମୁଁ କହିଲି - ଆମ୍ଭମାନଙ୍କ ଧର୍ମଗ୍ରନ୍ଥ ଗୀତାରେ ଲେଖାଥିବା ଗୋଟିଏ ଶ୍ଳୋକ କଥା ଏଇ ପରିପ୍ରେକ୍ଷୀରେ ଏବେ ମନେପଡୁଛି । ଭଗବାନ କୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି - ଈଶ୍ୱରଃ ସର୍ବଭୂତାନାଂ ହୃଦେଶେଽର୍ଜୁନ ତିଷ୍ଠତି । ଯାହାର ମାନେ ହେଉଛି ଯେ ପରମେଶ୍ୱର ସମସ୍ତ



Digitized by srujanika@gmail.com

ପ୍ରାଣୀଙ୍କର ହୃଦୟରେ ବାସ କରନ୍ତି । ହୁଏତ ତୁମ କଥା ଇ ଠିକ୍ । ମଣିଷ ଓ ଈଶ୍ୱର ପରସ୍ପରଠାରୁ ପୂରାପୂରି ବିଚ୍ଛିନ୍ନ ନୁହନ୍ତି ।

ଆମ କଥୋପକଥନରେ ପୂର୍ଣ୍ଣଚ୍ଛେଦ ପକାଇ ପଦ୍ମିନୀ ଏତିକିବେଳେ ଗରମ ଗରମ ସିଙ୍ଗଡ଼ା ଭାଜି ଆଣି ରଖିଲା ଆମ ସାମ୍ନାରେ । କହିଲା – ତମ ଦୁଇଜଣଙ୍କର ଈଶ୍ୱରୀୟ ଆଲୋଚନା ବନ୍ଦ ରଖି ଏବେ ସିଙ୍ଗଡ଼ା ଖାଅ । ଥଣ୍ଡା ହେଇଗଲେ ଭଲ ଲାଗିବନି ।

ମେରୀ ପ୍ଲେଟ୍‌ରୁ ସିଙ୍ଗଡ଼ାଟିଏ ଉଠାଇ ନେଇ ନେଇ ମତେ କହିଲା – ଆପଣ ଜାଣନ୍ତି ତ । ଆପଣଙ୍କ ଯା' ଚମତ୍କାର ସିଙ୍ଗଡ଼ା ବନାଏ । ଆଉ ମତେ ଏବେ ବେଶ୍ ଭୋକ ବି ଲାଗୁଛି ।

ମୁଁ କହିଲି – କ୍ଷୁଧାତୁରା ମେରୀକୁ ଠିକ୍ ସମୟରେ ସୁସ୍ୱାଦୁ ସିଙ୍ଗଡ଼ା ପରଶୁଥିବା ପଦ୍ମିନୀ ଏଇଲେ ତା ହେଲେ ତା' ପାଇଁ ଈଶ୍ୱର ।

ମୋ'ର ପରିହାସ ଶୁଣି ମେରୀ ହସିଲା ଖିଲ୍‌ଖିଲ୍ ହେଇ । କହିଲା – ମିସେସ୍ ମିଶ୍ର, ଈଶ୍ୱରଙ୍କୁ ପ୍ରଶ୍ନ କରନ୍ତୁ ନାହିଁ । ଆପଣଙ୍କ ପାଇଁ ଯାହା ସଠିକ୍ ଭାବିବେ, ସିଏ ତାହା କରିବେ ନିଶ୍ଚୟ । ତାଙ୍କ ପାଖରେ ଆତ୍ମସମର୍ପଣ କରନ୍ତୁ । ତାଙ୍କ ଉପରେ ଭରସା ରଖନ୍ତୁ । ଦେଖିବେ, ମିଷ୍ଟର ମିଶ୍ରଙ୍କର କୌଣସି ଅସୁବିଧା ହେବନି ।

ଈଶ୍ୱରଙ୍କ ଉପରେ ଭରସା ନ ରଖିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଉପାୟ ଅବଶ୍ୟ ମୋ' ପାଖରେ ନ ଥିଲା । ଦୁଇ ଦିନପରେ ବିନୟଙ୍କର ଆଞ୍ଜିଓଗ୍ରାମ୍ ରିପୋର୍ଟଟି ପାଇ ସାରିଲା ପରେ, ଈଶ୍ୱରଙ୍କ ପ୍ରତି ଥିବା ସେ ଭରସା ବଳବତ୍ତର ହେଲା ମଧ୍ୟ । ଡ଼କ୍ଟର ମାଥ୍ୟୁସ୍ କହିଥିଲେ ଯେ ପ୍ରଥମଥର ହାର୍ଟ ଆଟାକ୍‌ବେଳେ ବିନୟଙ୍କର ରାଇଟ୍ କରୋନାରୀ ଆର୍ଟେରୀଟି ସଂପୂର୍ଣ୍ଣ ବନ୍ଦ ହେଇ ଯାଇଥିବାରୁ ହୃଦୟର ଅଗ୍ରଭାଗର କିଛି ଅଂଶରେ ଠିକ୍ ଭାବରେ ରକ୍ତ ସଞ୍ଚାଳନ ହେଇପାରୁନି । ସିଡ଼ି ଚଢ଼ିଲାବେଳେ ସାମାନ୍ୟ ଅଣନିଃଶ୍ୱାସୀ ହେଇପଡ଼ିବା ମୁଖ୍ୟତଃ ସେଇ କାରଣରୁ । ତେବେ ଅନ୍ୟାନ୍ୟ ରକ୍ତବାହୀ ନାଡ଼ିଗୁଡ଼ିକ ସଂପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଅଛନ୍ତି ଏବଂ ଆଶୁବିପଦର କୌଣସି କାରଣ ନାହିଁ । ଡ଼ାକ୍ତର ଉପଦେଶ ଦେଇଥିଲେ ସକାଳେ ଓ ସନ୍ଧ୍ୟାରେ ଘଣ୍ଟାଏ ଲେଖାଏଁ ଚାଲିବାପାଇଁ । କହିଥିଲେ ଏହାଦ୍ୱାରା ହୃଦୟରେ ସୁସ୍ଥଭାବରେ ରକ୍ତସଞ୍ଚାଳନ ହେବ ଏବଂ କ୍ଷୟିଷ୍ଣୁ ରକ୍ତବାହୀ ନାଡ଼ି ତଥା ଜୀବକୋଷମାନେ ପୁନରୁଜ୍ଜୀବିତ ହେବେ । ପୂର୍ବପରି ସ୍ନେହସାର ଯୁକ୍ତ ଖାଦ୍ୟ ତଥା ଲବଣ ଉପରେ କଟକଣା ଜାରି ରହିଥିଲା ।

ମୁଣ୍ଡରୁ ବିରାଟକାୟ ବୋଝଟିଏ ଓହ୍ଲାରି ଗଲାପରି ଲାଗିଲା । ବହୁଦିନ ପରେ ମନ ଓ ମିଜାଜ୍, ଉଭୟ ହେଇଗଲା ଅନେକାଂଶରେ ଫୁର୍‌ଫୁର୍ । ପ୍ରାୟ ମାସଟିଏ ଘର ଛାଡ଼ିକି ଥିଲୁ । ବ୍ୟଗ୍ର ହେଇପଡ଼ିଲୁ ଭୁବନେଶ୍ୱର ଫେରି ଆସିବାପାଇଁ । ବିଜୟ ଲୋକପଠାଇ ପ୍ଲେନ୍ ଟିକେଟ୍ ମଗାଇଦେଲେ । ଟିକେଟ୍ ମିଳିଲା ପର ସପ୍ତାହରେ ।



Digitized by srujanika@gmail.com

ନିର୍ଦ୍ଦିଷ୍ଟ ଦିନ ପୂର୍ବାହ୍ଣରେ କିନ୍ତୁ ଏୟାରପୋର୍ଟ ପହଞ୍ଚି ଦେଖୁ ସେଠାରେ ଚରମ ବିଶୃଙ୍ଖଳା । ଆମ ପାଇଁ ଉଦ୍ଦିଷ୍ଟ ପ୍ଲେନ୍‌ଟି ଘନକୁଆସା ଯୋଗୁଁ ଦିଲ୍ଲୀ ଛାଡ଼ିପାରିନି । ଦିଲ୍ଲୀରୁ ଆସି ଏଠାରୁ ଯାତ୍ରୀ ଉଠାଇ ଉଡ଼ାଜାହାଜଟି ଭୁବନେଶ୍ୱର ଯିବାକଥା । ଖବର କରି ବୁଝିଲୁ ପ୍ଲେନ୍‌ଟି ଆଦୌ ଆସିବ କି ନାହିଁ ତାହା ମଧ୍ୟ ଅନିର୍ଦ୍ଦିଷ୍ଟ । ଲାଉଞ୍ଜ୍ ଭର୍ତ୍ତି ଅପେକ୍ଷାରତ ଶ୍ରାନ୍ତ, ଉଦ୍‌ବିଗ୍ନ ଯାତ୍ରୀଗଣ । ଗୋଟିଏ ସାନ ପ୍ଲେନ୍ ଯୋଗାଡ଼କରି ବିମାନସେବା କିଛି ଯାତ୍ରୀଙ୍କୁ ହାଇଦ୍ରାବାଦ ପଠାଉଛନ୍ତି । ସେଠାରୁ ଅନ୍ୟ ପ୍ଲେନ୍‌ଧରି ସେମାନେ ଯିବେ ଭୁବନେଶ୍ୱର । ବଳକା ଯାତ୍ରୀମାନଙ୍କୁ ପରଦିନ ଭୁବନେଶ୍ୱର ପଠାଯିବ ।

ଚରମ ହଟ୍ଟଗୋଳ ଭିତରେ ଖବର କଲୁ, ଆଜି ହାଇଦ୍ରାବାଦ ଯାଉଥିବା ଯାତ୍ରୀମାନଙ୍କ ଭିତରେ ଆମ ଦୁଇଜଣଙ୍କର ନାଁ ରହିଛି । ପ୍ଲେନ୍ ଛାଡ଼ିବାକୁ କିଛି ସମୟ ଥିଲା । ସିକ୍ୟୁରିଟି ଚେକ୍‌ର ଡ଼ାକକୁ ଅପେକ୍ଷା କରି ଦିହେଁ ବସିରହିଲୁ ଚୁପ୍‌ଚାପ୍ । ଅଚାନକ୍ ଜଣେ ଭଦ୍ରବ୍ୟକ୍ତି ଅସ୍ତବ୍ୟସ୍ତ ଭାବରେ ଆସି ବିନୟଙ୍କୁ ଇଂରାଜୀରେ ପଚାରିଲେ - କ୍ଷମା କରିବେ, ଆପଣଙ୍କୁ କଅଣ ହାଇଦ୍ରାବାଦ୍ ପଠାଯାଉଛି ?

ବିନୟ କହିଲେ - ହଁ ।

ଭଦ୍ରଲୋକ ବେଶ୍ ବିନୀତ କଣ୍ଠରେ କହିଲେ - ବହୁତ ଦୁଃଖିତ ଆପଣଙ୍କୁ ଏଭଳି ଅନୁରୋଧଟିଏ କରିବାକୁ ଯାଉଛି ବୋଲି । ମୋ ନାଁ' ଶିବ ସୁବ୍ରମନ୍ୟମ୍ । ଏଇ ପ୍ଲେନ୍‌ରେ ମୋର ଭୁବନେଶ୍ୱର ଯିବାର ଥିଲା । ଅତ୍ୟନ୍ତ ଜରୁରୀ କାମ । ଆଜି କୌଣସିମତେ ନ ପହଞ୍ଚିଲେ ଭାରି ଅସୁବିଧା ହେଇଯିବ । ମତେ କୁହାଯାଇଛି କାଲି ଯିବାପାଇଁ । ଆପଣ ଯଦି ରାଜି ହୁଅନ୍ତେ, ଏୟାରଲାଇନ୍‌ସ୍‌ର ଅଫିସର୍‌ଙ୍କୁ କହି ଆପଣଙ୍କ ସିଟ୍‌ରେ ମୁଁ ଆଜି ହାଇଦ୍ରାବାଦ୍ ଦେଇ ଭୁବନେଶ୍ୱର ଚାଲିଯାଆନ୍ତି - ଅବଶ୍ୟ କାଲି ଗଲେ ଯଦି ଆପଣଙ୍କର କିଛି ଅସୁବିଧା ନ ହୁଏ ।

ବିନୟ କହିଲେ - ମୋ' ସହିତ ମୋ' ପତ୍ନୀ ମଧ୍ୟ ଅଛନ୍ତି । କ୍ୟାନ୍‌ସେଲ୍ କଲେ ଆମ ଦୁଇଜଣଯାକଙ୍କର ଟିକେଟ୍ କ୍ୟାନ୍‌ସେଲ୍ କରିବାକୁ ପଡ଼ିବ ।

ଭଦ୍ରବ୍ୟକ୍ତି ଏଥରକ ମତେ ଚାହିଁ କହିଲେ - ମ୍ୟାଡ଼ାମ୍ । ଅଟକି ଯାଇଥିବା ଅନେକ ଯାତ୍ରୀ ଆଜି ଯିବାପାଇଁ ଉତ୍ସୁକ । ଆପଣ ନ ଗଲେ, ଆପଣଙ୍କ ଜାଗାରେ ସହଜରେ ଅନ୍ୟଲୋକ ମିଳିଯିବେ । କିଛି ଅସୁବିଧା ହବନି । ଆପଣଙ୍କୁ ବିନମ୍ର ଅନୁରୋଧ, ମୋ' କଥା ଟିକିଏ ବିଚାର କରନ୍ତୁ ।

ଭଦ୍ରଲୋକଙ୍କୁ ଏଥରକ ଭଲକରି ଚାହିଁଲି । ମେଦ ବର୍ଜିତ, ଉଚ୍ଚ ଦୀର୍ଘକାୟ ଚେହେରା । ସ୍ୱର୍ଣ୍ଣାଭ ତ୍ୱକ୍ । କାନ୍ଧ ଛୁଉଁଥିବା ଈଷତ୍ କୁଞ୍ଚିତ କେଶଦାମ, ଉନ୍ନତ ନାସିକା ଏବଂ ଘନ ପକ୍ଷ୍ମଭରା ଦୀପ୍ତ ନୀଳ ଆଖି । ମୁହଁରେ ଘନ ଶ୍ମଶ୍ରୁ । ଠିକ୍ ମାର୍ବଲ୍‌ଖୋଦେଇ ଦେବଦୂତ ପରି ଚେହେରା । ସଚରାଚର ଏତେ କାନ୍ତିବାନ୍ ମଣିଷଟିଏ ଆଖିରେ ପଡ଼େନି । ବାରମ୍ବାର ମନେ ହେଲା ଭଦ୍ରବ୍ୟକ୍ତିଙ୍କୁ କେଉଁଠି ଯେମିତି ଦେଖିଛି ଆଗରୁ । କିନ୍ତୁ ସଠିକ୍ ମନେ କରିପାରିଲିନି ।



Digitized by srujanika@gmail.com

ଭଦ୍ରଲୋକଙ୍କର ଅନୁରୋଧ ଅବଶ୍ୟ ନିତାନ୍ତ ଅନ୍ୟାୟ ଜନକ ମନେ ହେଲା ମତେ । ଅସହିଷ୍ଣୁ ଭଙ୍ଗୀରେ ତାଙ୍କୁ କିଛି କହିବା ପାଇଁ ଉଦ୍ୟତ ହେଲାବେଳକୁ, ବିନୟ ମତେ ଅଟକାଇ ଦେଲେ । ଓଡ଼ିଆରେ କହିଲେ - ଆମେ ବରଂ କାଲି ଯିବା । ସିଧାସଳଖ ଭୁବନେଶ୍ୱର । କିଏ ଜାଣେ ପୁଣି ହାଇଦ୍ରାବାଦ୍‌ରେ କଅଣ ବିଶୃଙ୍ଖଳାର ସାମ୍ନା କରିବାକୁ ହବ । ଇଏ ବରଂ ଏକପ୍ରକାର ଭଲ ହେଲା ।

ଆମ ପତିପତ୍ନୀଙ୍କର ପାରସ୍ପରିକ ଆଲୋଚନା ପରେ ଭଦ୍ରବ୍ୟକ୍ତି ପୁନର୍ବାର ସେଇଭଳି ବିନୀତ ଓ ବ୍ୟଗ୍ର ସ୍ୱରରେ ବିନୟଙ୍କୁ ଚାହିଁ କହିଲେ - ସାର୍, କ୍ଷମା କରିବେ, କଅଣ ଠିକ୍ କଲେ ଆପଣମାନେ ?

ବିନୟ କହିଲେ - ଚାଲନ୍ତୁ କାଉଣ୍ଟରକୁ । ସେଠାର ଭାରପ୍ରାପ୍ତ ଅଫିସରଙ୍କୁ କହି ମୋ ସିଟ୍‌ଟି ଆପଣଙ୍କୁ ଦେଇଦେବାର ବନ୍ଦୋବସ୍ତ କରିଦେଉଛି । ଆଶାକରେ ମୋ ପତ୍ନୀଙ୍କ ଟିକେଟ୍‌ଟିରେ ଅନ୍ୟ ଜଣେ କେହି ଯାତ୍ରୀ ଯିବାପାଇଁ ସମ୍ମତ ହେଇଯିବେ । ଭଦ୍ରବ୍ୟକ୍ତିଙ୍କ ମୁହଁର ଅପରାଧୀଭାବକୁ ଲକ୍ଷ୍ୟ କରି ବିନୟ ପୁନର୍ବାର କହିଲେ - ଆପଣ ଅସ୍ୱସ୍ତି ବୋଧ କରିବାର କୌଣସି କାରଣ ନାହିଁ । ଆମେ କାଲି ଭୁବନେଶ୍ୱର ଚାଲିଯିବୁ । ଆମର ଏଠାରେ ରହିବାର ସୁବନ୍ଦୋବସ୍ତ ଅଛି । କିଛି ଅସୁବିଧା ହେବନି ।

ବିନୟ ଭଦ୍ରବ୍ୟକ୍ତିଙ୍କୁ ସାଥିରେ ଧରି କାଉଣ୍ଟର ଆଡକୁ ଅଗ୍ରସର ହେଲେ । ଅଜସ୍ର ଠେଲାପେଲା ଓ ଭିଡ଼ ଭିତରେ କାମଟି ଶେଷପର୍ଯ୍ୟନ୍ତ ହେଇଗଲା ସୁରୁଖୁରୁରେ । କାଲିର ଯାତ୍ରା ପାଇଁ ନିର୍ଧାର୍ଯ୍ୟ ହେଇଥିବା ଟିକେଟ୍ ଦୁଇଟି ସାଥିରେ ଧରି ଆମେ ଫେରିଆସିଲୁ ଘରକୁ । ଆସିଲାବେଳେ ଭଦ୍ରବ୍ୟକ୍ତି ଅବଶ୍ୟ ବିନୟଙ୍କର ହାତଦୁଇଟି ଧରି ବାକ୍‌ରୁଦ୍ଧ ଭାବରେ ତାଙ୍କୁ ବାରମ୍ବାର ଧନ୍ୟବାଦ ଅର୍ପଣ କରିବାକୁ ଭୁଲିନଥିଲେ ।

ଅଚାନକ୍ ଆମକୁ ଫେରିଆସିଥିବା ଦେଖି ବିଜୟ ଓ ପଦ୍ମିନୀ ପ୍ରଥମେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ସୁଦ୍ଧା ସମଗ୍ର କାହାଣୀଟି ଶୁଣିସାରିଲା ପରେ ଆମର ସିଦ୍ଧାନ୍ତଟି ଉଚିତ୍ ହେଇଛି ବୋଲି ମତବ୍ୟକ୍ତ କଲେ । ବିଜୟ କହିଲେ - ଠିକ୍ କରିଚ ଆଜି ଯାଇନ । ଖାଇ ପିଇ ବରଂ ଆରାମରେ ଘରେ ବିଶ୍ରାମ କର । ସକାଳୁ ସିଧାସଳଖ ଭୁବନେଶ୍ୱର ଚାଲିଯିବ । ଏଭଳି ଅବ୍ୟବସ୍ଥା ଭିତରେ ଆଜି ଯାତ୍ରା କରିବାଟା ଉଚିତ୍ ହେଇନଥାନ୍ତା । କିଏ ଜାଣେ ପୁଣି ହାଇଦ୍ରାବାଦ୍‌ରେ କେତେ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଆନ୍ତା ।

ସନ୍ଧ୍ୟାଟି କଟିଲା ବେଶ୍ ହସଖୁସିରେ । ରାତିରେ ବେଡ୍‌ରୁମ୍‌ରେ ନିଜ ଲୁଗାପଟା ସଜାଡୁଛି, ହଠାତ୍ ବିଜୟଙ୍କର ଡ଼ାକ ଶୁଭିଲା ଡ୍ରଇଁରୁମ୍‌ରୁ । ବେଶ୍ ଉତ୍ତେଜିତ ଡ଼ାକ । ଡ୍ରଇଂରୁମ୍‌ରେ ବସି ରାତି ନଅଟାର ଟି.ଭି. ନିଉଜ୍ ଦେଖୁଥିଲେ ସିଏ ।

ବିନୟ ଓ ମୁଁ ଦୌଡ଼ିକି ଗଲୁ ଡ୍ରଇଂରୁମ୍‌କୁ ।

ବିଜୟ କହିଲେ - ହେ ଭଗବାନ୍ ! ଭଲ ହେଇଛି, ଆଜି ତମେମାନେ ଯାଇନ । ସେ ପ୍ଳେନ୍‌ଟିର ଆକ୍‌ସିଡ଼େଣ୍ଟ ହେଇଯାଇଛି ।



Digitized by srujanika@gmail.com

ସାରା ପରିବାର ଅବାକ୍ ହୋଇ ଟେଲିଭିଜନ୍‌ରେ ପଢ଼ା ହେଉଥିବା ସମ୍ବାଦଟିକୁ ଶୁଣି ଲାଗିଲୁ । ବମ୍ବେରୁ ହାଇଦ୍ରାବାଦ୍ ଯାଉଥିବା ଦ୍ୱିପ୍ରହରର ସେ ପ୍ଲେନ୍‌ଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ହାଇଦ୍ରାବାଦ୍‌ରେ ଓହ୍ଲାଇବା ସମୟରେ କିଛି ପରିମାଣରେ କ୍ଷତିଗ୍ରସ୍ତ ହୋଇଛି । କେତେଜଣ ଯାତ୍ରୀ ଆଂଶିକ ଆଘାତପ୍ରାପ୍ତ ହୋଇଛନ୍ତି - ବାକି ଅଧିକତର ଯାତ୍ରୀ ସୁରକ୍ଷିତ । ତେବେ ପନ୍ଦର ନମ୍ବର ସିଟ୍‌ରେ ବସିଥିବା ଶିବ ସୁବ୍ରମନ୍ୟମ୍ ନାମକ ଜଣେ ଭଦ୍ରବ୍ୟକ୍ତିଙ୍କର ମୁଣ୍ଡରେ ଆଘାତ ଲାଗି ମୃତ୍ୟୁ ହୋଇଛି ।

ମନେପଡ଼ିଲା - ପନ୍ଦରନମ୍ବର ସିଟ୍‌ଟି ବିନୟଙ୍କର ଥିଲା । ଶେଷ ମୁହୂର୍ତ୍ତରେ ପ୍ରାୟ ଜିଦ୍ କରି ଶିବ ସୁବ୍ରମନ୍ୟମ୍ ସେ ସିଟ୍‌ଟି ବିନୟଙ୍କଠାରୁ ମାଗି ନେଇଥିଲେ ।

ମୃତ ଶିବ ସୁବ୍ରମନ୍ୟମଙ୍କ ଛବି ଭାସିଉଠିଲା ଟି.ଭି. ପର୍ଦ୍ଦାରେ । ଏୟାର୍‌ପୋର୍ଟରେ ଶିବଙ୍କୁ ଦେଖିଲାବେଳେ ତାଙ୍କ ମୁହଁଟି କାହିଁକି କେଜାଣି ଚିହ୍ନା ଚିହ୍ନା ଲାଗିଥିଲା ମତେ । ଲାଗିଥିଲା ଯେମିତି ଏଇଭଳି ମୁହଁଟିଏ କେଉଁଠି ଦେଖିଛି ଆଗରୁ । ଠିକ୍ ଭାବେ ମନେ କରି ପାରିନଥିଲି ଅବଶ୍ୟ ।

ଏବେ କିନ୍ତୁ ସାଦୃଶ୍ୟଟି ସ୍ପଷ୍ଟ ହୋଇଉଠିଲା ମୋ ମନଶ୍ଚକ୍ଷୁରେ । ମହିମଚର୍ଚ୍ଚରେ କ୍ରୁଶବିଦ୍ଧ ଯୀଶୁଙ୍କର ଈଷତ୍ ଅବନତ, ବେଦନାର୍ତ୍ତ ମୁହଁ ସହିତ ବହୁ ପରିମାଣରେ ମିଶିଯାଉଥିଲା ଶିବ ସୁବ୍ରମନ୍ୟମ୍‌ଙ୍କର ଦୁଃଖଦ, ବିଷାଦମୟ ମୁହଁଟି ।

ମେରୀ କଥା ମନେପଡ଼ିଲା । ମେରୀ କହିଥିଲା - ଈଶ୍ୱରଙ୍କ ସହିତ ମଣିଷର ସଂପର୍କ ବିଚ୍ଛିନ୍ନ ନୁହେଁ । ଈଶ୍ୱରଙ୍କଠାରୁ ମଣିଷ ପୃଥକ୍ ନୁହେଁ । କେତେବେଳେ କେଉଁ ରୂପରେ ଈଶ୍ୱର ଆମପାଖକୁ ଆସନ୍ତି ଆମେ ଜାଣୁନା । କିନ୍ତୁ ଅପାର କରୁଣାମୟ ଈଶ୍ୱର ଏ ପୃଥିବୀକୁ ଆସନ୍ତି, ମଣିଷରୂପରେ ହିଁ ଆସନ୍ତି । ଏବଂ ମଣିଷ ଭିତରେ ଥିବା ତାଙ୍କର ସେଇ ଈଶ୍ୱରୀୟ ସତ୍ତା ଅପରର କଲ୍ୟାଣପାଇଁ ଏବେ ବି କ୍ରୁଶବିଦ୍ଧ ହୁଏ । ବାରମ୍ବାର ।

●●●



Digitized by srujanika@gmail.com

# ରୁଲି

ଖଟ ଉପରେ ଗହଣାତକ ଖେଳେଇ ଦେଇ ଅନେକ ଦିନ ପରେ ଗୋଟି ଗୋଟି କରି ପରଖୁଥିଲେ ଅରୁନ୍ଧତୀ । ବାହାଘର ବେଳର ଗହଣା - ପଚିଶ ବର୍ଷ ତଳର । ଆଷାଢ଼ ଆକାଶରେ ଥାକ ଥାକ ବାଦଲ ଘୋଟି ଆସିଲା ପରି, ଅତୀତର ଫିକା ଫିକା ସ୍ମୃତି ସବୁ ମିହି ତୁଳା ପିଞ୍ଜା ପରି ଉଡ଼ି ଆସି କ୍ରମାଗତ ଜମା ହେଉଥିଲେ ମନର ଅଳିନ୍ଦରେ ।

ବାପା ଥିଲେ ସାଧାରଣ ସରକାରୀ କର୍ମଚାରୀ । ମଧ୍ୟବିତ୍ତ ପରିବାର । ତାଙ୍କୁ ଚାହିଁ କିନ୍ତୁ ଝିଅମାନଙ୍କୁ ଗହଣା ଦେଇଥିଲେ ଯଥେଷ୍ଟ । ବୋଉର ଥିଲା ସୁନା ପ୍ରତି ଅହେତୁକ ମୋହ । ମହୁମାଛି ବିନ୍ଦୁ ବିନ୍ଦୁ ମହୁ ସଞ୍ଚିଲାପରି, ଘର ଚଳେଇବା ପଇସାରୁ ଅଳ୍ପ ଅଳ୍ପ ସଞ୍ଚୟ କରି ନିୟମିତ ଗହଣା ବନାଉଥିଲା ମିତବ୍ୟୟୀ ବୋଉ - ଝିଅମାନେ ଜନ୍ମହେବା ପରଠାରୁ । ସେମାନେ ଥିଲେ ତିନି ଭଉଣୀ । ଭାଇଟି ସବାଶେଷରେ । କୌଣସି ଝିଅର ବାହାଘର ବେଳକୁ ଗହଣା କିଣିବା ଦରକାର ପଡ଼ିନଥିଲା । ଅଳଙ୍କାରତକ ବୋଉ ପାଖରେ ଥିଲା ପୂର୍ବଗଚ୍ଛିତ ।

ଘରପାଖ ବଜାରର 'ଶକୁନ୍ତଳା ଅଳଙ୍କାର ଭଣ୍ଡାର' ସହିତ ବେଶ୍ ଅନ୍ତରଙ୍ଗ ଦୋସ୍ତି ଜମେଇ ନେଇଥିଲା ବୋଉ । ହାର କିମ୍ବା ଚୂଡ଼ୀ ତିଆରି କଲେ ଏକକାଳୀନ ଟଙ୍କା ଦେଇ ପାରୁନଥିଲା । ଟଙ୍କା ଦେଉଥିଲା କିସ୍ତିରେ - ନିଜ ସୁବିଧା ଅନୁଯାୟୀ । ଚିହ୍ନା ଦୋକାନୀ, ଭରସା ଥିଲା ବୋଉ ଉପରେ । ମନେ ଅଛି - ଅନେକ ସମୟରେ ଅରୁନ୍ଧତୀଙ୍କ ସହିତ ଅନ୍ୟ କୌଣସି କାମରେ ବଜାର ଗଲାବେଳେ, ଗହଣା ଦୋକାନରେ ମୁହଁ ମାରି ଫେରୁଥିଲା ବୋଉ । କାନଫୁଲ ହଉ କି ମୁଦିଟିଏ ପସନ୍ଦ ହେଲେ ନେଇ ବି ଆସୁଥିଲା ତତ୍କ୍ଷଣାତ୍ । ଦୋକାନ ମାଲିକ ମୁକୁନ୍ଦବାବୁ ମୃଦୁହସି କହୁଥିଲେ - ନେଇଯାଆନ୍ତୁ ମା ।" ପଇସା ଆଉ କୁଆଡ଼େ ବୁଡ଼ିଯାଉଛି ଆପଣଙ୍କ ପାଖରେ·!

ବାପା ଏସବୁ କଥା କିଛି ବୁଝୁନଥିଲେ । ଥିଲେ ବୀତସ୍ପୃହ, ବୈରାଗୀ ମଣିଷ । ବୋଉକୁ ଦରମାଟଙ୍କା ତକ ଧରେଇଦେଲେ ଇ ଛୁଟି । ସଂସାରର କୌଣସି କଥାରେ ମୁଣ୍ଡ ଖେଳାଉ ନ ଥିଲେ । କେବେ କେମିତି ବଣିଆ ଦୋକାନର କର୍ମଚାରୀଟି ଗହଣା ଦେବାପାଇଁ ଘରକୁ ଆସିଲେ ବାପାଙ୍କ ନଜର୍‌ରେ ପଡୁଥିଲା । "ପିଲାଙ୍କ



Digitized by srujanika@gmail.com

ବାହାଘର ତ ଅନେକ ଡେ଼ରି, ଏବେଠୁ କାହିଁକି ଗହଣା ବନେଇ ଲାଗିଛ ?" ଅନ୍ୟମନସ୍କ ଭାବରେ ମନ୍ତବ୍ୟ କରୁଥିଲେ ।

- ଥାଉ ଥାଉ । ତମ ଉପଦେଶ ରଖ ତମ ପାଖରେ । ସମୟ କାହାପାଇଁ ବସି ରହେନି । ଚାହୁଁ ଚାହୁଁ ଦିନ ଗଡ଼ିଯିବ । ଏବେଠୁ କରିକି ନ ରଖିଲେ କଅଣ ଏକାସାଥିରେ ସବୁ ଗହଣା କରିହବ ସେତେବେଳେ ? ସେଥିରେ ପୁଣି ତମେ ଯେଉଁ ସଂସାରୀ ମଣିଷ । ପ୍ଲାଷ୍ଟିକ ଡ଼ବା ଖୋଲି ନାଲିକାଗଜ ବନ୍ଧା ଗହଣାଟିକୁ ନିରୀକ୍ଷଣ କରୁ କରୁ ବୋଉ ଜବାବ୍ ଦେଉଥିଲା ।

ବୋଉର ଦୂରଦର୍ଶିତା କିନ୍ତୁ ସତରେ କାମ ଦେଇଥିଲା । ତିନି ଝିଅଙ୍କର ବାହାଘର ହେଇଥିଲା ଦୁଇ ଦୁଇ ବର୍ଷ ବ୍ୟବଧାନରେ । ଜାମାତାମାନେ ଥିଲେ ସ୍ୱଭାବରେ ଭଦ୍ର ଓ ନିର୍ଲୋଭୀ । ଯୌତୁକଦାବୀ କରିନଥିଲେ । ନିଜ କ୍ଷମତା ଅନୁଯାୟୀ ଯାହାକିଛି ଦେଇଥିଲେ ଅରୁନ୍ଧତୀଙ୍କର ପିତା । ଗହଣାତକ କିନ୍ତୁ ଥିଲା ଆଖିଦୁରୁଶିଆ । ସାଇପଡ଼ିଶା ମନ୍ତବ୍ୟ କରିଥିଲେ - ତିନି ତିନିଟା ଝିଅ । ତେବେ ବି ଗହଣାଗାଣ୍ଠି ଭଲ ଦେଇଛନ୍ତି ମା' ବାପା । ବୋଉ ଖୁସି ହେଇଥିଲା ସେ ଟପ୍ପଣୀ ଶୁଣି । ବୋଉ ଗହଣା ଉପରେ ଏତେବେଶୀ ପ୍ରାଧାନ୍ୟ ଦେବାର କାରଣ ଅବଶ୍ୟ ଥିଲା । ବୋଉର ଧାରଣା ଥିଲା ଝିଅ ନେଇଥିବା ସବୁ ଜିନିଷ ଭିତରେ ଏକମାତ୍ର ଗହଣାତକ ଇ ତା'ର ଏକାନ୍ତ ନିଜସ୍ୱ-ସ୍ତ୍ରୀ ଧନ । ସୋଫାସେଟ୍‌ଟି କିମ୍ବା ଆଲ୍‌ମାରୀଟି ହୁଏତ ଅନ୍ୟ କାହାରି ବ୍ୟବହାରରେ ଲାଗିପାରେ । କିନ୍ତୁ ଗହଣାତକ ଉପରେ ଅକ୍ତିଆର୍ କେବଳ ଝିଅର । ଗହଣାତକ ରହିବ ତା' ନିଜ ହାତବାକ୍ସରେ ।

ଅରୁନ୍ଧତୀଙ୍କ ଆଖିରୁ ଅଜାଣତରେ ଠପ୍‌ଠପ୍ ଲୁହ ଦୁଇବୁନ୍ଦା ଖସିପଡ଼ିଲା । କୁଆଡ଼େ ଗଲା ସେ ବୋଉ ? ଜୀବନଯାକ କାଟି ଦେଲା ପାଣିକାଚମୁଠିଏ ପିନ୍ଧି । କାନରେ ସାନ ପଥର ଫୁଲ ଯୋଡ଼ିଏ । ବେକରେ ଗୋଟିଏ ଚେନ୍ । ସେ ଚେନ୍ ବେଳେବେଳେ ଛିଣ୍ଡି ଯାଉଥିଲା ଯେ ବେକ ରହୁଥିଲା ଖାଲି - କେବେ ସୁବିଧାଦେଖି ବଣିଆ ଦୋକାନରୁ କେହି ଜଣେ ଯାଇ ଝଳେଇ ନେଇ ଆସିବା ପର୍ଯ୍ୟନ୍ତ । ଝିଅମାନଙ୍କୁ ଅକୃପଣ ଭାବରେ ଗହଣା ଦେଇଛି ବୋଉ । ସାରାଜୀବନ ନିଜେ କିନ୍ତୁ କେବେ ସୌଖୀନ୍ ଗହଣାଟିଏ ପିନ୍ଧିନି । ଯେତେବେଳେ ନିଜ ପସନ୍ଦର ଗହଣାଟିଏ ବି କରିଛି, ତାକୁ ସାଇତି ଦେଇଛି ଝିଅମାନଙ୍କ ପାଇଁ - ଏ ପେଣ୍ଡିଫୁଲ ହଳକ ଅରୁର । କିମ୍ବା - ନିରୁ କେବେଠୁ କହୁଥିଲା ପୋହଳାଖଞ୍ଜା ଲକେଟ୍‌ଟିଏ ପାଇଁ, ଏଇଟା ଥାଉ ତା' ଲାଗି ।

ସବୁ ଝିଅମାନଙ୍କୁ ସମାନ ଗହଣା ଦେଇଥିଲା ବୋଉ । ବେକପାଇଁ ଗୋଟିଏ ବଡ଼ହାର, ଗୋଟିଏ ମଙ୍ଗଳ ସୂତ୍ର ଓ ଲକେଟ୍‌ଲଗା ମୋଟାଳିଆ ଚେନ୍ । ହାତକୁ



Digitized by srujanika@gmail.com

ତିନିପଟ ଲେଖାଏଁ ଚୂଡ଼ୀ, ସୁନାପାଟ ମୋଡ଼ା ଶଙ୍ଖା ଓ ଖଡୁ । କାନକୁ ପେଣିଫୁଲ, ଟପ୍, ରିଂ ଓ ଦୁଇହାତର ମଧମା ଓ ଅନାମିକା ଆଙ୍ଗୁଠିପାଇଁ ଚାରୋଟି ଭିନ୍ନ ଭିନ୍ନ ରଙ୍ଗର ପଥରବସା ମୁଦି ।

ସେଇ ସବୁ ଗହଣା ଏବେ ଖେଳା ହେଇପଡ଼ିଥିଲା ଖଟ ଉପରେ । ବାହାଘର ପରେ ନୂଆ ନୂଆ ବୋହୂ ହେଲାବେଳେ କେବେ କେମିତି ପିନ୍ଧିଛନ୍ତି ଅରୁନ୍ଧତୀ । ଅର୍ଖ ନୂଆ ଅବସ୍ଥାରେ ଅଛି କହିଲେ ଚଳେ । ନିତ୍ୟ ବ୍ୟବହାର ପାଇଁ ଶାଶୁ ଦେଇଥିବା ଖଡୁଯୋଡ଼ିକ ପିନ୍ଧି ଆସିଛନ୍ତି ଏ ଯାବତ୍ । ଭରିଏ ଲେଖାଏଁ ଓଜନର ପୋଲା ଖଡୁ । ଭିତରେ ଜଉ ପଶିଥିବା ହେତୁ ବେଶ୍ ମଜ୍‌ବୁତ୍ । ବୋଉ ଦେଇଥିବା ଚେନ୍‌ଟି ପିନ୍ଧିଥିଲେ ପ୍ରଥମ କେଇବର୍ଷ । ଛିଣିଯିବାରୁ ଆଉ କିଛି ସୁନାପକାଇ ବଲ୍ଲହାରଟିଏ କରି ନେଇଥିଲେ । ସେଇ ହାର ଆଜିପର୍ଯ୍ୟନ୍ତ ଗଳାରେ । କାନଫୁଲ ଓ ମୁଦି ଅନେକ ଉପହାର ମିଳିଥିଲା ବନ୍ଧୁବାନ୍ଧବମାନଙ୍କଠାରୁ । ଉଭୟ ବାପଘରେ ଓ ଶାଶୁଘରେ । ସବୁତକ ବ୍ୟବହାର କରିବାର ସୁଯୋଗ ଇ ଆସିନି ଏ ପର୍ଯ୍ୟନ୍ତ । କେବେ କେମିତି ବ୍ୟବହାର କରିଛନ୍ତି । ଯାହା ବା ଗହଣା ପିନ୍ଧିବାରେ ସଉକ୍ ଥିଲା, ସିଏ କମିଗଲା ଝିଅ ଶାନ୍ତା ଜନ୍ମ ହେବା ପରେ । ବର୍ଷ ବର୍ଷ ଧରି ସେ ଗହଣା ପଡ଼ି ରହିଥିଲା ଲକରରେ । ଶାନ୍ତାର ବାହାଘର ଆଉ ପ୍ରାୟ ମାସେ ରହିଲା । ସେଇଲାଗି ଗହଣାତକ ଦୁଇ ଦିନ ତଳେ ନେଇ ଆସିଛନ୍ତି ବ୍ୟାଙ୍କ୍‌ରୁ ।

ଶାନ୍ତା ଏକମାତ୍ର ଗେହ୍ଲା ଝିଅ । ତା' ତଳକୁ ଦୁଇ ପୁଅ । ଦୁଇ ବୋହୂଙ୍କ ପାଇଁ ବଡ଼ହାର ଏବଂ ଖଡୁହଳକ ରଖି ବାକତକ ଗହଣା ଠିକ୍ କରିଛନ୍ତି ଝିଅକୁ ଦେଇଦେବେ । ସୁନାର ଦାମ୍ ଦଶଗ୍ରାମକୁ ପାଞ୍ଚହଜାର ଛୁଇଁଲାଣି । ସ୍ୱାମୀ ଜୟନ୍ତ ବୃତ୍ତିରେ ଅଧ୍ୟାପକ । ଅଭାବ ନ ଥିଲେ ବି ପ୍ରାଚୁର୍ଯ୍ୟ ନାହିଁ । ଖର୍ଚ୍ଚ ବି ଯଥେଷ୍ଟ । ତିନି ସନ୍ତାନଙ୍କର ପାଠପଢ଼ା । ଜ୍ୟେଷ୍ଠପୁତ୍ରଟି ହଷ୍ଟେଲ୍‌ରେ ରହି ଇଞ୍ଜିନିୟରିଂ ପଢ଼େ । ତହିଁରେ ପୁଣି ବିଗତବର୍ଷ ଭୁବନେଶ୍ୱରସ୍ଥିତ ପୈତୃକ ଜମିରେ ଏଇ ସାନ ଘରଟି ତୋଳି ପଇସାପତ୍ର ବି ହାତରେ ବିଶେଷ କିଛି ନାହିଁ । ନିଜ ଗହଣାତକ ଝିଅକୁ ଦେଇଦେଲେ ଜୟନ୍ତଙ୍କର ଭାର କିଛି ଲାଘବ ହେଇଯିବ ।

ଈଶ୍ୱରଙ୍କ କୃପାରୁ ଝିଅପାଇଁ ସତ୍‌ପାତ୍ରଟିଏ ମିଳିଛି ମଧ । ବାହାଘରଟି ପୁଅ ଝିଅଙ୍କ ମର୍ଜିରେ ହେଉଥିଲେ ସୁଦ୍ଧା ଉଭୟ ପରିବାର ପ୍ରସ୍ତାବଟିକୁ ଉଲ୍ଲସିତ ମନରେ ସ୍ୱାଗତ କରିଛନ୍ତି । ମେଡ଼ିକାଲ୍ ପାଶ୍ କରି ଶାନ୍ତା ଏବେ କଟକରେ ହାଉସ୍‌ସର୍ଜନ । ଭାବୀ ଜାମାତା ଉଦୟନ ସେଇ ହସ୍‌ପିଟାଲ୍‌ରେ ଅସ୍ଥିଶଲ୍ୟ ବିଭାଗର ଡ଼ାକ୍ତର । ଜାତି, ଗୋତ୍ର, ପରିବାର ସବୁଥିରେ ସତେ ଅବା ରାଜଯୋଟକ । ନିର୍ବନ୍ଧ ସରିଯିବା ପରେ



Digitized by srujanika@gmail.com

ଅନେକ ସମୟରେ ଶାନ୍ତା ସହିତ ଉଦୟନ ଘରକୁ ଆସୁଛି ମଧ । ସପ୍ରତିଭ, ହସଖୁସି ସ୍ୱଭାବର ସୌମ୍ୟ, ବିନୀତ ଯୁବକଟିଏ । ଦେଖିଦେଲେ ବାତ୍ସଲ୍ୟରେ ଆର୍ଦ୍ର ହୋଇଉଠେ ଅରୁନ୍ଧତୀଙ୍କ ମନ ।

ଉଦୟନ କଥା ସ୍ମରଣ କରି ସାମାନ୍ୟ ଅନ୍ୟମନସ୍କ ହୋଇ ଉଠିଥିଲେ ଅରୁନ୍ଧତୀ । ହଠାତ୍ ମନେପଡ଼ିଲା ଜୟନ୍ତକୁ ଏ ଯାଏ ଗହଣାତକ ଦେଖାଇନାହାନ୍ତି ସିଏ । କେଉଁ କେଉଁ ଗହଣା ଝିଅକୁ ଦେବେ ସେ ସଂପର୍କରେ ତାଙ୍କ ସହିତ ପରାମର୍ଶ କରିବା ଉଚିତ୍ ହେବ ଭାବି ଗହଣାତକ ସାନବାକ୍ସଟିରେ ଭର୍ତ୍ତି କରିବାକୁ ଯାଉଛନ୍ତି, ହଠାତ୍ ଆଖିପଡ଼ିଲା ବାକ୍ସର ସବାତଳେ ଚକ୍‌ଚକ୍ ମୋଟା ସାଟିନ୍ ଶେଯରେ ଆବୁଆଳ ହୋଇ ରହିଯାଇଥିବା କମକୁଟ କରା ଚୁଲି ଯୋଡ଼ିକ ଉପରେ । ସରୁ ସରୁ ନିଦା ସୁନାର ଚୁଲି ଯୋଡ଼ିଏ । ପଣସକଣ୍ଟା ଡ଼ିଜାଇନ୍ । ଚୁଲି ଉପରେ ମୂନିଆ ମୂନିଆ ହୋଇ ସମାନ ଆକାରର ପଣସକଣ୍ଟା ଖଞ୍ଜା ହୋଇଚି ଅବା !

ମନେପଡ଼ିଲା, ଅନ୍ୟ ଦୁଇଝିଅଙ୍କୁ ବୋଉ ଚୁଲି ଦେଇନଥିଲା । ଅଧିକା ଭାବରେ ଚୁଲିଯୋଡ଼ିକ କେବଳ ଦିଆ ହୋଇଥିଲା ଜ୍ୟେଷ୍ଠାକନ୍ୟା ଅରୁନ୍ଧତୀଙ୍କୁ । କାରଣ ଏ ଚୁଲିରେ ବ୍ୟବହୃତ ହୋଇଥିବା ସୁନାତକ ଥିଲା ଅରୁନ୍ଧତୀଙ୍କ ପାଇଁ ତାଙ୍କ ଆଈଙ୍କର ଉପହାର ।

ଆଈଙ୍କର ଏକମାତ୍ର ପୁତ୍ରସନ୍ତାନଙ୍କର ଅକାଳମୃତ୍ୟୁ ଘଟିଥିଲା - ତିରିଶ ବର୍ଷ ବୟସରେ । ଶେଷ ମୁହୂର୍ତ୍ତକୁ ବିଧବା, ରୁଗ୍‌ଣା ଆଈ ଆସି ରହିଥିଲେ କନ୍ୟା, ଜାମାତାଙ୍କ ପାଖରେ । ଅରୁନ୍ଧତୀଙ୍କର ପିତା ପୁତ୍ରସମ ଶ୍ରଦ୍ଧା କରୁଥିଲେ ଶାଶୁଙ୍କୁ । ସେବା କରିଥିଲେ ଆପ୍ରାଣ । ମୁଖାଗ୍ନି ଦେଇ ଶେଷକୃତ୍ୟ ମଧ ସମାପନ କରିଥିଲେ ।

ପିଲାଦିନେ ଦେଖିଥିବା ଆଈଙ୍କର ଚେହେରା ଅନେକ ସମୟରେ ମନେ ପଡ଼େ ଅରୁନ୍ଧତୀଙ୍କର । ମଣ୍ଡି ହୋଇଥିଲେ ଗହଣାରେ । ବେକରେ ମହୁରମାଳ, ଧାନୁଆ କଣ୍ଠି ଓ ଗୋପ, କାନରେ ନୋଳି, ଧାଡ଼ି ଧାଡ଼ି ଫାଶିଆ ଓ ମଲକଡ଼ି । ନାକରେ ନୋଥ, ଗୁଣା ଓ ଗୋଲାପଦଣ୍ଡି । ବୈଧବ୍ୟ ବରଣପରେ ସମସ୍ତ ଅଳଙ୍କାର ଉତାରି ଦେଇଥିଲେ ଦେହରୁ । କେବଳ କାନରେ ରହିଯାଇଥିଲା ସେ ନୋଳି ଯୋଡ଼ିକ । ସେ ନୋଳିର ଭାରରେ କାନର ଲତି ବୋହି ପଡୁଥିଲା ତଳକୁ । ମୃତ୍ୟୁ ପୂର୍ବରୁ କହିଯାଇଥିଲେ - ଏ ନୋଳିଯୋଡ଼ିକ ମୋ ବଡ଼ ନାତୁଣୀ ଅରୁର ।

ଆଈଙ୍କ ମୃତ୍ୟୁପରେ, ବୋଉ ସେ ନୋଳିଯୋଡ଼ିକ ନିଆଁରେ ପୋଡ଼ି ସାଇତି ରଖିଥିଲା । ସେଇ ସୁନାରେ ବାହାଘର ବେଳେ ଚୁଲି ଯୋଡ଼ିଏ ବନେଇ ଦେଇଥିଲା ଅରୁନ୍ଧତୀଙ୍କ ପାଇଁ । ଜିଦ୍ କରି ପଣସକଣ୍ଟା ଡ଼ିଜାଇନ୍‌ର ଚୁଲି ତିଆରି କରିଥିଲେ ଅରୁନ୍ଧତୀ ନିଜେ ।



Digitized by srujanika@gmail.com

ବୋଉ କିନ୍ତୁ ଏଇଭଳି ଚୁଡ଼ି କରିବାକୁ ମନା କରୁଥିଲା । ଶକୁନ୍ତଳା ଭଣ୍ଡାରରେ ଗହଣା କ୍ୟାଟ୍‌ଲଗ୍ ଓଲଟାଉ ଓଲଟାଉ କହିଥିଲା - ଏ କଣ୍ଟାଗୁଡ଼ାକ ଭାରି ମୁନିଆ । ଦେହରେ ଫୋଡ଼ି ହେଇଯିବ । ଲାଗିଗଲେ ଲୁଗାପଟା ବି ଚିରିବ କେବେ କେମିତି । ଅନ୍ୟ କେଉଁ ଡ୍ରିଜାଇନ୍ କର ।

ଅରୁନ୍ଧତୀଙ୍କର କିନ୍ତୁ ଭାରି ପସନ୍ଦ ହେଇଥିଲା ସେ ନକ୍ସାଦାର୍ ଚୁଡ଼ି । "ଚୁଡ଼ି ତୁ ପିନ୍ଧିବୁ ନା ମୁଁ ପିନ୍ଧିବି ? ମୋର ସେଇ ପ୍ୟାଟର୍ଣ୍ଣ ହିଁ ଦରକାର ।" ରାଗିକରି ବୋଉକୁ କହିଥିଲେ ଅରୁନ୍ଧତୀ ଏବଂ ଶେଷ ପର୍ଯ୍ୟନ୍ତ ବୋଉର ଅମତରେ ସେଇ ପ୍ୟାଟର୍ଣ୍ଣର ଚୁଡ଼ି ହିଁ ତିଆରି ହେଇଥିଲା ଅରୁନ୍ଧତୀଙ୍କ ପାଇଁ ।

ବୋଉ କିନ୍ତୁ ସତକଥା କହିଥିଲା । ବାହାଘର ପରେ ସେ ଚୁଡ଼ି ଆଦୌ ପିନ୍ଧିପାରିନଥିଲେ ଅରୁନ୍ଧତୀ । ଅନଭ୍ୟାସ ଯୋଗୁ ଚୁଡ଼ିପିନ୍ଧା ହାତ ଓଜନିଆ ଲାଗୁଥିଲା । ତେବେ ବି ଚୁଡ଼ିଯୋଡ଼ିକ କାଢ଼ି ନ ଥିଲେ ହାତରୁ । ବରଂ କାଢ଼ି ଦେଇଥିଲେ ଖଡୁଯୋଡ଼ିକ୍ । ସୁନାଚୂଡ଼ୀ ସହିତ ଘଷିହେଇ ବେଶ୍ ରୁଣୁଝୁଣୁ ତାନର ଛନ୍ଦ ତୋଳୁଥିଲା ସେ ଚୁଡ଼ି । ଆଲୁଅ ପଡ଼ିଲେ ଚକ୍ ଚକ୍ କରୁଥିଲା ତା'ର ଡ଼ାଇମଣ୍ଡକଟା ପଣସକଣ୍ଟା । ଅରୁନ୍ଧତୀଙ୍କର ବର୍ତ୍ତୁଳ କଚଟିଟି ଭାରି ଶୋଭାବନ ଦିଶୁଥିଲା ସେ ଚୁଡ଼ିରେ ବେଢ଼େଇ ହେଇ ।

କିନ୍ତୁ ସେ ଚୁଡ଼ିପିନ୍ଧିବାର ସଉକ୍ ବେଶୀଦିନଯାଏ ରହିପାରିଲାନି ଅରୁନ୍ଧତୀଙ୍କର । ନବଦମ୍ପତିଙ୍କର ଉଚ୍ଛଳ ପ୍ରୀତିମୟ ସୋହାଗରେ ବାଦ ସାଧିଲା ସେ ଚୁଡ଼ି । ତରୁଣୀ ପତ୍ନୀ ନିକଟରେ ଜୟନ୍ତଙ୍କର ପୂର୍ବ ନିଶିର ସାନ୍ନିଧ ନିହାତି ନିର୍ଲଜଭାବରେ ସଭିଙ୍କ ଆଗରେ ଜାହିର୍ କରୁଥିଲା ସିଏ ପରଦିନ ସକାଳେ - ତା'ର କଣ୍ଟାଳିଆ ମନରେ ତାଙ୍କ ଦେହସାରା ଅଜସ୍ର ଦାଗ ରଚନା କରି । ସଦ୍ୟ ବିବାହିତା ନଣନ୍ଦ ନିନି ଦିନେ ଜୟନ୍ତଙ୍କ ପିଠିରେ ପଣସକଣ୍ଟାର ଫୁଟି ଫୁଟିକିଆ ଚିହ୍ନ ଦେଖି ମୁରୁକି ହସି କହିଲେ - ନୂଆବୋଉ, ତମେ ସେ ଚୁଡ଼ି କାଢ଼ିଦିଅ ହାତରୁ । ଭାଇଙ୍କ ପିଠି କଅଣ କରିଚ ଦେଖିଲଣି ?

କେଇଦିନ ପରେ ସ୍ୱୟଂ ଶାଶୁ ବି ଥରେ ଜୟନ୍ତଙ୍କ ବାହୁ ଓ ଛାତିରେ ଆଞ୍ଚୁଡ଼ା ଦାଗ ଦେଖି ବିବ୍ରତ ହେଇ ପଚାରିଲେ - ଏଠି କଅଣ ହେଲାରେ ଜୟ ? ଏମିତି ରାଞ୍ଚୁଡ଼ିଲା ତତେ କିଏ ? ଜୟନ୍ତ କିଛି ଉତ୍ତର ନ ଦେଇ କଥାଟି ନ ଶୁଣିଲା ପରି ଦାଣ୍ଡକୁ ବାହାରି ଯାଇଥିଲେ । ଆଉ ସେଇଦିନ ରାତିରେ ହିଁ ସେ ଚୁଡ଼ିକୁ ହାତରୁ କାଢ଼ି ପକାଇଲେ ଅରୁନ୍ଧତୀ । ଶାଶୁ ପଚାରିବାରୁ କହିଥିଲେ - ଆପଣ ଦେଇଥିବା ଖଡୁ ଯୋଡ଼ିକ ପିନ୍ଧିବି ମା । ସେଇଥି ପାଇଁ ଚୁଡ଼ି କାଢ଼ି ଦେଇଛି । ଶାଶୁ ଖୁସି ହେଇଥିଲେ ଉତ୍ତର ଶୁଣି ।



Digitized by srujanika@gmail.com

ଶାଶୁଘରେ ଦଶମାସ ରହିଲାପରେ ବାପା ଯାଇ ନେଇଆସିଲେ ଅରୁନ୍ଧତୀଙ୍କୁ । ପ୍ରଥମସନ୍ତାନ ପିତ୍ରାଳୟରେ ଜନ୍ମହେବାର ଏକ ଅଲିଖିତ ପରମ୍ପରା ଅନୁଯାୟୀ ଅରୁନ୍ଧତୀ ଆସିଲେ ପିତାମାତାଙ୍କ ପାଖକୁ । ଜୟନ୍ତ ଥିଲେ ଦୂରରେ । ସୌଖୀନ୍ ରୁଲି ଯୋଡ଼ିକ ପିନ୍ଧିବାର ସୁଯୋଗ ମିଳିଗଲା ଅରୁନ୍ଧତୀଙ୍କୁ । ଆସିବା ପରେ ପରେ ହାତରୁ ଚୂଡ଼ୀ ଓ ଖଡୁ କାଢ଼ି ଦେଇ ଖାଲି ଶଙ୍ଖା ଓ ରୁଲି ପିନ୍ଧିଲେ ଅରୁନ୍ଧତୀ । ଦେଖିଦେଇ ବୋଉ କହିଲା - ବାଃ ! ଭାରି ସୁନ୍ଦର ଦିଶୁଚି ତ ଏ ରୁଲି ଯୋଡ଼ିକ ତୋ ହାତକୁ ।

- ଦେଖିଲୁ ! ଅଥଚ ତୁ କହୁଥିଲୁ ଏ ଡିଜାଇନ୍‌ଟା ଭଲ ନୁହେଁ । ପାଲ୍‌ଟା ଜବାବ୍ ଦେଲେ ଅରୁନ୍ଧତୀ ।

ଏଥରକ ମଧ୍ୟ ଏ ରୁଲି ବହୁତ ଦିନ ପର୍ଯ୍ୟନ୍ତ ତାଙ୍କ ହାତର ଶୋଭାବର୍ଦ୍ଧନ କରିପାରିଲାନି । ମାସକ ପରେ ଶାନ୍ତା ଆସିଲା କୋଳକୁ । ମୁଣ୍ଡରେ କଳାମୁଚ୍‌ମୁଚ୍ ଗୋଛାଏ ବାଳ । ଲହୁଣୀ ପରି ନରମ ପୁତ୍‌ପୁତ୍ ଶରୀର । ସ୍ୱପ୍ନର ପିତୁଳାଟିକୁ କୋଳରେ ଧରି ଅରୁନ୍ଧତୀଙ୍କର ମନେହେଲା ଯେମିତି ଏକ ଅସାଧ୍ୟ ସାଧନ କରିଛନ୍ତି ସିଏ ।

ବୋଉକୁ ଗୋଟିଏ ନୂଆ କାମ ମିଳିଗଲା - ନାତୁଣୀ ସେବା । ଦି' ଓଳି ଗୋଡ଼ରେ ପକାଇ ନାତୁଣୀ ଦେହରେ ଜଳପାଇ ତେଲ ମାଲିସ୍ । ମଝିରେ ମଝିରେ ତେଲହଳଦୀ ଘଷା । ଏକୋଶିଆ ପର୍ଯ୍ୟନ୍ତ ନାତୁଣୀର ପରିଚର୍ଯ୍ୟା ବୋଉ କରୁଥିଲା । ପରେପରେ ଘର କାମରେ ବୋଉ ବ୍ୟସ୍ତ ରହିବା ହେତୁ ଶିଶୁଟିର ତେଲ ମାଲିସ ତଥା ସ୍ନାନପର୍ବଟି ନ୍ୟସ୍ତ ହେଲା ଅରୁନ୍ଧତୀଙ୍କ ଉପରେ । ଏବଂ ଯେତେଥର ଶିଶୁକନ୍ୟାଟି ଦେହରେ ଅରୁନ୍ଧତୀ ତେଲ ଘଷୁଥିଲେ ସେତେଥର ତାଙ୍କର ଅଶେଷ ସାବଧାନତା ସତ୍ତ୍ୱେ ମଧ୍ୟ, ସେ ପଣସକଣ୍ଟା ରୁଲିର ମୁନିଆ ଶୀର୍ଷଦେଶ ଭେଦି ଯାଉଥିଲା ନବଜାତଟିର କଅଁଳ ଚମଡ଼ାରେ । ନାଲି ପଡ଼ିଯାଉଥିଲା ତ୍ୱକ୍ । ଶେଷକୁ ଦିନେ ବୋଉ କହିଲା, "ସେ ରୁଲି କାଢ଼ିକି ରଖିଦେ ମା । ଛୁଆଟା ଦେହରେ ଫୋଡ଼ି ହେଇଯାଉଛି ବାରମ୍ବାର ।" ଏବଂ ତତ୍‌କ୍ଷଣାତ୍ ସେ ରୁଲି କାଢ଼ି ଚୂଡ଼ୀ ଦିପଟ ଲେଖାଏଁ ପିନ୍ଧିପକାଇଥିଲେ ଅରୁନ୍ଧତୀ ।

ସେଇ ଯେ ରୁଲି କାଢ଼ିଥିଲେ ସେଦିନ, ଆଉ କେବେ ବି ପିନ୍ଧିନାହାନ୍ତି ତା' ପରେ, କନ୍ୟାଜନ୍ମ ଉତାରୁ ଗୋଟି ଗୋଟି ହେଇ କୋଳକୁ ଆସିଲେ ଦୁଇପୁତ୍ର । ଘରର ଜଞ୍ଜାଳ ବଢ଼ିଲା । ଗହଣା ପିନ୍ଧିବାର ସଉକ୍ ବି ଆଉ ରହିଲାନି ମନରେ । ସାଇତି ରଖିଦେଲେ ପିଲାମାନଙ୍କ ପାଇଁ । ଅନେକ ଅନେକ ବର୍ଷପରେ ରୁଲିଯୋଡ଼ିକ ଦେଖି ପୁରୁଣା ସ୍ମୃତିସବୁ ଜାଗରୂକ ହେଇଉଠିଲେ ଆଜି । କେତେ କଳା ପଡ଼ିଗଲେଣି ଏବେ ଜୟନ୍ତ ସତେ । କୁଆଡ଼େ ଗଲା ବାହାଘର ବେଳର ସେ ଗୋରା ତକ୍‌ତକ୍



Digitized by srujanika@gmail.com

ସୋରିଷଫୁଲିଆ ରଙ୍ଗ ? ଏ ରୁଲିର ସାମାନ୍ୟତକ ଦାଗରେ ଲାଲ୍ ଟହଟହ ହେଇଯାଉଥିଲା ସେ ଚମଡ଼ା । ବୋଉ କଥା ନ ମାନି ଏ ପଣସକଣ୍ଟା ରୁଲି ତିଆରି କରି ବହୁତ ବିଡ଼ମ୍ବିତ ହେଇଛନ୍ତି ସିଏ । ଝିଅକୁ ଏ ରୁଲି ଆଉ ସିଏ ନ ଦିଅନ୍ତି । ଭାଙ୍ଗି ଅଲଗା ଡ଼ିଜାଇନ କରିଦେବେ ଶାନ୍ତା ପାଇଁ ।

- ମା', ମା' ।ତମେ କଅଣ କରୁଚ ଏଠି ? ମୁଁ ସିଆଡ଼େ କେତେ ଖୋଜିଲିଣି ତମକୁ । ଅରୁନ୍ଧତୀଙ୍କୁ ଡ଼ାକୁ ଡ଼ାକୁ ତରତର୍ ହେଇ ଘରକୁ ପଶିଆସିଲା ଶାନ୍ତା । ଚବିଶବର୍ଷର ଶ୍ୟାମଳୀ, ସ୍ୱାସ୍ଥ୍ୟବତୀ ଝିଅ । ଠିକ୍ ଅରୁନ୍ଧତୀଙ୍କର ନୂତନ ସଂସ୍କରଣ ।

ଗହଣାତକ ନଜର୍‌ରେ. ପଡ଼ିବାରୁ ଖଟରେ ବସିପଡ଼ି ଗୋଟି ଗୋଟି କରି ଅଳଙ୍କାର ହାତରେ ଧରି ପରଖି ଲାଗିଲା ଶାନ୍ତା - ଏ ଗହଣା ସବୁ କା'ର ମା ? ତମର ? କାଇଁ ମୁଁ ତ କେବେ ଆଗରୁ ଦେଖିନି ।

- ଲକର୍‌ରେ ଥିଲା । କାଲି ଆଣିଛି । ଟୁନ୍ନୁ, ମୁନ୍ନୁଙ୍କ ପାଇଁ ଅଳ୍ପ କିଛି ରଖି ବାକତକ ଦେଇଦେବି ତତେ । ପୁରାପୁରି ନୂଆ ଅବସ୍ଥାରେ ଇ ଅଛି । ଖାଲି ବଣିଆ ଦୋକାନରୁ ପାଲିସ୍ କରେଇ ଆଣିଲେ ହେଲା । ତେବେ ଏଇ ରୁଲି ଯୋଡ଼ିକ ଭାଙ୍ଗି ଅଲଗା ଡ଼ିଜାଇନ୍‌ର ରୁଲି କରିଦେବି ତୋ' ପାଇଁ ଠିକ୍ କରିଛି । ଅରୁନ୍ଧତୀ ଗହଣା ସବୁ ବାକ୍ସରେ ସଜାଡ଼ି ରଖୁ ରଖୁ ଜବାବ ଦେଲେ ।

- ଦେଖି, ଦେଖି, କେମିତିକା ରୁଲି ? ଶାନ୍ତା ନଇଁପଡ଼ି ରୁଲି ଯୋଡ଼ିକ ହାତରେ ଧରି ପରୀକ୍ଷା କରିବାକୁ ଲାଗିଲା । ବାଃ ! କି ସୁନ୍ଦର ପଣସ କଣ୍ଟା ଡ଼ିଜାଇନ୍ ! ଏମିତି ଡ଼ିଜାଇନ୍ ମୁଁ କେଉଁଠ ବି ଦେଖିନି । ଭାରି ସୁନ୍ଦର ହେଇନି ମା ?

- ନାଇଁମ, ଏଇଟା ଏତେ ଭଲ ଡ଼ିଜାଇନ୍ ନୁହେଁ । ମୁଁ ତୋ ପାଇଁ ଗୋଲ୍ ଗୋଲ୍ ଡ଼ିଜାଇନ୍‌ର ରୁଲି କରିଦେବି । କେତେ ନୂଆ ନୂଆ ପ୍ୟାଟର୍ଣ୍ଣ ବାହାରିଲାଣି ଆଜିକାଲି, ଅରୁନ୍ଧତୀ ଝିଅକୁ ବୁଝାଇବା ଭଙ୍ଗୀରେ କହିଲେ ।

- ମୋର ନୂଆ ଡ଼ିଜାଇନ୍ ଦରକାର ନାହିଁ । ଏଇଟା ଇ ଭଲ ଲାଗୁଛି ମୋତେ । ଦେଖତ ମା ! କି ସୁନ୍ଦର ଦିଶୁଛି ମୋ ହାତକୁ । ଶାନ୍ତା ରୁଲି ଯୋଡ଼ିକ ହାତରେ ଗଳେଇ ଦେଇ ହାତ ଯୋଡ଼ିକ ବଢ଼େଇ ଦେଲା ଅରୁନ୍ଧତୀଙ୍କ ଆଡ଼କୁ । ତାର ବର୍ତ୍ତୁଳ କଟଟିରେ ଭାରି ଶୋଭାବନ ଦିଶୁଥିଲା ରୁଲି ଯୋଡ଼ିକ ।

ତୁ କହୁଛୁ ସିନା, ହେଲେ ସେ ଡ଼ିଜାଇନ୍‌ଟା ମୋର ଆଦୌ ପସନ୍ଦ ନୁହଁ ।

- ରୁଲି ତମେ ପିନ୍ଧିବ ନା ମୁଁ ପିନ୍ଧିବି ? ପଚିଶବର୍ଷ ପୂର୍ବରୁ ବୋଉ ଆଗରେ ଅରୁନ୍ଧତୀ କହିଥିବା ବାକ୍ୟଟିକୁ ଅବିକଳ ସେଇ ଭାବରେ ତାଙ୍କ ଆଗରେ ଦୋହରେଇଲା ଶାନ୍ତା ।



Digitized by srujanika@gmail.com

ଝିଅକୁ ଚାହିଁ ମୃଦୁହସି ଅରୁନ୍ଧତୀ କହିଲେ - ତୁ ଜାଣିପାରୁନୁ । ସେ ଡିଜାଇନ୍ ଟାରେ ଭାରି ଅସୁବିଧା । ତୁଛାଟାରେ ଜିଦ୍ କରୁଛୁ । ପରେ ହଇରାଣ ହେବୁ ।

- ଯାଃ ! ହଇରାଣ ପୁଣି କଅଣ ? ରୁଲି ତ ରୁଲି । ଏବେ କିନ୍ତୁ ଦେଖ ମା ! ଜିଦ୍ ମୁଁ କରୁନି, ବରଂ ତମେଇ ଜିଦ୍ କରୁଚ ବେକାର କଥାଟାରେ । ଶାନ୍ତା ହାତପିନ୍ଧା ରୁଲି ଦୁଇଟିର ସୌନ୍ଦର୍ଯ୍ୟରେ ମୁଗ୍ଧ ହେଉ ହେଉ ଶୋଇ ପଡ଼ିଲା ଅରୁନ୍ଧତୀଙ୍କ କୋଳରେ ମୁଣ୍ଡଦେଇ । ଅଳି କଲା ଭଙ୍ଗୀରେ କହିଲା - ପ୍ଲିଜ୍ ମା, ପ୍ଲିଜ୍ । ଏ ରୁଲି ଭାଙ୍ଗନା । ଏଇଟା ବହୁତ ପସନ୍ଦ ହେଇଚି ମୋ'ର । କଅଣ ବା ଅସୁବିଧା ଏ ରୁଲିରେ ? କି ସୁନ୍ଦର ପଣସକଣ୍ଟା ଡ଼ିଜାଇନ୍ ।

ସେ ରୁଲିଟିରେ କଅଣ ଅସୁବିଧା, ତାହା ଚେଷ୍ଟା କରି ବି ଝିଅକୁ କହିପାରିଲେନି ଅରୁନ୍ଧତୀ । ଆଗରେ ଆସି ସତେ ଅବା ଉଭାହେଲା ଉଦୟନ । ଝିଅ ତାଙ୍କର ଶ୍ୟାମଳୀ । ଉଦୟନ କିନ୍ତୁ ସଫାଗୋରା । ମନଶ୍ଚକ୍ଷୁରେ ସେ ସଫାଗୋରା ପିଠିର ମସୃଣ ତ୍ୱକ୍‌ରେ, ଏଠି ସେଠି ପଣସକଣ୍ଟାର କୁନି କୁନି ଚିହ୍ନ ସବୁ ସ୍ପଷ୍ଟଭାବରେ ଦେଖିବାକୁ ପାଇଲେ ସିଏ । ଏବଂ ଦେଖିବାକୁ ପାଇଲେ, ବାହାଘରର ଅଁଷ୍ଟକେଇଦିନ ପରେ, ଶାନ୍ତା ସେ ରୁଲିଦୁଇଟି ତା' ହାତରୁ କାଢ଼ି - ସମ୍ଭବତଃ ତା' ଭାବୀ କନ୍ୟାସନ୍ତାନଟି ପାଇଁ - ଗହଣାବାକ୍ସରେ ରଖି ଦେଉଥିବାର ଦୃଶ୍ୟଟି ।

ସ୍ନେହମୟ ଆଖିରେ ଝିଅକୁ ଚାହିଁ ଫିକ୍ କରି ହସିଉଠିଲେ ଅରୁନ୍ଧତୀ ।

●●●



Digitized by srujanika@gmail.com

# ଲୋକଟି

ଲୋକଟି ସହିତ ଦେଖା ଆଲ୍ହାବାଦ୍ ଷ୍ଟେସନରେ ।

ଟ୍ରେନ୍‌ଟି ଥିଲା ସକାଳ ସାତଟାରେ । ରହୁଥିଲି ଷ୍ଟେସନ୍‌ଠାରୁ ଅନେକ ଦୂରରେ । ନୂଆ ଜାଗା । ଠିକ୍ ସମୟରେ ଷ୍ଟେସନ୍‌ରେ ପହଞ୍ଚି ପାରିବି କି ନାହିଁ ବୋଲି ମନରେ ଉଦ୍‌ବେଗ ଥିଲା । ଏବଂ ସେଇ ଅହେତୁକ ଉଦ୍‌ବେଗ ଫଳରେ ଷ୍ଟେସନ୍‌ରେ ଯାଇ ପହଞ୍ଚିଥିଲି ପୂରାପୂରି ଘଣ୍ଟାକ ପୂର୍ବରୁ ।

ଖବର କରି ବୁଝିଲି ଟ୍ରେନ୍ ଲାଗିବ ଛଅନମ୍ବର ପ୍ଲାଟ୍‌ଫର୍ମରେ । ଏକପ୍ରକାର ଜନମାନବ ଶୂନ୍ୟ ପ୍ଲାଟ୍‌ଫର୍ମ । ପଲସ୍ତରା ଉଠିଯାଇଥିବା ଭଗ୍ନ ଅପରିଚ୍ଛନ୍ନ ଚଟାଣ । କାଗଜ ଠୁଙ୍ଗା, ଅଣ୍ଡାଖୋଳପା, ଚକୋଲେଟ ଜରି ଇତ୍ୟାଦି ଆବର୍ଜନାର ସ୍ତୂପ ଏଠି ସେଠି । ଅପେକ୍ଷାକୃତ ପରିଷ୍କାର ସ୍ଥାନଟିଏ ବାଛି, ତା' ପାଖରେ ଥିବା ସିମେଣ୍ଟ ବେଞ୍ଚଟିରେ ବସି ଅପେକ୍ଷା କରି ରହିଲି ଟ୍ରେନ୍‌କୁ ।

ବେଞ୍ଚର ଅପର ପାର୍ଶ୍ୱରେ ବସିଥିଲା ଲୋକଟି । ବୟସ ଚାଳିଶ ଟପିଥିବ ଅବା । ରୀତିମତ୍ ସୁପୁରୁଷ । ଟକ୍‌ଟକ୍ ଗୋରା ରଙ୍ଗ । ରୌଦ୍ରତାପରେ ସିଝି କିଛି ମାତ୍ରାରେ ତାମ୍ରାଭ । ଘଞ୍ଚବାଳ ଓ ମୋଟା ନିଶ । ପହରଣ ଈଷତ୍ ଲୋଚା କୋଚା କୋଟ୍ ଓ ପ୍ୟାଣ୍ଟ୍ । କୋଟ୍ ତଳେ ଆଡ଼ମଇଳା ଧଳା ସ୍ୱେଟର । ବେକରେ ମଫ୍‌ଲର୍ ଗୁଡ଼ାଇ ବେଞ୍ଚକୁ ଆଉଜି ବେଶ୍ ଆରାମ୍‌ରେ ବସିଥିଲା ଲୋକଟି । ନିରୀକ୍ଷଣ କରି ଦେଖିଲି ଆଖି ଦୁଇଟି ମୁଦ୍ରିତ । ବୁଝିପାରିଲି ବସି ବସି ବେଶ୍ ନିଘୋଡ଼ ନିଦରେ ଶୋଇ ଯାଇଛି ଲୋକଟି । ମୁହଁରେ ଅପରିସୀମ କ୍ଳାନ୍ତିର ଛାପ । ମାସ ଥିଲା ଫେବୃୟାରୀ । ଉତରଭାରତରେ ଜଳବାୟୁରେ ଥିଲା ଶେଷ ଶୀତର ଆମେଜ୍ ।

ଶାଲ୍‌ଟି ମୁଣ୍ଡଉପରକୁ ଟାଣି ମୁଁ ନୀରବରେ ବସିରହିଲି । କିଛି ସମୟ ପରେ କେତୋଟି ଜମାଦାରଙ୍କର ଅଚାନକ୍ ଆବିର୍ଭାବ ହେଲା ପ୍ଲାଟ୍‌ଫର୍ମରେ ଏବଂ ଲମ୍ବା ଲମ୍ବା ବେଣ୍ଟବାଲା ଝାଡୁ ନେଇ ଚତୁର୍ଦ୍ଦିଗକୁ ରେଣୁ ରେଣୁ ଧୂଳିକଣାରେ ଧୂମ୍ରାଭ କରି ଚଟାଣର ଏ ମୁଣ୍ଡରୁ ସେ ମୁଣ୍ଡ ଝାଡୁ ଦେଇ ଲାଗିଲେ ସେମାନେ । ମୋ ପାଖରେ ରଖା ହୋଇଥିବା ବିରାଟକାୟ ଠେଲାଗାଡ଼ିଟିର ଚାବି ଖୋଲି, ଠେଲାବାଲାଟି ଷ୍ଟୋଭ୍ ଜଳାଇ ଅନେକ ଗୁଡ଼ିଏ ସିଝାଆଳୁ ମସଲା ଦେଇ କଷିବାକୁ ଆରମ୍ଭ କଲା । ଗୋଟିଏ ବିରାଟକାୟ ଆଲୁମିନିୟମ୍ ଥାଳିରେ ଅଟା ଚକଟି ସାନ ସାନ ଗୋଲା କରି ସଜାଇ



Digitized by srujanika@gmail.com

ରଖିଲା ମଧ୍ୟ । ବୁଝିପାରିଲି, ଟ୍ରେନ ଯାତ୍ରୀମାନଙ୍କ ପାଇଁ ପ୍ରାତଃରାଶ ବନାଇବାରେ ଲୋକଟି ତତ୍ପର ହୋଇ ଉଠିଛି ।

ଏବଂ ଠିକ୍ ଏଇ ସମୟରେ ଆଖି ଖୋଲିଲା ଲୋକଟି । ଏବଂ ପାଖରେ ମତେ ବସିଥିବାର ଦେଖି ମତେ ଚାହିଁ ମୃଦୁଭାବରେ ହସିଲା । ଘଡ଼ି ଦେଖି କହିଲା - ଟ୍ରେନ୍ ଆସିବାକୁ ଆହୁରି ଚାଳିଶ୍ ମିନିଟ୍ । ଦେଖିଲି, ଲୋକଟିର ଚକ୍ଷୁ ଥିଲା ରକ୍ତାଭ । ଅନିଦ୍ରାର ସାରା ଲକ୍ଷଣ ମୁହଁରେ । ଲୋକଟି ହାଇମାରି ଓ ଅଳସ ଭାଙ୍ଗି ପଚାରିଲା - ଆପଣ କୁଆଡ଼େ ଯିବେ ?

ମୁଁ କହିଲି - ଗୟା ।

- ଆପଣ କଅଣ ଗୟାରେ ରହନ୍ତି ?

- ମୁଁ ଭୁବନେଶ୍ୱରରେ ରହେ । ଗୟାରେ କିଛି କାମ ଅଛି । କାମସାରି ପଅରଦିନ ଫେରିଯିବି ଘରକୁ ।

ଲୋକଟି କହିଲା - ମୁଁ ଟାଟା ନଗରରେ ଚାକିରି କରେ । ଆଲ୍‌ହାବାଦ୍‌ର ବାସିନ୍ଦା । ତିନିଦିନ ଛୁଟି ନେଇ ଘରକୁ ଆସିଥିଲି । ପ୍ରାୟ ଦେଢ଼ଘଣ୍ଟା ହେଇଗଲା ପ୍ଲାଟ୍‌ଫର୍ମରେ ଆସି ବସିଛି । ଶୋଇ ବି ପଡ଼ିଲି କିଛି ସମୟ ପାଇଁ । ବୁଝିପାରିଲି, ଲୋକଟି ତାର ଏକାକୀତ୍ୱ କାଟିବା ପାଇଁ ଗପ ଯୋଡ଼ିଦେଇଛି ମୋ ସହିତ ।

ମୁଁ କହିଲି - ଏଇଠାର ଲୋକ ଯଦି ଘରେ ଆରାମରେ ନ ଶୋଇ ଏତେ ଶୀଘ୍ର ଆସି ଷ୍ଟେସନ୍‌ରେ ଶୋଇଛ କାହିଁକି ?

ଲୋକଟି କହିଲା - ଘରେ ନ ଥିଲି । ଥିଲି ଅନ୍ୟ ଜାଗାରେ । ଆଜି ଷ୍ଟେସନ୍‌ରେ ପହଞ୍ଚି ଏସ୍.ଟି.ଡ଼ି. ବୁଥ୍‌ରୁ ମା'କୁ ଟେଲିଫୋନ୍ କଲି । ମା'ର ଭାରି ମନଦୁଃଖ ମତେ ଦେଖି ପାରିଲାନି ବୋଲି ।

- ଆଲ୍‌ହାବାଦ୍ ଆସିଲ, ଅଥଚ ମା' ସାଥିରେ ଦେଖା କଲନି ? ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି !

ଲୋକଟି ଏଥରକ ସିଧାସଳଖ ଉଠି ବସି ମା' ସହିତ ଦେଖା କରିପାରିନଥିବାର ପ୍ରଚ୍ଛଦପଟର କାହାଣୀଟି ବେଶ୍ ବିସ୍ତୃତ ଭାବରେ ବର୍ଣ୍ଣନା କରି ଲାଗିଲା ।

- ମୁଁ ଟାଟାନଗରରୁ ଆସି ସିଧା ଏଇଠି ପାଖରେ ଥିବା ଗୋଟିଏ ଗାଁ'କୁ ଚାଲିଯାଇ ଥିଲି । ସେଠି ମୋର କିଛି କ୍ଷେତଜମି ଅଛି । ସାନ ଘରଟିଏ ମଧ୍ୟ । ମୋ' କ୍ଷେତରୁ କିଛି ଦୂରରେ ବେଶ୍ ବଡ଼ କେନାଲ୍‌ଟିଏ । ଲୋକମାନେ ସେଇ କେନାଲ୍‌ରୁ



Digitized by srujanika@gmail.com

ସାନ ସାନ ପହଣି କାଟି ପାଣି ନେଇ ଜମିରେ ଜଳସେଚନ କରନ୍ତି । ବଡ଼ନାଳଟି ପୋତି ହୋଇ ପଡ଼ିଥିବାରୁ ସରକାରୀ ସ୍ତରରେ ଏକ୍ସକାଭେଟର୍ ମେସିନ ଆଣି ନାଳଟିର କାଦୁଅବାଲି ଉଠାଇ ତାକୁ ଆହୁରି ଗଭୀରତର କରାଯାଉଛି । ଖବରଟି ଗୋଟିଏ ବନ୍ଧୁର ଚିଠିରୁ ପାଇ ଆସିଥିଲି । ଦିନଯାକ ମେକାନିକ୍, ଡ୍ରାଇଭର୍‌ମାନେ ସରକାରୀ କାମ କରନ୍ତି । କିଛି ଟଙ୍କା ଦେଲେ ବେସରକାରୀ ସ୍ତରରେ ରାତିରେ ମେସିନ ଚଲାଇ ଗାଁ ବାଲାଙ୍କ ପାଇଁ ସାନ ସାନ ନାଳ ବି କାଟି ଦିଅନ୍ତି । ମୋ' ଠାରୁ ରାତିକୁ ଦୁଇଶହ ଲେଖାଏଁ ଟଙ୍କା ନେଇଥିଲେ । ତିନିରାତି ଲାଗି ବଡ଼ନାଳରୁ ମୋ ଜମିପର୍ଯ୍ୟନ୍ତ ସାନ ନାଳଟିଏ କାଟି ଦେଇଛନ୍ତି । ମୋ' କ୍ଷେତରେ ଆଉ ପାଣିର ଅସୁବିଧା ହବନି । ତେବେ ନିଜେ ନ ଦେଖିଲେ କାମରେ ସେମାନେ ଠକିବେ ନିଶ୍ଚୟ । ସେଇ ଲାଗି ତାଙ୍କ ସହିତ ମୁଁ ବି ତିନିରାତି ଅନିଦ୍ରା । ଆଜି କାମସରିଲାପରେ ଭୋର୍‌ରୁ ଗୋଟିଏ ଟ୍ରକ୍‌ରେ ଚଢ଼ି ସିଧା ଷ୍ଟେସନ୍ ଆସିଛି । ଘରକୁ ଯିବାକୁ ସମୟ ନ ଥିଲା । ମା' ଯେ କେତେ ମନଦୁଃଖ କରିଥିବ ! ମା' କଥା କହିଲା ବେଳେ ଲୋକଟିର ମୁହଁରେ ବହଳ ବିଷଣ୍ଣତାର ଛାପ ଫୁଟି ଉଠୁଥିବାର ଲକ୍ଷ୍ୟ କଲି ।

- ଆଉ ତୁମ ପତ୍ନୀ ଓ ପିଲାଛୁଆ ?

- ସ୍ତ୍ରୀ ବାପଘରକୁ ଯାଇଛି । ଗାଜିୟାବାଦ୍ । ଦିଲ୍ଲୀ ପାଖରେ । ମୋ'ର ସାନ ସାନ ପୁଅ ଝିଅ ଯୋଡ଼ିଏ ।

ମୁଁ ଲୋକଟିର କଥା ଶୁଣିସାରି ନୀରବରେ ବସିରହିଲି । ନୀରବତା କାଟି କିଛି ସମୟ ପରେ ଲୋକଟି ପଚାରିଲା - ଆପଣ ଆଲାହାବାଦ୍ କାହିଁକି ଆସିଥିଲେ ? ମୋ'ଠାରୁ କିଛି ଉତ୍ତର ନ ପାଇ ଲୋକଟି ମୃଦୁହସି ନିଜେ ଇ ନିଜ ପ୍ରଶ୍ନର ଉତ୍ତର ଦେଇଦେଲା । କହିଲା- ଆପଣ ତ୍ରିବେଣୀରେ ବୁଡ଼ ପକେଇବାକୁ ଆସିଥିବେ ନିଶ୍ଚୟ । କାଲି ମାଘପୂର୍ଣ୍ଣିମା ଗଲା ତ ! ସାରା ଭାରତବର୍ଷରୁ ଲୋକ ଆସି ପୁଣ୍ୟାର୍ଜନ ପାଇଁ ସଙ୍ଗମରେ ବୁଡ଼ ପକାନ୍ତି ଏଇ ଦିନ । ପନ୍ଦରଦିନ କାଳ ଯମୁନା ବାଲିରେ ମେଳା ବସେ । ମୋ' ଘର ସବ୍‌ଜିମଣ୍ଡିରେ । ଯମୁନାଠୁ ଖୁବ୍ ବେଶୀ ଦୂର ନୁହେଁ । ପିଲାଦିନୁ ତେଣୁ ସେ ମେଳା ଦେଖିଆସୁଛି । ସଙ୍ଗମ ସ୍ଥଳଟିତ ଠିକ୍ ଯମୁନାନଈ ମଝିରେ । ସ୍କୁଲ କଲେଜରେ ପାଠ ପଢ଼ିଲାବେଳେ ଡୁଲିଡ଼ଙ୍ଗାରେ ଚଢ଼ି ସାଥିପିଲା ସବୁ ମିଶି କେତେଥର ଯାଇଚୁ ସେ ଜାଗାକୁ । ବୁଡ଼ ପକାଇବାକୁ ଅବଶ୍ୟ ନୁହେଁ । ଏମିତି ମଜାରେ । ସଙ୍ଗମ ଦେଖିବାକୁ । ଗୋଟିଏ ପଟେ ଯମୁନାର ନୀଳଜଳ । ଆଉ ଆରପଟେ ଗଙ୍ଗାର ଗୋଳିପାଣି । ଦୁଇଟିଯାକ ସ୍ରୋତ କଳକଳ ନାଦରେ ପାଖାପାଖି ବୋହି ଯାଉଛନ୍ତି । ଭାରି ଚମତ୍କାର ଦୃଶ୍ୟ । ଗଙ୍ଗା ଓ ଯମୁନା ମିଶି ବିସ୍ତୃତ ଏକ ଜଳଭୂମି । ପ୍ରକୃତିର ଏକ



Digitized by srujanika@gmail.com

ନୈସର୍ଗିକ ରୂପର ପ୍ରତିଚ୍ଛବି ହେଉଛି ପ୍ରୟାଗ । ଲୋକଟି ତା ଶୈଶବ ଓ କୈଶୋରର ସ୍ମୃତିରେ ବେଶ୍ ପୁଲକିତ ହେଇ ରହୁଥିବାର ଲକ୍ଷ୍ୟକଲି । କଥା କହୁ କହୁ ଅଚାନକ ଲୋକଟିର ଆଖି ମୋ ପାଖରେ ଥିବା ମୋ ସାନ ସୁଟ୍‌କେଶ୍‌ଟି ଉପରେ ପଡ଼ିଲା । ତତ୍ ସହିତ ମୋ ନାଁ ଲେଖା ହେଇଥିବା ଅଠାମରା କାଗଜଟି ଉପରେ ମଧ୍ୟ ।

ଲୋକଟି ମତେ ଚାହିଁ ପଚାରିଲା - ଆପଣଙ୍କ ନାଁ 'କାନନ ମିଶ୍ର' ?

ମୁଁ କହିଲି - ହଁ ।

ଲୋକଟି କହିଲା - 'ମିଶ୍ର' ତ ବ୍ରାହ୍ମଣମାନଙ୍କର ସାଙ୍ଗ । ଆପଣ ତା ହେଲେ ବ୍ରାହ୍ମଣ ? ଉତ୍ତର ଭାରତରେ 'ମିଶ୍ର' ମାନେ କିନ୍ତୁ ଅତ୍ୟନ୍ତ ନୈଷ୍ଠିକ ବ୍ରାହ୍ମଣ ରୂପରେ ଗଣାଯାଆନ୍ତି ।

ଉତ୍ତରରେ ମୁଁ କେବଳ ହସିଲି । ଲୋକଟିର ମୋ'ର ବ୍ରାହ୍ମଣତ୍ୱ ଉପରେ ଅହେତୁକ କୌତୂହଳ ଦେଖି କିଞ୍ଚିତ୍ ବିସ୍ମିତ ହେଲି ମଧ୍ୟ ।

ଆମର କଥୋପକଥନ ଭିତରେ କିଛି ସମୟ ବିତି ଯାଇଥିଲା । ପ୍ଲାଟ୍‌ଫର୍ମଟି ଜନଗହଳିରେ ବେଶ୍ ସରଗରମ ହେଇ ଉଠିଥିଲା ଯା' ଭିତରେ । ମୋ ପାଖରେ ଥିବା ଠେଲାବାଲାଟି ଷ୍ଟୋଭ୍‌ଉପରୁ ଆଳୁ ତରକାରୀର ଡ୍ରେକ୍‌ଚିଟି କାଢ଼ିଦେଇ ଗରମଗରମ ପୁରି ଛାଣିବାରେ ବ୍ୟସ୍ତ ହେଇ ଉଠିଥିଲା । ଗରମ ପୁରି ଓ ଆଳୁଦମ୍‌ର ସ୍ୱାଦିଷ୍ଟ ବାସ୍ନା ଆସି ବାଜୁଥିଲା ନାକରେ ।

ସକାଳୁ କିଛି ଖାଇନଥିଲି । ବେଶ୍ ଭୋକ ଲାଗି ଆସୁଥିଲା । ପୁରି କିଣିବାକୁ ଯାଇ କିନ୍ତୁ ନିରାଶ ହୋଇ ଫେରିଆସିଲି । ଠେଲାବାଲାଟିର ଚତୁର୍ଦ୍ଦିଗରେ ଜବରଦସ୍ତ ଭିଡ଼ । ତା' ଭିତରେ ପଶିବା ଥିଲା କଷ୍ଟସାଧ୍ୟ ।

ଲୋକଟି କହିଲା - ରହନ୍ତୁ, ମୁଁ ଆପଣଙ୍କ ପାଇଁ ପୁରି ତରକାରୀ କିଣି ଆଣୁଛି । ତେବେ ମୁଁ ଆଣିଲେ ଖାଇବେ ତ ?

ଲୋକଟିର ପ୍ରଶ୍ନରେ କିଞ୍ଚିତ୍ ବିସ୍ମିତ ହୋଇ ମୁଁ ତାକୁ ଚାହିଁଲି । ଲୋକଟି ହସିଲା । କହିଲା, ଆମ ଘରଠାରୁ କିଛି ଦୂରରେ ଏଠି ଜଣେ ବ୍ରାହ୍ମଣ ମହାଶୟଙ୍କ ଘର । ପଣ୍ଡିତ ଶିଉପୂଜନ୍ ମିଶ୍ର । ଯମୁନା କୂଳରେ ତୀର୍ଥଯାତ୍ରୀ ମାନଙ୍କ ପାଇଁ ସଙ୍କଳ୍ପ ଓ ପୂଜାପାଠ ଇତ୍ୟାଦି କରନ୍ତି । ସିଏ ଓ ତାଙ୍କର ପତ୍ନୀ ନୀତି ନିୟମରେ କିନ୍ତୁ ଭାରି କଠୋର । ବାହାରର କୌଣସି ଲୋକ ହାତରୁ ଖାଆନ୍ତିନି । ପିଲାଦିନେ ମୁଁ ତାଙ୍କୁ ଏତେ ଡ଼ରୁଥିଲି ଯେ, ତାଙ୍କୁ ଦେଖିଲେ ଯାଇକି ଲୁଚୁଥିଲି । ଆପଣ ବି ତ ମିଶ୍ର । ହୁଏତ ଧର୍ମାଚରଣରେ ସେହିଭଳି ନିଷ୍ଠାବାନ୍ ହୋଇଥିବେ ।



Digitized by srujanika@gmail.com

ମୁଁ କହିଲି, ଏଇ ସବୁ ନୀତି ନିୟମ ସଂପର୍କରେ ମୁଁ କିନ୍ତୁ ବେଶ୍ ଉଦାର ।

ଲୋକଟି ଯା ପରେ ମୋ ଠାରୁ ପଇସା ନେଇ ଭିଡ଼ ଠେଲି ପତ୍ର ଠୋଲାରେ ଚାରୋଟି ପୁରି ଓ କିଛି ଆଳୁ ତରକାରୀ କିଣି ଆଣିଲା । ବଳକା ପଇସା ମୋତେ ଫେରାଇ ଦେଇ ନିଜ ପାଇଁ ବି କିଣି ଆଣିଲା କିଛି ଜଳଖିଆ ।

ଆମେ ଠିକ୍ ଖାଇବା ଶେଷ କରିଛୁ, ଟ୍ରେନ୍‌ଟିର ଆଗମନର ଖବର ଉଦ୍‌ଘୋଷିତ ହେଲା ମାଇକ୍ରୋଫୋନ୍‌ରେ । ଲୋକଟି କହିଲା, ଆପଣଙ୍କର କେଉଁ ଡ଼ବାରେ ରିଜର୍‌ଭେସନ୍ ଅଛି ?

ମୁଁ କହିଲି, ଏସ୍-ସିକ୍ସ୍‌ରେ । କିନ୍ତୁ ଯାହା ଜନସମାଗମ ଓ ଗହଳି ଦେଖୁଛି ଏଠି କମ୍ପାଟ୍‌ମେଣ୍ଟରେ ଚଢ଼ିବା ମୋ ପାଇଁ ବେଶ୍ କଷ୍ଟସାଧ ହୋଇଉଠିବ ନିଶ୍ଚୟ । ଲୋକଟି କହିଲା, ଆପଣ ବ୍ୟସ୍ତ ହୁଅନ୍ତୁନି । ମୁଁ ଅଛି ଆପଣଙ୍କ ପାଖରେ । ମୋର ବି ବାର୍ଥ ସେଇ ଏକା କମ୍ପାଟ୍‌ମେଣ୍ଟରେ ।

ଟ୍ରେନ୍ ପହଞ୍ଚିଗଲା ଅଳ୍ପ ସମୟ ପରେ । ଲୋକଟି ତା ଏୟାରବ୍ୟାଗ୍‌ଟି କାନ୍ଧରେ ଝୁଲାଇ ଡ଼ାହାଣ ହାତରେ ଉଠାଇ ନେଲା ମୋ ସୁଟ୍‌କେଶ୍‌ଟି । ଅଜସ୍ର ଠେଲାପେଲା ଭିତରେ ଭିଡ଼ କାଟି କୌଣସି ମତେ ମୋତେ ଚଢ଼ାଇଦେଲା କମ୍ପାଟ୍‌ମେଣ୍ଟ୍‌ରେ ଏବଂ ତା ପରେ ନିଜେ ମଧ୍ୟ ଉଠି ଆସିଲା ଟ୍ରେନ୍ ଭିତରକୁ ।

ଟ୍ରେନ୍ ଭିତରର ଦୃଶ୍ୟ କିନ୍ତୁ ବେଶ୍ ଭୟାବହ ଥିଲା । ଦରଜା ଠାରୁ ଆରମ୍ଭ କରି କମ୍ପାଟ୍‌ମେଣ୍ଟ୍ ଶେଷ ପର୍ଯ୍ୟନ୍ତ ପିମ୍ପୁଡ଼ି ମନ୍ଦାପରି ଅଜସ୍ର ମଣିଷଙ୍କ ଭିଡ଼ । ତିଳ ଧାରଣର ବି ସ୍ଥାନ ନାହିଁ କେଉଁଠି । ଜୀବନର ଏତେ ଅଳ୍ପ ସ୍ଥାନ ଭିତରେ ଏତେ ବେଶୀ ମଣିଷ ଏଇ ପ୍ରଥମ ଇ ଦେଖୁଥିଲି । ରୀତିମତ ଅଣନିଃଶ୍ୱାସୀ ହୋଇଯିବାର ଅବସ୍ଥା । ନିଜ ବାର୍ଥ ପର୍ଯ୍ୟନ୍ତ ଯିବାର ପ୍ରଶ୍ନ ଇ ଉଠୁନି । ମଣିଷଙ୍କ ଭିତରେ ଏକରକମ ପେଶହୋଇ ଦରଜା ପାଖରେ ଠିଆ ହୋଇ ରହିଲି । ଏବଂ ମୋତେ ଆଢୁଆଳ କରି ଠିଆ ହୋଇ ରହିଲା ଲୋକଟି ।

ମୁଁ କହିଲି ରିଜର୍ଭ କମ୍ପାଟ୍‌ମେଣ୍ଟ୍‌ରେ ଏଭଳି ଅବସ୍ଥା !

ଲୋକଟି କହିଲା, ଇଏତ କିଛି ନୁହେଁ । କିଛି ସମୟ ପରେ ଟ୍ରେନ୍ ବିହାରରେ ପଶିବ । ସେତେବେଳେ ଦେଖିବେ । ମନଇଚ୍ଛା ଲୋକମାନେ ଚେନ୍ ଟାଣି ଚଢ଼ିବେ ଓ ଓହ୍ଲାଇବେ । କୌଣସି ନିୟମ କାନୁନ୍ ଲାଗୁ ହୁଏନି ସେଠି ।

ମୁଁ କହିଲି ଆଉ ଟି.ଟି.ଆଇ ।

-ଟି.ଟି.ଆଇ ଜାଣିଶୁଣି ଗାୟବ ରହିବେ । ବାହାରିବେନି ଆଦୌ ।



Digitized by srujanika@gmail.com

ଆମର ବାର୍ତ୍ତାଳାପ ଭିତରେ ସାମାନ୍ୟ ଦୂରରେ ଠିଆ ହୋଇଥିବା ବନ୍ଧୁକଧାରୀ ଜଣେ ଜି.ଆର୍.ପି. କନେଷ୍ଟବଳଙ୍କ ଉପରେ ନଜର ପଡ଼ିଲା । ପକେଟ୍ ପାଖରେ ଧାତବ ପ୍ଲେଟ୍‌ରେ ନାଁଟି ଲେଖା - ପବନ କୁମାର ଭଟ୍ଟ ।

ମୁଁ କହିଲି, ଭଟ୍ଟଜୀ, ଆପଣଙ୍କର ଡ଼ିୟୁଟି ଏଠି । ଅଥଚ ରିଜର୍ଭ କମ୍ପାଟ୍‌ମେଣ୍ଟରେ ଏତେବେଶ ବିନା ଟିକେଟ୍‌ର ଯାତ୍ରୀଙ୍କର ସମାଗମ । କିଛି ପଦକ୍ଷେପ ଆପଣ ନେଉ ନାହାନ୍ତି କେମିତି ?

ଭଟ୍ଟଜୀ ଆକର୍ଣ୍ଣ ବିସ୍ତୃତ ହସ ହସି କହିଲେ, ମୋ ମୁଣ୍ଡ କ'ଣ ଖରାପ ହୋଇଛି ଯେ ମୁଁ ଏମାନଙ୍କ ସାଥିରେ ଲାଗିବି ? ମାରି ହାଣି ଚଟଣି ବନେଇ ଦେବେ ମୋତେ । ଚାରିଟା ବର୍ଷ ଆଉ ଚାକିରି ରହିଲା । କୌଣସି ମତେ କଟିଗଲେ ଯାଏ । ବଡ଼ ପୁଅଟି କୃଲରେ ଲାଗିଗଲାଣି । ସାନଟି ବି ପାରିଯିବ ଯା ଭିତରେ । ମିଛଟାରେ କାହିଁକି ବା ମୁଁ ଝାମେଲାରେ ପଡ଼ିବି ?

ମୁଁ କହିଲି, ଆପଣଙ୍କ ନାଁଟି କିନ୍ତୁ ମୁଁ ମନେ ରଖିଦେଇଛି । କମ୍ପ୍ଲେନ୍ କରିବି ।

ମୋ କଥାକୁ ଫୁତ୍କାରରେ ଉଡ଼ାଇ ଦେଇ ଓ ବେପରୁଆ ହସ ହସି ଭଟ୍ଟଜୀ ଉତ୍ତର ଦେଲେ, ଦିଜିଏ, କୁଛ୍ ନେହିଁ ହୋଗା ।

ଲୋକଟି ଏହି ସମୟରେ ମୋତେ କହିଲା, କାହିଁକି ଏମାନଙ୍କ ସାଥିରେ କଥାକହି ସମୟ ନଷ୍ଟ କରୁଛନ୍ତି । ବରଂ ଚାଲନ୍ତୁ ଆପଣଙ୍କ ବାର୍ଥ ପର୍ଯ୍ୟନ୍ତ ଯିବାକୁ ଚେଷ୍ଟା କରିବା । କେତେ ସମୟ ଏମିତି ଦର୍ଜା ପାଖରେ ଠିଆ ହୋଇରହିଥିବେ ?

ମୁଁ କହିଲି, ଏଇ ଭିଡ଼ ଭିତରେ ଯିବା କେମିତି ? ଦେଖିଲନି ଏବେ ଜଣେ ମହିଳା ସେପଟୁ ଟଏଲେଟ୍ ଆସିବାକୁ ଚେଷ୍ଟାକରି ଭିଡ଼ ଯୋଗୁଁ ଅଧାବାଟରୁ ଫେରିଗଲେ । ଆସିପାରିଲେନି ଏ ପର୍ଯ୍ୟନ୍ତ ।

ଲୋକଟି ଏକ ଜବରଦସ୍ତ ଠେଲାରେ ସାମ୍‌ନା ଲୋକଟିକୁ କିଞ୍ଚିତ୍ ସ୍ଥାନଚ୍ୟୁତ କରି ମୋତେ କହିଲା 'ଆସନ୍ତୁ' ଏବଂ ଜମାଟ୍ ବନ୍ଧା ମଣିଷର ସ୍ତରକୁ ଧୀରେ ଧୀରେ କାଟି କାଟି କୌଣସିମତେ ମୋତେ ନେଇ ପହଞ୍ଚାଇ ଦେଲା ମୋ ବାର୍ଥ ପାଖରେ ।

ସେଠାକାର ଅବସ୍ଥା ମଧ ଥିଲା ତଦ୍ରୂପ । ମଣିଷ ତଥା ଅଗଣତି ବାକ୍ସ, ପେଟରା ଓ ବସ୍ତାରେ ଠେସା ହୋଇ ସ୍ଥାନଟି ରୁନ୍ଧି ହୋଇ ରହିଛି । ପ୍ରତ୍ୟେକଟି ମଣିଷ ସତେ ଅବା ସୂକ୍ଷ୍ମ ସୂତାରେ ସିଲେଇ ହୋଇଯାଇଛି ପାଖ ଲୋକଟି ସହିତ । ଚାହିଁ ଦେଖେ ମୋ ପାଇଁ ଉଦ୍ଦିଷ୍ଟ ଷୋଳ ନମ୍ବର ସିଟ୍‌ଟି ଦଖଲ କରି ଗୋଟିଏ ଯୁବକ ଆରାମ୍‌ରେ ଗୋଡ଼ ଟେକି ଦେଇ ବସି ରହିଛି ।



Digitized by srujanika@gmail.com

ଏଇଟା ମୋ ସିଟ୍ । ରିଜର୍‌ଭେସନ୍ ଅଛି । ଆପଣ ଦୟାକରି ଉଠିବେ କି ? ମୁଁ ବିନମ୍ରତାର ସହ କହିଲି ।

ଯୁବକଟି କିନ୍ତୁ ନ ଶୁଣିଲା ପରି ଭାବଭଙ୍ଗୀ କରି ବେଶ୍ ନିସ୍ପୃହ ଭାବରେ ବସି ରହି ଝର୍କାବାଟେ ଅପସୃୟମାନ ପ୍ରକୃତିକୁ ନିରୀକ୍ଷଣ କରିବାକୁ ଲାଗିଲା ।

ମୋର ସାମାନ୍ୟ ଧୈର୍ଯ୍ୟଚ୍ୟୁତି ଘଟିଲା । ଏବଂ ଅସହିଷ୍ଣୁ ଗଳାରେ ମୁଁ ପୁନର୍ବାର କହିଲି, ଏଇଟା କିନ୍ତୁ ରୀତିମତ୍ ଅନ୍ୟାୟ । ଆପଣ ମୋ ସିଟ୍‌ରୁ ଉଠୁନାହାନ୍ତି କାହିଁକି ?

ଏଥରକ ଯୁବକଟି ଘୂରି ପଡ଼ି ମୋତେ ଚାହିଁଲା । ଏବଂ ମୁରୁକି ହସି କିଛି ଅଶାଳୀନ ମନ୍ତବ୍ୟ କଲା । ଏବଂ ଯୁବକଟିର ମନ୍ତବ୍ୟ ନ ସରୁଣୁ ଉଭୟ ମୋତେ ଏବଂ ଆଖପାଖର ସହଯାତ୍ରୀମାନଙ୍କୁ ହତଚକିତ କଲାଭଳି ଏଭଳି ଗୋଟିଏ ଘଟଣା ଘଟିଲା ଯାହା ମୁଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲି ।

ଲୋକଟି ମୋତେ ଠେଲି ଦେଇ ଯୁବକଟିର ସାମ୍ନାକୁ ବିଦ୍ୟୁତ୍ ବେଗରେ ଛୁଟି ଆସିଲା ଏବଂ ବାମହସ୍ତରେ ତା'ର ବେକମୁଣ୍ଡାକୁ ନୁଆଁଇ ଦେଇ ଡ଼ାହାଣ ହାତର ବଜ୍ର ମୁଷ୍ଟିରେ ଗୋଟିକ ପରେ ଗୋଟିଏ ବିଧା ସଜୋରରେ ବର୍ଷଣ କରି ଲାଗିଲା ତା' ପିଠି ଉପରେ । ମୁହଁ ରାଗରେ ଲାଲ୍ । ଉତ୍ତେଜନାବଶତଃ ସଙ୍ଗତ ଭାବରେ କଥା କହିବାରେ ବି ଥିଲା ଅକ୍ଷମ । ପ୍ରତ୍ୟେକଟି ଚପେଟାଘାତ୍ ସହିତ କେବଳ ଦୋହରେଇ ଲାଗିଲା ଗୋଟିଏ ବାକ୍ୟ - କାହିଁକି ଭଦ୍ର ମହିଳାଙ୍କୁ ଏଭଳି ଭାଷାରେ କଥା କହିଲୁ ? କାହିଁକି ?

ଚତୁର୍ଦ୍ଦିଗରେ ସମ୍ପୂର୍ଣ୍ଣ ନୀରବତା । ଘଟଣାଟିର ଆକସ୍ମିକତାରେ ନିର୍ବାକ୍ ଚାରିପଟର ଜନସମୁଦ୍ର । ପ୍ରଥମ କେତୋଟି ମହୂର୍ତ୍ତ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଥିଲେ ବି ପର ମହୂର୍ତ୍ତରେ ସମ୍ବିତ୍ ଫେରିପାଇ ଲୋକଟିର ହାତ ଦୁଇଟିରେ ମୋର ଯଥା ସମ୍ଭବ ବଳ ପ୍ରୟୋଗ କରି ତାକୁ ଛଡ଼େଇ ଆଣିଲି ଯୁବକଟିର ବେକ ଓ ପିଠିରୁ ।

ପ୍ରାଥମିକ ବିମୂଢ଼ତା କାଟି, ଅପମାନ ଗ୍ରସ୍ତ ଯୁବକଟି ତୀବ୍ର ରୋଷର ଚାହାଣୀ ଢ଼ାଳି ଲୋକଟିକୁ ପଚାରିଲା, ମୁଁ ତ ତାଙ୍କ ସିଟ୍‌ରେ ବସିଛି । ତୁମେ କାହିଁକି ମାରିଲ ମୋତେ । କିଏ ହୁଅନ୍ତି ସିଏ ତମର ?

ଲୋକଟି ବୁଲିପଡ଼ି ମୁହୂର୍ତ୍ତକ ପାଇଁ ଚାହିଁଲା ମୋତେ । ହୁଏତ ଯୁବକଟିର ପ୍ରଶ୍ନ ତାକୁ ସଚେତନ କରାଇଦେଲା ଭାବିବା ପାଇଁ କଣ ସମ୍ପର୍କ ତାର ମୋ ସହିତ ? କିଏ ବା ମୁଁ ତାର ?

ଆଶ୍ଚର୍ଯ୍ୟ କଥା, ଲୋକଟି ସହିତ ବାକ୍‌ବିତଣ୍ଡା ନ କରି ଯା ପରେ ପରେ ଯୁବକଟି କିନ୍ତୁ ସିଟ୍ ଛାଡ଼ି ଉଠିଯାଇ ଦୂରରେ ଠିଆ ହୋଇ ରହିଲା । ଏବଂ ଆଖପାଖର



Digitized by srujanika@gmail.com

ସହଯାତ୍ରୀଗଣ ଘଟଣାଟିକୁ ସଂପୂର୍ଣ୍ଣ ଉପେକ୍ଷା କରି ନିଜ ନିଜ ଭିତରେ ଖୁସିଗପ କରିବା ଆରମ୍ଭ କରିଦେଲେ । ବୁଝିପାରିଲି, ଅହେତୁକ ଅନ୍ୟର ଝାମେଲାରେ ପଡିବା ପାଇଁ ସେମାନେ ଥିଲେ ଅନିଚ୍ଛୁକ ଏବଂ ଅନାଗ୍ରହୀ ।

ଲୋକଟି ମତେ ବସେଇ ଦେଇ କହିଲା, ଆପଣ ଏବେ ଆରାମରେ ବସନ୍ତୁ । ମୋ ବାର୍ଥ ଆଗରେ ଅଛି । ମୁଁ ଯାଉଛି ସେଠିକି । ବ୍ୟସ୍ତ ହେବେନି । ଗୟା ଷ୍ଟେସନ୍ ଆସିଲେ ମୁଁ ଆପଣଙ୍କୁ ଓହ୍ଲାଇ ଦେବି । ତେବେ ମିର୍ଜାପୁର ପରେ ଏ ଭିଡ଼ ଅନେକାଂଶରେ ପତଳା ହୋଇଯିବ । ଲୋକଟି ଭିଡ଼ କାଟି ଚାଲିଗଲା ଆଗକୁ ।

ମୋର ବାକିତକ ରାସ୍ତା ଏକରକମ ଘଟଣାବିହୀନ ଭାବରେ କଟିଥିଲା । ପ୍ରହାରିତ ହୋଇଥିବା ଯୁବକଟି କିଛି ଦୂରରେ ଛିଡ଼ା ହୋଇ ମଝିରେ ମଝିରେ ମୋ ଆଡ଼କୁ ଅଗ୍ନିବର୍ଷୀ ଦୃଷ୍ଟି ନିକ୍ଷେପ କରୁଥିଲା । କୌଣସି ଏକ ସାନ ଷ୍ଟେସନରେ ରାତିମତ ଭୋଜବାଜି ବଳରେ ଜନୈକ ପିତା ଓ ପୁତ୍ର ପ୍ରକାଣ୍ଡ ଏକ ବସ୍ତା ସହିତ ଟ୍ରେନ୍‌ରେ ଚଢ଼ିଥିଲେ ଏବଂ ବସ୍ତାଟିକ୍ ଠିକ୍ ମୋ ସାମ୍ନାରେ ନ୍ୟସ୍ତ କରି ପିତା ସ୍ୱୟଂ ଦଣ୍ଡାୟମାନ ହୋଇ ପୁତ୍ରକୁ ଡ଼ାକି କହିଥିଲେ, ଲଲ୍ଲୁ, ଇଧର ବୈଠ୍ ଯା । ଏବଂ ଲଲ୍ଲୁ ବସ୍ତା ଉପରେ ବସି ପକେଟରୁ ଚିନାବାଦାମ୍ ବାହାର କରି ଖାଇ ଖୋଳପା ସବୁ ଇତସ୍ତତଃ କମ୍ପାଟ୍‌ମେଣ୍ଟ୍ ସାରା ଫିଙ୍ଗି ଥିଲେ । ଟ୍ରେନ୍ ଅଟକୁଥିଲା ବଡବଡ ଗାଁ ଓ ସାନ ସାନ ସହର ମାନଙ୍କରେ । ଲୋକମାନେ ଚେନ୍ ଟାଣି ଅଟକାଉଥିଲେ । ଦଳ ଦଳ ଲୋକ ଚଢୁଥିଲେ ଓ ଓହ୍ଲାଉଥିଲେ । 'ଗୁଣ୍ଡାରାଜ' ଶବ୍ଦଟି ଶୁଣିଥିଲି । ଏବେ ତାର ଅର୍ଥଟି ବୁଝିଲି ଏତେ ଦିନ ପରେ ।

ଭିଡ଼ ସାମାନ୍ୟ ପତଳା ହେଲା ପରେ ଟି.ଟି.ଆଇ ମହାଶୟଙ୍କର ଆବିର୍ଭାବ ହେଲା । ଏତାଦୃଶ ଶୃଙ୍ଖଳାବିହୀନ ଟ୍ରେନ୍ ଯାତ୍ରା ସଂପର୍କରେ ତାଙ୍କୁ ଅବଗତ କରାଇବାରୁ ଗଳାରେ ରୀତିମତ ଅସନ୍ତୋଷର ବ୍ୟଞ୍ଜନା ଆଣି ସିଏ କହିଲେ, ଆଜି ସୋମବାର, ଅଫିସ୍ ଦିନ । ଏଇଟାବି ସ୍କୁଲ୍ କଲେଜ୍, ଆସିବାର ବେଳ । ଆଖପାଖ ଗାଁ ଗହଳର ଲୋକମାନେ ଯାତାୟତ କରନ୍ତି ଏଇ ଟ୍ରେନ୍‌ରେ । ମୁଁ କେମିତି ମନା କରିବି ସେମାନଙ୍କୁ ଆସିବାକୁ ? ଖାସ୍ କରି ମୋ ନିଜ ପ୍ରଦେଶର ଲୋକମାନଙ୍କୁ ।

ପ୍ରଦେଶପ୍ରେମୀ ବିହାରୀ ଟି.ଟି.ଆଇ ଜଣଙ୍କୁ ଯା' ପରେ ଆଉ କିଛି କହିବାକୁ ମୋ'ର ସାହସ ହୋଇନଥିଲା ।

ଚୁପ୍‌ଚାପ୍ ବସିରହିଲି । ଲୋକଟି ଯା' ଭିତରେ ଦୁଇଥର ଆସି ଦୂରରୁ ମତେ ଦେଖି ମୋ'ର ନିରାପତ୍ତା ସଂପର୍କରେ ସ୍ୱ ସନ୍ଦେହ ବିମୋଚନ କରି ଯାଇଥିଲା । ଆଖପାଖର ସହଯାତ୍ରୀମାନେ ତଥା ମାଡ଼ଖାଇ କୁପିତ ହେଇଥିବା ଯୁବକଟି



Digitized by srujanika@gmail.com

ଓହ୍ଲାଇଯାଉଥିଲେ ମୀର୍‌ଜାପୁର ପାଖାପାଖି ଷ୍ଟେସନ୍ ମାନଙ୍କରେ । ଟ୍ରେନ୍‌ର ଗତି ତୀବ୍ରତର ହୋଇଥିଲା ଏବେ । ଗୟା ଷ୍ଟେସନ ଆସିଗଲା ଦିନ ଦୁଇଟାରେ ।

ଲୋକଟି ମୋ ସୁଟ୍‌କେଶ୍‌ଟି ବୋହି ନେଇ ସନ୍ତର୍ପଣରେ ଓହ୍ଲାଇଦେଲା ମତେ । କହିଲା - ଦେଖିଲେ ତ ବିହାରର ଅବସ୍ଥା । ଗୟା ଆହୁରି ଭୟଙ୍କର ଜାଗା । ସାବଧାନରେ ଚଳିବେ ।

ମୁଁ କହିଲି - ତୁମେ ମୋ' ଯୋଗୁ ବହୁତ ହଇରାଣ ହେଲ । ଅସଂଖ୍ୟ ଧନ୍ୟବାଦ୍ ।

ଲୋକଟି ଲାଜକୁଳା ହସ ହସିଲା । କହିଲା - ଟ୍ରେନ୍ ଛାଡ଼ିଦେବ । ମୁଁ ବରଂ ଉଠିଯାଏ ।

ଲୋକଟି ମତେ ନମସ୍କାର କରି ମୁହାଁଇଲା ଟ୍ରେନ୍ ଆଡ଼େ ।

ମୁଁ କହିଲି - ମୋ'ର ଏତେ ଉପକାର କଲ । ଅଥଚ ତମ ନାଁ'ଟି ଜାଣିପାରିଲିନି । ଲୋକଟି ଘୁରିପଡ଼ି କହିଲା - ସିଦ୍ଦିକୀ । ମୋ' ନାଁ ସିଦ୍ଦିକୀ ।

ମୁଁ କହିଲି - ମୁଁ ଯେତେଦୂର ଜାଣେ, ସିଦ୍ଦିକୀ ଗୋଟିଏ ସାଙ୍ଗ । ସରନେମ୍ । ତମ ନାଁ' ଟି ତ କହ ।

ଲୋକଟି ମୁହୂର୍ତ୍ତକ ପାଇଁ ନୀରବ ରହିଲା । ମୁହଁରେ କେମିତି ଏକ ଇତସ୍ତତଃ ଭାବ । ତା' ପରେ ଟ୍ରେନ୍‌ର ହାଣ୍ଡଲ ଧରି ଉଠି ଯାଉ ଯାଉ ଧୀର ସ୍ୱରରେ କହିଲା - ମୋ' ନାଁ ମହମ୍ମଦ୍ । ମହମ୍ମଦ୍ ସିଦ୍ଦିକୀ ।

●●●



Digitized by srujanika@gmail.com

# ମାଟିର ମାୟା

ଚିନୁ ଓ ମୁଁ ପ୍ରାୟ ସାଙ୍ଗ ହେଇ ଘରକୁ ଯାଉଥିଲୁ । ଯାଉଥିଲୁ ମୁଖ୍ୟତଃ ଭାଇନାକୁ ଦେଖିବା ଉଦ୍ଦେଶ୍ୟରେ । ଭାଇନା କଥା ମନେପଡୁଥିଲା ବୋଲି । ବାପାବୋଉଙ୍କ ସ୍ୱର୍ଗବାସପରେ କଟକସ୍ଥିତ ପୈତୃକଘରଟିରେ ଭାଇନା ଏକୁଟିଆ ରହୁଥିଲା । ସ୍କୁଟର ଦୁର୍ଘଟଣାରେ ତା ପତ୍ନୀର ମୃତ୍ୟୁ ହେଇଥିଲା ବହୁପୂର୍ବରୁ । ଏବଂ ତା'ର ଏକମାତ୍ର ପୁତ୍ରସନ୍ତାନଟି ଡ଼ାକ୍ତରୀ ପଢୁଥିଲା ମଣିପାଲ୍‌ରେ ।

ଘରେ ପଶୁ ପଶୁ କିନ୍ତୁ ସହାସ୍ୟ ଅଭ୍ୟର୍ଥନା ଜଣାଇବା ପରିବର୍ତ୍ତେ ଭାଇନା ଆରମ୍ଭ କରିଦେଉଥିଲା ତା'ଠାରୁ ବହୁବାର ଶ୍ରୁତ ସେଇ ପୁରୁଣା କ୍ଳାନ୍ତିକର କାହାଣୀ । ତା'ର ତଥାକଥିତ କ୍ଳେଷ ଓ କଷଣର ଉପାଖ୍ୟାନ । ଚିନୁଆଡକୁ ଅଗ୍ନିବର୍ଷୀ ଦୃଷ୍ଟି ନିକ୍ଷେପ କରି କହୁଥିଲା - ମନୁ ରହିଲା ଯାଇକି ଲଣ୍ଡନରେ । ତୁ ରହିଲୁ ଭୁବନେଶ୍ୱରରେ । ଗାଁ' ଜମିବାଡ଼ି କଥା ତମେମାନେ କେହି ବୁଝିବାକୁ ନାରାଜ । ସବୁତକ ଜଂଜାଳ ମୋ' ଉପରେ ଲଦିଦେଇ ବେଶ୍ ନିଶ୍ଚିନ୍ତରେ ବସି ରହିଚ ତିନିଜଣ ଯାକ । ଇଆଡ଼େ ଗାଁ'କୁ ଦୌଡ଼ି ଦୌଡ଼ି ମୁଁ ନାକେଦମ୍ ହେଇ ସାରିଲିଣି ।

ସୀତାକୁ ଆମ ପାଇଁ ଚା' ଜଳଖିଆର ବରାଦ କରି, ବରଣ୍ଡାଖଟରେ ପାନପେଡ଼ା ଧରି ଚକାପକେଇ ବସୁଥିଲା ଭାଇନା । ପାନ ଭାଙ୍ଗୁ ଭାଙ୍ଗୁ ମତେ କହୁଥିଲା - ବୁଝିଲୁ କୁନି ! ଛଅ ଛଅଟା କେସ୍ ଚାଲିଚି ଏବେ । ଚାରିଟା ବାଙ୍କି କୋର୍ଟରେ ଆଉ ଦୁଇଟା କଟକ ହାଇକୋର୍ଟରେ । ପାଥପୁରର ଗଣିପଣ୍ଡା ଆମ ଭାଗଚାଷୀମାନଙ୍କୁ ନିସ୍ତୁକ୍ ମାଡ଼ମାରି ସବୁତକ ପାକଳ ଧାନ ଜବରଦସ୍ତି କାଟିନେଇଛି ଆମ ଜମିରୁ । କାଲି ସକାଳେ ଗାଁ'କୁ ଯାଇଥିଲି ଯେ ଫେରିଲି ଯାଇ ସଂଜକୁ । ଥାନାରେ ଏଫ.ଆଇ.ଆର୍ ଦେବାକୁ ପଡ଼ିଲା । ଚିନୁ ତ କୌଣସି ଦାୟିତ୍ୱ ନେବାକୁ ନାରାଜ । ଶେଷପର୍ଯ୍ୟନ୍ତ ଆଚ୍ଛା ଝାମେଲାରେ ବାପା ମତେ ପୂରେଇ ଦେଇକି ଗଲେ ।

ଭାଇନାର ଅସ୍ଥିରଚିତ୍ତ ଜନିତ ଉଚ୍ଚ ରକ୍ତଚାପର ତୀବ୍ରତାକୁ କିଛି ପରିମାଣରେ ହ୍ରାସ କରିବା ପ୍ରୟାସରେ ମୁଁ କହୁଥିଲି - କଅଣ ସେ ଜମିରୁ ପାଉଚୁ ତୁ ? ତୁଚ୍ଛାଟାରେ ଖାଲି ପଇସାଖର୍ଚ୍ଚ ଓ ସମୟ ନଷ୍ଟ । କଟକରେ ବସି ଗାଁ' ଜମିରେ ମାଲିକାନା ସ୍ୱତ୍ୱ ତୁ ଜାହିର୍ କରିପାରିବୁ ବୋଲି ଭାବିପାରୁଚୁ ? ଆଜିକାଲି ଯିଏ ଜମିର ଦଖଲ୍ ଉପରେ ରହିଲା ଜମି ତା'ର । ଗୁଣ୍ଡା ଲଗେଇ ତାକୁ ଉଠେଇବା ବ୍ୟତୀତ ଅନ୍ୟ ଗତି ନାହିଁ, ଯେଉଁ



Digitized by srujanika@gmail.com

କାମଟି ତୋ' ଦେଇ କେବେ ବି ହୋଇପାରିବନି । କୋର୍ଟ କଚେରୀ କଲେ ଫଇସଲା ହେଲାବେଳକୁ ଯୁଗ ବିତିବ । ଭାଗଚାଷୀମାନେ ମାଡ଼ିବସି ସବୁ ଖାଉଛନ୍ତି । ମୁଠାଟେ ଚାଉଳ ବି ତତେ ଦବାକୁ ନାରାଜ । ମୋ' କଥା ମାନ୍ । ସେ ଜମିର ମାୟାରେ ଆଉ ପଡ଼ନା । ତିନିପୁରୁଷ ହୋଇଗଲା। ଲକ୍ଷ୍ମୀ ଚଞ୍ଚଳା । ଅନ୍ୟପାଖକୁ ଯିବାଲାଗି ଉଚ୍ଛନ୍ନ ହେଲେଣି । ସେ ଜମିର ମୋହ ଛାଡ଼ିଦେ ଏଣିକି ।

ଭାଇନା ଉତ୍ୟକ୍ତ ହୋଇଯାଉଥିଲା ମୋ କଥା ଶୁଣି । ଗୋରା ମୁହଁ ଲାଲ୍ ଟକ୍‌ଟକ୍ ହୋଇ ଯାଉଥିଲା ରାଗରେ । ଉତ୍ତେଜିତ ହୋଇ ଇମ୍ପପିଣ୍ଡାରେ ବଡ଼ ବଡ଼ ପାହୁଣ୍ଡ ପକାଇ ଚାଲିଚାଲି କହୁଥିଲା - ଛାଡ଼ିଦେବି ? ଛାଡ଼ିଦେବି ସେ ଜମିକୁ କହୁଚୁ ତୁ ! ଜୀବନଥିଲା ଯାକେ ସେ ଜମି କି ସେ ଘର ଛାଡ଼ିବିନି ଜାଣିଥା । କେତେ ପରିଶ୍ରମ କରି ଏ ସଂପତ୍ତି ଠୁଳ କରିଥିଲେ ଜେଜେବାପା । ସିଏ କଅଣ ଏଇ ଅନାମଧେୟ ଲୋକମାନେ ଖାଇବେ ବୋଲି ? ତାଙ୍କ ବଂଶଧର ଓ ଦାୟାଦ ହିସାବରେ ଏ ଜମିର ରକ୍ଷଣାବେକ୍ଷଣ କରିବାଟା ମୋ'ର କର୍ତ୍ତବ୍ୟ । ମୋ'ର ଧର୍ମ । ସେ ସଂପତ୍ତି ଉପରେ ମୋ'ର ହକ୍ ଅଧିକାର ଅଛି । ତାକୁ ଛାଡ଼ିଦେବି କେମିତି ? ତୋ ନିଜ ଜମି ହୋଇଥିଲେ ତୁ ଛାଡ଼ିଦେଇପାରନ୍ତୁ ? ଆମଜମି ବୋଲି ବଡ଼ ବଡ଼ ଉପଦେଶ ଦେଇ ଲାଗିଚୁ ଆଜି ।

ଚିନ୍ନୁ ଏମିତିରେ ସ୍ୱଳ୍ପଭାଷୀ । ଚୁପ୍‌ଚାପ୍ ସବୁ କଥା ଶୁଣିସାରିଲା ପରେ ଧୀର ଓ ଗମ୍ଭୀର ସ୍ୱରରେ କହୁଥିଲା - ଜାଣିଥା ଭାଇନା । ମୁଁ କିନ୍ତୁ ଏସବୁ ଝାମେଲା ଭିତରେ ନାହିଁ । ତୁ ସିନା ଘରେ ବସି ଇନ୍‌କମ୍ ଟାକ୍ସ ପ୍ରାକ୍‌ଟିସ୍ କରୁଚୁ ଯେ ତୋ ସମୟର ମାଲିକ ତୁ ନିଜେ । ମୁଁ ତ ସରକାରୀ ଚାକିରିଆ । କାଲି ଜୟପୁରରେ ଥିଲି । ଆଜି ଭୁବନେଶ୍ୱରରେ । ଆସନ୍ତାକାଲି କୁଆଡ଼େ ଯିବି ଠିକ୍ ନାହିଁ । ଗାଁ'କୁ ଦଶଥର ଯିବାପାଇଁ ମୋ'ର ବେଳ କାହିଁ ? ଆଜିବି ମୁଁ ଚାଉଳ କିଣିକି ଖାଉଛି । କଅଣ ମିଳୁଚି ମତେ ସେ ଜମିରୁ ଯେ ମୁଁ ତା' ପାଇଁ ପଇସାଖର୍ଚ୍ଚ କରିବି ? ବେକାରରେ ହଜାରେ ମାଲିମକଦମା । ମତେ ତୁ ଆଉ ଏଣିକି ସେ କୋର୍ଟକଚେରୀ କେସ୍ ପାଇଁ ପଇସା ଦବାକୁ କହିବୁନି । ସେ ଗାଁ' ଜମିପାଇଁ ମୁଁ ଆଉ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ନାରାଜ । ତତେ ଆଗତୁରା କହିଦେଉଛି ।

ଚିନ୍ନୁର ରୋକ୍‌ଠୋକ୍ କଥାରେ ବେଶ୍ କ୍ରୋଧଣୀଳ ହୋଇ ପଡୁଥିଲା ଭାଇନା । ରାଗ ତମ୍ ତମ୍ ହୋଇ କହୁଥିଲା - କାହିଁକି ଖର୍ଚ୍ଚ କରିବୁନି ତୁ ? କାହିଁକି ଦେବୁନି ଟଙ୍କା ? କଅଣ ତୋ'ର ଭାଗ ନାହିଁ ସେ ଜମିରେ ? ପ୍ରାୟ ପଚିଶହଜାର ପାଖାପାଖି ଟଙ୍କା ମୋ'ର ଖର୍ଚ୍ଚ ହୋଇ ସାରିଲାଣି ଯା' ଭିତରେ । ଦିନେ ପଚାରିଦେଇଚୁ ଛଅଟା କେସ୍ ଚାଲିଚି କେମିତି ? ଗଣି ପଣ୍ଡା ଜବରଦସ୍ତ ଧାନକାଟି ନେଇଚି ମୋ ଜମିରୁ । ତା' ନାଁରେ କେସ୍ ନ କଲେ ମୋ ଇଜ୍ଜତ ଦି' ପଇସାର ହୋଇଯିବ ଗାଁ' ବାଲାଙ୍କ



Digitized by srujanika@gmail.com

ଆଗରେ । ଉଚିତ୍ ଶିକ୍ଷା ନ ଦେଇ ଛାଡ଼ିବିନି ମୁଁ ତାକୁ । ଯେତେ ଟଙ୍କା ଖର୍ଚ୍ଚ ହେଉପଛେ କେସ୍ କରିବି ମୁଁ ତା ନାଁରେ । ମୋ ହାତରେ ଏଇଲେ ପଇସା ପତ୍ର ନାହିଁ । ଆସନ୍ତା ସପ୍ତାହରେ ଯେତେ ଶୀଘ୍ର ପାରିବୁ ପାଞ୍ଚହଜାର ଟଙ୍କା ଆଣି ଦେଇଯିବୁ ମତେ । ଆଉ ଯଦି ଏତିକି ସାହାଯ୍ୟ କରିବା ପାଇଁ ତୁ ପଶ୍ଚାତ୍‌ପଦ, ତା ହେଲେ ଦିନେ ଆଉ ମତେ ଭାଇନା ବୋଲି ଡ଼ାକିବୁନି ।

ରାଗତୋଟରେ ଭାଇନା ତା ବଖରାରେ ପଶି କବାଟ କିଳି ଦେଇଥିଲା ଯା' ପରେ । କେଉଁଠି ଯେମିତି ସ୍ୱରଭଙ୍ଗ ହେଇଯାଉଥିଲା ହଠାତ୍ । ଘରକୁ ଯିବାର ଆଗ୍ରହ ଓ ସଉକ୍ ଫିକା ପଡ଼ିଯାଉଥିଲା । ଆମେ ଫେରିଆସିବା ପର୍ଯ୍ୟନ୍ତ ଭାଇନା ଆଉ ଭଲକରି କଥା କହୁନଥିଲା ଆମସହିତ । ବିଷଣ୍ଣ ଓ ଚିନ୍ତାଗ୍ରସ୍ତ ମନ ନେଇ ଚିନୁ ଓ ମୁଁ ଫେରି ଆସୁଥିଲୁ ।

ଫେରନ୍ତା ବାଟରେ ଶୈଶବରେ ଦେଖିଥିବା ଗାଁର ଅସ୍ପଷ୍ଟ ଛବି ମନେ ପଡୁଥିଲା ରହି ରହି । ମନେ ପଡୁଥିଲା ଗାଁର ଝୋଟିଲେଖା ଶ୍ରୀମନ୍ତ ବାସଗୃହ, ବାସଗୃହ ପଛରେ ଥିବା ଗୋବରଲିପା ପ୍ରଶସ୍ତ ଖଳାବାଗି ଓ ଖଳାବାରି ମଝିରେ ଗଦା ହେଇଥିବା ସୁଗନ୍ଧୀ ଧାନର ସ୍ତୂପ । ଧାନ-ଧାନ-ଧାନ । ଯୁଆଡ଼େ ଚାହିଁବ ଧାନ । ଧନଧାନ୍ୟରେ ଭରିଉଠିଥିଲା ସଂସାର ।

ଜେଜେବାପା ଥିଲେ ଅବିଶ୍ୱସନୀୟ ଭାବରେ ବିତ୍ତବାନ୍ । ଏକପ୍ରକାର ସେ ଖଣ୍ଡମଣ୍ଡଳର ରାଜା । ଘରେ ଘିଅ ଓ ମହୁର ପ୍ଲାବନ । ଅକ୍ଲାନ୍ତ ପରିଶ୍ରମ କରି ସେ ଭୂସଂପତ୍ତି ଜେଜେବାପା ଏକତ୍ରିତ କରିଥିଲେ ତାଙ୍କ ଜୀବନକାଳ ଭିତରେ । ଗାଁ ଦାଣରେ ସାମ୍‌ନାସାମ୍‌ନି ରହିଥିବା ଦୁଇଟି ଡ଼ିହଜମି ଓ ତତ୍‌ସନ୍ନିହିତ ଘର । ବାଟି ବାଟି ସ୍ୱର୍ଣ୍ଣପ୍ରସୂ ଉର୍ବରା ଚାଷଜମି । ସେ ଜମିରୁ ବିଭିନ୍ନ ଋତୁରେ ଆସୁଥିଲା ବିଭିନ୍ନ ଶସ୍ୟ - ବିରି, ମୁଗ, ଚଣା, ରାଶି, ସୋରିଷ ଇତ୍ୟାଦି । ଚାଷ ହେଉଥିଲା ଆଖୁ ଏବଂ ନଳିତା । ଏବଂ ଚାଷ ହେଉଥିଲା ଧାନ । ଧାନଘର ଉପୁଚି ପଡୁଥିଲା ସେ ବାସମତୀ ଧାନର ସମ୍ଭାରରେ । ସୁନେଲି, ମାଟିଆ, ହଳଦିଆ, ସାଦା, ଗୈରିକ - କେତେ ଭଳି ରଙ୍ଗର ଜୌଲୁଷ ଥିଲା ସେ ଧାନର ! ଦୁଇଟି ସୁବୃହତ୍ ଧାନଘର ଭର୍ତ୍ତିହେଇ ଆହୁରି ବି ଧାନ ବଳିପଡୁଥିଲା । ସିଏ ସବୁ ବନ୍ଧା ହେଇ ରହୁଥିଲା ବିରାଟକା[illegible] ଓଳିଆମାନଙ୍କରେ ।

ବାପା ଇଣ୍ଡ[illegible] ଗଲାବେଳେ ଏକାଦିକ୍ରମେ ଦୁଇବର୍ଷ ଥିଲୁ ଗାଁ'ରେ । ଜେଜେବାପା ସଂ[illegible] ଧର୍ମରୁ [illegible]ସତେବେଳକୁ ଅବସର ନେଇସାରିଲେଣି । ଜମିବାଡ଼ିର ଦେଖାଶୁଣା କ[illegible]ର ଦାୟିତ୍ୱ ଥିଲା ଗାଁରେ ରହୁଥିବା ଦଦେଇଙ୍କ ଉପରେ ନ୍ୟସ୍ତ । ମନେ ପଡ଼େ - [illegible]କ ଦିନ [illegible] ଫାଟିଲା ପରେ ଅଗଣାରେ ହଳିଆମାନେ ଏକଜୁଟ୍ ହୁଅନ୍ତି । ଋତୁ ଅନୁଯାୟୀ ସେ[illegible] କାମ ବୁଝେଇ ଦିଅନ୍ତି ଦଦେଇ - କେତେଟା ହଳ କେଉଁଠିକି



Digitized by srujanika@gmail.com

ଯିବ, କେଉଁଠି ବେଉଷଣ, କେଉଁଠାରେ ବା ମଇ ଦିଆହେବ, କେଉଁଠି ତଳି ପଡ଼ିବ, କେଉଁଠି ବା ରୁଆ ବା ବଛାର କାମ । ଘାଗୁଡି ପିନ୍ଧା କଇଁଫୁଲିଆ ସ୍ୱାସ୍ଥ୍ୟବାନ୍ ବଳଦମାନଙ୍କ ବେକରେ ଝୁଆଳି ଖଞ୍ଜି, ହାତରେ ଦା' ଓ ପାଞ୍ଚଣ ଧରି ବିଲଆଡ଼କୁ ପଳାଶନ୍ତି ହଳିଆମାନେ । ହେମନ୍ତ ଋତୁରେ ଧାନକଟା ହେଇ ଶଗଡ଼ଭର୍ତ୍ତି କଳେଇ ଆସି ଜମାହୁଏ ଖଳାବାରିରେ । ବେଙ୍ଗଳା ବୁଲେ ଅନେକଦିନ ଧରି । ମନେପଡ଼େ - ବେଙ୍ଗଳାର ଖୁଣ୍ଟପାଖ ଓଲିଆ ବଳଦ ମୁହଁରେ ତୁଣ୍ଡିଟିଏ ବନ୍ଧା ।

ଦଦେଇଥିବା ପର୍ଯ୍ୟନ୍ତ ଜମିବାଡ଼ିର ସୁରକ୍ଷା ଥିଲା ସମସ୍ୟା ବିହୀନ । ଜେଜେବାପାଙ୍କ ଦେହାନ୍ତ ପରେ, ଜ୍ୟେଷ୍ଠସନ୍ତାନ ଦଦେଇ ସମ୍ଭାଳି ନେଇଥିଲେ ଜମିବାରିର ଝିନ୍‌ଝଟ୍, ଅପୁତ୍ରିକ ଦଦେଇଙ୍କ ମୃତ୍ୟୁପରେ ଦେଠେଇଙ୍କ ଉପରେ ଅନେକଟା ଦାୟିତ୍ୱ ଆସି ପଡ଼ିଲା । ଦେଠେଇ ଥିଲେ ସାକ୍ଷରା ଓ ବୁଦ୍ଧିମତୀ । ଦୀର୍ଘଦିନ ଦଦେଇଙ୍କ ସହିତ ଗ୍ରାମରେ ରହିବା ଦ୍ୱାରା ଜମିବାଡ଼ି ଓ ଚାଷବାସ ସଂପର୍କରେ ସମ୍ୟକ୍ ଜ୍ଞାନ ଆହରଣ କରିଥିଲେ ମଧ୍ୟ । ଭାଗଚାଷୀମାନଙ୍କ ସାହାଯ୍ୟରେ କୌଣସିମତେ କାମ ତୁଲେଇନେଲେ । ବାପା ସେତେବେଳକୁ କାର୍ଯ୍ୟରୁ ଅବସର ଗ୍ରହଣ କଲେଣି । ମଝିରେ ମଝିରେ ଗାଁ'କୁ ଯାଇ ଦୁଇଚାରି ଦିନ ରହି ଆସୁଥିଲେ ।

ସମସ୍ୟା ଉପୁଜିଲା ଦେଠେଇ ଏବଂ ବାପାଙ୍କ ଦେହାନ୍ତ ପରେ । ଗାଁ'ର ଦୁଇଟି ଯାକ ଘର ଶୂନ୍ୟ - ମଣିଷ ବିହୀନ । ତାଲାଭାଙ୍ଗି ଚୋର ଦଳ ଘରର ଖଟପଲଙ୍କ ଆଲମାରୀ ଆଦି ବୋହି ନେଇଗଲେ । ଏପରିକି କବାଟ ଝରକା ତକ ତଡ଼ା ହେଇ ଆଖପାଖ ପଡ଼ୋଶୀମାନଙ୍କର ବାସଗୃହର ଶୋଭାବର୍ଦ୍ଧନ କରିବାକୁ ଲାଗିଲେ । କୋଠାଘରଟି ଜଗି ରହିଥିବା ନିର୍ବୋଧ ହଳିଆଟି ଅଚାନକ୍ ବେଶ୍ ନିର୍ଭୀକ ଓ ଶକ୍ତିଶାଳୀ ହେଇଉଠିଲା ଓ ସେ ଘର ଓ ଗୃହ ତା' ନିଜର ହେଇଗଲାଣି ବୋଲି ରୀତିମତ୍ ଉଚ୍ଚସ୍ୱରରେ ଜାହିର୍ କରିବାକୁ ଲାଗିଲା । ଭାଗଚାଷୀ ଫସଲର ଭାଗ ଦେବାକୁ ନାରାଜ । ଅନେକ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ଜବରଦଖଲ୍ କରି ଅନେକ ଜମିକୁ ମାଡ଼ି ବସିଲେ । କେଉଁ ଭାଗଚାଷୀ ଜମିତକ ଅନ୍ୟକାହାକୁ ବିକ୍ରି କରିଦେଲା ତ ଅନ୍ୟଜଣେ କିଏ ନିଜ ନାଁ'ରେ ମିଛପଟାଟିଏ ଯୋଗାଡ଼ କରି ନେଲା । ଜମିକୁ ଜବରଦସ୍ତି ଚାଷ କରିବାପାଇଁ ଦୁଇଦଳ ମଝିରେ ମାରପିଟ ଓ ହଣାକଟା । ସିଭିଲ୍ ସୁଟ ସହିତ ଫୌଜଦାରୀ ମାମଲା । ଏବଂ ଏଇ ସବୁ ଅପ୍ରୀତିକର ଘଟଣାର ଚକ୍ରବ୍ୟୂହ ଭିତରେ ପଶି ସାହାଭରସା ହୀନ ଭାଇନାର ଅବସ୍ଥା ହେଇ ଉଠିଲା ରୀତିମତ ସଙ୍ଗୀନ୍ ଓ କାରୁଣ୍ୟମୟ ।

ଏତେ ବେଶୀ ଜଟିଳତା ଓ ପ୍ରତିବନ୍ଧକ ସତ୍ତ୍ୱେ ଭାଇନା କିନ୍ତୁ ଥିଲା ତା ନିଜ ଜିଦ୍‌ରେ ଅଟଳ । ବିଶ୍ୱାସ କରୁଥିଲା ଯେ ବଂଶାନୁକ୍ରମିକ ଭାବେ ତା'ର ପିତାମହ



Digitized by srujanika@gmail.com

ପ୍ରପିତାମହଙ୍କ ଠାରୁ ଉତ୍ତରାଧିକାରୀ ସୂତ୍ରରେ ସିଏ ପାଇଛି ସେ ଭୂସଂପତ୍ତି । ଯେତେ ଅସୁବିଧା ହେଲେ ବି ତା'ର ପୂର୍ବପୁରୁଷମାନଙ୍କର ପରିଶ୍ରମ ଓ ସ୍ୱପ୍ନକୁ ସମ୍ମାନ ଜଣାଇବା ଲାଗି ସେ ସଂପତ୍ତିର ରକ୍ଷଣାବେକ୍ଷଣ କରିବାପାଇଁ ସିଏ ଏକପ୍ରକାର ବାଧ୍ୟ । ବଂଶର ଜ୍ୟେଷ୍ଠସନ୍ତାନ ହିସାବରେ ଏହା ତା'ର ବିଧିବଦ୍ଧ କର୍ତ୍ତବ୍ୟ । ଯେଉଁ ଜମିଉପରେ ତା'ର ନିଜର ହକ୍ ଦାବୀ ରହିଛି ତାକୁ ସିଏ ଏତେ ସହଜରେ ଛାଡ଼ିଦବ କେମିତି ?

ମୁଁ ବୁଝିପାରୁଥିଲି - ସେ ମାଟିର ମୋହରୁ ଓହରିଆସିବା ଭାଇନା ପାଇଁ ସମ୍ଭବ ନଥିଲା । ସେ ମାଟି ଚୁପ୍‌ଚୁପ୍ କଥା କହୁଥିଲା ତା କାନରେ । ତା'ର ଗୋପନ ମାୟାରେ ଆଚ୍ଛନ୍ନ କରି ରଖିଥିଲା ତାକୁ । ସୃଷ୍ଟି ଆରମ୍ଭରୁ ଏ ମାଟି ମଣିଷକୁ ଏମିତି ବାନ୍ଧି ରଖିଛି ତା' କୁହୁକିନୀ ମାୟାରେ । ପ୍ରତିଟି ଯୁଗରେ, ପ୍ରତିଟି ପରିବାରରେ । ଭାଇନା ତା'ର ବ୍ୟତିକ୍ରମ ହୁଅନ୍ତା ବା କେମିତି ?

ଚିନୁ କିନ୍ତୁ ଏସବୁ ଆବେଗ ଏବଂ ଭାବୋଚ୍ଛ୍ୱାସଠାରୁ ଥିଲା ବହୁଦୂରରେ । କଥା କହୁଥିଲା ଯୁକ୍ତିଯୁକ୍ତ ଭାବରେ ଏବଂ ଏକ ବାସ୍ତବବାଦୀର ଦୃଷ୍ଟି ନେଇ । ଭାଇନାକୁ ବୁଝାଉଥିଲା, ଯେଉଁ ଜାଗାରେ ସେମାନେ ନିଜେ ରହୁନାହାନ୍ତି, କିମ୍ୱା ନିଜେ ରହିବାର ପ୍ରଶ୍ନ ନାହିଁ, ସେଠି ନିଜର ମାଲିକପଣିଆ କେତେଦିନ ବା ବାନ୍ଧି ରଖିବାକୁ ସମର୍ଥ ହେବେ ସେମାନେ ? କଟକଘରଟିରେ ଭାଇନା ରହୁଛି ବୋଲି ଘରଟି ତା ଦଖଲରେ ଅଛି । କାଲି ଯଦି ସେ ଘରେ ବାପାଙ୍କର ବଂଶଧର କେହି ନରହନ୍ତି ଓ ଘରଟି ଫାଙ୍କାପଡେ, ତେବେ ଯେ କୌଣସି ଲୋକ ଆସି ଆସ୍ଥାନ ଜମାଇପାରେ ସେଠି । ଦ୍ୱିତୀୟରେ ଚିନୁ ବିଶ୍ୱାସ କରୁଥିଲା ଯେ ଗାଁ ଜମିରୁ ଯେହେତୁ ପଇସାଟିଏ ମିଳୁନି, ତା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିବାଟା ବୋକାମି ମାତ୍ର ।

ଦୁଇଭାଇଙ୍କ ଭିତରେ ଏଇ ବିବାଦୀୟ ସମସ୍ୟାକୁ ନେଇ ମୀମାଂସା ବିହୀନ ଯୁକ୍ତିତର୍କ ଅନେକ ସମୟ ଧରି ଚାଲୁଥିଲା ଏବଂ କେତେବେଳେ କେମିତି ସେ ଯୁକ୍ତିତର୍କ ସୀମା ଲଙ୍ଘନ କରିଯାଉଥିଲା ମଧ୍ୟ । ଧୀରେ ଧୀରେ ଏ ଆଲୋଚନା ମତେ ବି ବିରକ୍ତିକର ମନେହେବାକୁ ଲାଗିଲା । ଯେତେବେଳେ ଘରକୁ ଗଲେ କେବଳ ସେଇ କଥା । ପାଖରେ ବସି ପାଞ୍ଚ ମିନିଟ୍ ଶାନ୍ତିରେ ସୁଖ ଦୁଃଖ ହେବାପାଇଁ ବି ଭାଇନାର ସମୟର ଅଭାବ । ଖଟସାରା ଗାଁ ଜମିର ପଟ୍ଟାପାଉତି କାଗଜପତ୍ର ଖେଳେଇ ତାହାକୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ୍ କରିବା ଓ କୋର୍ଟ କେସ୍‌ର ଶୁଣାଣି ପାଇଁ ଡାଇରୀ ଖୋଲି ନୋଟ୍ ପ୍ରସ୍ତୁତ କରିବା - ଏଇଆ ଇ ଥିଲା ଭାଇନାର ଏକମାତ୍ର ଅବସର ବିନୋଦନର କାମ ।

ବେଳେବେଳେ ଭାଇନାକୁ ଚାହିଁ ଧକ୍ କରି ଉଠୁଥିଲା ଛାତି । ବୁଝିପାରୁଥିଲି - ଭାଇନା ବୁଢା ହୋଇ ଯାଉଛି । ବାଳ ପାଚିଗଲାଣି ଅଧାଅଧି, ଆଖିତଳେ କଳାଦାଗ ।



Digitized by srujanika@gmail.com

ଅନେକ କଷ୍ଟ ପାଇଚି ବିଚରା ଜୀବନରେ । ମନେମନେ ଡାକୁଥିଲି, ହେ ପ୍ରଭୁ, ମୋ' ଭାଉନାକୁ ଘଣ୍ଟ ଘୋଡେଇ ରଖ ।

ମହାପ୍ରଭୁଙ୍କର ଲୀଳା ଖେଳା କିନ୍ତୁ ଅପାର । ଭାଉନାକୁ ଘଣ୍ଟ ଘୋଡେଇ ରଖିବା ଅପେକ୍ଷା ସିଧାସଳଖ ନିଜପାଖକୁ ଡାକି ନେଇ ନିଜ ହିଫାଜତ୍‌ରେ ରଖିବାଟା ବୋଧହୁଏ ସହଜତର ମନେହେଲା ତାଙ୍କୁ । ଅଚାନକ୍ ହାର୍ଟ ଆଟାକ୍‌ରେ ଆକ୍ରାନ୍ତ ହୋଇ ଭାଉନା ଗଲା ସ୍ୱର୍ଗପୁର ।

ଚିନୁ ପାଗଳଙ୍କ ପରି ଭୂଇଁମାଟି ସାଉଁଟି ହସ୍‌ପିଟାଲ୍‌ର ପିଣ୍ଡାରେ ଗଡି ଅବୋଧ ଶିଶୁଟିଏ ପରି କାନ୍ଦିବାକୁ ଲାଗିଲା – ଭାଉନା, ତୁ ଥିଲୁ ବୋଲି ସିନା ସବୁଝଂଜାଳ ମୁଣ୍ଡେଇ ନେଉଥିଲୁ ଆପେ ଆପେ । ଫୁର୍ତିରେ ଘୂରିବୁଲୁଥିଲି ମୁଁ । ମତେ ଏକୁଟିଆ ଛାଡି କୁଆଡେ ପଳେଇଗଲୁ ଆଜି ? ତୋ ବିନା ମୁଁ କେମିତି ଚଳିବି ଏ ସଂସାରରେ ? କେମିତି ଚଳିବି ? ଚିନୁର ସେ ମର୍ମଭେଦୀ କାନ୍ଦଣାରେ ସ୍ତବ୍ଧ ହୋଇଉଠିଲା ସାରା ହସ୍‌ପିଟାଲ୍ । ସ୍ତବ୍ଧ ହେଇ ଉଠିଲେ ସାରା ଅନ୍ତେବାସୀ ।

ଭାଉନା ଗଲା ପରେ କଟକ ଘର ଖାଲି । ବାପା ବୋଉଙ୍କର ସ୍ୱର୍ଗବାସ ଆଗରୁ ହେଇଥିଲା । ଘର ଜଗି ରହିବା ପାଇଁ ଭୁବନେଶ୍ୱର ଭଡାଘର ଛାଡି ସପରିବାର ଚିନୁ ରହିଲା ଯାଇ କଟକରେ । ଭୁବନେଶ୍ୱରସ୍ଥିତ ଅଫିସ୍‌କୁ ଯିବା ଆସିବା କଲା ବସ୍‌ରେ ।

ସମୟର ଚକ ଧୀରେ ଧୀରେ ଗଡୁଥିଲା । ଘରକୁ ଯିବାକୁ ଆଉ ମନ ହେଉନଥିଲା ମୋ'ର । ଶୈଶବରେ ଗହଗହ କରୁଥିବା ଘର ଏବେ ଥିଲା ଫାଙ୍କା । ଘର କଥା ଭାବିଲେଇ ମନେପଡୁଥିଲେ ବାପାବୋଉ, ମନେ ପଡୁଥିଲା ଭାଉନା । ସମୟର ଚକ ଗଡୁଥିଲା ଧୀରେ ଧୀରେ ।

ପ୍ରାୟ ଛ'ମାସ ପରେ ଘରକୁ ଗଲି । ଚିନୁ କଥା ଭାରି ମନେ ପଡିଲା ବୋଲି । ପହଞ୍ଚିଲି ସନ୍ଧ୍ୟାବେଳେ । ଠିକ୍ କରିଥିଲି ରାତିଟି ରହି ପରଦିନ ସକାଳେ ଫେରିଆସିବି ।

କଲିଂବେଲ୍ ଶବ୍ଦ ଶୁଣି ଚିନୁ କବାଟ ଖୋଲିଲା । ଭଗ୍ନସ୍ୱାସ୍ଥ୍ୟ, ଆଗ ଅପେକ୍ଷା ଅନେକ ଦୁର୍ବଳ ମନେ ହେଲା ଚିନୁକୁ ।

ମୃଦୁ ହସି ଘର ଭିତରକୁ ଡାକି ନେଲା ଚିନୁ । ତା' ବେଡ୍‌ରୁମ୍‌ରେ ପଶି ଦେଖେ ଅଜସ୍ର ଫାଇଲ୍ ଓ କାଗଜପତ୍ର ତା' ବିଛଣାସାରା ଇତସ୍ତତଃ ଭାବରେ ଖେଳେଇ ହେଇ ପଡିଛି । ପଚାରିଲି – ଏଗୁଡା କଅଣ କିରେ ଚିନୁ ?

ଚିନୁ କହିଲା, ଏଇ ଗାଁ ଜମିର ପଟ୍ଟାପାଉତି ସବୁ । ଆଗରୁ ଛଅଟା କେସ୍ ଥିଲା ତ ! ଏବେ ଆଉ ଗୋଟିଏ କେସ୍ ମୁଁ କରିଛି, ଆମର ସେ ପଡ଼ିଶା ଘରର ଭରତକୁ



Digitized by srujanika@gmail.com

ଜାଣିଚୁ ନା ନାନୀ ! କେତେଥର ଆସିଚି ବି ଏଠିକି । ଏବେ ମିଛରେ କହୁଚି ଭାଇନାକୁ ଷାଠିଏ ହଜାର ଟଙ୍କା ଦେଇ ଆମ ଖଳାବାରିକି ଲାଗିଥିବା ଜମିଟା କିଣିଛି ବୋଲି । କାଗଜପତ୍ର କି ରସିଦ କିଛି ନାହିଁ ତା ପାଖରେ । ପଟ୍ଟା ପାଉତି ସବୁ ଆମ ନାଁ'ରେ । ଭାବୁଛି ମିଛ କହି ଜମିଟା ମାଡ଼ି ବସିବ । ସତେ ଯେମିତି ସତ୍ୟ ଓ ନ୍ୟାୟ ବୋଲି କିଛି ନାହିଁ ଏ ପୃଥିବୀରେ । ଭରତିଆ ଚିହ୍ନିନି ମତେ । ଯେତେ ଟଙ୍କା ଖର୍ଚ୍ଚ ହେଉ ମୁଁ ଲଢ଼ିବି ଶେଷ ପର୍ଯ୍ୟନ୍ତ । ଦେଖିବି କେମିତି ମିଛ କହି ମୋ ଜମି ମାଡ଼ିବସିବ ସିଏ !

ମୁଁ କହିଲି – ଚିନୁ, ତୁଚ୍ଛାଟାରେ ଖାଲି ସମୟ, ଶକ୍ତି ଓ ଅର୍ଥର ଅପଚୟ କରୁଛୁ ତୁ । ଭାଇନା ଆପ୍ରାଣ ଲାଗିଥିଲା ଏ ଗାଁ' ଜମି ପଛରେ । କରିପାରିଲା କିଛି ? ମୁକୁଳେଇ ପାରିଲା ଖଣ୍ଡେ ଜମି ଜବରଦଖଲକାରୀଙ୍କଠାରୁ ? ବଡ଼ ଚାକିରି କରିଚୁ ତୁ । ଗୋଟିଏ ବୋଲି ସନ୍ତାନ ତୋ'ର । କେଉଁଥିରେ ତ ଅଭାବ ନାହିଁ । କାହିଁକି ଲାଗିଚୁ ସେ ଜମି ପଛରେ ? ଲାଭ ତ କିଛି ନାହିଁ, ବରଂ ଟାଣି ହେଇ ଯାଉଛୁ ଗାଁ'ର ସେ କର୍ଦ୍ଦମାକ୍ତ ରାଜନୀତି ଓ ଗୁଣ୍ଡାଗର୍ଦ୍ଦି ଭିତରକୁ । ଛାଡ଼ି ଦେ ସେ ଜମିକି । ତୁଟେଇ ଦେ ସେ ଜମି ସହିତ ଏ ମୋହ ମାୟାର ସଂପର୍କକୁ ।

ଗଳାରେ ବିରକ୍ତି ଓ ଅସନ୍ତୋଷର ବ୍ୟଞ୍ଜନା ଫୁଟାଇ ଚିନୁ କହିଲା – କାହା ଦୟାରୁ ସେ ଜମି ମୁଁ ପାଇନି । ହକ୍ ମୋର ଅଧିକାର ଅଛି ସେ ଜମିରେ । ଅଥଚ ତୁ ମତେ ବୁଦ୍ଧି ବତାଉଛୁ ସେ ଜମିକି ମୁଁ ଛାଡ଼ିଦେବି ବୋଲି ? ତୋ ନିଜ ଜମି ହେଇଥିଲେ ତୁ ଏକଥା କହିପାରନ୍ତୁ ? ଦାନ କରିଦେଇ ପାରନ୍ତୁ ସେ ଜମି ଅଜଣା ଅଶୁଣା ଲୋକଙ୍କ ହାତରେ ? କେତେ ପରିଶ୍ରମ କରି ଜେଜେବାପା ସେ ଜମି କରିଗଲେ ତାଙ୍କ ପୁଅ ନାତିଙ୍କ ପାଇଁ । ଅଥଚ, ତାଙ୍କରି ବଂଶଧର ହେଇକି ସେ ଜମି ଛାଡ଼ିଦେବି ମୁଁ ? କଦାପି ନୁହେଁ । ଶେଷ ପର୍ଯ୍ୟନ୍ତ ଲଢିବି ମୁଁ, ଯାହା ପଇସା ଖର୍ଚ୍ଚ ହେଲେ ହବ ..

ଚିନୁର ସ୍ୱଭାବବିରୁଦ୍ଧ ଏତାଦୃଶ ମନ୍ତବ୍ୟ ମତେ ରୀତିମତ ଚକିତ କଲା । ଏକପ୍ରକାର ବାକ୍‌ଶକ୍ତିରହିତ ହେଇ ଅବାକ୍ ଆଖିରେ ମୁଁ ଚାହିଁ ରହିଲି ଚିନୁଆଡ଼େ । ଏବଂ ଆଶ୍ଚର୍ଯ୍ୟ ହେଇ ଦେଖିଲି, ମୋ ସାମ୍ନାରେ ଚିନୁ ନ ଥିଲା । ଥିଲା ଭାଇନା । ଚିନୁ ଭାଇନା ପାଲଟି ଯାଇଥିଲା ।

●●●



Digitized by srujanika@gmail.com

# ସୌନ୍ଦର୍ଯ୍ୟ

ବେଙ୍ଗଲୀ ମାର୍କେଟର ସୁପ୍ରସିଦ୍ଧ ମିଠେଇ ଦୋକାନରୁ କିଲୋଟିଏ ସୁନ୍‌ପାପଡ଼ି କିଣି, କାଉଣ୍ଟର୍‌ରେ ଠିକ୍ ଦାମ୍ ପଇଠ କରିବାକୁ ଗଲାବେଳେ ଭ ଦୋକାନର ପଛପଟ କାନ୍ଥକୁ ଲାଗି ପଡ଼ିଥିବା ଚୌକୀରେ ବସି ଆନନ୍ଦମନରେ ପାପ୍‌ଡ଼ିଚାଟ୍‌ର ମୌଜ୍ ନେଉଥିବା, ମଧ୍ୟବୟସ୍କା କିରଣ ଉପରେ ଆଖି ଅଟକିଗଲା ମୋର । କିରଣ ପାପ୍‌ଡ଼ିଚାଟ୍ ଖାଉଥିଲା ଏବଂ ଅହେତୁକ ଭାବରେ ବାମ ହସ୍ତଟିକୁ ଶୂନ୍ୟରେ ହଲେଇ ହଲେଇ ପାଖରେ ବସି ଗୋଲ୍‌ଗପ୍‌ପା ଖାଉଥିବା ଭଦ୍ରଲୋକଙ୍କ ସହିତ ଗପ କରୁଥିଲା । କଥା କହିଲାବେଳେ ହାତର ବିଭିନ୍ନ ଭଙ୍ଗୀ କରିବା ଏକପ୍ରକାର ମୁଦ୍ରାଦୋଷ ଥିଲା କିରଣର ।

କିରଣକୁ ଦେଖୁଥିଲି ଦୀର୍ଘ ଅନେକବର୍ଷର ବ୍ୟବଧାନ ପରେ । ସ୍ୱାଭାବିକ୍ ଭାବରେ ସନ୍ଦେହ ହେଲା ମନରେ । କିରଣ ନା ଆଉ କିଏ ? ଚେହେରାରେ ସାଦୃଶ୍ୟ ଥିବା ଅନ୍ୟ କେହି ବି ହୋଇପାରନ୍ତି । କିନ୍ତୁ ଭଦ୍ରମହିଳାଙ୍କର ଡ଼ାହାଣପଟ ଗାଲରେ, ଠିକ୍ କାନଲତି ତଳକୁ ଲମ୍ୱା ହୋଇ ଦିଶୁଥିବା ପ୍ରାମାଣ୍ୟ ନାଲିଜାଇଟି ଅଚିରେ ସମସ୍ତ ସନ୍ଦେହ ଦୂର କରିଦେଲା ମନରୁ । ବଝେଇଦେଲା ଯେ ମୋ ସାମ୍ନାରେ ବସିଥିବା ଚାରୁହାସିନୀ ମହିଳା ଜଣକ କିରଣ ବ୍ୟତିରେକ ଅନ୍ୟ କେହି ହେଇନପାରନ୍ତି । ନାଲିଜାଇ ପ୍ରାୟତଃ ମଣିଷ ଦେହରେ ଦେଖାଯାଏନି । କିରଣ କହୁଥିଲା ସେ ଚିହ୍ନଟି କୁଆଡ଼େ ଜନ୍ମରୁ ଥିଲା ତା' ଦେହରେ । ବାର୍ଥମାର୍କ ।

ସ୍ୱାସ୍ଥ୍ୟ ସାମାନ୍ୟ ମାତ୍ରାରେ ଚର୍ବିଳ ହେବା ବ୍ୟତୀତ, ବିଶେଷ କିଛି ପରିବର୍ତ୍ତନ ହେଇନଥିଲା କିରଣର । ପୂର୍ବପରି ଗଜୁ ଓ ଦୀର୍ଘାଙ୍ଗୀ । ଆଗପରି ଗୁଚ୍ଛ ଗୁଚ୍ଛ ଭ୍ରମରକୃଷ୍ଣ କୁଞ୍ଚିତ କେଶ । କେରାଟିଏ ତହିଁରୁ ଆଚ୍ଛାଦନ କରିରଖିଛି କପାଳକୁ । ପିନ୍ଧିଛି ଚମ୍ପାରଙ୍ଗର ବେଙ୍ଗଲ୍ ହାଣ୍ଡ୍‌ଲୁମ୍ ଶାଢ଼ୀ ଓ ସେଇ ରଙ୍ଗର ଏମ୍ବ୍ରଏଡ଼ରୀ କରା ବ୍ଲାଉଜ୍ । କପାଳରେ ନବୋଦିତ ସୂର୍ଯ୍ୟର ଆଭା ବହନ କରୁଥିବା ଉଜ୍ଜ୍ୱଳ କୁଙ୍କୁମଠୋପାଟି ଅଳଙ୍କାରର ଐଶ୍ୱର୍ଯ୍ୟ ଆଣି ଦେଇଛି ମୁହଁରେ । ଅନ୍ୟଥା ଶରୀର ଆଭରଣଶୂନ୍ୟ । କେବଳ ଦୁଇହାତରେ ସୁନାତାର ମୋଡ଼ା ଦୁଇଟି ପ୍ରବାଳର ଶଙ୍ଖା । ମନେ ପଡ଼ିଲା, ମାତ୍ରାଧିକ ଅଳଙ୍କାର ପ୍ରତି ପ୍ରବଳ ଅନୀହା ଥିଲା କିରଣର ।

କିରଣର ଭାବଭଙ୍ଗୀ ଓ କଥାକୁହା ଢ଼ଙ୍ଗ ଦେଖି ମନେହେଲା କିରଣ ଆଜି ବି ସେଇ ଆଗପରି ପ୍ରାଣବନ୍ତ ଓ ସ୍ଫୂର୍ତ୍ତିଶୀଳ । କିନ୍ତୁ ହଠାତ୍ କିରଣ ଦିଲ୍ଲୀରେ କାହିଁକି ?



Digitized by srujanika@gmail.com

ପାଖରେ ବସିଥିବା ଭଦ୍ରଲୋକ ଜଣକ ବା କିଏ ? ସ୍ୱାମୀ ? ନା ବନ୍ଧୁ ? କିନ୍ତୁ ଭଦ୍ରଲୋକ ଥିଲେ ବର୍ଣ୍ଣରେ ଶ୍ୟାମଳ । ରୂପରେଖ ବି ନିହାତି ସାଧାରଣ । ଖର୍ବକାୟ । ଆଖିରେ ନପଡ଼ିଲା ପରି ଅତ୍ୟନ୍ତ ମାମୁଲି ଚେହେରାର ମଣିଷଟିଏ । ଭାବିଲି - ସୁନ୍ଦର ବର ବାହାହେବ ବୋଲି ଯେଉଁ ଝିଅ ଅଜସ୍ର ପ୍ରସ୍ତାବ ନାକଚ୍ କରିଦେଇଥିଲା, ସେଇ ଝିଅ ଏଭଳି ରୂପହୀନ, ଅତି ସାଧାରଣ ମଣିଷଟିକୁ ଜୀବନସାଥୀ ରୂପେ ବାଛିବ ବା କାହିଁକି ?

ମନେପଡ଼ିଲା - ବାହାଘରର ମାତ୍ର ତିନିବର୍ଷ ଭିତରେ ହିଁ ନବେନ୍ଦୁଙ୍କ ସହିତ ଡ଼ାଇଭୋର୍ସ ହେଇଯାଇଥିଲା କିରଣର । ପ୍ରତ୍ୟେକ ଝିଅର ସ୍ୱପ୍ନର ନାୟକ ହେଲାପରି ସୌନ୍ଦର୍ଯ୍ୟ ଓ ସୌଷ୍ଠବ ବହନ କରୁଥିବା ନବେନ୍ଦୁଙ୍କ ସହିତ କିରଣର ଡ଼ାଇଭୋର୍ସର ବ୍ୟାପାରଟି ମୋ ପାଇଁ ଥିଲା ରୀତିମତ୍ ରହସ୍ୟମୟ । କାରଣ ଛାଡ଼ପତ୍ର ପାଇଁ ଆବେଦନ କିରଣ ତରଫରୁ ହିଁ କରାଯାଇଥିଲା । ବାହାଘର ପରେ ମୁଁ ସେତେବେଳେ ଆସାମରେ । ସାନ ଭଉଣୀର ଚିଠିରୁ ଖବରଟି ପାଇଥିଲି । ରହୁଥିଲି ଓଡ଼ିଶାଠାରୁ ଦୂରରେ । ଘଟଣାଟିର ପୂର୍ଣ୍ଣାଙ୍ଗ ବିବରଣ ତେଣୁ ମତେ ଥିଲା ଅଜଣା । ତେବେ ବି ସମ୍ବାଦଟି ମତେ ବିମୂଢ଼ କରିଥିଲା । କାରଣ ଏକଦା ନବେନ୍ଦୁଙ୍କର ରୂପଲାବଣ୍ୟରେ ବିମୋହିତ ହୋଇ କିରଣ ସ୍ୱୟଂ ହିଁ ତାଙ୍କୁ ବାହାହେବା ପାଇଁ ରାଜି ହୋଇଥିଲା ।

କଲେଜରେ କିରଣ ଥିଲା ମୋର ସହପାଠିନୀ । ସାଧାରଣ ଉଚ୍ଚ ମଧ୍ୟବିତ୍ତ ପରିବାରର ଝିଅ । ସ୍ୱଭାବରେ ଥିଲା ଟିକିଏ ଭିନ୍ନ ଧରଣର । ପ୍ରାଣୋଚ୍ଛଳ, ସ୍ୱଚ୍ଛମନା ଏବଂ ସ୍ୱାଧୀନଚେତା । ସତକଥାରେ ଯୁକ୍ତି କରୁଥିଲା ନିଡ଼ର୍ ହେଇ । ଶରୀର ଓ ମନ ଉଭୟ ଥିଲା ଆବର୍ଜନାମୁକ୍ତ । ଏଭଳି ପରିଚ୍ଛନ୍ନ ହୃଦୟର ମଣିଷଟିଏ ମୁଁ ଖୁବ୍ କମ୍ ଦେଖିଚି ଜୀବନରେ ।

ଏତଦ୍ ବ୍ୟତୀତ ଭଲ କବିତା ଲେଖୁଥିଲା କିରଣ । ଥିଲା ବହୁଳାଂଶରେ ସ୍ୱପ୍ନବିଳାସୀ । ଭଲ ପାଉଥିଲା ପ୍ରକୃତିକୁ - ମେଘ, ଜହ୍ନ, ଫୁଲ ଆଉ ବର୍ଷାକୁ । ଆଷାଢ଼ର ପ୍ରଥମ ବାରିପାତ ସୃଷ୍ଟି କରୁଥିବା ମାଟିର ସୁଗନ୍ଧିରେ ଉନ୍ମନା ହେଉଥିଲା । ଉନ୍ମନା ହେଉଥିଲା ନୀଳାକାଶରେ ପାଖାପାଖି ଡ଼େଣା ମେଲାଇ ଉଡ଼ିଯାଉଥିବା ପାରାବତ ଦୁଇଟିଙ୍କୁ ଦେଖି । କହୁଥିଲା - ତା' ଜୀବନର ସବୁଠାରୁ ଦାମୀ ସ୍ୱପ୍ନ ହେଲା ବାହାଘର ପରେ ଜ୍ୟୋସ୍ନାଧୌତ ନିର୍ଜନ ବେଳାଭୂମିରେ ବସି ତା' ସ୍ୱାମୀକୁ ସ୍ୱରଚିତ କବିତା ଆବୃତ୍ତି କରି ଶୁଣାଇବା ।

ଏବଂ କିରଣ ଥିଲା ରୂପସୀ । ଈଶ୍ୱର ଅକୃପଣ ଭାବରେ ଲାବଣ୍ୟ ଅଜାଡ଼ି ଦେଇଥିଲେ ତା' ପାଖରେ । ଗୋଲାପି ତନୁବଲ୍ଲରୀ । ଉଜ୍ଜ୍ୱଳ କଳାକଉଡ଼ି ପରି ବଡ଼ ବଡ଼ ଆଖି ଡ଼ୋଳା । ଭୂଲତାରେ ଉଡ଼ନ୍ତ ବିହଗର ବଙ୍କିମ ଡ଼େଣାର ପ୍ରତିଚ୍ଛବି । ସଚରାଚର ଏତେ ନିଖୁଣଭାବରେ ଗଢା ସୁନ୍ଦର ଝିଅଟିଏ ଆଖିରେ ପଡ଼େନି ।



Digitized by srujanika@gmail.com

କଲେଜରେ ପଢୁ ପଢୁ ଆସିଥିଲା ଅଜସ୍ର ବାହାଘର ପ୍ରସ୍ତାବ । ମନେପଡ଼େ, ଭଭିଦ ବିଜ୍ଞାନ ବିଭାଗର ଜଣେ ଅଧ୍ୟାପକ କିପରି ପାଗଳପ୍ରାୟ ହୋଇ ଉଠିଥିଲେ ତାକୁ ବାହାହେବା ଲାଗି ।

କିରଣ କିନ୍ତୁ ଏସବୁ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଉଥିଲା ଭାରି ସହଜରେ । ଥିଲା ସୌନ୍ଦର୍ଯ୍ୟପିପାସୀ । ଜିଦ୍ ଧରିଥିଲା, ତା'ର ଭାବୀ ସ୍ୱାମୀଟିକୁ ସୁନ୍ଦର ହେବାକୁ ହିଁ ପଡ଼ିବ । କିରଣର ପିତାମାତା ମଧ୍ୟ ମଞ୍ଜୁଳା କନ୍ୟାଟି ପାଇଁ ସୌମ୍ୟଦର୍ଶନ ବରପାତ୍ରଟିଏ ପାଇବାକୁ ଥିଲେ ବ୍ୟାକୁଳ । ଶେଷପର୍ଯ୍ୟନ୍ତ ତାଦୃଶ ବରପାତ୍ରଟିଏ ମିଳିଥିଲା ଅବଶ୍ୟ । ନବେନ୍ଦୁ ଥିଲେ ଅତ୍ୟନ୍ତ କାନ୍ତିବାନ୍ ପୁରୁଷ । ପ୍ରଥମ ଦେଖାରେ ହିଁ ନବେନ୍ଦୁଙ୍କୁ ପସନ୍ଦ କରିଥିଲା କିରଣ ।

କିରଣର ବାହାଘର ହୋଇଥିଲା ମୋ' ବାହାଘରର କେଇମାସ ପୂର୍ବରୁ । ସାଙ୍ଗମାନେ ଦଳବାନ୍ଧି ଯାଇଥିଲୁ ବାହାଘରକୁ । ମନରେ ଉତ୍ସୁକତା ଥିଲା - ଏକାଧିକ ବରପାତ୍ରକୁ ନାପସନ୍ଦ କରି ଶେଷପର୍ଯ୍ୟନ୍ତ କେଉଁ କନ୍ଦର୍ପକାନ୍ତି ପୁରୁଷଙ୍କର ବାହୁପାଶରେ କିରଣ ବନ୍ଧାପଡ଼ିଲା ଜାଣିବା ପାଇଁ । ଏବଂ ନବେନ୍ଦୁଙ୍କୁ ଦେଖି ଏକପ୍ରକାର ଆଖି ଝଲସି ଯାଇଥିଲା ଆମର । ପଥର ଖୋଦେଇ ଗ୍ରୀକ୍ ଦେବତାଙ୍କ ପରି ଚେହେରା । ନିପୁଣ ଚିତ୍ରକରର ହାତଆଙ୍କା ଛବିଟିଏ ସତେ ଅବା କାନ୍‌ଭାସ୍‌ରୁ ବାହାରି ଆସି ରୂପ ନେଇ ନେଇଛି ମଣିଷର । ଫାଜିଲ୍ ରାଧିକା ଚୁପ୍‌ଚୁପ୍ କିରଣ କାନରେ କହିଲା - ଉସ୍ ! ତୋ ଭାଗ୍ୟକୁ ଦେଖି ହିଂସା ହେଉଛି ସତରେ ମୋ'ର । ଏତେ ସୁନ୍ଦର ଗୋଟିଏ ପୁରୁଷ ହୋଇପାରେ ?

କିରଣ ହସିଥିଲା ଓଢ଼ଣା ତଳେ - ଉଭୟ ଲାଜରେ ଓ ଗର୍ବରେ ।

ଏସବୁ ଅବଶ୍ୟ ପ୍ରାୟ ପନ୍ଦରବର୍ଷ ତଳର କଥା । ଯା' ଭିତରେ କିରଣର ଅନ୍ୟ କୌଣସି ଖବର ମୁଁ ରଖିନଥିଲି । ଆଜି ଅଚାନକ୍ ଦିଲ୍ଲୀର ଏଇ ଜନବହୁଳ ରେସ୍ତୋରାଁରେ ପୁନର୍ବାର ତା' ସହିତ ଦେଖା । କଥା କହିବି କି ନ କହିବିର ଦ୍ୱିବିଧାରେ ପଡ଼ି ବେଶ୍ କିଛି ସମୟ ଦୋକାନ ସାମ୍ନାରେ ଠିଆହୋଇ ରହିଲି ମୁଁ । ଏବଂ ଶେଷ ପର୍ଯ୍ୟନ୍ତ ଯେତେବେଳେ କିରଣ ଏବଂ ତା'ର ସାଥୀ ଭଦ୍ରଲୋକ ଦୋକାନର କାମ ସାରି ପାହାଚ ଡ଼େଇଁ ରାଜରାସ୍ତା ଆଡ଼କୁ ଯିବାକୁ ଉଦ୍ୟତ ହେଲେ, ମୋ ମନର ଆବେଗ ତଥା ବ୍ୟଗ୍ରତାକୁ ଦମନ କରିନପାରି ଦୌଡ଼ିଯାଇ କିରଣ ସାମ୍ନାରେ ଠିଆହୋଇ ମୁଁ କହିଲି - କିରଣ ନା ! ମତେ ଚିହ୍ନି ପାରିଲନି ? ଏକା ସାଥିରେ ପଢୁଥିଲେ ଯେ ଆମେ !

କିରଣ କିଛିସମୟ ଅବାକ୍ ହୋଇ ମତେ ଚାହିଁ ରହିଲା । ତା' ପରେ ଆଖିର ତାରା ଖୁସିରେ ଝଲମଲ୍ କରି ଓ ଉଲ୍ଲାସର ଆତିଶଯ୍ୟରେ ମୋ ହାତକୁ ଦୁଇଥର ଝାଙ୍କି



Digitized by srujanika@gmail.com

ଦେଇ କହିଲା - ଆରେ ! କାନନ ଯେ ! ତମକୁ ଏଠି ଦେଖିବି ବୋଲି ଜମା ଆଶା କରିନଥିଲି । ଏଇ ଭିଡ଼ ଭିତରେ ତମେ ନଜରରେ ଇ ପଡ଼ିନ । ତମେ କିନ୍ତୁ ଆସାମ୍‌ରେ ଥିଲ ନା !

ମୁଁ କହିଲି - ମୋ ସ୍ୱାମୀଙ୍କର ବର୍ଷେ ହେଲା ବଦଳି ହେଇଚି ଏଠିକି । କିନ୍ତୁ ତମେ କଅଣ କରୁଚ ଦିଲ୍ଲୀରେ ? କେବେଠୁ ଆସିଲଣି ଦିଲ୍ଲୀ ?

- ଓହୋ ! ମୁଁ ଯେ ଚାକିର କରୁଚି ଏଠି । କିରଣ ମୃଦୁ ହସି ଜବାବ୍ ଦେଲା ଏବଂ ତା' ପାଖରେ ଠିଆହେଇଥିବା ଭଦ୍ର ଲୋକଙ୍କୁ ମୋ'ର ପରିଚୟ ପ୍ରଦାନ କରି କହିଲା - ଇଏ ଶ୍ୟାମଳ । ଶ୍ୟାମଳ ବାନାର୍ଜୀ । ମୋ ସ୍ୱାମୀ । ଭଦ୍ରବ୍ୟକ୍ତି ମୃଦୁହସି ମତେ କହିଲେ - ଗୁଡ୍ ଇଭନିଂ । ତେବେ ଆପଣଙ୍କ କଥା ଅନେକବାର କିରଣ ମୁହଁରୁ ମୁଁ ଶୁଣିଛି । କିରଣର କବିତା ଲେଖାର ସଉକ୍ ଅଛି ତ ! ଏବେ ବି ବେଳେବେଳେ ଲେଖେ । ଆଉ ତା' କବିତା ପଢ଼ି ମତେ ଶୁଣେଇଲା ବେଳେ ସବୁବେଳେ କହେ - ମୋ' ସାଥିରେ କାନନ ବୋଲି ଝିଅଟିଏ ପଢୁଥିଲା - ସୁନ୍ଦର କବିତା ଲେଖୁଥିଲା ସିଏ ।

ଶ୍ୟାମଳଙ୍କ କଥାକୁ ମଝିରେ କାଟି କିରଣ କହିଲା - ଶ୍ୟାମଳ ! ତମେ ତ ଚମତ୍କାର ଓଡ଼ିଆ ଜାଣ । କାନନ ସାଥିରେ ଇଂରାଜୀରେ କଥା ହେଉଚ କାହିଁକି ?

କିଞ୍ଚିତ୍ ଆଶ୍ଚର୍ଯ୍ୟ ହେଇ ମୁଁ ପଚାରିଲି - ଶ୍ୟାମଳ ଓଡ଼ିଆ ଜାଣନ୍ତି ?

ଖିଲ୍‌ଖିଲ୍ ହସି କିରଣ କହିଲା, ମୋ' ସାଥିରେ ଏଇ କେଇବର୍ଷ ରହି ଖୁବ୍ ଭଲ ଓଡ଼ିଆ ଶିଖି ଯାଇଛନ୍ତି ଶ୍ୟାମଳ । ଉଚ୍ଚାରଣ ବି ଏକ୍‌ଦମ୍ ସ୍ପଷ୍ଟ ।

ମୁଁ କହିଲି - ଏତେବର୍ଷ ପରେ ଦେଖା । ମୁଁ କିନ୍ତୁ ତୁମ ଦିଜଣଙ୍କୁ ଛାଡୁନି ଆଜି । ମୋ ଘର ଏଇ ପାଖରେ, କନ୍ନଟ୍‌ପ୍ଲେସ୍‌ରେ । ଦିଜଣ ଯାକ ଚାଲ ନା ମୋ ଘରକୁ । ଏକାସାଥିରେ ଡ଼ିନର୍ ଖାଇକି ଯିବ । ପୁଅ ମୋର ସ୍କୁଲ୍‌ଏକ୍ସକରସନ୍‌ରେ କାଠମାଣ୍ଡୁ ଯାଇଛି । ବିନୟ ଟୁର୍‌ରେ । ଭାରି ଏକୁଟିଆ ଲାଗୁଥିଲା । ତମେମାନେ ଆସିଲେ ମୁଁ ନିଶ୍ଚୟ ଖୁସି ହେବି ।

ଶ୍ୟାମଳ ବିନୀତ ଭାବରେ କହିଲେ - କ୍ଷମା କରିବେ । ମୋ'ର ଏବେ ଜଣେ ଅଧ୍ୟାପକ ବନ୍ଧୁଙ୍କ ଘରକୁ ଯିବାର ଅଛି । ମୁଁ ବରଂ ଆଉ ଦିନେ କେବେ ଆସିବି । ଅବଶ୍ୟ କିରଣ ଯଦି ଚାହେଁ ଆପଣଙ୍କ ସାଥିରେ ଯାଇପାରେ ।

ମୁଁ କହିଲି - ଠିକ୍ ଅଛି । କିରଣକୁ ମୁଁ ନେଇଯାଉଛି ସାଥିରେ । ଆପଣ ତା' ଫେରିବାନେଇ ବ୍ୟସ୍ତ ହେବେନି । ମୋ' ଡ୍ରାଇଭର ତାକୁ ନେଇ ଛାଡ଼ିଦେଇ ଆସିବ । ସେଇ ବାହାନାରେ ଆପଣଙ୍କ ଘରକୁ ଦେଖିଆସିବ ମଧ୍ୟ । ଭବିଷ୍ୟତରେ ସୁବିଧା ଦେଖି ମୁଁ ଯାଇ ବୁଲି ଆସିପାରିବ ।



Digitized by srujanika@gmail.com

ମୃଦୁ ହସି ଶୁଭରାତ୍ରି ଜଣାଇ ଶ୍ୟାମଳ ବିଦାୟ ନେଲେ ଆମଠାରୁ । କିରଣକୁ ସାଥିରେ ମୁଁ ନେଇ ଆସିଲି ମୋ' ଘରକୁ ।

ବାର୍ତ୍ତାଳାପ ଭିତରେ ଜାଣିଲି ଡ଼ାଇଭୋର୍ସ ପରେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ଏମ୍.ଫିଲ୍ ଡ଼ିଗ୍ରୀ ହାସିଲ୍ କରିଥିଲା କିରଣ । ଏମ୍.ଏ.ରେ ଭଲ ଫଳାଫଳ ଥିବା ହେତୁ ସିଟ୍ ମିଳିବାରେ ବିଶେଷ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନଥିଲା । ପରେ ପରେ ସୌଭାଗ୍ୟବଶତଃ ଦିଲ୍ଲୀର ଏକ ପ୍ରଖ୍ୟାତ କଲେଜରେ ଅଧ୍ୟାପିକାର ଚାକିରଟି ମଧ ମିଳିଯାଇଥିଲା ତାକୁ । ଶ୍ୟାମଳ ଉକ୍ତ କଲେଜରେ ତା'ର ସହକର୍ମୀ । ଏଇ ଦିଲ୍ଲୀରେ ହିଁ ତାଙ୍କ ସହିତ ପରିଚୟ ଓ ପରିଣୟ । ସେମାନଙ୍କର ଚାରିବର୍ଷର ଶିଶୁକନ୍ୟା ଟିଏ ଅଛି । ନାଁ ଗୋପା ।

ଗୋପାକୁ ସାଥିରେ ଆଣିନ ଯେ ! ମୁଁ ପଚାରିଛି ।

କିରଣ କହିଲା - ମୋ ଶାଶୁ ମୋ ପାଖରେ ଥାଆନ୍ତି ତ ! ଗୋପାକୁ ତାଙ୍କରି ପାଖରେ ଛାଡ଼ିକି ଆସିଚୁ । ଗ୍ରେଟର କୈଳାସ୍‌ରେ ଶ୍ୟାମଳର ପିତାଙ୍କର ନିଜ ଘର । ଅବଶ୍ୟ ବିଗତ କେଇବର୍ଷ ହେଲା ଶ୍ୟାମଳ ପିତୃହୀନ । ତାଙ୍କ ମା'ଙ୍କର ଶ୍ୟାମଳ ଏକମାତ୍ର ସନ୍ତାନ । ସେଇଥିପାଇଁ ବୋଧହୁଏ ମୋ' ଶାଶୁ ଏତେ ଭଲପାଆନ୍ତି ମତେ । ଅତ୍ୟନ୍ତ ଉଦାର ଓ ସ୍ନେହୀ ମଣିଷ ମୋ ଶାଶୁ ।

ଆଉ ତମ ବାପା ମା ? ଏ ବିବାହରେ ରାଜି ହେଇଗଲେ ସେମାନେ ? ମୁଁ ପଚାରିଲି । କଲକଲ ହେଇ ହସିଉଠିଲା କିରଣ ମୋ କଥା ଶୁଣି । କହିଲା - ମୋ'ର ଡ଼ାଇଭୋର୍ସ ହେଇସାରିଲା ପରେ ମୋ' ଭବିଷ୍ୟତକୁ ନେଇ ବାପା ମା' ଏତେ ବେଶ ଚିନ୍ତିତ ହେଇପଡ଼ିଥିଲେ ଯେ ଶେଷପର୍ଯ୍ୟନ୍ତ ଇଚ୍ଛା କରୁଥିଲେ ଯେମିତି ଜାତିଧର୍ମ ନିର୍ବିଶେଷରେ ଯେ କୌଣସି ଗୋଟିଏ ସତ୍‌ପାତ୍ର ଦେଖି ମୁଁ ବାହା ହେଇଯାଏ । ତେଣୁ ସେ ତରଫରୁ କୌଣସି ଅସୁବିଧା ଉପୁଜି ନ ଥିଲା । ବରଂ ଶ୍ୟାମଳକୁ ନେଇ ବେଶ୍ ସୁଖୀ ସେମାନେ ।

ସାମାନ୍ୟ ନୀରବତା ପରେ କିରଣ କହିଲା - ଏଇ ବାହାଘର ନେଇ ମୁଁ ବରଂ ଦୁବିଧାରେ ପଡ଼ିଥିଲି । ଶ୍ୟାମଳକୁ ବାହା ହେବି କି ନ ହେବି, ଏଇ ଦ୍ୱନ୍ଦ୍ୱରେ ପଡ଼ି ବାହାଘର ବର୍ଷେ ଡ଼େରି ହେଇଗଲା । ଜାଣ ତ ! ଯାହା ପୁଅକୁ ସାପ କାମୁଡ଼େ ତା' ମା' ପାଳଦଉଡ଼ି ଦେଖିଲେ ଡ଼ରେ । ପ୍ରଥମ ବିଭାଘରର ବିଷାକ୍ତ ସ୍ମୃତି ଜର୍ଜରିତ କରି ରଖିଥିଲା ମନକୁ । ପୁରୁଷଜାତି ଉପରୁ ଏକପ୍ରକାର ଭରସା ଉଠିଯାଇଥିଲା ମୋ'ର । ଭୟ ବି ଲାଗୁଥିଲା ବେଳେବେଳେ । ଯାହାହେଉ, ସେ ଭୟ ମୋ'ର ଅମୂଳକ ବୋଲି ପ୍ରମାଣିତ ହେଇଯାଇଛି ଯା' ଭିତରେ । ଶ୍ୟାମଳ ଚମତ୍କାର ମଣିଷଟିଏ । ସୁରୁଚିସଂପନ୍ନ, ଅମାୟିକ ଏବଂ ଭଦ୍ର । ସ୍ତ୍ରୀ ପ୍ରତି ମର୍ଯ୍ୟାଦାବୋଧ ମଧ ଯଥେଷ୍ଟ ।



Digitized by srujanika@gmail.com

ବେଶ୍ ଆବେଗବିହୀନ ଭାବରେ ଏବଂ ସ୍ୱାଭାବିକ୍ ଢଙ୍ଗରେ କୌଣସି ପ୍ରକାର ସଂକୋଚ ପ୍ରଦର୍ଶନ ନ କରି, ତା'ର ଦ୍ୱିତୀୟ ସ୍ୱାମୀଙ୍କ ସଂପର୍କରେ ମତେ ଅବଗତ କରାଇଦେଲା କିରଣ । ମନେପଡିଲା - କିରଣ ପିଲାଦିନରୁ ହିଁ ଥିଲା ସ୍ପଷ୍ଟବାଦିନୀ । କୌଣସି ପ୍ରକାର କପଟାଚରଣ ଥିଲା ତା' ସ୍ୱଭାବ ବିରୁଦ୍ଧ । ଯାହା ସତ୍ୟ ବୋଲି ଭାବୁଥିଲା, ସେ ସଂପର୍କରେ ଆଲୋଚନା କରୁଥିଲା ବେଶ୍ ଖୋଲା ଖୋଲି ଭାବେ । ଅନ୍ୟମାନଙ୍କଠାରୁ ମଧ୍ୟ ସ୍ପଷ୍ଟ ମତାମତର ଅପେକ୍ଷା ରଖୁଥିଲା ।

ମୁଁ କହିଲି - କିରଣ, ତୁମ ଡ଼ାଇଭୋର୍ସର କାରଣ ମୁଁ ଜାଣେନି । ଏଇଭଳି ଏକ ପଦକ୍ଷେପ ନେବାପଛରେ ତୁମର ନିଶ୍ଚିତରୂପେ କୌଣସି ଯୌକ୍ତିକ କାରଣ ଥିବ ବୋଲି ମୁଁ ବିଶ୍ୱାସ କରେ । ତେବେ ତୁମକୁ ଶ୍ୟାମଳଙ୍କ ସହିତ ଦେଖିଲା ପରେ ତୁମକୁ ବନ୍ଧୁଭାବରେ ଗୋଟିଏ ପ୍ରଶ୍ନ ପଚାରିବାକୁ ମନ ହେଉଛି ଆଜି । ଆଶା ତୁମେ ସେଇଭଳି ସ୍ୱଚ୍ଛ ମନରେ ପ୍ରଶ୍ନଟିକୁ ଗ୍ରହଣ କରିବ ।

ମୋ କଥାକୁ ମଝିରେ କାଟି ଓ କମନୀୟ ହସଟିଏ ହସି କିରଣ କହିଲା - ମୁଁ ଜାଣେ ତମେ କଅଣ ପଚାରିବାକୁ ଚାହୁଁଚ । ମତେ ଜାଣିଥିବା ପ୍ରତ୍ୟେକଟି ମଣିଷ ମତେ ଏଇ ପ୍ରଶ୍ନଟି ପଚାରନ୍ତି । ନବେନ୍ଦୁ ତୁଳନାରେ ଶ୍ୟାମଳଙ୍କର ଚେହେରା ନିହାତି ସାଧାରଣ । ସୁନ୍ଦର ମଣିଷଟିଏ ବାହାହେବାପାଇଁ ପଣ କରିଥିବା ମୁଁ ଶେଷ ପର୍ଯ୍ୟନ୍ତ ଶ୍ୟାମଳଙ୍କୁ ବାହାହେଲି କେମିତି ? ଏଇଆ ଜାଣିବାକୁ ଚାହୁଁଚ ତ !

ମୁଁ କହିଲି - ତୁମେ ନିଶ୍ଚୟ ସ୍ୱୀକାର କରିବ ଯେ ନବେନ୍ଦୁ ଅତ୍ୟନ୍ତ ସୁପୁରୁଷ ଥିଲେ ।

କିରଣ ତାଚ୍ଛଲ୍ୟମିଶା ସ୍ୱରରେ କହିଲା - ଫୁଃ ! ସୁପୁରୁଷ । ନବେନ୍ଦୁପରି କୁପୁରୁଷଟିଏ ପୃଥିବୀରେ ବହୁତ କମ୍ ଥିବେ ବୋଲି ମୁଁ ଭାବେ । ନ ହେଲେ ତାଙ୍କ ବିରୁଦ୍ଧରେ ନିର୍ଯ୍ୟାତନାର ମାମଲା ଦ୍ରୁଜ୍ଞାଟାକୁ ମୁଁ ଆଣିଥିଲି ?

ମୁଁ ଆଶ୍ଚର୍ଯ୍ୟ ହେଇ କହିଲି - ନିର୍ଯ୍ୟାତନା ? ତମେ ନିର୍ଯ୍ୟାତିତ ହେଇଥିଲ ନବେନ୍ଦୁଙ୍କ ଦ୍ୱାରା ? ଏଭଳି ଦେବୋପମ ଚେହେରା ପଛରେ କଅଣ ଏଭଳି ଦୋଷ ଓ ଦୁର୍ଗୁଣ ଛପି ରହିଥିଲା ?

ଅଚାନକ୍ ଗମ୍ଭୀର ହେଇଯାଇ କିରଣ କହିଲା - ବାହାରୁ ଦେଖି କଅଣ ବା ଜାଣୁ ଆମେ ଗୋଟିଏ ମଣିଷ ସଂପର୍କରେ ? ଯେଉଁ ଲୋକଟିକୁ ସୁନ୍ଦର ବୋଲି ତମେ କହୁଚ, ତା'ର ଅସଲ ରୂପ ମୁଁ ଦେଖିଛି ? ଲୋକଟି ଭଲପାଇବା କହିଲେ କେବଳ ବୁଝୁଥିଲା ଶରୀରକୁ । ମନ ବୋଲି ଯେ ଗୋଟିଏ ଜିନିଷ ଅଛି ଏବଂ ଶରୀର ସହିତ ତା'ର ଯେ ଏକ ଅବିଚ୍ଛେଦ୍ୟ ସଂପର୍କ ରହିଛି ଏକଥାଟି ଲୋକଟି ମୁଣ୍ଡରେ ପଶିନଥିଲା । ତା' ପାଇଁ ଦାମ୍ପତ୍ୟ ଜୀବନ ଥିଲା ଜାନ୍ତବକ୍ଷୁଧା ଚରିତାର୍ଥ କରିବାର ଏକ ଅବିରତ ପ୍ରୟାସ ।



Digitized by srujanika@gmail.com

ମୁଁ କହିଲି - ତାହା କିନ୍ତୁ କେତେକାଂଶରେ ଲୋକଟିର ତୁମପ୍ରତି ତା'ର ତୀବ୍ର ଆକର୍ଷଣକୁ ପ୍ରମାଣ କରେନିକି ?

କିରଣ କହିଲା - ଏଇଠି ଭୁଲ୍ କରୁଚ ତମେ । ଗୋଟିଏ ଦାମ୍ପତ୍ୟ ଜୀବନ ସଫଳ ହେବାପାଇଁ ଅନ୍ୟାନ୍ୟ ବହୁସ୍ତରରେ ତାହାକୁ ସମୃଦ୍ଧ ହେବାକୁ ପଡ଼ିଥାଏ । କେବଳ ଶରୀର ସର୍ବସ୍ୱ ହେଲେ କେତେଦିନ ବା ତିଷ୍ଠିରହିବ ସେ ସଂପର୍କ ? ତାହା ତ ଏକପ୍ରକାର ପଶୁର ଜୀବନ । ମଣିଷ ତ ଆଉ ଅବେଗବିହୀନ ଜାନୱାର ନୁହେଁ । ମଣିଷ ଜୀବନରେ ସତ୍ୟ, ଶିବ, ସୁନ୍ଦରର ମଧ ପ୍ରୟୋଜନ ଅଛି । ଭଲପାଇବା ଦୁଇଟି ମଣିଷ ଭିତରେ ଥିବା ସଂପର୍କକୁ ବିସ୍ତାରିତ କରେ । ଗୋଟିଏ ନିର୍ଦ୍ଦିଷ୍ଟ ସରହଦ୍ ଭିତରେ ତାକୁ ବନ୍ଦୀ କରି ରଖେନି । ଭଲ ପାଇବାର ଯେ ଅନେକ ରଙ୍ଗ । ଇନ୍ଦ୍ରଧନୁ ପରି । ଖାଲି ଗୋଟିଏ ରଙ୍ଗରେ କଅଣ ତାକୁ ସୀମିତ କରି ରଖାଯାଇପାରେ ?

କିଛି ସମୟ ଅଟକି ପୁନର୍ବାର କିରଣ କହିଲା - ତମର ମନେଥିବ, ମୁଁ ସବୁବେଳେ କହୁଥିଲି ପୂର୍ଣ୍ଣମୀ ତିଥିର ଜୋସ୍ନାଭିଜା ବେଳାଭୂଇଁରେ ବସି ମୋ' ସ୍ୱାମୀଙ୍କୁ ମୁଁ ମୋ କବିତା ଶୁଣାଇବା ମୋ'ର ସବୁଠାରୁ ବଡ଼ ସ୍ୱପ୍ନ । ଦିନେ କଥାପ୍ରସଙ୍ଗରେ ନବେନ୍ଦୁକୁ ଏକଥା କହିଥିଲି । ନବେନ୍ଦୁର ପ୍ରତିକ୍ରିୟା କଅଣ ହୋଇଥିଲା ଜାଣ ? ବିରକ୍ତି ଓ ବିଦ୍ରୂପମିଶା ଚାହାଣୀରେ ମତେ ଅପଦସ୍ଥ କରି ମୋ'ର ମାନସିକ ସୁସ୍ଥତା ସଂପର୍କରେ ସନ୍ଦେହ ପ୍ରକାଶ କରିଥିଲା ସିଏ । ପରସ୍ପରର ସ୍ନିଗ୍ଧ ସାନ୍ନିଧ ଭିତରେ ଯେ ଭଲପାଇବା ଅନେକାଂଶରେ ନିହିତ ଅଛି, ଏଇ ସତ୍ୟଟି ସଂପର୍କରେ ନବେନ୍ଦୁ ଥିଲା ସଂପୂର୍ଣ୍ଣ ରୂପେ ଅଜ୍ଞ ।

ମୁଁ କହିଲି - ତୁମ ବାହାଘର ବେଳେ ଆମେ ସବୁ ନବେନ୍ଦୁକୁ ଦେଖି ତୁମକୁ କିନ୍ତୁ ବେଶ୍ ଇର୍ଷା କରିଥିଲୁ । ତୁମ ଘରୁ ଫେରିଲା ବାଟରେ ରାଧିକା କହିଥିଲା, ଏତେଦିନ ପରେ ରୀତିମତ୍ ପୌରୁଷ ଥିଲାଭଳି ମଣିଷଟିଏ ସିଏ ଦେଖିଲା ।

କିରଣ କହିଲା - ପୁରୁଷକାର ମାନେ ତ ବଳିଷ୍ଠ ବ୍ୟକ୍ତିତ୍ୱ । ସେ କଥାଟି ନବେନ୍ଦୁ ବୁଝି ନ ଥିଲା ଆଦୌ । ପୌରୁଷ ଶବ୍ଦଟିର ଏକ କଦର୍ଥ ବାହାର କରିଥିଲା ସିଏ । ଧରି ନେଇଥିଲା ଗୋଟିଏ ସ୍ୱାମୀ ତା' ସ୍ତ୍ରୀ ଉପରେ ପୌରୁଷ ଜାହିର୍ କରେ କେବଳ ଶାରିରୀକ ଆକ୍ରମଣ ଦ୍ୱାରା । ତୁମେ ପଢ଼ିଥିବ, ପଶୁପକ୍ଷୀମାନଙ୍କ ପରି ଜନ୍ତୁଜୀବ ମଧ ସଂଭୋଗ କରିଥାଆନ୍ତି କେବଳ ଏକ ନିର୍ଦ୍ଦିଷ୍ଟ ସମୟରେ ବା ଋତୁରେ । ନବେନ୍ଦୁ ଥିଲା ପଶୁଠାରୁ ବି ହୀନ । ସମୟ ଅସମୟର ଜ୍ଞାନ ନ ଥିଲା ତା'ର । ତା' ପାଇଁ ନାରୀଥିଲା କେବଳ ଜାନ୍ତବକ୍ଷୁଧା ନିବାରଣ ପାଇଁ ଉଦ୍ଦିଷ୍ଟ ମସ୍ତିଷ୍କବିହୀନ ମାଂସ ପିଣ୍ଡୁଳାଟିଏ । ଯେଉଁଦିନ ମୋ' ବାପା ହାର୍ଟ ଆଟାକ୍‌ରେ ମମୂର୍ଷ ଅବସ୍ଥାରେ ହସ୍‌ପିଟାଲରେ ପଡ଼ିଥିଲେ ଓ ମାନସିକ ସ୍ତରରେ ମୁଁ ଅତ୍ୟନ୍ତ ବିକଳ ଥିଲି, ସେଦିନ ବି ମୁଁ ତ୍ରାହିପାଇନି ତା'ଠାରୁ । ଯେମିତିକି ତ୍ରାହି ପାଇନି ଦେହରେ ଶହେ ଡିଗ୍ରି ଜ୍ୱର



Digitized by srujanika@gmail.com

ନେଇ ଭାଇରାଲ୍ ଫିଭର୍‌ରେ ଆକ୍ରାନ୍ତ ହେଲାବେଳେ । ଇଏ ବଳାତ୍କାର ନୁହେଁ ତ ଆଉ କଅଣ ? ଗୋଟିଏ ନାରୀକୁ ତା'ର ଇଚ୍ଛା ବିରୁଦ୍ଧରେ ଲୁଣ୍ଠନ କରିବାଟାଇ ତ ବଳାତ୍କାର ।

ଏକାସାଥିରେ ଅନେକଗୁଡ଼ିଏ କଥା କହି ଅଚାନକ୍ ଚୁପ୍ ହୋଇଗଲା କିରଣ । ମୁଁ ପଚାରିଲି - ଆଉ ତମର ସେଇ ସୌନ୍ଦର୍ଯ୍ୟ ପିପାସୁ ମନ ?

କିରଣ କହିଲା - ସେ ମନ ଏବେ ବି ଅଛି । ଏବେ ବି ମୁଁ ସୌନ୍ଦର୍ଯ୍ୟର ପୂଜାରିଣୀ । ସେଇଥିପାଇଁ ତ ବାହାହେଲି ଶ୍ୟାମଳଙ୍କୁ ।

ମୁଁ ବିସ୍ମୟର ଭଙ୍ଗୀରେ ଚାହିଁଲି କିରଣକୁ ।

କିରଣ କହିଲା - ଭୁଲ୍ ମୁଁ କରିଥିଲି । ସୌନ୍ଦର୍ଯ୍ୟର ସଂଜ୍ଞା ଠିକ୍‌ରୂପେ ଜଣା ନ ଥିଲା ମତେ । ଉଜ୍ଜ୍ୱଳ ତ୍ୱକ୍ ତଥା ଏବଂ ଏକ ନିର୍ଦ୍ଦିଷ୍ଟ ମାପର ଆଖି, ନାକ ଓ ଚିବୁକକୁ ଧରି ନେଇଥିଲି ସୌନ୍ଦର୍ଯ୍ୟର ପରିମାପକ ବୋଲି । ସୌନ୍ଦର୍ଯ୍ୟ ଯେ ଅନ୍ତର୍ନିହିତ ଆତ୍ମାର ଏକ ସୁବିମଳ ପ୍ରକାଶ, ସେ କଥା ବୁଝିପାରିନଥିଲି ।

କିଛି ସମୟ ଅଟକି କିରଣ ପୁନର୍ବାର କହିଲା - ସୌନ୍ଦର୍ଯ୍ୟ ବାହାରର ଜିନିଷ ନୁହେଁ କାନନ । ସୌନ୍ଦର୍ଯ୍ୟ ଫୁଟିବାହାରେ ଭିତରୁ । ଅନ୍ତରାତ୍ମାରୁ । ଏଇକଥାଟି ଶ୍ୟାମଳଙ୍କ ସହିତ ଘନିଷ୍ଠ ନ ହୋଇଥିଲେ ମୁଁ ହୁଏତ ବୁଝି ପାରିନଥାନ୍ତି । ତୁମ ଆଖିରେ ଶ୍ୟାମଳଙ୍କ ଚେହେରା ନିହାତି ସାଧାରଣ ମନେ ହୋଇପାରେ । ମୋ ପାଇଁ କିନ୍ତୁ ସିଏ ଭାରି ସୁନ୍ଦର ମଣିଷଟିଏ । ମତେ ଧନ୍ୟ କଲା ପରି ମଣିଷଟିଏ ।

କଥା ଶେଷ ଆଡ଼କୁ କିରଣର ଗଳା ସାମାନ୍ୟ ଭାରି ହୋଇ ଆସିଲା । ଆଖି ହୋଇ ଉଠିଲା ସଜଳ ।

ମୁଁ କହିଲି - ତମେ କାନ୍ଦି ପକେଇଲ ଯେ !

କିରଣ କହିଲା - ତମେ ବ୍ୟସ୍ତ ହୁଅନା । ଇଏ ଦୁଃଖର ନୁହେଁ । ସୁଖର ଲୁହ । ଶ୍ୟାମଳଙ୍କ ପରି ସ୍ୱାମୀଟିଏ ପାଇଥିବା ହେତୁ ମୁଁ ଏଇ ଲୁହ ମାଧ୍ୟମରେ ହିଁ ଭଗବାନଙ୍କୁ କୃତଜ୍ଞତା ଜଣାଏ ।

●●●



Digitized by srujanika@gmail.com

# ସ୍ୱାମୀ

କାହାଣୀଟି ଶ୍ରୀମତୀ ମୀରା ଶର୍ମାଙ୍କଠାରୁ ଶୁଣା । ମାସେ ତଳେ ସାନଭଉଣୀ ବୁଲୁଘରକୁ ରାଉରକେଲା ଯାଇଥିଲି । ସେତିକିବେଳେ ।

ମୀରାଙ୍କ ସ୍ୱାମୀ ଡ଼କ୍ଟର ସୁକୁମାର ଶର୍ମା ଥିଲେ ବୁଲୁର ସହକର୍ମୀ ତଥା ପଡ଼ୋଶୀ । ଘରକୁ ଲାଗି ଘର । ମଝିରେ କେବଳ ତାରବାଡ଼ ଏବଂ ଘଞ୍ଚ ହେଇ ବଢ଼ିଥିବା ଫୁଲଝାଡ଼ୁ ଗଛର ଗାଢ଼ସବୁଜ ବୁଦା । ତାରବାଡ଼ ମଝିରେ ଥିବା ସାନଫାଟକଟି ଖୋଲି ଶର୍ମାଦମ୍ପତି ସମୟ ପାଇଲେ ପ୍ରାୟ ଆସୁଥିଲେ ବୁଲିବାକୁ । ଦିହେଁ ମଧ୍ୟବୟସ୍କ । ଏକମାତ୍ର କନ୍ୟା ବୁର୍ଲାରେ ଇଞ୍ଜିନିୟରିଂ ପଢ଼େ ।

ଏବଂ ଯେତେବେଳେ ବି ମୁଁ ଶର୍ମାଦମ୍ପତିଙ୍କୁ ଦେଖୁଥିଲି, ସେତେବେଳେ ଶ୍ରୀମତୀ ଶର୍ମାଙ୍କ ପ୍ରତି ମନଗହନରେ କେଉଁଠି ସାମାନ୍ୟ ଟିକିଏ ଈର୍ଷାର ଉଦ୍ରେକ ହେଉଥିଲା । ସୁକୁମାରଙ୍କର ଭାବଭଙ୍ଗୀରେ ପତ୍ନୀପ୍ରତି ପ୍ରକାଶିତ ହେଉଥିବା ଅନାବିଳ ଓ ପ୍ରଗାଢ଼ ପ୍ରୀତିର ବ୍ୟଞ୍ଜନା ଦେଖି । ଏଭଳି ସ୍ନେହଶୀଳ ଏବଂ ସ୍ତ୍ରୀ ପ୍ରତି ଐକାନ୍ତିକ ଭାବରେ ଅନୁରକ୍ତ ପତିଟିଏ ମୁଁ ଖୁବ୍ କମ୍ ଦେଖିଛି ଜୀବନରେ ।

ମୀରାଙ୍କର ସାମାନ୍ୟତମ ଇଚ୍ଛାକୁ ବି ପୂରଣ କରିବାକୁ ସୁକୁମାର ଥିଲେ ସଦାସର୍ବଦା ଅଧୀର । ଦିନେ ସକାଳେ ପ୍ରାତଃଭ୍ରମଣ କରିବା ସମୟରେ ସୁକୁମାରଙ୍କୁ ଦ୍ରୁତ ସ୍କୁଟର ଚାଳନା କରି ରାଜପଥରେ ଯାଉଥିବାର ଦେଖିଲି । ମତେ ଦେଖି ଗାଡ଼ି ଅଟକାଇଲେ । ପଚାରି ବୁଝିଲି, ସହରର ଉପକଣ୍ଠରେ ଥିବା କୌଣସି ଏକ ଗ୍ରାମୀଣ ଇଲାକାରେ ପ୍ରତିଦିନ ପୂର୍ବାହ୍ଣରେ ହାଟ ବସେ । ଅନେକ ଆଦିବାସୀ ତଥା ଆଖପାଖ ଗାଁର ମହିଳାମାନେ ସ୍ୱ ବାରିବଗିଚାର ତାଜା ପରିବା ଧରି ଆସନ୍ତି ସେ ହାଟକୁ । ସେଇ ହାଟରେ ମିଳୁଥିବା ପିତାଶାଗ କୁଆଡ଼େ ମୀରାଙ୍କର ଭାରି ପ୍ରିୟ । ତାକୁଇ ଆଣିବାକୁ ଯାଉଛନ୍ତି ସୁକୁମାର । ଆଠଟାବେଳେ ହସ୍‌ପିଟାଲ୍‌ରେ ଡ଼ିଉଟି । ଘରେ ଶୀଘ୍ର ଶାଗ ପହଞ୍ଚାଇ ଦେଇ ଡ଼ିଉଟିକୁ ବାହାରିବାକୁ ହେବ ।

ସେଇଦିନ ଖରାବେଳେ । ବୁଲୁ ଓ ତା ସ୍ୱାମୀ ଦିହେଁ ଯାଇଛନ୍ତି ହସ୍‌ପିଟାଲ୍ । ଲନ୍‌ପାଖ ପୋର୍ଟିକୋରେ ଆରାମ କରି ବସି ମୁଁ ଗୋଟିଏ ପୁରୁଣା ଇଂରାଜୀ ପତ୍ରିକାର ପୃଷ୍ଠା ଓଲଟାଉଛି, ଫାଟକ ଖୋଲି ମୀରା ଆସି ପହଞ୍ଚିଲେ ମୋ ପାଖରେ । ହାତରେ ସାନ ଟିଫିନ ଡ଼ବା ଦୁଇଟି ଧରି । ଡ଼ବା ଦୁଇଟି ମୋ ହାତକୁ ବଢ଼ାଇ ଦେଇ କହିଲେ - ନାନୀ, ଆପଣ କେବେ ପିତାଶାଗ ଖାଇନାହାନ୍ତି କହୁଥିଲେ ପରା ! ଆଳୁ ବାଇଗଣ



Digitized by srujanika@gmail.com

ସାଥିରେ ବଢ଼ିଉଠା ଆଉ ବେଷର ଦେଉଳି ରାନ୍ଧିଛି ଆଜି । ଖାଇ ଦେଖିବେ ତ କେମିତି ଲାଗୁଛି - ଆଉ ସେ ବଡ଼ ଡ଼ବାଟିରେ ଛେନା ତରକାରୀ ଅଛି । କରିଥିଲି ତ । ଟିକିଏ ନେଇ ଆସିଛି ଆପଣଙ୍କ ପାଇଁ ।

ମୀରାଙ୍କଠାରୁ ଡ଼ବା ଦୁଇଟି ନେଇ ଘର ଭିତର ଡ୍ରାଇନିଂ ଟେବୁଲରେ ସଜାଇ ରଖୁରଖୁ ପରିହାସ କରି କହିଲି - ମୀରା, ସୁକୁମାରଙ୍କ ସାଥିରେ ଦେଖା ହେଉଥିଲା ଆଜି ସକାଳେ, ବିଚରା ଭୋରରୁ ଉଠି ତୁମପାଇଁ ଶାଗ ଆଣିବାକୁ ବାହାରିଥିଲେ । ରୀତିମତ ପ୍ରେମିକ ସ୍ୱାମୀଟିଏ ପାଇଛ ତମେ । ବୁଲୁ କହୁଥିଲା କୁଆଡ଼େ ପ୍ରତ୍ୟେକ ବିବାହବାର୍ଷିକୀରେ ଶାଢ଼ୀ ଓ ପ୍ରତି ଜନ୍ମଦିନରେ ଗହଣା ଉପହାର ଦିଅନ୍ତି ତୁମକୁ । ସତରେ ତମେ ଭାରି ସୌଭାଗ୍ୟବତୀ ।

ମୃଦୁହସି ମୀରା କହିଲେ - କେବଳ ଶାଢ଼ୀ ଓ ଗହଣା କଅଣ ଏକନିଷ୍ଠ ପ୍ରେମର ପରିମାପକ ? ମୁଁ କହିଲି - ତା ଅବଶ୍ୟ ନୁହେଁ । ତେବେ ଯାହା ଦେଖୁଛି, ତୁମର ସୁଖ ସୁବିଧା ପ୍ରତି ସୁକୁମାର ଭାରି ଯତ୍ନଶୀଳ । ପ୍ରାଣରୁ ଅଧିକ ଭଲ ପାଆନ୍ତି ତମକୁ ।

ସୁକୁମାରଙ୍କୁ ନେଇ ମୁଁ କରିଥିବା ମନ୍ତବ୍ୟଟିକୁ ସଂପୂର୍ଣ୍ଣ ଉପେକ୍ଷା କରି ମୀରା କହିଲେ-ସ୍ତ୍ରୀକୁ ପ୍ରାଣଠାରୁ ଅଧିକ ଭଲ ପାଉଥିବା ସ୍ୱାମୀ ମୁଁ କେବଳ ଜଣକୁ ହିଁ ଦେଖିଛି ମୋ ଜୀବନରେ । ଆଚ୍ଛା କହିଲେ ନାନୀ ! କେତେଜଣ ଲୋକ ଜାଣିଶୁଣି ସ୍ତ୍ରୀପାଇଁ ନିଜ ଜୀବନ ଉତ୍ସର୍ଗ କରିପାରିବେ ? ସ୍ତ୍ରୀକୁ ବଞ୍ଚାଇବାପାଇଁ ମରିବାକୁ ତିଆର୍ ହେଇପାରିବେ ?

ମୁଁ କହିଲି - ସ୍ୱାମୀ କାହିଁକି ? ସ୍ତ୍ରୀଟିଏ କଅଣ ସହଜରେ ତାହା କରିପାରିବ ? ଯଦି ଗୋଟିଏ ସ୍ତ୍ରୀକୁ କୁହାଯାଏ ଯେ ସିଏ ଚିତାଗ୍ନିରେ ଝାସ ଦେଲେ ତା' ସ୍ୱାମୀ ପୁନରୁଜ୍ଜୀବିତ ହୋଇଯିବେ, ତେବେ ସିଏ କଅଣ ଚିନ୍ତାଶୂନ୍ୟ ଭାବରେ ସାଙ୍ଗେ ସାଙ୍ଗେ ଡ଼େଇଁ ପଡ଼ିପାରିବ ନିଆଁକୁ ?

ମୀରା କହିଲେ - ଠିକ୍ କହିଚ ନାନୀ, କିନ୍ତୁ ସ୍ତ୍ରୀ ଲାଗି ମରିବାଲାଗି ତିଆର୍ ହେଇଥିବା ସ୍ୱାମୀଟିଏ ମୁଁ ଦେଖିଛି ମୋ ଜୀବନରେ । ବହୁବର୍ଷ ପରେ ଆଜି ତା କଥାଟି ମନେପଡ଼ିଗଲା ।

ମୁଁ କହିଲି - ମୀରା, ତମ କଥାଟି କିନ୍ତୁ ସତରେ ଭାରି ଉତ୍କଣ୍ଠା ତଥା କୌତୂହଳ ସୃଷ୍ଟି କରୁଛି ମନରେ ।

କାନ୍ଥ ଘଣ୍ଟାକୁ ଚାହିଁ ମୀରା କହିଲେ - ଆପଣଙ୍କ ଭଉଣୀ, ଭଉଣୀଜୋଇଁ ଏବଂ ଡ଼କ୍ଟର ଶର୍ମା, ତିନିହେଁ ହସ୍‌ପିଟାଲ୍‌ରୁ ଫେରିବେ ଯାଇ ଦିନ ଦୁଇଟାରେ । ଆହୁରି ଦେଢ଼ଘଣ୍ଟା ପରେ । ଗପଟି ବରଂ କହିଦିଏ ଆପଣଙ୍କୁ । ମତେ ତ ଲେଖି ଆସେନି । ଶୁଣିଥିଲେ ଆପଣ ହୁଏତ କେଉଁ ପୂଜାସଂଖ୍ୟା ପତ୍ରିକାପାଇଁ କାହାଣୀଟିଏ ଲେଖିଦେବେ ।



Digitized by srujanika@gmail.com

ମୁଁ କହିଲି – ଜରୁର୍ । ଏବଂ ଡ୍ରଇଂ ଟେବ୍‌ଲ୍‌ର ଚେୟାରଟି ଟାଣିଆଣି ଓ ଆରାମ କରି ବସି ମାଉ କହିବାକୁ ଆରମ୍ଭ କଲେ ତାଙ୍କ ଜୀବନରେ ଭେଟିଥିବା ଏକ ନିଷ୍ଠାବାନ୍ ପତିର ଅବିଶ୍ୱସନୀୟ ପ୍ରେମ କାହାଣୀ । କାହାଣୀଟି ମାଉ ପ୍ରଥମ ପୁରୁଷରେ କହିଥିଲେ । ସେଇଭଳି ହିଁ ଉପସ୍ଥାପନା କରୁଚି ।

"ଆପଣ ବୋଧହୁଏ ଜାଣନ୍ତିନି, ବିବାହୋତ୍ତର ପ୍ରଥମ କେତୋଟି ବର୍ଷ ମୋର କଟିଛି ଆସାମରେ । ସୁକୁମାର ଏମ୍.ବି.ବି.ଏସ୍. ପାଶ୍ କଲାପରେ ପ୍ରଥମ୍ ଚାକିରି ସେଇଠାରେ ହିଁ କରିଥିଲେ । ଆସାମର ଏକ ଟି ଇଷ୍ଟେଟ୍ ସଂଲଗ୍ନ ଗୋଟିଏ ଛୋଟିଆ ହସ୍‌ପିଟାଲ୍‌ରେ । ଟି ଇଷ୍ଟେଟ୍‌ଟିର ନାଁ ଥିଲା ଚେନିଜାନ୍ । ଅବସ୍ଥିତି ଆସାମର ଶିବସାଗର ଜିଲ୍ଲାରେ । ଆଖପାଖ କେତୋଟି ଚା ବଗିଚାରେ କାର୍ଯ୍ୟରତ ଅଫିସର ତଥା ଶ୍ରମିକ ମାନଙ୍କ ପାଇଁ ହସ୍‌ପିଟାଲ୍‌ଟି ଥିଲା ଉଦ୍ଦିଷ୍ଟ ।

ଚେନିଜାନ ଜାଗାଟି ଥିଲା ଭାରି ଚମତ୍କାର । ଚାରିପଟେ ସବୁଜିମାର ଲହରୀ ଖେଳୁଥିବା ନିର୍ଜନ, ଶବ୍ଦବିହୀନ ଇଲାକା । ଟି ଇଷ୍ଟେଟ୍ ଗୁଡ଼ିକ ସାଧାରଣତଃ ସହରଠାରୁ ଦୂରରେ ହୋଇଥାଏ । ଗଡ଼ାଣିଆ ଢ଼ାଲୁଜମିରେ ଅଣ୍ଟେ ଉଚ୍ଚର ଚା' ବୁଦା, ମାଇଲ୍ ମାଇଲ୍ ଧରି ପରିବ୍ୟାପ୍ତ । ବୁଦାଗୁଡ଼ିକୁ ଛାୟାଶୀତଳ ରଖିବାପାଇଁ କ୍ଷେତ ମଝିରେ କିଛି ଦୂରତ୍ୱ ବଜାୟ ରଖି ବଡ଼ ବଡ଼ ଗଛମାନ । ଚତୁର୍ଦ୍ଦିଗରେ ଆଖି ଅପହୃଷ୍ଟ ଶ୍ୟାମଶ୍ରୀ । କେବଳ କେତୋଟି ଅଫିସରଙ୍କ ବଙ୍ଗ୍‌ଲୋକୁ ବାଦ୍‌ଦେଲେ ବାକି ଜନବସତି ନାହିଁ କହିଲେ ଚଳେ । ଆସ୍ଥାନା କେବଳ ଚା' ବଗିଚାର ଶ୍ରମିକମାନଙ୍କର । ଟି. ଇଷ୍ଟେଟ୍ ପାଖରେ ସେମାନଙ୍କର ଟିଣ ଓ ଛପରଚାଳର ବସ୍ତି । ପିଠିରେ ବଡ଼ ବଡ଼ ବେତଝୁଡ଼ି ଓହଳାଇ ବିଚକ୍ଷଣ ହାତରେ କଳିପତ୍ର ତୋଳନ୍ତି ସେ ଶ୍ରମିକମାନେ । ବେଶୀଭାଗ ମହିଳା । କଦବା କେମିତି ପୁରୁଷ ଶ୍ରମିକଟିଏ ।

ଲାଲ୍ ବାହାଦୁର ଥାପା ଥିଲା ଏଇ ଶ୍ରମିକମାନଙ୍କ ସୁପରଭାଇଜର । କାମ ଠିକ୍ ଭାବରେ ହେଉଛି ନା ନାହିଁ ତଦାରଖ କରିବାର ଦାୟିତ୍ୱ ଥିଲା ତା' ଉପରେ । ସାଥିରେ ଟି.ଇଷ୍ଟେଟ୍‌ର ଅନ୍ୟାନ୍ୟ କିଛି କିଛି କାମ ମଧ୍ୟ ଦରକାର ପଡ଼ିଲେ କରିଦେଉଥିଲା । ପାଖ ସହର ଜୋର୍‌ହାଟ ଯାଇ ହସ୍‌ପିଟାଲ୍‌ପାଇଁ ଔଷଧ, ଇଞ୍ଜେକ୍‌ସନ୍ ତଥା ଅନ୍ୟାନ୍ୟ ଆବଶ୍ୟକୀୟ ସରଞ୍ଜାମ ମଧ୍ୟ ଆଣି ଦେଉଥିଲା କେବେ କେମିତି । ଚବିଶ ପଚିଶ ବର୍ଷର ସଚ୍ଚୋଟ, ସାଧୁ ସ୍ୱଭାବର ଯୁବକ । ବସ୍ତିରେ ନ ରହି ରହୁଥିଲା ଆମ ଘରର ପଛପାଖରେ ଥିବା ଆଉଟ୍ ହାଉସ୍‌ରେ ।

ମୁଁ ପହଞ୍ଚିବାର ପ୍ରାୟ ଦୁଇ ତିନିମାସ ପରେ । ଦିନେ ସନ୍ଧ୍ୟାରେ ଆସି ବେଶ୍ ବିନମ୍ରଭଙ୍ଗୀରେ ଓ ନତମସ୍ତକ ହୋଇ ମୋ' ସାମ୍‌ନାରେ ଠିଆହେଲା ବାହାଦୁର । ବୁଝିପାରିଲି କିଛି ଗୋଟିଏ ଗୁହାରି-ନେଇ ଆସିଛି ନିଶ୍ଚୟ ।

ପଚାରିଲି – କଅଣ ହେଲା ବାହାଦୁର ? କିଛି କହିବ ?



Digitized by srujanika@gmail.com

କାନ କୁଣ୍ଡାଉ କୁଣ୍ଡାଉ ବାହାଦୂର ଜଣାଇଲା ଯେ ମୋ'ର ଯଦି କିଛି ଆପତ୍ତି ନ ଥାଏ, ତା ହେଲେ ତା' ପିତାମାତାଙ୍କୁ ଆଣି ସିଏ ନିଜ ପାଖରେ ଆଉଟ୍‌ହାଉସ୍‌ରେ ରଖିବ । ସିଏ ପିତାମାତାଙ୍କର ଏକ ମାତ୍ର ସନ୍ତାନ ଏବଂ ବାପାମା'ଙ୍କୁ ପାଖରେ ଆଣି ରଖିବାକୁ ନିଜର କର୍ତ୍ତବ୍ୟ ବୋଲି ଭାବେ ।

ପଚାରିଲି - ତୁମ ବାପା ମା' ଏବେ କେଉଁଠି ?

- ସେମାନେ ଏବେ ଗାଁ'ରେ । ଗାଁ'ଟି ଦାର୍ଜିଲିଂ ପାଖାପାଖି । ଦୁର୍ଗମ ଗିରିସଂକୁଳ ବାଟ ଦେଇ ଚାଲି ଚାଲି ଯିବାକୁ ପଡ଼େ । ଛୋଟିଆ ଜନବସତିଟିଏ । ମାତ୍ର କେତୋଟି ନେପାଳୀ ପରିବାର ରହନ୍ତି ସେଠି ।

ଅଳ୍ପ ସମୟ ଅଟକି ବାହାଦୂର ପୁନର୍ବାର କହିଲା - ଏମିତିରେ ମୁଁ ମଝିରେ ମଝିରେ ମାଆକୁ ଟଙ୍କା ପଠାଏ । ମ୍ୟାନେଜର ସାହେବ କିନ୍ତୁ କହିଛନ୍ତି ମା' ଆସିଲେ ତାକୁ ପତ୍ର ତୋଳା କାମରେ ଲଗେଇଦେବେ । ମା' ରୀତିମତ ଦରମା ପାଇବ । ଟଙ୍କା ପଇସାର ଚିନ୍ତା ବି ମୋ'ର କିଛିଟା କମିଯିବ । ଆପଣ ଦେଖିବେ ମେମ୍‌ସାହେବ, ମୋ ମା' ଭାରି ଥଣ୍ଡା ମିଜାଜ୍‌ର । ମାଡ଼ ମାରିଲେ ବି ପାଟିରୁ କଥା ବାହାରେନି । ଦରକାର ବେଳେ ଆପଣଙ୍କର ବି କାମ କରିଦେବ ସିଏ ଖୁସିରେ ।

ବାହାଦୂର କଥାରେ ନାମଙ୍ଗ ହେବାର କୌଣସି କାରଣ ନ ଥିଲା । ଏମ୍ତିରେ ସୁକୁମାର ହସ୍‌ପିଟାଲ୍ ଚାଲିଗଲା ପରେ ଜନବସତିଠାରୁ ସଂପୂର୍ଣ୍ଣ ରୂପେ ବିଚ୍ଛିନ୍ନ ସୁବୃହତ୍ କ୍ୱାର୍ଟରଟିରେ ଏକା ଏକା ରହୁଥିଲି । ମଣିଷଟିଏ ଦେଖିବା ବି ଥିଲା ସାତସ୍ୱପ୍ନ । ଭାବିଲି ଲୋକ ଦୁଇଟି ଆସି ପାଖରେ ରହିଲେ ବିପଦ ଆପଦରେ ହୁଏତ ମୋ'ର ସହାୟ ହେବେ । ଦିଗନ୍ତ ବିସ୍ତୃତ ଚା' ବଗିଚାର ନିର୍ଜ୍ଜନତାପୁରେ ମତେ ବ୍ୟତିବ୍ୟସ୍ତ କରିଦେଉଥିବା ଏକାକୀତ୍ୱର ବହଳ ବିଷଣ୍ଣତା ହୁଏତ ମଣିଷ ଦୁଇଟିର କଳକଣ୍ଠର ଗୁଞ୍ଜରଣରେ କିଛି ମାତ୍ରାରେ ଦୂର ହେଇପାରିବ ।

ଖୁସିମନରେ ବାହାଦୂରର ପ୍ରସ୍ତାବରେ ରାଜି ହେଇଗଲି । ଏବଂ ରାଜି ହେଇ କି ଯେ ମାରାତ୍ମକ ଭୁଲ୍ କରିଥିଲି ତାହା ହୃଦୟଙ୍ଗମ କଲି ଜୀବଲାଲ୍ ଓ ନୂରି ଆସି ପହଞ୍ଚିଲା ପରେ ।

ବାହାଦୂରର ଜନନୀ ନୂରି ଥିଲା ସତରେ ଭଲ ମଣିଷଟିଏ । ଅତିମାତ୍ରାରେ ଥଣ୍ଡା ଓ ସୁସ୍ଥିର । ପତଳା ଗୋରା ଚେହେରା । ନାକରେ ଦଣ୍ଡି, କାନରେ ନୋଳି ଓ ବେକରେ ନାଲି ମାଳିର କଣ୍ଠି । ପହରଣ ପୂରାହାତ ଛିଟଜାମା ଓ ଲୁଙ୍ଗିପରି ପିନ୍ଧା ମୋଟା କପ୍ତା ଶାଢ଼ୀ । ଅଦ୍ଭୁତ କାର୍ଯ୍ୟକ୍ଷମତା ଥିଲା ସ୍ତ୍ରୀ ଲୋକଟିର । ସାରାଦିନ ଚା' ବଗିଚାରେ କାମ କରୁଥିଲା । ଆଉ ବାକି ସମୟତକ ଗୋଡି ଖଟୁଥିଲା ଘରେ । କେବେ କେମିତି ଯାଉଥିଲି ତା' ପାଖକୁ । ପରିଚ୍ଛନ୍ନ ଘର ପିଣ୍ଡାରେ ବସିବାଲାଗି ବେତମୋଡ଼ାଟି



Digitized by srujanika@gmail.com

ମୋ' ଆଡ଼େ ବଢ଼େଇଦେଇ ଭଙ୍ଗା ଭଙ୍ଗା ହିନ୍ଦୀରେ ତା' ସୁଖଦୁଃଖର କଥା ଓ ଗାଁ'ର କାହାଣୀ କହୁଥିଲା ମତେ ନୁରି ।

ସମସ୍ୟା ଉପୁଜିଥିଲା ଜୀବଲାଲ୍‌କୁ ନେଇ । ଲୋକଟି ଏମ୍ତିରେ ଥିଲା ମିତବାକ୍ ଏବଂ ଭୀରୁ । କିଛି ପରିମାଣରେ ଆଳସ୍ୟ ପରାୟଣ ମଧ୍ୟ । ସକାଳଓଳି ବଗିଚାରେ ମାଳି ସହିତ ମିଶି ଟୁକ୍‌ଟାକ୍ କିଛି କାମ କରେ ଓ ବାକି ସମୟତକ ଖରାରେ ବସି ପିଙ୍କାଟାଣେ । କିନ୍ତୁ ସନ୍ଧ୍ୟା ହେଉଲେଇ ଲୋକଟି ରୂପାନ୍ତରିତ ହୁଏ ସଂପୂର୍ଣ୍ଣ ଏକ ଭିନ୍ନ ଚରିତ୍ରରେ । ପାଖ ଶ୍ରମିକବସ୍ତିକୁ ଯାଇ ପେଟେ ଲେଖାଏଁ ଦେଶୀମଦ ପିଇଆସେ ଓ ଅକାରଣରେ ନୁରିକୁ ଗାଳିଗୁଲଜ କରେ । ଅନେକ ସମୟରେ ପ୍ରହାର ମଧ୍ୟ । ସେତେବେଳେ ତାକୁ ଦେଖିଲେ ମନେହୁଏ ଲୋକଟିର ଜନ୍ମ ସତେ ଅବା କେବଳ ନୁରିକୁ ନିର୍ଯ୍ୟାତିତ କରିବା ଲାଗି ।

ଜୀବଲାଲ୍‌ର ଏତାଦୃଶ କାର୍ଯ୍ୟକଳାପ ସଂପର୍କରେ ସୁକୁମାରଙ୍କୁ ଅବଗତ କରାଇ ଏହାର ଉପଯୁକ୍ତ ବିଧାନ କରିବା ଲାଗି ଅନେକଥର ଅନୁରୋଧ କରିଥିଲି ଅବଶ୍ୟ । ସୁକୁମାର କିନ୍ତୁ ଏଇ ସଂପର୍କରେ ଥିଲେ ସଂପୂର୍ଣ୍ଣ ବୀତସ୍ପୃହ । ଉଷ୍ମା ପ୍ରଦର୍ଶନ କରି କହିଥିଲେ- "ଏମ୍ତିରେ ମୋ'ର ଅନେକ କାମ । ଏସବୁ ବେକାର କଥାରେ ମୁଣ୍ଡ ଖେଳେଇବାକୁ ମୋ'ର ସମୟ ନାହିଁ ।"

ଅଗତ୍ୟା ଦିନେ ବାହାଦୂରକୁ ଡ଼ାକି ଏ ସଂପର୍କରେ ତାକୁ ସଚେତନ କରି ଦେବାଟା ଉଚିତ୍ ମଣିଥିଲି ।

- ତୋ ବାପା ମଦପିଇ ତୁଚ୍ଛାଟାରେ ତୋ ମା'କୁ ଏତିକି ମାର୍‌ପିଟ୍ କରୁଛି । ଅଥଚ ପୁଅ ହୋଇ ତୁ ଏସବୁ ନୀରବରେ ଦେଖୁଛୁ । ଏ ସଂପର୍କରେ ବାପକୁ ପଦଟିଏ କଥା କହିବାର ସତ୍‌ସାହସ ତୋ'ର ନାହିଁ । ଦୀର୍ଘ ଏତେବର୍ଷ ବିବାହିତ ଜୀବନଯାପନ କରିସାରିଲା ପରେ ବି ପତ୍ନୀ ପ୍ରତି ସାମାନ୍ୟ ମମତ୍ୱବୋଧ ନାହିଁ ତୋ ବାପାର ମୁଁ ଦେଖୁଛି, ବିରକ୍ତ ହେଇ ମୁଁ କହିଥିଲି ବାହାଦୂରକୁ ।

ମୋ' କଥା ଶୁଣି କିଛି ସମୟ ନୀରବରେ ତଳକୁ ମୁହଁପୋତି ଛିଡ଼ା ହେଲା ବାହାଦୂର । ତା' ପରେ ଧୀର ସ୍ୱରରେ କହିଲା - ମେମ୍‌ସାହେବ, ଆପଣ ବାପାକୁ ଭୁଲ୍ ବୁଝିଛନ୍ତି । ବାପାର ମଦପିଇ ମାତାଲ୍ ହେବା ଏବଂ ମା'କୁ ଭଲପାଇବା - ଦୁଇଟିଯାକ ସଂପୂର୍ଣ୍ଣ ଅଲଗା ଅଲଗା ଘଟଣା । ପ୍ରଥମଟି ଉପରେ ଦ୍ୱିତୀୟଟି ନିର୍ଭରଶୀଳ ନୁହେଁ । ମୁଁ ଜାଣେ ବାପା ତା ନିଜ ଉପାୟରେ ବହୁତ ଭଲପାଏ ମା'କୁ ।

ମୁଁ କହିଲି - ଥାଉ ଥାଉ, ମଦ୍ୟପ ବାପକୁ ନେଇ ତୁ ଆଉ ମୋ ସାଥିରେ ଯୁକ୍ତିତର୍କ କରନା । ମୁଁ ତା ସପକ୍ଷରେ କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହେଁ ।



Digitized by srujanika@gmail.com

ଜୀବଲାଲ୍ ଏଥରକ ମଧ୍ୟ ନୀରବରେ କିଛି ସମୟ ଛିଡ଼ା ହେଲା । ତା' ପରେ କହିଲା - ମଦ ପିଇବାଟା ନିହାତି ସାଧାରଣ କଥା ଆମ ଗାଁରେ । ଅପରାଧ ବୋଲି କେହି ଭାବନ୍ତିନି । ସଭ୍ୟସମାଜଠାରୁ ଦୂରରେ, କୁସଂସ୍କାରାଚ୍ଛନ୍ନ ଅନ୍ଧକାରମୟ ପରିବେଶରେ ଏମାନେ ସବୁ ମଣିଷ । ସଭ୍ୟ ସମାଜର ମାପକାଠିରେ ଏମାନଙ୍କୁ କଅଣ ତଉଲି ହେବ ? ଶୈଶବରେ ମୁଁ ସେ ଗାଁରୁ ବାହାରିଆସିଲି ବୋଲି । ସେଠି ରହିଥିଲେ ବୋଧହୁଏ ଏଇ ମୂଲ୍ୟବୋଧ ନେଇ ମୁଁ ବି ବଡ଼ ହୋଇଥାଆନ୍ତି । ମଣିଷର ବ୍ୟକ୍ତିତ୍ୱକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ଦେବାରେ ପରିବେଶ ଯେ ଅନେକ ପରିମାଣରେ ଦାୟୀ ସେ କଥା ଆପଣ ନିଶ୍ଚୟ ସ୍ୱୀକାର କରିବେ ।

ବାହାଦୂର ଦ୍ୱାରା କରାଯାଇଥିବା ନୂରି ଏବଂ ଜୀବଲାଲ୍‌ର ଦାମ୍ପତ୍ୟ ଜୀବନର ଏତାଦୃଶ ବିଶ୍ଳେଷଣ ମତେ କିଛି ପରିମାଣରେ ଭାବାନ୍ୱିତ କଲା ଅବଶ୍ୟ । କିନ୍ତୁ ମୋ'ର ତୀବ୍ର କ୍ରୋଧକୁ ପ୍ରଶମିତ କରିବାରେ ସହାୟକ ହୋଇପାରିନଥିଲା ।

- ତୁ ଆଉ ବଡ଼ ବଡ଼ ଭାଷଣ ଦେ'ନା ମତେ । ଖାଲି ଜୀବଲାଲ୍‌କୁ ଯାଇ କହିଦେବୁ, ଆଉଥରଟିଏ ଯଦି ତାକୁ ନୂରିକୁ ପ୍ରହାର କରିବାର ଦେଖେ, ମୋ କଲା କାମ ମୁଁ କରିବି । ସେତେବେଳେ ଯେମିତି ସିଏ ଆଉ ମତେ ଦୋଷ ନ ଦିଏ । ବିରକ୍ତିର ସହିତ ମୁଁ ବୁଝେଇ ଦେଲି ବାହାଦୂରକୁ ।

ଗପଟି ଏତିକି କହି କିଛି ସମୟ ଚୁପ୍ ରହିଲେ ମୀରା । ଏକାସାଥିରେ ଅନେକ ଗୁଡ଼ିକ କଥା କହି ବୋଧହୁଏ ସାମାନ୍ୟ କ୍ଲାନ୍ତି ଅନୁଭବ କରିଥିଲେ । ଫ୍ରିଜ୍‌ରୁ ପାଣିବୋତଲ କାଢ଼ି ଗିଲାସରେ ଢାଳି ଢକ୍‌ଢକ୍ କରି ପିଇବାକୁ ଆରମ୍ଭ କଲେ ।

ମୁଁ କହିଲି - ମୀରା ତମେ ସ୍ତ୍ରୀ ପାଇଁ ପ୍ରାଣ ଉତ୍ସର୍ଗ କରିବାକୁ ଯାଉଥିବା ଏକ ପ୍ରେମିକ ସ୍ୱାମୀର କଥା କହିବାକୁ ଯାଉଥିଲ ମତେ । ଅଥଚ ଏଇ ଯେଉଁ ଗପଟି କହୁଚ, ସିଏ ତ ସଇତାନରୂପୀ ଏକ ମଣିଷର କାହାଣୀ ।

ମୀରା ମୋ ପ୍ରଶ୍ନକୁ ଏଡ଼େଇଯାଇ ମୃଦୁ ହସି କହିଲେ - ଶୋଷ ଲାଗିଲାତ ! ପାଣି ପିଇବା ଲାଗି ଅଟକିଗଲି ମଝିରେ । ଗପଟି ପ୍ରାୟ ସରିଆସିଲାଣି ନାନୀ । ତମେ ଆଗ ପୂରାଟା ଶୁଣିନିଅ । ତା' ପରେ ସିଦ୍ଧାନ୍ତରେ ପହଞ୍ଚିବ ।

ଫ୍ରିଜ୍‌ରେ ପାଣି ବୋତଲ ରଖୁରଖୁ ମୀରା ପଚାରିଲେ - ମୁଁ କେଉଁଠି ଥିଲି ନାନୀ ?

ମୁଁ କହିଲି - ଜୀବଲାଲ୍ ନୂରି ଉପରେ କରୁଥିବା ଅକଥନୀୟ ଅତ୍ୟାଚାର ପାଖରେ । ବାହାଦୂର ସହିତ ଏ ସଂପର୍କରେ ତମେ କରିଥିବା କଥୋପକଥନ ପାଖରେ ଅଟକିଛ ତମେ ।



Digitized by srujanika@gmail.com

ମୀରା କହିଲେ - ବାହାଦୂର ସାଥିରେ ମୁଁ କଥା କହିବା ପରଦିନ କିନ୍ତୁ ଘଟିଲା ଅଘଟଣଟି । ନୁରି ହେଲା ଦୁର୍ଘଟଣାଗ୍ରସ୍ତ । ଚା’ ବଗିଚା ଭିତରେ ଏଠିସେଠି ଅନେକ ସଂକୀର୍ଣ୍ଣ କଚା ରାସ୍ତା । ଚା’ ପତ୍ର ବୁହା ଗାଡ଼ିମାନଙ୍କ ପାଇଁ । ସେଇଭଳି ଗୋଟିଏ ଗାଡ଼ି ସହିତ ଧକ୍‌କା ଲାଗିଥିଲା ନୁରିର । କାମ ସାରି ଫେରୁଥିଲା ଘରକୁ । ସାମ୍‌ନାରୁ ଆସୁଥିବା ଏକ ଅନଭିଜ୍ଞ କିଶୋର ସାଇକେଲ୍ ଚଢ଼ାଳାକୁ ରକ୍ଷା କରିବାକୁ ଯାଇ ଗାଡ଼ିଚାଳକ ଠୋକର ମାରିଥିଲା ନୁରି ଦେହରେ । ଗାଡ଼ି ଧକ୍‌କା ଥିଲା ସାମାନ୍ୟ । କିନ୍ତୁ ଭୂପତିତ ନୁରିର ମୁଣ୍ଡ ଯାଇ ପିଟି ହେଇଥିଲା ରାସ୍ତାକଡ଼ରେ ପଡ଼ିଥିବା ଏକ ଶିଳାଖଣ୍ଡ ଉପରେ । ମୁଣ୍ଡଫାଟି ପ୍ରଚୁର ରକ୍ତକ୍ଷରଣ ହେଇଥିଲା । ଡ୍ରାଇଭର୍‌ଟି ନିଜେଇ ନୁରିକୁ ବୋହି ନେଇ ଯାଇଥିଲା ହସ୍‌ପିଟାଲ୍ ।

ଖରାବେଳେ ସୁକୁମାରଙ୍କ ଟେଲିଫୋନ୍‌ରୁ ଘଟଣାଟି ସଂପର୍କରେ ଅବଗତ ହେଇଥିଲି । ସୁକୁମାର ଅବଶ୍ୟ ଫୋନ୍ କରିଥିଲେ ଅନ୍ୟ ଏକ କାରଣରୁ । ମତେ କହିଥିଲେ ଜୀବଲାଲ୍‌କୁ ସାଥିରେ ଧରି ଅତିଶୀଘ୍ର ହସ୍‌ପିଟାଲ୍ ପହଞ୍ଚିବାପାଇଁ । ଜଣାଇଥିଲେ ଯେ ନୁରିର ମଥାରେ ଅନେକଗୁଡ଼ିଏ ସିଲେଇ କରିବାକୁ ପଡ଼ିଛି । କିନ୍ତୁ ପ୍ରଚୁର ରକ୍ତକ୍ଷରଣ ହେତୁ ସିଏ ଏବେ ବେଶ୍ ମୁମୂର୍ଷୁ ଓ ସଂଜ୍ଞାହୀନ । ତାକୁ କିଛି ପରିମାଣରେ ରକ୍ତ ଦେବା ଏବେ ଜରୁରୀ ହେଇପଡ଼ିଛି । ସ୍ୱାଭାବିକ୍ ଭାବରେ ଏଇ ସାନ ହସ୍‌ପିଟାଲ୍‌ଟିରେ କିମ୍ବା ଆଖପାଖର କୌଣସି ଜାଗାରେ ବ୍ଲଡ୍ ବ୍ୟାଙ୍କ୍ ନାହିଁ । କେହି ଜଣେ ବ୍ୟକ୍ତିକୁ ରକ୍ତଦାନ କରିବାକୁ ପଡ଼ିବ । ବାହାଦୂର ଅନୁପସ୍ଥିତ । କୌଣସି ଏକ କାମରେ ସହର ଯାଇଛି । ରକ୍ତଦାନ ପାଇଁ ସହଜରେ ଲୋକ ମିଳୁନାହାନ୍ତି । ଯେଉଁ ଦୁଇଚାରିଜଣ ବି ମିଳିଛନ୍ତି ସେମାନଙ୍କର ବ୍ଲଡ୍‌ଗ୍ରୁପ୍ ଅଲଗା । ଜଣଙ୍କର ବ୍ଲଡ୍‌ଗ୍ରୁପ୍ ଏକା ହେଲେ ବି ତାହାରେ ହେପାଟାଇଟିସ୍ ରୋଗର ଲକ୍ଷଣ ଥିବାରୁ ତାହା ଗ୍ରହଣୀୟ ହେଇପାରିନି । ଏଭଳି ପରିସ୍ଥିତିରେ ସୁକୁମାର ଜୀବଲାଲ୍‌ର ବ୍ଲଡ୍‌ଗ୍ରୁପ୍ ଦେଖିବାକୁ ଚାହାନ୍ତି । ଯଦି ତାହା ନୁରି ରକ୍ତ ସହିତ ମେଳ ଖାଇଯାଏ ଅନ୍ତତଃ ବର୍ତ୍ତମାନ ପାଇଁ ସିଏ ନିଶ୍ଚିନ୍ତ ହେଇଯିବେ ।

ଖବରଟି ପାଇ ଉଦ୍‌ବିଗ୍ନ ଚିତ୍ତରେ ସୁକୁମାରଙ୍କୁ ଗାଡ଼ି ପଠାଇବା ପାଇଁ କହି, ଜୀବଲାଲ୍‌କୁ ଖୋଜିବା ଉଦ୍ଦେଶ୍ୟରେ ମୁଁ ଆଉଟ୍‌ହାଉସ୍ ଆଡ଼େ ମୁହାଁଇଲି । ଶୀତ ଋତୁ । ସବୁଦିନ ପରି ଲନ୍‌ରେ ସୂର୍ଯ୍ୟଙ୍କ ଆଡ଼କୁ ପିଠିକରି ଆରାମ୍‌ରେ ବସି ପିକା ଟାଣୁଥିଲା ଜୀବଲାଲ୍ । ନୁରିର ଦୁର୍ଘଟଣା କଥାଟି ଚୁପ୍‌ଚାପ୍ ମନଦେଇ ଶୁଣିଲା ମୋ’ଠାରୁ । ନୁରିର ମୁଣ୍ଡଫାଟିଯିବା କଥାଟି ବୁଝିପାରିଲା ସତ, କିନ୍ତୁ ରକ୍ତଦାନ କଥାଟି ମୁଁ ଯେତେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଲେ ବି, ତା ମଗଜରେ ପ୍ରବେଶ କଲାନି । ଜାଣିପାରିଲି, ତାହା ଏଇ ପ୍ରକ୍ରିୟାଟି ସଂପର୍କରେ ସିଏ ଥିଲା ପୂରାପୂରି ଅଜ୍ଞ । ଆଗରୁ କେବେ ଏ ବିଷୟରେ କିଛି ଶୁଣିନି ନିଶ୍ଚୟ । ଅନେକ ସମୟ ଧରି ଅନେକ ପରିଶ୍ରମ କରିସାରିଲାପରେ ବ୍ୟାପାରଟି ସାମାନ୍ୟ ପରିମାଣରେ ଜୀବଲାଲ୍‌କୁ ହୃଦୟଙ୍ଗମ କରାଇବାରେ ମୁଁ ସମର୍ଥ ହେଇଥିଲି । କିଛିସମୟ ନୀରବରେ ମାଟିକୁ ଚାହିଁ ବସିରହିଲା ଜୀବଲାଲ୍ ଓ ତା’ ପରେ ମତେ ପଚାରିଲା - ମୁଁ ରକ୍ତ ଦେଇଦେଲେ ନୁରି ପୂରା ଭଲ ହେଇଯିବ ତ ? ଆଉ କିଛି ଅସୁବିଧା ହବ ନେଇଁ ତ ତା’ର ?



Digitized by srujanika@gmail.com

- ଅବଶ୍ୟ ଭଲ ହୋଇଯିବ ନୁରି । ଡ୍ରାକ୍ତରବାବୁ କହୁଛନ୍ତି ତୁମ ରକ୍ତ ଯଦି ତା' ରକ୍ତ ସହିତ ମେଳ ଖାଇଯିବ, ତା ହେଲେ ଚିନ୍ତାର କୌଣସି କାରଣ ନାହିଁ ।

ସୁକୁମାରଙ୍କ ଗାଡ଼ି ନେଇ ଡ୍ରାଇଭର୍ ଆସି ପହଞ୍ଚିଗଲା ଯା' ଭିତରେ । ଜୀବଲାଲ୍‌କୁ ସାଥିରେ ଧରି ମୁଁ ହସ୍‌ପିଟାଲ୍ ବାହାରିଗଲି ସାଙ୍ଗେ ସାଙ୍ଗେ । ଏବଂ ଈଶ୍ୱରଙ୍କ କୃପା ହେଉ, କିମ୍ବା ନୁରିର ସୌଭାଗ୍ୟ, ଜୀବଲାଲ୍‌ର ବ୍ଲଡ୍‌ଗ୍ରୁପ୍ ମେଳଖାଇଗଲା ନୁରିର ବ୍ଲଡ୍‌ଗ୍ରୁପ୍ ସହିତ । ଦୁହିଁଙ୍କର ରକ୍ତ ଥିଲା ଆର୍.ଏଚ୍.ଓ. ନେଗେଟିଭ୍ ଶ୍ରେଣୀର । ସୁକୁମାରଙ୍କର କଠିନ ସମସ୍ୟାଟିର ସମାଧାନ ହୋଇଗଲା ଭାରି ସରଳ ଉପାୟରେ ।

ରକ୍ତଦାନ ପାଇଁ ଜୀବଲାଲ୍‌କୁ ଓ୍ୱାର୍ଡ ଭିତରକୁ ବାଟକଢ଼ାଇ ନେଇଗଲି ମୁଁ । ନୁରିକୁ ଦେଖି ତା' ପାଖରେ ଠିଆହୋଇ ଅନେକ ସମୟ ପର୍ଯ୍ୟନ୍ତ ତାକୁ ଅପଲକ ଆଖିରେ ଅନେଇଁ ରହିଲା ଜୀବଲାଲ୍ । ତା' ପରେ ବେଶ୍ ଶାନ୍ତ ଭାବରେ ଆଖିବୁଜି ରକ୍ତ ଦେଉଥିବା ସମୟତକ ନିଃସ୍ପନ୍ଦ ଭାବରେ ଶୋଇରହିଲା ଖଟଟିରେ ।

ଦେବାକୁ ଥିଲା ମାତ୍ର ବୋତଲଟିଏ ରକ୍ତ । କାମଟି ସରିଗଲା ଅଳ୍ପ ସମୟ ମଧ୍ୟରେ । ନର୍ସ ଜୀବଲାଲ୍ ହାତରୁ ସିରିଞ୍ଜ ଇତ୍ୟାଦି କାଢ଼ିନେଇ ସାରିବା ପରେ ବି ଜୀବଲାଲ୍ କିନ୍ତୁ ଉଠିଲାନି ବିଛଣାରୁ । ତାକୁ ହଲେଇଦେଇ ମୁଁ କହିଲି - ଜୀବଲାଲ୍, ଉଠ, ଘରକୁ ଯିବା ଏବେ ।

ଜୀବଲାଲ୍ ଆଖି ଖୋଲି ମତେ ପଚାରିଲା - ନୁରିପାଇଁ ମୋ ରକ୍ତ ନେଇଗଲେ ଡ୍ରାକ୍ତରସାବ୍ ? ନୁରି ଠିକ୍ ହୋଇଯିବ ତ ଏବେ ?

ମୁଁ କହିଲି - ନୁରି ପାଇଁ ତୁମେ ଆଉ ବ୍ୟସ୍ତ ହୁଅନା ଜୀବଲାଲ୍ । ନୁରି ପୂରାପୂରି ଠିକ୍ ହୋଇଯିବ । ତମେ ରକ୍ତ ଦେଇନଥିଲେ ଅସୁବିଧା ହୋଇଥାଆନ୍ତା ଅବଶ୍ୟ । ତେବେ କାମ ତ ସରିଗଲା । ମୁଁ ଏବେ ଘରକୁ ଯାଉଛି, ତମକୁ ବି ନେଇଯିବି ସାଙ୍ଗରେ ।

ବିଛଣାରୁ ଉଠିବାର ତଥାପି କୌଣସି ଲକ୍ଷଣ ମୁଁ ଦେଖିଲିନି ଜୀବଲାଲ୍ ପାଖରେ । ବରଂ ନିହାତି ଅପ୍ରତ୍ୟାଶିତ ଭାବରେ ମତେ ପଚାରିବସିଲା ଅଦ୍‌ଭୁତ ପ୍ରଶ୍ନଟିଏ । ପଚାରିଲା- ମେମ୍‌ସାବ୍, ମୁଁ କଅଣ ଏବେ ସାଙ୍ଗେ ସାଙ୍ଗେ ମରିଯିବି ନା ମରିବାପାଇଁ ଆଉ କିଛି ସମୟ ଲାଗିବ ?

ଜୀବଲାଲ୍ କରିଥିବା ଏତାଦୃଶ ପ୍ରଶ୍ନଟିର ଅପ୍ରାସଙ୍ଗିକତାରେ ଅବାକ୍ ହୋଇ ମୁଁ କିଛି ସମୟ ଅନାଇଁ ରହିଲି ତା ମୁହଁକୁ । ବେଶ୍ କିଛି ସମୟ । ଏବଂ ତା' ପରେ ଅଚାନକ୍ ସିଏ କରିଥିବା ପ୍ରଶ୍ନଟିର ଅନ୍ତର୍ନିହିତ ଅର୍ଥ ସ୍ପଷ୍ଟ ହୋଇଉଠିଲା ମୋ' ପାଇଁ ।

ଏତିକି କହି ଚୌକୀରୁ ଉଠି ଏବଂ ଶାଢ଼ୀ ସଜାଡି ଘରକୁ ଯିବାପାଇଁ ଉଦ୍ୟତ ହେଲେ ମୀରା । କହିଲେ - ନାନୀ, ସୁକୁମାରଙ୍କର ହସ୍‌ପିଟାଲ୍‌ରୁ ଫେରିବାର ସମୟ ହୋଇ ଗଲାଣି । ତୁମ ଭଉଣୀ ବି ଆସିଯିବେ ଏବେ । ମୁଁ ବରଂ ଯାଏ ।



Digitized by srujanika@gmail.com

ମୁଁ କହିଲି - ମୀରା । ଗପଟା ସାରିକି ତ ଯାଅ ଅନ୍ତତଃ । ଅଧାରେ ରଖିଦେଇ ଯେ । ଉପସଂହାର ନ ହେଲେ ଗପ ଲେଖିବି କେମିତି ?

ମୀରା ମୃଦୁହସି କହିଲେ - ନାନୀ । ତମେ ଜାଣିପାରିଲନି ? ଜୀବଲାଲ୍‌ର ଶେଷବାକ୍ୟଟି ଇ ଯେ ଏ ଗପର ଉପସଂହାର ।

ମୁଁ କହିଲି - ଯାଃ । ସେ ବାକ୍ୟଟି ଯେ ପୂରାପୂରି ଅର୍ଥହୀନ । ବୋତଲେ ରକ୍ତ ଦେଇ କେହି କେବେ କେଉଁଠି ମଲାଣି ? ଆଉ ସ୍ତ୍ରୀ ପାଇଁ ମାତ୍ରବୋତଲେ ରକ୍ତ ଦେଇଥିବା ହେତୁ ଜୀବଲାଲ୍‌କୁ ଏକ ଆଦର୍ଶ ପତିର ସମ୍ମାନ ଦେବାର ଯଥାର୍ଥତା ବା କେଉଁଠି ? ଦରକାର ବେଳେ ସ୍ୱାମୀଟିଏ ସ୍ତ୍ରୀକୁ ବୋତଲେ ରକ୍ତ ଦେବା ଏମିତି କିଛି ବଡ଼ କଥା ନୁହେଁ ।

ମୀରା ହସିଲେ । କହିଲେ - ତମେ ଠିକ୍ କହିଚ । ବୋତଲେ ରକ୍ତ ଦେବା କିଛି ବଡ଼ କଥା ନୁହେଁ । ତେବେ ଜୀବଲାଲ୍ ରକ୍ତଦେବା ଓ ଅନ୍ୟଜଣେ ସ୍ୱାମୀ ରକ୍ତଦେବା ଭିତରେ ବହୁତ ପାର୍ଥକ୍ୟ । ଯେଉଁ ସ୍ୱାମୀମାନେ ସ୍ତ୍ରୀକୁ ରକ୍ତ ଦିଅନ୍ତି, ସେମାନେ ଜାଣନ୍ତି ତାହାଦ୍ୱାରା ସେମାନଙ୍କର ପ୍ରାଣହାନି ଘଟିବନି । କିନ୍ତୁ ଜୀବଲାଲ୍ କ୍ଷେତ୍ରରେ ଏ ବ୍ୟାପାରଟି ଥିଲା ସଂପୂର୍ଣ୍ଣ ଭିନ୍ନ ଧରଣର । ରକ୍ତ ଦାନ ବିଷୟରେ ତା'ର କୌଣସି ଧାରଣ ଇ ନ ଥିଲା । ପ୍ରଥମ ଥର ପାଇଁ ମୋ ଠାରୁ ଶୁଣିଥିଲା କଥାଟି । ମାତ୍ର ବୋତଲଟିଏ ରକ୍ତ ନିଆଯିବ ବୋଲି ମୁଁ ତାକୁ ବୁଝାଇ କହିନଥିଲି ମଧ୍ୟ । କେବଳ କହିଥିଲି ଯେ ନୂରିପାଇଁ ତାକୁ ରକ୍ତଦାନ କରିବାକୁ ପଡ଼ିବ । ନିର୍ବୋଧ, ପାହାଡ଼ୀ ଲୋକଟି ଧରି ନେଇଥିଲା ଯେ ତା' ଶରୀରର ସବୁତକ ରକ୍ତ ନୂରିକୁ ଦିଆଯିବ ଏବଂ ତା' ପରେ ପରେ ରକ୍ତବିହୀନ ହେଇ ସିଏ ମୃତ୍ୟୁମୁଖରେ ପଡ଼ିବ । ନିଜର ମୃତ୍ୟୁପାଇଁ ପୂରାପୂରି ତିଆର୍ ହେଇ ଆସିଥିଲା ହସ୍‌ପିଟାଲ୍ । କଥାଟି ଆମକୁ ହାସ୍ୟାସ୍ପଦ ମନେହେଇପାରେ । କିନ୍ତୁ ଜୀବଲାଲ୍ ପାଇଁ ନୂରିଲାଗି ମୃତ୍ୟୁବରଣ କରିବାର ଏଇ ପଦକ୍ଷେପଟି ଥିଲା ଶତପ୍ରତିଶତ ଭାବରେ ବାସ୍ତବ ଏବଂ ସତ୍ୟ । ମୁହୂର୍ତ୍ତକ ପାଇଁ ସୁଦ୍ଧା ଏଥିପାଇଁ ସଂଶୟ ସୃଷ୍ଟି ହେଇନଥିଲା ତା' ମନରେ । ଥରଟେ ଗମ୍ଭୀର ଭାବରେ କଥାଟି ଭାବି ଦେଖିବ ନାନୀ । ମୁଁ ନିଶ୍ଚିତ ଯେ ସ୍ତ୍ରୀ ପାଇଁ ନିଜକୁ ବଳି ଦେବାଲାଗି ପ୍ରସ୍ତୁତ ଥିବା ଏକ ଅନୁଗତ ସ୍ୱାମୀର ଅବିଶ୍ୱସନୀୟ ପ୍ରେମର ସୂଚନା ତମେ ପାଇବ ଏ କାହାଣୀଟିରେ ।

ମୀରା ଠିକ୍ କହିଥିଲେ । ମୁଁ ସେ ସୂଚନା ପାଇଛି । ଏବଂ ସେଇଥିପାଇଁ ଆଜି ଏ କାହାଣୀର ଅବତାରଣା ।

●●●



Digitized by srujanika@gmail.com

# ବିଦେଶିନୀ

କଥା ହେଉଥିଲା ଶୁଭେନ୍ଦୁ, ମିନୁ ଓ ମୋ' ଭିତରେ । ସେଦିନ ଖବର କାଗଜରେ ପ୍ରକାଶିତ ହୋଇଥିବା ଗୋଟିଏ ସମ୍ବାଦକୁ ନେଇ । ବନାରସ୍‌କୁ ଭ୍ରମଣାର୍ଥୀ ହିସାବରେ ଆସିଥିବା ଜଣେ ଆମେରିକାନ୍ ଯୁବତୀ ସେଠାକାର ଜଣେ ରିକ୍ସାଚାଳକର ପ୍ରେମରେ ପଡି ତା' ସହିତ ବିବାହ ବନ୍ଧନରେ ଆବଦ୍ଧ ହେଉଛନ୍ତି । ସେଇ ରିକ୍ସାରେ ଚଢ଼ି ବିଭିନ୍ନ ସ୍ଥାନ ପରିଭ୍ରମଣ କରିବା ସମୟରେ ଉ ରିକ୍ସାବାଲା ସହିତ ତାଙ୍କର ଆଳାପ ଓ ଅନ୍ତରଙ୍ଗତା ।

ଖବରଟି ଶୁଣି ମୃଦୁହସି ସାନଭାଇ ମିନୁ କହିଲା - ଇଏ ଏମିତି କିଛି ବଡ଼ କଥା ନୁହେଁ । ମୁଁ ଯେଉଁ ଖବରଟି କହିବି ତାହା ଏହା ଅପେକ୍ଷା ଯଥେଷ୍ଟ ବିସ୍ମୟକର ।

ମିନୁ ମୋର ସାନଭାଇ । ପୁରୀରେ ଇଞ୍ଜିନିୟର । କୌଣସି ସରକାରୀ କାର୍ଯ୍ୟରେ ସେଦିନ ଆସିଥିଲା ଭୁବନେଶ୍ୱର । ଫେରିଯିବା ପୂର୍ବରୁ ଦେଖା କରିବାକୁ ଆସିଥିଲା ମୋ' ସହିତ ।

ଆଖିରେ ପ୍ରଶ୍ନବାଚୀ ଟେକି ଶୁଭେନ୍ଦୁ ଓ ମୁଁ ମିନୁକୁ ଚାହିଁଲୁ । ସ୍ମିତ ହାସ୍ୟ ସହିତ କିଛି ସମୟ ନୀରବ ରହି ଓ ଆମର ଉତ୍କଣ୍ଠାକୁ କିଞ୍ଚିତ୍ ପରିମାଣରେ ବୃଦ୍ଧି କରାଇ ମିନୁ ମତେ କହିଲା - ନାନୀ, ତୁ ମୋ ଡ୍ରାଇଭର ମୁନ୍ନାକୁ ଦେଖିଚୁ ନା ?

- ଦେଖିନି ମାନେ ? ଏବେ ପରା ଗେଲୀ ହାତରେ ତା' ପାଇଁ ଚା' ଜଳଖିଆ ତଳକୁ ପଠାଇଲି । ମୁଁ ଜବାବ୍ ଦେଲି ।

ବନୁ କହିଲା - ଜାଣିଚୁ ? ସିଏ ଆମର ଜଣେ ସୁପରିଟେନ୍‌ଡେଣ୍ଟ୍ ଇଞ୍ଜିନିୟରଙ୍କ ଝିଅକୁ ବାହା ହେଇଚି ।

- ଏସ୍.ଇ.ଙ୍କ ଝିଅକୁ ବାହା ହେଇଚି ? ସିଏ ଏ ବାହାଘର କଲେ କେମିତି ?

- ଏସ୍.ଇ. କଅଣ ବାହା କରାଇଛନ୍ତି ? ସେ ଝିଅ ପ୍ରେମ କରି ବାହାହେଇଚି ଯାକୁ । ମୁନ୍ନା ସେ ଝିଅର ବାପାଙ୍କ ପାଖରେ ଡ୍ରାଇଭର ଥିଲାବେଳେ ଇ ପ୍ରେମ । ବାପା ମା' ଜାଣିସାରିଲା ପରେ ସ୍ୱାଭାବିକ୍ ଭାବରେ ଘରେ ତୁମୁଳ ଗଣ୍ଡଗୋଳ । ଝିଅଟି ଶେଷକୁ ଦିନେ ଘରୁ ଲୁଚି ପଳେଇ ଆସିଲା ମୁନ୍ନା ପାଖକୁ । ଦିହେଁ ବାହାହେଇ ବେଶ୍ ସୁଖୀ ଜୀବନ ଯାପନ କରୁଛନ୍ତି ଏବେ । ଚମତ୍କାର ପୁଅଝିଅ ଯୋଡ଼ିଏ । ମୁଁ



Digitized by srujanika@gmail.com

ଯାଉଚି ତା' ଘରକୁ । ମୁନ୍ନାର ବାପା ସ୍କୁଲ ଶିକ୍ଷକ ଥିଲେ । ସାନ ଘରଟିଏ ବନେଇଛନ୍ତି ପୁରୀରେ । ମୁନ୍ନା ତାଙ୍କର ଏକମାତ୍ର ସନ୍ତାନ ।

- ଆଉ ଝିଅଟିର ବାପା ମା ? ଝିଅକୁ ସ୍ୱୀକାର କଲେଣି ଏବେ ?

- ଆଦୌ ନୁହେଁ । ଝିଅ ସହିତ ସେମାନଙ୍କର ସଂପର୍କ ଛିନ୍ନ ।

- ଆଶ୍ଚର୍ଯ୍ୟ ! ମୁଁ ଅବାକ୍ ସ୍ୱରରେ ମନ୍ତବ୍ୟ କଲି ।

ଏ ଯାବତ୍ ଚୁପ୍‌ଚାପ୍ ବସି କଥା ଶୁଣୁଥିବା ଶୁଭେନ୍ଦୁ କହିଲା - ମୁଁ କିନ୍ତୁ ଆପଣଙ୍କୁ ଯେଉଁ ପ୍ରେମ କାହାଣୀଟି ଶୁଣେଇବି, ତାହା ଆପଣଙ୍କ କଳ୍ପନାର ବାହାରେ । ଏଇ ଆମ ପୁରୁଣା ଭୁବନେଶ୍ୱରରେ ଘଟିଥିବା ଏକ ନାଟକୀୟ ପ୍ରଣୟ ଉପାଖ୍ୟାନ, କେଇ ବର୍ଷ ତଳର ।

ଶୁଭେନ୍ଦୁ ଏକରକମ ଆମ ପରିବାରର ସଦସ୍ୟ ସ୍ୱରୂପ । ଉଇର ତିରିଶର ସୁଦର୍ଶନ, ସଂଭ୍ରମଶୀଳ ଯୁବକ । ଚାକିରି କରେ ଏକ ଘରୋଇ ସଂସ୍ଥାରେ । ଆମ ତଳଘରେ ଭଡ଼ା ରହିଥିବା ତାମିଲ ଭଦ୍ରଲୋକଙ୍କର ସାନ ସାନ ପୁତ୍ରକନ୍ୟାଦ୍ୱୟଟିଙ୍କୁ ଟିଉସନ କରିବାକୁ ଆସେ ସନ୍ଧ୍ୟାରେ । ସେଇ ସୂତ୍ରରେ ପରିଚୟ । ରହେ ପୁରୁଣା ଭୁବନେଶ୍ୱରରେ ସାନ ବଖୁରିକିଆ ଘରଟିଏ ଭଡ଼ା ନେଇ । ପିଲାଦିନୁ ଭୁବନେଶ୍ୱରରେ ମଣିଷ । ସାରା ରାଜଧାନୀର ଇତିହାସ ଓ ଭୂଗୋଳ ତା'ର ନଖ ଦର୍ପଣରେ ।

ଶୁଭେନ୍ଦୁ ମତେ ଚାହିଁ ପୁନର୍ବାର କହିଲା - ଭାରି ଚମତ୍କାର କାହାଣୀଟିଏ କିନ୍ତୁ । ରୂପକଥା ପରି । ଆପଣ ଯାକୁ ନେଇ ଗପଟିଏ ଲେଖିପାରନ୍ତି ।

- ତା ହେଲେ ଆଉ ସସ୍‌ପେନସ୍ ନ ବଢ଼ାଇ ଗପଟି କହିଦିଅ । ମୁଁ ଶୁଭେନ୍ଦୁକୁ ଉସ୍‌କେଇଲି । ଚା' ପିଇସାରି, ରୁମାଲ୍‌ରେ ମୁହଁ ପୋଛି ଏବଂ ସୋଫାରେ ଆରାମ କରି ବସି ତା' ପରେ ଶୁଭେନ୍ଦୁ କହିଥିଲା ଏ କାହାଣୀଟି । ଏ କାହାଣୀଟିର କଥକ ଶୁଭେନ୍ଦୁ । ମୁଁ ଲିପିକାର ମାତ୍ର ।

କାହାଣୀଟି ହେଉଛି ପୁରୁଣା ଭୁବନେଶ୍ୱରର ଏକ ପୁରୋହିତ ପରିବାରର ମଧ୍ୟମ ପୁତ୍ରର କାହାଣୀ ।

ଧରି ନିଆଯାଉ ଯୁବକଟିର ନାଁ ଚନ୍ଦ୍ର । ଚନ୍ଦ୍ରର ପିତା କାମ କରୁଥିଲେ ଗୌରୀମନ୍ଦିରର ପୂଜକ ହିସାବରେ, କୌଳିକ ପରଂପରା ଅନୁଯାୟୀ । ଚନ୍ଦ୍ର କିନ୍ତୁ ପୈତୃକ ବୃତ୍ତି ଛାଡ଼ି ଦୋକାନ କରିଥିଲା । ମନ୍ଦିର ସାମ୍ନାରେ ଚା' ଜଳଖିଆ ଦୋକାନ । ଅଦା ଓ ଗୁଜୁରାତି ମିଶା ମସଲାଦାର୍ ଚା' ସହିତ ବିକୁଥିଲା ବରା, ପିଆଜି ଓ ଲବଙ୍ଗଲତା । ସ୍ୱଭାବରେ ଥିଲା ସ୍ୱଳ୍ପଶୀଳ । ନିଶା ଥିଲା ଖାଲି ଗୋଟିଏ - ଶରୀର ଚର୍ଚ୍ଚା । ସମୟ ପାଇଲେ ଆଖଡ଼ା



Digitized by srujanika@gmail.com

ଘରେ ଯାଇ କୁସ୍ତି ଲଢୁଥିଲା, ଦଣ୍ଡ ବୈଠକ ମାରୁଥିଲା । କସରତ୍‌ର ଫଳ ସ୍ୱରୂପ ଶରୀର ହୋଇଥିଲା ସୁଡୌଲ ଓ ସଶକ୍ତ । ଅଧାଗଞ୍ଜି ତଳୁ ଫୁଟିଉଠୁଥିଲା କାନ୍ଧ, ବାହୁ ଓ ଛାତିର ଚିକ୍କଣ, ବଳିଷ୍ଠ ମାଂସପେଶୀ । ବର୍ଣ୍ଣ ଥିଲା ଗୌର ! ଏବଂ ଚେହେରା ଥିଲା ଉଚ୍ଚ ଓ ଶାଳପ୍ରାଂଶୁ । ମୁଣ୍ଡଭର୍ତ୍ତି କଳା ମୁଚ୍‌ମୁଚ୍ ବାବୁରି ବାଳ, ତୀକ୍ଷ୍ଣ ନାସିକା । ଦିଶୁଥିଲା ପୌରାଣିକ ଦେବତାଙ୍କ ପରି କିମ୍ବା ପଥରରେ ନୈପୁଣ୍ୟ ସହିତ ଖୋଦେଇ ହୋଇଥିବା ଏକ ଭାସ୍କର୍ଯ୍ୟ ପରି । ଏବଂ ସେ ଭାସ୍କର୍ଯ୍ୟତୁଲ୍ୟ ଚେହେରାର ଔଜ୍ଜ୍ୱଲ୍ୟ ଦ୍ୱିଗୁଣିତ କରୁଥିଲା ତା'ର ନିମ୍ନାଙ୍ଗର ପରିହିତ ରଙ୍ଗବେରଙ୍ଗୀ ପାଟ ଶାଢ଼ୀ ସବୁ । ଚନ୍ଦ୍ର ଧୋତି ପିନ୍ଧୁ ନ ଥିଲା – ପିନ୍ଧୁଥିଲା କେବଳ ପାଟ ।

ଏବଂ ଓଡ଼ିଶାକୁ ବୁଲିଆସିଥିବା କାନାଡ଼ିଆନ୍ ଝିଅ ଆନି ପଡ଼ିଲା ଏଇ ପାଟଶାଢ଼ୀ ପିନ୍ଧା ସୁପୁରୁଷର ପ୍ରେମରେ ।

ଚନ୍ଦ୍ରର ପରିଚୟ ଆନି ସହିତ ଅବଶ୍ୟ ହୋଇଥିଲା ତା'ର ପିତା ରବର୍ଟସନଙ୍କ ମାଧ୍ୟମରେ ।

ରବର୍ଟସନ୍ ସରକାରଙ୍କଠାରୁ ଅନୁମତି ପାଇ ଓଡ଼ିଶା ଆସିଥିଲେ ଏଠି କଇଁଛ ପ୍ରଜନନ ଫାର୍ମ ଆରମ୍ଭ କରିବେ ବୋଲି । ରହୁଥିଲେ ରାଜାରାଣୀ ହୋଟେଲ୍‌ରେ । ଦିନେ କେଦାରଗୌରୀ ମନ୍ଦିର ଦେଖିବାକୁ ଆସି ଘୂରିବୁଲୁଥିଲେ ମନ୍ଦିର ସାମ୍‌ନା ରାସ୍ତାରେ । ରାସ୍ତା କଡ଼େ କଡ଼େ ଅନେକ ଗୁଡ଼ିଏ ସାନ ସାନ ହାଣ୍ଡିକ୍ରାଫ୍‌ଟର ଦୋକାନ । ସେଇ ଦୋକାନରୁ କିଛି ପଥରର ମୂର୍ତ୍ତି କିଣିଲା ବେଳେଇ ଚନ୍ଦ୍ର ସହିତ ଦେଖା ରବ୍‌ର୍ଟସନ୍‌ଙ୍କର । ଚନ୍ଦ୍ରର ଜଳଖିଆ ଦୋକାନଟି ଥିଲା ହାଣ୍ଡିକ୍ରାଫ୍‌ଟ ଦୋକାନ ପାଖରେ ।

ଏଇ ଥିଲା ଅଯମାରମ୍ଭ । ରବର୍ଟସନ୍‌ଙ୍କର ପରିଚୟ ଧୀରେ ଧୀରେ ବଢ଼ିଥିଲା ଚନ୍ଦ୍ର ସହିତ । ଚନ୍ଦ୍ର ସହିତ ସଂପର୍କ ସ୍ଥାପନା କରିବାରେ ରବର୍ଟସନ୍‌ଙ୍କର କିଛିଟା ସ୍ୱାର୍ଥ ନିହିତ ଥିଲା ଅବଶ୍ୟ । ରବର୍ଟସନ୍‌ଙ୍କର କଇଁଛ ଫାର୍ମଟି ଥିଲା ଅସ୍ତରଙ୍ଗରେ, ନିର୍ଜନ ସମୁଦ୍ରକୂଳେ । ସେଠି ସ୍ଥାୟୀ ଭାବରେ ରହି ଫାର୍ମଟି ଦେଖାଶୁଣା କରିବାପାଇଁ ତାଙ୍କର ଦରକାର ଥିଲା ଗୋଟିଏ ସ୍ଥାନୀୟ ଲୋକ । ଚାଲାଖ ଚତୁର, ଶକ୍ତସମର୍ଥ । ଚନ୍ଦ୍ର ସେ କାମଟି ପାଇଁ ବେଶ୍ ସୁହାଇଯାଇଥିଲା ତାଙ୍କୁ ।

ବରାପିଆଜି ଦୋକାନରୁ ଆମଦାନୀ ହେଉଥିବା ରୋଜଗାରର ଦ୍ୱିଗୁଣ ଦରମା ଦେଇ ଚନ୍ଦ୍ରକୁ ଅଚିରେ ନିଜ ଫାର୍ମରେ ନିଯୁକ୍ତ ଦେଇ ଦେଲେ ରବର୍ଟସନ୍ । ତାଙ୍କର ରୋଜଗାର ଥିଲା ଡ଼ଲାର୍‌ରେ । ତେଣୁ ଏହା ତାଙ୍କ ପାଇଁ ଏମିତି କିଛି କଠିଣ କାମ ନ ଥିଲା । ଫଳ ସ୍ୱରୂପ, ଜଳଖିଆ ଦୋକାନରେ ତାଲା ପକାଇ, ଚନ୍ଦ୍ର ଗଲା ଅସ୍ତରଙ୍ଗ – ଫାର୍ମର କେୟାର ଟେକର ହୋଇ ।



Digitized by srujanika@gmail.com

ଜନମାନବଶୂନ୍ୟ ଅସ୍ତରଙ୍ଗର ବେଳାଭୂଇଁ । ଅସ୍ଥାୟୀ ଚାଳଘରେ ବସତି । ନିକଟତମ ବଡ଼ ସହର ଭୁବନେଶ୍ୱର । ମଝିରେ ମଝିରେ ଆସି ଭୁବନେଶ୍ୱରରୁ ସପ୍ତାହକ ପାଇଁ ସଉଦାପତ୍ର କିଣି ନେଇଯାଏ ଚନ୍ଦ୍ର । ଯାତାୟତ ପାଇଁ ଡ୍ରାଇଭର ସହିତ ଜିପ୍‌ଗାଡ଼ିଟିଏ ତାକୁ ଦେଇଥିଲେ ରବର୍ଟସନ୍ ।

ବେଳାଭୂଇଁର ଶୈତ୍ୟ, ଏକାକୀତ୍ୱ ତଥା ବିବିଧତାବିହୀନ ଜୀବନକୁ ନେଇ ଚନ୍ଦ୍ର ଯେତେବେଳେ ଭଭୟ ବିଷଣ୍ଣ ଓ କ୍ଲାନ୍ତ, ଠିକ୍ ସେତିକି ବେଳକୁ କାନାଡ଼ାରୁ ଆସି ପହଞ୍ଚିଲେ ଟବର୍ଟସନ୍‌ଙ୍କ ପତ୍ନୀ - ସ୍ୱର୍ଣ୍ଣକେଶୀ ତରୁଣୀ କନ୍ୟା ଆନିକୁ ସାଥିରେ ନେଇ ।

ଏବଂ ଅସ୍ତରଙ୍ଗ ବୁଲିବାପାଇଁ ଯାଇ, ପ୍ରଥମ ଦେଖାରେ ଇ ସେଠାକାର ସାମୁଦ୍ରିକ ସୌନ୍ଦର୍ଯ୍ୟର ମହିମାମଣ୍ଡିତ ରୂପଶ୍ରୀର ବିମୁଗ୍ଧ ସ୍ତାବକ ହେଇ ପଡ଼ିଲା ଆନି । ସମୁଦ୍ରତୀରର ଦିଗନ୍ତ ପ୍ରସାରୀ ବାଲୁଚର, ଶବ୍ଦମୟ ଢେଉ, ରଙ୍ଗିନ ସୂର୍ଯ୍ୟାସ୍ତ ଏବଂ ଦୁଷ୍ଟ ପବନ - ଏ ସବୁର କୁହୁକମାୟା ଏକପ୍ରକାର ଆଚ୍ଛନ୍ନ କରି ରଖିଲା ତାକୁ । ପ୍ରାୟ ପ୍ରତ୍ୟେକ ଦିନ ଭୁବନେଶ୍ୱରରୁ ଅସ୍ତରଙ୍ଗ ଯାଏ ଆନି । ଦରଓଦା ବାଲିରେ ବସି ଚନ୍ଦ୍ର ସାଥିରେ ଦେଖେ ଧାବମାନ ଚଗଲା କଙ୍କଡ଼ା ମାନଙ୍କର ବିପର୍ଯ୍ୟସ୍ତ ଖେଳ । ଦେଖେ ନୀଳ ଓ ସବୁଜ ରଙ୍ଗ ମିଶା ଅଥୈ ଜଳଧିର ଉପକୂଳରେ ନିର୍ଲ୍ଲଜ ଭାବରେ ଲୋଟି ପଡୁଥିବା ସଫେନ ଚପଳ ତରଙ୍ଗମାଳା । ଦୂରାଗତ ହାଓ୍ୱାର ଦାପଟ୍‌ରେ ଆନିର ସୁନେଲିକେଶ ଉଡ଼େ । ଉଡ଼େ ଚନ୍ଦ୍ର ପିନ୍ଧିଥିବା ବାଇଗିଣୀ ପାଟର କୁଞ୍ଚକାନି । ଗୋଧୂଳିର କମଳାରଙ୍ଗୀ ଖରା ଚନ୍ଦ୍ରର ଛାତି ଓ ବାହୁର ପିଚ୍ଛିଳ ମାଂସପେଶୀକୁ ଧୋଇ ଦେଇଯାଏ ଅକୃପଣଭାବେ । ମନେହୁଏ ସତେ ଅବା ସଦ୍ୟ ପାଲିସ୍ କରିଥିବା ଏକ ସୁବର୍ଣ୍ଣ ପ୍ରତିମା । ଦିନ ଗଡ଼ିଚାଲେ । ଏବଂ ଆନି ପ୍ରେମରେ ପଡ଼ିଯାଏ ଏଇ ସୁବର୍ଣ୍ଣ ପ୍ରତିମାର ।

ପ୍ରେମ ଏବଂ ଧୂଆଁ - ଦୁଇଟିଯାକ ଜିନିଷ କେବେ ବି ଲୁଚିରହେନି । କେଉଁ ଅଲୌକିକ ଶକ୍ତିବଳରେ ଫୁଟିକି ବାହାରେ ଦିନେ ନା ଦିନେ । ନିଷିଦ୍ଧ ପ୍ରଣୟର କାହାଣୀଟି ଆସି ଯଥାସମୟରେ ପହଞ୍ଚେ ଚନ୍ଦ୍ରର ରକ୍ଷଣଶୀଳ ପରିବାରର କର୍ଣ୍ଣକୁହରରେ । ସ୍ୱାଭାବିକ୍ ଭାବରେ ସଦସ୍ୟମାନେ କ୍ରୋଧିତ ହୁଅନ୍ତି । ଚନ୍ଦ୍ରଠାରୁ ସମ୍ବାଦ ପାଇ ଆନି ଆସି ଭେଟେ ଚନ୍ଦ୍ରର ପିତାମାତା ତଥା ଜ୍ୟେଷ୍ଠ ଭ୍ରାତାଙ୍କୁ । ସ୍ପଷ୍ଟଭାବରେ ଜଣେଇଦିଏ ଯେ ଚନ୍ଦ୍ର ସହିତ ତା'ର ମିଳାମିଶା କେବଳ ସମୟ କାଟିବାର ଏକ ଶସ୍ତା ସାଧନ ନୁହେଁ । ଏ ସଂପର୍କ ସମ୍ବନ୍ଧରେ ସିଏ ବେଶ୍ ଗମ୍ଭୀର ଓ ଏକନିଷ୍ଠ । ସିଏ ବିବାହ କରିବାକୁ ଚାହେଁ ଚନ୍ଦ୍ରକୁ । ଚାହେଁ ତାକୁ ସାଥିରେ କାନାଡ଼ା ନେଇଯିବା ପାଇଁ । ସ୍ୱପ୍ନ ଦେଖେ ତାକୁ ସ୍ୱାଦ ଚଖେଇବା ପାଇଁ ଏକ ମାର୍ଜିତ ଓ



Digitized by srujanika@gmail.com

ଉନ୍ନତ ଜୀବନଧାରାର । ଏ କଥା ବି ଜଣେଇ ଦିଏ ଯେ ଯଦି ଚନ୍ଦ୍ରର ପିତାମାତା ପୁତ୍ରକୁ ଦୂର ଦେଶକୁ ପଠାଇବା ପାଇଁ ନାମଙ୍ଗ, ତା ହେଲେ ତାଙ୍କର କୂଳବଧୂ ହେଇ ସାରା ଜୀବନ ଏଇଠି ରହିଯିବା ପାଇଁ ମଧ ସେ ପ୍ରସ୍ତୁତ । ତା'ର ଅନେକ ଡ଼ଲାର । ଭୁବନେଶ୍ୱରର କୌଣସି ଏକ ସଂଭ୍ରାନ୍ତ ପଲ୍ଲୀରେ ସିଏ ବଡ଼ ଘରଟିଏ ଭଡ଼ା ନେବ ଏବଂ ସମସ୍ତ ପରିବାରର ସଦସ୍ୟ ତା' ସହିତ ସେଠି ଆରାମରେ ରହି ପାରିବେ । କିନ୍ତୁ ଚନ୍ଦ୍ରଠାରୁ ବିଚ୍ଛିନ୍ନ ହେଇ ରହିବା ତା' ପକ୍ଷରେ ସମ୍ଭବପର ନୁହେଁ ।

ଆନି ବାରମ୍ବାର ଆସେ ଚନ୍ଦ୍ରର ଘରକୁ । ଏବଂ ଏଇ ମିଳାମିଶା ଫଳରେ କ୍ରମଶଃ ଶ୍ୱେତାଙ୍ଗିନୀ ଝିଅଟି ପ୍ରତି ସ୍ନେହଶୀଳ ହେଇପଡ଼ନ୍ତି ଚନ୍ଦ୍ରର ପିତା । ଅନୁମତି ଦିଅନ୍ତି ଚନ୍ଦ୍ରକୁ କାନାଡ଼ା ଯିବାପାଇଁ । ହୁଏତ ଭାବନ୍ତି - ତାଙ୍କର ତ ସାରାଜୀବନ କଟିଗଲା ଏଇ ପୂତଗନ୍ଧମୟ ଅନ୍ଧକାର ନିବୁଜ ଗଳିରେ । ପୁତ୍ରଟିର ଜୀବନରେ ଯଦି କିଞ୍ଚିତ୍ ସୂର୍ଯ୍ୟାଲୋକର ଆଭାସ ମିଳିଛି, ସିଏ ସେଥିରେ ବାଧା ଦେବେ ବା କାହିଁକି ?

ଯା ଭିତରେ କଞ୍ଚିଛ ଫାର୍ମଟିର ଅସଫଳତା ହେତୁ ଆନିର ପିତାମାତା କାମ ବନ୍ଦ କରି କାନାଡ଼ା ଫେରିଯାଆନ୍ତି । ସେମାନଙ୍କର ଅନୁମତି ନେଇ ଆନି ରହିଯାଏ ଭୁବନେଶ୍ୱରରେ । ଆପ୍ରାଣ ପ୍ରୟାସ କରେ ଚନ୍ଦ୍ରର ଭିସା କାଗଜ ବନ୍ଦୋବସ୍ତ କରିବା ପାଇଁ । ବାରମ୍ବାର ଦୌଡ଼େ ଦିଲ୍ଲୀସ୍ଥିତ କାନାଡ଼ିଆନ୍ ଏମ୍ବାସୀ । କିନ୍ତୁ ଶେଷ ପର୍ଯ୍ୟନ୍ତ ଅକୃତକାର୍ଯ୍ୟ ହେଇ ଏକା ଏକା କାନାଡ଼ା ଫେରିଯିବାର ନିଷ୍ପତ୍ତି ନେଇ ନେବାକୁ ବାଧ ହୁଏ । ଯିବା ପୂର୍ବରୁ ଅବଶ୍ୟ ବାରମ୍ବାର କହିଯାଏ ଚନ୍ଦ୍ରକୁ - ହତୋତ୍ସାହ ହେବାର କୌଣସି କାରଣ ନାହିଁ । ଯେତେ ଶୀଘ୍ର ପାରିବ, ଚେଷ୍ଟା କରି ସିଏ ଚନ୍ଦ୍ରକୁ ନେଇଯିବ ତା' ପାଖକୁ । ଚନ୍ଦ୍ର ଯେମିତି ଧୈର୍ଯ୍ୟ ଧରି ଅପେକ୍ଷା କରେ ସେତକ ଦିନ ।

ଆନିର ପ୍ରୟାସ ସଫଳ ହେବାପାଇଁ ଅବଶ୍ୟ ହାରାହାରି ବର୍ଷଟିଏ ଲାଗିଯାଏ । ବିଭିନ୍ନ ସରକାରୀ ବ୍ୟବସ୍ଥା ପ୍ରଣାଳୀର ଖୋଜ ଖବର କରି ଓ ଅକ୍ଲାନ୍ତ ପରିଶ୍ରମ କରି ଚନ୍ଦ୍ରପାଇଁ ଭିସାର ବ୍ୟବସ୍ଥା କରିନିଏ ଆନି । ବର୍ଷକ ପରେ ଆନିଠାରୁ ଦୀର୍ଘ ଚିଠିଟିଏ ପାଏ ଚନ୍ଦ୍ର । ସାଥିରେ ସାତବର୍ଷ ପାଇଁ ଉଦ୍ଦିଷ୍ଟ ଭିସା କାଗଜ ଏବଂ କାନାଡ଼ା ଯିବାପାଇଁ ଉଦ୍ଦିଷ୍ଟ ଉଡ଼ାଜାହାଜର ଟିକେଟ ମଧ ।

କାହାଣୀଟି ଏଇ ପର୍ଯ୍ୟନ୍ତ କହି ସାମାନ୍ୟ ବିଶ୍ରାମ ନେଲା ଶୁଭେନ୍ଦୁ । ମୁଁ ପଚାରିଲି - ତମେ କେମିତି ଏ ଚିଠି କଥା ଜାଣିଲ ?

ପାଣି ପିଇ ପିଇ ଶୁଭେନ୍ଦୁ କହିଲା - ଚିଠିଟି ଥିଲା ଇଂରାଜୀରେ ଲେଖା । ଚନ୍ଦ୍ର ସହିତ ଅନେକବର୍ଷର ପରିଚୟ ତ । ଘର ପାଖରେ ଘର । ତେଣୁ ଚିଠିଟି



Digitized by srujanika@gmail.com

ଓଡ଼ିଆରେ ତର୍ଜମା କରି ତାକୁ ବୁଝେଇ ଦବାପାଇଁ ଆଣିଥିଲା ମୋ' ପାଖକୁ । ଚିଠିଟି ଥିଲା ଚାରିପର୍ଦ୍ଦର । କାନାଡ଼ିଆନ୍ ଏୟାର୍ ଯାଇ କାହା ସହିତ ଦେଖା କରିବାକୁ ହେବ, କେତେବେଳେ କେଉଁଠାରେ ପ୍ଲେନ୍ ଚଢ଼ିବାକୁ ହେବ - ସବୁ ଖବର ଟିକିନିଖି ଭାବରେ ଲେଖି ଜଣାଇଥିଲା ଆନି । ଲେଖିଥିଲା ମଣ୍ଡିଅଲ୍ ଏୟାର୍ ପୋର୍ଟରେ ଚନ୍ଦ୍ର ଓହ୍ଲାଇଲାବେଳକୁ ସେଠି ଆନି ଉପସ୍ଥିତ ଥିବ । ପିନ୍ଧିଥିବ ହଳଦିଆ ରଙ୍ଗର ଟି ସାର୍ଟ ଓ ଗୋଲାପଫୁଲ ଖଞ୍ଜା ଟୋପି । ତେଣୁ ତାକୁ ଠାବ କରବାରେ ଚନ୍ଦ୍ରର ବିଶେଷ କିଛି ଅସୁବିଧା ହେବନି ।

ତା' ପରେ କଅଣ ହେଲା ? ଚନ୍ଦ୍ର ସତରେ କାନାଡ଼ା ଗଲା ?

- ଅବଶ୍ୟ ଚନ୍ଦ୍ର କାନାଡ଼ା ଗଲା । ଯିବା ଆଗରୁ ଭୟରେ ଠକ୍ ଠକ୍ କମ୍ପୁଥାଏ । ଜୀବନରେ କେବେ ଓଡ଼ିଶା ମାଟି ବାହାରେ ପାଦ ପକେଇନଥିଲା ତ ! ଯାହାହେଉ, ଶେଷ ପର୍ଯ୍ୟନ୍ତ ଠିକ୍‌ଠାକ୍ ଯାଇ ପହଞ୍ଚିଥିଲା ଗନ୍ତବ୍ୟସ୍ଥଳରେ । ଆନି ଏବଂ ସିଏ ଚର୍ଚ୍ଚରେ ବାହା ହେଇପଡ଼ିଲେ କେଇଦିନ ପରେ । ଆନି ସେଠି ଚାକିରି କରୁଥିଲା । ପଇସାର ତେଣୁ ଅଭାବ ନ ଥିଲା ତା'ର । ବାହାଘର ପରେ ସେମାନେ ବିଶ୍ୱଭ୍ରମଣରେ ଯାଇଥିଲେ । କେଇଦିନ ପାଇଁ ଭୁବନେଶ୍ୱର ଆସିଥିଲେ ମଧ । ଚନ୍ଦ୍ରର ପରିବାର ବର୍ଗ ଏଠାରେ ପୁନର୍ବାର ବୈଦିକରୀତିରେ ସେମାନଙ୍କର ବିଭାଘର କରାଇ ଭୋଜିଭାତର ସୁବ୍ୟବସ୍ଥା କରିଥିଲେ ।

ଚନ୍ଦ୍ର ସାଥିରେ ତମର ଶେଷ ଦେଖା କେବେ ହେଇଥିଲା ? ମୁଁ ଶୁଭେନ୍ଦୁକୁ ପଚାରିଲି ।

ଶୁଭେନ୍ଦୁ ଉତ୍ତର ଦେଲା - ପ୍ରାୟ ଦୁଇବର୍ଷ ତଳେ । ଦୁଇ ତିନି ବର୍ଷରେ ଥରେ ଲେଖାଁଏ ଏଠିକି ଆସନ୍ତି ସେମାନେ । ଆନି କହେ ସାରା ଭାରତବର୍ଷରେ ଆଗ୍ରା କୁଆଡ଼େ ତାକୁ ସବୁଠାରୁ ଅପରିଚ୍ଛନ୍ନ ଓ ବେକାର୍ ମନେ ହୁଏ । ଆଉ ସବୁଠାରୁ ବେଶୀ ଭଲଲାଗେ ଭୁବନେଶ୍ୱର ।

ଚନ୍ଦ୍ର ଇଂରାଜୀ କହିବା ଶିଖିଗଲାଣି ?

- ଶିଖିଗଲାଣି ମାନେ ? ଚମତ୍କାର ଇଂରାଜୀ କହୁଛି ଏବେ ଚନ୍ଦ୍ର । କୋର୍ଟ, ଟାଇ ପିନ୍ଧେ । ପୂରାଦସ୍ତୁର୍ ସାହେବ । କାନାଡ଼ାର ନାଗରିକ ବି ହେଇଯାଇଛି । ଆନିର ବଡ଼ ଭଉଣୀ ସେଠାରେ ଡ୍ରେଣ୍ଟିଷ୍ଟ । ତାହାରି କ୍ଲିନିକ୍‌ରେ କାମ କରି ସେ ବିଦ୍ୟାରେ ପାରଙ୍ଗମ ହେଇଯାଇଛି ଚନ୍ଦ୍ର । ଦିନ ବେଳେ ସେଇଠାରେ କାମକରେ, ସହାୟକ ଭାବରେ । ଶେଷଥର ଚନ୍ଦ୍ର ସହିତ ଦେଖା ହେଲାବେଳେ ଏଇସବୁ କଥା ତା' ଠାରୁ ଶୁଣିଥିଲି ।



Digitized by srujanika@gmail.com

କିଛି ସମୟ ନୀରବ ରହି ପୁନର୍ବାର କହିଲା ଶୁଭେନ୍ଦୁ - ଆନି ପରି ବଶମ୍ବଦ ପତ୍ନୀଟିଏ ମୁଁ କିନ୍ତୁ ଏ ଯାବତ୍ କେଉଁଠି ଦେଖିନି । ରୀତିମତ ଆଶ୍ଚର୍ଯ୍ୟ କିସମ୍ର ଝିଅଟିଏ ।

- ବଶମ୍ବଦ ବୋଲି କେମିତି ଜାଣିଲ ତମେ ? ପାଶ୍ଚାତ୍ୟ ସଭ୍ୟତାରେ ତ ନାରୀମାନେ ପୁରୁଷ ସହିତ ସମାନ ଅଧିକାର ଜାହିର୍ କରିବାପାଇଁ ଅହରହ ବ୍ୟାକୁଳ । ମୁଁ କହିଲି ।

ଶୁଭେନ୍ଦୁ କହିଲା - ନାଇଁ ଆଜ୍ଞା । ଆନି ଭାରି ମାନେ ଚନ୍ଦ୍ରକୁ । ଆରଥରକ ସେମାନେ ଆସିଲାବେଳେ ଦିନେ ସନ୍ଧ୍ୟାବେଳେ ବିନ୍ଦୁସାଗରର ପଥର ପାହାଚରେ ବସି ଆନି ଓ ମୁଁ ଗପ କରୁଥିଲୁ । ଚନ୍ଦ୍ର ନ ଥିଲା । ଆନି ସିଗ୍ରେଟ୍‌ଟିଏ ଲଗାଇ ଟାଣିବାକୁ ଯାଉଛି, ଦୂରରୁ ଚନ୍ଦ୍ରକୁ ଆସୁଥିବାର ଦେଖିଲା । ସାଙ୍ଗେ ସାଙ୍ଗେ ସିଗ୍ରେଟ୍‌ଟି ଲିଭାଇ ଫିଙ୍ଗିଦେଲା ପାଣିକୁ । ମତେ କହିଲା 'ଚନ୍ଦ୍ର ଭଲପାଏନି ମୁଁ ସିଗ୍ରେଟ୍ ଖାଇଲେ । ତା' ସାମ୍ନାରେ ସିଗ୍ରେଟ୍ ଟାଣି ତାକୁ ଉତ୍ୟକ୍ତ କରିବାକୁ ମୁଁ ଚାହେଁନି ।'

- ବାଃ, ଭାରି ପତିବ୍ରତା ସ୍ତ୍ରୀଟିଏ ତ ! ମୁଁ ଟିପ୍ପଣୀ କାଟିଲି ।

- ସ୍ତ୍ରୀ ଟି ପତିବ୍ରତା । ଚନ୍ଦ୍ର କିନ୍ତୁ ପୂରାପୂରି ବଦଳି ଯାଇଛି । ଶୁଭେନ୍ଦୁ କହିଲା ।

- କାହିଁକି ? ଏକଥା କହୁଚ କାହିଁକି ? ମୁଁ ବ୍ୟଗ୍ରସ୍ୱରରେ ଶୁଭେନ୍ଦୁକୁ ପଚାରିଲି ।

- ନାଇଁ ଆଜ୍ଞା, ଆପଣ ବୟୋଜ୍ୟେଷ୍ଠ । ସେ ସବୁ କଥା କଅଣ ଆପଣଙ୍କୁ କହିବି ? ଲାଜ ଲାଜ କରି ଶୁଭେନ୍ଦୁ ଜବାବ୍ ଦେଲା ।

- ବାଃ ! ତମେ ଇ ତ ମତେ କହିଲ ଏ ପ୍ରେମ କାହାଣୀଟି ନେଇ ଗପଟିଏ ଲେଖିବାକୁ । ଉପସଂହାରଟି ନ ହେଲେ ଗପଟି ସମାପ୍ତ ହେବ କେମିତି ? ମୁଁ କହିଲି । ଏବଂ ମୋ'ରି ଜିଦ୍‌ରେ, ଶେଷପର୍ଯ୍ୟନ୍ତ ଭଙ୍ଗା ଭଙ୍ଗା ବାକ୍ୟରେ ସସଙ୍କୋଚ ଯେଉଁ କଥାଟିର ସୂଚନା ଶୁଭେନ୍ଦୁ ଦେଇଥିଲା ତାହା ଥିଲା ଏଇଭଳି ।

ଆମ ଦେଶରେ କେବଳ ମହିଳାମାନେ ହିଁ ଯୌନକର୍ମୀ ଭାବରେ କାମ କରନ୍ତି । ସେ ଦେଶରେ କିନ୍ତୁ ପୁରୁଷମାନଙ୍କ ଭିତରେ ମଧ୍ୟ ସେଇ ବୃତ୍ତିର ପ୍ରଚଳନ ରହିଛି । ସ୍ୱାସ୍ଥ୍ୟବାନ୍ ସୁଗଠିତ ପୁରୁଷମାନଙ୍କର ନାରୀମାନଙ୍କ ପାଖରେ ଚାହିଦା ବହୁତ ବେଶୀ । ଆନିର ବଡ଼ ଭାଇ ଉକ୍ତ ଧନ୍ଦାରେ ଲିପ୍ତ । ତା' ସାଥିରେ ମିଶି ବର୍ତ୍ତମାନ



Digitized by srujanika@gmail.com

ଚନ୍ଦ୍ର ମଧ୍ୟ ସେଇ ବୃତ୍ତି ଆପଣେଇ ନେଇଛି । ପ୍ରଚୁର ପଇସା ରୋଜଗାର କରୁଛି ଏବେ ।

ଆଉ ଆନି ? ଆନି ଜାଣେ ଏକଥା ?

- ଅବଶ୍ୟ ଆନି ଜାଣେ । ଆନି ସାମ୍‌ନାରେ ଇ ଚନ୍ଦ୍ର ଏକଥା କହିଥିଲା ମତେ ।

- ଆନି କିଛି କହେନି ତାକୁ ?

- ମୁଁ ପଚାରିଥିଲି ଏ ସଂପର୍କରେ ଆନିକୁ । ଆନି କହିଲା, 'ମୁଁ ଯେ ଭଲପାଏ ଚନ୍ଦ୍ରକୁ । ଆଉ ମୋ ଭଲପାଇବା ସର୍ତ୍ତବିହୀନ । ତା' ଛଡ଼ା ଏଇଟା ତ କେବଳ ଦୈହିକ ବ୍ୟାପାର । ମନ ସହିତ ଏହାର କୌଣସି ସଂପର୍କ ଇ ନାହିଁ । ଚନ୍ଦ୍ର ତ ତା'ର ମନଟିକୁ ଅନେକବର୍ଷ ଆଗରୁ ଦେଇସାରିଛି ମତେ !

ଆଶ୍ଚର୍ଯ୍ୟ ! ଏଭଳି ଭାବରେ ଗୋଟିଏ ସ୍ତ୍ରୀ ତା' ସ୍ୱାମୀକୁ ଭଲ ପାଇପାରେ ? ଅବାକ୍ ହେଇ ମୁଁ କହିଲି ।

ଚୌକିରୁ ଉଠି ଯିବାକୁ ଉଦ୍ୟତ ହେଉହେଉ ମୃଦୁହସି ମିନୁ କହିଲା - ଇଏ ଯେ କାମଦେବଙ୍କର ଫୁଲଶରର ବ୍ୟାପାର ନାନୀ । ଯାହାଠି ସେ ଫୁଲଶର ଲାଗିଛି ସିଏ ଜାଣେ । ତୁ ବୁଝିବୁନି ।

●●●



Digitized by srujanika@gmail.com

# ଚର୍ଚ୍ଚ

ରବିବାର ଦିନ ସକାଳୁ ସକାଳୁ ସନ୍ ଆସି ପହଞ୍ଚିଥିଲା ଘରେ ।

କଫି ପିଇସାରିଲା ପରେ କହିଲା - ମା, ଆଜି ଅପରାହ୍ନରେ ମୁଁ ଚର୍ଚ୍ଚ ଯିବି, ତମେ ଆସିବ ମୋ ସାଥିରେ ?

ମୁଁ ତତ୍‌କ୍ଷଣାତ୍ ଜବାବ ନ ଦେଇ କିଛି ସମୟ ପାଇଁ ଚୁପ୍ ରହିଲି । ମନରେ ଉଙ୍କି ମାରିଥିବା ଦ୍ୱିଧା ଓ ସଙ୍କୋଚ ହେତୁ । ଆମେରିକାର ଚର୍ଚ୍ଚ, ବିଦେଶୀମାନେ ସେଠାରେ ମୋର ଉପସ୍ଥିତି କି ଭଳି ଗ୍ରହଣ କରିବେ ସେ ସଂପର୍କରେ ଥିଲି ସନ୍ଦିହାନ ।

ମୋ'ର କୁଣ୍ଠିତ ଭାବଭଙ୍ଗୀ ଦେଖି ସନ୍ କହିଲା - ଚାଲ ନା ମା ! ତମେ ତ ଯା ଭିତରେ ତମ ଭାରତୀୟମାନଙ୍କ ତିଆରି ମନ୍ଦିରକୁ ଯାଇ ଦିଥର ବୁଲି ଆସିସାରିଲିଣି । ଚର୍ଚ୍ଚକୁ ଯିବାରେ ଆପତ୍ତି କଅଣ ? ତମେ ତ ଜାଣ, ଆଇଡାହୋରେ ମୋ ବାପା ଗୋଟିଏ ଚର୍ଚ୍ଚରେ ପାଦ୍ରୀ କାମ କରନ୍ତି । ମମ୍ମିବି ପିଆନୋ ବଜାଇ ଗୀତ ଗାଆନ୍ତି ସେଠି । ପିଲାଦିନୁ ସେମାନଙ୍କୁ ଦେଖି ଦେଖି ରବିବାରଦିନ ଚର୍ଚ୍ଚ ଯିବା ମୋ'ର ଏକ ରକମ ଅଭ୍ୟାସରେ ପରିଣତ ହୋଇଯାଇଛି । ପ୍ରତିସପ୍ତାହରେ ପ୍ରାର୍ଥନା କରିବାକୁ ନଗଲେ ମତେ ନିଜକୁ ଭାରି ଅସ୍ୱସ୍ତି ଲାଗେ । ଆଜି ମୋ ସାଙ୍ଗରେ ଚାଲନା ମା ! ଏମିତିରେ ଚର୍ଚ୍ଚର ଫାଦର ତୁମକୁ ଜାଣିଛନ୍ତି ମଧ୍ୟ ।

- ଜାଣିଛନ୍ତି ମାନେ ?

- ମାନେ ତମ କଥା ଓ ଅଙ୍କଲ୍‌ଙ୍କ କଥା ଶୁଣିଛନ୍ତି ମୋ'ଠୁ ।

- ତୋ'ଠୁ ଶୁଣିଛନ୍ତି ଆମ କଥା ? ଆମ କଥା ହଠାତ୍ ତାଙ୍କୁ କହିବାକୁ ଯାଇଥିଲୁ କାହିଁକି ?

ସନ୍ କିନ୍ତୁ ମୃଦୁ ହସି ମୋ' ପ୍ରଶ୍ନର ଉତ୍ତରଟି ଏଡେଇଗଲା । ବାହାରକୁ ଯାଉ ଯାଉ କହିଲା - ମୁଁ ଠିକ୍ ଚାରିଟାବେଳେ ଗାଡି ନେଇ ଆସିବି, ତମେ ତିଆର ଥିବ ।

ସନ୍ ଫାର୍ମର ଥିଲା ଯୁକ୍ତରାଷ୍ଟ୍ର ଆମେରିକାର ଲାନ୍‌ସିଂ ନଗରାସ୍ଥିତ ମିସିଗାନ୍ ଷ୍ଟେଟ୍ ୟୁନିଭର୍ସିଟିର ଛାତ୍ର - ଗବେଷଣା କରୁଥିଲା ମୋ'ର ଅଧ୍ୟାପକ ପୁତ୍ରର ତତ୍ତ୍ୱାବଧାନରେ । ଅତ୍ୟନ୍ତ ରୂପବାନ ଏବଂ ଗୁଣବାନ ଯୁବକ । ତା'ର ପୁରୁଣା ପଣ୍ଟିଆକ୍ ଗାଡିଟିରେ ବସାଇ, ସମୟ ପାଇଲେ ମତେ ଏଠି ସେଠି ବୁଲେଇ ଆଣି ଆଣିବାର ଦାୟିତ୍ୱଟି ଖୁସି ମନରେ ଗ୍ରହଣ କରିଥିଲା ଏବଂ ସେଦିନ ଜିଦ୍ ଧରିଥିଲା ତା ସାଥିରେ ଚର୍ଚ୍ଚ ଯାଇ ପ୍ରାର୍ଥନା ସଭାରେ ଯୋଗ ଦେବାଲାଗି ।



Digitized by srujanika@gmail.com

ସହରର ମନ୍ଦିର ସଂପର୍କୀୟ ମତବ୍ୟାଟି ଅବଶ୍ୟ ଠିକ୍ ଥିଲା । ଲାନ୍‌ସିଂ ପହଞ୍ଚିବାର କେଇ ଦିନ ପରେ ଭାରତୀୟମାନଙ୍କର ସମ୍ମିଳିତ ଉଦ୍ୟମରେ ତିଆରି ହୋଇଥିବା ସୁନ୍ଦର ମନ୍ଦିରଟିକୁ ମୁଁ ଦୁଇଥର ଯାଇ ବୁଲି ଆସିଥିଲି । ପ୍ରଥମଥର ଯାଇଥିଲି ରବିବାର ସକାଳେ । ନଗରୀର ମଧ୍ୟଦେଶରେ ମୁକୁଳା ପରିସର ଭିତରେ କ୍ଷୁଦ୍ରକାୟ ପରିଚ୍ଛନ୍ନ ମନ୍ଦିରଟିଏ । ଅନ୍ତର୍ଭାଗ ଶ୍ୱେତମାର୍ବଲ୍‌ରେ ନିର୍ମିତ । ମୁଖ୍ୟ ବେଦୀରେ ରାମ, ଲକ୍ଷ୍ମଣ, ସୀତାଙ୍କର ଶୋଭନ ପ୍ରତିମୂର୍ତ୍ତି । ଚାରି ଦିଗରେ ବିଭିନ୍ନ ଦେବଦେବୀମାନଙ୍କର ବିଗ୍ରହାୟତନ ପ୍ରତିକୃତି ଶୋଭା ପାଉଛନ୍ତି । ମନ୍ଦିର ଚତ୍ୱରଟି ଅତ୍ୟନ୍ତ ନିର୍ମଳ ଓ ଚନ୍ଦନ ଅଗୁରୁଗନ୍ଧରେ ସୁରଭିତ । ପୂଜାର୍ଚ୍ଚନା ଲାଗି ଉତ୍ତରପ୍ରଦେଶର ଜଣେ ବ୍ରାହ୍ମଣ ସେଠାରେ ବସବାସ କରି ରହିଛନ୍ତି । ତାଙ୍କର ପତ୍ନୀ ବେଦାଙ୍ଗୀ ମଧ୍ୟ ତାଙ୍କୁ କାର୍ଯ୍ୟରେ ସହାୟତା କରନ୍ତି ।

ଦେଖିଲି, ମନ୍ଦିରଟି ସେଠାରେ ଥିବା ଭାରତୀୟମାନଙ୍କର ସାମାଜିକ ତଥା ଧାର୍ମିକ ମିଳନର ଏକ କେନ୍ଦ୍ରସ୍ଥଳ । ସେଦିନ କୌଣସି ଏକ ଭାରତୀୟ ଦଂପତିଙ୍କ ତରଫରୁ କିଛି ସ୍ୱତନ୍ତ୍ର ପୂଜାପାଠ ଏବଂ ପ୍ରସାଦ ସେବନର ବ୍ୟବସ୍ଥା ଥିବାରୁ, ମନ୍ଦିରତଳ ବେସ୍‌ମେଣ୍ଟରେ ଅନେକ ମହିଳା ପୁଷ୍ପସଜ୍ଜା ତଥା ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାର ଦେଖିଲି । ଉତ୍ସବରେ ସାହାଯ୍ୟ କରିବା ପାଇଁ ସାଇପଡିଶା ବି ଆଗରୁ ହୋଇ ବାହାରି ପଡିଥିଲେ । ଭାରତୀୟ ଧର୍ମ ଓ ସଂସ୍କୃତି ସଂପର୍କରେ ଆମେରିକାରେ ଜନ୍ମିତ ଭାରତୀୟ ଶିଶୁମାନଙ୍କୁ ଶିକ୍ଷା ଦେବା ପାଇଁ ମନ୍ଦିର ତରଫରୁ 'ବାଳ ବିହାର' ନାମରେ ଗୋଟିଏ ଶିକ୍ଷାକେନ୍ଦ୍ର ମଧ୍ୟ ପରିଚାଳିତ ହୁଏ । ମନ୍ଦିର ସଂଲଗ୍ନ ଗୋଟିଏ ହଲ୍ ଘରେ ଅନେକ ଗୁଡ଼ିଏ ସାନ ସାନ ପିଲାଙ୍କୁ ଏକତ୍ର ବସାଇ ଜଣେ ଭାରତୀୟ ଭଦ୍ର ମହିଳା ଇଂରାଜୀରେ ରାମାୟଣର ଉପାଖ୍ୟାନଟି କହୁଥିବାର ଶୁଣିଲି ।

କାହାଣୀଟି ଅଧା କହି ଭଦ୍ର ମହିଳା ପଚାରିଲେ – କୁହତ । କେଉଁ ରାଣୀ ରାମଚନ୍ଦ୍ରଙ୍କୁ ବନବାସ ପଠାଇଥିଲେ ?

ସାତ ଆଠ ବର୍ଷର କୁନି ଝିଅଟିଏ ସଂପୂର୍ଣ୍ଣ ଆମେରିକାନ୍ ଉଚ୍ଚାରଣରେ ଉତ୍ତର ଦେଲା – ଖୈକେୟୀ । ଆମେରିକାନ୍‌ମାନେ ପ୍ରଶ୍ୱାସରେ ଜୋର୍‌ଦେଇ ପ୍ରାୟତଃ 'କ' କୁ 'ଖ' ରୂପେ ଏବଂ 'ପ'କୁ 'ଫ' ରୂପେ ଉଚ୍ଚାରଣ କରୁଥିବାର ଲକ୍ଷ୍ୟ କରୁଥିଲି । କଥା କହିଲା ବେଳେ ମତେ ସମ୍ବୋଧନ କରୁଥିଲେ 'ଖାନନ୍' ବୋଲି ।

ଦ୍ୱିତୀୟ ଥର ମନ୍ଦିର ଯାଇଥିଲି ଜନ୍ମାଷ୍ଟମୀ ଦିନ । ମନ୍ଦିରର ଆବହାୱା ସେଦିନ ଗହଗହ । ପ୍ରବଳଭିଡ । ଆଖପାଖ ଇଲାକାସ୍ଥିତ ସମସ୍ତ ଭାରତୀୟ ପରିବାରଙ୍କର ସହର୍ଷ ଉପସ୍ଥିତି । ଏପରିକି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ପଞ୍ଜାବୀ ଅଧ୍ୟାପକ ଜଣକ ତାଙ୍କର ଆମେରିକାନ୍ ପତ୍ନୀଙ୍କୁ ଲାଲ୍ ବନାରସୀ ଶାଢୀ ପିନ୍ଧାଇ ଓ ପୁତ୍ରକନ୍ୟାମାନଙ୍କୁ ଯଥାକ୍ରମେ କୁର୍ତ୍ତା ଓ ଘାଗରାରେ ସଜ୍ଜିତ କରି ସେଠାକୁ ନେଇ ଯାଇଥିବାର ଦେଖିଲି । ମନ୍ଦିରର ମୁଖଶାଳାରେ ପ୍ରସାଦ ସ୍ୱରୂପ ପ୍ରଚୁର ଫଳମୂଳ ଓ ମିଠା ବିତରଣ କରା ହେଉଛି । ହଲ୍‌ର ଗୋଟିଏ ପଟରେ ଅସ୍ଥାୟୀ ପେଣ୍ଡାଲଟିଏ । ପେଣ୍ଡାଲ୍ ପଛପଟେ କୃଷ୍ଣ ଓ ସୁଦାମାଙ୍କର ଛବି ଅଙ୍କା ବିରାଟ ପର୍ଦ୍ଦା । ଆୟୋଜନ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମର ।



Digitized by srujanika@gmail.com

ଅନେକ ଭଦ୍ରମହିଳା ଭଜନ ଗାଇଲେ । ସାତ ଆଠବର୍ଷର ଚଶମା ପିନ୍ଧା ଛୋଟକୁଟା ବାଳକଟିଏ କୃଷ୍ଣଙ୍କର ବାଲ୍ୟଲୀଳା ଓ କାଳୀୟ ଦମନ ଉପାଖ୍ୟାନ ବର୍ଣ୍ଣନା କଲା ଇଂରାଜୀରେ । ଚାରିଜଣ ଦକ୍ଷିଣ ଭାରତୀୟ ମଧ୍ୟବୟସ୍କା ଗୃହବଧୂ ପୁରନ୍ଦରଙ୍କ ରଚିତ କାନ୍ନାଡା ଭକ୍ତି ସଂଗୀତ ଗାଇ ଶୁଣାଇଲେ । ପ୍ରାୟ ଦେଢଘଣ୍ଟାର ନୃତ୍ୟଗୀତର କାର୍ଯ୍ୟକ୍ରମ । ଶୁଣିଲି ଜନ୍ମାଷ୍ଟମୀ, ଦଶହରା, ଦୀପାବଳି ଓ ଦୋଳଉତ୍ସବ ମହା ସମାରୋହରେ ପାଳିତ ହୁଏ ମନ୍ଦିରରେ ।

ଫେରିଆସି ସନ୍ ଆଗରେ ମନ୍ଦିରର ଗପ କହିଥିଲି । ପୁତ୍ରପ୍ରତିମ ସନ୍ ମନରେ ହୁଏତ ଅଭିମାନ ଥିଲା । ମୁଁ ଯଦି ମନ୍ଦିର ଯାଇପାରେ, ଚର୍ଚ୍ଚ ଯିବିନି କାହିଁକି ? ଚର୍ଚ୍ଚବି ତ ଏକ ପ୍ରାର୍ଥନାସ୍ଥଳ । ମୋ ସହିତ ଉପୁଜିଥିବା ଅନ୍ତରଂଗତାରୁ ଧରି ନେଇଥିଲା, ଚର୍ଚ୍ଚ ଯିବା ଭଳିଆ ଉଦାରତା ମୋ'ର ଅଛି ବୋଲି ।

ସେଦିନ ଠିକ୍ ଚାରିଟାବେଳେ ଗାଡି ଧରି ପହଞ୍ଚିଗଲା ସନ୍ - ଦୁହେଁ ବାହାରିଲୁ ଚର୍ଚ୍ଚ ଅଭିମୁଖରେ । ନଗରର ପରିସୀମା ଛାଡି ମଉଳି ଆସୁଥିବା ହଳଦିଆ ସୂର୍ଯ୍ୟକିରଣ ଭିତରେ ଏବଂ ଦରଶୁଖିଲା ସୁପୁଷ୍ଟ ମକାକ୍ଷେତ କଡେ କଡେ ତୀବ୍ରବେଗରେ ଗାଡି ଛୁଟାଇଲା ସନ୍ ।

- ତମର ଏଠି ବହୁତ ମକା ଚାଷ ହୁଏ ଦେଖୁଛି । ମୁଁ କହିଲି ।

- ତମେ ଜାଣନିକି ମା ? ପୃଥିବୀ ପ୍ରସିଦ୍ଧ କର୍ଣ୍ଣଫ୍ଲେକ୍ସ କଂପାନୀ 'କେଲଗ୍'ର ଯେ ହେଡ୍‌କ୍ୱାର୍ଟର ଏଇଠି । 'କେଲଗ'ର ନାଁ ତ ଶୁଣିଥିବ । ଇଣ୍ଡିଆରେ ମିଳେ ନା ନାହିଁ ?

- ଅବଶ୍ୟ ମିଳେ, ତୋ ଅଙ୍କଲ ସବୁଦିନ ସକାଳେ କ୍ଷୀର ସାଥିରେ କେଲଗ୍ କଂପାନୀର କର୍ଣ୍ଣଫ୍ଲେକ୍ସ ଖାଆନ୍ତି । ଅନ୍ୟ କୌଣସି କର୍ଣ୍ଣଫ୍ଲେକ୍ସ ତାଙ୍କ ପାଟିକି ସୁଆଦ ଲାଗେନି ।

ପ୍ରଶସ୍ତ, ପରିଚ୍ଛନ୍ନ ରାଜରାସ୍ତା ଉପରେ ଗାଡି ଛୁଟୁଥିଲା ପବନ ପରି । 'ଫଲ୍'ର ଋତୁ ଆସୁଥିବାରୁ ଚଉଦିଗର ବନବୀଥି ରଂଗ ବଦଳାଇ ହେଇଉଠିଛନ୍ତି ବିଚିତ୍ରବର୍ଣ୍ଣା । କିଏ ବାଇଗଣୀତ କିଏ ଗୋଲାପି, କିଏ ଟକ୍‌ଟକ୍ ଲାଲ୍ ତ କିଏ ସନ୍ନ୍ୟାସୀର ପଟ୍ଟବସ୍ତ୍ର ପରି ଗୈରିକ । ନୟନଭରି ସେ ସୁଷମାର ସ୍ୱାଦ ନେଉ ନେଉ ସନ୍‌କୁ ପଚାରିଲି - ଏଠି ସହର ଭିତରେ କଅଣ ଚର୍ଚ୍ଚ ନାହିଁ ? ତୁ ଏତେ ଦୂରକୁ ଯାଉଚୁ ଯେ ! ସନ୍ କହିଲା - ଏଇ ଚର୍ଚ୍ଚଟିର ଫାଦରଙ୍କ ସହିତ ମୋର ଏକରକମ ସ୍ନେହର ସଂପର୍କ । ସେଇଥିପାଇଁ ଦୂର ହେଲେ ବି ମୁଁ ସେଇଠିକି ଯାଏ ।

- ଏ ସଂପର୍କ ହେଲା କେମିତି ?

- ଫାଦ[illegible]ର୍ଚ୍ଚରେ କାମ କରନ୍ତି । ବଳକା ସମୟରେ ଉପାର୍ଜନ ବୃଦ୍ଧି ପାଇଁ ଗାଡି ମେକାନିକ୍ କାମ [illegible] କରନ୍ତି । ଭାରି ନିପୁଣ ଗାଡି ମେକାନିକ୍ । ମୁଁ ତ ଛାତ୍ର । ବେଶି



Digitized by srujanika@gmail.com

ପଇସା ନାହିଁ । ଅଳ୍ପ ପଇସାରେ ଏଇ ସେକେଣ୍ଡହାଣ୍ଡ ଗାଡିଟି କିଣିଥିଲି । ଗାଡିଟିର ଅବସ୍ଥା ସେତେ ଭଲ ନଥିଲା । ଅନେକ ଗୁଡିଏ ପାର୍ଟ ବି ବଦଳାଇବାର ଥିଲା । ଜଣକଠାରୁ ତାଙ୍କ ନାଁ ଶୁଣି ଗାଡି ମରାମତି ପାଇଁ ତାଙ୍କ ପାଖରେ ଯାଇ ପହଞ୍ଚିଥିଲି । ଅନେକ ପରିଶ୍ରମ କରି ମୋ ଗାଡିଟିକୁ ସଜିଲ୍ କରିଦେଇଥିଲେ । ପୂରାପୂରି ନୂଆ ପରି । କିନ୍ତୁ ପାରିଶ୍ରମିକ ନେଇ ନଥିଲେ । କେବଳ ନୂଆ ଲାଗିଥିବା ପାର୍ଟର ପଇସା ଇ ନେଇଥିଲେ । କହିଥିଲେ - ତୁମେ ତ ଛାତ୍ର । ବୃତ୍ତି ଟଙ୍କାରେ ଚଳୁଚ । ତମଠୁ କଅଣ ପଇସା ନେବି ? ସେଇ ଦିନଠୁ ତାଙ୍କ ସହିତ ଅନ୍ତରଂଗତା ।

- ବାଃ ! ଭାରି ସହୃଦୟ ମଣିଷ ତ । ମୁଁ କହିଲି ।

ସନ୍ କହିଲା - ତମେ ଜାଣ ମା ? ଡେଭିଡ୍ କିନ୍ତୁ ମୂଳତଃ ଆମେରିକାନ୍ ନୁହନ୍ତି । ଗ୍ରୀକ୍ । ଏଠି ଆସି ବସବାସ କରି ରହିଯାଇଛନ୍ତି । ଏବେ ଆମେରିକାର ନାଗରିକ । ତମେ ତ ଜାଣିଥିବ । ଆମେରିକାର ନିଜସ୍ୱ ଅଧିବାସୀ କହିଲାଭଳି ସେମିତି କେହି ନାହାନ୍ତି । କଲମ୍ବସ୍ ଯେତେବେଳେ ଆମେରିକା ଆବିଷ୍କାର କରିଥିଲେ ସେତେବେଳେ ଏଠି କେବଳ ରେଡ୍ଇଣ୍ଡିଆନ୍ମାନେ ଥିଲେ । ପରେ ପରେ ବିଭିନ୍ନ ଦେଶର ଲୋକମାନେ ଏଠିକି ଆସି ବସତି ସ୍ଥାପନ କଲେ । କେତୋଟି ପ୍ରଜନ୍ମ ପରେ ସଭିଏଁ ହୋଇଗଲେ ଆମେରିକାନ୍ ।

କଥା କହୁ କହୁ ସନ୍ ଗୋଟିଏ ଖୋଲା ଫାଟକ ଭିତର ଦେଇ ଗାଡିଟି ପୂରାଇଲା ଏବଂ କାଚକବାଟ ଥିବା ଏକ ପ୍ରବେଶ ଦ୍ୱାର ସମ୍ମୁଖରେ ଗାଡି ବନ୍ଦ କରି କହିଲା - ମା ! ଆମେ ଆସିଗଲେ ।

ଗାଡିରୁ ଓହ୍ଲାଇ ଦେଖିଲି - ସାମ୍ନାରେ ସୂର୍ଯ୍ୟାସ୍ତର ନିଷ୍ପ୍ରଭ ଓ ନରମ ଆଲୋକରେ ଆପାଦ ମସ୍ତକ ସ୍ନାନ କରି ଠିଆ ହୋଇଥିଲା ରାଜହଂସ ସଦୃଶ ଶ୍ୱେତରଂଗର ଚର୍ଚ୍ଚଟିଏ । ପ୍ରବେଶପଥ ସଂଲଗ୍ନ ଲାଉଞ୍ଜରେ ଏକାଧିକ ଭଦ୍ରବ୍ୟକ୍ତି ଓ ମହିଳା ସୋଫାରେ ଆରାମ କରି ବସିଛନ୍ତି । ସନ୍ ପରିଚୟ କରାଇଦେଲା ସଭିଙ୍କ ସାଥିରେ । କରମର୍ଦ୍ଦନ କରି ସଭିଏଁ କହିଲେ ସେଇ ଗୋଟିଏ କଥା - ଆମେ ଭାରି ଖୁସି, ଆପଣ ଆସିଛନ୍ତି ଏଠିକି ।

ପିନ୍ ପିନ୍ ପତଳା ତାମ୍ରକେଶୀ ଝିଅଟିଏ ମୋ ପାଖରେ ବସି ଗପ ଯୋଡିଦେଲା । କହିଲା ତା ନାଁ ବେଲିଣ୍ଡା । ବୟସ ବୟାଳିଶ୍ । ତା'ର ଦୁଇଟି ଝିଅ । ବଡ ଝିଅ ଜାମିକୁ ବାଇଶବର୍ଷ । ଗୋଟିଏ ବ୍ୟାଙ୍କ୍‌ରେ ଚାକିରି କରେ । ଜାମିଠାରୁ ଆଠବର୍ଷ ସାନ ଦ୍ୱିତୀୟ ସନ୍ତାନ ସାରା । ସାରା କିନ୍ତୁ ଭାରି ଚଗଲୀ । କୋଡ ପୋଛାତ ! ଦେଖିବାକୁ କିନ୍ତୁ ଭାରି ସୁନ୍ଦର, ପରୀଟିଏ ଭଳି ।

- ତୁମେ କଅଣ କର ? ହାଉସ୍ ୱାଇଫ୍ ? ମୁଁ ପଚାରିଲି

ବେଲିଣ୍ଡା କହିଲା - ନା, ନା, ମୁଁ ଗୋଟିଏ ଇଲେକ୍‌ଟ୍ରିକ୍ ଗ୍ୟାସ୍ କଂପାନୀରେ ଚାକିରି କରେ । ଗୋଟିଏ ବିରାଟକାୟ ଟ୍ରକ୍ ଚଲାଇ ପ୍ରତ୍ୟହ ମତେ ପାଖ ସହର ଡେଟ୍ରଏଟ୍‌କୁ ଯିବାକୁ ପଡେ ।



Digitized by srujanika@gmail.com

- ତମେ ଟ୍ରକ୍ ଚଳାଅ ? ଏଭ ପତଳା ପିନ୍ ପିନ୍ ଚେହେରା ନେଇ ? ବେଲିଣ୍ଡା ହସିଲା ମୋ କଥା ଶୁଣି ।

ଫାଦର୍ ଡେଭିଡ୍ ଆସି ପହଞ୍ଚିଲେ ଏତିକିବେଳେ । କୋର୍ଟ ଟାଇରେ ସୁସଜ୍ଜିତ ସୁପୁରୁଷ ଚେହେରା । ମଧ୍ୟବୟସ୍କ ଓ ହାସ୍ୟମୁଖର । ତ୍ୱକ୍‌ର ରଂଗ ଆମେରିକାନ୍‌ମାନଙ୍କଠାରୁ କମ୍ ଉଜ୍ୱଳ । ସନ୍‌ଠାରୁ ମୋ'ର ପରିଚୟ ପାଇ ପ୍ରୀତ ହେଲେ । ପ୍ରାର୍ଥନାସଭାର ସମୟ ହେଇ ଯାଇଥିଲା - ଫାଦରଙ୍କ ସହିତ ଆମେ ସଭିଏଁ ପ୍ରବେଶକଲୁ ଚର୍ଚ୍ଚର ମୁଖ୍ୟ ହଲ୍‌କୁ ।

ହଲ୍‌ଘରଟି ବେଶ୍ ପ୍ରଶସ୍ତ ଏବଂ ଧାଡି ଧାଡି ଚୌକୀରେ ସୁସଜ୍ଜିତ । ଗୋଟିଏ ପଟେ ଉଚ୍ଚବେଦୀଟିଏ । ବେଦୀର ଦୁଇପଟେ ରଂଗବେରଂଗୀ ଫୁଲର ଗାମ୍‌ଲା । ଗାମ୍‌ଲା ମଝିରେ ଖଞ୍ଜା ଆମେରିକାର ତାରା ଚିହ୍ନିତ ଜାତୀୟପତାକା । ବେଦୀ ପଛ ପଟେ ଧବ୍‌ଧବ୍ ସାଦା ପର୍ଦ୍ଦା ।

ଡେଭିଡ୍ ସର୍ବପ୍ରଥମେ ବେଦୀର କଡକୁ ପଡିଥିବା ଉଞ୍ଚ ଟେବ୍‌ଲଟିର ପାଖରେ ଠିଆ ହୋଇ ମାଇକ୍ରୋଫୋନ୍‌ରେ ସଭିଙ୍କୁ ଅଭିନନ୍ଦନ କଲେ ଏବଂ କହିଲେ - ବନ୍ଧୁଗଣ, ଆପଣମାନଙ୍କର ମନେଥିବ ପନ୍ଦର ଦିନ ତଳେ ଆମର ସଦସ୍ୟ ସନ୍‌ଫାର୍ମରଙ୍କଠାରୁ ଆମେ ଶୁଣିଥିଲେ ଯେ ଭାରତବର୍ଷରୁ ଭ୍ରମଣାର୍ଥେ ଏଠାକୁ ଆସି ଥିବା ତାଙ୍କ ଅଧ୍ୟାପକଙ୍କର ପିତା ବେଶ୍ ଗୁରୁତର ଭାବରେ ଅସୁସ୍ଥ ହୋଇ ହସ୍‌ପିଟାଲ୍‌ରେ ଦାଖଲ ହୋଇଛନ୍ତି । ଆମେ ସମସ୍ତେ ମିଶି ସେଦିନ ମିଷ୍ଟର ମିଶ୍ରଙ୍କର ଆରୋଗ୍ୟଲାଭ ପାଇଁ ପ୍ରାର୍ଥନା କରିଥିଲେ । ସନ୍‌ଙ୍କଠାରୁ ମୁଁ ଶୁଣିଛି ଯା ଭିତରେ ମିଷ୍ଟର ମିଶ୍ରଙ୍କର ଅବସ୍ଥାର ଯଥେଷ୍ଟ ଉନ୍ନତି ଘଟିଛି । ଆମର ସୌଭାଗ୍ୟ ଆଜି ମିସେସ୍ ମିଶ୍ର ଆମ ଗହଣରେ ଉପସ୍ଥିତ । ଆମପାଇଁ ଯା'ଠାରୁ ବଳି ଆନନ୍ଦମୟ ମୁହୂର୍ତ୍ତ ଆଉ କିଛି ହେଇ ନପାରେ । ଆମର ନୂତନ ଅତିଥିଙ୍କୁ ମୁଁ ସ୍ୱାଗତ କରୁଛି ।

ଦର୍ଶକମାନଙ୍କର ଘନ ଘନ କରତାଳି ଭିତରେ ମୁଁ ଆଖିରେ ପ୍ରଶ୍ନବାଚୀ ନେଇ ସନ୍‌କୁ ଚାହିଁଲି । ସନ୍ ମୋ ମନକଥା ବୁଝି ଉତ୍ତରଦେଲା - ଅଙ୍କଲ୍ ଯେବେ ସ୍ୱାରୋ ହସ୍‌ପିଟାଲ୍‌ର ଆଇ.ସି.ୟୁରେ ପଡିଥିଲେ, ସେତେବେଳେ ମୁଁ ଭାରି ବିବ୍ରତ ବୋଧ କରିଥିଲି । ଫାଦରଙ୍କୁ ସେ କଥା କହିଥିଲି ମଧ୍ୟ । ସେଦିନ ଚର୍ଚ୍ଚରେ ଫାଦରଙ୍କ ସହିତ ଆମେ ସମସ୍ତେ ମିଶି ଅଙ୍କଲଙ୍କ ପାଇଁ ନିବିଷ୍ଟ ମନରେ ଈଶ୍ୱରଙ୍କୁ ଡାକିଥିଲୁ ।

- କାଇଁ, ମତେ ଏକଥା କହିନୁ ତ !

ଲାଜକୁଳା ହସ ହସି ସନ୍ କହିଲା - କହିଲା ପରି ଏଇଟା କିଛି କଥା ନୁହଁ ମା ।

ମୋ ଅଜାଣତରେ ମୋ ଆଖିରୁ ଦୁଇ ବୁନ୍ଦା ଲୁହ ଖସି ପଡିଲା ।

ଡେଭିଡ୍ ଯା' ଭିତରେ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କଲେ, ବାଇବଲ୍‌ର୍ କିଛି ଅଂଶ ପଢି ବ୍ୟାଖ୍ୟା କଲେ । କିଛି କିଛି ନୀତିକଥା କହିଲେ ମଧ୍ୟ । ତା'ପରେ କହିଲେ -



Digitized by srujanika@gmail.com

ଚାଲନ୍ତୁ ଆମ୍ଭେମାନେ ସମସ୍ତେ ମିଶି ଈଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ କିଛି ଗୀତ ଗାଇବା । କହିସାରି ସ୍ୱୟଂ ଗୀତଗାଇବାକୁ ଆରମ୍ଭ କଲେ ଏବଂ ଦର୍ଶକଗଣ ଏକତ୍ରିତ କଣ୍ଠରେ ତାଙ୍କ ସହିତ ସ୍ୱର ମିଳାଇଲେ । ମୋ' ପାଖରେ ବସିଥିବା ସନ୍ ମଧ୍ୟ । ଦେଖିଲି, ସେମାନେ ଗାଉଥିବା ଗୀତର ପଂକ୍ତି ସବୁ କୌଣସି ଏକ ଯାନ୍ତ୍ରିକ ପ୍ରକ୍ରିୟା ଫଳରେ ବେଦୀର ପଛପଟେ ଥିବା ଆଲୋକିତ ଧଳାପର୍ଦ୍ଦାରେ ଧାଡି ଧାଡି ହୋଇ ଫୁଟି ଉଠୁଥିଲା । ଗାୟକ ଗାୟିକାମାନେ କଦବା କେଉଁଠି ଗୀତ ଭୁଲିଯାଉଥିଲେ ତାକୁ ପଢି ଭୁଲ୍‌କୁ ସୁଧାରି ନେବା ପାଇଁ । ଗୋଟିକ ପରେ ଗୋଟିଏ ଅନେକ ପ୍ରାର୍ଥନା ସଙ୍ଗୀତ ଦୀର୍ଘ ସମୟ ଧରି ଗାଇଲେ ସମସ୍ତେ । ଚର୍ଚ୍ଚର ହଲ୍‌ଘରଟି ଗମ୍‌ଗମ୍ କରି ଉଠିଲା ସେ ପବିତ୍ର ମଙ୍ଗଳମୟ ପ୍ରାର୍ଥନାରୂପୀ ସ୍ତୋତ୍ରରୁ ଗୁରୁ ଗମ୍ଭୀର ନିନାଦରେ ।

ସଙ୍ଗୀତ ସମାପନ ପରେ ଜଣେ ମହିଳା ଗୋଟିଏ ଟିଣ ଆଣି ଜଣ ଜଣ କରି ସଭିଙ୍କ ସାମ୍‌ନାରେ ତାହା ପ୍ରସାରିତ କଲେ ଓ ସଭିଏଁ କିଛି କିଛି ମୁଦ୍ରା ତନ୍ମଧ୍ୟରେ ପକାଇଲେ । ସନ୍ ଗୋଟିଏ ଡଲାର୍ ଦେଲା । ମୁଁ କହିଲି - ଏଇ ପ୍ରଚଳିତ ବ୍ୟବସ୍ଥା ସଂପର୍କରେ ତୁ ମତେ ଘରେ କିଛି କହିଲୁନି ତ ! ମୁଁ ତାହେଲେ ବଟୁଆରୁ କିଛି ଡଲାର ନେଇ ଆସି ଥାଆନ୍ତି ।

ସନ୍ କହିଲା - କିଛି ଦରକାର ନାହିଁ ମା ! ଏଇ ଦାନ କିନ୍ତୁ ବାଧ୍ୟତା ମୂଳକ ନୁହେଁ । ଖୁସିରେ ଯିଏ ଯାହା ଦେଲା । ତମେ ବୋଧେ ଜାଣନି, ଏଠାକାର ଚର୍ଚ୍ଚସବୁ ଅନେକ ପ୍ରକାର ସମାଜସେବା ସହିତ ସଂପୃକ୍ତ । ଏଇ ଭିକ୍ଷାଲବ୍ଧ ଧନ ଦୁସ୍ଥ ଓ ଦରିଦ୍ର ଲୋକମାନଙ୍କର ସେବାରେ ଲାଗେ । ଲୋକମାନେ ସ୍ୱତଃପ୍ରବୃତ୍ତ ହୋଇ ସାହାଯ୍ୟ କରନ୍ତି ।

ନୀରବତା ଭଙ୍ଗ କରି ଡେଭିଡ୍ କହିଲେ - ଏବେ ସମୟ ହୋଇଛି ଟେଷ୍ଟିମୋନିର । କାହାର ଯଦି କିଛି ଟେଷ୍ଟିମୋନି ଦେବାର ଅଛି, ଦେବା ପାଇଁ ଅନୁରୋଧ ।

ମୁଁ ସନ୍‌କୁ ଧୀରସ୍ୱରରେ ପଚାରିଲି - ଟେଷ୍ଟିମୋନି କଅଣ ?

ସନ୍ କହିଲା - ଐଶ୍ୱରିକ ଶକ୍ତି ବା କରୁଣା ଜାହିର୍ କରୁଥିବା କୌଣସି ଘଟଣା ଯଦି କେବେ କାହାରି ଜୀବନରେ ଘଟିଛି, ସେ ସଂପର୍କରେ କିଛି କହିବା ପାଇଁ ଫାଦର ଅନୁରୋଧ କରୁଛନ୍ତି ।

ସନ୍‌ର କଥା ନସୁରୁଣୁ ଜଣେ ଶୀର୍ଣ୍ଣକାୟା ବୃଦ୍ଧା ଚୌକୀରୁ ଉଠି ଠିଆ ହୋଇ ତାଙ୍କର ଟେଷ୍ଟିମୋନି ଦେବାକୁ ଆରମ୍ଭ କଲେ । ଜଣାଇଲେ ତାଙ୍କୁ ବର୍ତ୍ତମାନ ପଞ୍ଚସ୍ତରି ବର୍ଷ ବୟସ । କିଛି ଦିନ ତଳେ ତାଙ୍କର ହାର୍ଟ ଆଟାକ୍ ହୋଇଥିଲା - ବେଶ୍ ବଡ ଧରଣର । ଦୁର୍ବଳ ସ୍ୱାସ୍ଥ୍ୟ ଏବଂ ପରିପକ୍ୱ ବୟସ ହେତୁ, ଏଭଳି ଏକ ଧକ୍‌କାରୁ ଓହରି ଆସିବା ତାଙ୍କ ପାଇଁ ଅସମ୍ଭବ ଥିଲା ନିଶ୍ଚୟ । କିନ୍ତୁ ସିଏ ମାତ୍ର କେଇଟା ଦିନରେ ସୁସ୍ଥ ହୋଇଉଠିଥିଲେ । ଏବଂ ସିଏ ନିଶ୍ଚିତ ଯେ କେବଳ ଭଗବାନଙ୍କର କରୁଣା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିଛି ।



Digitized by srujanika@gmail.com

ଯା'ପରେ ମୋ ସାମ୍‌ନାରେ ବସିଥିବା ରୂପସୀ ତରୁଣୀଟିଏ ଠିଆ ହୋଇ କହିଲା ସିଏ ଗୋଟିଏ କଂପାନୀରେ କାମ କରେ । ହଠାତ୍ କଂପାନୀରେ ଛଟେଇ ହେବାରୁ ତା' ଚାକିରିଟି ଚାଲିଗଲା । ତା'ର ଆର୍ଥିକ ଅବସ୍ଥା ସେତେ ସ୍ବଚ୍ଛଳ ନୁହେଁ । ଚାକିରି ଚାଲିଯିବା ଦିନ ସାରାରାତି ସିଏ ଶୋଇ ପାରିନଥିଲା ଓ କାନ୍ଦି କାନ୍ଦି ବିକଳ ମନରେ ଈଶ୍ବରଙ୍କୁ ଡାକିଥିଲା । ଆଶ୍ଚର୍ଯ୍ୟର କଥା, ଠିକ୍ ତା ପରଦିନ ସକାଳେ ଅନ୍ୟଗୋଟିଏ ଚାକିରିରେ ଯୋଗଦେବା ପାଇଁ ଚିଠିଟିଏ ମିଳିଥିଲା ତାକୁ । ଏ ଚାକିରିଟିର ଇଣ୍ଟରଭିଉ ଅନେକ ମାସ ତଳେ ହୋଇଥିଲା । ସିଏ କୌଣସି ଖବର ନପାଇ ଭାବିଥିଲା ବୋଧହୁଏ ଚାକିରିଟି ହେଲାନି । ସିଏ ବର୍ତ୍ତମାନ ଠିକ୍ ବୁଝିପାରିଛି ଯେ ତା'ର ଏତାଦୃଶ ସୌଭାଗ୍ୟ କେବଳ ଭଗବାନଙ୍କ ପାଖରେ ନିବେଦିତ ତାର ଆକୁଳ ଆର୍ତ୍ତି ଓ ପ୍ରାର୍ଥନାର ଫଳ । ନହେଲେ ଦୀର୍ଘ ନୀରବତା ପରେ ଅଚାନକ ଠିକ୍ ପରଦିନ ସିଏ ଚିଠିଟି ପାଇଥାଆନ୍ତା ବା କାହିଁକି ?

ଯା' ପରେ ମୁଁ ଠିଆ ହେଲି । କହିଲି - ମୁଁ ଭାରତୀୟ, ଇଂରାଜୀ ମୋର ମାତୃଭାଷା ନୁହେଁ । କିନ୍ତୁ ମୁଁ ଇଂରାଜୀ ଜାଣେ । କିନ୍ତୁ ଯେହେତୁ ଆପଣମାନେ ଓ ମୁଁ ଦୁଇଟି ଭିନ୍ନ ଦେଶର ମଣିଷ, ଆମ୍ଭମାନଙ୍କର ଉଚ୍ଚାରଣ ବିଧିରେ କିଛିଟା ଫରକ୍ ରହିବା ସ୍ବାଭାବିକ । ମୋର୍ ଟେଷ୍ଟିମୋନି ମୁଁ ଦେବାକୁ ଚାହେଁ । କିନ୍ତୁ ମୋର ଭୟ, ହୁଏତ ମୋ'ର ଉଚ୍ଚାରଣ ଆପଣମାନେ ଠିକ୍‌ରୂପେ ଧରି ପାରିବେନି ।

ସମସ୍ବରରେ ସଭିଏଁ କହି ଉଠିଲେ - ନା, ନା, ଆପଣଙ୍କ ଆକ୍‌ସେଣ୍ଟ୍ ଏକ୍‌ଦମ୍ ଠିକ୍ ଅଛି - ଆପଣ କୁହନ୍ତୁ । ଆମେ ଆପଣଙ୍କ କଥା ଶୁଣିବାକୁ ଆଗ୍ରହୀ ।

ମୁଁ କହିଲି - ମୋ'ର ପୁତ୍ର ଏଠି ଅଧ୍ୟାପକ । ମୋର ପତି ବିନୟ ଏବଂ ମୁଁ ଏଠିକି ବୁଲିବାକୁ ଆସିଥିଲୁ । ଆସିବାର କେହି ଦିନ ପରେ ବିନୟ ଚିକେନ୍‌ପକ୍ସ ତଥା ତତ୍ ଜନିତ ନିମୋନିଆରେ ଆକ୍ରାନ୍ତ ହୋଇ ପଡିଲେ । ପରିଣତ ବୟସରେ ଚିକେନ୍‌ପକ୍ସ ହେଲେ ଖୁବ୍ ସାଂଘାତିକ ବୋଲି ଡାକ୍ତରଙ୍କଠାରୁ ଶୁଣିଲି । ହସ୍‌ପିଟାଲରେ ତାଙ୍କୁ ଦାଖଲ କଲୁ । କିନ୍ତୁ ଧୀରେ ଧୀରେ ତାଙ୍କ ଶରୀରର ବିଭିନ୍ନ ଅଂଶ - କିଡ୍‌ନୀ, ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, ପାକସ୍ଥଳୀ, ଅସ୍ଥିମଜ୍ଜା, ଯକୃତ, ମସ୍ତିଷ୍କ ତଥା ରକ୍ତ କଣିକା ଚିକେନପକ୍ସ ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇ ସେମାନଙ୍କର କାର୍ଯ୍ୟକ୍ଷମତା ହରାଇ ବସିଲେ ଓ ବେମାରିଟି ସେପ୍‌ଟିସେମିଆରେ ପରିଣତ ହୋଇଗଲା । ସଂପୂର୍ଣ୍ଣ କମା ଅବସ୍ଥାରେ ଆଇ.ସି.ୟୁରେ ପଡିଥାଆନ୍ତି । ନିଃଶ୍ୱାସ ପ୍ରଶ୍ୱାସ ନେବାରେ ପୂରାପୂରି ଅକ୍ଷମ । ଭେଣ୍ଟିଲେଟର ମେସିନ୍ ସାହାଯ୍ୟରେ କୌଣସିମତେ ତାଙ୍କୁ ବଞ୍ଚାଇ ରଖା ହୋଇଥାଏ ।

ହସ୍‌ପିଟାଲ୍‌ରେ ଦାଖଲ ହେବାର ସପ୍ତାହକ ପରେ । ମୁହଁରେ ବିଷଣ୍ଣତାର ଲେପ ବୋଳି ଅତ୍ୟନ୍ତ ସଙ୍କୁଚିତ ଭାବରେ ଡାକ୍ତର ମୋତେ ଜଣାଇଲେ ଯେ ସେମାନଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇଛି, ବିନୟଙ୍କ ଅବସ୍ଥା ଏବେ ବେଶ୍ ଉଦ୍‌ବେଗଜନକ ଏବଂ ବର୍ତ୍ତମାନର ପରିସ୍ଥିତିରେ କେବଳ ଭଗବାନ ହିଁ ଭରସା । ଡାକ୍ତରଙ୍କ କଥା ଶୁଣି ହସ୍‌ପିଟାଲ୍‌ର



Digitized by srujanika@gmail.com

କକ୍ଷଗୁଡ଼ିକ ମୋ ସାମ୍ନାରେ ଚକାଭଉଁରୀ ଖେଳିବାକୁ ଆରମ୍ଭ କରିଥିଲେ - ଆଖିରୁ ଲୁହ ଛାଡ଼ି ଈଶ୍ୱରଙ୍କୁ ଡାକିବା ବ୍ୟତୀତ ଅନ୍ୟ କିଛି ବାଟ ନଥିଲା ମୋ ପାଖରେ ।

ମୁଁ ପୁନର୍ବାର କହିଲି - ଆଜି ଏଠି ଆସି ଶୁଣିଲି, ଆପଣମାନେ ସମସ୍ତେ ମଧ୍ୟ ମୋ ସ୍ୱାମୀଙ୍କ ପାଇଁ ସେତିକି ବେଳେ ଚର୍ଚ୍ଚରେ ପ୍ରାର୍ଥନା କରିଥିଲେ । ଆମର ସମ୍ମିଳିତ ପ୍ରାର୍ଥନାରେ ଈଶ୍ୱରଙ୍କ ସିଂହାସନ ଟଳମଳ ହୋଇଥିଲା ନିଶ୍ଚୟ । ନହେଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଏବଂ ଚିକିତ୍ସକମାନଙ୍କର ସମସ୍ତ ତଥ୍ୟ ଓ କଳନାକୁ ଭୁଲ୍ ପ୍ରମାଣ କରି ମୋ ସ୍ୱାମୀ ସଂପୂର୍ଣ୍ଣ ସୁସ୍ଥ ହୋଇ ଉଠିଲେ କେମିତି ? ଆପଣମାନଙ୍କର ମିଳିତ ପ୍ରାଣଶକ୍ତି ଆପଣମାନେ ପ୍ରଦାନ କରିଛନ୍ତି ମୋ ସ୍ୱାମୀଙ୍କୁ । ଈଶ୍ୱରଙ୍କର ଆଶୀର୍ବାଦ ଏବଂ ଆପଣମାନଙ୍କର ସମ୍ବେଦନା - ଦୁଇଟିଯାକ ମିଶି ଏଭଳି ଗୋଟିଏ ମିରାକଲ୍ ସମ୍ଭବ ହୋଇଛି । ଆସନ୍ତା ମାସରେ ମୁଁ ଭାରତ ଫେରି ଯାଉଛି । କିନ୍ତୁ ଆପଣମାନଙ୍କୁ ଏବଂ ଆଜିର ଦିନଟିକୁ ମୁଁ କେବେ ବି ଭୁଲିପାରିବିନି । ଭୁଲିପାରିବିନି ଯେ ଭୌଗୋଳିକ ସୀମାରେଖା ଟପି ନିଃସ୍ୱାର୍ଥପର ଭାବରେ ଅନ୍ୟକୁ ଭଲପାଇବା ମୁଁ ଆପଣଙ୍କମାନଙ୍କ ଠାରୁ ହିଁ ଶିଖିଲି । ରୁଦ୍ଧକଣ୍ଠରେ ମୋ କଥାତକ ମୁଁ କହିଲି । ନୀରବରେ ସ୍ତବ୍ଧ ହୋଇ ସଭିଏଁ ମୋ କଥା ଶୁଣିଲେ ଓ ମୁଁ ବସିସାରିଲା ପରେ ହାତ ତାଳି ଦେଲେ ।

ଯା'ପରେ ଆଗାମୀ ସପ୍ତାହର କାର୍ଯ୍ୟକ୍ରମ ଠିକ୍‌ହୋଇ ସଭା ଭଙ୍ଗ ହେଲା । ସନ୍ ତା' କାମେରାରେ ଫାଦର ତଥା ଅନ୍ୟାନ୍ୟ ଆମେରିକାନ୍‌ମାନଙ୍କ ସହିତ ମୋ'ର ଅନେକ ଗୁଡ଼ିଏ ଫଟ ଉଠାଇଲା । ଜଣ ଜଣ କରି ପ୍ରତ୍ୟେକ ବ୍ୟକ୍ତି କରମର୍ଦ୍ଦନ କରି ବିଦାୟ ନେଲେ ମୋ'ଠାରୁ ।

ବାହାରେ ଶୀତରାତି ଘନେଇ ଆସୁଥିଲା । ସନ୍ ସହିତ ମୁଁ ଯାଇ ଗାଡ଼ିରେ ବସିଲି ଡେଭିଡ୍ ହାତ ହଲାଇ ବାୟ ବାୟ କଲେ ମତେ ।

ପ୍ରଶସ୍ତ ରାଜପଥର ପ୍ରାୟମସୃଣ ଛାତିରେ ତୀବ୍ର ଭାବରେ ଗାଡ଼ି ଛୁଟାଇ ଲାଗିଲା ସନ୍ । ଲେଉଟାଣି ବାଟରେ ରହି ରହି ଖାଲି ମୋର ମନେ ପଡ଼ିଲା ପିଲାଦିନେ ଶୁଣିଥିବା ଏକ ଲୋକପ୍ରିୟ ଜଣାଣର କେତୋଟି ପଂକ୍ତି - ଜୀବନପାତ୍ର ମୋ ଭରିଛ କେତେମତେ ନଦେଲ ବୋଲି କିଛି କହିବି କି ହେ ଆଉ ।

●●●



Digitized by srujanika@gmail.com

# ସ୍ପାର୍ଟାନ୍ ଡେ କେୟାର ସେଣ୍ଟର

ସକାଳୁ ସକାଳୁ ବବି ପଚାରିଲା - ଆଜି ସ୍ପାର୍ଟାନ୍ ଡେ କେୟାର ସେଣ୍ଟରର୍ ଆଇସ୍‌କ୍ରିମ୍ ପାର୍ଟି ଅଛି । ଏଇଠି ପାଖରେ ଗୋଟିଏ ପାର୍କରେ । ଛଅଟାବେଳେ । ତମେ ଯିବ ମାମା ?

- ଆଇସ୍‌କ୍ରିମ୍ ପାର୍ଟି ମାନେ ?

- ପ୍ରକୃତରେ ସ୍କୁଲର ପିଲାମାନଙ୍କର ପିତାମାତାଙ୍କୁ ଏକାଠି କରି ସେମାନଙ୍କୁ ପରସ୍ପର ସହିତ ପରିଚିତ କରେଇବା ଉଦ୍ଦେଶ୍ୟରେ ଏଇ ପାର୍ଟି, ଆଜି ରବିବାର ତ ! ଅଫିସ୍ ସବୁ ଛୁଟି । ବାପା ମା' ମାନେ ଘରେ ଥିବେ । ସବୁ ପିତାମାତା ଓ ସ୍କୁଲର ଶିକ୍ଷୟତ୍ରୀମାନେ ଏକାଠି ହେବେ । ଆଇସ୍‌କ୍ରିମ୍ ଖାଇବେ । ପିଲାମାନଙ୍କ ପାଇଁ କିଛି ଗୀତନାଚ ବି ହବ । ସଭିଏଁ ମିଶି କିଛିସମୟ ମଉଜମସ୍ତି କରିବା କଥା । ମଝିରେ ମଝିରେ ଏଇଭଳି କାର୍ଯ୍ୟକ୍ରମ ସ୍ପାର୍ଟାନ ଡେ କେୟାର ତରଫରୁ କରାଯାଇଥାଏ ।

ସ୍ପାର୍ଟାନ୍ ଡେ କେୟାର ସେଣ୍ଟରଟି ଥିଲା ବିଶ୍ୱବିଦ୍ୟାଳୟର କାର୍ଯ୍ୟରତ ଦମ୍ପତିମାନଙ୍କର ଶିଶୁମାନଙ୍କର ଦେଖାଶୁଣା କରିବାର କେନ୍ଦ୍ର । ବବି ଓ ସ୍ମିତା - ଉଭୟ କାର୍ଯ୍ୟରତ ଥିଲେ ମିଚିଗାନ ଷ୍ଟେଟ୍ ୟୁନିଭର୍ସିଟିରେ । ତିନିବର୍ଷର ସୋହମ୍ ତେଣୁ ଦିନବେଳେ ଯାଉଥିଲା ସ୍ପାର୍ଟାନ୍ ସ୍କୁଲ । ଦୁଇ ସପ୍ତାହର ଶିଶୁଠାରୁ ଆରମ୍ଭ କରି ପାଞ୍ଚବର୍ଷ ବୟସ ପର୍ଯ୍ୟନ୍ତ - ଯେ କୌଣସି ଶିଶୁ ଦାଖଲ ହୋଇ ପାରୁଥିଲା ସ୍ପାର୍ଟାନ୍ ସ୍କୁଲରେ । ଶିଶୁମାନଙ୍କର ଯେ କେବଳ ସ୍ନେହପୂର୍ବକ ଯତ୍ନ ନିଆ ଯାଉଥିଲା ତାହା ନୁହେଁ, ତିନିବର୍ଷରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ନର୍ସରୀରାଇମ୍, ଇଂରାଜୀ ବର୍ଣ୍ଣମାଳା, ପେଣ୍ଟିଂ ତଥା ଅନ୍ୟାନ୍ୟ ଶିଳ୍ପକଳା ମଧ୍ୟ ବିଧିବଦ୍ଧ ଭାବରେ ଶିଖାଯାଉଥିଲା ।

ମନରେ ଉତ୍ସୁକତା ନେଇ ଛଅଟା ବେଳେ ବାହାରିଥିଲି ଆଇସ୍‌କ୍ରିମ୍ ପାର୍ଟିକୁ । ପହଞ୍ଚି ଦେଖେ ପ୍ରଶସ୍ତ, ସବୁଜଶ୍ରୀ ମଣ୍ଡିତ ମନୋରମ ଉଦ୍ୟାନଟିରେ ଅଜସ୍ର ଆମେରିକାନ୍ ଦମ୍ପତି ତଥା ସେମାନଙ୍କର ସନ୍ତାନମାନଙ୍କର ଭିଡ ।‌ ଅନେକ ଭଦ୍ରବ୍ୟକ୍ତି ଗାଡିରେ ଭର୍ତ୍ତି କରି ଫୋଲ୍‌ଡେଡ୍ ଚେୟାର ବି ନେଇ ଯାଇଛନ୍ତି ସାଙ୍ଗରେ । ଆରାମରେ ଚୌକୀରେ ବସି ଖୁସିଗପ କରୁଛନ୍ତି । ବାକି ବେଶିଭାଗ ବସିଛନ୍ତି ମୁଲାୟମ ଘାସ ଲନ୍‌ରେ - ଶିଥିଳ ଓ ସନ୍ତୋଷମୟ ଭଙ୍ଗୀରେ । ପାର୍କର ଗୁଚ୍ଛଗୁଚ୍ଛ ଫୁଲ ଭିତରେ ସତେ ଅବା ଥୋକା ଥୋକା ମଣିଷର ଫୁଲ ।



Digitized by srujanika@gmail.com

ପାର୍କର ଗୋଟିଏ କଡରେ ଛାତଥିବା ଖୋଲା ହଲ୍‌ଘରଟିଏ । ତା' ଭିତରେ ବଡ ବଡ ସୁଦୃଶ୍ୟ ପାତ୍ରମାନଙ୍କରେ ବିଭିନ୍ନ କିସମର ଆଇସ୍‌କ୍ରିମ୍ - ଅପର୍ଯ୍ୟାପ୍ତ ପରିମାଣରେ । ପାଖରେ ଥର୍ମୋକଲ୍‌ର ପ୍ଲେଟ୍ ଓ ପ୍ଲାଷ୍ଟିକ୍ ଚାମଚ । ମନଇଚ୍ଛା ନେଇ ଖାଇପାର । ବଡ ବଡ ଟ୍ୟାପ୍‌ଲଗା ଡ୍ରମ୍‌ରେ ବିଭିନ୍ନ ପ୍ରକାରର ଫଳରସ । ଗ୍ଲାସ୍‌ରେ ଢ଼ୁକ୍‌ ନେଇ ପିଉଛନ୍ତି ଅନେକ ଲୋକ । ହଲ୍‌ଠାରୁ ସାମାନ୍ୟ ଦୂରରେ ତିଆରି ଅସ୍ଥାୟୀ ପେଣ୍ଡାଲ୍‌ଟିଏ । ପିଲାମାନଙ୍କର ମନୋରଂଜନ ପାଇଁ ମାଇକ୍ ସାମ୍ନାରେ ଜଣେ ଯୁବକ ଗୀତ ଗାଉଛନ୍ତି ଗୀଟାର ବଜାଇ । କିଛି ସମୟ ପରେ ଦେଖିଲି ଦର୍ଶକମାନଙ୍କ ମଧ୍ୟରୁ ଅନେକ ସାନଛୁଆ ତଥା ବୟସ୍କ ବ୍ୟକ୍ତି ପେଣ୍ଡାଲ୍ ଉପରକୁ ଉଠିଯାଇ ଉଲ୍ଲାସର ସହିତ ଯୁବକଙ୍କ ସହିତ ନାଚରେ ସାମିଲ୍ ହୋଇଗଲେ । ଆମ ପାଖେ ଛିଡା ହୋଇଥିବା ଜଣେ ସ୍ୱର୍ଣ୍ଣକେଶୀ ଆମେରିକାନ୍ ମହିଳା ତୀବ୍ର ସ୍ୱରରେ ସୁସୁରି ବଜାଇ ଉତ୍ସାହିତ କଲେ ପେଣ୍ଡାଲ୍ ଉପରର ନର୍ତ୍ତକ ନର୍ତ୍ତକୀମାନଙ୍କୁ ।

ଚମତ୍କାର ଗୋଟିଏ ସୁଖୀ ପରିବେଶର ସନ୍ଧାନ ପାଇଲି ସେଦିନ । ଚତୁର୍ଦ୍ଦିଗରେ ଆନନ୍ଦମୟ ବାତାବରଣ । ବୁଡନ୍ତ ସୂର୍ଯ୍ୟର ତେରଛା କିରଣରେ ତରଳା ସୁନାର ସ୍ପର୍ଶ । ସେ ରଂଗ ପାର୍କର ଶ୍ୟାମଘନ ମାଳଞ୍ଚମାନଙ୍କୁ ଧୋଇ ଦେଇ ଯାଉଛି ଅକୃପଣ ଭାବରେ । ଚାରିପଟେ ରଂଗବେରଂଗୀ, ଲାଲ୍, ନୀଳ, ଗୋଲାପି ଓ ବାଇଗଣୀ ଫୁଲଫୁଟା ପୋଷାକର ମେଳା । ଅଜସ୍ର ଆମେରିକାନ୍ ଅଳସ ଭାବରେ ବସି ମଦିର ଅପରାହ୍ନ, ସୁମିଷ୍ଟ ଆଇସ୍‌କ୍ରିମ୍, ତଥା ସୁରେଲା ସଙ୍ଗୀତର ମଜା ନେଇଲାଗିଛନ୍ତି ଏକତ୍ରିତ ଭାବରେ ।

ପରିଚୟ ହେଲା ଅନେକ ଆମେରିକାନ୍ ଦମ୍ପତିମାନଙ୍କ ସହିତ ଏବଂ ସ୍ପାର୍ଟାନ୍ ଡେ କେୟାର ସେଣ୍ଟରର ହାସ୍ୟମୁଖରା ପ୍ରଧାନ ଶିକ୍ଷୟତ୍ରୀ ରବିନ୍‌ଙ୍କ ସହିତ ।

- ମୁଁ ଦିନେ କେବେ ଆପଣଙ୍କ ସେଣ୍ଟରକୁ ବୁଲିବାପାଇଁ ଆସି ପାରେ କି ? ରବିନ୍‌କୁ ପଚାରିଲି ।

- ସିଓର । ମୃଦୁହସି ରବିନ୍ ଜବାବ ଦେଲେ, କହିଲେ ପ୍ରକୃତରେ ଆମେମାନେ ଚାହୁଁ ଯେ ପିଲାମାନଙ୍କର ପରିବାରର ସଦସ୍ୟମାନେ ମଝିରେ ମଝିରେ ଆସି ପିଲାମାନଙ୍କ ସହିତ ଓ ଆମ ସହିତ କିଛି ସମୟ ବିତାନ୍ତୁ । ତାହେଲେ ଆମ୍ଭମାନଙ୍କର ପରସ୍ପର ସହିତ ଅନ୍ତରଂଗତା ବଢିବ । ଅବଶ୍ୟ ଆମ୍ଭେମାନେ ବହୁତ ଭାଗ୍ୟବାନ୍ । ପିଲାମାନଙ୍କର ପିତାମାତାମାନେ ସବୁସମୟରେ ଆମକୁ ସାହାଯ୍ୟ କରିବା ପାଇଁ ଆଗ୍ରହୀ । ତା'ପରେ ଲନ୍‌ରେ ପିଲାମାନେ ଇତସ୍ତତଃ ଫିଙ୍ଗିଥିବା ପ୍ଲେଟ୍‌ଚାମଚ ଇତ୍ୟାଦି ଗୋଟାଇ ଗୋଟିଏ ବଡ ଡଷ୍ଟବିନ୍‌ରେ ଏକତ୍ରିତ କରୁଥିବା କେତେଜଣ ଆମେରକାନ୍‌କୁ ତର୍ଜନୀ ନିର୍ଦ୍ଦେଶ କରି ରବିନ୍ କହିଲେ - ଏଇ ଯେଉଁ ବ୍ୟକ୍ତିମାନେ ପାର୍ଟିପରେ ପାର୍କଟିକୁ ପୂର୍ବପରି ଫେରେଇଛନ୍ତି



Digitized by srujanika@gmail.com

କରିବାର ଦାୟିତ୍ୱ ଆଜି ସ୍ୱଇଚ୍ଛାରେ ଗ୍ରହଣ କରିଛନ୍ତି, ସେମାନେ ସମସ୍ତେ ଆମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ପିତାମାତା । ଖୁସିମନରେ ଭଲେଣ୍ଟିୟର କାମ କରୁଛନ୍ତି ।

- ଆଶ୍ଚର୍ଯ୍ୟ ! ଚମତ୍କାର ବିଧାନ ତ ! ଆପଣ ଭଲେଣ୍ଟିୟର ବାଛନ୍ତି କେମିତି ?

- ଆମର ଯେ କୌଣସି କାର୍ଯ୍ୟକ୍ରମ ହେଲେ, ଭଲେଣ୍ଟିୟର ଦରକାର ବୋଲି ଆମେ ନୋଟିସ୍ ବୋର୍ଡରେ ନୋଟିସ୍ ଲେଖି ଟାଙ୍ଗି ଦେଉ । ଲୋକମାନେ ନିଜେ ନିଜେ ଆସି ଆମକୁ ନାଁ ଦେଇଯାଆନ୍ତି । ଆମ ଦେଶରେ ଭଲେଣ୍ଟିୟର ହୋଇ କାମ କରିବାଟା ନିହାତି ସାଧାରଣ କଥା । ହସ୍‌ପିଟାଲ୍‌ର ରୋଗୀସେବା ଠାରୁ ଆରମ୍ଭ କରି ରାସ୍ତାଘାଟ ସଫା ରଖିବା ପର୍ଯ୍ୟନ୍ତ, ଅନେକ କିଛି କାମ ଭଲେଣ୍ଟିୟରମାନଙ୍କ ଦ୍ୱାରା ସଂପାଦିତ ହୋଇଥାଏ ।

ରବିନ୍‌ଙ୍କ କଥା ଶୁଣି ନିଜ ଦେଶ କଥା ଭାବି ବେଶ୍ ଲଜ୍ଜିତ ହେଲି, କାରଣ ଏହା ସର୍ବଜନବିଦିତ ଯେ ବିନା ସ୍ୱାର୍ଥରେ ସମାଜ ଲାଗି ସ୍ୱପ୍ରଣୋଦିତ ହୋଇ କିଛି କାମ କରିବା ପାଇଁ ଆମ୍ଭେମାନେ ଏଠି ସଦାସର୍ବଦା କୁଣ୍ଠିତ ! ମୋର ନୀରବତା ଭାଙ୍ଗି ରବିନ୍ କହିଲେ - ଆପଣ ଆସନ୍ତୁ ନା କାଲି ଆମ ସ୍କୁଲକୁ । ଆମ୍ଭେମାନେ ସତରେ ଭାରି ଖୁସିହେବୁ ।

ରବିନ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ପରଦିନ ଯାଇଥିଲି ସ୍ପାର୍ଟାନ୍ ସ୍କୁଲକୁ । ପ୍ରାୟ ଦିନ ଏଗାରଟାବେଳେ ବବି ନେଇଯାଇଥିଲା ମତେ ସାଥିରେ ଗାଡ଼ିରେ । ରଖି ନେଇଯାଇଥିଲା ବୃହତ୍ ଏକ ଥଳିଭର୍ତ୍ତି ଆପଲ୍ । ଆପଲ୍‌ତକ ବବିର ଚାଇନିଜ୍ ସହକର୍ମୀ ଜାଓୟାଙ୍ଗ୍ ତାଙ୍କ ବଗିଚାରୁ ତୋଳି ପଠାଇଥିଲେ । ଏତେବେଶି ପଠାଇଥିଲେ ଯେ ଆମେ ଖାଇ ଶେଷ କରି ପାରିନଥିଲୁ । ବବିଠାରୁ ଶୁଣିଲି, ଅନେକ ପିତାମାତା ଏଇଭଳି ବଳକା ଫଳ ଓ ପରିବାପତ୍ର ଇତ୍ୟାଦି ନେଇଯାଆନ୍ତି ସ୍କୁଲକୁ । ସେଠି କାମରେ ଲାଗିଯାଏ ।

ସତରେ ସେଦିନ ପହଞ୍ଚି ଦେଖେ, ସ୍ପାର୍ଟାନର ବୃଦ୍ଧାରାନ୍ଧୁଣୀ ପ୍ରବେଶଦ୍ୱାର ପାଖରେ କେକ୍ ପରି ଦିଶୁଥିବା କୌଣସି ଏକ ଭୋଜ୍ୟବସ୍ତୁ ଦୁଇଟି ବଡ ବଡ ପ୍ଲେଟ୍‌ରେ ରଖି ମଜାଳିଆ ଢଙ୍ଗରେ ଡାକି ଲାଗିଛନ୍ତି - ପମକିନ୍ ପାଇ, ପମକିନ୍ ପାଇ, ଆପଣମାନେ କେହି ସୁମିଷ୍ଟ ପମକିନ୍ ପାଇର ସ୍ୱାଦ ନେବାକୁ ଚାହାନ୍ତି ? ଆସନ୍ତୁ । ଚାଖନ୍ତୁ ଥରେ । ପିଲାମାନଙ୍କୁ ଛାଡ଼ିବାକୁ ଯାଉଥିବା ଅନେକ ପିତାମାତାଙ୍କୁ ସାନ ସାନ ଟୁକ୍‌ଡ଼ା କାଟିକରି ଦେଉଛନ୍ତି ମଧ୍ୟ । ବବି କହିଲା - କାହାର ବଗିଚାରେ ବୋଧ ହୁଏ ବହୁତ କଖାରୁ ହୋଇଥିଲା । ଦେଇ ଯାଇଛନ୍ତି ସ୍କୁଲ୍‌ରେ, ଆଉ କୁକ୍ ତାକୁ ପିଲାମାନଙ୍କ ପାଇଁ ପାଇ ବନେଇ ଦେଉଛନ୍ତି । ବେଶୀ ହୋଇ ଯାଇଛି । ଅନ୍ୟମାନଙ୍କୁ ମଧ୍ୟ ଖୁଆଇବାରେ ଲାଗିଛନ୍ତି । ବବି ଓ ମୁଁ ପମକିନ୍ ପାଇର ସ୍ୱାଦ ନେଇ ପଶିଲୁ ଅଫିସ୍‌ରୁମ୍‌ରେ ।



Digitized by srujanika@gmail.com

ମତେ ରବିନ୍‌ଙ୍କ ପାଖରେ ଛାଡି ଦେଇ ବବି ଫେରିଗଲା ବିଶ୍ୱବିଦ୍ୟାଳୟ । ମୁଁ ରବିନ୍‌ଙ୍କୁ କହିଲି - ଆପଣଙ୍କର ଏବେ ହାତରେ ସମୟ ଅଛି ତ ? ଆପଣଙ୍କୁ କେତୋଟି ପ୍ରଶ୍ନ ପଚାରିବାକୁ ମୁଁ ଇଚ୍ଛୁକ । ରବିନ୍ କହିଲେ - ଆପଣ ଖୁସିରେ ପଚାରିପାରନ୍ତି । ତେବେ ତା'ପୂର୍ବରୁ ଆମର ଶିକ୍ଷୟତ୍ରୀମାନଙ୍କ ସହିତ ପରିଚିତ ହୋଇ ଯାଆନ୍ତୁ । ରବିନ୍ ପରିଚୟ କରାଇ ଦେଲେ କ୍ରିସ୍, ସମର, କାଥି, ପରଭିନ୍, କାରେନ୍, ଭେରୋନିକା, କ୍ରିସ୍‌ଟିନା, ରୋଜିନ୍, ଷ୍ଟିଫାନି ଏବଂ ଶିଲାଙ୍କ ସହିତ । କହିଲେ ଅନ୍ୟ ଶିକ୍ଷୟତ୍ରୀମାନେ ଏବେ ବ୍ୟସ୍ତ ଅଛନ୍ତି ।

ମୁଁ ପଚାରିଲି - ସ୍କୁଲଟିର ସ୍ଥାପନା କେବେ ହୋଇଥିଲା । ଏହାର ମୂଳ ଲକ୍ଷ୍ୟ ବା ଉଦ୍ଦେଶ୍ୟ କଅଣ ?

ରବିନ୍ କହିଲେ - ସ୍କୁଲଟି ଆରମ୍ଭ ହୋଇଥିଲା ଉଣିଶଶହଏକସ୍ତରି ମସିହାରେ । ମୁଖ୍ୟତଃ ୟୁନିଭରସିଟିରେ କାର୍ଯ୍ୟରତ ଦମ୍ପତିମାନଙ୍କର ଶିଶୁମାନଙ୍କ ଦେଖାଶୁଣା କରିବା ପାଇଁ । ଆପଣ ଦେଖୁଛନ୍ତି ତ ! ସ୍କୁଲଟି ବିଶ୍ୱବିଦ୍ୟାଳୟର ପରିସର ଭିତରେ । ତେବେ ସିଟ୍ ବଳିଗଲେ ବାହାର ପିଲା ମଧ୍ୟ ଆମେ ନେଇଥାଉ । କିନ୍ତୁଆମର ସିଟ୍ ସଂଖ୍ୟା ଆପାତତଃ କମ୍ । ବହୁତ ବେଶୀ ପିଲାହେଲେ ସେମାନଙ୍କର ଦେଖାଶୁଣାରେ ଅବ୍ୟବସ୍ଥା ହେବାର ଭୟ ଅଛି । ଏକବର୍ଷରୁ ଆରମ୍ଭ କରି ପାଞ୍ଚବର୍ଷ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଆମର ପାଞ୍ଚଟି କ୍ଲାସ୍‌ରୁମ୍ । ପ୍ରତି କ୍ଲାସ୍‌ରେ ତିନୋଟି କରି ଶିକ୍ଷୟତ୍ରୀ । ଏହାର ପରିଚାଳନା ମିସିଗାନ୍ ଷ୍ଟେଟ୍ ୟୁନିଭର୍ସିଟି କରିଥାଏ । ପ୍ରତ୍ୟେକ ମାସରେ ବୋର୍ଡ ମିଟିଙ୍ଗ୍ ହୁଏ । ପିତାମାତାମାନେ ମଧ୍ୟ ପରିଚାଳନାରେ ଭାଗ ନିଅନ୍ତି । ସ୍କୁଲରେ ପିଲାଟିର ସୃଜନଶୀଳତା ତଥା ଅନ୍ୱେଷଣ ମନୋବୃତ୍ତି ଉପରେ ବେଶୀ ପ୍ରାଧାନ୍ୟ ଦିଆଯାଇଥାଏ । ସାମାଜିକ, ପାରିବାରିକ ତଥା ମାନସିକ ସ୍ତରରେ ଶିଶୁଟିର କିଭଳି ଉତ୍ତମ ବିକାଶ ହୋଇପାରିବ ସେଥିପ୍ରତି ଆମେ ଯତ୍ନଶୀଳ । ମଝିରେ ମଝିରେ ପିଲାମାନଙ୍କୁ ବାହାରକୁ ବୁଲେଇ ନେଇଯାଉ ମଧ୍ୟ । ଗତ ସପ୍ତାହରେ ସୋହମ୍‌ର ଶ୍ରେଣୀପିଲାମାନଙ୍କୁ ଆମେ ଆପ୍‌ଲ ବଗିଚା ଦେଖାଇବା ପାଇଁ ଗୋଟିଏ ପାଖ ଗାଁକୁ ନେଇ ଯାଇଥିଲୁ । ଆସନ୍ତା ମାସରେ ଡାଇରି ଫାର୍ମ ନେଇ ଯିବାର ଯୋଜନା ଅଛି ।

ମୁଁ କହିଲି - ସୋହମ୍ ସେଦିନ ଭାରି ଖୁସି ହୋଇଥିଲା । ଘରେ ଯାଇ ମୋ ଆଗରେ ଆପ୍‌ଲ ଅରଚାର୍ଡ କଥା ବହୁତ କହିଥିଲା । ତେବେ ଆପଣମାନେ ତ ବର୍ଷକର ଶିଶୁଠୁ ଆରମ୍ଭ କରି ପାଞ୍ଚବର୍ଷର ଶିଶୁ ପର୍ଯ୍ୟନ୍ତ ରଖନ୍ତି ବୋଲି କହିଲେ । ବୟସ ଅନୁଯାୟୀ ଶିକ୍ଷାର ପ୍ରଣାଳୀ ତ ଭିନ୍ନ ଭିନ୍ନ ହୋଇଥିବ ତାହେଲେ । ରବିନ୍ କହିଲେ - ଆପଣ ଠିକ୍ କହିଛନ୍ତି । ବର୍ଷକର ଶିଶୁ ଓ ପାଞ୍ଚବର୍ଷର ଶିଶୁ ପ୍ରୟୋଜନ ଏକା ହୋଇ ନପାରେ ।



Digitized by srujanika@gmail.com

ସେଇଥିପାଇଁ ତ ବିଭିନ୍ନ କ୍ଲାସ୍‌ରୁମ୍ । ତେବେ ପିଲାମାନେ ଟିକିଏ ବଡ ହୋଇଗଲେ ସେମାନଙ୍କୁ ଡ୍ରଇଁ, ବିଜ୍ଞାନ, ସଙ୍ଗୀତ ଓ ନାଟକରେ ରୁଚିଶୀଳ କରିବା ପାଇଁ ଯତ୍ନ ନିଆଯାଏ । ଅକ୍ଷରଶିକ୍ଷା ଦିଆଯାଏ । ତତ୍ ସହିତ ଶୁଦ୍ଧ ଏବଂ ସଂଯତ ଭାଷା ଉପରେ କିପରି ସେମାନଙ୍କର ଦକ୍ଷତା ଆସିବ, ସେଥିପ୍ରତି ମଧ ଦୃଷ୍ଟି ଦେବାକୁ ପଡେ । ଆମ ଏଠାର ଶିକ୍ଷୟତ୍ରୀମାନେ ଏସବୁ ବିଷୟରେ ଉପଯୁକ୍ତ ତାଲିମ୍ ପାଇଛନ୍ତି । ସବୁଠାରୁ ବଡ କଥା, ଆପଣ ଆମର ଏଠି ସବୁଦେଶର ପିଲାମାନଙ୍କୁ ପାଇବେ । ଆଫ୍ରିକାନ୍ ହେଉ ବା ଜାପାନିଜ୍ - ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପିଲାମାନଙ୍କୁ ଗ୍ରହଣ କରାଯାଏ । ଏଇ ପରିପ୍ରେକ୍ଷୀରେ, ଯଦି କୌଣସି ପିତାମାତା ତାଙ୍କ ସନ୍ତାନପ୍ରତି ଅବିଚାର ହେଉଛି ବୋଲି ଭାବନ୍ତି ତାହେଲେ ସିଧାସଳଖ ସେକ୍ରେଟାରୀ ଅଫ୍ ଏଗ୍ରିକଲଚର୍, ୱାସିଂଟନ ଡି.ସି.କୁ ଚିଠି ଲେଖିପାରନ୍ତି ।

- ଆପଣତ ସାରାଦିନ ପିଲାମାନଙ୍କୁ ଏଠି ରଖୁଛନ୍ତି । ସେମାନଙ୍କର ଖାଇବା ପିଇବା ବନ୍ଦୋବସ୍ତ କରନ୍ତି କେମିତି ? ମୁଁ ପଚାରିଲି ।

- ଆମେ ବଜାରରୁ ଭୋଜ୍ୟ ବସ୍ତୁ ଆଣୁନି । ଆମର ନିଜର କୁକ୍ ଅଛନ୍ତି । ଏଇଠି ରୋଷେଇ ହୁଏ, ବ୍ରେକ୍‌ଫାଷ୍ଟ, ଲଞ୍ଚ ଓ ଅପରାହ୍ନର ଜଳପାନ । ସୁଷମ ଓ ସୁପକ୍ୱ ଖାଦ୍ୟ ଖାଆନ୍ତି ପିଲାମାନେ । ସପ୍ତାହକୁ ଦୁଇଥର ଆମର ନିରାମିଷ ଆହାର ।

ଆଉ ଆପଣଙ୍କ ଆଡ୍‌ମିଶନ୍ ଫି ?

- ସେମିତି କିଛି ନିର୍ଦ୍ଦିଷ୍ଟ ଫି ଆମର ନାହିଁ । ପିତାମାତାଙ୍କର ଦରମା ହିସାବରେ ଫି ଧାର୍ଯ୍ୟ ହୁଏ । ଯେଉଁମାନଙ୍କର ରୋଜଗାର କମ୍ ବା ସନ୍ତାନସଂଖ୍ୟା ଅଧିକ, ସେମାନେ ଅପେକ୍ଷାକୃତ କମ୍ ପଇସା ଦିଅନ୍ତି ।

କଥୋପକଥନ ଭିତରେ ଅନେକ ସମୟ ବିତିଯାଇଥିଲା । ରବିନ୍ କହିଲେ ଚାଲନ୍ତୁ ସୋହମ୍‌ର କ୍ଲାସ୍‌ରୁମ୍‌ରେ ମୁଁ ଛାଡିଦେବି ଆପଣଙ୍କୁ । ଆପଣ ତା' ସହିତ ଏବଂ ତା'ର ସାଥିମାନଙ୍କ ସହିତ କିଛି ସମୟ ବିତାଇବାକୁ ଚାହୁଁଥିବେ ନିଶ୍ଚୟ ।

ରବିନ୍ ମତେ ନେଇ ପହଞ୍ଚେଇ ଦେଲେ ସୋହମ୍‌ର ଶ୍ରେଣୀକକ୍ଷରେ । ତିନିଚାରି ବର୍ଷର ଅନେକ ଗୁଡିଏ ପିଲା ଚଟାଣରେ ହାମୁଡେଇ ବଡ ବଡ ଡ୍ରଇଁ କାଗଜରେ କ୍ରେୟନ୍‌ରେ ଚିତ୍ର ଆଙ୍କୁଥିଲେ । ଡ୍ରଇଁ କାମ ସରିଯିବା ପରେ ନିଜ ନିଜ ପାଇଁ ଉଦ୍ଦିଷ୍ଟ କାଠଖୋପ ଭିତରେ କାଗଜପତ୍ର ସଜାଡି ରଖିଲେ ବେଶ୍ ପରିଚ୍ଛନ୍ନ ଭାବେ ।

ଶ୍ରେଣୀଶିକ୍ଷକ କାଥି କହିଲେ ଏବେ ପିଲାମାନଙ୍କର ଖେଳସମୟ ଆରମ୍ଭ ହୋଇଛି ସେମାନେ ବାହାରେ ଖେଳିବେ । ଆପଣ ଚାଲନ୍ତୁ ନା । ସେଇଠି ବସିବେ ସେମାନଙ୍କ ସାଥିରେ ।



Digitized by srujanika@gmail.com

ଶିକ୍ଷକଙ୍କଠାରୁ ଖେଳ ପିରିୟଡ୍ କଥା ଶୁଣି ସ୍କୁଲର ସବୁ ସାନପିଲାମାନେ ଧାଡି ବାନ୍ଧି ବାହାରି ଆସିଲେ ବାହାରେ ଥିବା ତାରବାଡ ଘେରା ଖେଳ ପଡିଆକୁ । ବିସ୍ତୃତ ଖେଳ ପଡିଆ ମଝିରେ ବାଡ ଦିଆହୋଇ ଦୁଇଭାଗ କରାହୋଇଛି । ଗୋଟିଏ ଦୁଇବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ । ଅପରଟି ତିନିରୁ ପାଞ୍ଚବର୍ଷ ବୟସର ପିଲାମାନଙ୍କ ପାଇଁ । ଖେଳ ପଡିଆରେ ଅନେକ ଖେଳ ସରଞ୍ଜାମ । ସାନ ଚକଲଗା କାର୍‌ଠାରୁ ଆରମ୍ଭ କରି ଟ୍ରାଇସାଇକେଲ୍ ପର୍ଯ୍ୟନ୍ତ । ପଡିଆ କଡରେ ଥିବା ବନସ୍ପତି ଛାୟାରେ ଲୁହା ଜଂଜିର ବନ୍ଧା ଅନେକ ଗୁଡିଏ ଦୋଳି । ପିଲାମାନେ ଶିକ୍ଷକଙ୍କ ତତ୍ତ୍ୱାବଧାନରେ କଳରବ କରି ଖେଳରେ ମସ୍‌ଗୁଲ୍ ହୋଇପଡିଲେ ସାଙ୍ଗେ ସାଙ୍ଗେ । ଗୋଟିଏ କୁନି ନିଗ୍ରୋଝିଅର ବେଣୀଟି ଖୋଲିଯାଇ ତହିଁରେ ବନ୍ଧା ପ୍ଲାଷ୍ଟିକ୍ ଫୁଲଟି ହୁଗୁଳି ଯାଇଥିଲା । ଶିଶୁଟି ଯାଇ କାଥିଙ୍କ ପାଖରେ ପହଞ୍ଚିବାରୁ କାଥି ତା ବେଣୀଟି ବାନ୍ଧିଦେଇ ଫୁଲଟି ତହିଁରେ ସଯତ୍ନେ ଖଞ୍ଜିଦେଲେ । ପଡିଆ କଡରେ ଜମାହୋଇଥିବା ପ୍ଲାଷ୍ଟିକ୍ ତିଆରି ବଗିଚା ଉପକରଣରୁ ସାନ ଖୁର୍‌ପିଟିଏ ନେଇ ସାଙ୍ଗ ମେରିଆ ସହାୟତାରେ ବେଶ୍ ମନଯୋଗ ସହକାରେ ମାଟି ଖୋଳି ଲାଗିଲା ସୋହମ୍ ।

- ତୁ କଅଣ କରୁଛୁ ସେଠି ? ମୁଁ ପଚାରିଲି ।

- ଆମେ ଗଛ ଲଗାଇବା ପାଇଁ ଗାତ ଖୋଳୁଛୁ । ସୋହମ ଜବାବ୍ ଦେଲା ।

ପଡିଆ କଡରେ ଥିବା ଗୋଟିଏ ସିମେଣ୍ଟ ପାହାଚରେ ମୁଁ ବସିଥିଲି । କିଛି ସମୟ ପରେ ଦେଖିଲି ତରୁଣୀ ଝିଅଟିଏ ଆସି ବସିଲା ମୋ ପାଖରେ । ଚେପ୍‌ଟାମୁହଁ, ଦୀର୍ଘାୟିତ ଚିରା ଆଖି । ତ୍ୱକ୍‌ର ବର୍ଣ୍ଣ ହରିଦ୍ରାଭ । ପୁଅ ପିଲା ପରି କଟା ଗୋଛାଏ ସାନ ସାନ କଳା ମୁଚ୍‌ମୁଚ୍ ବାଳ । ପିନ୍ଧିଛି କଳା ରଂଗର ଟିସାର୍ଟ ଓ ଧଳା ରଂଗର ହାଫ୍‌ପ୍ୟାଣ୍ଟ୍ ।

ଝିଅଟି ମୃଦୁ ହସି ମତେ କହିଲା - ହାଇ । ମୁଁ ଯାସ୍‌ମିନ୍ । ତାଇୱାନ୍‌ର । ଏଇ ବିଶ୍ୱବିଦ୍ୟାଳୟକୁ ବୃତ୍ତିପାଇ ପଢିବାକୁ ଆସିଛି ।

ମୁଁ କହିଲି - ମୁଁ କାନନ, ଭ୍ରମଣାର୍ଥୀ ଏବଂ ଭାରତୀୟ । ମୋର ପୌତ୍ରଟି ଏଇ ସ୍କୁଲରେ ପଢେ । କିଛି ସମୟ ପାଇଁ ତା' ସହିତ ବିତେଇବାକୁ ଆସିଛି ।

ଝିଅଟି ଯା'ପରେ ଖୁସି ମନରେ ବେଶ୍ ଗପ ଯୋଡି ଦେଲା ମୋ ସହିତ । ତା' ସାଥିରେ କଥା କହି ବୁଝିଲି - ଝିଅଟି ଇକୋଲୋଜିରେ ପି.ଏଚ୍.ଡି. କରିବାକୁ ଆସିଛି ଏଠିକି । ତାଇୱାନ୍‌ରେ ତା'ସ୍ୱାମୀ ଶିକ୍ଷକ, ଦୁଇବର୍ଷର ପୁତ୍ରଟିକୁ ସିଏ ଏକୁଟିଆ ସମାଳି ପାରିବେନି । ତେଣୁ ଯାସ୍‌ମିନ୍ ତାକୁ ନେଇ ଆସିଚି ସାଥିରେ । ରହିବା ପାଇଁ ୟୁନିଭର୍ସିଟି ତରଫରୁ ସାନଘରଟିଏ ମିଳିଛି ତାକୁ । ସମସ୍ୟା ହୋଇଛି ପୁଅକୁ ନେଇ । ଯେହେତୁ



Digitized by srujanika@gmail.com

ଗବେଷଣା କାମରେ ତାକୁ ସାରାଦିନ ବ୍ୟସ୍ତ ରହିବାକୁ ପଡିବ, ଯାସ୍‌ମିନ୍ ପୁଅର ଆଡମିଶନ୍ କରିଦେଇଛି ସ୍ପାର୍ଟାନ୍ ସ୍କୁଲ୍‌ରେ । ଆଜି ସ୍କୁଲରେ ପୁଅର ପ୍ରଥମ ଦିନ । ତେଣୁ ପୁଅ ସାଥିରେ ସିଏ ମଧ ଆସିଛି ସ୍କୁଲ୍‌କୁ ।

ଦୂରରେ ପ୍ରକାଣ୍ଡକାୟ ବଲ୍‌ଟିଏ ଦୁଇ ହାତରେ କାବୁଡି ଧରି ଚୁପ୍‌ଚାପ୍ ଠିଆ ହୋଇଥିବା ସ୍ୱାସ୍ଥ୍ୟବାନ୍ ଶିଶୁଟି ଆଡେ ତର୍ଜନୀ ନିର୍ଦ୍ଦେଶ କରି ଯାସ୍‌ମିନ୍ କହିଲା - ସେଇ ମୋ ପୁଅ ଡେଭିଡ୍ । ଦେଖନ୍ତୁ ନା ! କେମିତି ଖାପ୍‌ଛଡା ହୋଇ ଠିଆ ହେଇଚି ! ଏଠା ପିଲାଙ୍କ ସାଥିରେ ସହଜରେ ମିଶିପାରୁନି । କେମିତି ଯେ ତାକୁ ସମାଳି ପାଠ ପଢ଼ିବି ! ମୁଁ କହିଲି - ବ୍ୟସ୍ତ ହୁଅନା । ଧୀରେ ଧୀରେ ସବୁ ଠିକ୍ ହୋଇଯିବ । ଡେଭିଡ୍ ବି ବନ୍ଧୁତ୍ୱ ଜମେଇନବ ସମବୟସ୍କ ଶିଶୁମାନଙ୍କ ସାଥିରେ । ଯାସ୍‌ମିନ୍ କିଛିଟା ସାନ୍ତ୍ୱନା ପାଇଲା ମୋ' କଥା ଶୁଣି । ଦୂରଦେଶରୁ ଏଭଳି ପ୍ରତିକୂଳ ପରିସ୍ଥିତିରେ ପାଠପଢିବାକୁ ଆସିଥିବା ଏକାକିନୀ ଝିଅଟିର ଜ୍ଞାନ ଆହରଣର ତୀବ୍ର ପିପାସା ଦେଖି ଚମତ୍କୃତ ହୋଇଥିଲି ସେଦିନ ।

ଯାସ୍‌ମିନ୍ ଓ ମୋ'ର କଥୋପକଥନ ଭିତରେ ଖେଳଛୁଟିର ସମାପନ ହେଇଥିଲା ଓ ପିଲାମାନେ ପୁନର୍ବାର ଧାଡିବାନ୍ଧି ଗୋଟି ଗୋଟି ହେଇ ସ୍କୁଲ ଭିତରେ ପ୍ରବେଶ କଲେ । ସୋହମ୍ ସହିତ ମୁଁ ମଧ ଆସିଲି ତା' ଶ୍ରେଣୀକକ୍ଷକୁ । ଏବେ ଥିଲା ମଧ୍ୟାହ୍ନ ଭୋଜନର ସମୟ । ଶିକ୍ଷୟତ୍ରୀ କାନ୍ଥରେ ଆଉଜା ହୋଇ ରଖାହେଇଥିବା ନୀଚା ଫୋଲ୍‌ଡେଡ୍ ଟେବୁଲ୍‌ଟିମାନ ଆଣି କକ୍ଷରେ ପକାଇଦେଲେ । ଚାରିପଟେ ସଜାଇ ରଖିଲେ ଚାରୋଟି ଲେଖାଏଁ କୁନି କୁନି ଚୌକି । ରୋଷେଇଶାଳରୁ ଜରିମୋଡା ଲଞ୍ଚପ୍ୟାକେଟ୍ ଅଣାହୋଇ ପରଶା ହେଲା ପିଲାମାନଙ୍କୁ । ଲଞ୍ଚରେ ଦିଆହୋଇଥିଲା ଲହୁଣୀ ଓ ଜାମ୍‌ଲଗା ପାଉଁରୁଟି, ମାଂସ ତିଆରି ହଟ୍‌ଡଗ୍, ଆଳୁଭଜା, ଗିଲାସେ ଲେଖାଏଁ କ୍ଷୀର, ଗୋଟିଏ ଆପଲ୍ ଓ କିଛି ତରଭୁଜର ଟୁକ୍‌ଡା । ପିଲାମାନେ ୱାସ୍‌ରୁମ୍‌ରେ ଜଣ ଜଣ କରି ହାତଧୋଇ ଶିକ୍ଷୟତ୍ରୀଙ୍କ ତତ୍ତ୍ୱାବଧାନରେ ମଧ୍ୟାହ୍ନଭୋଜନ କରିବାକୁ ଲାଗିଲେ । ଖାଇସାରିଲା ପରେ ନିଜେ ନିଜେ ଯାଇ ଘର କଡରେ ରଖା ହୋଇଥିବା ବଡ ଡଷ୍ଟବିନ୍‌ଟିରେ ଥର୍ମୋକଲ୍‌ରେ ତିଆରି ଖାଦ୍ୟଟ୍ରେ ତଥା ତହିଁରେ ଥିବା ଉଚ୍ଛିଷ୍ଟ ସାବଧାନତାର ସହିତ ଫିଙ୍ଗି ଦେଇ ଆସିଲେ ମଧ । ତିନିଚାରି ବର୍ଷର ଶିଶୁମାନଙ୍କର ଏତାଦୃଶ ସୁଶୃଙ୍ଖଳ କାର୍ଯ୍ୟକଳାପ ବେଶ୍ ଅବାକ୍ କଲା ମତେ ।

ମଧ୍ୟାହ୍ନ ଭୋଜନ ପରେ ଥିଲା ନାପ୍ ଟାଇମ୍ - ଦିବା ନିଦ୍ରାର ସମୟ । ଟେବଲ୍ ଓ ଚୌକୀ ଉଠାଇଦେଇ କାନ୍ଥରେ ଡେରା ହୋଇ ରଖା ଯାଇଥିବା ଫୁଟେ ଉଚ୍ଚର ଖଟଟି ମାନ କାଢି ତା' ଉପରେ ବିଛଣା କରିଦେଲେ କାଥି । ପିଲାମାନେ ବିନା ବାକ୍ୟ ବ୍ୟୟରେ ଖଟରେ ଚଢି ଲାଲ୍ ଟୁକ୍ ଟୁକ୍ ନରମ କମ୍ବଳରେ ଶରୀର ଆବୃତ କରି ଶୋଇବାର ଉପକ୍ରମ କଲେ ।



Digitized by srujanika@gmail.com

- ପିଲାମାନେ ସତରେ ଶୋଇପଡ଼ିବେ ଏବେ ? ମୁଁ କାଥିକୁ ପଚାରିଲି ।

ଗୋଟିଏ ଶିଶୁର ମୁଣ୍ଡତଳେ ତକିଆଟି ସଜାଡ଼ି ରଖୁ ରଖୁ କାଥି ଜବାବ ଦେଲେ - ବିଲ୍‌କୁଲ୍ । ଘଣ୍ଟାଏ ଖଣ୍ଡେ ନିଘୋଡ଼ ନିଦରେ ଏବେ ଶୋଇ ପଡ଼ିବେ ସଭିଏଁ । କିଛିଟା ବିଶ୍ରାମ ସେମାନଙ୍କର ଦରକାର । ଶୋଇକି ଉଠିସାରିଲା ପରେ ପାଠପଢ଼ା, ଗପଶୁଣା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ।

-ମୁଁ ତାହେଲେ ଆପଣଙ୍କ କାମରେ ଆଉ ବିଘ୍ନ ଉପୁଜେଇବିନି । ମୁଁ କାଥିଙ୍କୁ କହିଲି । ତେବେ ଯିବା ଆଗରୁ ଆପଣଙ୍କ ଇନ୍‌ଫାଣ୍ଟ୍ ସେକ୍‌ସନ୍‌ଟି ଥରେ ଦେଖି ଯିବା ପାଇଁ ମୋର ଇଚ୍ଛା ।

କାଥି କହିଲେ - ଚାଲନ୍ତୁ ନା ! ଦୁଇଟି ବଖରା ଛାଡ଼ି ଇ ଇନ୍‌ଫାଣ୍ଟ୍ ସେକ୍‌ସନ୍ । ତେବେ ଆମର ଇନ୍‌ଫାଣ୍ଟ୍ ସେକ୍‌ସନ୍‌ରେ ଶିକ୍ଷୟତ୍ରୀ କମ୍ ଅଛନ୍ତି ବୋଲି ଆମେ ଏବେ ମାତ୍ର ଦୁଇଟି ଶିଶୁକୁ ରଖିଛୁ । ମୋତେ ବାଟ କଢ଼େଇ କାଥି ନେଇ ପହଞ୍ଚେଇ ଦେଲେ ଶିଶୁ ବିଭାଗରେ ।

ଦେଖିଲି ପ୍ରଶସ୍ତ ଗୋଟିଏ କକ୍ଷରେ ଦୁଇଟି ବାଡ଼ଲଗା ଝୁଲଣି । ଦୁଇଟି ଆଠ ନ'ମାସର ଚପଳ ଶିଶୁ କିନ୍ତୁ ଝୁଲଣାରେ ନଶୋଇ କାର୍ପେଟ ମୋଟା ଚଟାଣରେ ବସି ମନ ଆନନ୍ଦରେ ଖେଳି ଲାଗିଛନ୍ତି । ଚତୁର୍ଦ୍ଦିଗରେ ଅଜସ୍ର ଖେଳଣା ଓ କଣ୍ଢେଇର ସ୍ତୂପ । ଶିଶୁମାନଙ୍କ ଦାୟିତ୍ୱରେ ଥିବା ଶିକ୍ଷୟତ୍ରୀ ପର୍‌ଭିନ୍ ମୃଦୁହସି ମତେ କହିଲେ - ଆପଣ ଦୟାକରି ଟିକିଏ ଅପେକ୍ଷା କରନ୍ତୁ ଏବେ ପିଲାମାନଙ୍କର ଫିଡିଙ୍ଗ୍ ଟାଇମ୍ । ମୁଁ ଟିକିଏ ସେମାନଙ୍କୁ କ୍ଷୀର ପିଆଇ ଦିଏ । ସକାଳେ ସେମାନେ ସିରିଆଲ୍ ଖାଇଥିଲେ । ଏବେ କ୍ଷୀର ପିଇବାର ସମୟ । ପିଲାମାନଙ୍କ ପାଇଁ କ୍ଷୀର ତିଆରି କରି ବୋତଲ୍‌ରେ ସେମାନଙ୍କୁ ପିଆଉ ପିଆଉ ପର୍‌ଭିନ୍ ପାଖରେ ଥିବା ଶ୍ୟାମଳୀ ଭାରତୀୟ ମହିଳାଟିକୁ ଦେଖେଇ ଦେଇ କହିଲେ - ଇଏ ନଳିନୀ, ଦିଲ୍ଲୀର । ଏଠାରେ ଆୟାର କାମ କରନ୍ତି । ନଳିନୀଙ୍କଠାରୁ ଶୁଣିଲି ତାଙ୍କ ସ୍ୱାମୀ ଏକ ଡିପାର୍ଟମେଣ୍ଟାଲ୍ ଷ୍ଟୋର୍‌ରେ ଗାଡ଼ିରୁ ମାଲ୍ ବୋହିବା ଓ ତାହା ଥାକରେ ସଜାଇ ରଖିବା କାମ କରନ୍ତି । ଆର୍ଥିକ ପରିସ୍ଥିତିକୁ ସୁଧାରିବା ପାଇଁ ନଳିନୀଙ୍କର ଏ ଚାକିରି ।

ବାର୍ତ୍ତାଳାପ ଛଳରେ ପର୍‌ଭିନ୍‌ଙ୍କର ପରିଚୟ ମଧ୍ୟ ପାଇଲି । ଘର ପାକିସ୍ଥାନରେ । ଅନେକ ବର୍ଷ ହେଲା ଆମେରିକାର ବାସିନ୍ଦା । ବଡ଼ପୁଅକୁ ଏବେ ବାହା କରେଇଛନ୍ତି । ପୁତ୍ରବଧୂ ଅବଶ୍ୟ ପାକିସ୍ଥାନର । ତାଙ୍କର ନିଜର ଗୋଟିଏ ଗ୍ରସରୀ ଦୋକାନ ଅଛି । ସ୍ୱାମୀ ଓ ପୁତ୍ର ଦୋକାନଟି ଚଳାନ୍ତି ।

ଶିଶୁଦୁଇଟି କ୍ଷୀର ପିଇସାରିଲା ପରେ ସଯତ୍ନେ ସେମାନଙ୍କର ଓଦା ଡାଇପର୍ ବଦଳାଇ ଦେଲେ ନଳିନୀ । ପର୍‌ଭିନ୍ ଦୁଇଟିଯାକ ବାଇକଙ୍କୁ ପେରାମ୍ବୁଲେଟର୍‌ରେ ବସାଇ



Digitized by srujanika@gmail.com

ମତେ କହିଲେ - କ୍ଷମା କରିବେ । ଟ୍ରେଭି ଓ ଜନିଙ୍କୁ ମୁଁ ଟିକିଏ ବାହାରେ ବୁଲେଇଆଣେ । ଘରେ ବସି ବସି ସେମାନେ ବିରକ୍ତ ହୋଇ ଗଲେଣି । ସେମାନେ ଭାରି ଖୁସି ହୁଅନ୍ତି ବାହାରେ ଗଛଲତା ଓ ଆକାଶ ଦେଖିଲେ । ଆପଣ ଦୟାକରି ଅପେକ୍ଷା କରିବେ କି ?

ମୁଁ କହିଲି - ନା, ନା, ମୋର ଘରକୁ ଫେରିବା ସମୟ ହୋଇଗଲାଣି । ମୁଁ ଯାଉଛି । ଆପଣ ଓ ନଳିନୀ ବରଂ ପିଲାମାନଙ୍କୁ ଖେଳପଡିଆକୁ ନେଇ ବୁଲେଇଆଣନ୍ତୁ ।

ପରଭିନ୍ ଓ ନଳିନୀକୁ ଧନ୍ୟବାଦ ଦେଇ ମୁଁ ବାହାରି ଆସିଲି ସ୍କୁଲରୁ । ଆସିଲାବେଳେ ସୋହମ୍‌ର ଶ୍ରେଣୀକକ୍ଷର ଝର୍କାବାଟେ ଚାହିଁ ଦେଖେ, ଆଖିବୁଜି ବେଶ୍ ନିଶ୍ଚିନ୍ତ ଭାବରେ ଘୁମେଇ ପଡିଛି ସିଏ । ମନେପଡିଲା - ଘରେ କିନ୍ତୁ ମୋର ଚପଳମତି ପୌତ୍ରଟିକୁ ବିଛଣାକୁ ପଠାଇବା ରୀତିମତ କଷ୍ଟସାଧ ହୋଇପଡେ ଆମପାଇଁ । ଅଥଚ ଏଠି ସ୍କୁଲରୁଟିନ୍‌ର ଶୃଙ୍ଖଳାବଦ୍ଧ ଜୀବନଚର୍ଯ୍ୟା ସହିତ କି ସୁନ୍ଦର ଭାବରେ ଅଭ୍ୟସ୍ତ ହୋଇଯାଇଛି ସିଏ ।

ଘରେ ପହଞ୍ଚୁ ପହଞ୍ଚୁ ସେଦିନ ଦିନ ଦୁଇଟା । ଭାତ ଖାଇ, ଦିବା ନିଦ୍ରାରୁ ଉଠି ଚା' ପିଉଛି, ସୋହମ ଆସି ପହଞ୍ଚିଲା ସ୍କୁଲରୁ । ହାତରେ ଗୋଟିଏ ମୋଟା କାଗଜର ହେଲ୍‌ଥ୍ କାର୍ଡ ଧରି । ବବି କହିଲା, ସ୍କୁଲରେ କୌଣସି ପିଲାର କିଛି ଦୁର୍ଘଟଣା ହେଲେ କିମ୍ବା ସିଏ ଅସୁସ୍ଥ ହୋଇପଡିଲେ, ପିତାମାତାଙ୍କୁ ସେଇ ସଂପର୍କରେ ସୂଚିତ କରିବାପାଇଁ ଏଇ ହେଲ୍‌ଥ୍ କାର୍ଡ ବ୍ୟବହୃତ ହୁଏ ।

କାର୍ଡଟିରେ ଲେଖା ଥିଲା - ସେଦିନ ଅପରାହ୍ନରେ କ୍ରାଫ୍‌ଟ କ୍ଲାସ୍‌ରେ ସୋହମ୍ ସାନ କାଠଘରଟିଏ ତିଆରି କଲାବେଳେ ତା'ର ବାମହସ୍ତର ବୃଦ୍ଧାଙ୍ଗୁଷ୍ଠିଟି ସାମାନ୍ୟ ଆଘାତ ପ୍ରାପ୍ତ ହୋଇଥିଲା । ଭୟର କୌଣସି କାରଣ ନାହିଁ । ଏବେ ସୋହମ୍ ଠିକ୍ ଅଛି ।

ଫର୍ମର ଶେଷ ଆଡକୁ କିଛି ଜାଗା ଉଦ୍ଦିଷ୍ଟ ଥିଲା - ସ୍କୁଲ୍ ତରଫରୁ ଦିଆଯାଇଥିବା ଔଷଧର ବିବରଣୀ ପାଇଁ । ଉକ୍ତ ସ୍ଥାନଟି ପୂରଣ କରି କାଥି ଲେଖିଥିଲେ - ମୁଁ ସୋହମ୍‌ର ଆଙ୍ଗୁଠିରେ ବରଫ ଘଷିଥିଲି ଏବଂ ଅନେକ ସମୟ ଧରି ଆଦର କରି ଓ ଭଲପାଇ ତା' ହାତଟି ଆଉଁଷି ଦେଇଥିଲି । ତା'ର ଯନ୍ତ୍ରଣା ଦୂର ହୋଇଯାଇଥିଲା ।

ଭଲପାଇ ଆଉଁଷିଦେଲେ ଯେ ଯନ୍ତ୍ରଣା ଅନେକ ପରିମାଣରେ ଲାଘବ ହୋଇଯାଏ, ତାହା ପ୍ରଥମଥର ପାଇଁ ସ୍ମାର୍ଟାନ୍ ଡେ କେୟାର ସେଣ୍ଟରର ଶିକ୍ଷୟତ୍ରୀ କାଥିଙ୍କଠାରୁ ଶିଖିଥିଲି ସେଦିନ ।

●●●



Digitized by srujanika@gmail.com

# ମନୁଷ୍ୟତ୍ୱ

ଅନନ୍ୟୋପାୟ ହୋଇ ସେଦିନ ଯାଇଥିଲି ସୁଦାମର ଦୋକାନକୁ ।

କ୍ଳାନ୍ତ ଲାଗୁଥିଲା । ବଜାର ପର୍ଯ୍ୟନ୍ତ ଯିବାପାଇଁ ଇଚ୍ଛା ହେଲାନି । ସୁଦାମ ପାତ୍ରର ଦୋକାନଟି ଥିଲା ଆମଘର ପାଚିରୀଠାରୁ ଅନତିଦୂରରେ । ପ୍ରଥମେ ଯେତେବେଳେ ଭୁବନେଶ୍ୱରରେ ଆସ୍ଥାନ ଜମାଇବାକୁ ଆରମ୍ଭ କଲି, ଇଲାକାଟି ଥିଲା ଏକାନ୍ତ ନିର୍ଜନ । ପ୍ରାୟ ଜନମାନବଶୂନ୍ୟ କହିଲେ ଚଳେ । କଲୋନୀରେ ସାମାନ୍ୟ କେତୋଟି ଘର । ସାମ୍ନାରେ ସଂକୀର୍ଣ୍ଣ କଚାସଡକ । ମୁଖ୍ୟ ବଜାରଟି ଥିଲା ବେଶ୍ ଦୂରରେ ।

ବସ୍ତୁତଃ, ସୁଦାମର ଦୋକାନଟି ଥିଲା ଆଖପାଖ ବାସିନ୍ଦାମାନଙ୍କର ଏକମାତ୍ର ସହାୟ । ପାଖାପାଖି ତିନୋଟି ବସ୍ତି ତଥା କଲୋନୀର କତିପୟ ପରିବାରଙ୍କର ସାରାବର୍ଷର ସାହାଭରସା । ଆସ୍‌ବେଷ୍ଟସ୍ ଛାତର ଝର୍କାବିହୀନ ମଧ୍ୟମ ଆକାରର ବଖରାଟିଏ । ପଛରେ ଥିବା ପ୍ରଶସ୍ତ ଜମିଟି ଖାଲି ପଡିଥିଲା । ଘର ମାଲିକ ସାମ୍ନାରେ ଦଶଇଞ୍ଚିଆ ଇଟା ଗାନ୍ଥିନିର ଅସ୍ଥାୟୀ ଘରଟିଏ ବନେଇ ଭଡା ଲଗାଇଦେଇଥିଲେ ।

ସୁଦାମ ଲୋକଟି କିନ୍ତୁ ଥିଲା କରିତ୍‌କର୍ମା । ପାଉଁରୁଟିରୁ ଆରମ୍ଭ କରି ପାନପତ୍ର ପର୍ଯ୍ୟନ୍ତ, ସନ୍‌ଲାଇଟ୍‌ରୁ ଆରମ୍ଭ କରି ଡାବର ଅଁମ୍ଳା ପର୍ଯ୍ୟନ୍ତ - ସବୁକିଛି ସଂପାଦି ରଖୁଥିଲା ଦୋକାନରେ । ଏଭଳି ଘରକରଣା ଜିନିଷ ନଥିଲା ଯାହାକି ମିଳୁନଥିଲା ସୁଦାମ ପାଖରେ । ଈଶ୍ୱର ଜାଣନ୍ତି, ସେହି ସୀମିତ ପରିସର ଭିତରେ, କେଉଁଠି ସାଇତି ରଖୁଥିଲା ଏତେ ସବୁ ଜିନିଷ ।

ସୁଦାମ ଥିଲା ଘୋର କୃଷ୍ଣବର୍ଣ୍ଣର ଖର୍ବକାୟ ମଣିଷଟିଏ । ପୃଥୁଳ ଉଦର ଉପରେ ନାଭି ତଳକୁ ପିନ୍ଧା ଅପରିଚ୍ଛନ୍ନ ଫୁଲ୍‌ପ୍ୟାଣ୍ଟ । ଉପରାର୍ଦ୍ଧରେ ତତୋଽଧିକ ଅପରିଚ୍ଛନ୍ନ ହାତକଟା ଗେଞ୍ଜି । ଟୁଲ୍‌ଟିଏ ପକାଇ ଦୋକାନ ସାମ୍ନାରେ ବସୁଥିଲା ଦଣ୍ଡିପଲା ଧରି । ଥାକରୁ ଜିନିଷ କାଢି ବଢେଇ ଦେବା ପାଇଁ ସହାୟକ ସାନବାଳକଟିଏ । ନାଁ ପହଲି । ଦୋକାନଟି ଛୋଟ ହେଲେ ବି କାରବାର ହେଉଥିଲା ପ୍ରଚୁର ।

ସୁଦାମ ଲୋକଟି ଥିଲା କିନ୍ତୁ ଅତିମାତ୍ରାରେ ଠକ । ପ୍ରତ୍ୟେକ ଜିନିଷ ଉପରେ ସେଲ୍‌ସ୍‌ବାକ୍‌ଠାରୁ ଅଧିକ ପଇସା ନେଉଥିଲା । ଦାମ୍ ଲଗାଉଥିଲା ମନଇଚ୍ଛା । ହେରଫେର୍ କରୁଥିଲା ଓଜନରେ ମଧ୍ୟ । ଓର ଉଣ୍ଡି ଗ୍ରାହକମାନଙ୍କୁ ଧରାଇଦେଇଥିଲା ଖତରା ଗୁଆ, ଦରପଚା ଆଳୁ ଓ ଗମରା ବେସନ । ଥରେ ତା'ଠାରୁ ଗୋଟିଏ କର୍ଣ୍ଣଫ୍ଲେକ୍‌ସ୍ ପ୍ୟାକେଟ୍ କିଣି ଘରେ ଖାଇଲାବେଳକୁ ତହିଁରେ ସାନ ସାନ ପୋକ ହୋଇଯିବାର ଦେଖିଥିଲି ।



Digitized by srujanika@gmail.com

ଲୋକଟି କିନ୍ତୁ ଥିଲା ମହାଧୂର୍ତ୍ତ । ଯେତେ ଗାଳି ଗୁଲଜ କଲେ ବି କ୍ରୋଧିତ ହେଉନଥିଲା କିମ୍ବା ମାନସିକ ଭାରସାମ୍ୟ ହରାଉନଥିଲା ।

କର୍ଣ୍ଣଫ୍ଲେକ୍‌ସ ପ୍ୟାକେଟ୍‌ଟି ତାକୁ ନେଇ ଦେଖାଇବାରୁ ଆକର୍ଣ୍ଣ ବିସ୍ତୃତ ହସ ହସି କହିଲା - ହଉ ହେଲା ମା । ବଦଳେଇ ଦବା ଜିନିଷ, ରାଗୁଛନ୍ତି କାହିଁକି ? ବିରକ୍ତ ହୋଇ ମୁଁ କହିଲି - ଏ ପ୍ୟାକେଟ୍‌ର ଏକସ୍‌ପାୟାରୀ ଡେଟ୍ ପଡ଼ିଲାଣି । ଜାଣିଶୁଣି ମତେ ଧରେଇ ଦେଇଚ ଯାକୁ । ତମ ନାଁରେ କଞ୍ଜୁମର୍ସ କୋର୍ଟରେ କେସ୍ କରିବି ମୁଁ ।

ଥାକରୁ ଚକ୍ ଚକ୍ ନୂଆ କର୍ଣ୍ଣଫ୍ଲେକସ୍‌ର ପ୍ୟାକେଟ୍‌ଟିଏ କାଢ଼ି ମୋ ହାତକୁ ବଢ଼ାଇ ଦେଉ ଦେଉ ସୁଦାମ କହିଲା - ମୁଁ ମୂର୍ଖଲୋକ ମା । ପ୍ୟାକେଟ୍‌ଉପରେ ଇଂରାଜୀରେ କଣ ଲେଖା ହୋଇଛି ମୁଁ କଅଣ ଜାଣିପାରୁଚି ? ଶହଶହ ଟଙ୍କାର ଜିନିଷ ଆପଣଙ୍କର ଯାଉଚି ଏଠୁ । ସାମାନ୍ୟ ଏଇ କେଇଟା ଟଙ୍କା ପାଇଁ ମୁଁ ଆପଣଙ୍କୁ ଠକିବି ?

ପୂର୍ବ ଅନୁଭୂତିରୁ ଜାଣିଥିଲି, ଲୋକଟି ଥିଲା ମହାଚିକ୍‌କଣକୁହା । ଚିକ୍‌ଣ କଥାରେ ପାଣିରେ ସର ପକାଇପାରିଲା ଲୋକ । ଯୁକ୍ତିତର୍କ ନକରି ନୂଆ କର୍ଣ୍ଣଫ୍ଲେକ୍‌ସ୍ ପ୍ୟାକେଟ୍‌ଟି ଧରି ଫେରିଆସିଥିଲି ଘରକୁ । କିଣୁଥିବା ବିଭିନ୍ନ ଡେଢ଼ରାତି ସାମଗ୍ରୀକୁ ନେଇ ପ୍ରାୟତଃ ଏହିଭଳି ପ୍ରହସନ ଲାଗି ରହୁଥିଲା ସୁଦାମ ସାଥିରେ ।

ଶଠ ଲୋକଟି ଉପରେ ମନେ ମନେ ପ୍ରତ୍ୟହ ବିଷୋଦ୍‌ଗାର କରୁଥିଲି ସତ । କିନ୍ତୁ ତା'ଠାରୁ ଜିନିଷ ନ କିଣି ଅନ୍ୟ କୌଣସି ଉପାୟ ନଥିଲା ।, ଚାଲି ଚାଲି ଦୂରରେ ଥିବା ବଡବଜାର ପର୍ଯ୍ୟନ୍ତ ଯିବା କଷ୍ଟକର ମନେହେଉଥିଲା ଅନେକ ସମୟରେ । ବାଧହୋଇ ନିତିଦିନିଆ ଘରକରଣା ସାମଗ୍ରୀ ପାଇଁ ସୁଦାମର ଦୋକାନ ଉପରେ ଥିଲି ନିର୍ଭରଶୀଳ ।

ଦିନସାରା, ବିଶେଷତଃ ସନ୍ଧ୍ୟା ସମୟରେ ଗରାଖମାନଙ୍କର ପ୍ରଚୁର ଭିଡ ହେଉଥିଲା ସୁଦାମ ପାଖରେ । ଧନୀରୁ ଦରିଦ୍ରଯାଏ - ସଭିଏଁ ଯାଉଥିଲେ ଜିନିଷ କିଣି । ସଂଜ ଉତାରୁ ପାଖ ବସ୍ତିର ଶ୍ରମିକ ଶ୍ରେଣୀର ଲୋକମାନେ ଦଳଦଳ ହୋଇ ହାଜିର୍ ହେଉଥିଲେ । କିଏ ପାଞ୍ଚଟଙ୍କାର ଚା'ପତ୍ର ମାଗୁଥିଲା ତ କିଏ ଅଢ଼େଇଶ ସୋରିଷ ତେଲ । ଜିନିଷ ଭର୍ତ୍ତି କରି ଦକ୍ଷହାତରେ ଖବରକାଗଜର ପୁଟୁଳି ବାନ୍ଧୁଥିଲା ସୁଦାମ । ନିଃଶ୍ୱାସ ମାରିବାକୁ ବି ଫୁର୍ସତ ନଥିଲା ତା'ର ।

ପ୍ରତ୍ୟେହ ସକାଳ ଆଠଟାବେଳକୁ ଦୋକାନ ଖୋଲୁଥିଲା ସୁଦାମ । ଥାକ ଉପରେ ରଖା କର୍ପୂରମାଳ ପିନ୍ଧା ଜଗନ୍ନାଥଙ୍କ ଫଟ ସାମ୍‌ନାରେ ଧୂପକାଳି ଆଖିବୁଜି ପାଞ୍ଚମିନିଟ୍ ପ୍ରାର୍ଥନା କରୁଥିଲା ପ୍ରଥମେ । ଦୋକାନ ସାମ୍‌ନାରେ ପାଣିଛିଞ୍ଚି ଝାଡୁ ଦେଇ ପରିଷ୍କାର କରୁଥିଲା ଭଲଭାବେ । ସାମ୍‌ନା ଗୁମୁଟିରୁ ଚାରୋଟି ଇଡ୍‌ଲି ଓ ଗିଲାସେ ଚା' ମଗାଇ ପ୍ରାତଃରାଶ କରୁଥିଲା । ତା'ପରେ ସାର୍ଟେଟି କାଢ଼ି ହୁକରେ ଟାଙ୍ଗି ଲାଗିଯାଉଥିଲା କାମରେ । କିଣାବିକା ସରୁଥିଲା ବେଶ୍ ଡେରିରେ । ମଝିରେ ଯାହା ଖାଇବାପାଇଁ ଘଣ୍ଟାଟିଏ ଛୁଟି । ରାତି ଦଶଟାରେ କ୍ୟାସ୍‌ବାକ୍‌ସରୁ



Digitized by srujanika@gmail.com

ଟଙ୍କାଟକ ସଂଗ୍ରହ କରି, ଦୋକାନ ତାଲା ପକାଇ, ଦରଭଙ୍ଗା ସାଇକେଲଟି ଧରି ପଳାଉଥିଲା ଘର ଆଡେ । ଘରଟି ଥିଲା ପୁରୁଣା ଭୁବନେଶ୍ୱରରେ । ମନ୍ଦିର ସାମ୍ନା ଗଳିରେ ।

ପଇସା କମାଉଥିଲା କିନ୍ତୁ ପ୍ରଚୁର । ସେ ଖଣ୍ଡମଣ୍ଡଳରେ ଏକମାତ୍ର ଦୋକାନ । ଥିଲା ବି ପୁରୁଣା ଲୋକ । ବ୍ୟବସାୟ ଜମିଯାଇଥିଲା ରୀତିମତ୍ । ଦିନେ ତା' ପତ୍ନୀକୁ ଦେଖିଥିଲି ଦୋକାନ ସାମ୍ନାରେ । ବାହୁରେ ଅନନ୍ତ, ହାତରେ ସୁନାଖଡୁ, ବେକରେ ତିନିସରିଆ ଗୋପ । ସୁବର୍ଣ୍ଣରେ ମଣ୍ଡି ହୋଇଥିବା ପ୍ରଗଳ୍ଭା, ସ୍ୱାସ୍ଥ୍ୟବତୀ ମହିଳାଟିଏ । ସ୍ତ୍ରୀ ଚାଲିଗଲା ପରେ କହିଲି – ସୁଦାମ, ଆମକୁ ଠକିକି ଯାହା ପଇସା କମାଉଛ, ସବୁତକ ପତ୍ନୀଙ୍କ ପାଇଁ ସୁନା ଗହଣା କିଣିବାରେ ଲଗେଇ ଦେଉଛ ତାହେଲେ ।

ଜିଭ କାମୁଡି ସୁଦାମ କହିଲା – କି କଥା କହୁଛନ୍ତି ମା' । ଗରୀବ, ଦୁଃଖୀ ଲୋକ ମୁଁ । ଆପଣମାନଙ୍କ ଦୟାରେ ଚଳିବା କଥା । କାହିଁକି ଲଜ୍ଜା ଦେଉଛନ୍ତି ମତେ ?

ମୁଁ କହିଲି – ଶୁଣିଲି କୁଆଡେ ନୟାପଲ୍ଲୀରେ ଜମିକିଣି କୋଠା ତୋଳୁଚ । କିଏ କହିଲା ମା ? ସୁଦାମ ପଚାରିଲା । ଖବରଟି ପଡ଼ଶିଠାରୁ ପାଇଥିଲି, କିନ୍ତୁ ନାଆଁଟି କହିଲିନି ।

ସୁଦାମ ପୁନର୍ବାର କହିଲା – ଭୁବନେଶ୍ୱରରେ କା'ର ଘର ନାହିଁ କହିଲେ ମା' ? ପାନ ଦୋକାନୀ ବି କୋଠା ତୋଳୁଛି, ଆଉ ମୁଁ କୁଡିଆ ଖଣ୍ଡେ ବନେଇଲେ ସମସ୍ତଙ୍କ ଆଖିକୁ ଦିଶୁଛି ।

–ଯାହା ଲୋକଙ୍କୁ ଠକୁଚ, ତମେ କୋଠା ତୋଳିବନି ତ ତୋଳିବ କିଏ ? ମୁଁ କହିଲି । ସୁଦାମ ମିଠାଳିଆ ହସଟିଏ ହସି କହିଲା – ଏ ଦେଶରେ ବଡବଡ ବ୍ୟବସାୟୀମାନଙ୍କ ଠାରୁ ଆରମ୍ଭ କରି ନେତା ଓ ମନ୍ତ୍ରୀଯାଏ ସଭିଏଁ ଠକ, ଆଉ ଆପଣଙ୍କ ଆଖିରେ ଖାଲି ମୁଁ ଦିଶିଲି ମା ।

ଯାହାହେଉ, କାଳକ୍ରମେ କଲୋନୀ ବଢିଲା । ଚଉଡା ପିଚୁରାସ୍ତା, ଦୁଇପଟେ ପ୍ରଚୁର କୋଠାବାଡି ଓ ଆପାର୍ଟମେଣ୍ଟ । ବାସିନ୍ଦାମାନଙ୍କର ଚାହିଦା ମେଣ୍ଟାଇବାପାଇଁ ଘର ପାଖାପାଖି ନୂଆ ମାର୍କେଟିଂ କମ୍ପ୍ଲେକ୍ସଟିଏ ବି ଖୋଲିଗଲା କିଛି ଦିନ ଭିତରେ । ସ୍ୱସ୍ତିର ନିଶ୍ୱାସଟିଏ ପକାଇଲି । ସୁଦାମର ଠକାମିରେ ବର୍ଷ ବର୍ଷ ଧରି ଅତିଷ୍ଠ ହୋଇ ପଡିଥିଲି । ଘର ନିକଟରେ ବଜାରଟିଏ ବସିଯିବାରୁ ବୈକଳ୍ପିକ ଉପାୟଟିଏ ମିଳିଗଲା ମତେ । ସେଇ ବଜାରରୁ ଏବେ ଜିନିଷ ଆଣିବାକୁ ଆରମ୍ଭ କଲି । ଘରୁ ବାହାରିଲେ ସୁଦାମ ସହିତ କେବେ କେମିତି ଦେଖା ହେଉଥିଲା । ପୂର୍ବପରି ମନଲୋଭା ହସ ହସି ଅଳ୍ପ ଆହତ ସ୍ୱରରେ କହୁଥିଲା – ମା ! ଆଉ ମୋ'ଠୁ ସଉଦାପତ୍ର ନେଉନାହାନ୍ତି ଯେ !

–ତୁମେ ତ ପ୍ରତି ଜିନିଷ ଦରଦାମ ଚଢା କରି ବିକ୍ରି କରିବ । ତମଠୁ କିଣିବ କିଏ ? ମୁଁ ଜବାବ ଦେଉଥିଲି ।

ଆପଣଙ୍କୁ ଶସ୍ତାରେ ଦେବି ମା ! ଯେତେହେଲେ ମୋର ପୁରୁଣା ଗରାଖ । କାହିଁକି ଏତେବାଟ ଚାଲିଚାଲି ଯାଉଛନ୍ତି ? କଅଣ ଦରକାର ଲେଖିକରି କାମବାଲୀ ହାତରେ



Digitized by srujanika@gmail.com

ତାଲିକା ପଠେଇଦିଅନ୍ତୁ । ପହଲି ନେଇ ଘରେ ଜିନିଷ ପହଞ୍ଚେଇ ଦେଇ ଆସିବ । ଆପଣ ଆସିବା ବି ଦରକାର ନାହିଁ । ବେଶ୍ ବିନମ୍ରଭଙ୍ଗୀରେ ସୁଦାମ କହୁଥିଲା ।

ମୁଁ କିନ୍ତୁ ଭବିଷ୍ୟତରେ ଆଉ କେବେ ବି ସୁଦାମଠାରୁ ଜିନିଷ କିଣିବିନି ବୋଲି ଠିକ୍ କରି ନେଇଥିଲି । ବିଗତ ଦଶବର୍ଷ ଧରି ସିଏ ଯେଉଁ ପରିମାଣରେ ମୋ' ସହିତ ପ୍ରବଞ୍ଚନା କରିଆସୁଥିଲା ଏବଂ ଯେଉଁଭଳି ଭାବରେ ଠକି ପଣ୍ୟ ସାମଗ୍ରୀର ଉଚିତ୍ ମୂଲ୍ୟଠାରୁ ଯଥେଷ୍ଟ ବେଶୀ ଅର୍ଥ ମୋ'ଠାରୁ ଆଦାୟ କରିଥିଲା, ତା ପରେ ତା' ସହିତ ଆଉ କୌଣସି ସଂପର୍କ ରଖିବାଟା ମୋ'ର ବୋକାମି ହେବ ବୋଲି ମୁଁ ଭାବୁଥିଲି ।

ସେଦିନ କିନ୍ତୁ ଅନନ୍ୟୋପାୟ ହେଉ ଯାଇଥିଲି ତା' ଦୋକାନକୁ, ପରିସ୍ଥିତିରେ ପଡ଼ି ।

ସାରାଦିନ କାର୍ଯ୍ୟବ୍ୟସ୍ତ ଥିଲି । ବିଗତ ତିନିମାସ ଧରି ଅନୁପସ୍ଥିତ ରହିଥିବା ମୋ'ର ଲାଗୁଆ ମୂଲିଆଟି ଅଚାନକ୍ ସେଦିନ ସକାଳେ ଆସି ପହଞ୍ଚିଥିଲା ।

ପଚାରିଲି - କଅଣ ହେଲା ଦିଜ ? ଏତେ ଦିନ ଆସୁ ନ ଥିଲୁ ଯେ । ତୁ' ତ ପନ୍ଦରଦିନରେ ଥରେ ଆସିବା ଲୋକ । ଆସିଲୁନି କାହିଁକି ? ଦେଖୁଚୁ ତ ବାରିବଗିଚା କେମିତି ଅପରିଷ୍କାର ହେଇକି ପଡ଼ିଛି ।

ଉତ୍ତରରେ ଦିଜ ତା'ର ଅନୁପସ୍ଥିତିର କାରଣ ଦର୍ଶାଇ ଯେଉଁ ପ୍ରକରଣଟି ବ୍ୟାଖ୍ୟାନ କଲା ତାହା ଥିଲା ରୀତିମତ ଚମକପ୍ରଦ ।

ପ୍ରକରଣଟି ଥିଲା ଏହିଭଳି । ଦିଜର ଚାଳିଆପାଖରେ ମେସ୍ କରି କେତୋଟି କଲେଜଛାତ୍ର ରହୁଥିଲେ । ଦିନେ ସେମାନଙ୍କ ବାସଗୃହ ଭିତରେ ସାପଟିଏ ପଶିଥିବାର ଦେଖି ସେମାନେ ଭୟଭୀତ ହୋଇ ଦିଜକୁ ଡ଼ାକ ପକାଇଥିଲେ ଓ ଦିଜ ଯାଇ ସାପର ମୁଣ୍ଡଟିକୁ ବାଡ଼ିରେ ଛେଚି ତାକୁ ମାରିଦେଇଥିଲା । ବାଡ଼ି ଅଗରେ ମୃତସର୍ପଟିକୁ ଝୁଲାଇ ବାହାରକୁ ଫିଙ୍ଗିବାକୁ ନେଲାବେଳେ, ସାପଟି ଘରସାମ୍ନା ଘାସଜମି ଉପରେ ଖସିପଡ଼ିଥିଲା । ଦିଜ ବାମହସ୍ତରେ ସାପର ମୁଣ୍ଡଟିକୁ ଧରି, ତାକୁ ମାଟିରୁ ଗୋଟାଇ ନେଇ ଫିଙ୍ଗିଦେଇ ଆସିଥିଲା ପାଖ ଅରମାବଣକୁ ।

ଦିଜର ବାମହସ୍ତର ମଧ୍ୟମାରେ ଥିଲା ସାମାନ୍ୟ ଆଞ୍ଚୁଡ଼ା ଦାଗ । ସେଇ କଟାଦାଗ ଦେଇ କିଛି ମାତ୍ରାରେ ସାପର ଗରଳ ପ୍ରବେଶ କରିଥିଲା ତା'ର ରକ୍ତପ୍ରବାହରେ, ଯାହାକି ଦିଜ ସେତେବେଳେ ବୁଝିପାରିନଥିଲା । ପ୍ରାୟ ଆଠଦଶ ଦିନ ପରେ, ତା'ର ବାଁ ହାତର ଆଙ୍ଗୁଠିଟି ଫୁଲି ଏକ ବଡ଼ ପୋଟଳର ଆକାର ଧାରଣ କରିଥିଲା ଏବଂ ଶରୀରର ବିଭିନ୍ନ ସ୍ଥାନରେ ପିଙ୍ଗ୍‌ପଙ୍ଗ୍ ବଲ୍ ପରି ମାଂସପେଶୀ ସବୁ ଫୁଲିବା ଆରମ୍ଭ କରିଥିଲେ । ସ୍ଥାନ ବିଶେଷରେ, ପାଚିଲା ଫୁଟିକାକୁଡ଼ି ଫାଟିଲାପରି ଦେହର ମାଂସ ଓ ଚମଡ଼ା ମଧ୍ୟ ଫାଟିବାକୁ ଆରମ୍ଭ କରିଥିଲା । ଦିଜ ବିବ୍ରତ ହୋଇ ଡ଼ାକ୍ତରଙ୍କୁ ଦେଖାଇଲା ପରେ ଏହା ସର୍ପ ବିଷର



Digitized by srujanika@gmail.com

ପ୍ରତିକ୍ରିୟା ବୋଲି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି । ଦୁଇହଜାର ଟଙ୍କା ଖର୍ଚ୍ଚ କରି କୌଣସି ଏକ ନିର୍ଦ୍ଦିଷ୍ଟ ଇଂଜେକ୍‌ସନ ନେଲାପରେ ଅବସ୍ଥା ଅନେକାଂଶରେ ସୁଧୁରିଛି ବୋଲି ଦିଜ ଜଣାଇଲା । ଏହା ମଧ୍ୟ ଜଣାଇଲା ଯେ ଚିକିତ୍ସା ଏବେ ବି ଚାଲୁ ରହିଛି ।

ଚାହିଁ ଦେଖିଲି - ଦିଜର ଆଙ୍ଗୁଠିଟି ଏବେ ବି ଫୁଲିରହିଛି । ଶୀର୍ଣ୍ଣ ଦେହର ସାନ ମୁରୁଗୁଡ଼ିଆ ମଣିଷଟିଏ । କଂକାଳସାର ଶରୀର । କାଠି ପରି ହାତଗୋଡ଼ । ଆଖି ଖୋଳେ ଖୋଳେ ପଶିରହିଛି ଭିତରେ । ଉଞ୍ଚ ହନୁହାଡ଼ ତଳେ କୋରଡ଼ ଗାଲ । ଦାରିଦ୍ର୍ୟ ଓ ଅନାଟନର ମୂର୍ତ୍ତିମନ୍ତ ଅବତାର । ଲୋକଟି ଯେ ସତରେ ବିପଦମୁକ୍ତ ହୋଇ ଉଠିବ, ସେ ସଂପର୍କରେ ସନ୍ଦେହ ବି ହେଲା ମନରେ ।

- ଦି ହଜାର ଟଙ୍କା ଆଣିଲୁ କେଉଁଠୁ ? ପଚାରିଲି ।

- ଜାଣିଚ ତ ମା ମୂଲ ଲାଗି ପେଟ ପୋଷେ । ପେଟରୁ କାଟିକି ରଖିଥିଲି ସେ ପଇସା । ସବୁ ଏଇ ହାତ ପିଛା ଗଲା । ଆହୁରି ଯେ କେତେ ଖର୍ଚ୍ଚ ହବ ଭଗବାନ ଜାଣନ୍ତି । କେଉଁଠୁ ଆଣିବି ମୁଁ ସେ ଟଙ୍କା ? ପେଢୁଆ ଆଖିରୁ ଲୁହ ଦୁଇଧାର ଗଡ଼ାଇ ଦିଜ ଜବାବ୍ ଦେଲା ।

- କି ଲୋକ ତୁ ! ସାପର ଛେଚାମୁଣ୍ଡଟାକୁ ହାତରେ ଧରିକି ନେଇଗଲୁ ? ତେବେ ତୋ ଆଙ୍ଗୁଠି ତ ଏବେ ବି ଫୁଲିକି ରହିଛି । କାମ କେମିତି କରିବୁ ? ମୁଁ ପଚାରିଲି ।

- ଦାଣ୍ଡ, ବାରି ଶୁଖିଲା ପତ୍ରରେ ଭରି ହେଇଗଲାଣି । ଓଳାପୋଛା କରି ଦିଏ ମା ! ଆଙ୍ଗୁଠି ଫୁଲିଛି ବାଁ ହାତରେ । ମୁଁ ଡ଼ାହାଣ ହାତରେ ଝାଡ଼ୁ ଧରି ଓଳେଇଦେବି । କିଛି ଅସୁବିଧା ହବନି । ଦିଜ ଜବାବ୍ ଦେଲା । ତା' ପରେ ମୁହୂର୍ତ୍ତେ ନୀରବ ରହି କହିଲା - ମନା କରନି ମା । ହାତରେ ଗୋଟିଏ ବି ପଇସା ନାହିଁ । କାମ ନ କଲେ ଆଜି ଦିନଟି ଉପାସ ରହିବାକୁ ପଡ଼ିବ । ସଂଜଯାଏ କାମ କରିବି । ଯାହା ତମର ଖୁସି ଦବପଛକେ । ତମଠୁ ପଇସା ପାଇଲେ ଅନ୍ନମୁଠିଏ ପେଟରେ ପଡ଼ିବ ମା । ମନା କରନି ।

କଥା କହୁ କହୁ ପାଚିରୀ ପାଖରେ ଆଉଜା ହେଇ ରଖାହେଇଥିବା ଖରିକାଝାଡୁଟି ନେଇ ଲନ୍‌ଟି ଓଳାଇବାକୁ ଆରମ୍ଭ କରିଦେଲା ଦିଜ । ଲୋକଟିର ଆକୁତି ଶୁଣି କେଉଁଠି କେମିତି ଟିକିଏ କରୁଣାର ଉଦ୍ରେକ ହେଲା ମନରେ । କାମ କରିବାକୁ ମନା କରିପାରିଲିନି । ତା' ସହିତ ବଗିଚା କାମରେ ମତେ ମଧ୍ୟ ସାରାଦିନ ବ୍ୟସ୍ତ ରହିବାକୁ ପଡ଼ିଲା । ଫୁଲ ଗାମ୍ଲାରୁ ଘାସ ବାଛିବା ଓ ମାଟି ବଦଳାଇବା, ଗଛରେ ସାରଦେବା, ବୁଦାମାନଙ୍କର ବର୍ଦ୍ଧିଷ୍ଣୁ ଡ଼ାଳସବୁ କାଟିବା - ଅଜସ୍ର କାମ । ମଝିରେ କେବଳ ଦୁଇଘଣ୍ଟା ବିଶ୍ରାମ ନେଇଥିଲି । ଦିଜ ଟଙ୍କା ନେଇ ଖାଇବାକୁ ଗଲାବେଳେ, କାମ ସରୁ ସରୁ ଅପରାହ୍ନ ପାଞ୍ଚଟା ।

ହାଲିଆ ହୋଇ ବିଶ୍ରାମ ନେଲାବେଳକୁ ପୁରୀରୁ ମୋ ସାନଭଉଣୀ ହଠାତ୍ ଆସି ପହଞ୍ଚିଲା ଘରେ । ଭୁବନେଶ୍ୱରରେ କିଛି କାମ ଅଛି ତା'ର । ଦୁଇଦିନ ଏବେ ରହିବ



Digitized by srujanika@gmail.com

ମୋ ପାଖରେ । ଅତିଥି ଆଗମନ ହେତୁ ଅନେକ କିଛି ସାନ ସାନ ଜିନିଷ କିଣିବା ଜରୁରୀ ହୋଇପଡ଼ିଲା । କ୍ଳାନ୍ତି ହେତୁ ବଜାର ନ ଯାଇ ଅଗତ୍ୟା ଯାଇଥିଲି ପାଖରେ ଥିବା ସୁଦାମର ଦୋକାନକୁ ।

- ଏତେଦିନକେ କେମିତି ଆଜି ମନେପଡ଼ିଲା ମା ? ଅମାୟିକ ହସଟିଏ ହସି ଓ ବିନମ୍ର ନମସ୍କାରଟିଏ କରି ସୁଦାମ ପଚାରିଲା ।

- ଗପ କରିବାକୁ ବେଳନାହିଁ । ଶୀଘ୍ର ଜିନିଷ ଦିଅ । ମୁଁ କହିଲି ଓ ଗୋଟି ଗୋଟି କରି ଜିନିଷ ବରାଦ କରି ଲାଗିଲି । ସୁଦାମ ଥାକରୁ ଜିନିଷ ସବୁ କାଢ଼ି ସଯତ୍ନେ ଏକାଠି କରି ଲାଗିଲା । ଜିନିଷ ସବୁ ଥଳିରେ ପୂରାଇସାରିଲାପରେ ମୁଁ କହିଲି – ସୁଦାମ ମୋତେ ଚିଠା ଦିଅ । କେଉଁ ଜିନିଷର କେତେ ଦାମ୍ ଲେଖିଦେବ ସେଥିରେ ।

- ଠିକ୍ ଅଛି ମା । ଏବେ ଲେଖି ଦେଉଛି । କାନରେ ଗୁଞ୍ଜା ହୋଇଥିବା ପେନ୍‌ସିଲ୍‌ଟି କାଢ଼ି ଖଣ୍ଡିଏ କାଗଜରେ ଜିନିଷର ତାଲିକା ତଥା ଦାମ୍ ତରତର କରି ଲେଖିଲାଗିଲା ସୁଦାମ । ହିସାବ କରିସାରି ଚିଠାଟି ମୋ ହାତକୁ ବଢ଼ାଇ ଦେଇ କହିଲା – ଶହେ ଛୟାଅଶି ଟଙ୍କା ପଚାଶ ପଇସା ହେଲା ମା । ଆପଣ ଶହେ ପଞ୍ଚାଅଶି ଟଙ୍କା ଦିଅନ୍ତୁ ।

ସୁଦାମ ହାତରୁ ଚିଠାଟି ଆଣି ମୁଁ ତା' ଉପରେ ଆଖିବୁଲେଇ ନେଲି । ଭୁଲ୍‌ରେ ଚିଠାରେ ପାମଡ଼ ପ୍ୟାକେଟ୍‌ଟିର ପଇସା ଲେଖିନଥିଲା ସୁଦାମ । ଅନ୍ୟମନସ୍କତା ହେତୁ କିମ୍ୱା ଭିଡ଼ଭାଡ଼ ଯୋଗୁ ହୁଏତ ଭୁଲିଯାଇଥିଲା । ଭାବିଲି ଏଥିପ୍ରତି ସୁଦାମ ଦୃଷ୍ଟି ଆକର୍ଷଣ କରିବି । କିନ୍ତୁ ପରେ ପରେ ମନେହେଲା, ଯାହା ଠକ ଏ ଲୋକ ! ବିଗତ ଦଶବର୍ଷ ଭିତରେ କେତେଶହ ଟଙ୍କା ଯେ ମୋ'ଠୁ ଠକିକି ନେଇଛି ସ୍ୱୟଂ ଈଶ୍ୱର ଜାଣନ୍ତି । ତା' ଛଡ଼ା ଏ ଭୁଲ୍ ହିସାବ ତ ସ୍ୱୟଂ ସୁଦାମ ହିଁ ଦେଇଛି ମତେ । ଦୋଷ ଯଦି କାହାର ଥାଏ ତାହା ସୁଦାମର । ମୁଁ ତ ତାକୁ କହିନଥିଲି ପାମଡ଼ର ଦାମ୍ ନପକାଇବା ପାଇଁ । ମୋ'ର ବା ଦୋଷ ରହିଲା କେଉଁଠି ?

ଏଯାବତ୍ ସାମାନ୍ୟ ଅସ୍ୱସ୍ତି ବୋଧ କରୁଥିବା ମୋ'ର ବିବେକ, ଏତାଦୃଶ ବଳିଷ୍ଠ ଯୌକ୍ତିକତାର ସମ୍ମୁଖୀନ ହୋଇ ଏହାପରେ ବେଶ୍ ଶାନ୍ତ ପଡ଼ିଯାଇଥିଲା ଓ ସୁଦାମକୁ ବିଲ୍ ପଇଠ କରି ମୁଁ ଘରଆଡ଼କୁ ଅଗ୍ରସର ହେଲି । ମୁଁ ଠିକ୍ ଆମ ଘରସାମ୍ନା ଗେଟ୍ ପାଖରେ ପହଞ୍ଚିଲା ବେଳକୁ ହିଁ ଭେଟହେଲା ଦିଜ ସାଙ୍ଗରେ । ନଳିଗୋଡ଼ରେ ବଡ଼ ବଡ଼ ପାହୁଣ୍ଡ ପକାଇ ପଳାଉଥିଲା ସୁଦାମ ଦୋକାନ ଆଡ଼େ ।

- ଦିଜ, କୁଆଡ଼େ ଯାଉଚୁ ଏତେବେଳେ ? ପଚାରିଲି ।

- ଏଇ ସୁଦାମ ପାଖକୁ ଯାଉଛି ମା । ଏଇଲେ ଅଧକିଲୋ ଚୂଡ଼ା କିଣିକି ନେଇଛି ତା'ଠୁ । ଦିନବେଳେ ତମଠୁ ପଇସା ନେଇ ହୋଟେଲ୍‌ରେ ଭାତ ଖାଇଥିଲି ତ ! ଏ ରାତି ଆଉ ରନ୍ଧାରନ୍ଧି କରିବାକୁ ଇଚ୍ଛା ହେଉନି । ଚୂଡ଼ାଗୁଡ଼ ଚକଟିକି ଖାଇଦେବି । 'ଚୂଡ଼ା



Digitized by srujanika@gmail.com

ନେଇ ଯାଉଛୁ ବୋଲି କହିଲୁ ପରା ! ପୁ'ଣି ତାହେଲେ ଆସିଚୁ କାହିଁକି' ? ମୁଁ ପଚାରିଲି ।

- ହିସାବରେ ଟିକିଏ ଭୁଲ୍ ହେଇଯାଇଛି ମା' । ଚୂଡ଼ା ଅଧକିଲୋକୁ ପାଞ୍ଚଟଙ୍କା ।. ସୁଦାମକୁ ଦଶଟଙ୍କିଆ ନୋଟ୍‌ଟିଏ ଦେଇଥିଲି ଯେ ଭୁଲ୍‌ରେ ପାଞ୍ଚଟଙ୍କା ଜାଗାରେ ଛଅଟଙ୍କା ଫେରେଇ ଦେଇଚି ସିଏ । ତିନିଟା ଦିଟଙ୍କିଆ ଗୋଲ୍ ଟଙ୍କା । ମୁଁ ବି ତରବରିଆକି ଖୋଷଣୀରେ ଖୋଷିକି ଘରକୁ ପଳେଇଲି । ଘରେ ଯାଇକି ଦେଖେ ଟଙ୍କାଟେ ଅଧିକା ଚାଲିଆସିଛି ମୋ ପାଖକୁ । ଯାଉଛି ସୁଦାମକୁ ତା' ଟଙ୍କାଟା ଫେରେଇ ଦବାପାଇଁ ।

ଦିଲ୍ଲର କଥା ଗୁଡ଼ିକ ସତେ ଅବା ବୈଦ୍ୟୁତିକ ତରଙ୍ଗର ଏକ ତୀବ୍ର ଧକ୍‌କା ସୃଷ୍ଟି କଲା ମୋ ସାରା ଶରୀରରେ । ବାଁ' ହାତର ମୁଠା ଭିତରେ ପାଇଲି ଉତପ୍ତ ଅଙ୍ଗାରର ସ୍ପର୍ଶ । ମୁହୂର୍ତ୍ତକ ପାଇଁ ସ୍ଥାଣୁ ହେଇ ଠିଆ ହେଇରହିଲି ରାସ୍ତାକଡ଼ରେ ।

ମୋ'ର ଏଇ ଅପ୍ରତ୍ୟାଶିତ ଆଙ୍ଗିକ ପରିବର୍ତ୍ତନ ବୋଧହୁଏ ଧରା ପଡ଼ିଗଲା ଦିଲ୍ଲ ଆଖିରେ । ଉତ୍କଣ୍ଠିତ ଗଳାରେ କହିଲା - ମା ! ଦେହ କଅଣ ଖରାପ ଲାଗୁଚି କି ? ଦିଅ, ମତେ ମୁଣିଟା ଦିଅ । ମୁଁ ଘରେ ପହଞ୍ଚେଇ ଦେଇ ଆସୁଛି ।

ସ୍ୱାଭାବିକତା ଫେରିପାଇ ମୁଁ କହିଲି - ନାଇଁ, ନାଇଁ । ଦେହ ମୋ'ର ଠିକ୍ ଅଛି । ତୁ ଯା' । ତୋ'ର ବ୍ୟାଗ୍ ବୋହିବା ଦରକାର ନାହିଁ । ମୁଁ ନିଜେ ଇ ନେଇଯିବି ।

ଦିଲ୍ଲ ଆଉ ବାକ୍ୟବ୍ୟୟ ନ କରି କ୍ଷିପ୍ରଗତିରେ ଆଗେଇଗଲା ସୁଦାମର ଦୋକାନଆଡ଼େ । ବ୍ୟାଗ୍‌ଟିକୁ ତଳେ ରଖି ମୁଁ ଡ଼ାହାଣ ହାତରେ ଗେଟ୍‌ରୁ ହୁକ୍ ଖୋଲିବାକୁ ଲାଗିଲି । ଏବଂ ଆଶ୍ଚର୍ଯ୍ୟ କଥା, ପୁନର୍ବାର ବାଁ' ହାତମୁଠାରେ ପାଇଲି ଉଭର ଗଡ଼ନିଆଁର ଦାହକ ।

ଏତାଦୃଶ ଅପ୍ରାକୃତିକ ଅନୁଭୂତିର କାରଣ ଜାଣିବାପାଇଁ ମତେ ବାଧହେଇ ହାତଟି ଖୋଲିବାକୁ ପଡ଼ିଲା । ମୁଠା ଭିତରେ ରହିଥିଲା ମତେ କିଛି ସମୟ ପୂର୍ବରୁ ସୁଦାମ ଦେଇଥିବା ଭୁଲ୍ ହିସାବର ଚିଠାଟି ।

●●●



Digitized by srujanika@gmail.com

# ହାତ

ହାତଟି ବିନ୍ଧୁଥିଲା, ଅନବରତ । ଠିକ୍ କହୁଣୀ ପାଖରେ ।

କେଇଦିନ ତଳେ ଓଜନ୍‌ଦାର ଲୁହା କତୁରୀଟି ଧରି ଘର ସାମ୍ନାରେ ଥିବା ମେହେନ୍ଦିର ବାଡକୁ ଏକ ନିଖୁଣ ଜ୍ୟାମିତିକ ରୂପ ଦେବାଲାଗି ଚେଷ୍ଟା କରିଥିଲି । ବାଡ ଅଧାଅଧି କାଟି ସାରିଲା ବେଳକୁ ଡାହାଣ ହାତରେ କିଛି ପରିମାଣରେ ଯନ୍ତ୍ରଣା ଅନୁଭବ କରିଥିଲି ମଧ । କିନ୍ତୁ ଆଗ୍ରହାତିଶଯ୍ୟ ବଶତଃ କାମଟି ବନ୍ଦ କରିବା ପାଇଁ ଇଚ୍ଛା ହେଉନଥିଲା । ଫଳସ୍ୱରୂପ, ଘଣ୍ଟାକ ପରେ, ବାଡଟି ଏକ ଚମତ୍କାର କାରିଗରୀର ରୂପ ନେଇଥିଲା ଏବଂ ତତ୍‌ସହିତ ମୋ'ର ଡାହାଣହାତଟି ଯଥେଷ୍ଟ ପରିମାଣରେ ଯନ୍ତ୍ରଣା ପିଡ଼ିତ ହୋଇ ଉଠିଥିଲା ଏବଂ ଜୀବନରେ ପ୍ରଥମଥର ପାଇଁ ମତେ ଏତାଦୃଶ ସୁକୁମାର ହାତଟିଏ ଦେଇଥିବା ହେତୁ, ଈଶ୍ୱରଙ୍କ ଉପରେ ମୁଁ ରୁଷ୍ଟ ହୋଇଥିଲି ।

କହୁଣୀ ତଥା କହୁଣୀଠାରୁ କଚଟି ପର୍ଯ୍ୟନ୍ତ ଲମ୍ବିଥିବା ମାସଂପେଶୀରେ ଅକଥନୀୟ ବ୍ୟଥା । ଆଇଓଡେକ୍ସ, ରିଲାକ୍ସିଲ୍ ଏବଂ ମୁଭ୍‌ର ଟିଉବ୍ ଗୋଟିକ ପରେ ଗୋଟିଏ ଜମା ହେବାକୁ ଲାଗିଲା ଘରେ । ଉତ୍ତପ୍ତ ସେକରେ କଷ୍ଟ ସାମାନ୍ୟ ଉପଶମ ହେଉଥିଲା । ହାତଟିକୁ ବାରମ୍ବାର ସେକୁଥିଲି ଏବଂ ସେଇ ଅତ୍ୟଧିକ ସେକିବାଦ୍ୱାରା ଶେଷ ପର୍ଯ୍ୟନ୍ତ ହାତଟି ଭର୍ତ୍ତି ହୋଇଗଲା ସାନ ସାନ ଫୋଟକାରେ ।

ତାଙ୍କୁ ନେଇ ଦେଖେଇଲା କଟକର ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କୁ । ଡକ୍ଟର ଗୁପ୍ତା ହାତଟିକୁ ବିଭିନ୍ନ ପ୍ରକ୍ରିୟାଦ୍ୱାରା ପରୀକ୍ଷା ନିରୀକ୍ଷା କରି ଶେଷପର୍ଯ୍ୟନ୍ତ ମତ ଦେଲେ - ଟେନିସ୍ ଏଲ୍‌ବୋ । ଟେନିସ୍ ଖେଳାଳୀମାନଙ୍କର କହୁଣୀରେ ପ୍ରଚୁର ଚାପ ପଡେ ବୋଲି ପ୍ରାୟତଃ ସେମାନେ ଏଇ ବେମାରିରେ ପୀଡିତ ହୋଇଥାଆନ୍ତି । ସେଇଥିରୁ ଇ ରୋଗର ନାଁ । କହୁଣୀର ସନ୍ଧିସ୍ଥଳର ହାଡ ସହିତ ମାଂସପେଶୀକୁ ଯୋଖିରଖିଥିବା ତନ୍ତୁ ସମୂହ ବର୍ତ୍ତମାନ ପାଇଁ କିଛି ମାତ୍ରାରେ ବିନଷ୍ଟ । ଏବଂ ଏଇ ଆକସ୍ମିକ ଯନ୍ତ୍ରଣାର ସୃଷ୍ଟି ସେଇଥିଲାଗି ।

ପଚାରିଲି - ଉପାୟ ?

ଡକ୍ଟର ଗୁପ୍ତା କହିଲେ - ସଂପୂର୍ଣ୍ଣ ବିଶ୍ରାମ । ହାତଟିକୁ ପୂରାପୂରି ବିଶ୍ରାମ ଦିଅନ୍ତୁ । ନିଜକୁ ନିଜେ ଠିକ୍ କରିନେବାର ଏକ ଆଶ୍ଚର୍ଯ୍ୟ ଶକ୍ତି ଅଛି ଶରୀରର । ଭଙ୍ଗା ହାଡ ବି ଯୋଖି ହୋଇଯାଏ ମନକୁ ମନ । ବିଶ୍ରାମ ଫଳରେ ହାତଟି ଭଲ ହୋଇଯିବାର ପ୍ରମାଣ ଆମେ ଅନେକଥ ଥର ପାଇଛୁ । ବର୍ତ୍ତମାନ ପାଇଁ କେବଳ ପେନ୍‌କିଲର୍ ଇ ଭରସା ।



Digitized by srujanika@gmail.com

ତେବେ ମନେରଖିବେ, ହାତଟି ଆପଣଙ୍କର ଚିରଦିନ ପାଇଁ ଦୁର୍ବଳ ହୋଇ ରହିଗଲା । ଭବିଷ୍ୟତରେ ଓଜନଦାର ଜିନିଷ ଉଠେଇବେନି କିମ୍ବା ଶକ୍ତ କାମ କରିବେନି ।

- ଯଦି ବିଶ୍ରାମ ସତ୍ତ୍ୱେ ଭଲ ନହୁଏ ?

-ତାହେଲେ ବାଧ୍ୟ ହୋଇ କହୁଣୀର ହାଡ ସନ୍ଧିରେ ହାଇଡ୍ରୋକର୍ଟିଜନ୍ ଇଞ୍ଜେକ୍‌ସନ୍ ଦେବାକୁ ପଡିବ । ଇଞ୍ଜେକ୍‌ସନ୍‌ଟି ବେଶ୍ ପୀଡାଦାୟକ ଓ ଅତ୍ୟନ୍ତ ସାବଧାନତାର ସହିତ ଦେବାକୁ ପଡେ । କଦବା କେମିତି ପ୍ରତିକ୍ରିୟା ହେବାର ସମ୍ଭାବନା ମଧ୍ୟ ଅଛି ।

ଏକପ୍ରକାର ମର୍ମାନ୍ତିକ ପରିସ୍ଥିତି । ଜଣେ ସାଧାରଣ ଗୃହିଣୀ ପକ୍ଷରେ ଦିନ ଦିନ ଧରି ହାତଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ଯେ ରୀତିମତ ଅସମ୍ଭବ, ଏହା ସର୍ବଜନ ବିଦିତ । କାମବାଲୀ ଛୁଟିରେ ଗାଁକୁ ଯାଇଛି । ଘରକାମ, ରନ୍ଧାବଢା ନକଲେ ନଚଳେ । ତା' ସାଥିରେ ଲେଖାଲେଖିର ନିଶା । କହୁଣୀଟି ରବର ତକିଆ ଉପରେ ନ୍ୟସ୍ତ କରି ବହୁକଷ୍ଟରେ ପୃଷ୍ଠାଏ ଖଣ୍ଡେ ଲେଖିପାରେ । ଏକ ରକମ ସମାଧାନ ବିହୀନ ସମସ୍ୟା । କିନ୍ତୁ ଏହି ସମସ୍ୟାଟିରେ, ପୂରାପୂରି ନହେଲେ ବି, ଅନ୍ତତଃ କିଛି ପରିମାଣରେ, ସମାଧାନ ହୋଇଗଲା ଶେଷପର୍ଯ୍ୟନ୍ତ । ମୋ' ଜୀବନର ନିଘନ ତମସାମୟ ଏଇ ସନ୍ଧି କ୍ଷଣରେ, ଆଶାର ଆଶୀର୍ବାଦୀ ଆଲୋକ ନେଇ ଦିନେ ଆସି ମୋ' ଆଗରେ ଉଭାହେଲା କୁନ୍ତୀ । ବାରିରେ ଥିବା ଆଜ୍‌ବେଷ୍ଟସ୍ ଘର ବଦଳରେ, ମୋ' ଗୃହସ୍ଥାଶ୍ରମର ଯାବତୀୟ କାର୍ଯ୍ୟ କରିଦେବାର ଅଙ୍ଗୀକାର ସାଥିରେ ଧରି । ସ୍ୱାମୀ ଜୟୀ ରିକ୍ସାଚଲାଏ । ବର୍ତ୍ତମାନ ବାରିକ ସାହିରେ ବଖରାଏ ଘର ଭଡା ନେଇ ରହୁଛନ୍ତି ସେମାନେ । କିନ୍ତୁ ଦାରିଦ୍ର୍ୟ ହେତୁ ଘରଭଡା ଦେବା ବେଶ୍ ବାଧୁଛି ତାଙ୍କୁ । ବଗିଚାରେ ଖାଲି ପଡିଥିବା ଘରଟିରେ ରହିବାପାଇଁ ମୁଁ ଯଦି ତାଙ୍କୁ ଅନୁମତି ଦିଏ, ତାହେଲେ ମୋ'ର ବାସନମଜା ଲୁଗାକଚା ଓ ଘରପୋଛା କାମତକ ମାଗଣାରେ ସିଏ କରିଦେବ ।

ମୁଁ କହିଲି - ଘର ବି ବଖରାଦେବି ଆଉ ସାଥିରେ ଦୁଇଶହ ଟଙ୍କା ବି । ତତେ କିନ୍ତୁ ସବୁକାମ କରିବାକୁ ପଡିବ । ଘର ସଫାସୁତୁରା ସହିତ ବାରିବଗିଚା ଓଳା, ଫୁଲକୁଣ୍ଡରେ ପାଣିଦବା, ବଜାର କରା । ଯେତେବେଳେ ଯେଉଁ କାମ ଦରକାର ପଡିଲା । ମୋ'ର ଡାହାଣ ହାତଟି ଏକରକମ ଅକାମୀ । କେବଳ ରୋଷେଇ ବାଦ୍‌ଦେଇ ବାକି ସବୁ କାମ ତତେ ତୁଲେଇବାକୁ ପଡିବ । ରାଜି ଅଛୁ ଯଦି କହ ।

ଉତ୍‌ଫୁଲ୍ଲ ମନରେ କୁନ୍ତୀ ରାଜି ହୋଇଗଲା ତତ୍‌କ୍ଷଣାତ୍ ।

ଚାହିଁ ଦେଖିଲି, ଶ୍ୟାମଳୀ, ସ୍ୱାସ୍ଥ୍ୟବତୀ ଝିଅଟିର ଶରୀରରେ ଆସନ୍ନପ୍ରସବର ଲକ୍ଷଣ । ପଚାରିଲି - ତୋ'ର ଏଭଳି ଅବସ୍ଥାରେ ଏତେ କାମ କରିପାରିବୁ ?

କୁନ୍ତୀ କହିଲା - ଗରୀବ ଲୋକ ମା', ଆରାମ କରି ବସେଇ, ଖାଇବାକୁ ଦବ କିଏ ? ତମେ ବ୍ୟସ୍ତ ହୁଅନା । ମତେ ରଖିକି ଦେଖ ତ'। କାମ କରିପାରୁଚି ନା ନାହିଁ ଜାଣିପାରିବ ।



Digitized by srujanika@gmail.com

ସତରେ ସବୁକାମ ସୁରୁଖୁରୁରେ ତୁଲେଇ ନେଲା କୁନ୍ତୀ । ଅନେକ ପରିମାଣରେ ଆରାମ ମଧ୍ୟ ମିଳିଲା ମୋ' ହାତଟିକୁ । କୌଣସିମତେ ସକାଳେ କାମଚଳିଲା ପରି ଭାତ, ତରକାରୀ ରାନ୍ଧେ । ରାତିରେ କ୍ଷୀର, ପାଉଁରୁଟି ଓ ଫଳ । ତେବେ ବି ହାତଟି ବିନ୍ଧେ ମଝିରେ ମଝିରେ । ବେଶୀ ବିନ୍ଧିଲେ ଆଇଓଡେକ୍ସ କିମ୍ବା ମୁଭ୍ ମାଲିସ୍ କରିଦିଏ କୁନ୍ତୀ ।

କୁନ୍ତୀ ଘରେ ରହିବାର ପ୍ରାୟ ଦୁଇମାସ ପରେ । ଶୀତଦିନର ଏକ ରୌଦ୍ରଝଲମଲ୍ ମଧ୍ୟାହ୍ନ । କୁନ୍ତୀ ସକାଳେ ଘରର କାମ ସବୁ କରିଯାଇଛି । ଖରାବେଳେ ବିନୟଙ୍କପାଇଁ ଓ ମୋ' ପାଇଁ ମୁଁ ଭାତବାଢିବାକୁ ଯାଉଛି, ଅଚାନକ କଲିଂ ବେଲ୍ ବାଜିଲା । ଖୋଲି ଦେଖେ ଜୟୀ । ଜୟୀ କହିଲା - ମା ! କୁନ୍ତୀ କହୁଛି ତା' ଦେହଭଲ ଲାଗୁନି । ମୁଁ ରିକ୍ସା ନେଇକି ଯାଉଛି ବିନ୍ଦୁସାଗର ପାଖ ବସ୍ତିକୁ । ସେଇଠି ମୋ ମାଉସୀ ରହେ । ତାକୁ ନେଇ ଆସିଲେ ସିଏ କୁନ୍ତୀକୁ ଧରିକି ବସିବ ରିକ୍ସାରେ । ଆମେ କାପିଟାଲ୍ ହସ୍‌ପିଟାଲ୍ ପଳେଇବୁ । ଛୁଆ ହୋଇଗଲେ କାଲି କୁନ୍ତୀକୁ ଘରକୁ ନେଇଆସିବି । ତମକୁ ଖାଲି କଥାଟି ଜଣେଇଦବା ଲାଗି ଆସିଲି ।

ମୁଁ ପଚାରିଲି - କୁନ୍ତୀ କାହିଁ ?

- ଘର ତାଲା ପକେଇ ଦେଇ ତମ ଶୋଇବାଘରକୁ ଲାଗିଥିବା କନିଅର ବୁଦାମୂଳେ ସିଏ ଠିଆହୋଇଛି । ମୁଁ ଏଇଲେ ସାଙ୍ଗେ ସାଙ୍ଗେ ଫେରିଆସିବି ମା । ଦଶ ମିନିଟ୍ ଭିତରେ । ତମେ ଟିକିଏ କୁନ୍ତୀ ଉପରେ ନଜର ରଖିଥିବ ।

ରିକ୍ସାନେଇ ଜୟୀ ତରବର ହୋଇ ବାହାରିଗଲା । କବାଟ ବନ୍ଦ କରି ବିନୟ ଓ ମୁଁ ଭାତଖିଆରେ ମନଦେଲୁ । ଅଧାଖିଆ ବେଳକୁ ହଠାତ୍ ବିନୟ କହିଲେ - ଗୋଟିଏ କୁନି ଛୁଆର କୁଆଁ କୁଆଁ ଡାକ ଯେମିତି ମୋ କାନରେ ପଡିଲା । ତୁ ଶୁଣିପାରିଲୁନି ?

ମୁଁ କହିଲି - ନାହିଁ ତ ! ମୋ କାନରେ ତ ସେଭଳି କୌଣସି ଶବ୍ଦ ପଡିନି ।

ବିନୟ କହିଲେ - ମୁଁ କିନ୍ତୁ ସ୍ପଷ୍ଟ ଶୁଣିଛି । ଗୋଟିଏ ସଦ୍ୟ ଜନ୍ମ ହେଲା ଛୁଆର କାନ୍ଦ । ଆଚ୍ଛା ଜୟୀ କହୁଥିଲା ନା କୁନ୍ତୀ ଏଇଠି କେଉଁଠି ବାହାରେ ଠିଆହୋଇଥିଲା ବୋଲି । ଟିକିଏ ଦେଖିତ ଯାଇକି ।

ବିନୟଙ୍କ କଥାରେ ବିବ୍ରତ ହୋଇ ମୁଁ ଦୌଡିଗଲି ଶୋଇବାଘର ଝର୍କା ପାଖକୁ । ଏବଂ ଝର୍କା ଫାଙ୍କରେ ଯେଉଁ ଦୃଶ୍ୟ ଦେଖିଲି ତାହା ଥିଲା ସଂପୂର୍ଣ୍ଣ ରୂପେ ମୋର କଳ୍ପନାତୀତ । ବାହାରେ, ପାଚିରୀପାଖ କନିଅର ଗଛର ଛାଇରେ ଓଢଣାଟାଣି ଏବଂ ପିନ୍ଧାଲୁଗାଟିକୁ ସସଂଭ୍ରମେ ନିଜ ଚାରିପଟେ ଘେରେଇ ଦେଇ କୁନ୍ତୀ ବସିରହିଥିଲା ଜମି ଉପରେ । ଏବଂ ତା'ପାଖରେ ଫୁଲ ପାଖୁଡା ମିଶା ମାଟିରେ ଗଡୁଥିଲା ଶୀର୍ଣ୍ଣ ନବଜାତକଟିଏ ।



Digitized by srujanika@gmail.com

ଜୀବନରେ ପ୍ରଥମଥର ପାଇଁ ଏଭଳି ଏକ ଅଭୂତପୂର୍ବ ଦୃଶ୍ୟର ସମ୍ମୁଖୀନ ହୋଇ ମୋ'ର ଯେତେବେଳେ ରୀତିମତ୍ କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥା, ଠିକ୍ ସେତିକିବେଳେ ଜୟୀ ଆସି ପହଞ୍ଚିଲା ତା'ବୃଦ୍ଧାମାଉସୀଟିକୁ ଧରି । କୁନ୍ତୀର ଶୁଶ୍ରୂଷା ତଥା ନବଜାତକଟିର ପରିଚର୍ଯ୍ୟା ନେଇ ମତେ ମାତ୍ରାଧିକ ଭାବରେ ବିବ୍ରତ ହେଉଥିବାର ଦେଖି ବୃଦ୍ଧାଟି ଅବିଚଳିତ ସ୍ୱରରେ ମୃଦୁହସି ମତେ କହିଲା - ତମେ ଭିତରକୁ ଯା' ମା । ମୁଁ ସବୁ ସମ୍ଭାଳିନେବି । ମୋ'ର ଆଠଟା ଛୁଆ । ଛୁଆ ଜନ୍ମ କରି ସାରି ନିଜେ ଉଠି ଫୁଲନାଡ କାଟେ । ଆମ ପରି ଗରୀବ ଲୋକ ଡାକ୍ତର ବଇଦ ବା ଓଷଧ ମଉଷଧି ପାଇବେ ବା କେଉଁଠୁ ?

ଜୟୀର ବୃଦ୍ଧା ମାଉସୀଟି କିନ୍ତୁ ସତରେ ଥିଲା କାର୍ଯ୍ୟନିପୁଣା ଓ ପାରଙ୍ଗମା । ସବୁ ଜଞ୍ଜାଳ ସମାଳିନେଲା ଏକାଏକା । ଘଣ୍ଟାକପରେ ଯାଇ ଦେଖେ ଆଉଟହାଉସ୍‌ଘରର ଚଟାଣ ଉପରେ ମସିଣା ପାରି ଆରାମରେ ଶୋଇ ରହିଛି କୁନ୍ତୀ । ପାଖରେ ନାଲି ଟୁକ୍‌ଟୁକ୍ ପରିଛନ୍ନ କନ୍ୟା ସନ୍ତାନଟିଏ । ଫୁଲଗଛ ତଳେ ଜନ୍ମ ହୋଇଥିଲା ବୋଲି ଶିଶୁଟିର ନାଁ ମୁଁ ରଖିଲି ଫୁଲି ।

ସମୟ ଗଡି ଚାଲିଲା । ଫୁଲି ଧୀରେ ଧୀରେ ବଡ ହେଲା । ଏବଂ ତା'ର ବୟୋବୃଦ୍ଧି ସହିତ ତାଳଦେଇ ମୋ' ହାତଟି କ୍ରମଶଃ ଶୀର୍ଣ୍ଣ ହେବାକୁ ଆରମ୍ଭ କଲା । ମଝିରେ ମଝିରେ ଯନ୍ତ୍ରଣା ପୂରାପୂରି କମିଯାଏ । ହାତ ସୁସ୍ଥ ହୋଇଗଲାଣି ଭାବି ଅଧିକା କିଛି କାମ କରି ପକାଏ । ପୁନର୍ବାର ପୂର୍ବାବସ୍ଥା । ବୁଝିପାରିଲି, ଡକ୍ଟର ଗୁପ୍ତା ଠିକ୍ କହିଥିଲେ । ହାତଟି ଦୁର୍ବଳ ହୋଇ ରହିଗଲା ଚିରଦିନ ପାଇଁ ।

ଫୁଲିକୁ ଚାହିଁଲେ କିନ୍ତୁ ଏଇ ଏକାକୀ ଯନ୍ତ୍ରଣାମୟ ଜୀବନରେ କିଛିଟା ଖୁସିର ଝଲକ୍ ଆସେ । କଳା କୁଚ୍‌କୁଚ୍ ଦୁର୍ବଳିଆ ଛୁଆଟିଏ । କଳାମଣି ପରି ଗୋଲ୍‌ଗୋଲ୍ ଉଜ୍ଜ୍ୱଳ ଆଖି । ମୁଣ୍ଡରେ ଗୋଛାଏ ବାଳ । ସରୁ ସରୁ ଅରୁଆଚାଉଳ ପରି ଦୁଧ ଦାନ୍ତ ଦେଖେଇ ଖିଲ୍ ଖିଲ୍ ହସେ ଗେଲ କଲେ । ପିତାମାତାଙ୍କର ନୟନର ମଣି । କାମରୁ ଫେରିଲେ କାନ୍ଧରେ ବସାଇ ବଜାର ବୁଲେଇ ନେଇଯାଏ ଜୟୀ । କୁନ୍ତୀ କିଣିଦିଏ ଭଲି ଭଲି ପ୍ଲାଷ୍ଟିକ୍ କଣ୍ଢେଇ, କାଠଚଢେଇ ଓ ଝୁମୁକା । କୁନ୍ତୀ ଠାରୁ ଶୁଣିଥିଲି - ଜୟୀର ପ୍ରଥମାପତ୍ନୀର ଦୁଇଟି ଯାକ ପୁତ୍ର ସନ୍ତାନ ଠିକ୍ ଜନ୍ମ ହେବା ପରେ ପରେ ଇ ମୃତ୍ୟୁବରଣ କରିଥିଲେ । ପ୍ରଥମା ପତ୍ନୀର ପ୍ରସବକାଳୀନ ମୃତ୍ୟୁପରେ ଜୟୀ ବାହାହୋଇଥିଲା କୁନ୍ତୀକୁ । ସ୍ୱାଭାବିକ୍ ଭାବରେ, ତୃତୀୟ ସନ୍ତାନ ଫୁଲି ଥିଲା ଜୟୀର ଜୀବନ ପିତୁଳା । ଜୟୀ ଓ କୁନ୍ତୀର ଦରିଦ୍ରଗୃହସ୍ଥଳୀରେ ଫୁଲି ଇ ଆଣିଦେଇଥିଲା ନିରନ୍ତର ଖୁସିର ପ୍ଲାବନ ।

ବିଧିର ବିଡମ୍ବନା, ଏ ଖୁସି କିନ୍ତୁ ଚିରସ୍ଥାୟୀ ହୋଇ ରହିପାରିଲାନି । ସମୟାନୁସାରେ ବାକି ସବୁ କାମ ବିଧିବଦ୍ଧ ଭାବରେ କରୁଥିଲେ ସୁଦ୍ଧା ଫୁଲି ଠିଆ ହେଲାନି କି ଚାଲିଲାନି । ଦେଢବର୍ଷର ଝିଅ । ହାତରେ ଭରା ଦେଇ ଘୁଷୁରି ଘୁଷୁରି ସାରା ଫୁଲବଗିଚା ଘୁରିବୁଲେ । ପଳେଇଆସେ ଆମ ଘର ଭିତରକୁ । ଠିଆ ହେବାକୁ ହୁଏ ନାମଙ୍ଗ । ବ୍ୟାୟାମରହିତ ହେଇ ଗୋଡ ଦୁଇଟି ଦୁର୍ବଳ । ଜବରଦସ୍ତ ଠିଆ କରାଇବା ପାଇଁ ଚେଷ୍ଟା କଲେ ଚିତ୍କାର ଛାଡି କାନ୍ଦେ ।



Digitized by srujanika@gmail.com

ପ୍ରାୟ ଦୁଇବର୍ଷ ହେଲାବେଳକୁ, କୁନ୍ତୀର ବହୁ ପରିଶ୍ରମ ଫଳରେ, ଆମ ସାମ୍ନା ଫାଟକର ଗ୍ରୀଲ୍‌କୁ ଧରି କିଛି ସମୟ ପାଇଁ ଠିଆ ହେବାକୁ ସକ୍ଷମ ହେଲା ଫୁଲି । ନିଜେ ନିଜେ ଠିଆ ହୋଇପାରେନି । ଗ୍ରୀଲ୍ ରଡକୁ ଧରାଇ ଠିଆ କରାଇଦେଲେ ଅବାକ୍ ଆଖିରେ ଚାହିଁ ରହେ ବାହାରର ଧାବମାନ ଜନତାର ସ୍ରୋତକୁ । ପ୍ରଥମେ ପ୍ରଥମେ ପାଞ୍ଚମିନିଟ୍ ଠିଆ ହେଲା ପରେ କାନ୍ଦିବାକୁ ଆରମ୍ଭ କରୁଥିଲା । ଧୀରେ ଧୀରେ ସିଧାସଳଖ ଅଧଘଣ୍ଟାଏ ପର୍ଯ୍ୟନ୍ତ ଠିଆହେବାକୁ ଶିଖିଗଲା । କିନ୍ତୁ ସେତିକି । ଠିଆହୁଏ ବସିପଡେ । ଚାଲିବା ପାଇଁ ଚେଷ୍ଟା ଇ କରେନି ।

ଫୁଲିକୁ ଯେତେବେଳେ ଦୁଇବର୍ଷ, ଜୟୀ ଓ କୁନ୍ତୀ ଭୁବନେଶ୍ୱର ଛାଡି ବାହାରିଲେ ଗାଁକୁ ଯିବାକୁ । ଜୟୀର ବୃଦ୍ଧପିତା ଅସୁସ୍ଥ । ଉଭୟଙ୍କୁ ସନ୍ଦେଶ ପଠାଇଛନ୍ତି ଗାଁକୁ ଫେରିଯିବା ଲାଗି ।

ମୁଁ କହିଲି - କୁନ୍ତୀ, ମୋ ହାତର ଅବସ୍ଥା ଏଭଳି । ତେବେ ବି ତୁ କହୁଚୁ ଚାଲିଯିବୁ ବୋଲି । ମୁଁ କେମିତି ଚଳିବି କହତ ?

କୁନ୍ତୀ କହିଲା - ନାଇଁ ମା ! ତମପାଇଁ ଅନ୍ୟ ଲୋକ ବୁଝି ଦେଇଛି । ମୁଁ ଗଲା ପରେ ସିଏ ଆସି କାମ କରିବ । ଭଲ ଝିଅଟିଏ । କାଲି ଆଣିକି ତମ ସାଥିରେ ଚିହ୍ନା କରେଇଦେବି ।

ମୁଁ କହିଲି - ତାହେଲେ ଏଇମାସଟା ପୂରା ରହିଯା । ଏକା ସାଥିରେ ଦରମା ନେଇକି ଯିବୁ । ଆଉ ତ ପନ୍ଦରଟା ଦିନ କଥା ।

କୁନ୍ତୀ ରାଜି ହୋଇଗଲା ମୋ ପ୍ରସ୍ତାବରେ ।

ସେଇଦିନ ଅପରାହ୍ନରେ କୌଣସି କାମରେ ଘରୁ ବାହାରୁଛି, ଦେଖିଲି ଉଭୟ ଜୟୀ ଓ କୁନ୍ତୀ ମୋ' ଘର ସାମ୍ନା ପିଣ୍ଡାରେ ବସି କାନ୍ଦୁଛନ୍ତି । ପାଖରେ ଗୋଡି କେତୋଟି ଧରି ଫୁଲି କ୍ରୀଡାମଗ୍ନା ।

କଅଣ ହେଲା ଜୟୀ ? କାନ୍ଦୁଚ କାହିଁକି ଦିହେଁ ଯାକ ? - ପଚାରିଲି ।

ଜୟୀ କହିଲା - ଆଉ କେଇଟା ଦିନରେ ଗାଁକୁ ଯିବୁ । ଦି'ବର୍ଷର ଝିଅ । ମାଟିରେ ଘୁଷୁରୁଛି । କଅଣ ବୋଲିକି ଏ ଝିଅକୁ ନେଇ ଦେଖେଇବି ବାପା ମାଆଙ୍କୁ ? କେତେକଥା ଯେ ଗାଁ ଲୋକେ କହିବେ ! ଦି' ଦିଟା ଛୁଆ ମରିକି ଏ ଝିଅ । ସିଏ ବି ହେଲା ଏଇଭଳିଆ ? କାନ୍ଦିବୁନି ତ ଆଉ କଅଣ କରିବୁ ମା ?

ବେଶ୍ କଷ୍ଟ ହେଲା କୁନ୍ତୀ ଓ ଜୟୀକୁ ଦେଖି ଏବଂ କେଜାଣି କାହିଁକି କେଉଁ ଏକ ଅବୋଧ୍ୟ ଆବେଗର ତାଡନାରେ, ଆଗରୁ କେବେ ନକରିଥିବା ଗୋଟିଏ କାମ ଅଚାନକ ମୁଁ କରି ବସିଲି । ଫୁଲି ପାଖକୁ ଯାଇ ମୋ ଡାହାଣ ହାତର ତର୍ଜନୀଟି ବଢାଇଦେଲି



Digitized by srujanika@gmail.com

ତା'ଆଡକୁ । ମୋ ତର୍ଜନୀଟିକୁ ଶକ୍ତମୁଠାରେ ଜାବୁଡି ଧରିଲା ଫୁଲି ଏବଂ ତାହାରି ସହାୟତାରେ ଅକ୍ଲେଶରେ ଉଠି ଠିଆ ହୋଇ ପଡିଲା ମଧ୍ୟ ।

ଫୁଲି ସାମ୍ନାରେ ଛିଡା ହୋଇ ମୁଁ କହିଲି - ଫୁଲି, ମୁଁ ତୋ ହାତ ଧରିଛି । ଡର୍‌ନା । ପଡିଗଲେ ମୁଁ ଉଠେଇଦେବି । ଏବେ ଚାଲିଚାଲିକି ଆ'ତ ମୋ ପାଖକୁ ।

ଚାଲିବା କଥା ଶୁଣି ମୁହଁ ଫଟାଇ କାନ୍ଦିବାକୁ ଆରମ୍ଭ କଲା ଫୁଲି । ଉଦ୍ୟତ ହେଲା ବସି ପଡିବାକୁ । କୃତ୍ରିମ ରୋଷ ପ୍ରକାଶ କରି ମୁଁ କହିଲି - ବସିଲେ ପିଟି ପକେଇବି ତତେ । ବାକି ସବୁ କଥାରେ ତ ଭାରି ବୁଦ୍ଧି ତୋ'ର । ଚାଲିବାକୁ ନାରାଜ କାହିଁକି ? ମୁଁ ହାତ ଧରିଚି, ଚାଲ୍ ଏବେ ।

ଫୁଲିଠାରେ କିନ୍ତୁ ଚାଲିବାର କୌଣସି ଲକ୍ଷଣ ଦେଖିବାକୁ ପାଇଲିନି । ବରଂ ପୂର୍ବାପେକ୍ଷା ଅଧିକ ତୀବ୍ର ସ୍ୱରରେ ଚିହ୍ନରି ଛାଡି ରୋଦନ କରିଲାଗିଲା ସିଏ ।

ମୁଁ କହିଲି - ତୁ ଯେତେ କାନ୍ଦିଲେ ବି ତତେ ମୁଁ ଛାଡିବିନି ଆଜି । ତତେ ଚାଲିବାକୁ ହିଁ ହବ । ଆଉ ମୁଁ ଜାଣେ ଚେଷ୍ଟା କଲେ ତୁ ଠିକ୍ ଚାଲିପାରିବୁ । ତୁ ଚେଷ୍ଟା ଇ କରୁନୁ । ଦେଖି ପାଦ ପକା ତ ଟିକିଏ ଆଗକୁ ! ପକା । ମୁଁ ତୋ ହାତ ଧରିଚି । ଡର୍‌ନା ।

ଏବଂ ଆଶ୍ଚର୍ଯ୍ୟ କଥା, ମୋ କଥା ଶୁଣି ଫୁଲି ଧୀରେ, ଖୁବ୍ ଧୀରେ ଗୋଟିଏ ପାଦ ଘୋଷାରି ଅଧାଇଞ୍ଚେ ହବ ସାମ୍ନାକୁ ନେଇ ଆସିଲା । ଏବଂ ତା'ପରେ ଆର ପାଦଟି ମଧ୍ୟ ।

ମୁଁ ବାଁ ହାତରେ ତା ମୁଣ୍ଡ ଆଉଁଷି ଦେଇ କହିଲି - ଫୁଲି ! ତୁ ଯେ ଆମର ସୁନା ଝିଅ । ତୋ ପାଇଁ ଚକୋଲେଟ୍ କିଣିକି ଆଣି ଦେବି । ଆଉ ଦି ପାଦ ଚାଲିଦେ' ତ । ଚାଲ୍ । ମୁଁ ଅଛି ପାଖରେ ।

ଫୁଲି ପୁନର୍ବାର ଚେଷ୍ଟା କଲା ପାଦ ପକାଇବା ପାଇଁ ଆଗକୁ । ତା' ଦୁଇ ଗୋଡର ଆଣ୍ଠୁ କଂପି ଉଠିଲା ଥର୍ ଥର୍ ହୋଇ । ବୁଝି ପାରିଲି - ଚାଲିବା ପାଇଁ ଆପ୍ରାଣ ଚେଷ୍ଟା କରୁଛି ଫୁଲି ଏବଂ ସେଇ ଆପ୍ରାଣ ଚେଷ୍ଟା ଫଳରେ ଆଉ ଚାରି ପାଞ୍ଚଟି କୁନି କୁନି ପାହୁଣ୍ଡ ପକାଇବା ପାଇଁ ସମର୍ଥ ହୋଇଗଲା ସିଏ । ଏବଂ ତା'ପରେ ମୋ' ହାତଛାଡି ଦେଇ ବସିପଡିଲା ତଳେ ।

ମୋ'ର ସାମାନ୍ୟତମ ପ୍ରୟାସର ଏଇ ଅପ୍ରତ୍ୟାଶିତ ଫଳାଫଳ, ମୋ ପାଇଁ ଥିଲା ଉଭୟ ଉତ୍ତେଜକ ଏବଂ ଆଶ୍ଚର୍ଯ୍ୟଜନକ । ଚାହିଁ ଦେଖିଲି - ଜୟୀ ଓ କୁନ୍ତୀ ଦୁଇଜଣଯାକ ବିହ୍ୱଳ ଆଖିରେ ଅନାଇଁ ରହିଛନ୍ତି ଫୁଲିକୁ । ଘଟଣାଟିର ଆକସ୍ମିକତାରେ ଦୁଇଜଣ ଯାକ ବିମୂଢ ।

ମୁଁ କହିଲି - କୁନ୍ତୀ, ସବୁଦିନ ହାତଧରି ଏମିତି ଟିକିଏ ଟିକିଏ ଚଲା ତାକୁ । ଥରେ ପାଦ ପକାଇବା ଜାଣିଗଲାଣି । ଭୟ କଟିଗଲାଣି ତା'ର । ଏବେ ଠିକ୍ ଚାଲିବ



Digitized by srujanika@gmail.com

ସିଏ । ଭଗବାନ୍ ଏତେ ଦିନକେ ତୋ' ଡାକ ଶୁଣିଲେ । ଶେଷପର୍ଯ୍ୟନ୍ତ ଚଲେଇଦେଲେ ତୋ ଝିଅକୁ ।

ମୋ' ଗୋଡ ଧରି କୁନ୍ତୀ ରୁଦ୍ଧ ସ୍ୱରରେ କହିଲା - ଭଗବାନ ନୁହଁ ମା, ତମେଇ ଚଲା ଶିଖେଇଲ ମୋ ଝିଅକୁ । ତମେ । ତମ ଋଣ ମୁଁ କେମିତି ସୁଝିବି ମା ?

ଏବଂ ଆଶ୍ଚର୍ଯ୍ୟ କଥା, ସେଇ ଯେ ଚାଲି ଶିଖିଲା ଫୁଲି, ତା'ପରେ ତାକୁ ରୋକିବା ଥିଲା ଅସମ୍ଭବ । ପ୍ରଥମେ ପ୍ରଥମେ କୁନ୍ତୀର ହାତଧରି ଦୁଇଚାରିପାଦ ଚାଲୁଥିଲା । ପରେ ନିଜେ ନିଜେ ବିନା କାହାରି ସାହାଯ୍ୟରେ ଚାଲିବାକୁ ଆରମ୍ଭ କଲା । ପନ୍ଦରଦିନ ପରେ, ଜୟୀ ଓ କୁନ୍ତୀ ଯେତେବେଳେ ଗାଁକୁ ଯିବାକୁ ବାହାରିଲେ, ସେତେବେଳକୁ ସୁନ୍ଦରଭାବରେ ଠୁକୁଠୁକୁ ପାଦ ପକେଇବା ଶିଖି ଯାଇଥିଲା ସିଏ ।

ଉପରୋକ୍ତ ଘଟଣାଟି ଚାରିବର୍ଷ ପୂର୍ବର । ଚାରିବର୍ଷ ପରେ କାଲି ଦିନବେଳେ ଅଚାନକ ଦେଖା କୁନ୍ତୀ ସହିତ । ଲିଙ୍ଗରାଜ ମନ୍ଦିରରୁ ଦର୍ଶନସାରି ଆସୁଥିଲି । ବିନ୍ଦୁସାଗର କୂଳରେ ଦେଖିଲି କୁନ୍ତୀକୁ । ସ୍ନାନ ସାରି ଫେରୁଥିଲା । ପାଖରେ ଫୁଲି । ବେଶ୍ ବଡ ହୋଇ ଯାଇଚି ଫୁଲି ଯା' ଭିତରେ । ପାଦରେ ପାଉଁଜି, ହାତରେ ପ୍ଲାଷ୍ଟିକ୍‌ଚୂଡୀ ଆଉ ମୁଣ୍ଡର ଜୋଡାବେଣୀରେ ଲାଲ୍‌ଟୁକୁଟୁକ୍ ରିବନର ଚାରିପାଖୁଡିଆ ଫୁଲ ।

ମୁଁ କହିଲି - ଆରେ ! ଇଏ ଫୁଲି ନା ! ବେଶ୍ ଡେଙ୍ଗା ହେଇଚି ତ !

ମତେ ଜୁହାର କରି କୁନ୍ତୀ କହିଲା - ମୋ ଶାଶୁ ଭାରି ଜିଦ୍ କଲେ ଅଶୋକାଷ୍ଟମୀ ଯାତ୍ରା ଦେଖିବା ପାଇଁତ । ତାଙ୍କୁ ଇ ନେଇକି ଆସିଚୁ ଭୁବନେଶ୍ୱର । ଅଛୁ ଏଇଠି ମାଉସୀ ଘରେ । କାଲି ତ ରଥଟଣା । ପଅରଦିନ ଆମେ ଗାଁକୁ ଲେଉଟିଯିବୁ । ଆଜି ଚାରିଟାବେଳେ ମୁଁ ଆସିବି ମା' ତମ ପାଖକୁ । ତମେ ବରଂ ଘରକୁ ଯା'ଭାରି । ଭାରି ଭିଡ ଏଠି । ମୁଁ କହିଲି - ଠିକ୍ ଆସିବୁତ ! କୁନ୍ତୀ କହିଲା - କି କଥା କହୁଚ ମା ! ଭୁବନେଶ୍ୱର ଆସିବି ଆଉ ତମସାଥିରେ ଦେଖା କରିବିନି ? ଏକଥା ତମେ ଭାବିଲ କେମିତି ?

ସେଦିନ ସନ୍ଧ୍ୟାରେ ଫୁଲିକୁ ସାଥିରେ ଧରି ସତକୁ ସତ କୁନ୍ତୀ ଆସି ପହଞ୍ଚିଥିଲା ଆମ ଘରେ । ଫୁଲି ହାତକୁ ବିସ୍କୁଟ୍ କେଇ ଖଣ୍ଡି ବଢେଇ ଦେଉ ଦେଉ କହିଲି - କୁନ୍ତୀ, ତୋ' ଝିଅ ଠିକ୍ ତା' ବାପ ପରି ହେଇଛି ।

କୁନ୍ତୀ ହସିଲା । କହିଲା - ତା' ବାପଟା ମଦୁଆଟେ, ବୋକାଟେ, ମୋ' ଝିଅ କାହିଁକି ତା'ପରି ହବ ମା ? ମୋ ଝିଅର ବହୁତ ବୁଦ୍ଧି । ଆମ୍ଭ ଗାଁ ପାଖ ସ୍କୁଲ୍‌କୁ ଯାଉଚି, କେତେ ପାଠ ପଢିଲାଣି । ହେଲେ ମା, ପାଠ ଅପେକ୍ଷା ଚିତ୍ର ଆଙ୍କିବାରେ ତା'ର ବେଶି ମନ । ଯାହା ଦେଖିବ ତାହା ଆଙ୍କିଦବ । ପଦ୍ମଫୁଲ, ଚଢେଇ, ନଡିଆଗଛ, ଦିନଯାକ ବସି ବସି ସିଲଟରେ ଚିତ୍ର ଆଙ୍କେ ।



Digitized by srujanika@gmail.com

ମୁଁ ଫୁଲିର ଗାଲ ଚିପି ଦେଇ କହିଲି - ବାଃ ! ଫୁଲି ତ ବହୁତ କଥା ଶିଖିଗଲାଣି ତାହେଲେ । କୁନ୍ତୀ କହିଲା - ମା' ତମ ହାତ କେମିତି ଅଛି ?

ମୁଁ କହିଲି - ହାତ ତ ଚିରଦିନ ପାଇଁ ଦୁର୍ବଳ ହୋଇକି ରହିଗଲା । କାଲି ବାଲ୍‌ଟିରେ ପାଣି ବୋହିକି ଷ୍ଟୋର୍ ଘରଟା ଧୋଇଦେଲି ଯେ ଆଜି ପୁଣି ବିନ୍ଧିବାକୁ ଆରମ୍ଭ କଲାଣି । ଗଲା ଆଗରୁ ଟିକିଏ ଆୟୋଡେକ୍ସ ଘଷିଦେବୁ ତ !

କୁନ୍ତୀ କହିଲା - ଘରେ ଯଦି ଆଉ କଅଣ କାମ ଅଛି କହ ମା । ମୁଁ କରିଦେଇକି ଯିବି । ତମେ ତ ପାରୁନ ।

ମୁଁ କହିଲି - କାମ ସେମିତି କିଛି ନାହିଁ । କାମବାଲୀ ତ ଟିକିଏ ଆଗରୁ କାମ କରିକି ଗଲା । ତେବେ ପାରିବୁ ଯଦି ରୋଷେଇ ଘର ଥାକର ଖବରକାଗଜ ତକ ବଦଳେଇ ଦେ, ସେ ପୁରୁଣା କାଗଜ ଭାରି ଅପରିଷ୍କାର ହୋଇଗଲାଣି ।

ରୋଷେଇ ଘରକୁ ପଶୁ ପଶୁ କୁନ୍ତୀ କହିଲା - ମା, ଫୁଲି ଏଇଲେ ମୋ ପଛେ ପଛେ ଆସି ମତେ ହଇରାଣ କରିବ, କାମ କରିବାକୁ ଦେବନି । ତାକୁ ଖଣ୍ଡେ କାଗଜ ଆଉ ଗୋଟେ ପେନ୍‌ସିଲ୍ ଧରେଇ ଦିଅ, ସିଏ ସେଇଠି ବସିକି ଚିତ୍ର ଆଙ୍କିବ । ଫୁଲି ଆଡକୁ ଅନାଇଁ ପୁନର୍ବାର କୁନ୍ତୀ କହିଲା "ତତେ ସେଇ ଯେଉଁ ମାଆଙ୍କ କଥା କହୁଥିଲି ନା ! ଇଏ ସେଇ ମାଆ, ଯାଙ୍କରି ଘରେ ତୁ ଜନ୍ମ ହୋଇଥିଲୁ । ତୋ ନାଁ ଏଇ ମା' ଦେଇଛନ୍ତି । ଜାଣିଚୁ ନା ନାଇଁ ?" ଫୁଲି ଲାଜ ଲାଜ କରି କହିଲା - ମୁଁ ଜାଣିଛି ।

କୁନ୍ତୀ ଚାଲିଗଲା କାମ କରିବାକୁ । ଫୁଲିକୁ କାଗଜ ଏବଂ ଏକ ପୁରୁଣା ରଂଗ ପେନ୍‌ସିଲ୍ ବଢେଇ ଦେଇ ମୁଁ କହିଲି - ଫୁଲି, ଦେଖିବା ଗୋଟିଏ ପଦ୍ମଫୁଲ ଆଙ୍କିଲୁ, ପୋଖରୀ ଭିତରେ ପଦ୍ମଫୁଲ ଆଉ ତା' ଉପରେ ଭଅଁର । ଆଙ୍କ୍ ବସିକି ।

ଫୁଲି ଚଟାଣରେ ନଇଁପଡି ଚିତ୍ର ଆଙ୍କିବାକୁ ଲାଗିଲା, ମୁଁ ପାଖଚୌକୀରେ ବସି ଗୋଟିଏ ପତ୍ରିକାର ପୃଷ୍ଠା ଓଲଟାଇବାରେ ଲାଗିଲି । ଅଳ୍ପ ସମୟ ପରେ ଫୁଲି ତା' ହାତ ଅଙ୍କା ଛବିଟିକୁ ବଢେଇ ଦେଲା ମତେ ।

ଚାହିଁ ଦେଖିଲି - ଛବିରେ ପଦ୍ମଫୁଲ କି ଭଅଁର ନଥିଲା । ଥିଲା ଗୋଟିଏ ହାତ, ଅପଟୁ ତୂଳୀରେ ଅଙ୍କା ଚୂଡୀପିନ୍ଧା ହାତଟିଏ ।

ମୁଁ କହିଲି - ଇଏ କଅଣ ଫୁଲି ? ତତେ ପଦ୍ମଫୁଲ ଆଙ୍କିବା ପାଇଁ କହିଲି ପରା !

ଫୁଲି କିଛି ନକହି ତଳକୁ ମୁହଁ ପୋତି ବସି ରହିଲା ।

ମୁଁ କହିଲି - ଫୁଲି । ପଦ୍ମଫୁଲ ଚିତ୍ର ନ ଆଙ୍କି ହାତର ଚିତ୍ର କଲୁ କାହିଁକି ?

କା' ହାତ ଏଇଟା ?



Digitized by srujanika@gmail.com

ମୋ ଡାହାଣ ହାତକୁ ତା ଆଙ୍ଗୁଳିରେ ସ୍ପର୍ଶ କରି ପୁଲି କହିଲା - ଏଇଟା ତମ ହାତ ମା' । ଦେଖୁନ ! ତମେ ଯେମିତିଆ ମୁଦି ପିନ୍ଧିଛ, ଏ ହାତରେ ବି ସେଇମିତିଆ ମୁଦି ଅଛି । ଚାହିଁ ଦେଖିଲି, ପୁଲି ଆଙ୍କିଥିବା ହାତର ଅନାମିକାରେ ଗୋଲ୍ ପଥରବସା ମୁଦିଟିଏ । ମୋ' ଡାହାଣ ହାତର ଅନାମିକାକୁ କେତେବେଳେ ପୁଲି ଲକ୍ଷ୍ୟ କରିଛି ମୁଁ ନିଜେଇ ବୁଝି ପାରିନି । ମୁଁ ହସି ପକାଇଲି, କହିଲି - ଆଚ୍ଛା କହତ । ଆଉ କିଛି ଜିନିଷ ନ ଆଙ୍କି ମୋ ହାତଟା ତୁ କାହିଁକି ଆଙ୍କିଲୁ ଏଠି ?

ପୁଲି ଏଥରକ ସ୍ପଷ୍ଟ ଭାବରେ ମତେ ଅନାଇଁ କହିଲା - ମୁଁ ଜାଣିଛି ମା, ମତେ ବୋଉ କହିଛି । ତମେ କୁଆଡେ ତମର ଏଇ ହାତରେ ମୋ ଆଙ୍ଗୁଠି ଧରି ମତେ ଚାଲିବା ଶିଖେଇଛ । ନହେଲେ ମୁଁ କୁଆଡେ ଚାଲି ନଥାନ୍ତି । ତମର ଏଇ ହାତ ମତେ ଚାଲିବା ଶିଖେଇଚିତ । ସେଇଥିପାଇଁ ମୁଁ ସେ ହାତର ଚିତ୍ର ଆଙ୍କିଛି ।

ମତେ ନିର୍ବାକ୍ ଦେଖି ପୁନର୍ବାର ପୁଲି କହିଲା - ଦେଖିବ ମା ! ମୁଁ ଏ ଘରୁ ସେ ଘରକୁ ଦୌଡିକି ଦେଖେଇଦେବି ତମକୁ ? ଦେଖିବ ମା ! ମୁଁ କେମିତି ଜୋର୍‌ରେ ଚକାଚକା ଭଉଁରୀ ଖେଳି ପାରୁଚି ଏବେ । ଦେଖ ମା, ଦେଖ । ମୋ ଗୋଡ ଏକ୍‌ଦମ୍ ଠିକ୍ ହୋଇଯାଇଛି । ତମେ ମତେ ଚାଲିବା ଶିଖେଇଥିଲ ନା ! ଦେଖ, ଏବେ କେତେ ଜୋର୍‌ରେ ମୁଁ ଦୌଡିପାରୁଛି ।

କଥା କହୁ କହୁ ଖିଲ୍ ଖିଲ୍ ହସି ପୁଲି ସାରା ଘର ଏ ବଖରାରୁ ସେ ବଖରା ଦୌଡିବାକୁ ଲାଗିଲା । ପବନରେ ଫୁର୍‌ଫୁର୍ ହୋଇ ଉଡିଲାଗିଲା ତା ଅଲରା ବାଳର ଗୋଛା, ଦୋଳି ଖେଳିଲା ତା ଆଢମଇଲା ଫ୍ରକ୍‌ର ଝୁଲ । ତା' ପାଉଁଜିରେ ଲାଗିଥିବା ଝୁନି ଝୁନି ନୂପୂରର ମୃଦୁ ନିକ୍ୱଣ ଏକ ଅତୀନ୍ଦ୍ରିୟ ଅନୁଭୂତି ସୃଷ୍ଟି କରିଗଲା ମନ ଭିତରେ ମୋ ଛାତିରେ କେଉଁ ଏକ ଅନାବିଷ୍କୃତ ଅନୁକୋଣରେ ଦୂର ଦେବାଳୟର ପବିତ୍ର ଘଣ୍ଟା ଧ୍ୱନି ଶୁଣିଲି ଅବା ।

ରୋଷେଇଘରୁ ବାହାରି ଆସି କୁନ୍ତୀ କହିଲା - ମା, ଥାଳ ସଜାଡି ଦେଇଛି, ଆଉ ତ କିଛି କାମ ନାହିଁ କହୁଛ । ଆଇଓଡେକ୍ସ ବୋତଲଟା କେଉଁଠି ରଖିଚ ଆଣ ତାହେଲେ । ହାତରେ ଟିକିଏ ମାଲିସ୍ କରିଦିଏ ।

ଅନ୍ୟମନସ୍କ ଭାବରେ ମୁଁ ଜବାବ୍ ଦେଲି - ଥାଉ କୁନ୍ତୀ, ଆଇୟୋଡେକ୍ସ ମାଲିସ୍ କରିବା ଦରକାର ନାହିଁ । ମୋ ହାତ ବିନ୍ଧା ଭଲ ହୋଇଯାଇଛି ।

●●●



Digitized by srujanika@gmail.com



# ସଂକ୍ଷେପରେ କାନନ ମିଶ୍ର

ପିତା ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ

ମାତା ଶ୍ରୀମତୀ ସୁରେଖା ତ୍ରିପାଠୀ

ଜନ୍ମସ୍ଥାନ କଟକ

ଶିକ୍ଷା ଏମ୍.ଏ. (ଇଂରାଜୀ), ଏମ୍.ଏ. (ଓଡ଼ିଆ)
ଏମ୍.ଲିଟ୍ (ତୁଳନାତ୍ମକ ସାହିତ୍ୟ), କୋବିଦ (ହିନ୍ଦୀ)

ପୁରସ୍କାର : ପ୍ରଜାତନ୍ତ୍ର ପ୍ରଚାର ସମିତି, ଫକୀରମୋହନ ସାହିତ୍ୟ ପରିଷଦ, ଆଗାମୀ ଶତାବ୍ଦୀ, ସୁଧନ୍ୟା, ଝୁମୁକା ତଥା ପ୍ରତିଭାସିକ୍ତ ଦ୍ୱାରା ସମ୍ମାନିତା ଓ ପୁରସ୍କୃତା ।

## ପୁସ୍ତକାବଳୀ

### ଓଡ଼ିଆ

୧. କ୍ଷୁଦ୍ରଗଳ୍ପ ସଂକଳନ — ବହି ମେଳାରୁ ବୟଫ୍ରେଣ୍ଡ ପର୍ଯ୍ୟନ୍ତ, ଅଧାଲେଖା ଦସ୍ତାବିଜ୍, ମିଶ୍ରସ୍ୱାଦ ।

୨. କବିତା ସଂକଳନ — ତୀର୍ଥ ।

୩. ଫିଚର ସଂକଳନ — ଗପସପ, ଭିନ୍ନ ସ୍ୱର ।

୪. ଶିଶୁ କବିତା ସଂକଳନ — କାଗଜ ଡଙ୍ଗା, ଟୁପୁରୁ ଟୁପୁରୁ ବରଷେ ପାଣି, କାଇଁଚମାଳି, ହୀରା ମୋତି ମାଣିକ ।

୫. ସମାଲୋଚନା — ଓଡ଼ିଆ ପଦ୍ୟମହାକାବ୍ୟର କ୍ରମବିକାଶ ।

୬. ଅନୁବାଦ — ସୂର୍ଯ୍ୟମୁଖୀର ସ୍ୱପ୍ନ (ମୂଳ ଆସାମୀ ଉପନ୍ୟାସର ରଚୟିତା-ସୟଦ ଅବଦୁଲ୍ ମାଲିକ)

୭. ନବସାକ୍ଷରଙ୍କ ପାଇଁ କବିତା ।

### ଇଂରାଜୀ

1. A Tryst with Life (A collection of memoirs)

Digitized by srujanika@gmail.com